ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ମାର୍ଚ୍ଚ ୭/୨୦୨୦ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Sambalpur, Saturday, March 7 / 2020 ★★
୧୬ଶ ଭାଗ ୮୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-

DSPL-302

NATIONAL HEALTH MISSION
ଜାତୀୟ ସ୍ୱାସ୍ଥ୍ୟ ମିଶନ୍

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ
ଓଡ଼ିଶା ସରକାର

सत्यमेव जयते

# କାର୍ଯ୍ୟସ୍ଥଳୀରେ କରୋନା ଭୂତାଣୁ ସଂକ୍ରମଣର ପ୍ରତିରୋଧ ପାଇଁ ମାର୍ଗଦର୍ଶିକା

କରୋନା ଭୂତାଣୁର ସଂକ୍ରମଣରେ ବିଶ୍ୱର ଅଧିକାଂଶ ଦେଶ ସଂକ୍ରମିତ ହୋଇସାରିଛନ୍ତି ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏହି ସଂକ୍ରମଣକୁ ଏକ ଜରୁରୀକାଳୀନ ଜନସ୍ୱାସ୍ଥ୍ୟ ସମସ୍ୟା ଭାବରେ ଘୋଷଣା କରିଛନ୍ତି । ଏଥିପାଇଁ ସଚେତନତା ତଥା ପ୍ରତିଷେଧକ ଉପାୟ ଆପଣେଇବା ହିଁ ଏକନ୍ତ ଜରୁରୀ ।

**କାର୍ଯ୍ୟସ୍ଥଳୀରେ ଏକାଧିକ ବ୍ୟକ୍ତି କାମ କରୁଥିବା ବେଳେ ଏହି ସଂକ୍ରମଣ ବ୍ୟାପିବାର ସମ୍ଭାବନା ରହିଛି । ଏହାର ପ୍ରତିରୋଧ ପାଇଁ ପ୍ରତ୍ୟେକ କାର୍ଯ୍ୟସ୍ଥଳୀରେ ପ୍ରତିଷେଧକ ଉପାୟ ଅବଲମ୍ବନର ବିଶେଷ ଆବଶ୍ୟକତା ଅଛି ।**

## ଧ୍ୟାନ ଦିଅନ୍ତୁ -

- ଆପଣଙ୍କ କାର୍ଯ୍ୟାଳୟ ପରିଷ୍କାର ଓ ସ୍ୱଚ୍ଛ ରହିବା ସୁନିଶ୍ଚିତ କରନ୍ତୁ । (ଟେବୁଲ୍, କମ୍ପ୍ୟୁଟର,ଫୋନ୍ ଓ ଅନ୍ୟାନ୍ୟ ବ୍ୟବହୃତ ଉପକରଣ ଇତ୍ୟାଦିକୁ ଜୀବାଣୁନାଶକ ଦ୍ରବଣ ସାନିଟାଇଜର/ଆଲକୋହଲ ସ୍ପ୍ରେ ପକାଇ ନିୟମିତ ପୋଛନ୍ତୁ ।
- ନିୟମିତ ହାତକୁ ସାବୁନ୍‌ରେ ଭଲଭାବରେ ସଫା କରିବା ପାଇଁ କର୍ମଚାରୀମାନଙ୍କୁ ପ୍ରୋତ୍ସାହିତ କରନ୍ତୁ ।
  - ହାତଧୁଆ ବେସିନ୍ ନିକଟରେ ପାଣି ଓ ସାବୁନ ଉପଲବ୍ଧ କରାନ୍ତୁ । ମନେ ରଖନ୍ତୁ, ବାରମ୍ବାର ସାବୁନ୍‌ରେ ହାତ ଧୋଇବା ଦ୍ୱାରା ଜୀବାଣୁ ଗୁଡିକ ମରିଯାଇଥାନ୍ତି ଏବଂ ସଂକ୍ରମଣ ପ୍ରତିରୋଧ ହୋଇଥାଏ ।
  - ହାତଧୁଆ କୌଶଳ ସମ୍ପର୍କିତ ପୋଷ୍ଟର ଲଗାନ୍ତୁ ।
- ମୁହଁ ଓ ହାତକୁ ବାରମ୍ବାର ସ୍ପର୍ଶ କରନ୍ତୁ ନାହିଁ ।
- କାର୍ଯ୍ୟସ୍ଥଳୀରେ କାଶ,ଛିଙ୍କ ଦ୍ୱାରା ହେଉଥିବା ସଂକ୍ରମଣ ପ୍ରତିରୋଧ କରିବା ପାଇଁ ଟିସୁ ପେପର ବ୍ୟବହାର ପାଇଁ ପ୍ରୋତ୍ସାହିତ କରନ୍ତୁ ।
  - ବ୍ୟବହୃତ ଟିସୁ ପେପରକୁ ତୁରନ୍ତ ଢାଙ୍କୁଣୀ ଥିବା ଡଷ୍ଟବିନ୍‌ରେ ପକାଇବା ପାଇଁ ପରାମର୍ଶ ଦିଅନ୍ତୁ ।
- ସାମାନ୍ୟ ଜ୍ୱର,କାଶ କିମ୍ବା ଫ୍ଲୁ ଭଳି ଲକ୍ଷଣ ଦେଖାଯାଉଥିଲେ, କର୍ମଚାରୀମାନଙ୍କୁ ଘରେ ସ୍ୱନିରୀକ୍ଷଣରେ ରହିବାକୁ ପରାମର୍ଶ ଦିଅନ୍ତୁ ।
- କରମର୍ଦ୍ଦନ ବା ଆଲିଙ୍ଗନ କରନ୍ତୁ ନାହିଁ ।
- କାର୍ଯ୍ୟସ୍ଥଳୀରେ ସଭାସମିତି କରନ୍ତୁ ନାହିଁ ।
- ସର୍ଦ୍ଦି,ଜ୍ୱର,କାଶ ଭୋଗୁଥିବା ବ୍ୟକ୍ତିଙ୍କ ଠାରୁ କର୍ମଚାରୀମାନେ ନିଜକୁ ଦୂରେଇ ରଖନ୍ତୁ ।
- ଜରୁରୀ ଆବଶ୍ୟକତା ନଥିଲେ ବାହାରକୁ ଗସ୍ତରେ ଯିବାକୁ କର୍ମଚାରୀମାନଙ୍କୁ ବାରଣ କରନ୍ତୁ ।
- ବର୍ତ୍ତମାନ ପାଇଁ ବାୟୋମେଟ୍ରିକ୍ ଉପସ୍ଥାନ ମେସିନ୍ ବ୍ୟବହାର କରନ୍ତୁ ନାହିଁ ।

## କାର୍ଯ୍ୟସ୍ଥଳୀରେ ହାତଧୁଆର ସଠିକ ପ୍ରଣାଳୀ



**ଆସନ୍ତୁ ସମସ୍ତେ ମିଳିମିଶି କାର୍ଯ୍ୟସ୍ଥଳୀର ପରିଚ୍ଛନ୍ନତା ପ୍ରତି ଯତ୍ନବାନ୍ ହେବା**
**କରୋନା ଭୂତାଣୁ ସଂକ୍ରମଣକୁ ପ୍ରତିରୋଧ କରିବା**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର**

facebook.com/HFWOdisha http://www.health.odisha.gov.in/ @HFWOdisha

OIPR-10003/13/0091/1920

**ଦୁର୍ଘଟଣାରେ ୧୩ ମୃତ**

କର୍ଣ୍ଣାଟକର ତୁମାକୁରୁ ଜିଲାରେ ଶୁକ୍ରବାର ଭୋର ସମୟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୫ ମହିଳା ଓ ୨ ଶିଶୁଙ୍କ ସମେତ ୧୩ ଜଣଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୫ ଜଣ ଗୁରୁତର ଆହତ ହୋଇଥିବା ପୋଲିସ କହିଛି। ଜିଲାର ଅମୃଥୁରୁ ନିକଟରେ ଏସ୍‌ୟୁଭି ଅନ୍ୟ ଏକ କାରକୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ୧୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ହସ୍ପିଟାଲରେ ଜଣେ ଶିଶୁର ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଗୋଟିଏ ପରିବାରର ୪ ଜଣ ଅଛନ୍ତି।

# ଲକ୍ଷେ ଟପିଲା ସଂକ୍ରମିତଙ୍କ ସଂଖ୍ୟା



ଦକ୍ଷିଣକୋରିଆର ପେଆଙ୍ଗଟେକ୍‌ସ୍ଥିତ ଏକ କାରଖାନାରେ କର୍ମଚାରୀମାନେ ମାସ୍କ ପିନ୍ଧି କାର୍ଯ୍ୟ କରୁଛନ୍ତି।

**ବ୍ୟାଙ୍କକ୍,୬।୩**

ନୋଭେଲ କରୋନା ଭୂତାଣୁ ଦ୍ୱାରା ସଂକ୍ରମିତ ରୋଗୀସଂଖ୍ୟା ଶୁକ୍ରବାର ଲକ୍ଷେ ଟପିଛି। ଏହାକୁ ନେଇ ସାରା ବିଶ୍ୱରେ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ୱାଲ୍‌ଷ୍ଟ୍ରିଟ୍‌ରେ କାରବାର ମାନ୍ଦା ହେବା ସହିତ ଏସିଆ ଓ ୟୁରୋପୀୟ ଶେୟାର ବଜାର ନିମ୍ନଗାମୀ ହୋଇଛି। ବିଭିନ୍ନ ଦେଶ ଭିଜା କଟକଣା ଲଗାଇବା ଫଳରେ ଅର୍ଥନୀତି ଗୁରୁତର ପ୍ରଭାବିତ ହୋଇଛି। ପର୍ଯ୍ୟଟନ ଓ ହୋଟେଲ ଶିଳ୍ପ ଉପରେ ଏହାର ଅଧିକ ପ୍ରଭାବ ପଡ଼ିଥିବା ଦେଖିବାକୁ ମିଳିଛି। ଆଫ୍ରିକା ଓ ମଧ୍ୟପ୍ରାଚ୍ୟକୁ ଏହି ଭୂତାଣୁ ସଂକ୍ରମିତ ହେଉଥିବାରୁ ବିପର୍ଯ୍ୟୟ ସୃଷ୍ଟି ହୋଇପାରେ ବୋଲି ୱାର୍ଲ୍ଡ ଫୁଡ୍ ପ୍ରୋଗ୍ରାମ ପକ୍ଷରୁ ସତର୍କ କରିଦିଆଯାଇଛି।

ଏସିଆ ପରେ ଏବେ ପାଶ୍ଚାତ୍ୟ ଦେଶଗୁଡ଼ିକରେ ମଧ୍ୟ କରୋନା ସଂକ୍ରମଣ ଦ୍ରୁତଗତିରେ ବଢ଼ିଚାଲିଛି। ସଂକ୍ରମଣ ଭୟରେ ଅନେକ ଜାହାଜ ବନ୍ଦରରେ ପ୍ରବେଶ ଅନୁମତି ନ ପାଇଁ ବାହାରେ ଅପେକ୍ଷା କରିରହିଛନ୍ତି। ଚାଇନା ପରେ ଦକ୍ଷିଣ କୋରିଆ ଦ୍ୱିତୀୟ ସର୍ବାଧିକ ସଂକ୍ରମିତ। ତେବେ ଏହି ଦୁଇଦେଶରେ ସଂକ୍ରମଣ ହାର ପୂର୍ବାପେକ୍ଷା ହ୍ରାସ ପାଇଥିବା ଦେଖାଯାଇଛି। ୟୁରୋପୀୟ ରାଷ୍ଟ୍ର ମଧ୍ୟରେ ଇଟାଲୀରେ ସର୍ବାଧିକ ୧୪୮ ଜଣଙ୍କ ମୃତ୍ୟୁ ଘଟିଲାଣି। ଜର୍ମାନୀ ଓ ଫ୍ରାନ୍ସରେ ମଧ୍ୟ କରୋନା ସଂକ୍ରମଣ ଦ୍ରୁତବେଗରେ ବଢ଼ିଚାଲିଛି। ଇରାନରେ ସଂକ୍ରମିତଙ୍କ ସଂଖ୍ୟା ୪୭୪୭ ଟପିଥିବାବେଳେ ୧୨୪ ଜଣଙ୍କ ମୃତ୍ୟୁ ଘଟିଲାଣି। ଆମେରିକାରେ ମଧ୍ୟ କରୋନା ରୋଗୀସଂଖ୍ୟା ୨୩୦ ଟପିଲାଣି। ସଂକ୍ରମଣ ରୋକିବା ପାଇଁ ବିଭିନ୍ନ ଦେଶ ଭିନ୍ନ ଭିନ୍ନ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିଛନ୍ତି।

## ହୋଲି ପାଳନ ବନ୍ଦ କଲା ସିଏପିଏଫ୍

**ନୂଆଦିଲ୍ଲୀ,୬।୩(ପି.ଟି.)**

କରୋନା ସଂକ୍ରମଣ ଭୟରେ ଆନୁଷ୍ଠାନିକ ଭାବେ ହୋଲି ନ ପାଳିବା ପାଇଁ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବଳ (ସିଏପିଏଫ୍) ନିଷ୍ପତ୍ତି ନେଇଛି। ଆଭ୍ୟନ୍ତରୀଣ ସୁରକ୍ଷା ଓ ସୀମା ସୁରକ୍ଷାରେ ମୁତୟନ ଥିବା ସିଆର୍‌ପିଏଫ୍ ଏବଂ ବିଏସ୍‌ଏଫ୍ ପକ୍ଷରୁ ସାମୂହିକ ରଙ୍ଗର ଉତ୍ସବ ନ ପାଳିବା ପାଇଁ ନିର୍ଦ୍ଦେଶନାମା ଜାରି ହୋଇଛି। ସିଏପିଏଫ୍ ଅଧୀନରେ ସିଆର୍‌ପିଏଫ୍, ବିଏସ୍‌ଏଫ୍, ସିଆଇଏସ୍‌ଏଫ୍, ଆଟିବିପି, ସଶସ୍ତ୍ର ସୀମା ବଳ (ଏସ୍‌ଏସ୍‌ବି) ଆଦି ସୁରକ୍ଷା ସଂଗଠନ ରହିଛି। ୨୦୧୮ରେ ଛତିଶଗଡ଼ର ସୁକ୍‌ମା ଜିଲାରେ ମାଓବାଦୀ ଆକ୍ରମଣରେ ୨୫ ସିଆର୍‌ପିଏଫ୍ ଯବାନ ଶହୀଦ ହେବା ପରେ ଉକ୍ତ ବାହିନୀ ପକ୍ଷରୁ ହୋଲି ପାଳନ ବନ୍ଦ କରାଯାଇଥିଲା। ସେହିପରି ଗତବର୍ଷ ଫେବୃୟାରୀରେ ଜମ୍ମୁ-କଶ୍ମୀରର ପୁଲ୍‌ୱାମା ଜିଲାରେ ଆତଙ୍କବାଦୀଙ୍କ ଆକ୍ରମଣରେ ୪୦ ସିଆର୍‌ପିଏଫ୍ ଯବାନ ଶହୀଦ ହୋଇଥିଲେ। ସେମାନଙ୍କ ପ୍ରତି ସମବେଦନା ସ୍ୱରୂପ ଗତବର୍ଷ ସିଆର୍‌ପିଏଫ୍ ହୋଲି ପାଳି ନ ଥିଲା।

## ଭାରତରେ ୩୧ କରୋନା ରୋଗୀ

**ନୂଆଦିଲ୍ଲୀ,୬।୩(ପି.ଟି.)**

ଦିଲ୍ଲୀରେ ଆଉଜଣେ ବ୍ୟକ୍ତିଙ୍କଠାରେ କରୋନା ଭୂତାଣୁ ଥିବା ଜଣାପଡିବା ପରେ ଦେଶରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୩୧ରେ ପହଞ୍ଚିଛି। ଦିଲ୍ଲୀରେ ଏହା ତୃତୀୟ ସଂକ୍ରମଣ। କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ଉକ୍ତ ବ୍ୟକ୍ତି ପୂର୍ବରୁ ଥାଇଲାଣ୍ଡ ଓ ମାଲେସିଆ ଯାଇଥିଲେ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଜଣେ ଅଧିକାରୀ କହିଛନ୍ତି। ସଂକ୍ରମଣ ବଢୁଥିବାରୁ ସବୁ ଅନ୍ତର୍ଜାତୀୟ ଯାତ୍ରୀଙ୍କ ଯାଞ୍ଚ ବାଧ୍ୟତାମୂଳକ କରାଯାଇଛି। ପୂର୍ବରୁ ୨୧ଟି ବିମାନବନ୍ଦରରେ ଯାଞ୍ଚ କରାଯାଉଥିବାବେଳେ ସେଥିରେ ଆଉ ୯ଟି ବିମାନବନ୍ଦରକୁ ସାମିଲ କରାଯାଇଛି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସହଯୋଗରେ କରୋନା ଉପରେ ଏକଦିବସୀୟ ଜାତୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ସଂକ୍ରମଣ ଭୟରେ ଦିଲ୍ଲୀ ସରକାର ରାଜଧାନୀର ସବୁ ସ୍କୁଲରେ ସକାଳୁଆ ସମାବେଶକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଅନ୍ୟାଦେଶ ପର୍ଯ୍ୟନ୍ତ ସ୍କୁଲ କର୍ମଚାରୀମାନଙ୍କ ବାୟୋମେଟ୍ରିକ୍ ଉପସ୍ଥାନକୁ ସ୍ଥଗିତ ରଖାଯାଇଛି। ପ୍ରାଥମିକ ବିଦ୍ୟାଳୟଗୁଡ଼ିକୁ ୩୧ ପର୍ଯ୍ୟନ୍ତ ଛୁଟି ଘୋଷଣା କରାଯାଇଛି। ଦିଲ୍ଲୀର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର ଓ ଶିଶୁଯତ୍ନ କେନ୍ଦ୍ରକୁ ବନ୍ଦ କରିଦିଆଯାଇଛି।

- ସ୍କୁଲ୍‌ରେ ଲାଗୁହେଲା କଟକଣା
- କର୍ମଚାରୀଙ୍କ ବାୟୋମେଟ୍ରିକ୍ ଉପସ୍ଥାନ ବନ୍ଦ
- ୩୦ ବିମାନବନ୍ଦରରେ ଯାଞ୍ଚ
- ଜାତୀୟ ସ୍ତରରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ



ବିକାନେରର ଜୁନାଗଡ଼ ଦୁର୍ଗଠାରେ ପର୍ଯ୍ୟଟକଙ୍କୁ ଯାଞ୍ଚ କରାଯାଉଛି।

## ଧ୍ୱଜାବତରଣ ଉତ୍ସବରେ ଯୋଗଦେବେନି ଦର୍ଶକ

**ନୂଆଦିଲ୍ଲୀ,୬।୩(ପି.ଟି.)**

କରୋନା ସଂକ୍ରମଣ ଭୟରେ ଅଟ୍ଟାରୀ-ୱାଘା ସୀମାରେ ପ୍ରତିଦିନ ସନ୍ଧ୍ୟାରେ ହେଉଥିବା ଧ୍ୱଜାବତରଣ ଉତ୍ସବରେ ଦର୍ଶକମାନଙ୍କୁ ଭାଗନେବାକୁ ଅନୁମତି ଦିଆଯିବନି। ଶନିବାରଠାରୁ ଏହି ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍) ପକ୍ଷରୁ କୁହାଯାଇଛି। ଭାରତ ସମେତ ବିଭିନ୍ନ ଦେଶକୁ କରୋନା ଭୂତାଣୁ ବ୍ୟାପିଥିବାରୁ ସମାବେଶଠାରୁ ଦୂରେଇ ରହିବା ପାଇଁ ସରକାର ମାର୍ଗଦର୍ଶିକା ଜାରି କରିଛନ୍ତି। ତେଣୁ ଧ୍ୱଜାବତରଣ ଉତ୍ସବରେ ଭାଗନେବା ପାଇଁ କାହାକୁ ଅନୁମତି ଦିଆଯିବନି ବୋଲି ବିଏସ୍‌ଏଫ୍ ମୁଖପାତ୍ର କହିଛନ୍ତି।



## ଇତିହାସର ଆଇନାରେ — ମାର୍ଚ୍ଚ ୭ର ପ୍ରମୁଖ ଘଟଣା

୧୮୭୬ ମାର୍ଚ୍ଚ ୭ରେ ଟେଲିଫୋନ୍‌ର ଉଦ୍ଭାବକ ଆଲେକ୍‌ଜାଣ୍ଡାର ଗ୍ରାହାମବେଲ୍‌ଙ୍କୁ ଏହାର ପେଟେଣ୍ଟ ମିଳିଥିଲା। ସେ ତାଙ୍କର ପ୍ରଥମ ଟେଲିଫୋନ୍ କଲ୍ ସହଯୋଗୀ ଥୋମାସ୍ ୱାଟସନଙ୍କ ପାଖକୁ କରିଥିଲେ।

୨୦୦୬ ମାର୍ଚ୍ଚ ୭ରେ ଉତ୍ତରପ୍ରଦେଶର ବାରାଣସୀଠାରେ ଲଶ୍କର-ଇ-ତୋଇବା ଆତଙ୍କବାଦୀମାନେ ସିରିଜ୍ ବିସ୍ଫୋରଣ କରିଥିଲେ। ଏଥିରେ ୨୮ ଜଣଙ୍କ ଜୀବନ ଯାଇଥିବାବେଳେ ୧୦୧ଜଣ ଆହତ ହୋଇଥିଲେ।

## ପାକ୍‌ରେ କୋଠା ଭୁଶୁଡ଼ି ୧୮ ମୃତ

**କରାଚୀ,୬।୩(ପି.ଟି.):** ପାକିସ୍ତାନର କରାଚୀରେ ଶୁକ୍ରବାର ଏକ ୩ ମହଲା କୋଠା ଭୁଶୁଡ଼ି ୧୮ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଅଧିକାଂଶ ମହିଳା ଓ ଶିଶୁ। ଗୁଲ୍‌ବହାର ଅଞ୍ଚଳର ୮୦ ବର୍ଗ ୟାର୍ଡ ଜମି ଉପରେ ଥିବା ଏହି କୋଠା ବେଆଇନ ଭାବେ ନିର୍ମିତ ହୋଇଥିଲା। ଏହାର ତୃତୀୟ ମହଲା ଭାଙ୍ଗିଯିବା ପରେ ସମ୍ପୂର୍ଣ୍ଣ କୋଠାଟି ଧରାଶାୟୀ ହୋଇଯାଇଥିଲା। ୨୦ ଜଣଙ୍କୁ ଉଦ୍ଧାର କରାଯାଇଥିବାବେଳେ ୧୮ ଜଣଙ୍କ ମୃତଦେହ ଭଗ୍ନାବଶେଷ ତଳୁ କଢ଼ାଯାଇଛି।




## ଶ୍ରଦ୍ଧାଞ୍ଜଳି ସଭାରେ ଆକ୍ରମଣ

**୨୯ ନିହତ, ବର୍ତ୍ତିଗଲେ ଅବ୍‌ଦୁଲ୍ଲା**

**କାବୁଲ,୬।୩(ଏ.ଏଫ୍.ପି.)**

ଆଫଗାନିସ୍ତାନ ରାଜଧାନୀ କାବୁଲରେ ଏକ ରାଜନୈତିକ ସଭା ଚାଲିଥିବାବେଳେ ଆକ୍ରମଣ ହୋଇଛି। ଏଥିରେ ଅନ୍ୟୁନ ୨୯ ଜଣ ନିହତ ଓ ୩୦ ଆହତ ହୋଇଛନ୍ତି। ଦେଶର ମୁଖ୍ୟ କାର୍ଯ୍ୟନିର୍ବାହୀ ଅବ୍‌ଦୁଲ୍ଲା ଅବ୍‌ଦୁଲ୍ଲାଙ୍କୁ ଟାର୍ଗେଟ କରି ଏହି ଗୁଳିକାଣ୍ଡ ଘଟାଯାଇଲା। ତେବେ ସେ ଏଥିରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି। ତାଲିବାନ ସହ ଆମେରିକାର ଚୁକ୍ତି ସ୍ୱାକ୍ଷର ପରେ ଏହା ହେଉଛି ସବୁଠୁ ବଡ଼ ଘାତକ ଆକ୍ରମଣ।

୧୯୯୫ରେ ଆଫଗାନିସ୍ତାନର ହେଜବ-ଇ ୱାହଦାତ ପାର୍ଟି ନେତା ଅବ୍‌ଦୁଲ ଅଲି ମଜାରିଙ୍କୁ ତାଲିବାନ ଆତଙ୍କବାଦୀମାନେ ହତ୍ୟା କରିଥିଲେ। ଶୁକ୍ରବାର କାବୁଲରେ ମଜାରିଙ୍କ ୨୫ତମ ଶ୍ରାଦ୍ଧ ଦିବସ ପାଳନ କରାଯାଉଥିଲା। ଏହି ସମାରୋହରେ ଆଫଗାନିସ୍ତାନର ଚିଫ୍ ଏକ୍‌ଜ୍ୟୁକେଟିଭ୍ ଅବ୍‌ଦୁଲ୍ଲା ଅବ୍‌ଦୁଲ୍ଲା, ପୂର୍ବତନ ରାଷ୍ଟ୍ରପତି ହମିଦ୍ କାର୍‌ଜାଇ, ହାଇ ପିସ୍ କାଉନ୍‌ସିଲ ଅଧ୍ୟକ୍ଷ ମହମ୍ମଦ କରିମ ଖଲିଲି, ସେକେଣ୍ଡ ଡେପୁଟି ଚିଫ୍ ଏକ୍‌ଜ୍ୟୁକେଟିଭ୍ ମହମ୍ମଦ ମହକିକ୍‌ଙ୍କ ସମେତ ଅନ୍ୟ କେତେଜଣ ରାଜନେତା ଏଥିରେ ସାମିଲ ଥିଲେ। ପୂର୍ବାହ୍ନ ୧୧ଟା ୨୦ରେ ଖଲିଲି ଭାଷଣ ଦେଉଥିବାବେଳେ ସଭାସ୍ଥଳ ନିକଟ ଏକ ନିର୍ମାଣାଧୀନ କୋଠାରୁ ଜଣେ ବନ୍ଧୁକଧାରୀ ହଠାତ୍ ଗୁଳି ଚଳାଇଥିଲେ। ଏଥିରେ ୨୯ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅବ୍‌ଦୁଲ୍ଲା, କାରଜାଇ ଓ ଖଲିଲି ସୁରକ୍ଷିତ ଭାବେ ଘରକୁ ଫେରିବାରେ ସକ୍ଷମ ହୋଇଥିଲେ। ତାଲିବାନ ମୁଖପାତ୍ର ଜବିହୁଲ୍ଲା ମୁଜାହିଦ ଏକ ବିବୃତିରେ କହି ସଙ୍ଗଠନର କୌଣସି ଫାଇଟର ସମ୍ପୃକ୍ତ ନ ଥିବା କହିଛନ୍ତି। ରାଷ୍ଟ୍ରପତି ଅଶ୍ରଫ ଗନି ଏହି ଗୁଳିକାଣ୍ଡକୁ 'ମାନବିକତା ବିରୋଧରେ ଅପରାଧ' ଏବଂ ଆଫଗାନିସ୍ତାନର ଜାତୀୟ ଏକତା ଉପରେ ଆକ୍ରମଣ ବୋଲି ନିନ୍ଦା କରିଛନ୍ତି। ପ୍ରକାଶ ଯେ, ଗତବର୍ଷ ମଜାରିଙ୍କ ଶ୍ରାଦ୍ଧ ଦିବସ ପାଳନ ବେଳେ ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍) ପକ୍ଷରୁ ହୋଇଥିବା ଆକ୍ରମଣରେ ୧୧ ଜଣ ନିହତ ହୋଇଥିଲେ। ଗତ ଫେବୃୟାରୀ ୨୯ରେ ଆମେରିକା ଓ ତାଲିବାନ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷର ହୋଇଥିଲା। ରାଜିନାମା ଅନୁଯାୟୀ ୧୪ ମାସ ମଧ୍ୟରେ ଆଫଗାନିସ୍ତାନରୁ ସମ୍ପୂର୍ଣ୍ଣ ସେନା ପ୍ରତ୍ୟାହାର ପାଇଁ ଆମେରିକା ରାଜି ହୋଇଛି। ଏହାକୁ ନେଇ କାବୁଲରେ କଡ଼ା ସୁରକ୍ଷା ବନ୍ଦୋବସ୍ତ କରାଯାଇଥିବାବେଳେ ରାଜନେତାମାନେ ଉପସ୍ଥିତ ଥିବା ଶ୍ରଦ୍ଧାଞ୍ଜଳି ସଭାକୁ ଟାର୍ଗେଟ କରି ଆକ୍ରମଣ କରାଯାଇଛି।

## ଅହମଦ ପଟେଲଙ୍କୁ ଆୟକର ସମନ

**ନୂଆଦିଲ୍ଲୀ,୬।୩(ପି.ଟି.)**

ଟିକସ ଫାଙ୍କି ସହ ସମ୍ପୃକ୍ତି ଅଭିଯୋଗରେ ବରିଷ୍ଠ କଂଗ୍ରେସ ନେତା ଅହମଦ ପଟେଲଙ୍କୁ ଆୟକର ବିଭାଗ ପକ୍ଷରୁ ସମନ ଜାରି କରାଯାଇଛି। ଦଳୀୟ ଅର୍ଥ କାରବାରକୁ ନେଇ ଟିକସ ଫାଙ୍କିର ତଦନ୍ତ କରୁଛି ଆୟକର ବିଭାଗ। ଦଳର କୋଷାଧ୍ୟକ୍ଷ ଭାବରେ ଅହମଦଙ୍କୁ ହାଜର ହେବା ପାଇଁ କୁହାଯାଇଛି। ଫେବୃୟାରୀରେ ହାଜର ହେବା ପାଇଁ ପ୍ରଥମ ସମନ ହୋଇଥିବାବେଳେ ଅସୁସ୍ଥ ଥିବା ଦର୍ଶାଇ ରାଜ୍ୟ ସଭା ଏମ୍‌ପି ଅହମଦ ଏହାକୁ ଏଡାଇଯାଇଥିଲେ। କଂଗ୍ରେସ ଦଳକୁ ମିଳୁଥିବା ଚାନ୍ଦା ଓ ଦଳୀୟ ଖର୍ଚ୍ଚକୁ ନେଇ ଆୟକର ବିଭାଗ ତାଙ୍କୁ ଜେରା କରିବ ବୋଲି ଜଣେ ଅଧିକାରୀ କହିଛନ୍ତି। ଗତବର୍ଷ ମଧ୍ୟପ୍ରଦେଶ, ତେଲଙ୍ଗାନା ଓ ଆନ୍ଧ୍ରପ୍ରଦେଶର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଦଳୀୟ ପାଣ୍ଠି ସମ୍ପର୍କିତ ବିଭିନ୍ନ ଦସ୍ତାବିଜ ଜବତ ହୋଇଥିଲା। ଏହି ଅନିୟମିତତା ନେଇ ପୂର୍ବରୁ କେତେଜଣ କଂଗ୍ରେସ କାର୍ଯ୍ୟକର୍ତ୍ତାଙ୍କୁ ଜେରା କରାଯାଇଥିଲା।





**ହୋଲି ଗୀତରେ ଦୀପିକା**

ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନ ଓ ରଣବୀର କପୁରଙ୍କ 'ୟେ ଯୱାନୀ ହେ ଦିୱାନୀ'ର ଗୀତ 'ବଲମ ପିଚ୍‌କାରୀ' ଶୁଟିଂ କରିବାକୁ ୪ ଦିନ ଲାଗିଥିଲା। ଏହା ଦୀପିକାଙ୍କ ପ୍ରଥମ ହୋଲି ଗୀତ।

୦୮

୧୨

**ପାଣ୍ଡ୍ୟାଙ୍କ ବିସ୍ଫୋରକ ଶତକ**

ଡି.ୱାଇ. ପାଟିଲ ଟି୨୦ କପ୍ ସେମିଫାଇନାଲ୍‌ରେ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ୫୫ ବଲ୍‌ରେ ଅପରାଜିତ ୧୫୮ ରନ କରିଛନ୍ତି।



# ଦୁର୍ନୀତିଗ୍ରସ୍ତ ବାବୁଙ୍କୁ ପାସ୍‌ପୋର୍ଟ ମନା

**ନୂଆଦିଲ୍ଲୀ,୬ା୩**

ଦୁର୍ନୀତିଗ୍ରସ୍ତ ସରକାରୀ ଅଧିକାରୀମାନଙ୍କୁ ଆଉ ମିଳିବ ନାହିଁ ପାସ୍‌ପୋର୍ଟ। ଯେଉଁ କର୍ମଚାରୀମାନେ ଦୁର୍ନୀତି ଅଭିଯୋଗରେ ନିଲମ୍ବିତ ହୋଇଛନ୍ତି କିମ୍ବା ଯାହାଙ୍କ ବିରୋଧରେ ଭ୍ରଷ୍ଟାଚାର ଅଭିଯୋଗରେ ମାମଲା ରୁଜୁ ପାଇଁ ସରକାର ଅନୁମତି ଦେଇଛନ୍ତି, ସେମାନେ ପାସ୍‌ପୋର୍ଟ ପାଇପାରିବେ ନାହିଁ। ଏନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏକ ନିର୍ଦ୍ଦେଶନାମା ଜାରି କରାଯାଇଛି। କେନ୍ଦ୍ରୀୟ ଭିଜିଲାନ୍ସ କମିଶନ ଓ ବହିର୍ବ୍ୟାପାର ମନ୍ତ୍ରଣାଳୟ ସହ ପରାମର୍ଶ କରି କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ପୂର୍ବରୁ ଥିବା ଗାଇଡ୍‌ଲାଇନ୍‌ର ସମୀକ୍ଷା କରାଯାଇଥିଲା। ଏହା ପରେ ଉକ୍ତ ପଦକ୍ଷେପ ନିଆଯାଇଛି। ନୂଆ ନିୟମ ଅନୁସାରେ ସରକାରୀ କର୍ମଚାରୀ ଓ ଅଧିକାରୀମାନଙ୍କୁ ପାସ୍‌ପୋର୍ଟ ପ୍ରଦାନ ପୂର୍ବରୁ ଭିଜିଲାନ୍ସ ମଞ୍ଜୁରୀ ଆବଶ୍ୟକ। ଭିଜିଲାନ୍ସ କ୍ଲିୟରାନ୍ସ ନ ମିଳିଲେ ସେମାନଙ୍କୁ ପାସ୍‌ପୋର୍ଟ ଦିଆଯିବ ନାହିଁ ବୋଲି କେନ୍ଦ୍ର ସରକାରଙ୍କ ଅଧୀନରେ ଥିବା ସମସ୍ତ ବିଭାଗର ସଚିବମାନଙ୍କୁ କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ପତ୍ର ଲେଖି ଅବଗତ କରାଯାଇଛି। ଚାକିରିରୁ ନିଲମ୍ବିତ ହୋଇଥିବା ଅଧିକାରୀ କିମ୍ବା ଯାହାଙ୍କ ବିରୋଧରେ ଆପରାଧିକ ମାମଲାରେ ତଦନ୍ତକାରୀ ସଂସ୍ଥା ପକ୍ଷରୁ ଚାର୍ଜଶିଟ ଦାଖଲ କରାଯାଇଥିବ ତାଙ୍କର ଭିଜିଲାନ୍ସ ମଞ୍ଜୁରୀକୁ ବାତିଲ କରାଯିବ। ସେହିପରି ଦୁର୍ନୀତି ନିବାରଣ ଆଇନ କିମ୍ବା ଅନ୍ୟ କୌଣସି ଆପରାଧିକ ମାମଲାକୁ କୋର୍ଟ ସଂଜ୍ଞାନକୁ ନେଇଥିଲେ ସମ୍ପୃକ୍ତ ଅଧିକାରୀଙ୍କୁ ପାସ୍‌ପୋର୍ଟ ପ୍ରଦାନ ନିମନ୍ତେ ଭିଜିଲାନ୍ସ ମଞ୍ଜୁରୀ ଦିଆଯିବ ନାହିଁ ବୋଲି ଏହି ନିର୍ଦ୍ଦେଶନାମାରେ ଉଲ୍ଲେଖ କରାଯାଇଛି। ଭାରତୀୟ ପାସ୍‌ପୋର୍ଟ ହାସଲ କରିବାକୁ ଚାହୁଁଥିବା କାର୍ଯ୍ୟରତ ଅଧିକାରୀମାନଙ୍କ କ୍ଷେତ୍ରରେ ପାସ୍‌ପୋର୍ଟ ଆଇନ, ୧୯୬୭ର ଧାରା ୬(୨) ପ୍ରଯୁଜ୍ୟ ହେଉଛି ହେଉଛି କି ନାହିଁ ତାହା ଯାଞ୍ଚ କରିବା ପାଇଁ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି।

ଭାରତ ବାହାରେ ଜଣେ ଆବେଦନକାରୀଙ୍କ ଉପସ୍ଥିତି ସମ୍ପୃକ୍ତ ଦେଶ ସହ ଆମର ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ଉପରେ ପ୍ରତିକୂଳ ପ୍ରଭାବ ପକାଉଥାଏ କିମ୍ବା ତାଙ୍କୁ ଯାତ୍ରା ଦସ୍ତାବିଜ ପ୍ରଦାନ କରିବା ଜନହିତରେ ନୁହେଁ ବୋଲି କେନ୍ଦ୍ର ସରକାର ଅନୁଭବ କରନ୍ତି ତେବେ ବିଭାଗୀୟ କର୍ତ୍ତୃପକ୍ଷ ତାଙ୍କୁ ପାସ୍‌ପୋର୍ଟ ନ ଦେବା ପାଇଁ ନିଷ୍ପତ୍ତି ନେଇପାରିବେ। ଧାରା ୬(୨)ରେ ଏହି ବ୍ୟବସ୍ଥା ରହିଛି। ଅନୁରୂପ ଭାବେ ଜଣକ ବିରୋଧରେ କୌଣସି କୋର୍ଟ ପକ୍ଷରୁ ୱାରେଣ୍ଟ କିମ୍ବା ଜାହିରା ପାଇଁ ସମନ ଅଥବା ଗିରଫ ପରୱାନା ଜାରି କରାଯାଇଥିବ ତା' ହେଲେ ତାଙ୍କୁ ପାସ୍‌ପୋର୍ଟ ଦିଆଯିବ ନାହିଁ। ଯେଉଁ ଆବେଦକାରୀଙ୍କୁ ଭାରତ ଛାଡ଼ିବା ପାଇଁ ବାରଣ କରି କଟକଣା ସମ୍ବଳିତ ନିର୍ଦ୍ଦେଶନାମା ଜାରି ହୋଇଥିବ ତାଙ୍କୁ ମଧ ପାସ୍‌ପୋର୍ଟ ମିଳିବ ନାହିଁ ବୋଲି ଏହି ଆଇନରେ ସ୍ପଷ୍ଟ କରାଯାଇଛି।



**ଏମାନେ ପାଇବେନି ଯାତ୍ରା ଦସ୍ତାବିଜ**

- ଭ୍ରଷ୍ଟାଚାର ଅଭିଯୋଗରେ ନିଲମ୍ବିତ ଅଧିକାରୀ
- ଯାହାଙ୍କ ବିରୋଧରେ ମାମଲା ପାଇଁ ଅନୁମତି ଦିଆଯାଇଛି
- ଭାରତ ବାହାରେ ଆବେଦନକାରୀଙ୍କ ଉପସ୍ଥିତି ଦ୍ୱିପାକ୍ଷିକ ସମ୍ପର୍କକୁ ପ୍ରଭାବିତ କରୁଥିଲେ
- ୱାରେଣ୍ଟ କିମ୍ବା ଜାହିରା ପାଇଁ ସମନ ଅଥବା ଗିରଫ ପରୱାନା ଜାରି ହୋଇଥିଲେ
- ଦେଶ ଛାଡ଼ିବା ଉପରେ କଟକଣା ଜାରି ହୋଇଥିଲେ
- ଉପରୋକ୍ତ ଅଧିକାରୀମାନଙ୍କୁ ପାସ୍‌ପୋର୍ଟ ହାସଲ ପାଇଁ ଭିଜିଲାନ୍ସ ମଞ୍ଜୁରୀ ଆବଶ୍ୟକ
- ସମସ୍ତ ବିଭାଗର ସଚିବଙ୍କୁ କାର୍ମିକ ମନ୍ତ୍ରଣାଳୟର ଚିଠି

# ୪ ରାଜ୍ୟସଭା ଆସନ ପାଇଁ ବିଜ୍ଞପ୍ତି

- ୧୩ ଯାଏ ନାମାଙ୍କନ ଦାଖଲ
- ୧୬ରେ ଯାଞ୍ଚ,୧୮ରେ ପ୍ରତ୍ୟାହାର,୨୬ରେ ଭୋଟ୍

**ଭୁବନେଶ୍ୱର,୬ା୩(ବ୍ୟୁରୋ)**

ଓଡ଼ିଶା ୪ ଆସନ ସମେତ ୧୭ ରାଜ୍ୟର ଖାଲିହେବାକୁ ଥିବା ୫୫ଟି ରାଜ୍ୟ ସଭା ଆସନ ପାଇଁ ଭାରତର ନିର୍ବାଚନ କମିଶନର ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଉକ୍ତ ବିଜ୍ଞପ୍ତି ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଓଡ଼ିଶା ରାଜପତ୍ରରେ ପୁନଃ ପ୍ରକାଶିତ ହୋଇଛି। ଓଡ଼ିଶା ବିଧାନସଭା ସଚିବ ତଥା ରିଟର୍ନିଂ ଅଫିସର ଦାଶରଥୀ ଶତପଥୀ ଏ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ମାର୍ଚ୍ଚ ୬ରୁ ମାର୍ଚ୍ଚ ୧୩ ତାରିଖ ପର୍ଯ୍ୟନ୍ତ କେନ୍ଦ୍ର ସରକାରଙ୍କ ଛୁଟିଦିବସ ବ୍ୟତୀତ ଅନ୍ୟ ସମସ୍ତ କାର୍ଯ୍ୟ ଦିବସରେ ପୂର୍ବାହ୍ନ ୧୧ ଟାରୁ ୩ଟା ପର୍ଯ୍ୟନ୍ତ ବିଧାନସଭା ସଚିବାଳୟର ସମ୍ମିଳନୀ କକ୍ଷରେ ମନୋନୟନପତ୍ର ଦାଖଲ ପାଇଁ ସମୟ ଧାର୍ଯ୍ୟ କରାଯାଇଛି। ସେହିପରି ମାର୍ଚ୍ଚ ୧୬ ପୂର୍ବାହ୍ନ ୧୧ଟା ୩୦ରେ ଦାଖଲ କରାଯାଇଥିବା ☞ପୃଷ୍ଠା-୨

# ବିଭାଗ ଉପରେ ଲାଗିଲା ଅଙ୍କୁଶ

## ଖର୍ଚ୍ଚ ହୋଇପାରୁନି ଟଙ୍କା

**ଭୁବନେଶ୍ୱର, ୬ା୩ (ବ୍ୟୁରୋ)**

ନିର୍ଦ୍ଧାରିତ ସମୟରେ ଟଙ୍କା ଖର୍ଚ୍ଚ କରୁ ନ ଥିବା ବିଭାଗଗୁଡ଼ିକ ଉପରେ ଅର୍ଥ ବିଭାଗ ଅଙ୍କୁଶ ଲଗାଇଛି। ୨୦୨୦-୨୧ ଆର୍ଥିକ ବର୍ଷରେ ଆଉ ମନଇଚ୍ଛା ବଜେଟ୍ ଟଙ୍କା ମିଳିବ ନାହିଁ। ଯଦି କୌଣସି ବିଭାଗ ଯୋଜନା କିମ୍ବା କାର୍ଯ୍ୟକ୍ରମ ବାବଦରେ ଗତ ଆର୍ଥିକ ବର୍ଷର ଟଙ୍କା ଖର୍ଚ୍ଚ ନ କରି ବ୍ୟାଙ୍କରେ ଜମା ରଖିଛନ୍ତି, ସେ ସମସ୍ତ ଗଚ୍ଛିତ (ପାର୍କି) ଅର୍ଥ ଖର୍ଚ୍ଚ ନ ହେବା ଯାଏ ନୂଆ ବଜେଟ୍‌ର ଟଙ୍କାଟିଏ ମିଳିବ ନାହିଁ। ସମସ୍ତ ବିଭାଗକୁ ଅର୍ଥ ବିଭାଗ ଏଭଳି କଡ଼ା ନିର୍ଦ୍ଦେଶ ଦେଇଛି। କେବଳ ରାଜ୍ୟ ଯୋଜନା ନୁହେଁ, କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା ଅର୍ଥ ମଧ୍ୟ ନିର୍ଦ୍ଧାରିତ ସମୟରେ ବିଭାଗଗୁଡ଼ିକ ଖର୍ଚ୍ଚ କରିବାରେ ଏକ ପ୍ରକାର ବିଫଳ ହୋଇଛନ୍ତି। କେନ୍ଦ୍ରରୁ ଅନୁଦାନ ପାଇବା ପାଇଁ ବିଭାଗଗୁଡ଼ିକ ବରାଦ ଅର୍ଥ ଖର୍ଚ୍ଚ ନ କରି ବିନିଯୋଗ ପ୍ରମାଣପତ୍ର (ୟୁ.ସି.) ଦେଉଛନ୍ତି। ଏଥିଯୋଗୁ ବହୁ କୋଟି ଟଙ୍କା ଖର୍ଚ୍ଚ ନ ହୋଇ ବିଭିନ୍ନ ବ୍ୟାଙ୍କରେ ଦୀର୍ଘବର୍ଷ ଧରି ପଡ଼ି ରହିଛି।

ବିଭାଗଗୁଡ଼ିକ ଅର୍ଥ ଖର୍ଚ୍ଚ ନ କରି ନୂଆ ବଜେଟ୍ ପାଇଁ ଲମ୍ବା ଖର୍ଚ୍ଚ ଚିଠା ଧରାଇ ଦେଉଛନ୍ତି। ଏଥିପାଇଁ ରାଜ୍ୟ ସରକାରଙ୍କୁ ଅଯଥାରେ ଋଣ କରିବାକୁ ପଡ଼ୁଛି। ୨୦୨୦-୨୧ ଆର୍ଥିକ ବର୍ଷରେ ସରକାର ୧୮ ହଜାର କୋଟି ଟଙ୍କା ଋଣ କରିବେ ବୋଲି ଘୋଷଣା କରିଛନ୍ତି। ଋଣଭାର କମାଇବାକୁ ସରକାର ଏଭଳି ଦୃଢ଼ ପଦକ୍ଷେପ ନେବାକୁ ଯାଉଛନ୍ତି। କେଉଁ ବିଭାଗ କେଉଁ ବ୍ୟାଙ୍କରେ କେତେ ଟଙ୍କା ପାର୍କି କରିଛନ୍ତି ସେ ନେଇ ଅର୍ଥ ବିଭାଗ ପକ୍ଷରୁ ଖୋଳତାଡ ଆରମ୍ଭ ହୋଇଛି। ବିଭାଗଗୁଡ଼ିକର ଆର୍ଥିକ କାରବାର ସମ୍ପର୍କରେ ସମସ୍ତ ତଥ୍ୟ ଦେବାକୁ ରାଜ୍ୟ ସରକାର ରିଜର୍ଭ ବ୍ୟାଙ୍କକୁ ଅନୁରୋଧ କରିଛନ୍ତି। ପବ୍ଲିକ ଫାଇନାନ୍ସ ମ୍ୟାନେଜମେଣ୍ଟ ସିଷ୍ଟମ (ପିଏଫ୍‌ଏମ୍‌ଏସ୍) ଜରିଆରେ ରିଜର୍ଭ ବ୍ୟାଙ୍କ ବିଭାଗଗୁଡ଼ିକର ସମସ୍ତ ଆର୍ଥିକ କାରବାର ବିବରଣୀ ପ୍ରଦାନ କରିବ। ସେହି ତଥ୍ୟ ଆଧାରରେ ନୂଆ ବଜେଟ୍ ଅର୍ଥ ବିଭାଗଗୁଡ଼ିକୁ ବଣ୍ଟନ କରାଯିବ। ଆସନ୍ତା ସଚିବସ୍ତରୀୟ ବୈଠକରେ ଏ ନେଇ ଆଲୋଚନା ନିମନ୍ତେ ଏକ ଏଜେଣ୍ଡା ପ୍ରସ୍ତୁତ କରାଯାଇଛି ବୋଲି ଅର୍ଥ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଏହାଦ୍ୱାରା ସରକାର ଆର୍ଥିକ ବ୍ୟବସ୍ଥାର ସୁପରିଚାଳନା ହେବା ସହ ରାଜକୋଷ ଉପରେ ପଡ଼ୁଥିବା ଋଣ ଚାପକୁ ହ୍ରାସ କରାଯାଇପାରିବେ ବୋଲି ସେ କହିଛନ୍ତି।

**ସରକାରଙ୍କ ଉପରେ ଋଣଭାର ଚାପ**

- ବ୍ୟାଙ୍କରେ ଟଙ୍କା ଥିଲେ ମିଳିବନି ବଜେଟ ଅର୍ଥ
- ରିଜର୍ଭ ବ୍ୟାଙ୍କକୁ ଖର୍ଚ୍ଚ ତାଲିକା ମାଗିଲା ଅର୍ଥ ବିଭାଗ
- ଫେବୃୟାରୀ ସୁଦ୍ଧା ୬୦% ଖର୍ଚ୍ଚ କରିନାହାନ୍ତି ବିଭାଗ

ଅର୍ଥ ବିଭାଗରୁ ମିଳିଥିବା ସୂଚନା ଅନୁସାରେ ରାଜ୍ୟର ୧୫ରୁ ଊର୍ଦ୍ଧ୍ୱ ବିଭାଗ ୨୦୧୯ ଡିସେମ୍ବର ୩୧ ସୁଦ୍ଧା ମାତ୍ର ୨୦ରୁ ୫୦ ପ୍ରତିଶତ ମଧ୍ୟରେ ଅର୍ଥ ଖର୍ଚ୍ଚ କରିବାରେ ସକ୍ଷମ ହୋଇଛନ୍ତି। ଗୃହ ବିଭାଗ ସମୁଦାୟ ୫,୬୫୩.୯୬ କୋଟି ଟଙ୍କାରୁ ୩,୫୨୯.୬୨ କୋଟି ଟଙ୍କା ଖର୍ଚ୍ଚ କରିଥିବାବେଳେ ଅର୍ଥ ବିଭାଗ ୨୮,୨୩୮.୪୯ କୋଟିରୁ ୧୭,୧୯୮.୦୧ କୋଟି, ନିର୍ମାଣ ବିଭାଗ ୫,୮୧୦.୯୮ କୋଟିରୁ ୩,୬୧୬.୨୭ କୋଟି, ସ୍କୁଲ ଓ ଗଣଶିକ୍ଷା ବିଭାଗ ୧୭,୩୮୮.୦୯ କୋଟିରୁ ୧୦,୫୯୧.୧୨ କୋଟି, ଗୃହ ନିର୍ମାଣ ଓ ଉନ୍ନୟନ ବିଭାଗ ୬,୦୩୦.୯୪ କୋଟିରୁ ୨,୮୭୦.୪୯ କୋଟି, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ୭,୨୯୬.୦୭ କୋଟିରୁ ୪,୦୦୫.୩୭ କୋଟି ଟଙ୍କା ଖର୍ଚ୍ଚ କରିଛି। ସେହିପରି ଯୋଜନା ଓ ସଂଯୋଜନ ବିଭାଗ ୧,୧୧୮.୧୩ କୋଟିରୁ ୫୪୪.୬୩ କୋଟି ଖର୍ଚ୍ଚ କରିଥିବାବେଳେ ପଞ୍ଚାୟତିରାଜ ବିଭାଗ ୧୯,୬୯୬.୮୭ କୋଟିରୁ ୧୧,୯୦୩.୫୯ କୋଟି, ଜଳସମ୍ପଦ ବିଭାଗ ☞ପୃଷ୍ଠା-୨

# ମହାପ୍ରଭୁଙ୍କ ଜମାଟଙ୍କା ଫେରସ୍ତ ନେଇ ଚିନ୍ତା

**ପୁରୀ ଅଫିସ,୬ା୩**

ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ) ୟେସ୍ ବ୍ୟାଙ୍କ କାରବାର ଉପରେ କଟକଣା ଜାରି କରିଛି। ବ୍ୟାଙ୍କର ଆର୍ଥିକ ଦୁଃସ୍ଥିତି ଯୋଗୁ ଏଭଳି ପଦକ୍ଷେପ ନେଇଛି ଆର୍‌ବିଆଇ। ୟେସ୍ ବ୍ୟାଙ୍କର ଏଭଳି ସ୍ଥିତି ଫଳରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ୫୪୫ କୋଟି ଟଙ୍କା ଏବେ ସଂକଟରେ। ମହାପ୍ରଭୁଙ୍କ ଏତେ ପରିମାଣର ଟଙ୍କା ବୁଡ଼ିଯିବା ନେଇ ବୁଦ୍ଧିଜୀବୀ, ସେବାୟତ ଏବଂ ଜଗନ୍ନାଥପ୍ରେମୀଙ୍କ ମନରେ ଆଶଙ୍କା ସୃଷ୍ଟି ହୋଇଛି। ଏତେଗୁଡ଼ିଏ ଟଙ୍କା ଏହି ଘରୋଇ ବ୍ୟାଙ୍କରୁ କିପରି ଫେରସ୍ତ ଅଣାଯିବ ତାକୁ ନେଇ ଶ୍ରୀମନ୍ଦିର ପ୍ରଶାସନ ଓ ରାଜ୍ୟ ସରକାର ଏବେ ଚିନ୍ତାରେ। ତେବେ ଆଇନକାନୁନକୁ ମୋଡ଼ି ମକଚି ଯେଉଁମାନେ ଚଞ୍ଚକତା ପୂର୍ବକ ଏତେ ପରିମାଣର ଟଙ୍କା ୟେସ୍ ବ୍ୟାଙ୍କରେ ଜମା ଦେଇଥିଲେ, ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଦାବି ଜୋର ଧରିଛି। ଏନେଇ ଭକ୍ତ ଓ ସେବାୟତ ମହଲରେ ଅସନ୍ତୋଷ ତେଜିଉଠିଛି। ମହାପ୍ରଭୁଙ୍କ ଟଙ୍କା କିପରି ଉଦ୍ଧାର କରାଯାଇପାରିବ ତାହା ଉପରେ ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ନେବାକୁ ଦାବି ହୋଇଛି। ☞ପୃଷ୍ଠା-୨

**ୟେସ୍ ବ୍ୟାଙ୍କର ଆର୍ଥିକ ଦୁଃସ୍ଥିତି**



- ୫୪୫ କୋଟି ଟଙ୍କା ଫେରସ୍ତ ଆଣିବାକୁ ଦାବି ଜୋରଦାର

# ବିମଳ ଜୁଲ୍‌କା ସିଆଇସି



**ନୂଆଦିଲ୍ଲୀ,୬ା୩(ପି.ଟି.)**

ସୂଚନା କମିଶନର ବିମଳ ଜୁଲ୍‌କା ଶୁକ୍ରବାର ମୁଖ୍ୟ ସୂଚନା କମିଶନର (ସିଆଇସି) ଭାବେ ନିଯୁକ୍ତି ମିଳିଛି। ଜାନୁୟାରୀ ୧୧ରେ ସିଆଇସି ସୁଧୀର ଭାର୍ଗବ ଅବସର ନେବା ପରଠୁ ଏହି ପଦବୀ ଖାଲି ପଡ଼ିଥିଲା। ତାଙ୍କ ସ୍ଥାନରେ ଜୁଲ୍‌କାଙ୍କୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ସିଆଇସି ନିଯୁକ୍ତ କରିଛନ୍ତି। ଏନେଇ ରାଷ୍ଟ୍ରପତି ଭବନ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ରାଷ୍ଟ୍ରପତି କୋବିନ୍ଦ ରାଷ୍ଟ୍ରପତି ଭବନରେ ଆୟୋଜିତ ଏକ ସମାରୋହରେ ବିମଳ ଜୁଲ୍‌କାଙ୍କୁ ଦେଶର ନୂଆ ସିଆଇସି ଭାବେ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି। ୧୯୭୯ ବ୍ୟାଚ୍ ମଧ୍ୟପ୍ରଦେଶ ☞ପୃଷ୍ଠା-୨

# ଏଡିଜେଙ୍କ କୋର୍ଟରେ ହାଜର ହେଲେ ପୁଞ୍ଜିଲାଲ

**ବଲାଙ୍ଗୀର ଅଫିସ/ ପାଟଣାଗଡ଼, ୬ା୩ (ଡି.ଏନ.ଏ.)**

ବହୁଚର୍ଚ୍ଚିତ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ପୁଞ୍ଜିଲାଲ ମେହେରଙ୍କୁ ଶୁକ୍ରବାର ପାଟଣାଗଡ଼ ଏଡିଜେଙ୍କ କୋର୍ଟରେ ଚାର୍ଜଫ୍ରେମ ପାଇଁ ହାଜର କରାଯାଇଥିଲା। ତେବେ ପୁଞ୍ଜିଲାଲଙ୍କ ଆଡଭୋକେଟ୍ କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଓ ଆବଶ୍ୟକୀୟ କାଗଜପତ୍ର ମାଗିଥିଲେ । ଏହି ତଥ୍ୟ ମିଳି ନ ଥିବାରୁ ପାଟଣାଗଡ଼ ଏଡିଜେ ଚାର୍ଜଫ୍ରେମ ପ୍ରକ୍ରିୟାକୁ ଆସନ୍ତା ୨୬ ତାରିଖକୁ ଘୁଞ୍ଚାଇ ଦେଇଥିବା ଜଣାପଡ଼ିଛି। ଏନେଇ ପୁଞ୍ଜିଲାଲଙ୍କ ଆଡଭୋକେଟ ଶ୍ରୀମତ୍ ପାଣିଗ୍ରାହୀଙ୍କୁ ପଚାରିବାରୁ ଶୁକ୍ରବାର ପୁଞ୍ଜିଲାଲଙ୍କ ବିରୋଧରେ ପାର୍ସଲ ବୋମା ବିସ୍ଫୋରଣ ମାମଲାରେ ଚାର୍ଜଫ୍ରେମ ହେବାର ଥିଲା। ତାଙ୍କ ବିରୋଧରେ ରହିଥିବା ଅଭିଯୋଗ ଉପରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମାଗିଥିଲୁ। ତେବେ ତଥ୍ୟ ଯୋଗାଇ ଦିଆଯାଇ ନ ଥିବାରୁ ଚାର୍ଜଫ୍ରେମ ପ୍ରକ୍ରିୟାକୁ ଏଡିଜେ ଆସନ୍ତା ୨୬ ମାର୍ଚ୍ଚକୁ ଘୁଞ୍ଚାଇ ଦେଇଥିବା ସେ କହିଛନ୍ତି।

ସୂଚନାଯୋଗ୍ୟ, ୨୦୧୮ ଫେବୃୟାରୀ ୨୩ରେ ପାଟଣାଗଡ଼ ବ୍ରହ୍ମପୁରା ଛକ ନିକଟ ଅଧ୍ୟାପକ ରବୀନ୍ଦ୍ର ସାହୁଙ୍କ ଘରେ ପାର୍ସଲ ବୋମା ବିସ୍ଫୋରଣ ଘଟିଥିଲା । ଏଥିରେ ଅଧ୍ୟାପକ ସାହୁଙ୍କ ଏକମାତ୍ର ନବବିବାହିତ ପୁଅ ସୌମ୍ୟଶେଖର ସାହୁ(୨୬) ଓ ପିଉସୀ ଜେମାମଣି ସାହୁଙ୍କ ମୃତ୍ୟୁ ଘଟିଥିଲା । ସୌମ୍ୟଶେଖରଙ୍କ ନବବିବାହିତ ସ୍ତ୍ରୀ ରିମାରାଣୀ ଗୁରୁତର ଆହତ ହୋଇ ଦୀର୍ଘଦିନ ଧରି ଚିକିତ୍ସାରେ ରହିଥିଲେ। ପାର୍ସଲ ବୋମା ବିସ୍ଫୋରଣ ମାମଲାର ତଦନ୍ତ କରି କ୍ରାଇମବ୍ରାଞ୍ଚ ଟିମ୍ ଉଇଁଷା କଲେଜର ଇଂଲିଶ ଅଧ୍ୟାପକ ପୁଞ୍ଜିଲାଲ ମେହେରଙ୍କୁ ମୁଖ୍ୟ ଅଭିଯୁକ୍ତ ଦର୍ଶାଇ ଗିରଫ କରିଥିଲା। ପୁଞ୍ଜିଲାଲ ବର୍ତ୍ତମାନ ବଲାଙ୍ଗୀର ଜିଲା କାରାଗାରରେ ବିଚାରାଧୀନ କଏଦୀ ଭାବେ ରହିଛନ୍ତି । ମୃତ ସୌମ୍ୟଶେଖରଙ୍କ ବାପା ଅଧ୍ୟାପକ ସାହୁ ପାର୍ସଲ ବୋମା ବିସ୍ଫୋରଣ ଘଟଣାକୁ ଦୁଇବର୍ଷରୁ ଅଧିକ ସମୟ ବିତିଯାଇଥିଲେ ମଧ ଏଯାଏ କୋର୍ଟରେ ଅଭିଯୁକ୍ତଙ୍କ ବିଚାର ପ୍ରକ୍ରିୟା ଆରମ୍ଭ ହୋଇପାରି ନ ଥିବାରୁ ଗଭୀର କ୍ଷୋଭ ପ୍ରକାଶ କରିଛନ୍ତି। ତେବେ ଆଇନ ବ୍ୟବସ୍ଥା ଉପରେ ଭରସା ରହିଛି ଓ ତାଙ୍କ ପରିବାର ନ୍ୟାୟ ପାଇବେ ବୋଲି ସେ ଗଣମାଧ୍ୟମକୁ କହିଛନ୍ତି।

**ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲା**

- ୨୬କୁ ଘୁଞ୍ଚିଲା ଚାର୍ଜଫ୍ରେମ୍



# ଏସ୍‌ସିବିରୁ ଫେରାର କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି

**ଭୁବନେଶ୍ୱର, ୬ା୩(ବ୍ୟୁରୋ)**

**କରୋନା ସନ୍ଦିଗ୍ଧ ଆୟର୍ଲାଣ୍ଡ ନାଗରିକ**

ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ଜଣେ ଆୟର୍ଲାଣ୍ଡ ନାଗରିକ ପିଟରଙ୍କୁ ଭର୍ତ୍ତି କରାଯାଇଛି। ତାଙ୍କୁ ହସ୍ପିଟାଲର ଆଇସୋଲେଶନ୍ ୱାର୍ଡରେ ରଖାଯାଇଛି। ରକ୍ତନମୁନା ପରୀକ୍ଷା ପାଇଁ ଯାଇଛି। ରିପୋର୍ଟ ନ ଆସିବା ପର୍ଯ୍ୟନ୍ତ ପିଟର ଓ ତାଙ୍କ ସହଯୋଗୀ(ନିମାପଡ଼ାର) ହସ୍ପିଟାଲରେ ରହିବେ ବୋଲି କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ ଅଶୋକ ପଟ୍ଟନାୟକ କହିଛନ୍ତି। ସୂଚନାଯୋଗ୍ୟ, ଗୁରୁବାର ଭୁବନେଶ୍ୱର ବିମାନବନ୍ଦରରେ ଯାଞ୍ଚ ସମୟରେ ପିଟରଙ୍କ ଶରୀରରେ ତାପମାତ୍ରା ଥିବା ଜଣାପଡ଼ିଥିଲା। ସେ କରୋନାରେ ଆକ୍ରାନ୍ତ ହୋଇଥିବା ସନ୍ଦେହ କରାଯାଇଥିଲା। ତେଣୁ ତାଙ୍କୁ ପ୍ରଥମେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରୁ କଟକ ଏସ୍‌ସିବି ମେଡିକାଲକୁ ରେଫର କରାଯାଇଥିଲା। କିନ୍ତୁ କଟକରୁ ସେ ରାତିରେ ଫେରାର୍ ହୋଇଥିବା ମଙ୍ଗଳାବାଗ ଥାନାରେ ମୌଖିକ ଅଭିଯୋଗ ହୋଇଥିଲା।

**ଆଜିର ସମ୍ପାଦକୀୟ**

**ଭିନ୍ନମତ ପାଇଁ ଜାଗା ନାହିଁ**

# ଇଟାଭାଟିରେ ମା'ବାପା, ଆବାସିକ କେନ୍ଦ୍ରରେ ଶିଶୁ

**ଘନଶ୍ୟାମ ଭୋଇ**
**ନୂଆପଡ଼ା ଅଫିସ,୬ା୩**

ନୂଆପଡ଼ା ଭଳି ଦାଦନ ପ୍ରବଣ ଜିଲାରୁ ରାଜ୍ୟ ବାହାରକୁ ଯାଉଥିବା ଶ୍ରମିକ ପରିବାର ଶିଶୁଙ୍କୁ ଏକ ସ୍ୱତନ୍ତ୍ର ଆବାସିକ କେନ୍ଦ୍ରରେ ରଖି ସୁରକ୍ଷିତ ଏବଂ ଶୃଙ୍ଖଳିତ ଢଙ୍ଗରେ ଶିକ୍ଷାଦାନ ବ୍ୟବସ୍ଥା କରାଯାଇଛି । ଗୋଟିଏ ପଟେ ମା'ବାପା ଅନ୍ୟ ରାଜ୍ୟ ଆନ୍ଧ୍ରପ୍ରଦେଶ, ଉତ୍ତରପ୍ରଦେଶର ଇଟାଭାଟିରେ ଦିନରାତି ଇଟା ଗଢ଼ାକାମରେ ନିୟୋଜିତ ଥିବାବେଳେ ଏପଟେ ଶିଶୁମାନେ ସୁରକ୍ଷିତ ଭାବେ ରହି ପାଠ ପଢୁଛନ୍ତି। ସେହି ପିଲାମାନଙ୍କୁ ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଛି । ସମ୍ପ୍ରତି ଜିଲାରେ ଥିବା ମୋଟ ୬୨ ଆବାସିକ କେନ୍ଦ୍ରରେ ସମୁଦାୟ ୨୫୪୩ ଜଣ ଶିଶୁ ରହୁଛନ୍ତି । ସେମାନଙ୍କ ମଧ୍ୟରୁ ୧୧୧୬ଜଣ ଛାତ୍ରୀ, ୧୪୨୭ ଛାତ୍ର ଥିବା ଜଣାପଡିଛି । ଏହି ଛାତ୍ରୀଛାତ୍ରମାନଙ୍କ ମଧ୍ୟରୁ ଅଧିକାଂଶ କୃତିତ୍ୱର ସହ ପାସ୍ କରୁଥିବା ବି ନଜିର ରହିଛି।

ବେସରକାରୀ ଭାବେ କରାଯାଇଥିବା ଏକ ସର୍ଭେ ଅନୁଯାୟୀ ନୂଆପଡ଼ା ଜିଲାରୁ ବାର୍ଷିକ ୩୦ ହଜାରରୁ ଊର୍ଦ୍ଧ୍ୱ ପରିବାର ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଇଥାନ୍ତି। ପ୍ରତିବର୍ଷ ଅକ୍ଟୋବର/ନଭେମ୍ବରରେ ସେମାନେ ସର୍ଦ୍ଦାରଙ୍କଠାରୁ ଅଗ୍ରିମ ଟଙ୍କା ନେଇଥାନ୍ତି । ଏହାପରେ ସେମାନେ ପରିବାର ସହ ରାଜ୍ୟ ବାହାରକୁ ଯିବା ଆରମ୍ଭ କରିଥାନ୍ତି। ଏଥିପାଇଁ ପ୍ରତିବର୍ଷ ଅଧାରୁ ପାଠପଢା ଛାଡୁଥିବା ଶିଶୁଙ୍କ ସଂଖ୍ୟା ବଢିବାରେ ଲାଗିଛି । କମି ଚାଲିଛି ଜିଲାରେ ଥିବା ବିଭିନ୍ନ ସ୍କୁଲର ଉପସ୍ଥାନ । ଏହାକୁ ଦୃଷ୍ଟିରେ ରଖି ପ୍ରଥମେ କେତେକ ସ୍ୱେଚ୍ଛାସେବୀ ସଙ୍ଗଠନ ଆବାସିକ କେନ୍ଦ୍ର ଖୋଲି ଦାଦନ ଶ୍ରମିକଙ୍କ ପିଲାମାନଙ୍କୁ ପାଠ ପଢାଇବାର ବ୍ୟବସ୍ଥା କରିଥିଲେ। ଯାହା କିଛିଦିନ ମଧ୍ୟରେ ସଫଳତା ପାଇବା ପରେ ସେହି ବ୍ୟବସ୍ଥାକୁ ରାଜ୍ୟ ସରକାର ଆପଣେଇ ନେଇଛନ୍ତି । ବଲାଙ୍ଗୀର, ନୂଆପଡା ଭଳି ଦାଦନ ପ୍ରବଣ ଜିଲାରେ ୨୦୧୦-୧୧ରୁ ସରକାର ଆବାସିକ କେନ୍ଦ୍ର ଖୋଲି ଦାଦନ ଶ୍ରମିକମାନଙ୍କ ପିଲାଙ୍କୁ ରଖି ପଢାଇବାର ବ୍ୟବସ୍ଥା କରିଛନ୍ତି । ଏହି କେନ୍ଦ୍ର ପ୍ରତିବର୍ଷ ନଭେମ୍ବରରୁ ଆରମ୍ଭ ହୋଇ ଜୁନ/ଜୁଲାଇ କିମ୍ବା ଶିଶୁଙ୍କ ମା'ବାପା ଘରକୁ ଫେରିବା ଯାଏଁ ଚାଲିଥାଏ । ପ୍ରତି କେନ୍ଦ୍ରରେ ୨୦ରୁ ୫୦ ଜଣ ଶିଶୁ ରହି ପାଠ ପଢୁଛନ୍ତି । ସେମାନଙ୍କ ଯତ୍ନ ନେବା ପାଇଁ ୨ଜଣ ଲେଖାଏଁ ମହିଳା ପୁରୁଷ ପ୍ରଯତ୍ନକାରୀ ନିୟୋଜିତ ହୋଇଛନ୍ତି । ସେହି କେନ୍ଦ୍ରରେ ପିଲାଙ୍କ ପାଇଁ ଉନ୍ନତମାନର ☞ପୃଷ୍ଠା-୨

**ନୂଆପଡ଼ା ଜିଲା**

- ଦାଦନ ଶ୍ରମିକ ପିଲାଙ୍କ ପାଇଁ ଋତୁକାଳୀନ ଶିକ୍ଷା ବ୍ୟବସ୍ଥା
- ୬୨ କେନ୍ଦ୍ରରେ ଅଛନ୍ତି ୨୫୪୩ ଛାତ୍ରୀଛାତ୍ର



ଆବାସିକ କେନ୍ଦ୍ରରେ ପିଲାମାନେ ପାଠ ପଢୁଛନ୍ତି ।





Taste the difference!
Vencobb FRESH CHICKEN

06.03.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 32 | 70 | 80 |
| CTC | 32 | 70 | 80 |
| DKL | 32 | 70 | 80 |
| BDK | 32 | 70 | 80 |
| BLS | 32 | 70 | 80 |
| ANG | 32 | 70 | 80 |
| BMP | 32 | 70 | 80 |

*Conditions Apply

Issued in the Interest of Consumers

**ଆଜିର ମନ୍ତବ୍ୟ**

"ଗୃହକାର୍ଯ୍ୟ ବ୍ୟାଘାତ ପାଇଁ ଏମ୍‌ପିମାନଙ୍କୁ ନିଲମ୍ବନ କରିବା ପକେଟମାରଙ୍କୁ ଜେଲକୁ ପଠାଇବା ସଦୃଶ।
-ଅଧୀର ରଞ୍ଜନ ଚୌଧୁରୀ, ଲୋକ ସଭାରେ କଂଗ୍ରେସ ନେତା

**କିଛି ତଥ୍ୟ**

ଦେଶର ବିଦେଶୀ ମୁଦ୍ରା ଭଣ୍ଡାରରେ ୫.୪୨ ବିଲିୟନ ଡଲାର ବୃଦ୍ଧି ଘଟି ୪୮୧.୫୪ ବିଲିୟନ ଡଲାର ରହିଛି। –ରିଜର୍ଭ ବ୍ୟାଙ୍କ

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଅଦ୍ୟାଶ୍ରୀ
ପରିବାରବର୍ଗ


ବିଶ୍ୱନାଥ
ପରିବାରବର୍ଗ


ଗାୟତ୍ରୀ
ପରିବାରବର୍ଗ


ପ୍ରଦୀପ
ପରିବାରବର୍ଗ


ପ୍ରିୟଦର୍ଶିନୀ
ପରିବାରବର୍ଗ


ରୋନି କୁମାର
ପରିବାରବର୍ଗ


ରୁଦ୍ର
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି–୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ପ୍ରଥମ ପୃଷ୍ଠାରୁ...

### ମହାପ୍ରଭୁଙ୍କ...

ମହାପ୍ରଭୁଙ୍କର ୫୯୨ କୋଟି (୫୪୫ କୋଟି ସ୍ଥାୟୀ ଜମା ଓ ୪୭ କୋଟି ଫ୍ଲେକ୍ସି ଜମା) ଟଙ୍କା ୟେସ୍ ବ୍ୟାଙ୍କରେ ରଖାଯାଇଥିବା ଜଣାପଡ଼ିବା ପରେ ଏହାକୁ ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏପରିକି ଗତ ଡିସେମ୍ବର ୨୦ରେ ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ ଏ ନେଇ ବେଶ୍ ହୋହଲ୍ଲା ହୋଇଥିଲା। ପରିଚାଳନା କମିଟିକୁ ଅନ୍ଧାରରେ ରଖି ଏବଂ ଅର୍ଥ ସବ୍ କମିଟି ଅନୁମୋଦନ ବିନା କିପରି ମହାପ୍ରଭୁଙ୍କ ଟଙ୍କା ଘରୋଇ ବ୍ୟାଙ୍କରେ ରଖାଗଲା ବୋଲି ସେବାୟତ ସଦସ୍ୟମାନେ ପ୍ରଶ୍ନ କରିଥିଲେ। ପୂର୍ବରୁ ଜାତୀୟକରଣ ବ୍ୟାଙ୍କରେ ଟଙ୍କା ଜମା କରାଯାଉଥିବାବେଳେ ଘରୋଇ ବ୍ୟାଙ୍କରେ ଟଙ୍କା ରଖିବାକୁ କିଏ ଅନୁମୋଦନ ଦେଲା ବୋଲି ପ୍ରଶ୍ନ ଉଠିଥିଲା। ପରିଚାଳନା କମିଟିରେ ଏହି ପ୍ରସଙ୍ଗ ଉଠିବା ପରେ ହରଡ଼ଘଣାରେ ପଡିଥିଲେ ଘରୋଇ ବ୍ୟାଙ୍କରେ ଟଙ୍କା ରଖିଥିବା ଅଧିକାରୀ। ବୈଠକର ୪ ଦିନ ପରେ ଅର୍ଥାତ୍ ଡିସେମ୍ବର ୨୪ରେ ସାନି ଟେଣ୍ଡର ଆହ୍ୱାନ କରାଯାଇଥିଲା। ଏହାପରେ ଅର୍ଥ ସବ୍‌କମିଟି ବୈଠକ ବସି ମହାପ୍ରଭୁଙ୍କ ପାଣ୍ଠିର ସ୍ୱଚ୍ଛତା ରଖାଯିବା ଲାଗି ନିଷ୍ପତ୍ତି ହୋଇଥିଲା। ଗତ ମାସ ୫ ତାରିଖରେ ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ ପୁଣି ଏହି ପ୍ରସଙ୍ଗକୁ ନେଇ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଏଣିକି ଜାତୀୟକରଣ ବ୍ୟାଙ୍କରେ ରହିବ ମହାପ୍ରଭୁଙ୍କ ଟଙ୍କା। ଏଥିଲାଗି ଟେଣ୍ଡର ଆହ୍ୱାନ କରାଯିବ। ଯେଉଁ ବ୍ୟାଙ୍କ ଅଧିକ ସୁଧ ଦେବ ସେହି ବ୍ୟାଙ୍କରେ ୫୦ ପ୍ରତିଶତ ଅର୍ଥ ଜମା ରହିବ। ଅନ୍ୟ ଦୁଇଟି ବ୍ୟାଙ୍କରେ ବଳକା ଟଙ୍କାକୁ ବାଣ୍ଟି ରଖାଯିବ। ଫଳରେ ମହାପ୍ରଭୁଙ୍କ ପାଣ୍ଠି ସୁରକ୍ଷିତ ରହିପାରିବ ବୋଲି ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର କହିଥିଲେ। ଗତମାସ ୨୬ ତାରିଖରେ ବିଧାନସଭାରେ ଏହି ପ୍ରସଙ୍ଗରେ ଉତ୍ତର ଦେଇ ଆଇନ ମନ୍ତ୍ରୀ ପ୍ରତାପ ଜେନା ୫୯୨ କୋଟି ଟଙ୍କା ମଧ୍ୟରୁ ୪୭କୋଟି ଟଙ୍କା ଫ୍ଲେକ୍ସି ଜମାକୁ ୟେସ୍ ବ୍ୟାଙ୍କରୁ ପ୍ରତ୍ୟାହାର କରାଯାଇଛି। ଅବଶିଷ୍ଟ ୫୪୫ କୋଟି ଟଙ୍କା ଚଳିତମାସ ୧୯ ଓ ୩୦ ତାରିଖରେ ମାଚ୍ୟୁରିଟି ପୂରୁଥିବାରୁ ଏହା ଉଠାଇ ଦିଆଯିବ ବୋଲି କହିଥିଲେ। ହେଲେ ବର୍ତ୍ତମାନ ୟେସ୍ ବ୍ୟାଙ୍କର ଆର୍ଥିକ ସ୍ଥିତି ବିଗିଡ଼ି ଯାଇଥିବାରୁ ମହାପ୍ରଭୁଙ୍କ ୫୪୫ କୋଟି ଟଙ୍କାର ଭାଗ୍ୟ ଏବେ ଅନିଶ୍ଚିତତା ଭିତରକୁ ଠେଲି ହୋଇଯାଇଛି। କାରଣ ଆସନ୍ତା ୩୦ ଦିନ ମଧ୍ୟରେ ୟେସ୍ ବ୍ୟାଙ୍କର ଜଣେ ଗ୍ରାହକ ସର୍ବାଧିକ ୫୦ ହଜାର ଟଙ୍କା ଉଠାଇ ପାରିବ ବୋଲି ନିୟମ ଲାଗୁ ହୋଇଛି। ବରିଷ୍ଠ ସେବାୟତ ବିନାୟକ ଦାସମହାପାତ୍ର କହିଛନ୍ତି, ଘରୋଇ ବ୍ୟାଙ୍କରେ ମହାପ୍ରଭୁଙ୍କ ଏତେଗୁଡ଼ିଏ ଟଙ୍କା ରଖିବା ଲାଗି କିଭଳି ନିଷ୍ପତ୍ତି ନିଆଗଲା ରାଜ୍ୟ ସରକାର ତାହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଅନ୍ତୁ। ଏହାସହିତ ମହାପ୍ରଭୁଙ୍କ ଟଙ୍କା ଉକ୍ତ ବ୍ୟାଙ୍କରୁ କିପରି ଉଠାଯିବ ସେ ନେଇ ପଦକ୍ଷେପ ନିଅନ୍ତୁ। ଶ୍ରୀଜଗନ୍ନାଥ ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି, ପରିଚାଳନା କମିଟିରେ ଆଲୋଚନା ହୋଇନି, ଗଜପତି ମହାରାଜା ଜାଣିନାହାନ୍ତି, ଅର୍ଥ ସବ୍ କମିଟି ଅନୁମୋଦନ କରିନି, ହେଲେ ମହାପ୍ରଭୁଙ୍କ ଟଙ୍କା ଏକ ଘରୋଇ ବ୍ୟାଙ୍କ ହାତରେ ଟେକିଦିଆଯାଇଛି। ଏହା ସବୁଠୁ ଦୁଃଖଦାୟକ। ତଦନ୍ତ କରାଯାଇ ଯେଉଁମାନେ ଏପରି କାରବାର ପାଇଁ ଦାୟୀ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ପୂର୍ବତନ ମନ୍ତ୍ରୀ ମହେଶ୍ୱର ମହାନ୍ତି କହିଛନ୍ତି, ଅଧିକ ସୁଧ ଲୋଭରେ ଏଭଳି ନିଷ୍ପତ୍ତି ଦୁର୍ଭାଗ୍ୟଜନକ। ଆର୍‌ବିଆଇ ସହ ଶ୍ରୀମନ୍ଦିର ପ୍ରଶାସନ ସ୍ୱତନ୍ତ୍ର ଭାବେ ଆଲୋଚନା କରି ମହାପ୍ରଭୁଙ୍କ ଟଙ୍କା କିପରି ଉଠାଇ ହେବ ସେ ନେଇ ବ୍ୟବସ୍ଥା କରନ୍ତୁ ବୋଲି କହିଛନ୍ତି ମହେଶ୍ୱର।

### ଇଟାଭାଟିରେ...

ବିଛଣା, ଖଟ, ମାଗଣା ବହିପତ୍ର, ସ୍କୁଲ ବ୍ୟାଗ, ଜଳପାନଠାରୁ ଖାଇବା ବ୍ୟବସ୍ଥା କରାଯାଇଛି । ଇତିମଧ୍ୟରେ ଉକ୍ତ କେନ୍ଦ୍ରର ୨ ଅନ୍ତେବାସୀ ନବୋଦୟ, ୧୪ଜଣ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପାଇଁ ହୋଇଥିବା ପ୍ରବେଶିକା ପରୀକ୍ଷା ଦେଇ କୃତିତ୍ୱ ସହ ପାସ୍ କରି ନାମଲେଖାର ସୁଯୋଗ ପାଇଛନ୍ତି । ତେବେ କେତେକ ଆବାସିକ କେନ୍ଦ୍ର ଅବ୍ୟବସ୍ଥା ମଧ୍ୟରେ ଚାଲିଥିବା ଅଭିଯୋଗ ହୋଇଛି । ଅଧିକାଂଶ କେନ୍ଦ୍ରରେ ବିଜୁଳି ବ୍ୟବସ୍ଥା ଠିକ୍ ନ ଥିବାରୁ ପିଲାମାନେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି । କାଗଜକଲମରେ ଗୋଟିଏ କେନ୍ଦ୍ରରେ ଯେତେ ସଂଖ୍ୟକ ପିଲା ରହୁଛନ୍ତି ବୋଲି ଦର୍ଶାଯାଉଛି ପ୍ରକୃତପକ୍ଷେ ସେତିକ ରହୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ହେଲେ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଥିବା ସୁବିଧା ସୁଯୋଗକୁ ପିଲାମାନେ ପ୍ରଶଂସା କରିଛନ୍ତି । ଏ ସଂକ୍ରାନ୍ତରେ ଜିଲା ଯୋଜନା ସଂଯୋଜକ ପ୍ରିୟଦର୍ଶିନୀ ମିଶ୍ରଙ୍କୁ ପଚାରିବାରୁ କେନ୍ଦ୍ରଗୁଡିକର ସୁପରିଚାଳନା ସକାଶେ ପ୍ରତି ମାସରେ ବ୍ଲକ ଶିକ୍ଷାଧିକାରୀ, ସ୍କୁଲ ପରିଚାଳନା କମିଟି, ସିଆର୍‌ସିସି, ଜିଲା ସଂଯୋଜକ ବୁଲି ଦେଖୁଛନ୍ତି । ପିଲାଙ୍କ ସବୁ ପ୍ରକାର ଅଭାବ ଅସୁବିଧା ପ୍ରତି ଧ୍ୟାନ ଦିଆଯାଉଥିବା ସେ କହିଛନ୍ତି । ସେହିଭଳି ଅନ୍ତର୍ନିବେଶୀ ଶିକ୍ଷା ସଂଯୋଜକ ହେମନ୍ତ କୁମାର ଭୋଇ କହିଛନ୍ତି, ଆବାସିକ କେନ୍ଦ୍ରରେ ପିଲାଙ୍କୁ ସୁରକ୍ଷିତ ରଖିବା ସହ ସେମାନଙ୍କ ଶିକ୍ଷାର ଗୁଣାତ୍ମକ ମାନବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଉଛି । ତେବେ ଏପରି ସୁବିଧା ପରେ ବି ଜିଲାର ୫ରୁ ୧୦ ହଜାର ଶିଶୁ ପ୍ରତିବର୍ଷ ମା'ବାପାଙ୍କ ସହ ମିଶି ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଯାଉଥିବା ଜଣାପଡିଛି । ସେମାନଙ୍କ ପରିବାରକୁ ସଚେତନ କରିବା ସହିତ ଶିକ୍ଷାର ମୁଖ୍ୟସ୍ରୋତରେ ସେହି ପିଲାମାନଙ୍କୁ ସାମିଲ କରିବା ଉପରେ ଜିଲା ପ୍ରଶାସନ ଗୁରୁତ୍ୱ ଦେବାକୁ ଦାବି ହୋଇଛି । ଆବାସିକ କେନ୍ଦ୍ର ସଂକ୍ରାନ୍ତରେ ଅଧିକ ପ୍ରଚାର ପ୍ରସାରର ଅଭାବ ରହୁଥିବାରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି ।

### ବିମଲ ଜୁଲ୍‌କା...

କ୍ୟାଡରର ଆଇଏଏସ୍ ଅଧିକାରୀ (ଅବସରପ୍ରାପ୍ତ) ଜୁଲ୍‌କା ପୂର୍ବରୁ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ସଚିବ ଭାବେ କାର୍ଯ୍ୟ କରିସାରିଛନ୍ତି। ତାଙ୍କୁ ଏହି ଦୁର୍ନୀତି ନିରୋଧୀ ଜଗୁଆଳି ସଂସ୍ଥାର ମୁଖ୍ୟ ଭାବେ ଅବସ୍ଥାପିତ କରାଯିବା ପରେ ସୂଚନା କମିଶନଙ୍କ କାର୍ଯ୍ୟାଳୟରେ ଆଉ ୫ ସୂଚନା କମିଶନର ପଦବୀ ଖାଲିପଡ଼ିଛି। ଏବେ ସିଆଇସିରେ ୬ କମିଶନର କାର୍ଯ୍ୟରତ ଅଛନ୍ତି। ଲୋକ ସଭାରେ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ ଜୁଲ୍‌କାଙ୍କ ନିଯୁକ୍ତିକୁ ବିରୋଧ କରିଥିଲେ।

### ୪ ରାଜ୍ୟ ସଭା ...

ମନୋନୟନପତ୍ର ଯାଞ୍ଚ କରାଯିବ। ୧୮ ତାରିଖ ପୂର୍ବାହ୍ନ ୩ଟାମଧ୍ୟରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ପାଇଁ ସମୟ ଧାର୍ଯ୍ୟ କରାଯାଇଛି। ଆବଶ୍ୟକ ହେଲେ ମାର୍ଚ୍ଚ ୨୬ ପୂର୍ବାହ୍ନ ୨ଟାରୁ ଅପରାହ୍ନ ୪ଟା ମଧ୍ୟରେ ବିଧାନସଭା ସଚିବାଳୟର ୫୪ ନମ୍ବର ପ୍ରକୋଷ୍ଠରେ ଭୋଟ ଗ୍ରହଣ କରାଯିବ। ମାର୍ଚ୍ଚ ୩୦ ସୁଦ୍ଧା ସମସ୍ତ ନିର୍ବାଚନ ପ୍ରକ୍ରିୟା ଶେଷ ହେବ। ଏ ସମ୍ପର୍କିତ ବିଜ୍ଞପ୍ତି ବିଧାନସଭା ସଚିବାଳୟର ନୋଟିସ୍ ବୋର୍ଡରେ ପ୍ରକାଶିତ କରାଯାଇଛି। ସମସ୍ତ ଜିଲାପାଳ, ଉପଜିଲାପାଳ, ପଞ୍ଚାୟତ ସମିତି, ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ନୋଟିସ୍ ବୋର୍ଡରେ ପ୍ରକାଶ କରିବା ପାଇଁ ସମସ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଶତପଥୀ କହିଛନ୍ତି।

ସୂଚନାଯୋଗ୍ୟ ଯେ ଆସନ୍ତା ଏପ୍ରିଲ୍ ସୁଦ୍ଧା ବିଜେଡିର ରାଜ୍ୟ ସଭା ସଦସ୍ୟ ସରୋଜିନୀ ହେମ୍ବ୍ରମ, ନରେନ୍ଦ୍ର କୁମାର ସ୍ୱାଇଁ ଏବଂ କଂଗ୍ରେସ ରାଜ୍ୟ ସଭା ସଦସ୍ୟ ରଞ୍ଜୀବ ବିଶ୍ୱାଳଙ୍କ କାର୍ଯ୍ୟକାଳ ଶେଷ ହେଉଛି। ସେହିପରି କେନ୍ଦ୍ରାପଡ଼ା ଲୋକ ସଭା ଆସନରୁ ବିଜୟୀ ହେବା ପରେ ବିଜେଡି ନେତା ଅନୁଭବ ମହାନ୍ତି ରାଜ୍ୟ ସଭା ସଦସ୍ୟ ପଦବୀରୁ ଇସ୍ତଫା ଦେଇଥିଲେ। ଏଥିଯୋଗୁ ମୋଟ ୪ଟି ଆସନ ଖାଲି ପଡୁଛି। ଆସନ୍ତା ୨/୩ ଦିନ ମଧ୍ୟରେ ବିଜେଡି ରାଜ୍ୟ ସଭା ପ୍ରାର୍ଥୀମାନଙ୍କ ନାମ ଘୋଷଣା କରିବା ସମ୍ଭାବନା ରହିଛି। ତେବେ ଏହି ଦୌଡ଼ରେ କେଉଁମାନେ ଅଛନ୍ତି, ତାହା ସ୍ପଷ୍ଟ ହୋଇନାହିଁ। ଦଳ ପ୍ରତି ଆନୁଗତ୍ୟ ଥିବା କିମ୍ବା କୌଣସି କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବ୍ୟକ୍ତିଙ୍କୁ ବିଜେଡି ପ୍ରାର୍ଥୀ କରିବ ବୋଲି ଚର୍ଚ୍ଚା ହେଉଛି। ସରୋଜିନୀଙ୍କ ସ୍ଥାନରେ ବିଜେଡି ଜଣେ ମହିଳାଙ୍କୁ ରାଜ୍ୟ ସଭାକୁ ପଠାଇପାରେ ବୋଲି ଆଲୋଚନା ହେଉଛି। ୩ଟି ରାଜ୍ୟ ସଭା ଆସନରେ ବିଜେଡି ପ୍ରାର୍ଥୀ ବିଜୟୀ ହେବା ନିଶ୍ଚିତ ହେଉଥିବାବେଳେ ୪ର୍ଥ ଆସନ ପାଇଁ ଭାଜପା ପ୍ରାର୍ଥୀ ଦେବା ସମ୍ଭାବନା ରହିଛି। ତେବେ ବିଜେଡି ଓ ଭାଜପା ଯାହାଙ୍କୁ ସମର୍ଥନ କରିବେ ତାଙ୍କୁ ପ୍ରାର୍ଥୀ କରାଯିବା ନେଇ ଚର୍ଚ୍ଚା ହେଉଛି।

### ବିଭାଗ ଉପରେ...

୮,୧୨୯.୪୯ କୋଟିରୁ ୩,୬୯୧.୪୨ କୋଟି, କୃଷି ବିଭାଗ ୯,୧୧୧.୯୧ କୋଟିରୁ ୫,୭୫୭ କୋଟି, ଗ୍ରାମ୍ୟ ଉନ୍ନୟନ ବିଭାଗ ୫,୫୮୭.୪୫ କୋଟିରୁ ୧,୧୮୦.୪୫ କୋଟି, ଶକ୍ତି ବିଭାଗ ୩,୧୦୨.୦୩ କୋଟିରୁ ୧,୪୩୫.୭୨ କୋଟି, ଉଚ୍ଚଶିକ୍ଷା ବିଭାଗ ୨,୪୧୨.୩୭ କୋଟିରୁ ୧,୨୨୧.୫୧ କୋଟି, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ୩,୪୮୦.୪୦ କୋଟିରୁ ୨,୫୪୯.୨୫ କୋଟି ଟଙ୍କା ଖର୍ଚ୍ଚ କରିପାରିଛନ୍ତି। ଏହାବ୍ୟତୀତ ଅନ୍ୟ ବିଭାଗଗୁଡିକର ସ୍ଥିତି ମଧ୍ୟ ସମାନ। ୨୦୧୭-୧୮ ଆର୍ଥିକ ବର୍ଷରେ ମଧ୍ୟ ସମାନ ଅବସ୍ଥା ଥିଲା। ଅର୍ଥ ଖର୍ଚ୍ଚ ହେଉ ନ ଥିବାରୁ ବିକାଶ କାର୍ଯ୍ୟ ଧିମେଇ ଯାଉଛି।

ଅନ୍ୟପକ୍ଷରେ ଯେଉଁ ଡିଡିଓ(ଡ୍ରଇଂ ଆଣ୍ଡ ଡିସ୍‌ବର୍ସିଂ ଅଫିସର) ବିନା କାରଣରେ ଟ୍ରେଜେରିରୁ ଟଙ୍କା ନେଇ ଅନ୍ୟ ବ୍ୟାଙ୍କରେ ରଖୁଛନ୍ତି, ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଅର୍ଥ ବିଭାଗ ଚେତାଇ ଦେଇଛି। ଏ ନେଇ ଜିଲାପାଳ ଓ ବିଭିନ୍ନ ବିଭାଗକୁ ଜଣାଇ ଦିଆଯାଇଛି। ଜରୁରୀ ନ ପଡ଼ିଲେ ପଇସା ନ ଉଠାଇବାକୁ ତାଗିଦ କରାଯାଇଛି। ଯଦି କୌଣସି ଯୋଜନାର ଅର୍ଥ ଆର୍ଥିକ ବର୍ଷ ଶେଷ ହେବା ପୂର୍ବରୁ ଖର୍ଚ୍ଚ ହୋଇଯିବ, ଅର୍ଥ ବିଭାଗ ତୁରନ୍ତ ଅର୍ଥ ଯୋଗାଇବ। ଏଥିପାଇଁ ବିଧାନସଭା କିମ୍ବା କ୍ୟାବିନେଟ୍ ମଞ୍ଜୁରୀ ଆବଶ୍ୟକତା ପଡ଼ିବ ନାହିଁ। ରାଜ୍ୟର ଆର୍ଥିକ ସ୍ଥିତି ଠିକ୍ ରହିଛି, ରାଜ୍ୟ ଦ୍ରବ୍ୟ ଓ ସେବା ଟିକସ (ଜିଏସ୍‌ଟି) ଆଦାୟ ବୃଦ୍ଧି ପାଇଛି। ଜିଏସ୍‌ଟି କ୍ଷତିପୂରଣ ବାବଦରେ ସରକାର ୨୦୧୭-୧୮ ଆର୍ଥିକବର୍ଷରେ କେନ୍ଦ୍ରଠାରୁ ୨,୩୪୮.୫ କୋଟି, ୨୦୧୮-୧୯ରେ ୪,୨୪୧ କୋଟି ପାଇଥିବାବେଳେ ୨୦୧୯-୨୦ରେ ୨,୧୫୩ କୋଟି କ୍ଷତିପୂରଣ ପାଇବେ। ସେଥିରୁ ଏପର୍ଯ୍ୟନ୍ତ ୬୧୮ କୋଟି ଟଙ୍କା ମିଳିଛି। କେନ୍ଦ୍ର ସରକାର ୨୦୨୦ ଜାନୁୟାରୀ ୩୧ ସୁଦ୍ଧା ୩,୨୦୪.୭ କୋଟି ଟଙ୍କା ଜିଏସ୍‌ଟି କ୍ଷତିପୂରଣ ଦେଇଛନ୍ତି। ଜିଏସ୍‌ଟି କ୍ଷତିପୂରଣ ବାବଦରେ ରାଜ୍ୟକୁ ପ୍ରାୟ ୪ ହଜାର କୋଟି ଟଙ୍କାର କ୍ଷତିପୂରଣ ମିଳୁଥିବା ଜଣାପଡିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି ଚନ୍ଦ୍ର ନିଜ ରାଶିରେ ଅବସ୍ଥାନ କରିଥିବାରୁ ସୁନ୍ଦର ପାରିବାରିକ ଜୀବନ ଓ ସମସ୍ୟାମୁକ୍ତ କର୍ମକ୍ଷେତ୍ର ଯୋଗୁ ମନ ଖୁସୀ ରହିବ। ଶୁକ୍ରଙ୍କ ପ୍ରଭାବରେ ଆର୍ଥିକ ଉନ୍ନତି, ବନ୍ଧୁଗୃହକୁ ଯାତ୍ରା ସକାଶେ ମନ ବଳାଇପାରନ୍ତି। କିନ୍ତୁ ଶନିଙ୍କ ଦୃଷ୍ଟିପ୍ରଭାବରେ ଅଶ୍ୱିନୀ ପାଇଁ କାମରେ ବିଘ୍ନ ଓ କୃତିକା ବନ୍ଧୁବର୍ଗରେ କଳହର ଆଶଙ୍କା ରହିଛି।

**ବୃଷ**
ରବିଙ୍କ ସହ ନୀଚାରୋହୀ ବୁଧ ଆପଣଙ୍କୁ ବିଫଳ ଆଲୋଚନା ଓ ଅର୍ଥ ସମ୍ପର୍କୀୟ ବିବାଦ ଭିତରକୁ ଟାଣିନେବ। ଆନୁଷ୍ଠାନିକ, ସଂଗଠନ, ରାଜନୀତି କ୍ଷେତ୍ରରେ ଆନୁଷଙ୍ଗିକ ସହଯୋଗ ପାଇବାରେ କୌଣସି ଅସୁବିଧା ହେବନାହିଁ। କଚେରି ମାମଲା କ୍ଷେତ୍ରରେ ପୁନଶ୍ଚ ବାଇଦା ପକାଇବା ପାଇଁ ଆଇନଜ୍ଞଙ୍କୁ ଅନୁରୋଧ କରିପାରନ୍ତି।

**ମିଥୁନ**
ରାହୁଙ୍କ ଯୋଗୁ ମାନସିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ଚନ୍ଦ୍ରଙ୍କ ସ୍ଥିତି ଆପଣଙ୍କୁ ନିୟନ୍ତ୍ରଣ ମଧ୍ୟରେ ରଖିବାରେ ସମର୍ଥ ହେବ। ଆଶା କରିଥିବା ଦିଗରୁ ଅର୍ଥପ୍ରାପ୍ତି ହେବ। ଆରଦ୍ରା ନକ୍ଷତ୍ର କିନ୍ତୁ ଯେଉଁ କାମରେ ହାତ ଦିଅନ୍ତୁ ନା କାହିଁକି, ଆପଣଙ୍କ ଚେଷ୍ଟା କଦାପି ନିଷ୍ଫଳ ହେବନାହିଁ। ଆଜି ଆପଣଙ୍କର ଭାଇ, ବନ୍ଧୁ କିମ୍ବା ପଡୋଶୀମାନଙ୍କ ସହ ଆଲୋଚନା ଫଳପ୍ରଦ ହେବ।

**କର୍କଟ**
ଆଜି ରବି ଓ ଚନ୍ଦ୍ର ତଥା ଶୁକ୍ରଙ୍କ ଶୁଭତ୍ୱ ପ୍ରଭାବରେ ଆର୍ଥିକ ଦିଗରୁ, ବନ୍ଧୁ ସହଯୋଗରୁ, ରୋଗପୀଡା ଉପଶମରୁ ମନ ଖୁସୀ ହୋଇଯିବ। ପୁଷ୍ୟା ନକ୍ଷତ୍ର ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। କର୍ମକ୍ଷେତ୍ରରେ ସହକର୍ମୀ ପ୍ରଥମେ ବିରକ୍ତି ପ୍ରକାଶକରି ପରମୁହୂର୍ତ୍ତରେ କାମଟି କରିଦେବେ।

**ସିଂହ**
ଚନ୍ଦ୍ର ଦ୍ୱାଦଶ ସ୍ଥାନରେ ଥିବାରୁ କୌଣସି ଏକ ଜରୁରୀ କାମରେ ହଠାତ୍ ବାହାରକୁ ଯିବାକୁ ପଡିପାରେ। କର୍ମକ୍ଷେତ୍ରରେ ରହିଥିବା ସମସ୍ୟା ସମାଧାନ ହୋଇଯିବ କିନ୍ତୁ ପରିବାରରେ ମତଭେଦର ଆଶଙ୍କା ରହିଛି। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ। ଆନୁଷ୍ଠାନିକ କ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେଇପାରନ୍ତି।

**କନ୍ୟା**
ବୁଧ ରାଶିରେ ଷଷ୍ଠସ୍ଥାନସ୍ଥ ଯୋଗୁ ସ୍ୱାସ୍ଥ୍ୟ ଭଲ ରହିବ ନାହିଁ ଏବଂ ଋଣ ପରିଶୋଧ ପାଇଁ ଚାପର ସମ୍ମୁଖୀନ ହେବେ। ଗତକାଲିଠାରୁ ଆପଣ ଯେଉଁଥିପାଇଁ ଚିନ୍ତିତ ରହିପାରନ୍ତି, ସେଥିରେ ସଫଳତା ଅବଶ୍ୟ ପାଇବେ। ପାରିବାରିକ ପରିସ୍ଥିତି ଗମ୍ଭୀର ରହିବ । ବନ୍ଧୁଙ୍କୁ ପ୍ରିୟକଥା କହି ସମସ୍ୟା ସମାଧାନ କରିବା ସକାଶେ ଚେଷ୍ଟିତ ହେବେ।

**ତୁଳା**
ଶୁକ୍ରଙ୍କ ଶୁଭଦୃଷ୍ଟିରୁ ଦୈହିକ ଏବଂ ମାନସିକ ସୁସ୍ଥତା ଅକ୍ଷୁଣ୍ଣ ରହିବ। ବନ୍ଧୁମାନଙ୍କ ଜରିଆରେ କାମ ହାସଲ ସକାଶେ ଆଲୋଚନା କରିପାରନ୍ତି। ସରକାରୀ ସ୍ତରର କାମ ଓ ପଦସ୍ଥ ବ୍ୟକ୍ତିବିଶେଷଙ୍କ ସାହାଯ୍ୟରୁ ଉପକୃତ ହେବେ। ଆଜିର ଯାତ୍ରା, ବାଣିଜ୍ୟ, ପାରିବାରିକ ସ୍ଥିତି, ବିବାଦୀୟ ଘଟଣାର ଆଲୋଚନା କ୍ଷେତ୍ରରେ ରୋକ୍ ଲାଗିପାରେ।

**ବିଛା**
ଭାଗ୍ୟସ୍ଥାନରେ ଚନ୍ଦ୍ର ଆପଣଙ୍କ ପ୍ରତ୍ୟେକ କାର୍ଯ୍ୟକୁ ସୁରୁଖୁରୁରେ ସମ୍ପନ୍ନ କରିବା ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିବେ। ବନ୍ଧୁଙ୍କ ଉପରେ ଅଯଥା ରାଗ କିମ୍ବା ଅଭିମାନ କରି ଚୁପ୍ ରହିଲେ କ୍ଷତିରେ ପଡିପାରନ୍ତି। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ କଥା ଓ କାମ ମନକୁ ନ ପାଇଲେ ମଧ୍ୟ କିଛି କରି ପାରିବେ ନାହିଁ। ମାଙ୍ଗଳିକ କାମ ସକାଶେ ଆଲୋଚନା କରିପାରନ୍ତି।

**ଧନୁ**
ଆତ୍ମୀୟମାନଙ୍କ ସହାୟତାରେ ପାରିବାରିକ ଅସ୍ଥିରତା ଦୂର ହେବାର ଆଶା କରାଯାଇପାରେ। କର୍ମକ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବାକୁ ପଡିବ। ଧନଭାବସ୍ଥ ଶନି ପ୍ରଭାବରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଭ୍ରାତୃ ସମ୍ପର୍କରେ କିଛିଟା ବ୍ୟତିକ୍ରମ ପରିଲକ୍ଷିତ ହେବ। ଆର୍ଥିକ ଦିଗରୁ କେତେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡିବ।

**ମକର**
ଶାରୀରିକ ଅସୁସ୍ଥତା ଦୂରହେବା ସହ ବନ୍ଧୁମିଳନରୁ ଖୁସୀ ହେବେ। ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ, ନତୁବା ଅଦଳବଦଳ ହୋଇଯାଇପାରେ । ଶୁକ୍ରଙ୍କ ଶୁଭ ସଂସ୍ଥିତିରୁ ଆନୁଷ୍ଠାନିକ କାମରୁ ଖୁସି ରହିବେ ଏବଂ ପ୍ରଶଂସିତ ମଧ୍ୟ ହେବେ। ଶିଳ୍ପ, ବାଣିଜ୍ୟ, ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇପାରନ୍ତି।

**କୁମ୍ଭ**
ରବି ନିଜ ରାଶିରେ ରହି ସପ୍ତମଭାବକୁ ଅବଲୋକନ କରୁଥିବାରୁ ଦୈହିକ ସୁସ୍ଥତା ଓ ବିଶିଷ୍ଟବ୍ୟକ୍ତିଙ୍କ ସଙ୍ଗଲାଭ କରିବେ। ଯାତ୍ରା ଫଳପ୍ରଦ ହେବ ଓ ଯେଉଁ କାମରେ ବାହାରିଛନ୍ତି ସେଥିରେ କୌଣସି ପ୍ରକାରର ଅସୁବିଧା ହେବ ନାହିଁ। କିନ୍ତୁ ସମସ୍ୟା ବୃଦ୍ଧି କାରଣରୁ ପାରିବାରିକ ଭାବପ୍ରବଣତା ଆପଣଙ୍କୁ କେତେମାତ୍ରାରେ ବିବ୍ରତ କରିପାରେ।

**ମୀନ**
ଧନସ୍ଥାନରେ ଶୁକ୍ର ରହିଥିବାରୁ ଆଜି ଦିନଟିରେ ଅର୍ଥ ଓ ସମ୍ମାନ ପାଇବାରେ ନିଜ ଲୋକମାନଙ୍କ ସାହାଯ୍ୟ ଅବିସ୍ମରଣୀୟ ରହିବ। ବନ୍ଧୁଙ୍କ ନିମନ୍ତ୍ରଣ କ୍ରମେ ପରିଜନଙ୍କ ସହ ଦୂରଯାତ୍ରାର ସୁଯୋଗ ପାଇବେ। ଅଫିସ୍ କାମରେ ବ୍ୟସ୍ତ ରହିପାରନ୍ତି । ବାଣିଜ୍ୟ, ବ୍ୟବସାୟ, କଳା, ସାହିତ୍ୟ ତଥା ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ଥିବା ସମସ୍ୟାର ସମାଧାନ ହୋଇଯିବ।

ଆଜି ଫାଲ୍‌ଗୁନ ଶୁକ୍ଳ ଦ୍ୱାଦଶୀ ଯୁକ୍ତ ତ୍ରୟୋଦଶୀ ଶନିବାର, ସାମାନ୍ୟ ଗୋବିନ୍ଦ ଦ୍ୱାଦଶୀ ସ୍ନାନ, ମାର୍ଚ୍ଚ ୭ ତାରିଖ,ରାଶି ନକ୍ଷତ୍ର, ଦିବା ଘ.୯।୨୪ମି. ଗତେ, ଅଶ୍ଲେଷା/କର୍କଟ, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୧।୫୭ମି. ଗତେ ଘ.୧।୨୬ମି. ମଧ୍ୟେ, ଘ.୨।୫୫ମି. ଗତେ ଘ.୪।୨୬ମି. ମଧ୍ୟେ ଅମୃତ ବେଳା । ସକାଳ ଘ.୭।୩୦ମି. ଗତେ ଘ.୮।୫୯ମି. ମଧ୍ୟେ ମାହେନ୍ଦ୍ରବେଳା । ଦିବା ଘ.୯।୦୧ମି. ଗତେ ଘ.୧୦।୨୯ମି. ମଧ୍ୟେ ରାହୁକାଳ।


## classifieds Everyday
0674-2580101, 2549302




**SALE**

Hyundai Elantra, Volkswagen Vento, Pajero Sports, Indica, Skoda Superb, Toyota Corolla Altis. Car sale/ purchase and finance- 7077731532, 7381091234. D-68498




**SALE**

**Bhubaneswar Patia KIIT University ନିକଟରେ BDA yellowzone plot 30'road, electricity boundary ଥାଇ sqft.-850/-,1000/- (installment/ outrightରେ) ମିଳୁଅଛି। 9937025614, 7008390130.** D-68480

ଭୁବନେଶ୍ୱର Sum Hospital, IIIT, Birla University ନିକଟ କାଟେଣୀରେ gharabari boundary Patta plot-499/-, 7077730754. D-69103

**ଭୁବନେଶ୍ୱର ବାଳକାଟି ବଜାରରୁ 2km sqft.- 550/-, (ଘରବାରି) କଟଣୀଗେଟ୍‌ଠାରେ sqft.- 200/-, କଟକ ତ୍ରିଶୁଳିଆରୁ 4km sqft.-300/- ପ୍ଲଟ୍ ମିଳୁଅଛି। 7978939440, 9178004547.** D-68489

**Sale of land 2600sqft. with house builtup area 1485sqft. carpet area 1167sqft. at plot 843/844 Talasahi, Laxmisagar, Bhubaneswar. Cost is Rs.1.45 Crore. Contact: 9437506708.** D-17004

Bhubaneswar, Patia, Bigbazar ରୁ 3.5k.m ଘର କରିବା ପାଇଁ plot 50 x 30= 1500sqft. କୁ 8,25,000/- ରେ ମିଳୁଛି। 9937065503, 8249005131, 9337061817. D-68500

**ବାଲିଅନ୍ତା ପାଖରେ ସଙ୍ଗେ ସଙ୍ଗେ ଘରକଲା ଭଳି ଘରବାରି ବାଉଣ୍ଡରି, ଇଲେକ୍‌ଟ୍ରି ସୁବିଧା ଥାଇ ପ୍ଲଟ୍ ମିଳୁଅଛି। 9437166686, 7609956035.** D-68487

**ଭୁବନେଶ୍ୱର Tamandoରେ 30'ରାସ୍ତା ଥାଇ/ C.V Raman NHକୁ ଲାଗି ପ୍ଲଟ୍ କିଣନ୍ତୁ। 9348767829.** D-68499

**Schedule caste gharabari boundary corner plot sale IIT Argul Station Bazar 5000sqft. 10,50,000/, 9439006524.** D-69102

4BHK readymade flat sale at VIP Road, Puri and 1BHK at C.T Road. 1.5 kilometre distance from Srijagannath Temple & 500 meter from Sea beach. Call: 9438109040, 8144658008. D-17048

**Holi Offer:- Book ready to move 2BHK/ 3BHK flats with all amenities @ "The Landmark" apartment from Bhubaneswar. It is the best right side Sundarpada location project. Basic price per sqft. is 2800/- for top floor & other floor is 3,000/-. Holi discount 50,000/- for 3BHK & 30,000/- for 2BHK. 9938569014, 9861433014.** D-17003

**ମୋର ନିଜସ୍ୱ ପ୍ଲଟ୍ ଘାଟିକିଆ ଏବଂ କଳିଙ୍ଗ ବିହାରରେ, Duplex ଅନ୍ଧାରୁଆରେ ଓ 40,000 sqft. ଫାର୍ମହାଉସ୍ ଅଛି। କେବଳ କିଣିବା ଲୋକ ଯୋଗାଯୋଗ କରନ୍ତୁ। 9438166196.** D-17045

Contact for complete Simplex/ Duplex/ Triplex House Construction and Interior Design from the experts. Call- 7008550473. D-17042

**2/3BHK ready to move premium duplex and flats at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-17044

**Flats for sale at DHPL Crystal Raghunathpur. Contact: 9937059891, 8908292617.** D-17043

**Patia Station ପାଖରେ ଘରବାରି ପ୍ଲଟ୍ (Immediate construction) 1200କୁ 16,00,000/- electricity available. 9937686826, 7381060013.** D-69106

**BDA yellowzone, gharabari boundary wall with electricity & gated community plot sale near SUM Hospital, Gothapatna, Bhubaneswar. Cost @ 1300 per sqrft. Mob: 9938867397.** D-17027

Book 3BHK duplex having land area 1400 sqft. and construction area 2100 sqft. at Nandan Vihar, Patia, Bhubaneswar. Price- 77lakhs, 7504392698. D-69239

**Farm House for sale (area- 3.0AC) at Badamba, Cuttack near Maniabandha Petrol Pump. Wire ବାଉଣ୍ଡରୀ/ 1.0AC ବଡ଼ ପୋଖରୀ/ firmର ସବୁ ଜାଗାକୁ ପାଣି ପାଇପ୍ connection ହୋଇଛି/ electric connection ସହିତ ରହିବା ପାଇଁ ଛାତ ଘର (3 Rooms) ଏବଂ ଗୋରୁ ଗୁହାଳ ସହ ଅଛି। 100 ଆମ୍ବଗଛ ଅଛି। ଏହି ବଗିଚାର ଚାରିକଡ଼କୁ ଲାଗି ୫୦୦ ରୁ ୭୦୦ ଆକାଶିଆ ଗଛ ଅଛି। 7008812379, 9937764514.** D-17047

**ଭୁବନେଶ୍ୱର ପାତ୍ରପଡା Amber ପଛପଟେ 30'Road ଘରବାରି ପ୍ଲଟ୍ ମିଳୁଅଛି। Direct owner. 6370292040.** D-69106

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com




**Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech – 9040008777.** D-16719

**Construction residential, commercial for 450/- & 850/-. 8018961216.** D-16856




Office/ residence ground, 1st floor Bapuji Nagar, Bhubaneswar. Contact: 9437205577. D-67546

2100sqft. residential flat on first floor 2½BHK with parking space in Budha Nagar near Kalpana Square, Bhubaneswar for rent Rs.21,000/-. Contact: 9937143979, 9801330821. D-68233




Ayurvedic full body massage ladies/gents smart experts therapist:- 8480939300. D-68795

Fully body massage male to male home service available. 9090466257. D-17011

Full body herbal massage with refreshment expert therapist. 7381239385, 06742540855. D-69232

Experience full body massage with us (expert). Call: 7377048581, 06742597822. D-69233

Herbal full body massage by smart / expert therapist. Contact: 8338067247. D-69234

Ayurvedic refreshment massage therapy refresh mind and body. Appointment: 7894855541. D-69301

Newly open full body massage by ladies, gents therapist. 8018656899 D-60878

Monalisa Massage Club: All types body massage with hiprofile smart lady rooms service available- 9708545108. D-17005

Experience winter therapeutic Abhyanga massage feeling refreshing energetic: Appointment- 9668374480. D-69235

Body massage @ 1099 at mystic Unisex Salon and Spa. 9556978408. D-69237

Rejuvenate and Ayurvedic full body massage by smart therapist. 9114402304. D-69236

Ayurvedic full body massage ladies and gents. Contact- 9861064981. D-68794

**AFFIDAVIT**

I, Asish Rout, S/o- Gagana Bihari Rout R/o- Kalantira, Sompur, Jagatsinghpur, Odisha- 754130, have changed my father and mother name to Gagan Bihari Rout & Swarnalata Rout Dt- 06.03.2020. D-17034

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

DSPL-301

ODISHA
NEW OPPORTUNITIES




# ODISHA The New Manufacturing Hub of India

Odisha has emerged as the **#1 investment destination** in India, with 18% share of all investments nationally during April-September, 2019

After the 8 phases of ground-breaking/inauguration and the successful organization of the Make in Odisha Conclave 2018, Invest Odisha is proud to announce...

# 9th PHASE

## Ground-breaking/Inauguration

26 New Industrial Projects* spanning 10 Sectors across 9 districts

by

## Shri Naveen Patnaik

**Hon'ble Chief Minister**

**7th March 2020**

### Inauguration

Aditya Birla Renewable, Boudh | Jindal Stainless Ltd, Jajpur | AKM Agro, Khurda

### Ground-breaking

Rungta Mines Limited (RML), Sundargarh | Shri Jagannath Steel & Power Limited, Keonjhar | Kamaljeet Singh Ahluwalia, Keonjhar | MSP Sponge Iron Limited, Keonjhar | Kashika Metaliks Limited, Jajpur | Kashvi International (P) Ltd, Keonjhar | Ilex Developers & Resorts Ltd, Khurdha | Dibya Multigrains Pvt. Ltd., Cuttack | Sidhi Vinayak Oxygen, Cuttack | Tarini Packaging & Graphics, Cuttack | Fun Leela Water Park, Jharsuguda | Furtune Powernic Solutions (P) Ltd., Cuttack | Recaardus Enterprises, Cuttack | Riddhi Binayak Pet Industries, Cuttack | Laxmi Priya Agro Food Processing, Cuttack | East Coast Thermocol & Paper Products, Balasore | Ganapati Steel Industry, Balasore | Raj Udyog, Balasore | Turbo Classic, Rourkela | Tirupati Plastic, Cuttack | Dishu Surgicals, Dhenkanal | Rowan Mills (P) Ltd., Cuttack | Venus Cotton Industries, Balasore

#Source: Center for Monitoring Indian Economy (CMIE)

***Investment of ₹5567.5 crore with potential employment for 9168**

OIPR-14005/13/0016/1920

E-mail us at: info@investodisha.org | Toll Free Number: 1800 345 7111
For further information please visit http://www.investodisha.gov.in/

Invest Odisha Mobile app
Follow us on @investInOdisha /InvestOdisha

ଧରିତ୍ରୀ
DHARITRI
ଶନିବାର, ୭ ମାର୍ଚ୍ଚ, ୨୦୨୦



ଏହା ସତ୍ୟ ଯେ, ଏହି ଜଗତ ଏକ ବିପଜ୍ଜନକ ସ୍ଥାନ, ଯେଉଁଠାରେ କି ମିଥ୍ୟା ଜୀବନ୍ତ ଭାବେ ତିଷ୍ଠି ରହିଛି। ଶ୍ରୀଅରବିନ୍ଦ କହନ୍ତି– କେବଳ ସେଇମାନେ ହିଁ ନିରାପଦ, ଯେଉଁମାନେ ଭଗବାନଙ୍କୁ ସେମାନଙ୍କ ହୃଦୟରେ ଧରି ରଖିଛନ୍ତି। ନିର୍ଭୟ ହୁଅ। ଠିକ୍ ରାସ୍ତା ଅନୁକରଣ କର।
–ଶ୍ରୀମା

# ଭିନ୍ନମତ ପାଇଁ ଜାଗା ନାହିଁ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଏବେ ଗ୍ରହଣ କରାଯାଇଥିବା ଏକ ପଦକ୍ଷେପ ୨୦୧୦ରେ ମୋଦି ସରକାରଙ୍କ ପ୍ରଥମ ପାଳିରେ ଘଟିଥିବା ଅନୁରୂପ ଘଟଣାକୁ ସ୍ମରଣ କରାଇଦେଇଛି। ନୂତନ କେନ୍ଦ୍ରୀୟ ଭିଜିଲାନ୍ସ କମିଶନର (ସିଭିସି) ଭାବେ ସଞ୍ଜୟ କୋଠାରୀ ଏବଂ ନୂତନ କେନ୍ଦ୍ରୀୟ ସୂଚନା କମିଶନର ଭାବେ ବିମଲ ଜୁଲ୍‌କାଙ୍କ ନିଯୁକ୍ତି ବିବାଦ ଭିତରକୁ ଟାଣି ହୋଇଯାଇଛି। ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗଠିତ ଉଚ୍ଚ କ୍ଷମତାସମ୍ପନ୍ନ ଚୟନ କମିଟିର କଂଗ୍ରେସ ସଦସ୍ୟ ଅଧୀର ରଞ୍ଜନ ଚୌଧୁରୀ ଏହି ନିଯୁକ୍ତିକୁ ଦୃଢ ବିରୋଧ କରିଛନ୍ତି। କୋଠାରୀ ଭାରତର ରାଷ୍ଟ୍ରପତିଙ୍କ ସଚିବ ଥିବାବେଳେ ପୂର୍ବତନ ସୂଚନା ଓ ପ୍ରସାରଣ ସଚିବ ଥିବା ଜୁଲ୍‌କା ଏବେ ସୂଚନା କମିଶନର ଅଛନ୍ତି। ଚୟନ କମିଟି ମଧ୍ୟରେ ରହିଥିବା ଦୋଷଦୁର୍ବଳତା ଉପରେ ଚୌଧୁରୀ ଆପତ୍ତି ଉଠାଇଛନ୍ତି। ଚୟନ କମିଟିରେ ରାଜସ୍ୱ ସଚିବ ରାଜୀବ କୁମାରଙ୍କ ଉପସ୍ଥିତିକୁ ନେଇ ସେ ଆପତ୍ତି କରିଥିଲେ, କାରଣ କୁମାର ନିଜେ ସିଭିସି ପଦ ପାଇଁ ଅନ୍ୟତମ ଆବେଦନକାରୀ ଥିଲେ ! କୁମାରଙ୍କ ସହିତ କମିଟିରେ ଥିବା ଅନ୍ୟ ସଦସ୍ୟମାନେ ହେଉଛନ୍ତି କ୍ୟାବିନେଟ ସଚିବ ରାଜୀବ ଗୌବା ଏବଂ କାର୍ମିକ ଓ ପ୍ରଶିକ୍ଷଣ ବିଭାଗ ସଚିବ ସି. ଚନ୍ଦ୍ରମୌଳି। ଚୌଧୁରୀଙ୍କ ପ୍ରତିବାଦକୁ ସଂଖ୍ୟାଧିକ ନିଷ୍ପତ୍ତି କ୍ରମେ ଅଣଦେଖା କରାଯାଇଥିଲା, କିନ୍ତୁ ମୋଦିଙ୍କ ଦ୍ୱାରା ନିଆଯାଇ ସାରିଥିବା ନିଷ୍ପତ୍ତିର ଏହା କେବଳ ଔପଚାରିକତା ଥିଲା ବୋଲି ସେ କୌଣସି ପ୍ରକାରେ ସ୍ୱର ଉତ୍ତୋଳନ କରିବାକୁ ସକ୍ଷମ ହୋଇଥିଲେ।

### ୟୁପି ବାବୁଙ୍କ ଭବିଷ୍ୟତ କୋମାରେ

ଉତ୍ତରପ୍ରଦେଶ ସରକାର ଏହାର ବରିଷ୍ଠ ବାବୁମାନଙ୍କୁ କେନ୍ଦ୍ରୀୟ ପ୍ରତିନିଯୁକ୍ତି ପାଇଁ ପଠାଇବାକୁ ଅନିଚ୍ଛୁକ ଥିବା କଥାକୁ ନେଇ ବିଶେଷକରି ୧୯୮୮ ଓ ୧୯୯୯ ବ୍ୟାଚ୍‌ର ବାବୁମାନେ ଅସନ୍ତୁଷ୍ଟ ଥିବା ଜଣାପଡ଼ିଛି। ୧୯୮୬ ଓ ୧୯୮୭ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀମାନେ ପ୍ରମୁଖ ସଚିବ ପଦରୁ ଅତିରିକ୍ତ ମୁଖ୍ୟ ସଚିବ ପଦକୁ ପଦୋନ୍ନତି ପାଇଥିବାବେଳେ ତା' ପର ବ୍ୟାଚ୍‌ର ଅଧିକାରୀମାନେ ପଦୋନ୍ନତି ପାଇବାକୁ ହକ୍‌ଦାର। କିନ୍ତୁ ଯୋଗୀ ସରକାର ଏଥିଲାଗି ଆଗ୍ରହ ଦେଖାଉ ନାହାନ୍ତି। ଗୁଜରାଟ ସରକାର ଅତିରିକ୍ତ ମୁଖ୍ୟ ସଚିବ ଭାବେ ତାଙ୍କ ରାଜ୍ୟର ୧୯୮୯ ବ୍ୟାଚ୍ ଆଇଏଏସ୍ ଅଧିକାରୀମାନଙ୍କ ପଦୋନ୍ନତି ଲାଗି ପଥ ପରିଷ୍କାର କରିବା ପରଠାରୁ ଉତ୍ତରପ୍ରଦେଶ ବାବୁମାନେ ଅଶାନ୍ତିରେ ଅଛନ୍ତି। ସେମାନେ ଅନୁଭବ କରୁଛନ୍ତି ଯେ, ସେମାନଙ୍କୁ ତାଙ୍କ ନ୍ୟାଯ୍ୟ ଅଧିକାରରୁ ବଞ୍ଚିତ କରାଯାଉଛି। କେବଳ ନିଜ ରାଜ୍ୟରେ ପଦୋନ୍ନତି ଦୃଷ୍ଟିରୁ ନୁହେଁ, ବରଂ ସେମାନଙ୍କ କ୍ୟାରିୟର ଲାଗି ନିହାତି ଆବଶ୍ୟକ ମନେ କରାଯାଉଥିବା କେନ୍ଦ୍ରୀୟ ପ୍ରତିନିଯୁକ୍ତି ସୁଯୋଗରୁ ବି ସେମାନଙ୍କୁ ବଞ୍ଚିତ କରାଯାଉଛି। ତେଣୁ ସେମାନଙ୍କ ଭବିଷ୍ୟତ ଏବେ କୋମାରେ। କୁହାଯାଉଛି କି, ଅତିରିକ୍ତ ମୁଖ୍ୟ ସଚିବ ପଦ ସଂଖ୍ୟା ନିର୍ଦ୍ଧାରିତ ହୋଇଥିବାରୁ ଯୋଗୀ ସରକାର ନାଚାର। ତେବେ କାହିଁକି ୟୁପି ମୁଖ୍ୟମନ୍ତ୍ରୀ କେନ୍ଦ୍ରୀୟ ପ୍ରତିନିଯୁକ୍ତି ପାଇଁ ବାବୁମାନଙ୍କୁ ଅନୁମତି ଦେଉନାହାନ୍ତି ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ।

### ସ୍ୱତନ୍ତ୍ର କ୍ୟାଡର ଦାବି

ଅରୁଣାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ପେମା ଖଣ୍ଡୁ ତାଙ୍କ ରାଜ୍ୟ ପାଇଁ ସ୍ୱତନ୍ତ୍ର ଆଇଏଏସ୍ କ୍ୟାଡର ଦାବି ଦୋହରାଇଛନ୍ତି। ନିକଟରେ ଅରୁଣାଚଳରେ ରାଜ୍ୟ ମାନ୍ୟତା ଦିବସ ପାଳନ ଅବସରରେ ଖଣ୍ଡୁ ରାଜ୍ୟର ଦ୍ରୁତ ବିକାଶ ସକାଶେ ସ୍ୱତନ୍ତ୍ର କ୍ୟାଡର ସୃଷ୍ଟି ନିମନ୍ତେ ରହିଥିବା ସମସ୍ତ ଔପଚାରିକତା ପୂରଣ ଲାଗି କାର୍ଯ୍ୟ କରିବା ପାଇଁ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ନିକଟରେ ଦାବି କରିଛନ୍ତି। ରାଜ୍ୟ ପ୍ରତିଷ୍ଠା ହେବାର ୩୩ ବର୍ଷ ପରେ ବି ଅରୁଣାଚଳ ପ୍ରଦେଶର ପ୍ରଶାସନିକ ଅଧିକାରୀମାନଙ୍କ ପାଇଁ ନିଜସ୍ୱ କ୍ୟାଡର ନାହିଁ। ବର୍ତ୍ତମାନ ପ୍ରଶାସନିକ ଅଧିକାରୀମାନେ ଅରୁଣାଚଳ ପ୍ରଦେଶ, ଗୋଆ, ମିଜୋରାମ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡିକ ପାଇଁ ଥିବା ସାଧାରଣ ଏଜିଏମ୍‌ୟୁଟି କ୍ୟାଡରରୁ ଆସି କାର୍ଯ୍ୟ କରୁଛନ୍ତି। ରାଜ୍ୟ ଏକ ଉତ୍ସର୍ଗୀକୃତ ପ୍ରଶାସନିକ ଅଧିକାରୀଙ୍କ ଟିମ୍ ଆବଶ୍ୟକ କରେ ବୋଲି ଖଣ୍ଡୁ ଶାହାଙ୍କୁ କହିଛନ୍ତି, ଯେଉଁମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୂଆ ଭାରତର ସ୍ୱପ୍ନକୁ ସାକାର କରିବାରେ ସାହାଯ୍ୟ କରିପାରିବେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାଜ୍ୟରେ ଅସ୍ଥାୟୀ ଆଇଏଏସ୍ ଓ ଆଇପିଏସ୍ ଅଧିକାରୀମାନଙ୍କ ନିଯୁକ୍ତି ଯୋଗୁ ସଂସ୍ଥାଗତ ଦକ୍ଷତା ହ୍ରାସ ପାଉଛି, ଯାହାଦ୍ୱାରା ବିକାଶର ଗତି ମନ୍ଥର ହୋଇଯାଉଛି। ସଂସ୍ଥାଗତ ଦକ୍ଷତା ଏକ ଗ୍ରୁପ୍‌ର ସାମଗ୍ରିକ ଜ୍ଞାନ ଓ ଅଭିଜ୍ଞତାକୁ ବୁଝାଏ। ଅରୁଣାଚଳ ପ୍ରଦେଶ ରାଜ୍ୟପାଳ ବି.ଡି. ମିଶ୍ର ମଧ୍ୟ ସମାନ ଦାବି ଉଠାଇଛନ୍ତି। ରାଜ୍ୟ ବିଧାନସଭାରେ ବି ରାଜ୍ୟ ପାଇଁ ସ୍ୱତନ୍ତ୍ର ଆଇଏଏସ୍, ଆଇପିଏସ୍ ଓ ଆଇଏଫ୍‌ଏସ୍ କ୍ୟାଡର ସୃଷ୍ଟି ଲାଗି ଏକ ପ୍ରସ୍ତାବ ଗୃହୀତ ହୋଇଛି।

Email: dilipcherian@gmail.com

# ମୁଁ କରୋନା କହୁଛି



ପ୍ରକାଶ ତ୍ରିପାଠୀ

ହାଲୋ ବିଶ୍ୱବାସୀ! ମୁଁ କରୋନା କହୁଛି। କରୋନା ଭାଇରସ୍, ମାନେ ସାରା ବିଶ୍ୱରେ କୋକୁଆ ଭୟ ସୃଷ୍ଟି କରିଥିବା କୋଭିଡ୍–୧୯ ରୋଗ ସୃଷ୍ଟିକାରୀ ଭାଇରସ୍ କରୋନା। ଜଗତୀକରଣ ଯୁଗରେ ପଦାକୁ ବାହାରୁ ବାହାରୁ ମୋର ବି ଜଗତୀକରଣ ହୋଇଗଲାଣି। ମାତ୍ର ଦିନ କେଇଟାରେ ୯୦ଟା ଦେଶ ବୁଲି ସାରିଲିଣି। ପଶୁଜନ୍ତୁମାନେ ମୋର ପ୍ରିୟ। ମୁଁ ସେହିମାନଙ୍କ ପାଖରେ ରୁହେ। ଶୁଣିଲି ଯେ ବର୍ତ୍ତମାନ ସମୟରେ ମଣିଷମାନେ ବି ପଶୁ ହୋଇଗଲେଣି। ସେଥିପାଇଁ ମୁଁ ପଶୁରୁ ବାହାରି ମଣିଷଙ୍କ ପାଖକୁ ଚାଲିଆସିଛି। ବାଃ, ବଢିଆ ଲାଗୁଛି। ଚାଇନାର ଉହାନ ସହରରୁ ମୁଁ ମୋର ବିଶ୍ୱ ପରିକ୍ରମା ଆରମ୍ଭ କରିଛି। ମୁଁ କେମିତି ପଦାକୁ ବାହାରିଲି, ତାକୁ ନେଇ ସମ୍ପ୍ରତି ଅନ୍ତର୍ଜାତୀୟ ସ୍ତରରେ ଚର୍ଚ୍ଚା ଚାଲିଛି। ଚାଇନା ବିରୋଧୀ ଲୋକେ କହୁଛନ୍ତି, ଉହାନ ସହରରେ ଚାଇନାର ଜୈବିକ ଅସ୍ତ୍ର ଗବେଷଣାଗାର ରହିଛି। କିଛି ବିଶେଷଜ୍ଞଙ୍କ ଅସାବଧାନତା ଯୋଗୁ ମୁଁ ବାହାରକୁ ଆସିଗଲି। ଆଉ କିଛି ବିଶେଷଜ୍ଞ କହୁଛନ୍ତି, ଉହାନ ନିକଟବର୍ତ୍ତୀ ବିଶାଳ ପଶୁବଜାରରୁ ମୁଁ ବାହାରକୁ ଆସିଛି। ଚାଇନା ଲୋକଙ୍କ ବିଚିତ୍ର ଖାଦ୍ୟାଭ୍ୟାସ (କଞ୍ଚା ମାଂସ ଭକ୍ଷଣ) ଏଥିପାଇଁ ଦାୟୀ ବୋଲି ସେମାନଙ୍କ ମତ।

ଏବେ ସାରା ବିଶ୍ୱରେ ଏକମାତ୍ର ଚର୍ଚ୍ଚିତ ନାମ ହେଉଛି କରୋନା। ପ୍ରିଣ୍ଟ ମିଡିଆଠାରୁ ଆରମ୍ଭ କରି ଇଲେକ୍ଟ୍ରୋନିକ୍ ମିଡିଆ, ସୋସିଆଲ ମିଡିଆଠାରୁ ଖଟି ସ୍ଥଳ ସବୁଠି ମୋର ଚର୍ଚ୍ଚା। ପ୍ରତି ମୁହୂର୍ତ୍ତରେ ମୋର ଅପଡେଟ୍। ପ୍ରକୃତରେ ମୁଁ ଭାରି ଅଳସୁଆ। ବେଶି କାମଦାମ କରିପାରେ ନାହିଁ। ସେଥିପାଇଁ ମୋ ସାଥୀ ଓ ସହୋଦର 'ଇବୋଲା', 'ଫ୍ଲୁ', 'ଆନ୍ଥ୍ରାକ୍ସ' ଓ 'ସାରସ' ଆଦି ମୋତେ ସବୁବେଳେ କୁହନ୍ତି କିଛି କର, କିଛି କର, କିଛି କରନା। ଏମିତି କହୁ କହୁ ଶେଷରେ ମୋ ନାମ ବି ରଖିଦେଲେ 'କରୋନା'। ଏବେ ମୁଁ କିଛି କରିବାକୁ ବାହାରିଛି। ଆପଣମାନେ ବି ଏବେ ଜାଣିପାରୁଥିବେ ମୁଁ କ'ଣ କରିପାରୁଛି। ପ୍ରାୟ ତିନିହଜାର ମଣିଷଙ୍କୁ ମରଣମୁହଁକୁ ପଠାଇବା ସହ ଲକ୍ଷାଧିକ ଲୋକଙ୍କୁ ଆକ୍ରାନ୍ତ କରିରଖିଛି। ଯେହେତୁ ମୁଁ ପ୍ରଥମ ଥର ପାଇଁ ମଣିଷଙ୍କ ପାଖକୁ ଆସିଛି, ସେଥିପାଇଁ ମୋତେ ସଫଳ ମୁକାବିଲା କରିବାକୁ ବିଶ୍ୱବାସୀ ଅକ୍ଷମ। ସେମାନଙ୍କ ବୁଦ୍ଧି ହଜିଯାଉଛି। କୌଣସି ଉପଚାର କରିପାରୁନାହାନ୍ତି। ମୋ ନାଁ ଶୁଣିଲେ ସମସ୍ତେ ଏବେ ଭୟରେ ଥରୁଛନ୍ତି। ଆମେରିକା, ଫ୍ରାନ୍ସ ଭଳି ସମୃଦ୍ଧିଶାଳୀ ଦେଶଗୁଡିକ ବି ଚାଇନାର ଅସହାୟତାକୁ ଦେଖି ଛାନିଆ, ଏବେ ମୁଁ ଯେଉଁ ଯେଉଁ ଦେଶକୁ ଯାଉଛି, ସେହିସବୁ ଦେଶର ସରକାର ସବୁ କାମ ଛାଡି ମୋତେ କିପରି ମୁକାବିଲା କରିବେ ସେଥିପାଇଁ ଉପାୟ ଚିନ୍ତା କରୁଛନ୍ତି। ଘଡିକି ଘଡି ଉଚ୍ଚସ୍ତରୀୟ ବୈଠକ ଡାକୁଛନ୍ତି। ମାତ୍ର ଦୁଇ ସପ୍ତାହ ଭିତରେ ମୋ ଦ୍ୱାରା ଆକ୍ରାନ୍ତଙ୍କ ଚିକିତ୍ସା ପାଇଁ ସମସ୍ତ ଅତ୍ୟାଧୁନିକ ସରଞ୍ଜାମ ଥିବା ଦୁଇଟି ବିଶାଳ ହସ୍ପିଟାଲ ନିର୍ମାଣ କରି ଚାଇନା ସମଗ୍ର ବିଶ୍ୱରେ ନୂତନ ରେକର୍ଡ ସୃଷ୍ଟି କରିବା ସହ ପ୍ରକାରାନ୍ତରେ ମୋର ଗୁରୁତ୍ୱ ବଢ଼ାଇ ଦେଇଛି। ଉହାନ ସହରର ଅନତିଦୂରରେ ୧୬୦୦ ଶଯ୍ୟାବିଶିଷ୍ଟ ଲେସେନ୍‌ସା ହସ୍ପିଟାଲ ଓ ୧୨୦୦ ଶଯ୍ୟାବିଶିଷ୍ଟ ହୋସେନ୍‌ସା ହସ୍ପିଟାଲ ନିର୍ମାଣ ସହ ଦେଶର ଅଧିକାଂଶ ଜିମ୍ ସେଣ୍ଟର, ପ୍ରଦର୍ଶନୀ ଗୃହଗୁଡିକୁ ଚାଇନା ସରକାର ସାମୟିକ ଭାବେ ହସ୍ପିଟାଲରେ ରୂପାନ୍ତରିତ କରିସାରିଛନ୍ତି। ମୋର ପ୍ରକୋପକୁ ଦେଖି ସମସ୍ତେ ଏବେ ମୋତେ ରାକ୍ଷସ ଓ ମୃତ୍ୟୁଦୂତ ବୋଲି ଡାକିଲେଣି। ସବୁ ଦେଶ ଏବେ ସେମାନଙ୍କ ସୀମା ଜଗିବାରେ ବ୍ୟସ୍ତ। ଜଳ, ସ୍ଥଳ ଓ ଆକାଶ ପଥ ସବୁଠି ଏବେ କଡ଼ା ପହରା। କିଏ ଜଣେ ଛିଙ୍କିଲେ ବା କାଶିଲେ ପାଖରେ ଠିଆ ହୋଇଥିବା ଲୋକେ ଚମକି ପଡୁଛନ୍ତି। ଉତ୍ତମ ଯୋଗାଯୋଗ ଯୋଗୁ ଯେଉଁ ବିଶ୍ୱ ଗୋଟିଏ ପରିବାର ଭଳି ପ୍ରତୀତ ହେଉଥିଲା, ତାହା ଏବେ ଭିନ୍ନ ଲାଗୁଛି। ଦେଶ ବାହାରକୁ ଯିବା ତ ଦୂରର କଥା, ଘର ବାହାରକୁ ବି ଆଉ କେହି ବାହାରୁ ନାହାନ୍ତି। ଜାତି, ଧର୍ମ, ବର୍ଣ୍ଣ, ବୟସ, ଅର୍ଥ ଓ କ୍ଷମତା ନିର୍ବିଶେଷରେ ଏବେ ସମସ୍ତେ ମୋ ଭୟରେ କମ୍ପୁଛନ୍ତି। ସମସ୍ତଙ୍କ ମୁହଁରେ ତୁଣ୍ଡି ଅର୍ଥାତ୍ ମାସ୍କ। ସ୍କୁଲ, କଲେଜ, ବ୍ୟବସାୟିକ ପ୍ରତିଷ୍ଠାନରେ ତାଲା। ଅଧିକ ଜନସମାଗମସ୍ଥଳକୁ ନ ଯିବା ପାଇଁ ସରକାର ନିର୍ଦ୍ଦେଶନାମା ଜାରି କଲେଣି। ମୋ ଲାଗି ବିଶ୍ୱର ଅନ୍ୟତମ ମହାଶକ୍ତି ଚାଇନାର ପ୍ରଗତିର ଗତି ଏବେ ଧିମା ହେଲାଣି। ଏହାର ଉତ୍ପାଦନ ବାଧାପ୍ରାପ୍ତ ହେବା ଯୋଗୁ ଅର୍ଥନୀତିକୁ ଏହା ମାନ୍ଦାବସ୍ଥାକୁ ଟାଣିନେବ। ଚାଇନା ପରେ ପରେ ଆମେରିକା, ଇରାନ, ଫ୍ରାନ୍ସ, ଇଟାଲି, ସୌଦି ଭଳି ସମୃଦ୍ଧିଶାଳୀ ରାଷ୍ଟ୍ରମାନେ ମୋ ପାଇଁ ଚାଇନା ଅବସ୍ଥା ଭୋଗିବାକୁ ବସିଲେଣି। ଚଳିତବର୍ଷ ବିଶ୍ୱ ଅର୍ଥନୀତିର ବିକାଶ ହାର ୨.୮% କମିଯିବ ଓ ଏଥିପାଇଁ ମୁଁ କୁଆଡେ ସମ୍ପୂର୍ଣ୍ଣ ଦାୟୀ ବୋଲି ବଡ଼ ବଡ଼ ଅର୍ଥନୀତିଜ୍ଞମାନେ ମତ ରଖିଲେଣି। ଯଦି ସେମାନଙ୍କ ଆକଳନ ସତ୍ୟ ହୁଏ, ତେବେ ବିଶ୍ୱ ବଜାର ୧.୧ ଟ୍ରିଲିୟନ ଡଲାର କ୍ଷତି ସହିବ।

ଯଦି ମୋର ସଫଳ ପ୍ରତିରୋଧ କରା ନ ଯାଏ, ତେବେ ବିଶ୍ୱ ଜନସଂଖ୍ୟା ହ୍ରାସ କରିବା ପାଇଁ ଆଉ ତୃତୀୟ ବିଶ୍ୱଯୁଦ୍ଧ ଆବଶ୍ୟକ ପଡିବନାହିଁ ବୋଲି ଆଉ କିଛି ବିଶେଷଜ୍ଞ ଭବିଷ୍ୟବାଣୀ କଲେଣି। ଲୋକେ ମୋ ଭୟରେ ବାହାରକୁ ବାହାରୁ ନାହାନ୍ତି। ବଜାରରେ କିଣାବିକା କମି କମି ଆସୁଛି। ଗମନାଗମନ ଠପ୍। ପର୍ଯ୍ୟଟନ ଶିଳ୍ପ ସର୍ବାଧିକ କ୍ଷତିଗ୍ରସ୍ତ। ଶିଳ୍ପସଂସ୍ଥାଗୁଡିକରେ ତାଲା ଝୁଲିଲାଣି। ଶ୍ରମିକମାନେ କାମ କରିବାକୁ ଆସୁ ନ ଥିବାରୁ ଉତ୍ପାଦନ ହ୍ରାସ ପାଉଛି। ବଡ଼ ବଡ଼ ଶିଳ୍ପସଂସ୍ଥା କ୍ଷତିଭରଣା ପାଇଁ କର୍ମଚାରୀ ଛଟେଇ ଆରମ୍ଭ କଲେଣି। ଆମଦାନି ସହ ରପ୍ତାନି ବି ବାଧାପ୍ରାପ୍ତ। ଇଲେକ୍ଟ୍ରୋନିକ୍ସ ସାମଗ୍ରୀ, କପଡା, ଅଟୋମୋବାଇଲ୍ସ, ମୋବାଇଲ ଫୋନ୍, ସଫ୍ଟୱେର, ଫାର୍ମାସ୍ୟୁଟିକାଲ୍‌ସ, ଫ୍ୟାଶନ ଶିଳ୍ପ ଆଦି ପ୍ରତିଟି କ୍ଷେତ୍ର ଏବେ ମୋ ପାଇଁ ଘୋର ସଙ୍କଟର ସମ୍ମୁଖୀନ। ୨୦୦୮ ବିଶ୍ୱସ୍ତରୀୟ ଆର୍ଥିକ ମାନ୍ଦାବସ୍ଥା ପରେ ୨୦୨୦ରେ ଏହା ଆଉ ଏକ ମାନ୍ଦାବସ୍ଥା ସୃଷ୍ଟି କରିବ ବୋଲି ଅର୍ଥ ବିଶାରଦମାନେ ଘୋଷଣା କରିସାରିଲେଣି। ମୋ ପାଇଁ କେବଳ ଆର୍ଥିକ ମାନ୍ଦାବସ୍ଥା ନୁହେଁ, ସ୍ୱାସ୍ଥ୍ୟ ସଙ୍କଟ ବି ସୃଷ୍ଟି ହୋଇସାରିଲାଣି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପକ୍ଷରୁ ଜରୁରୀ ଅବସ୍ଥା ଘୋଷଣା ଏହାର ପ୍ରମାଣ। ଏହା ଅଧୀନରେ ଥିବା ୧୯୫ଟି ଦେଶ ମଧ୍ୟରୁ ଇତିମଧ୍ୟରେ ୯୦ ଦେଶରେ ମୁଁ ଉପସ୍ଥିତ ଥିବାରୁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଚିନ୍ତିତ ହୋଇପଡିଛି।

ମୋ ଯୋଗୁ ଅଧିକ ମୃତ୍ୟୁ ହେଉ ନ ଥିଲେ ବି ମୋର ଅଧିକ ସଂକ୍ରମଣ ପ୍ରବଣତାକୁ ନେଇ ସର୍ବତ୍ର କୋକୁଆ ଭୟ ସୃଷ୍ଟି ହେଉଛି। ଯେହେତୁ ମୋଠାରୁ ରକ୍ଷା ପାଇବା ପାଇଁ ବର୍ତ୍ତମାନ ସୁଦ୍ଧା କୌଣସି ମେଡିସିନ ପ୍ରସ୍ତୁତ ହୋଇପାରିନାହିଁ, ତେଣୁ ସୁରକ୍ଷା ଓ ପ୍ରତିଷେଧକ ବ୍ୟବସ୍ଥା ଆପଣେଇନେଲେ ଭଲ। ମୁଁ ବି ଚାହେଁନି, ମୋ ଲାଗି କାହାର ପ୍ରାଣହାନି ହେଉ। ତେଣୁ ଟିକେ ସାବଧାନତା ଅନୁସରଣ କଲେ ମୋ ସହ ଆପଣଙ୍କର ଭେଟ ହୋଇ ନ ପାରେ। ବାହାରକୁ ବାହାରିବା ବେଳେ ଉନ୍ନତମାନର ମାସ୍କ ମୁହଁରେ ଲଗାନ୍ତୁ। ସର୍ବସାଧାରଣରେ ବ୍ୟବହୃତ ବସ୍ତୁକୁ ସ୍ପର୍ଶ କରନ୍ତୁ ନାହିଁ ଓ ଦିନକୁ ଅତି କମ୍‌ରେ ଚାରିପାଞ୍ଚଥର ସାବୁନ ବା ଅନ୍ୟ କୌଣସି ସଂକ୍ରମଣ ପ୍ରତିରୋଧକାରୀ ଜେଲ୍‌ରେ ହାତ ଧୁଅନ୍ତୁ। ନିଜ ଲୁଗାପଟାକୁ ଭଲକରି ଖରାରେ ଶୁଖାନ୍ତୁ। ଉତ୍ତପ୍ତ ଜଳବାୟୁରେ ମୁଁ ରହିପାରେ ନାହିଁ। ଥଣ୍ଡା ପରିବେଶ ଓ ଥଣ୍ଡା ବସ୍ତୁ ମୋର ଭାରି ପ୍ରିୟ। ତେଣୁ ଆପଣମାନେ ଉଷୁମ ପାଣି ପିଅନ୍ତୁ ଓ ଅପେକ୍ଷାକୃତ ଉଷ୍ଣ ବାତାବରଣରେ ରୁହନ୍ତୁ। ଥଣ୍ଡା ଜାତୀୟ ଖାଦ୍ୟ ଓ ପାନୀୟଠାରୁ ଯଥାସମ୍ଭବ ଦୂରରେ ରୁହନ୍ତୁ। ପଶୁପକ୍ଷୀଙ୍କ ମାଂସ ଭଲ କରି ରାନ୍ଧି ଖାଆନ୍ତୁ। ଚାଇନାବାସୀଙ୍କ ଭଳି କଞ୍ଚା ବା ଦରସିଝା ମାଂସ ଖାଆନ୍ତୁ ନାହିଁ। ଉଷୁମ ପାଣିରେ ଲୁଣ ପକାଇ ଦୁଇ ତିନିଥର କୁଳି କରି ତଣ୍ଟି ଓ ଗଳାକୁ ସଂକ୍ରମଣମୁକ୍ତ ରଖନ୍ତୁ। ଛିଙ୍କିଲା ବେଳେ ବା କାଶିଲା ବେଳେ ମୁହଁରେ ରୁମାଲ ରଖନ୍ତୁ ଓ ଏଭଳି ଲୋକଙ୍କଠାରୁ ଚାରି ପାଞ୍ଚଫୁଟ୍ ଦୂରରେ ରୁହନ୍ତୁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ନିଜ ଶରୀରରେ ପ୍ରତିରୋଧକ ଶକ୍ତି ବଢାନ୍ତୁ। ସୁଷମ ଖାଦ୍ୟ ଓ ଭିଟାମିନ ସି ଖାଇ ସୁସ୍ଥ ରୁହନ୍ତୁ। ଛୋଟ ପିଲା, ରୋଗୀ, ବୁଢୀ–ବୁଢା ଓ ଶାରୀରିକ ଅସୁସ୍ଥ ଲୋକ ମୋର ଅତି ପ୍ରିୟ। ତେଣୁ ସେମାନଙ୍କୁ ଟିକେ ଅଧିକ ଯତ୍ନରେ ରଖନ୍ତୁ।

ଆପଣମାନଙ୍କୁ ମୋର ଶେଷ କଥା। ଚାଇନା ଜିନିଷ ପ୍ରତି ସବୁ ଦେଶର ଲୋକଙ୍କ ଆକର୍ଷଣ ସାଧାରଣତଃ ଅଧିକ ଥାଏ। କାରଣ ଏହା ଶସ୍ତା, ସୁନ୍ଦର, ଆକର୍ଷଣୀୟ ଓ ସହଜ ବ୍ୟବହାର ଶୈଳୀ ସମ୍ପନ୍ନ ହୋଇଥାଏ। ଯେହେତୁ ମୁଁ ବି ମେଡ ଇନ୍ ଚାଇନା ଅର୍ଥାତ୍ ଚାଇନାରୁ ସୃଷ୍ଟି, ସେଥିପାଇଁ ମୋର ବୋଧହୁଏ ବିଶ୍ୱ ବଜାରରେ ଅଧିକ ଚାହିଦା ବଢିଯାଇଛି। ଏ ଚାହିଦା ଭଲ ପାଇବାର ନୁହେଁ, ଭୟ, ଘୃଣା ଓ ଆତଙ୍କର। ତେଣୁ ଆପଣଙ୍କୁ ଅନୁରୋଧ ମୋଠାରୁ ଦୂରେଇ ରୁହନ୍ତୁ। ସୁସ୍ଥ ରୁହନ୍ତୁ।

ଇମେଲ–Prakas.tripathy09@gmail.com

# ଚାପମୁକ୍ତ ଶିକ୍ଷା ବ୍ୟବସ୍ଥା



ମମତା ଶୁକ୍ଳା

ପିଲାଙ୍କ ଉପରୁ ପାଠବୋଝ କମାଇବାକୁ ଓ ପିଲାଙ୍କୁ ଚାପମୁକ୍ତ କରିବାକୁ ଶିକ୍ଷାପ୍ରଣାଳୀରେ ସଂସ୍କାରମୂଳକ ପ୍ରୟୋଗମାନ କରାଯାଉଛି। ଶୈକ୍ଷିକ ଅନୁଷ୍ଠାନର ପରୀକ୍ଷାକୁ ଜୀବନର ଅନ୍ତିମ ପରୀକ୍ଷା ଭାବିସେଥିରେ ଆଶାନୁରୂପ ଫଳ ନ ପାଇବା ଯୋଗୁଁ ଆତ୍ମହତ୍ୟା କରୁଥିବା କୋମଳମତିଙ୍କ ମନରୁ ଏପ୍ରକାର ଭୟ ଦୂର କରିବା ପାଇଁ ବିଭିନ୍ନ ପ୍ରକାର ପରାମର୍ଶ ଗଣମାଧ୍ୟମ ଦ୍ୱାରା ପ୍ରଚାର କରାଯାଇ ଛାତ୍ରୀଛାତ୍ର ତଥା ଅଭିଭାବକମାନଙ୍କୁ ସଚେତନ କରିବାର ପ୍ରୟାସ କରାଯାଉଛି। ସତରେ କ'ଣ କାହା ଉପରେ ଏସବୁର ପ୍ରଭାବ ଅନୁଭୂତ ହେଲାପରି ଜଣାପଡୁଛି?

ଦେଶର ଭବିଷ୍ୟତ ପିଢିଙ୍କୁ ଉପଯୁକ୍ତ ଶିକ୍ଷାପ୍ରାପ୍ତ କରାଇବା ନିମନ୍ତେ ଉଚ୍ଚଶିକ୍ଷିତ ଜ୍ଞାନୀଗୁଣୀମଣ୍ଡଳୀଙ୍କ ଦ୍ୱାରା ପ୍ରାଥମିକଠାରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ସମସ୍ତ ଶିକ୍ଷାନୁଷ୍ଠାନର ପ୍ରତିଟି ବିଷୟରେ ପାଠ୍ୟକ୍ରମ ପ୍ରସ୍ତୁତ କରାଯାଇଛି। ଶିକ୍ଷାଦାନ ପାଇଁ ଅଟ୍ଟାଳିକା, ଶିକ୍ଷକ, ଅଧ୍ୟାପକ ଇତ୍ୟାଦିଙ୍କ ସମେତ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ମଧ୍ୟ ରଖାଯାଇଛି। ତା' ସତ୍ତ୍ୱେ ଦେଶର ସମସ୍ତ ଅଭିଭାବକଙ୍କର ନିଜ ସନ୍ତାନମାନଙ୍କୁ ଘରୋଇ ଟ୍ୟୁଶନ ଦେବାକୁ, ଅତ୍ୟୁଚ୍ଚ ମୂଲ୍ୟ ବିଶିଷ୍ଟ କୋଚିଂ ସେଣ୍ଟରରେ, ନାମଜାଦା, ପୁରାତନ ସରକାରୀ ଶିକ୍ଷାନୁଷ୍ଠାନକୁ ଛାଡି ଦାମୀ ଆବାସିକ ଅଥବା ବେସରକାରୀ ଶିକ୍ଷାନୁଷ୍ଠାନରେ ଭର୍ତ୍ତି କରାଇବାକୁ ଆଗ୍ରହ କାହିଁକି? ସରକାରୀ ଉଦାସୀନତା, ବେଖାପିଆ ଶିକ୍ଷାନୀତି, ପ୍ରତିବର୍ଷ ପିଲାଙ୍କ ଉପରେ ପରୀକ୍ଷଣ କରାଯାଉଥିବା ନୂତନ ପରୀକ୍ଷାନୀତି ଭଳି ସ୍ୱସୃଷ୍ଟ ଅଗଣିତ ସମସ୍ୟା, ଆଦିଅନ୍ତ ମେଳ ଖାଉ ନ ଥିବା ଭୁଆଁବୁଲା ସମାଧାନର ପନ୍ଥାମାନ ଯେ ଏଥିପାଇଁ ଦାୟୀ ଏକଥା ସମସ୍ତେ ସ୍ୱୀକାର କରିବେ।

ପୂର୍ବେ ଭାରତବର୍ଷରେ ଶ୍ରମ ବିଭାଜନ ବ୍ୟବସ୍ଥା ଅନୁସାରେ ବାପଅଜାଙ୍କଠାରୁ ଉତ୍ତରପିଢିଗଣ ନିଜ ନିଜ କୌଳିକ ବୃତ୍ତି ଆୟତ୍ତ କରିନେଉଥିଲେ। ଜୀବିକାର ଚାପ ତ ନ ଥିଲା ଆଦୌ। ବର୍ତ୍ତମାନ ପରିପ୍ରେକ୍ଷୀରେ ଜନସଂଖ୍ୟା ତୁଳନାରେ ଉକ୍ତ ବ୍ୟବସ୍ଥାରେ ନିଅଣ୍ଟିଆ ରୋଜଗାର, ତା'ଛଡା କୌଳିକ ବୃତ୍ତି ବ୍ୟତୀତ ଅନ୍ୟ ବୃତ୍ତିରେ ଆଗ୍ରହ ରଖୁଥିବା କିଛିଜଣଙ୍କ ପାଇଁ ତଥା ଅନ୍ୟକିଛି ଅସୁବିଧାର ଆବଶ୍ୟକ ସଂଶୋଧନ ପାଇଁ ବ୍ୟବସ୍ଥାରେ କିଛି ପରିବର୍ତ୍ତନର ପ୍ରୟୋଜନ ରହିଥାଇପାରେ। ମାତ୍ର ଉକ୍ତ ବ୍ୟବସ୍ଥାରେ ବେକାର ହୋଇ ଅନ୍ନଛତ୍ରରେ ହାତ ପତେଇବା, ସରକାରୀ ଭିକକୁ ହାତଟେକି ଅନାଇରହିବା, ମଦୁଆମାତାଲ ହୋଇ ଯେତେସବୁ ଅକର୍ମ କରିବାର ସୁଯୋଗ ନ ଥିଲା। ଲୁଣ, ଦିଆସିଲି, କିରୋସିନ ବ୍ୟତୀତ ଅନ୍ୟ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ପାଇଁ ଗ୍ରାମବାସୀମାନେ ସହର ବଜାର ଉପରେ ନିର୍ଭର କରୁ ନ ଥିଲେ। ପୂର୍ବୋକ୍ତ ବ୍ୟବସ୍ଥାରେ ଥିବା କିଛି ଗଳାବାଟର ସଂଶୋଧନ କରିବା ଆଳରେ ଏମିତି ପରିବର୍ତ୍ତନ ହୋଇଚାଲିଲା ଯେ ଆଜି ଆମେ କଞ୍ଚା ଲଙ୍କା ଓ ହଳଦୀ ଭଳି ଚିଜ ପାଇଁ ମଧ୍ୟ ବିଶ୍ୱବଜାର ଉପରେ ନିର୍ଭରଶୀଳ। ନା ବ୍ରାହ୍ମଣ ଆଜି ବ୍ରହ୍ମଜ୍ଞାନର ବ୍ୟାଖ୍ୟା କରିବାରେ ପାରଙ୍ଗମ ନା ମୋଚି ଜୋତା ତିଆରିରେ ଧୁରନ୍ଧର। କୋଣାର୍କ ପରି ବିଶ୍ୱପ୍ରସିଦ୍ଧ ଐତିହ୍ୟରେ ରଖାଯାଉଥିବା ସାଦାପଥର ସବୁ ତ ଆମ ଶିଳ୍ପୀଗଣଙ୍କର ଅଣକୁଶଳତାର ଜଳଜଳ ପ୍ରମାଣ। ସମସ୍ତେ ନିଜକୁ ବିଶ୍ୱ ଦରବାରରେ ସ୍ଥାନିତ କରିବାରେ ବ୍ୟଗ୍ର। ମାତ୍ର ବିଶ୍ୱକଲ୍ୟାଣ ସାଧନ କିମ୍ବା 'ସର୍ବଜନହିତାୟ' ସୂଚକ କୌଣସି ବୃତ୍ତିକୁ ଗ୍ରହଣ କରିବାକୁ ଅନିଚ୍ଛୁକ। ଏପରି କି ସାରା ସଂସାରକୁ ଆହାର ଯୋଗାଣାର୍ଥେ ଉଦ୍ଦିଷ୍ଟ କୃଷି ଭଳି ଏକ ଉତ୍କୃଷ୍ଟ ବୃତ୍ତି ଆଜି ରଣଯନ୍ତାର ଘେରରେ। ପ୍ରାଣିଜଗତକୁ ପୋଷଣ ଯୋଗାଉଥିବା ହାତ ଆଜି ନିଜେ ବିଷପାନ କରିବାକୁ, ବଳଦ ବେକର ପଘା ନିଜ ବେକରେ ଭିଡିବାକୁ ଉଦ୍ୟତ। ମାତ୍ରାଧିକ ଉଚ୍ଚାଭିଳାଷକୁ ସାକାର କରିବାର ଦୌଡରେ ପାଦତଳର ମାଟିକୁ ଧସେଇ ଦେବାର ଅପରିଣାମଦର୍ଶିତାର ପ୍ରଭାବରେ ପୂରା ବ୍ୟବସ୍ଥା ଜର୍ଜରିତ। ପିଲାଟିଏ ଯେତେବେଳେ ଦେଖେ ବିଲବାଡି, ତନ୍ତଶାଳ, କମାରଶାଳ, କୁମ୍ଭାରଶାଳ ଇତ୍ୟାଦିରେ ପୂରା ପରିବାର ସହିତ ଦିନରାତି ହାଡଭଙ୍ଗା ପରିଶ୍ରମକରି ବର୍ଷକରେ ଯାହା ରୋଜଗାର କରି ନ ହୁଏ; ଉପସ୍ଥାନ ଦେଇ ପାନଦୋକାନରେ ଖଟି କରି, ଶୀତତାପ ଅଥବା କୁଲର୍ ତଳେ ଚୌକି ଟେବୁଲ୍ ଉପରେ ବସି କିଛି ଘଣ୍ଟା କଲମ ଚଲେଇ ମାସକରେ ତା'ଠାରୁ ଅଧିକ ରୋଜଗାର ହୋଇପାରୁଛି; ତା'ହେଲେ ସେ ତଥାକଥିତ ଉତ୍କୃଷ୍ଟ ଦିଗଟିକୁ ଅନୁସରଣ କରିବ ନିଶ୍ଚୟ। ବୁଝାପଡେନି ପ୍ରକୃତରେ ଏସବୁ ଶ୍ରମର ଅପମାନ ନା ତତ୍‌ସଂଲଗ୍ନ ବୁଦ୍ଧି, ଜ୍ଞାନ ଓ କଳାକୌଶଳର ଅପମାନ। ପରାଧୀନ ଦେଶର ଶାସକଗଣ ନିଜପାଇଁ ଗୁଡିଏ ବୋଲକରା ସୃଷ୍ଟି କରିବା ଲାଗି ଏବଂ ବାକି ଦେଶବାସୀଙ୍କୁ ଅକର୍ମା, ନିର୍ଭରଶୀଳ କରାଇବା ପାଇଁ ସମସ୍ତ କୌଳିକ କର୍ମ ଓ ଶ୍ରମ ବିଭାଜନ ବ୍ୟବସ୍ଥାକୁ ନିକୃଷ୍ଟ ବୋଲି ଧାରଣାର ଯେଉଁ ବୀଜଟିକୁ କୌଶଳ କରି ରୋପଣ କରିଦେଇ ଯାଇଥିଲେ ପିଢି ପିଢି ଧରି ପରିପୋଷିତ ହୋଇ ଆଜି ତାହା ବିରାଟଦ୍ରୁମ ରୂପେ ଆମ ମନରେ ଆସ୍ଥାନ ଜମେଇ ବସିଛି। କୌଣସି ସଂସ୍କାରକ ବା ସରକାର ସେଥିରେ ପରିବର୍ତ୍ତନ ଆଣିବାର ପ୍ରୟୋଜନୀୟତା ଅନୁଭବ କରୁନାହାନ୍ତି। ସ୍ୱାର୍ଥକୈନ୍ଦ୍ରିକ ବୃତ୍ତିରେ ନିଜକୁ ନିୟୋଜିତ କରି ନିଜ ଓଜନଠୁ ଅଧିକା ଓଜନର ଧନ ଉପାର୍ଜନ କରିବା ଯେ କେବଳ ଶ୍ରେଷ୍ଠତାର ପରିଚୟ ବୋଲି ପ୍ରଦର୍ଶିତ ବିଜ୍ଞାପନ ସବୁ ପରିପକ୍ୱ ଅଭିଭାବକଙ୍କ ମତିଭ୍ରମ କରାଏ ଓ ତା'ର ପ୍ରଭାବ ଭୋଗକରନ୍ତି ପିଲାମାନେ। ବୁଦ୍ଧି ପ୍ରୟୋଗକରି କଳେବଳେକୌଶଳେ ନିଜକୁ ସରକାରୀ ଚାକିରିରେ ପୂରାଇଥିବା ଲୋକ ଏବଂ କାଇଦାରେ ଚଞ୍ଚକତା କରିପାରୁଥିବା ଲୋକ ବ୍ୟତୀତ ଆଜିକାଲି ବ୍ରାହ୍ମଣଠାରୁ ଚଣ୍ଡାଳ ପର୍ଯ୍ୟନ୍ତ କେହି ନିଜ କୌଳିକ ବୃତ୍ତିରେ ସ୍ୱଚ୍ଛଳ ନୁହନ୍ତି କିମ୍ବା ନିଜ ରୋଜଗାରରେ ସନ୍ତୁଷ୍ଟ ନୁହନ୍ତି। ଉତ୍ତରପିଢି ପ୍ରେରଣା ପାଇବେ କାହାଠୁ? ଅନୁସରଣ କରିବେ କାହାକୁ? କୌଳିକ ବୃତ୍ତି ଅଳ୍ପ କିଛି ଅନାଗ୍ରହୀଙ୍କ ପାଇଁ ହୁଏତ ବାଧ୍ୟବାଧକତା ହୋଇଥାଇପାରେ, ମାତ୍ର ଏବର ଶିକ୍ଷା ବ୍ୟବସ୍ଥା ସମସ୍ତଙ୍କ ପାଇଁ ବାଧ୍ୟତାମୂଳକ। ହାତଗଣତି ଶ୍ରେଷ୍ଠ ବିବେଚିତ ହୋଇଗଲା ପରେ ଅବଶିଷ୍ଟ ହେଲେ ଅଯୋଗ୍ୟ। କାରଣ ଲକ୍ଷାଧିକଙ୍କ ପାଇଁ ଏକାପ୍ରକାର ଯୋଗ୍ୟତା ବିଶିଷ୍ଟ କର୍ମସଂସ୍ଥାନ ସୃଷ୍ଟି ସମ୍ଭବ ନୁହେଁ। ପରିପୂର୍ଣ୍ଣ ଶିକ୍ଷାର୍ଜନର ତଥାକଥିତ ଅସଫଳତା ଓ ତଜ୍ଜନିତ ଭବିଷ୍ୟତର ଅନିଶ୍ଚିତତା ଉଭୟକୁ ନେଇ ପିଲାଏ ଚାପମୁକ୍ତ ହେବେ କିପରି? ଆମ ଉତ୍ତର ପିଢି ଆଜି ଶୋଚନୀୟଭାବେ ଶୈକ୍ଷିକ ଅତ୍ୟାଚାରର ଶିକାର ଏକଥା ଆମେ କେବେ ହୃଦୟଙ୍ଗମ କରିବା?

ଗୋପବନ୍ଧୁ ଛକ, ବୁର୍ଲା, ମୋ–୯୪୩୯୪୯୬୨୮୦

## ଏଇ ଭାରତରେ

ନିଜ ପଢ଼ା ଭିତରୁ ସମୟ ବାହାର କରି ଅବହେଳିତ ପିଲାଙ୍କ ଭବିଷ୍ୟତ ଗଢୁଛନ୍ତି ଉତ୍ତରପ୍ରଦେଶର ବାଦୁନ ଜିଲାରେ ଜନ୍ମିତ ସତ୍ୟେନ୍ଦ୍ର ପାଲ। ସେ ଦିଲ୍ଲୀର ଏକ ଫ୍ଲାଏଓଭର ତଳେ ଅନୌପଚାରିକ ଭାବେ ସ୍କୁଲଟିଏ ଖୋଲି ପ୍ରତିଦିନ ବସ୍ତି ପିଲାଙ୍କୁ ୬ ବର୍ଷ ହେବ ମାଗଣାରେ ପଢାଉଛନ୍ତି। ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୧୫୦ ପିଲା ଏଠାରେ ପଢୁଛନ୍ତି। ଛୋଟ ପିଲାମାନଙ୍କୁ ଝାଟିମାଟି ଘରେ ଓ ଉଚ୍ଚ ଶ୍ରେଣୀର ପିଲାଙ୍କୁ ଖୋଲା ଜାଗାରେ ପଢାଉଛନ୍ତି ସତ୍ୟେନ୍ଦ୍ର। ୨୦୧୨ରେ ସତ୍ୟେନ୍ଦ୍ର ଦ୍ୱାଦଶ ପାସ୍ କରିବା ପରେ ପରିବାରର ଆର୍ଥିକ ସ୍ଥିତି ଭଲ ନ ଥିବାରୁ ଆଉ ନ ପଢି ଚାଷ କରିଥିଲେ। କିନ୍ତୁ ୨୦୧୫ରେ ଉତ୍ତରପ୍ରଦେଶରୁ ଦିଲ୍ଲୀ ଆସିବା ପରେ ସେ ଶିକ୍ଷାର ଗୁରୁତ୍ୱ ଉପଲବ୍ଧି କରି ଏହି ସ୍କୁଲ୍ ଆରମ୍ଭ କରିଥିଲେ। ସ୍କୁଲ ପାଇଁ ତାଙ୍କ ପାଖରେ ଜାଗା କି ଟଙ୍କା ନ ଥିଲା। ପ୍ରଥମେ ସେ ଗଛମୂଳେ ସପ୍ତମ ଶ୍ରେଣୀର ୫ ଜଣ ପିଲାଙ୍କୁ ପଢ଼ାଇବା ଆରମ୍ଭ କରିଥିଲେ। ପରେ ଲୋକମାନେ ଦାନ କରିବାରୁ ଛୋଟ ଘରଟିଏ କରିଛନ୍ତି। ତାଙ୍କୁ ଏବେ ବୟସ ୨୫ ଓ ସେ ବିଏସ୍‌ସି (ଗଣିତ ସମ୍ମାନ) ପଢୁଛନ୍ତି। ନିଜେ ବସ୍ତିରେ ବି ରହୁଛନ୍ତି। ବସ୍ତି ବାସିନ୍ଦାମାନେ କାମକୁ ଚାଲିଯିବା ପରେ ସେମାନଙ୍କ ପିଲାମାନଙ୍କୁ ୨ କି.ମି. ଦୂର ସରକାରୀ ସ୍କୁଲ୍‌କୁ ଯିବାକୁ ସେମାନେ ଅନୁମତି ଦେଉ ନ ଥିଲେ। ଏହାକୁ ଲକ୍ଷ୍ୟ କରି ସତ୍ୟେନ୍ଦ୍ର ସେମାନଙ୍କୁ ପଢ଼ାଇବା ଆରମ୍ଭ କରିଥିଲେ ଓ ଏ ଯାବତ୍ ତାହା ଚାଲୁ ରଖିଛନ୍ତି। ତାଙ୍କର ଏହି କାର୍ଯ୍ୟ ଦ୍ୱାରା ପ୍ରଭାବିତ ହୋଇ ପିଲାଙ୍କୁ ପଢ଼ାଇବାରେ ଆଉ ୫ ଜଣ ତାଙ୍କୁ ସାହାଯ୍ୟ କରୁଛନ୍ତି।

## ଚିରନ୍ତନୀ

ବିଶ୍ୱବାସୀ ପରାଣ ମନ
ରଞ୍ଜନ ହେ ରଞ୍ଜନ
ପଉଷ–ଶେଷ ସନ୍ଧ୍ୟା ଘେନ
ବନ୍ଦନ!
କାକଳି ତୋଳି କରଇ କେଳି
ସରସୀ ଜଳେ ହଂସ
ପକ୍ଷେ ତାର ଲାକ୍ଷା ଲାଗେ
ତୁମରି ରାଗ ଅଂଶ।
ମୁଗ୍‌ଧ ଲୀଟ କୁସୁମେ କରେ
ଗୁଞ୍ଜନ ହେ ଗୁଞ୍ଜନ
ପଉଷ–ଶେଷ ସନ୍ଧ୍ୟା ଘେନ
ବନ୍ଦନ!
(ପଉଷ ସନ୍ଧ୍ୟା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୭ ମାର୍ଚ୍ଚ ୧୯୯୫

- ଚାଇନାରେ କୃଷିକାର୍ଯ୍ୟକୁ ବିକାଶ କରିବା ତଥା ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣ କରିବା ପାଇଁ ଏକ ୮ ପଏଣ୍ଟ ଯୋଜନା ପ୍ରସ୍ତୁତ କରାଯାଇଛି।
- ଦକ୍ଷିଣ କୋରିଆ ଏବଂ ଇସ୍ରାଏଲ ନିଜ ନିଜର ଦୂତାବାସରେ ଜଣେ ସାମରିକ ଦୂତ ରଖିବା ପାଇଁ ସହମତି ପ୍ରକାଶ କରିଛନ୍ତି।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | C | | | | | | | A | B | 0 | 3 | 9 | | |
| | | 6 | B | | | D | 2 | | | | 8 | | | |
| | | 9 | | | | | 3 | 0 | | | | | | |
| 8 | | | | | | 9 | | B | | | A | 0 | | E |
| | | | | 5 | C | | E | | | 2 | | 7 | | |
| | | | | | | | | | | | | | | |
| | | | 7 | 8 | | | | | 5 | | | B | E | 3 |
| | | D | | | 2 | | C | | | | | | 8 | |
| | | | 0 | E | | 5 | | 2 | 8 | 1 | 9 | | | |
| 1 | | 0 | | 9 | | | B | | | C | | | | 6 |
| | | 2 | D | C | | 6 | | 8 | 1 | | B | E | | |
| 5 | | | 2 | | | | 0 | 1 | 6 | 8 | | | A | B |
| 4 | | | 5 | | 9 | | | | | | | | 3 | |
| | | | | | B | | A | 9 | | | | | 6 | 5 |
| | | 1 | 3 | 0 | | | | D | | | 7 | | | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | 8 | 4 | 9 | E | 1 | B | 3 | 6 | 2 | 5 | 7 | C | D | A |
| B | 6 | 9 | 4 | C | D | 5 | 8 | E | 1 | A | 0 | 2 | 3 | 7 |
| E | C | 3 | 5 | 7 | B | A | 4 | 2 | D | 9 | 6 | 8 | 0 | 1 |
| 7 | A | D | 3 | 2 | 0 | 9 | C | 1 | 8 | B | 4 | 5 | 6 | E |
| 2 | 1 | 5 | 6 | 8 | A | 7 | D | 0 | E | 3 | C | 4 | 9 | B |
| 5 | 9 | 0 | 1 | B | E | 4 | 6 | D | 7 | 8 | A | 3 | C | 2 |
| D | 2 | 1 | 0 | 9 | 6 | C | A | 8 | 5 | E | 3 | B | 7 | 4 |
| A | E | 8 | 7 | 4 | 2 | 3 | 1 | 9 | 6 | C | B | 0 | 5 | D |
| 3 | 4 | 7 | 8 | 5 | C | 2 | 0 | B | 9 | 1 | D | A | E | 6 |
| 6 | B | C | D | A | 3 | E | 5 | 7 | 4 | 0 | 2 | 1 | 8 | 9 |
| 8 | D | 2 | A | 0 | 5 | 6 | B | 4 | 3 | 7 | 9 | E | 1 | C |
| 4 | 5 | 6 | 2 | 1 | 8 | 0 | 9 | C | B | D | E | 7 | A | 3 |
| 9 | 0 | A | E | D | 4 | 8 | 7 | 3 | C | 2 | 1 | 6 | B | 5 |
| C | 7 | E | B | 3 | 9 | 1 | 2 | 5 | A | 6 | 8 | D | 4 | 0 |
| 1 | 3 | B | C | 6 | 7 | D | E | A | 0 | 4 | 5 | 9 | 2 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଜାପାନରୁ ଶିଖିବା ଦରକାର

ମହାଶୟ,

ଆମ ଦେଶରେ ଭୌତିକ ବିକାଶ ହେବା ସହ ସାମାଜିକ ଜୀବନରେ ସ୍ଖଳନ ଓ ନୈତିକ ମୂଲ୍ୟବୋଧର ଦ୍ରୁତ ଅବକ୍ଷୟ ହେବାରେ ଲାଗିଛି। ଲୋକମାନେ ଆଧ୍ୟାତ୍ମିକତା ଓ ମାନବିକ ମୂଲ୍ୟବୋଧଠାରୁ ଦୂରେଇ ଯାଉଛନ୍ତି। ଏହାଫଳରେ ଚାରିଆଡେ ଚୋରି, ଡକାୟତି, ଠକେଇ, ସାମାଜିକ ହିଂସା, ବଳାତ୍କାର ଓ ହତ୍ୟା ପରି ଜଘନ୍ୟ ଆପରାଧିକ ମାମଲା ବଢ଼ିବାରେ ଲାଗିଛି। ଏହି ସମସ୍ୟାର ସମାଧାନ ପାଇଁ ଆମେ ଜାପାନକୁ ରୋଲ୍ ମଡେଲ ଭାବେ ଗ୍ରହଣ କରିବାକୁ ହେବ। ଜାପାନରେ ପ୍ରାୟ ଚୋରି, ଡକାୟତି ହୁଏ ନାହିଁ। ଭଦ୍ର ବ୍ୟବହାର, ସାଧୁତା ଓ ଅତିଥି ସତ୍କାର ଜାପାନୀମାନଙ୍କ ସ୍ୱତନ୍ତ୍ର ପରିଚୟ। ସେଠାରେ ଜଣେ କର୍ମଜୀବୀ ମହିଳା ମଧ୍ୟରାତ୍ରରେ କର୍ମକ୍ଷେତ୍ରରୁ ସ୍ୱଗୃହକୁ ନିରାପଦରେ ଫେରିଥାଏ। ୧୯୯୭ ମସିହାରେ ସେଠାରେ ଗୋଟିଏ ବଳାତ୍କାର ମାମଲା ପଞ୍ଜୀକୃତ ହୋଇଥିଲା। ତା' ପରେ ଦ୍ୱିତୀୟ ମାମଲା ସମ୍ପର୍କରେ ଅଭିଯୋଗ ଆସି ନାହିଁ। ସେଥିପାଇଁ ନିକଟରେ ଟୋକିଓକୁ ବିଶ୍ୱର ସବୁଠାରୁ ସୁରକ୍ଷିତ ସହରର ମାନ୍ୟତା ମିଳିଛି। ଜାପାନୀଙ୍କ ଜାତୀୟ ଚରିତ୍ର କେତେ ଅମଳିନ ଓ ନିଷ୍କଳଙ୍କ ତାହା ଏଥିରୁ ସ୍ପଷ୍ଟ। ଜାପାନରେ ପ୍ରଥମଠାରୁ ୩ୟ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢ଼ା ହୁଏ ନାହିଁ। ଶିଶୁମାନଙ୍କୁ କେବଳ ଭଦ୍ର ବ୍ୟବହାର ଓ ନୈତିକତା ଶିକ୍ଷା ଦିଆଯାଏ। ସେଥିପାଇଁ ସେମାନେ ଏକ ସମୃଦ୍ଧ, ଭଦ୍ର ଓ ସଚ୍ଚୋଟ ଜାତି ଭାବରେ ବିଶ୍ୱବନ୍ଦିତ ହୋଇପାରିଛନ୍ତି।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

### ଆଇନର ଗଳାବାଟ

ନାରୀ ବିରୋଧୀ ଅପରାଧ ଦିନକୁ ଦିନ ବୃଦ୍ଧି ପାଉଛି। ଏପରି କୁକର୍ମ ପାଇଁ ଦଣ୍ଡ ପାଇବା ପରିବର୍ତ୍ତେ ଆଇନର ଗଳାବାଟରେ ଅପରାଧୀ ଖସିଯାଉଛି। ଏହାର ଜ୍ୱଳନ୍ତ ଉଦାହାରଣ ହେଉଛି ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲା। ଆଇନଜୀବୀମାନେ ନିଜ ପରିବାରର କାହା ପ୍ରତି ଏପରି ଘଟିଥିଲେ କ'ଣ ଦୋଷୀଙ୍କୁ ସାହାଯ୍ୟ କରିଥାନ୍ତେ? ପୀଡ଼ିତାମାନେ କାହାକୁ ଭରସା କରିବେ?

ଡଲଫିନ ପ୍ରଧାନ, ସାମ୍ବାଦିକତା ଓ ଗଣମାଧ୍ୟମ ଛାତ୍ରୀ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# କରୋନା ମୁକାବିଲା ଚିନ୍ତା

## ସଜାଗ ରହିବା ସହ ଆତଙ୍କିତ ନ ହୋଇ ଗୁଜବକୁ ବିଶ୍ୱାସ ନ କରିବାକୁ ପରାମର୍ଶ

**ଝାରସୁଗୁଡା ଅଫିସ/ବେଲପାହାଡ, ୬।୩ (ଡି.ଏନ.ଏ.)**


ବେଲପାହାଡ଼ ପୌରପରିଷଦ ସମ୍ମିଳନୀ କକ୍ଷରେ କରୋନା ଭାଇରସ୍ ପ୍ରତିଷେଧକ ବ୍ୟବସ୍ଥା ଉପରେ ଆଲୋଚନା ପାଇଁ ଆୟୋଜିତ ସଚେତନତା ବୈଠକରେ ପୌରାଧ୍ୟକ୍ଷ ପର୍ଶୁରାମ ସାହୁ ଉଦ୍‌ବୋଧନ ଦେଉଛନ୍ତି।

କରେନା ଭୂତାଣୁ ସଂକ୍ରମଣକୁ ନେଇ ସମଗ୍ର ବିଶ୍ୱ ଚିନ୍ତାରେ ରହିଛି। ଏହି ଭୂତାଣୁ ଭାରତକୁ ଆସି ସାରିଛି। ବିଦେଶରୁ ଫେରୁଥିବା ଲୋକଙ୍କ ଉପରେ କଡା ନଜର ରଖାଯାଇଛି। ଏହା ବାଦ୍ ବିମାନବନ୍ଦର ଥିବା ଅଞ୍ଚଳ ଗୁଡିକରେ ଏହାକୁ ଗୁରୁତ୍ୱ ଦିଆଯାଉଛି। ଏହିକ୍ରମରେ ବେଲପାହାଡ ପୌରପରିଷଦ ସମ୍ମିଳନୀ କକ୍ଷରେ କରୋନା ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ପୌରାଧ୍ୟକ୍ଷ ପର୍ଶୁରାମ ସାହୁ, ନିର୍ବାହୀ ଅଧିକାରୀ ଲୋକନାଥ କୁମାର ତିୱାରୀ, ଡାକ୍ତର ଦିଲୀପ କୁମାର ନାୟକ ଓ ଗୋଷ୍ଠୀ ସଂଯୋଜିକା ନିଲୁ ହଂସା ପ୍ରମୁଖ ଯୋଗ ଦେଇଥିଲେ। କରୋନା ଭାଇରସ୍ କିପରି ଓ କେଉଁ ପରିସ୍ଥିତିରେ ସଂକ୍ରମିତ ହୋଇଥାଏ, ଏହାର ନିରାକରଣ ପାଇଁ କ'ଣ ସବୁ ପ୍ରତିଷେଧକ ବ୍ୟବସ୍ଥା କରାଯାଇପାରିବ ସେ ନେଇ ଆଲୋଚନା କରାଯାଇଛି। ଆମକୁ ସଜାଗ ରହିବାକୁ ପଡ଼ିବ। ଆତଙ୍କିତ ନ ହୋଇ କିମ୍ବା ଗୁଜବ ଉପରେ ବିଶ୍ୱାସ ନ କରିବାକୁ ପରାମର୍ଶ ଦିଆଯାଇଛି।

ଅନ୍ୟପକ୍ଷେ ଝାରସୁଗୁଡାରେ ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦର ରହିଛି। ଏଣୁ ଏପରି ସ୍ଥିତିରେ କରୋନା ଭୂତାଣକୁ ଲଢ଼େଇ କରିବା ପାଇଁ ଝାରସୁଗୁଡା ଜିଲା ସ୍ୱାସ୍ଥ୍ୟ ବିଭାଗ ପ୍ରସ୍ତୁତି ଚଳାଇଛି। ଏଥିପାଇଁ ଗୁରୁବାର ଜିଲାପାଳ ସରୋଜ କୁମାର ସାମଲଙ୍କ ଅଧକ୍ଷତା ଏବଂ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ଜଗଦିଶ ଚନ୍ଦ୍ର ବାରିକ ଉପସ୍ଥିତିରେ ଏମସିଏଲ, ବେଦାନ୍ତ, ଟିଆରଏଲରେ ଥିବା ଚିକିତ୍ସାଳୟର ଅଧିକାରୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିମାନବନ୍ଦରରେ ଡାକ୍ତର ଓ ଷ୍ଟାଫ ନର୍ସ ଉପସ୍ଥିତ ରହି କାହାରି ଉପରେ ସନ୍ଦେହ ହେଲେ ସ୍କାନିଂ କରାଯାଉଛି। ବିମାନବନ୍ଦର କର୍ତ୍ତୃପକ୍ଷ ମଧ ବିଦେଶ ଗସ୍ତରୁ ଆସୁଥିବା ଯାତ୍ରୀଙ୍କ ପରୀକ୍ଷା କରାଉଛନ୍ତି। ସେହିପରି ଜିଲାମୁଖ୍ୟ ଚିକିତ୍ସାଳୟରେ ଏକ ଆଇସୋଲେସନ ୱାର୍ଡ କରାଯାଇଛି। ତେବେ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ବ୍ୟକ୍ତିଙ୍କଠାରେ ପଜିଟିଭ ନାହିଁ। ଭବିଷ୍ୟତକୁ ଲକ୍ଷ କରି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗକୁ ୩ଟି ଥର୍ମାଲ ସ୍କାନର, ମାସ୍କ, ଟ୍ରିପଲ ଏୟାର ମାସ୍କ ଓ ଭିଟିଏମ ମଗାଯାଇଛି। ହେଲେ ଏଗୁଡିକ ସ୍ୱାସ୍ଥ୍ୟ ବିଭାଗ ଯୋଗାଇ ନାହିଁ, କେବଳ ସ୍କାନର ରହିଛି। ଏହା ଦ୍ୱାରା ପରୀକ୍ଷା ନିରୀକ୍ଷା କରାଯାଉଛି। ସେହିପରି କେବଳ ସର୍ଜିକାଲ ମାସ୍କ ଥିବାରୁ ଏହା ସମସ୍ତଙ୍କୁ ପ୍ରଦାନ କରାଯାଉଛି ବୋଲି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଜଗଦୀଶ ଚନ୍ଦ୍ର ବାରିକ ସୂଚନା ଦେଇଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ନବ କିଶୋର ଦାସ ମଧ୍ୟ ଏହି ଘଟଣାରେ ମତ ରଖି କହିଛନ୍ତି ଯେ କରୋନା ମୁକାବିଲା ପାଇଁ ସହଯୋଗ କରିବାକୁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କୁ ଜଣାଯାଇଛି। ଏସସିବିରେ କରୋନା ପରୀକ୍ଷା କରିବା ପାଇଁ ସମସ୍ତ ଭିତ୍ତିଭୂମି ଯୋଗାଇବା ସହିତ ଝାରସୁଗୁଡାଠାରେ ବିମାନବନ୍ଦର ଥିବାରୁ କରୋନା ପରୀକ୍ଷା ପାଇଁ ଉପଯୁକ୍ତ ସୁବିଧା କରାଇବା ପାଇଁ କୁହାଯାଇଥିବା ସେ କହିଛନ୍ତି।

## ଲକ୍ଷେଘର ଜାତି ମହାସଂଘର ବାର୍ଷିକ ମହାସଭା

**କୋଲାବିରା, ୬।୩(ଡି.ଏନ.ଏ.)**

ସମାସିଂହା କଲ୍ୟାଣ ମଣ୍ଡପରେ ଲକ୍ଷେଘର ଜାତି ମହାସଂଘର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାସଂଘର ସଭାପତି ଭୁବନେଶ୍ୱର ଗର୍ଡିଆ ସଭାପତିତ୍ୱ କରିଥିଲେ। ସମ୍ପାଦକ ଅଶୋକ ଚାନ୍ଦ ବାର୍ଷିକ ବିବରଣୀ ପଠନ କରିଥିଲେ। ବିଶ୍ୱମ୍ଭର ମହାନନ୍ଦିଆ, ଖଗେଶ୍ୱର ଛଛାନ, ଲକ୍ଷ୍ମୀନାରାୟଣ ବାଗ, ଉତ୍ତମ ସୁନାନୀ, ଗଣେଶରାମ କରାଳି, ବିଜୟ ପୋଢ, ଡିଲେଶ୍ୱର ବାଗ, ରାଧେଶ୍ୟାମ ଗର୍ଡିଆ, ଶକ୍ତି ରଣବିଡା, ଦିବାକର କୁଆ, ଚଇତନ ବାଦୀ, ବିପ୍ରବର ସୁନାନୀ, ବିରାରୀ ମହାନନ୍ଦ, ସାଧୁ ବାଗ, ଜନ୍ମେଜୟ ଛଛାନ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।


ଲକ୍ଷେଘର ଜାତି ମହାସଙ୍ଘର ବାର୍ଷିକ ମହାସଭାରେ ଉପସ୍ଥିତ କର୍ମକର୍ତ୍ତା।

## ପୁରୁଣା ହସ୍ପିଟାଲକୁ ଅର୍ବାନ ସିଏଚ୍‌ସି କରାଯାଉ


ଦାବି ପତ୍ର ଦେବାକୁ ଆସିଥିବା ଭାଜପା ପ୍ରତିନିଧି ଦଳ।

**ଝାରସୁଗୁଡା ଅଫିସ, ୬।୩**

ଝାରସୁଗୁଡା ସହର ମଙ୍ଗଳବଜାରରେ ଥିବା ଜିଲା ମୁଖ୍ୟ ଚିକିତ୍ସାଳୟକୁ ଗତ ବର୍ଷ ମେ ମାସରେ ସହର ବାହାରକୁ ସ୍ଥାନାନ୍ତର କରାଯାଇଛି। ଏବେ ମଙ୍ଗଳବଜାରରେ ଥିବା ପୁରୁଣା ଚିକିତ୍ସାଳୟ କୋଠାରେ ଅର୍ବାନ ଚିକିତ୍ସାଳୟ ପରିଚାଳନା କରାଯାଇ ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଥିବା ବିଭାଗ ପକ୍ଷରୁ କୁହାଯାଉଛି। ତେବେ ଏଠାରେ ଆହୁରି ଉନ୍ନତ ମାନର ସେବା ପ୍ରଦାନ କରିବାକୁ ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ଦାବି କରାଯାଇଛି। ଶୁକ୍ରବାର ଏକ ପ୍ରତିନିଧି ଦଳ ଜିଲା ପ୍ରଶାସନ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦେଇଛନ୍ତି। ଏହି ପୁରୁଣା କୋଠାରେ ଚାଲିଥିବା ଅର୍ବାନ ପିଏଚସିର ପାହ୍ୟା ବୃଦ୍ଧି କରି ଅର୍ବାନ ସିଏଚସି କରାଯିବା, ଶିଶୁ ରୋଗ, ପ୍ରସୂତି, ମେଡିସିନ ବିଶେଷଜ୍ଞ ଡାକ୍ତର ନିଯୁକ୍ତି କରିବା, ଶଯ୍ୟା ବୃଦ୍ଧି କରିବା, ଉନ୍ନତ ମାନର ପାଥୋଲୋଜି ସେବା ଉପଲବ୍ଧ କରିବା, ସ୍ୱତନ୍ତ୍ର ଆମ୍ବୁଲାନ୍ସ ବ୍ୟବସ୍ଥା କରିବା ଆଦି ବିଭିନ୍ନ ଦାବି ଭାଜପା ପକ୍ଷରୁ ଉପସ୍ଥାପନ କରାଯାଇଛି। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଜଗଦୀଶ ଚନ୍ଦ୍ର ବାରିକ କହିଛନ୍ତି ଯେ ସେଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଉଛି ଏବଂ ଏହି ଚିକିତ୍ସାଳୟର ଉନ୍ନତି ପାଇଁ ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଛି।

## ଚେକ୍‌ଡ୍ୟାମ୍ କାମ ନିମ୍ନମାନର


ନିର୍ମାଣାଧୀନ ଚେକ୍‌ଡ୍ୟାମ ନିକଟରେ କୁଲୁଥମାଲ ଗ୍ରାମବାସୀ।

**ଲଇକେରା, ୬।୩ (ଡି.ଏନ.ଏ.)**

କିର୍ମିରା ବ୍ଲକ ଝାରମୁଣ୍ଡା ପଞ୍ଚାୟତ ଧୁମାକଟା ନାଳାରେ ତିଆରି ହେଉଥିବା ଚେକଡ୍ୟାମ କାମ ଅତି ନିମ୍ନମାନର ହେଉଛି। କୁଲୁଥମାଲ ଗ୍ରାମବାସୀ ଏହି ଅଭିଯୋଗ କରିଛନ୍ତି । ସୂଚନା ଫଳକ ଲଗା ଯାଇନି। ନିୟମ ଅନୁସାରେ କାମ ହେଉ ନ ଥିବାରୁ ଏହାକୁ ବନ୍ଦ କରିବାକୁ ଲୋକେ ଚେତାବନୀ ଦେଇଛନ୍ତି। ଏହାସହ ଏହି କାମର ଭିଜିଲାନ୍ସ ତଦନ୍ତ ଦାବି କରିଛନ୍ତି। ତେବେ ଏ ବିଷୟରେ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ରବୀନ୍ଦ୍ର ନାଥ ଦେଓଗାମଙ୍କୁ ପଚାରିବାରୁ ସେ ସଫେଇ ଦେଇଛନ୍ତି ଯେ, ତାଙ୍କ ପାଖରେ କୌଣସି ଅଭିଯୋଗ ନାହିଁ । ତଥାପି ତଦନ୍ତ କରାଯିବ। ଅନିୟମିତତା ହୋଇଥିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ

**ଝାରସୁଗୁଡା ଅଫିସ, ୬।୩**

ଝାରସୁଗୁଡା ସହର ବିଟିଏମ ଛକ ସ୍ଥିତ ଜଗନ୍ନାଥ ମନ୍ଦିର ନିକଟରେ ଶୁକ୍ରବାର ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି। ଝାରସୁଗୁଡା ପୌର ପରିଷଦର ୱାର୍ଡ ନମ୍ବର-୭ ପାଇଁ ବିଭିନ୍ନ ରାସ୍ତା, ଡ୍ରେନ୍, କୋଠା ନିର୍ମାଣ ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ନବ କିଶୋର ଦାସ ଏହି ଶିଳାନ୍ୟାସ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଝାରସୁଗୁଡା ମୁନିସିପାଲିଟିର ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ପ୍ରଧାନ, ରବି ସିଂ, ତାପସ ରାୟ ଚୌଧୁରୀ, ରଘୁମଣି ପଟେଲ, ସନ୍ଦୀପ ଅବସ୍ଥି, ହରିଶ ଗଣତ୍ରା, ମନୋରଂଜନ ମହାପାତ୍ର, ତ୍ରିନାଥ ଗୁଆଳ, ପିଣ୍ଟୁ ପାଢ଼ୀ, ପ୍ରତାପ ନନ୍ଦ, ରମେଶସିଂ, ଚିରିବି ପତି ପ୍ରମୁଖ ଉପସ୍ଥିତ ଥିଲେ।

## ରାଜସ୍ୱ, ଯୋଗାଣ ବିଭାଗର ଚଢ଼ାଉ

**ଲଇକେରା, ୬।୩ (ଡି.ଏନ.ଏ)**

ଲଇକେରାରେ ଶୁକ୍ରବାର ରାଜସ୍ୱ ବିଭାଗ, ଯୋଗାଣ ବିଭାଗ ମିଳିତ ଭାବେ ଚଢ଼ାଉ କରିଛି। ଦେଓକରଣ ଅଗ୍ରୱାଲଙ୍କ ଗୋଦାମ ଘରେ ଗଚ୍ଛିତ ୪୫ ପକେଟ ଧାନ ଓ ଦେବାର୍ଚ୍ଚନ ଅଗ୍ରୱାଲଙ୍କ ମାର୍କେଟରେ ଥିବା ଦୋକାନରେ ଗଚ୍ଛିତ ୨୫ ପକେଟ ଧାନ ଜବତ କରାଯାଇଛି। ଚଢ଼ାଉରେ ଲଇକେରା ତହସିଲଦାର ତପନଦେବ ଚକ୍ରବର୍ତ୍ତି, ଝାରସୁଗୁଡାରୁ ଆସିଥିବା ଯୋଗାଣ ନିରୀକ୍ଷକ ଗୋକୁଳାନନ୍ଦ ବଡ଼େଇ, ରାଜକିଶୋର ଜେନା, ସୁଷମା କୁମାରୀ ସା, ଦୀପ୍ତିଲତା ବାରିକ, ରାଜସ୍ୱ ନିରୀକ୍ଷକ ଶ୍ରୀକାନ୍ତ ପ୍ରଧାନ, ଦେବବ୍ରତ ଦୁତିଆଚାନ୍ଦ ପ୍ରମୁଖ ସାମିଲ ଥିଲେ।


**UTKAL UNIVERSITY**
VANI VIHAR, BHUBANESWAR - 751004, ODISHA, INDIA
NAAC ACCREDITED A+

**ADVERTISEMENT**

No Estt-II / HC-1183 / 9600 / 2020 — Dated: 14.2.2020

Applications along with Curriculum Vitae are invited for engagement of two Retired Doctors purely on contractual basis with consolidated remuneration of ₹ 55,000/- (Rupees fifty five thousand) only per month to work in the University Health Centre.
AGE LIMIT: Below 70 years.
The date of personal interview shall be intimated later on.

Sd/-
REGISTRAR



**IN THE DEBTS RECOVERY TRIBUNAL, CUTTACK**
C-71, Sector-7, CDA, Cuttack- 753014
**O.A.No. 73/2019**

Utkal Grameen Bank .... Applicant
-Versus-
Sri Kamal Lochan Samal .... Defendants

1- **Sri. Kamal Lochan Samal**, aged about 28 years, S/o- Trilochan Samal
2- **Sri Trilochan Samal**, age about 62 yrs., S/o- Late Kailash Samal

Both at Madhu Sudan Colony, Po/Ps- Rajgangpur, Dist- Sundargarh- 770017

Defendants

**Summons by paper publication for showing cause as to why reliefs prayed for should not be granted**

Take notice that the Applicant has instituted OA No. 73/19 in the Debts Recovery Tribunal, Cuttack for recovery of **Rs. 15,60,543.00** only pendentiliete and future interest thereon at the agreement rate till recover from the defendants with costs and for other reliefs. The above named defendants are hereby directed to appear before this tribunal in person or through advocates or authorized agents and show cause on 28/04/2020 at 10.30 A.M. positively as to why the reliefs prayed for should not be granted.

Take notice that in case of your default the original Application shall be heard and disposed off exparte in your absence.

Given under hand and seal of this Tribunal, on this 17th day of month February of 2020.

**By Orders of this Tribunal**
**Sd./- M.K. Patnaik**
**Registrar**
**Debts Recovery Tribunal, Cuttack**



**IN THE DEBTS RECOVERY TRIBUNAL, CUTTACK**
C-71, Sector-7, CDA, Cuttack- 753014
**O.A.No. 69/2019**

Utkal Grameen Bank .... Applicant
-Versus-
Sri Pratap Kumar Muduli & Others .... Defendants

1- **Sri. Pratap Kumar Muduli**, aged about 41 years, S/o- Janardan Muduli, At- Kumbharpara, Near Baba Talab, Po/Ps- Rajgangpur, Dist- Sundargarh- 770017
2- **Sri Narendra Singh**, age not known but major, S/o- Ram Sevak Singh
3- **Sri Binod Kumar Dash**, age not known but major, S/o- Kamal Dev Dash

Defendant nos.2 & 3 Residing At- Kumbharpada, Po/Ps- Rajgangpur, Dist- Sundargarh- 770017

Defendants

**Summons by paper publication for showing cause as to why reliefs prayed for should not be granted**

Take notice that the Applicant has instituted OA No. 69/19 in the Debts Recovery Tribunal, Cuttack for recovery of **Rs. 13,80,482.00** only pendentiliete and future interest thereon at the agreement rate till recover from the defendants with costs and for other reliefs. The above named defendants are hereby directed to appear before this tribunal in person or through advocates or authorized agents and show cause on 30/04/2020 at 10.30 A.M. positively as to why the reliefs prayed for should not be granted.

Take notice that in case of your default the original Application shall be heard and disposed off exparte in your absence.

Given under hand and seal of this Tribunal, on this 3rd day of month March of 2020.

**By Orders of this Tribunal**
**Sd./- M.K. Patnaik**
**Registrar**
**Debts Recovery Tribunal, Cuttack**





## କାୟାକଳ୍ପ ଆୱାର୍ଡ ତାଲିକାରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଜିଲାର ନାଁ ନାହିଁ

**ଝାରସୁଗୁଡା ଅଫିସ, ୬।୩**

କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବିଭିନ୍ନ ଚିକିତ୍ସାଳୟର ସଫାସୁତୁରା ଓ ବିଭିନ୍ନ ସେବାକୁ ମାନଦଣ୍ଡ କରି କାୟାକଳ୍ପ ପୁରସ୍କାର ଦିଆଯାଉଛି। ସମସ୍ତ ରାଜ୍ୟରେ ଜିଲା ଥିବା ମୁଖ୍ୟ ଚିକିତ୍ସାଳୟ, ଉପଖଣ୍ଡ ଚିକିତ୍ସାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ଥିତି ପରଖି ପୁରସ୍କାର ପ୍ରଦାନ କରାଯାଉଛି। ଫେବୃୟାରୀ ଶେଷ ସପ୍ତାହରେ ୨୦୧୯-୨୦ ବର୍ଷ ପାଇଁ କାୟାକଳ୍ପ ପୁରସ୍କାର ଘୋଷଣା କରାଯାଇଛି। ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ଏଥିରେ ୱିନର ହୋଇଥିବା ବେଳେ କଳାହାଣ୍ଡି ଜିଲା ମୁଖ୍ୟ ଚିକିତ୍ସାଳୟ ରନର୍ସଅପ ହୋଇଛି। ଏହା ବାଦ ମାଲକାନଗିରି, ଢେଙ୍କାନାଳ, ରାୟଗଡା, ସମ୍ବଲପୁର, ଜଗତସିଂହପୁର, କୋରାପୁଟ(ଜୟପୁର), ସୁନ୍ଦରଗଡ(ଆରଜିଏଚ-ରାଉରକେଲା), କନ୍ଧମାଳ, ଖୋର୍ଦ୍ଧା (କ୍ୟାପିଟାଲ ହସ୍ପିଟାଲ ଭୁବନେଶ୍ୱର), ଗଞ୍ଜାମ (ସିଟି ହସ୍ପିଟାଏ ବ୍ରହ୍ମପୁର), ପୁରୀ, ବୌଦ୍ଧ, ଯାଜପୁର, ଭଦ୍ରକ, ବାଲେଶ୍ୱର, କଟକ (ସିଟି ହସ୍ପିଟାଲ) ଓ ସୁନ୍ଦରଗଡ ଆଦି ମୋଟ ୧୭ଟି ଚିକିତ୍ସାଳୟର ପ୍ରଶଂସା କରାଯାଇଛି। ତେବେ ଏହି ତାଲିକାରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ନବ କିଶୋର ଦାସଙ୍କ ଜିଲା ଝାରସୁଗୁଡା ସାମିଲ ନ ହେବା ଆଶ୍ଚର୍ଯ୍ୟର ବିଷୟ। ଏହି ଜିଲାର ଜିଲା ଚିକିତ୍ସାଳୟ ପୁରସ୍କାର ତ ଦୂରର କଥା ପ୍ରଶଂସାପତ୍ର ମଧ ପାଇବାକୁ ଯୋଗ୍ୟ ହୋଇନାହିଁ।

କାୟାକଳ୍ପ ପୁରସ୍କାର ପାଇଁ ରାଜ୍ୟ ଓ ଜିଲାସ୍ତରର ଟିମ୍ ଚିକିତ୍ସାଳୟଗୁଡିକୁ ପରିଦର୍ଶନରେ ଯାଇ ସଫା ସୁତୁରା, ଉପଲବ୍ଧ ସେବା ବ୍ୟବସ୍ଥା ଆଦି ବିଭିନ୍ନ ଦିଗକୁ ଦେଖି ର୍ୟାଙ୍କ ପ୍ରଦାନ କରିଥାନ୍ତି। ଝାରସୁଗୁଡା କାୟାକଳ୍ପ ଟିମ୍‌ର ପ୍ରଶଂସା ନ ପାଇବା ଦୁର୍ବଳ ସ୍ୱାସ୍ଥ୍ୟସେବାର ପ୍ରମାଣ କରୁଛି। ଏ ନେଇ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଜଗଦୀଶ ଚନ୍ଦ୍ର ବାରିକଙ୍କୁ ପଚାରିବାରୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ସମସ୍ତ ଭିତ୍ତିଭୂମି ରହିଛି। ହେଲେ ଡାକ୍ତର, କର୍ମଚାରୀ ଅଭାବ ଯୋଗୁ ସେବା ପ୍ରଦାନ କ୍ଷେତ୍ରରେ ଅସୁବିଧା ହେଉଛି ବୋଲି ସେ କହିଥିଲେ।


**PANCHAYAT SAMITI OFFICE, LOISINGHA**

Letter No. — Date: 06.03.2020

**INVITATIONS FOR BIDS**

**Detail Tender Call Notice No. 01/LSG/2019-20, Dated: 06.03.2020**

1. The Block Dev. Officer, Loisingha on behalf of Governor of Odisha invites percentage rate bids in sealed cover in conformity with Detailed Tender Call Notice No. 01/LSG/2019-20 to be eventually drawn up in State P.W.D. Form P-1 contract for the execution of works detailed in the table from eligible class of contractors mentioned against the work registered with the State Governments and Contractors of equivalent Grade/Class Registered with Central Government/MES/Railways for execution of Civil Works, on production of definite proof from the appropriate authority. The bidders may submit bids for any or all of the following works.

| Sl. No. | Name of Work | Approximate Value of Work (Rs.) | Bid Security 1% EMD (Rs.) | Cost of Document | Class of Contractor | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Upgradation of Loisingha Degree College Building at Loisingha | 35,29,067/- | 35,300/- | 6,000/- | C & B | 12 (Twelve) Calendar Months |

2. Bid documents consisting of plans, specifications, the schedule of quantities and the set of terms and conditions of contract and other necessary documetns can be seen in the office of the undersigned during office hours every day except on Sundays and Public Holidays till last date of sale and receipt of tender papers. Interested bidders may obtain further information at the same address.
3. Bid must be accompanied by bid security (EMD - 1%) of the amount specified for the work in the table above in any one of the forms as specified in the bidding docuemnt i.e. **N.S.C./K.V.P./Postal Saving Bank Accounts/Deposit Receipt of Scheduled Bank/Post Office Term Deposit Account** duly pledged in favour of the Block. Dev. Officer, Loisingha. Bids must also be accompanied by self atested xerox copy of valid GST Clearance, PAN Card and valid contract registration certificate, up to date ITCC failing which the bid will be liable for rejection.
4. The sale of the Bid document shall start from **Dt.11.03.2020 to Dt.19.03.2020 upto 5.30 P.M. at Panchayat Samiti, Loisingha** and receipt of bid documents shall close on **Dt.19.03.2020 at 5.30 P.M.** in Panchayat Samiti, Loisingha & DRDA, Bolangir.
5. Bids must be delivered in the tender box having mentioned as Tender Call Notice No. 01/LSG/2019-20 in Panchayat Samiti, Loisingha & DRDA, Bolangir.
6. Bid documents can be down loaded from official website of Government of Odisha **(http://www.balangir.nic.in)**. The bidders who have downloaded the bidding documents from the internet site will have to pay the cost of the tender document as indicated in col. no. 5 of the above table in shape of Demand Draft/Bankers cheque in favour of Block. Dev. Officer, Loisingha, payable at **SBI Loisingha** in a separate envelope marked **"Cost of bidding documents downloaded from the internet"** with the bid document. Authority will not be hled responsible, if any portion of the bid document is excluded or modified in the downloaded bid document.
7. Bidding documents requested by mail will have to be dispatched by Registered/Speed Post on payment of an extra amount of Rs.500/- over the cost of documents. The undersigned will not be held responsible for the postal delay if any, in the delivery of the documents or non-receipt of the same.
8. The bids will be opened on the **Dt.20.03.2020 at 11.00 A.M.** in the office of the undersigned, in the presence of the members of tender committee of Panchayat Samiti, Loisingha, bidders or their authorized agents who wish to attend at the Conference Hall of Panchayat Samiti, Loisingha. If the office happens to be closed on the date of opening of the bids as specified the bids will be opened on the next working day at the same time and venue respectively. Other details can be seen in the bidding documents.
9. Additional performance security shall be deposited by the successful bidder when the bid amount is less than the estimated cost put to tender. In such an event, the bidder who have quoted less bid price/rates than the estimated cost put to tender shall have to furnish the exact amount of differential cost i.e. estimated cost put to tender minus the quoted amount as APS in shape of Demand Draft/Term Deposit Receipt pledged in favour of Development Officer, Loisingha by the successful bidder within seven days opening of the bid.
10. In case of Engineering contractors seeking exemption of EMD are instructed to enclose an affidavit regarding the list of works awarded during the current financial year 2019-20 with exemption of EMD along with an application to avail the same for this work and will submit copy of original contract licence and produce the original licnece at the time of opening of tener, otherwise the tender will be rejected.
11. Scheduled Caste and Scheduled Tribe tenderers will be given concession where their tenders are within 10% of the rate quoted by the lowest tenderer, for any work, the work may be considered for award to him/them at the lowest tendered rate.
12. If any bidder quotes less than 15% (fifteen) of the amount put to tender then such a bid shall be rejected and the tender shall be finalized basing on merit of the rest bids.
13. The tenderer while submitting tender shall furnish an affidavit along with the tender about the authenticity of the tender documents including E.M.D. The conditional tender will not be accepted on any circumstances by the authority.
14. The tender bidding for more than one work is required to submit the bid documents separately i.e. one envelope for each work with individual EMD. The bidding documents are to be properly sealed and clearly superscripted with the name of work with serial nos of the work.
15. The percentage quoted in the tender without mentioning excess or less shall be treated as excess.
16. The agency bidding for the work put of this notice, shall have to mention percentage of excess/less (both in words & figure) over the amount put to tender required by him in the prescribed format at the end of the bill of quantity. In the event of discrepancies the words & figure, the percentage quoted in words will count.
17. Validity of tender shall be 90 days from the date of opening of tender.
18. The Block Dev. Officer reserves right to reject any or all the tenders without assigning any reason thereof.

**Sd./- [R.C. Khadia, OAS(1)SB], Block Dev. Officer, Loisingha**



ମୁଁ ଅନ୍ୟକୁ ଥଟ୍ଟା କରେ ସତକଥା କହି, କାରଣ ସତ୍ୟ ହେଉଛି ସବୁଠାରୁ ବଳି ଆମୋଦଦାୟକ ଥଟ୍ଟା।
- ଜର୍ଜ ବର୍ନାଡ ଶ



**ସଂକ୍ଷେପରେ...**

## ବାରକୋଟ ପଞ୍ଚାୟତ ସମିତି ବୈଠକ

ବାରକୋଟ, ୬।୩ (ଡି.ଏନ.ଏ.): ଦେବଗଡ ଜିଲା ବାରକୋଟ ପଞ୍ଚାୟତ ସମିତିର ଅଷ୍ଟମ ସାଧାରଣ ବୈଠକ ଶୁକ୍ରବାର ସମିତିର ସଭା ଗୃହଠାରେ ପ୍ରବଳ ହଟ୍ଟଗୋଳ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷା ସୁବାଶିନୀ ସାହୁଙ୍କ ଅଧକ୍ଷତାରେ ବିଡିଓ ଟୁନୁ ମେହେର ସଭା ପରିଚାଳନା କରିଥିଲେ । ବୈଠକରେ ବିଡିଓଙ୍କ ନିର୍ଦ୍ଦେଶ କ୍ରମେ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ କସମସ ତିର୍କୀ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ପୂର୍ବ ବୈଠକରେ ବସାଲଇ ସମିତିସଭ୍ୟ ଭୁବନେଶ୍ୱର ପ୍ରଧାନ ବ୍ଲକ ଅଫିସରରେ ସିସିଟିଭି ଏବଂ ବାୟୋମେଟ୍ରିକ ମେଶିନ ଲଗାଇବା ପାଇଁ ପ୍ରସ୍ତାବ ଦେଇଥିଲେ। ଏହା ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା। ଆସନ୍ତା ସାଧାରଣ ବୈଠକ ପୂର୍ବରୁ ଲାଗିବ ବୋଲି ବିଡିଓ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ତାହା ଲାଗି ପାରି ନ ଥିବାବେଳେ ପ୍ରସ୍ତାବକୁ ବିବରଣୀରେ ସ୍ଥାନ ଦିଆଯାଇ ନ ଥିବାରୁ ଜନପ୍ରତିନିଧି ପାଟିତୁଣ୍ଡ କରିଥିଲେ । ପୂର୍ବାହ୍ନ ୧୧ଟାରେ ବୈଠକ ଆରମ୍ଭ ହେବାକୁ ଥିବା ବେଳେ ବୈଠକ ମଧ୍ୟାହ୍ନ ୧୨ଟାରେ ଆରମ୍ଭ ହୋଇଥିଲେ ସୁଦ୍ଧା ଅଧିକାଂଶ ଅଧିକାରୀ ବୈଠକର ଅନୁପସ୍ଥିତ ଥିଲେ। ଫଳରେ ବୈଠକ ବର୍ଜନ କରିବାକୁ ଜନପ୍ରତିନିଧିମାନେ କହିଥିଲେ । ବିଡିଓ ମେହେର ସମସ୍ତଙ୍କୁ ବୁଝାଶୁଝା କରି ଆସନ୍ତା ୭ ଦିନ ମଧ୍ୟରେ ସିସିଟିଭି ଏବଂ ବାୟୋମେଟ୍ରିକ ମେଶିନ ଲାଗିବ ବୋଲି ପ୍ରତିଶ୍ରୁତି ଦେବା ସହ ବୈଠକରେ ଅନୁପସ୍ଥିତ ଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ । ବୈଠକରେ ଦେବଗଡ଼ ବିଧାୟକ ସୁବାଷ ପାଣିଗ୍ରାହୀ, ଏମ୍‌ପିଙ୍କ ମୋମିନୀ ଅରୁଣ ସାହୁ, ଭାରତଭୂଷଣ ପ୍ରଧାନ, ହରମୋହନ ପାଣି ପ୍ରମୁଖ ଉପସ୍ଥିତ ଥିଲେ ।

# ବାପାଙ୍କୁ ନୂଆ ଜୀବନ ଦେଲା ପୁଅ

**ସମ୍‌ରେ ରାଜ୍ୟର ପ୍ରଥମ ଲିଭର ପ୍ରତିରୋପଣ**

ଭୁବନେଶ୍ୱର, ୬।୩ (ବ୍ୟୁରୋ): ସମ୍ ହସ୍ପିଟାଲରେ ରାଜ୍ୟର ପ୍ରଥମ ଲିଭର ପ୍ରତିରୋପଣ ହୋଇଛି। ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳର ୫୫ବର୍ଷ ବୟସ୍କ ଜୟନ୍ତ ବିଶ୍ୱାଳଙ୍କ ଶରୀରରେ ତାଙ୍କ ପୁଅ ସୌମ୍ୟ ରଞ୍ଜନ ଦାନ କରିଥିବା ଲିଭରର କିଛି ଅଂଶକୁ ଡାକ୍ତରମାନେ ସଫଳତାର ସହ ପ୍ରତିରୋପଣ କରିଛନ୍ତି। ଦୀର୍ଘ ୯ଘଣ୍ଟାର ଅପରେଶନ ପରେ ଉଭୟ ପିତା ପୁତ୍ର ଆଇସିୟୁରେ ଥିଲେ ମଧ୍ୟ ନିରାପଦ ରହିଥିବା ସମ୍ ହସ୍ପିଟାଲ୍‌ର ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ବିଭାଗ ମୁଖ୍ୟ ପ୍ରଫେସର ଡା. ମନୋଜ କୁମାର ସାହୁ କହିଛନ୍ତି। ହସ୍ପିଟାଲ ପକ୍ଷରୁ ଶୁକ୍ରବାର ଭୁବନେଶ୍ୱରର ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଡା. ସାହୁ ଏହି ସୂଚନା ଦେଇଛନ୍ତି। ରାଜ୍ୟର ଏହି ପ୍ରଥମ ଲିଭର ପ୍ରତିରୋପଣ ଅସ୍ତ୍ରୋପଚାର ସମ୍ ହସ୍ପିଟାଲ ପକ୍ଷରୁ ସମ୍ପୂର୍ଣ୍ଣ ମାଗଣାରେ କରାଯାଇଥିବାବେଳେ ଏଥିପାଇଁ ପ୍ରାୟ ଦେଢ଼ବର୍ଷ ତଳୁ ଯୋଜନା ପ୍ରସ୍ତୁତ ହୋଇଥିଲା। ଏହି ଅପରେଶନରେ ଯଶୋଦା ହସ୍ପିଟାଲର ୧୩ଜଣିଆ ଟିମ୍‌ଙ୍କ ସମେତ ସମ୍ ହସ୍ପିଟାଲର ୪୦ଜଣିଆ ଟିମ୍ ସାମିଲ ଥିଲେ। ଜୟନ୍ତ ୨୦୧୬ରେ ହଠାତ୍ ଯକୃତଜନିତ ରୋଗରେ ପୀଡ଼ିତ ହୋଇଥିଲେ। ସେ ନନ୍ ଆଲକୋହଲିକ୍ ଫ୍ୟାଟି ଲିଭର ରୋଗରେ ପୀଡ଼ିତ ହୋଇପଡ଼ିଥିବା ବେଳେ ନିଜ ଜୀବନ ବଞ୍ଚାଇବା ପାଇଁ ଲିଭର ପ୍ରତିରୋପଣ କରିବାକୁ ନିଷ୍ପତ୍ତି ନେଇଥିଲେ। ପ୍ରାଥମିକ ପର୍ଯ୍ୟାୟରେ ତାଙ୍କ ସ୍ତ୍ରୀ ଅନୀତା ବିଶ୍ୱାଳ ତାଙ୍କ ଲିଭରର କିଛି ଅଂଶ ପ୍ରଦାନ କରିବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ। ମାତ୍ର ତାଙ୍କ ବ୍ଲଡ୍ ଗ୍ରୁପ୍ 'ବି' ପଜିଟିଭ୍ ଥିବାରୁ ତାହା ଜୟନ୍ତଙ୍କ 'ଏ' ପଜିଟିଭ୍ ବ୍ଲଡ୍ ଗ୍ରୁପ୍ ସହିତ ମିଶି ନ ଥିଲା। ତେବେ ତାଙ୍କର ୧୯ ବର୍ଷୀୟ ଏକମାତ୍ର ପୁଅ ସୌମ୍ୟ ରଞ୍ଜନଙ୍କର ବ୍ଲଡ୍ ଗ୍ରୁପ୍ 'ଓ' ପଜିଟିଭ୍ ହୋଇଥିବାବେଳ ଏହା ଜୟନ୍ତଙ୍କ ବ୍ଲଡ୍ ଗ୍ରୁପ୍ ସହ ମିଶିଲା। ତେଣୁ ପିତାଙ୍କ ଜୀବନ ବଞ୍ଚାଇବା ପାଇଁ ନିଜ ଲିଭରର କିଛି ଅଂଶ ପ୍ରଦାନ କରିବାକୁ ସୌମ୍ୟ ରଞ୍ଜନ ନିଷ୍ପତ୍ତି ନେଇଥିଲେ। ତାଙ୍କ ନିଷ୍ପତ୍ତି ପରେ ସମ୍ ହସ୍ପଟାଲ୍‌ରେ ଏହି ପ୍ରତିରୋପଣ କରାଯାଇଥିଲା। ରାଜ୍ୟ ବାହାରେ ଲିଭର ପ୍ରତିରୋପଣ ପାଇଁ ୨୦ରୁ ୨୫ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ସମ୍‌ରେ ୧୦ ଲକ୍ଷ ଟଙ୍କାରେ ଏହି ପ୍ରକ୍ରିୟା କରାଯିବ। ତେବେ ଜୟନ୍ତଙ୍କ ଲିଭର ପ୍ରତିରୋପଣ ମାଗଣାରେ କରାଯାଇଥିବା ଡା. ସାହୁ କହିଛନ୍ତି। ଆସନ୍ତା ୪ରୁ ୫ଦିନ ମଧ୍ୟରେ ପିତା ପୁତ୍ର ଆଇସିୟୁରୁ ପଦାକୁ ଆସିବେ ଏବଂ ଖୁବ୍‌ଶୀଘ୍ର ଆରୋଗ୍ୟ ହୋଇ ଘରକୁ ଫେରିବେ। ଡା. ସାହୁ କହିଛନ୍ତି ଯେ, ଲିଭର ପ୍ରତିରୋପଣ ଏକ ଜଟିଳ ପ୍ରକ୍ରିୟା ହୋଇଥିଲେ ମଧ୍ୟ ଦାନ କରୁଥିବା ବ୍ୟକ୍ତିଙ୍କର କୌଣସି ସମସ୍ୟା ହୁଏ ନାହିଁ। କାରଣ ଚର୍ମ ଭଳି କିଛିଦିନ ମଧ୍ୟରେ ଲିଭର ମଧ୍ୟ ପୂର୍ବାବସ୍ଥାକୁ ଫେରିଆସେ। ସେହିଭଳି ଯାହାଙ୍କ ଠାରେ ଲିଭର ପ୍ରତିରୋପଣ ହୁଏ ସେ ମଧ୍ୟ ଦୀର୍ଘଦିନ ପର୍ଯ୍ୟନ୍ତ ସୁସ୍ଥ ଜୀବନ ଯାପନ କରିଥାନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯାହା ଖାଇବ ପେଟକୁ,**
**ଯାହା ଦେବ ବାଟକୁ,**
**ଯାହା ଥୋଇବ ଖଣ୍ଟକୁ ।**

ଜୀବ ଥିବା ଯାଏ ଭଲ ଖାଇପିଇ ସ୍ୱାସ୍ଥ୍ୟ ଠିକ୍ ରଖିବା ଦରକାର। ଦାନ ଧର୍ମ କଲେ ବହୁ ପୁଣ୍ୟ ମିଳିଥାଏ। ମୃତ୍ୟୁ ପରେ ସଞ୍ଚିତ ଅର୍ଥ ଅନ୍ୟମାନେ ଭୋଗ କରନ୍ତି। ସୁକର୍ମ କରିଥିଲେ ମୃତ୍ୟୁ ପରେ ବି ଲୋକେ ଯଶଗାନ କରିଥାନ୍ତି। ଧନସମ୍ପତ୍ତି କେହି ସାଙ୍ଗରେ ନେଇଯାଇପାରି ନ ଥାନ୍ତି। ନିଜର ସୁଗୁଣ, ଯଶ ଗୌରବ ରହିଯାଏ, ସମସ୍ତେ ସେଇଥିପାଇଁ ମନେ ପକାଉଥିବା ଅର୍ଥରେ ଏଭଳି ସୁପରାମର୍ଶ ପ୍ରଦାନ କରାଯାଇଛି।

**ଯେନ ବାଣେ ହତ ବାଳୀ**
**ତେନ ବାଣେ ହତ ଲଙ୍କା ।**

ପ୍ରଭୁ ରାମଚନ୍ଦ୍ର ସୁଗ୍ରୀବ ସହ ବନ୍ଧୁତା କରି ବାନର ରାଜା ବାଳୀକୁ ବଧ କରିଥିଲେ। ସେହିପରି ବିଭୀଷଣ ସହାୟତାରେ ସେ ଲଙ୍କପତି ରାବଣକୁ ମାରିଥିବା ପୁରାଣରୁ ଜାଣିବାକୁ ମିଳିଥାଏ। ପରୋକ୍ଷରେ ଏକା ବାଣକେ ଦୁଇଟି ଶିକାର। ଗୋଟିଏ ଫଳାରେ ଦୁଇଟି ଷଡ଼ଯନ୍ତ୍ର ପଣ୍ଡ କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା: ଲି:

# ଅପରାଧ ନିୟନ୍ତ୍ରଣ ଲାଗି ଲୋକଙ୍କ ସହଯୋଗ ଲୋଡ଼ିଲା ପୋଲିସ



ଛାତ୍ରୀଛାତ୍ରଙ୍କ ସହ ବସି ଭୋଜନ କରୁଛନ୍ତି ଜିଲାପାଳ ଓ ଏସ୍‌ପି ।

ଦେବଗଡ,୬।୩(ଡି.ଏନ.ଏ.) ଦେବଗଡ଼ ଜିଲା ରିଆମାଳ ବ୍ଲକ ଅନ୍ତର୍ଗତ ଆଉଶ ଗ୍ରାମ ପଞ୍ଚାୟତର ଦୁର୍ଗମ ତଥା ମାଓବାଦୀ ଅଧ୍ୟୁଷିତ ହିଲାଙ୍ଗ ଗ୍ରାମରେ ଜିଲା ପୋଲିସ ପକ୍ଷରୁ ଜନ ସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି। ଦେବଗଡ଼ ଏସ୍‌ପି ରାହୁଲ ଜୈନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶିବିରରେ ମୁଖ୍ୟଅତିଥି ଭାବେ ଜିଲାପାଳ ସୁଧାଂଶୁ ମୋହନ ସାମଲ , ରିଆମାଳ ବ୍ଲକ ଅଧକ୍ଷା ଗିତାଞ୍ଜଳୀ ହାତୀ ଓ ଆଉଶ ସରପଞ୍ଚ ପୂଜାରାଣୀ ସାହୁ ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ଏସ୍‌ପି ଜୈନଙ୍କ ସମେତ ଅତିଥିମାନେ ମାଓବାଦୀ, ଆତଙ୍କବାଦ ସମେତ ସମସ୍ତ ପ୍ରକାର ଅପରାଧ ନିୟନ୍ତ୍ରଣରେ ପୋଲିସକୁ ସହଯୋଗ କରିବାକୁ ଅନୁରୋଧ କରିଥିଲେ। ଏହି ଶିବିରରେ ପ୍ରାୟ ୫ଶହରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଯୋଗଦେଇଥିଲେ। ଏହିଅବସରରେ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା । ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଦଳ ଏବଂ ବ୍ୟକ୍ତିବିଶେଷଙ୍କୁ ଖେଳ ଉପକରଣ,ବାଦ୍ୟ ଯନ୍ତ୍ର ଓ ଟିଂସାର୍ଟ ଆଦି ପ୍ରଦାନ ପୂର୍ବକ ପୁରସ୍କୃତ କରାଯାଇଥିଲା। ଶେଷରେ ଜିଲାପାଳ ସାମଲ ଓ ଏସ୍‌ପି ଜୈନ ଗ୍ରାମର ଅଙ୍ଗନୱାଡି କେନ୍ଦ୍ରରେ ଛାତ୍ରଛାତ୍ରୀଙ୍କ ଗହଣରେ ବସି ଭୋଜନ କରିଥିଲେ ।

# ନିର୍ମାଣ ଶ୍ରମିକ ସେବା ସପ୍ତାହ-୨୦୨୦




ନିର୍ମାଣ ଶ୍ରମିକ ସେବା ସପ୍ତାହ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ଦେବଗଡ଼,୬।୩(ଡି.ଏନ.ଏ) ଜିଲା ପ୍ରଶାସନ ଶ୍ରମ ବିଭାଗ ଓ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ମିଳିତ ଆନୁକୂଲ୍ୟରେ ନିର୍ମାଣ ଶ୍ରମିକ ସେବା ସପ୍ତାହର ଜିଲାସ୍ତରୀୟ କାର୍ଯ୍ୟକ୍ରମ ସ୍ଥାନୀୟ ଇଣ୍ଡୋର ଷ୍ଟାଡିୟମଠାରେ ଅନୁଷ୍ଠିତ ହୋଇଯାଇଛି । ଦେବଗଡ଼ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ସମ୍ମାନନୀୟ ଅତିଥି ଭାବେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭିନସେଣ୍ଟ ପୁନମ କାନ୍ତ ଏକ୍କା ଶ୍ରମିକ ଭାଇ ଭଉଣୀମାନେ ନିଜର କାର୍ଯ୍ୟ ସମ୍ପାଦନରେ ଦକ୍ଷତା ପ୍ରତିପାଦନ କରିବାକୁ କହିଥିଲେ । ଜିଲାର ନିୟୋଜନ ଅଧିକାରୀ ଚିନ୍ତାମଣି ମହାନନ୍ଦ ଏବଂ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଜୟ କୁମାର ମିଶ୍ର ଅତିଥି ଭାବେ ଯୋଗଦେଇଥିଲେ । ଜିଲା ଶ୍ରମ ଅଧିକାରୀ ପ୍ରସନ୍ନ କୁମାର ସିଂ ନିର୍ମାଣ ଶ୍ରମିକ ସେବା ସପ୍ତାହ ପାଳନର ଉଦ୍ଦେଶ୍ୟ ସଂକ୍ରାନ୍ତରେ ଆଲୋକପାତ କରିଥିଲେ। ଏହି ଅବସରରେ ୨୨୦୦ଜଣଙ୍କୁ ଶିକ୍ଷା ସହାୟତା ଭାବେ ୯୫ଲକ୍ଷ ୨୩ହଜାର ଟଙ୍କା, ବିବାହ ସହାୟତା ଆକାରରେ ୩୫୬ଜଣଙ୍କୁ ୧କୋଟି ୩୬ଲକ୍ଷ ଟଙ୍କା, ୫ ଜଣଙ୍କୁ ମୃତ୍ୟୁକାଳୀନ ସହାୟତା ରାଶି ୧୮ଲକ୍ଷ ଟଙ୍କା ସହ ବିଭିନ୍ନ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ପ୍ରାନ୍ତରୁ ନିର୍ମାଣ ଶ୍ରମିକମାନଙ୍କ ସହିତ ଶ୍ରମିକ ସଙ୍ଗଠନ କର୍ମକର୍ତ୍ତା ଯୋଗଦେଇଥିଲେ।

# ଦେବଗଡ଼ରେ ଜିଲାସ୍ତରୀୟ ବିଜୁ ପଟ୍ଟନାୟକ ଜୟନ୍ତୀ



ଜିଲାସ୍ତରୀୟ ଜୟନ୍ତୀ ଉତ୍ସବରେ ମଞ୍ଚାସୀନ ଅତିଥିମାନେ ।

ଦେବଗଡ଼,୬।୩(ଡି.ଏନ.ଏ.) ସ୍ଥାନୀୟ ଟାଉନହଲଠାରେ ଦେବଗଡ଼ ଜିଲା ବିଜେଡି ପକ୍ଷରୁ ବିଜୁ ପଟ୍ଟନାୟକଙ୍କ ୧୦୪ତମ ଜିଲାସ୍ତରୀୟ ଜୟନ୍ତୀ ପାଳିତ ହୋଇଯାଇଛି। ବିଜେଡି ଜିଲା ସଭାପତି ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କ ନେତୃତ୍ୱରେ ଆୟୋଜିତ ଏହି ସଭାରେ ଶତାଧିକ ନେତା ଓ କର୍ମୀ ଯୋଗଦେଇଥିଲେ। ସ୍ଥାନୀୟ ପ୍ରଧାନପାଟ ଶିଶୁ ଉଦ୍ୟାନ ସ୍ଥିତ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ପରେ ଏକ ଶୋଭାଯାତ୍ରାରେ ନଗର ପରିକ୍ରମା କରିବା ପରେ ଟାଉନ ହଲରେ ପହଞ୍ଚି ଥିଲା। ସେଠାରେ ଜିଲା ବିଜେଡି ସଭାପତି ବିଶ୍ୱାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ଜୟନ୍ତୀ ସଭାରେ ଜିଲା ପରିଷଦ ସଦସ୍ୟା ନିଶାନୀ ବେହେରା,ଜିଲା ବିଜେଡି କୃଷକ ସେଲ ସଭାପତି ଇଂ. ଚିତ୍ତ ରଞ୍ଜନ ପ୍ରଧାନ ,ରାଜ୍ୟ ଯୁବ ପରିଷଦ ସଦସ୍ୟ ଇଂ. ସୁଜିତ କୁମାର ପ୍ରଧାନ , ବିଜେଡି ଜିଲା ନିର୍ବାଚନ ଅଧିକାରୀ କାମାକ୍ଷା ପ୍ରସାଦ ଗଙ୍ଗଦେବ, ଆଇନଜୀବୀ ରଞ୍ଜନ କୁମାର ସାହୁ ,ନଗର ସଭାପତି ଶୁକଦେବ ଭଞ୍ଜ,ବାରକୋଟ ବ୍ଲକ ବିଜେଡି ସଭାପତି ହୀରାଲାଲ ସାହୁ ,ରିଆମାଳ ବ୍ଲକ ବିଜେଡି ସଭାପତି ବୈକୁଣ୍ଠ ପାଇକରାୟ,ତିଲେଇବଣି ବ୍ଲକ ସଭାପତି ବାବୁଲାଲ ପୃଷେଠ ପ୍ରମୁଖ ମଞ୍ଚାସୀନ ଥିଲେ।

# ଗ୍ରନ୍ଥାଗାର ଅଧକ୍ଷାଙ୍କୁ ରାଷ୍ଟ୍ରୀୟ ସମ୍ମାନ

ଦେବଗଡ଼,୬।୩(ଡ଼ି.ଏନ୍.ଏ.): ସୁନାମୁଣ୍ଡସ୍ଥିତ ଜବାହର ନବୋଦୟ ବିଦ୍ୟାଳୟ ଗ୍ରନ୍ଥାଗାର ଅଧକ୍ଷା ଗୌରୀ ନନ୍ଦିନୀ ବେହେରାଙ୍କୁ ବେଷ୍ଟ ଇନୋଭେଟିଭ୍ ଶିକ୍ଷକ ଭାବେ ସମ୍ମାନିତ କରାଯାଇଛି । ଗତ ୨ ତାରିଖରେ ଦିଲ୍ଲୀର ଆଇଟିଆଇ ପ୍ରେକ୍ଷାଳୟରେ ଭାରତ ସରକାରଙ୍କ ମାନବ ସମ୍ବଳ ବିକାଶ ମନ୍ତ୍ରୀ ରମେଶ ପୋଖରିଆଲ ନିଶାଙ୍କଙ୍କ ଦ୍ୱାରା ଗୌରୀ ନନ୍ଦିନୀଙ୍କୁ ସ୍ୱର୍ଣ୍ଣ ପଦକ ସହ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।



ସମ୍ମାନୀତ ହୋଇଥିବା ଶିକ୍ଷୟିତ୍ରୀଶିକ୍ଷକଙ୍କ ଗହଣରେ ଗୌରୀନନ୍ଦିନୀ ବେହେରା।

ସମ୍ବର୍ଦ୍ଧନା ଉତ୍ସବରେ କେନ୍ଦ୍ରମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର, ପ୍ରକାଶ ଜାଭେଦକର, ଅନୁରାଗ ସିଂ ଠାକୁର,ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଯୁବ ନେତୃତ୍ୱ, ଗୋଷ୍ଠୀ ବିକାଶ ତାଲିମ ଶିବିର ଉଦ୍‌ଘାଟିତ

ଦେବଗଡ଼,୬।୩(ଡ଼ି.ଏନ୍.ଏ.) ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନ ନେହେରୁ ଯୁବ କେନ୍ଦ୍ର ଦେବଗଡ଼ ପକ୍ଷରୁ ସୁଗୁଡ଼ା ଗ୍ରାମପଞ୍ଚାୟତ ରାଜୀବ ଗାନ୍ଧୀ ସେବା କେନ୍ଦ୍ରଠାରେ ଏକ ତିନିଦିନିଆ ଗୋଷ୍ଠୀ ବିକାଶ ତାଲିମ୍ ଶିବିର ଉଦ୍‌ଘାଟିତ ହୋଇଯାଇଛି । ନେହେରୁ ଯୁବ କେନ୍ଦ୍ରର ସଂଯୋଜକ ପ୍ରଦୀପ କୁମାର ବିଶ୍ୱାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭିନ୍‌ସେଣ୍ଟ ପୁନମ୍‌କାନ୍ତ ଏକ୍କା ମୁଖ୍ୟ ଅତିଥି,ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧୀର କୁମାର ନଇ,ଜିଲା କ୍ରୀଡ଼ା ଅଧିକାରୀ ଶଙ୍କର ପ୍ରସାଦ ଅଧିକାରୀ,ସୁଗୁଡ଼ା ସରପଞ୍ଚ ଦେବକୀ ଅଡ଼ା, ଜିଲା କ୍ରୀଡ଼ା ସଂସଦର ସାଧାରଣ ସମ୍ପାଦକ ଧୀରେନ୍ଦ୍ର ନାଏକ ଯୋଗ ଦେଇ ସମାଜର ବହୁବିଧ ବିକାଶରେ ଯୁବକମାନଙ୍କ ସହଭାଗିତା ସମ୍ପର୍କରେ ଆଲୋଚନା କରିଥିଲେ । ବିଭିନ୍ନ ଅନୁଷ୍ଠାନରୁ ପ୍ରାୟ ୪୦ଜଣ ଯୁବତୀ ଯୁବକ ଅଂଶ ଗ୍ରହଣ କରିଥିଲେ।




ଗୋଷ୍ଠୀ ବିକାଶ ତାଲିମ୍ ଶିବିରରେ ମଞ୍ଚାସୀନ ଅତିଥି ବୃନ୍ଦ।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

GANPATI FINANCE
GANPATI ଋଣ 2%ବାର୍ଷିକ ସୁଧରେ ମାତ୍ର ୨୪ ଘଣ୍ଟାରେ ଘରେବସି ପାଆନ୍ତୁ
ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ
ଯେବେ କଉଠି ନ ମିଳେ ଲୋନ୍ ଆମକୁ କରନ୍ତୁ ଫୋନ୍
Plot No-14/524, Chandini Chowk, Kolkata
8396000562
8607796713

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

ଋଣ ଧମାକା
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଦର୍ଶ ଫାଇନାନ୍ସ
ପୂରା ରାଜ୍ୟରେ ପ୍ରଥମ ଥର ପାଇଁ ପିଏମ୍ ଜନଧନ ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
2% ସୁଧ - 50% ରିହାତିରେ
ଆଧାରକାର୍ଡ | ରାଶନକାର୍ଡ
ପର୍ସନାଲ | ପ୍ରପର୍ଟି
ଏଗ୍ରିକଲ୍‌ଚର | ବ୍ୟବସାୟ
ଗୃହ ଋଣ | ଟୁ-ହ୍ୱିଲର୍
ଗ୍ରୁପ୍ ଋଣ | ପଶୁପାଳନ
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
କମ୍ କାଗଜପତ୍ର କାମ
କମ୍ ଖରାପ ସିବିଲଧାରୀଙ୍କୁ ମଧ୍ୟ ଋଣ
8929889612
7290830466
Shahajahanabad, Bhopal (MP)


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


ସରସ ଫାଇନାନ୍ସ
ଋଣ ନିଅନ୍ତୁ ମାତ୍ର ୨୪ ଘଣ୍ଟାରେ
ସମସ୍ତ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଲୋନ, ପଶୁପାଳନ, ବିଜ୍‌ନେସ୍ ଏବଂ ଘର ଋଣ
ସହଜ କିସ୍ତିରେ ସବୁ ପ୍ରକାର ଋଣ ଉପଲବ୍ଧ
Online ସୁବିଧା, ଥରେ ମାତ୍ର ବିଶ୍ୱାସ କରି ଦେଖନ୍ତୁ
ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

BUSINESS

ଦୟାକରି ଧ୍ୟାନ ଦିଅନ୍ତୁ
ଖାଲିଥିବା ଜମି, ଛାତ ଓ ପ୍ଲଟ୍‌ରେ Tower Vision କମ୍ପାନୀର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 30,000/- ଟଙ୍କା ପାଆନ୍ତୁ
ଜମି ଛାତ ପ୍ଲଟ୍
07449881156
08295828950

BUSINESS
ମୋବାଇଲ ଟାୱାର
ସିୟା ରାମ ଟାୱାର କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ ଉପରେ ୪ଜି ମୋବାଇଲ ଟାୱାର ଲଗାନ୍ତୁ ।
ମାସିକ ଭଡା - ୯୦,୦୦୦/-, ଆଡଭାନ୍ସ - ୯୦ଲକ୍ଷ + ଚାକିରୀ + ୨୦ବର୍ଷ ଏଗ୍ରିମେଣ୍ଟ
9667567748
9667567752

ASTROLOGY

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9903852257
9818298397

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

DHARITRI Career appointment Every Wednesday and Saturday

## ସଂକ୍ଷେପରେ

### ବୁର୍ଲା ଏନ୍‌ଏସି କଲେଜରେ ସମ୍ମାନ

ସମ୍ବଲପୁର, ୬।୩ (ବ୍ୟୁରୋ)

ବୁର୍ଲା ଏନ୍‌ଏସି କଲେଜ ରାଜନୀତି ବିଜ୍ଞାନ ବିଭାଗରେ 'ଗାନ୍ଧୀଜୀଙ୍କ ପ୍ରମୁଖ ବିଚାର' ଶୀର୍ଷକ ଜାତୀୟ ସମ୍ମାନ ଅନୁଷ୍ଠିତ ହୋଇଯାଇଛି। ହାଇଦ୍ରାବାଦସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନ ପ୍ରଫେସର ଅରୁଣ ପଟ୍ଟନାୟକ ଯୋଗଦେଇ ଗାନ୍ଧୀଜୀଙ୍କ ପାଶ୍ଚାତ୍ୟ ସଭ୍ୟତା ପ୍ରତିଥିବା ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । କଲେଜ ଅଧକ୍ଷା ସଂଯୁକ୍ତା ପାଣିଗ୍ରାହୀଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବରିଷ୍ଠ ଅଧାପକ ତେଜରାମ ପଟେଲ, ଡା. ପ୍ରେମଚାନ୍ଦ ମହାନ୍ତି ସମ୍ମାନର ଅଭିମୁଖ୍ୟ ଓ ଲକ୍ଷ୍ୟ ଉପରେ ସୂଚନା ଦେଇଥିଲେ । ଅଧାପକ ପ୍ରଦୀପ କୁମାର ମିଶ୍ର ମଞ୍ଚ ପରିଚାଳନା କରିଥିବାବେଳେ ଅଧାପକ ଡ. ପଦ୍ମନାଭ ହୋତା ଧନ୍ୟବାଦ ଅର୍ପଣ କରିଥିଲେ।

### ଖାଲିଆଖାନି ଚାମ୍ପିୟନ

ରେଙ୍ଗାଲି, ୬।୩ (ଡି.ଏନ.ଏ)

ସମ୍ବଲପୁର ଜିଲା ରେଙ୍ଗାଲି ଖୁଣ୍ଡାସ୍ଥିତ ଖେଳ ପଡିଆରେ ବୀର ସୁରେନ୍ଦ୍ର ସାଏ କ୍ଲବ ପକ୍ଷରୁ ୩ ଦିନିଆ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ୧୬ଟି ଦଳ ଭାଗ ନେଇଥିଲେ । ଖାଲିଆଖାନି ଏବଂ ରେମଜା ମଧ୍ୟରେ ଫାଇନାଲ ଅନୁଷ୍ଠିତ ହୋଇଥିଲା । ଏଥିରେ ଖାଲିଆଖାନି ଚାମ୍ପିୟନ ହୋଇଛି। ରେଙ୍ଗାଲି ଯୁବ ବିଜେଡି ନେତା କିରଣ ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆଦାନୀ ପ୍ରୋଜେକ୍ଟ ମୁଖ୍ୟ ପ୍ରସନ୍ନ କୁମାର ପଣ୍ଡା, ଆମର ସିଂହ ଏବଂ ରେଙ୍ଗାଲି ନିର୍ବାଚନ ମଣ୍ଡଳୀ ବିଜୁ ଛାତ୍ର ଜନତା ଦଳ ସଭାପତି ବାବୁଲୁ ରାଉତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଚାମ୍ପିୟନ ଦଳକୁ ୧୮ ହଜାର ଟଙ୍କା ଏବଂ ଟ୍ରଫି ପ୍ରଦାନ କରାଯାଇଥିବା ବେଳେ ଉପବିଜେତା ଦଳକୁ ୧୦ ହଜାର ଟଙ୍କା ଏବଂ ଟ୍ରଫି ପ୍ରଦାନ କରାଯାଇଛି। ଏହି ଟୁର୍ନାମେଣ୍ଟ ଆୟୋଜନରେ କ୍ଲବର ମୋହିତ ରାଉତ, ପ୍ରଦୀପ ବୁଢ଼ିଆ, ବୋଲକର ରାଉତ, ସୁବୋଧ ବିଶ୍ୱାଳ, ଅଶୋକ ସେଟ, ପବିତ୍ର ରାଉତ, ଦେବେନ୍ଦ୍ର ସିଂ, ରମାକାନ୍ତ ମାଲି ଏବଂ ସମସ୍ତ ସଭ୍ୟ ସହଯୋଗ କରିଥିଲେ।

# ଆଶାକର୍ମୀଙ୍କ ବିନା ସ୍ୱାସ୍ଥ୍ୟସେବା ଅସମ୍ପୂର୍ଣ୍ଣ

ସମ୍ବଲପୁର, ୬।୩ (ବ୍ୟୁରୋ)

ଆଶାକର୍ମୀଙ୍କ ବିନା ସ୍ୱାସ୍ଥ୍ୟସେବା ଅସମ୍ପୂର୍ଣ୍ଣ। ସେମାନଙ୍କ ନିଷ୍ଠାପର କାର୍ଯ୍ୟ ଯୋଗୁ ଜିଲାରେ ଶିଶୁ ଓ ମାତୃ ମୃତ୍ୟୁହାର କମିଛି । ପ୍ରକୃତ ପକ୍ଷେ ସମାଜର ସ୍ୱାସ୍ଥ୍ୟସେବାରେ ଆଶାମାନେ ଆଲୋକ ବର୍ତ୍ତିକା ସାଜିଛନ୍ତି । ଏହାଦ୍ୱାରା ଗ୍ରାମାଞ୍ଚଳରେ ଜନସାଧାରଣ ସ୍ୱାସ୍ଥ୍ୟସେବାର ସୁବିଧା ପାଇପାରୁଛନ୍ତି। ଶୁକ୍ରବାର ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟଠାରେ ଆୟୋଜିତ ଜିଲାସ୍ତରୀୟ ଆଶା ଓ ଗାଁ କଲ୍ୟାଣ ସମିତି (ଜିକେଏସ) ସମ୍ମିଳନୀରେ ଅତିଥିମାନେ ଏହା କହିଛନ୍ତି । ଆଶା ଆସିଷ୍ଟାଣ୍ଟ ମ୍ୟାନେଜର ସସ୍ମିତା ପଣ୍ଡାଙ୍କ ସଂଯୋଜନା ଓ ପରିଚାଳନାରେ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଜିଲା ପରିଷଦ ଅଧକ୍ଷ ରାଧେଶ୍ୟାମ ବାରିକ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଶଶିଭୂଷଣ ପଟେଲ, ଅତିରିକ୍ତ ଶିକ୍ଷା ଅଧିକାରୀ ଡା. ଅଶୋକ କୁମାର ଦାଶ ଓ ଡା. କୁବେର ଚନ୍ଦ୍ର ମହନ୍ତ, ଡିଏସ୍‌ଡବ୍ଲ୍ୟୁଓ ଗୀତାଞ୍ଜଳି ମହାପାତ୍ର, ଅତିରିକ୍ତ ଏସ୍‌ପି ଶାନ୍ତନୁ କୁମାର ଦାଶ ଅତିଥି ଭାବେ ଯୋଗଦେଇ ଆଶାମାନଙ୍କ କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ମାନେଶ୍ୱରର ରଜନୀ ପାଢ଼ୀଙ୍କୁ ପ୍ରଥମ, ବାମରାର ବାହାଲେନ ହାଁସଦା ଓ କୁଚିଣ୍ଡାର ସୁକାନ୍ତି ପଟେଲଙ୍କୁ ଦ୍ୱିତୀୟ ଏବଂ ନାକଟିଦେଉଳର କାଞ୍ଚନ ସାହୁଙ୍କୁ




ଶୁକ୍ରବାର ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟରେ ଅତିଥିମାନେ ରଜନୀ ପାଢ଼ୀଙ୍କୁ ଶ୍ରେଷ୍ଠ ଆଶା ଭାବେ ପୁରସ୍କୃତ କରୁଛନ୍ତି ।

- ଜିଲାସ୍ତରୀୟ ଆଶା, ଜିକେଏସ୍ ସମ୍ମିଳନୀ
- ମାନେଶ୍ୱରର ରଜନୀ ପାଢ଼ୀ ଶ୍ରେଷ୍ଠ ଆଶା

ତୃତୀୟ ପୁରସ୍କାର ପ୍ରଦାନ କରାଯାଇଛି। ଏଥିସହ ରେଙ୍ଗାଲିର ସାବିତ୍ରୀ ବିଶ୍ୱାଳ, ଜମନକିରାର ଲୀଳାବତୀ ମହାକୁଡ, ରେଢ଼ାଖୋଲର ରେବିକା ଜତରାମା, ଯୁଯୁମୁରାର ରାଏମତୀ ହର, ଧନକଉଡାର ନର୍ମଦା ନାଥ ଓ ଜମନକିରାର ବୁଇ ସୁନାନୀଙ୍କୁ ପୁରସ୍କୃତ କରାଯାଇଥିଲା। ଏତତ୍‌ବ୍ୟତୀତ ଭିକମପୁର, ବରିହାଡିହି, ଭାଗିପାଲି, ପିଥମପୁର, ଅର୍ଡାବାହାଲ, ଛନ୍ଦପୁର, ଡଙ୍ଗିଯୋର, କଦଳୀମୁଣ୍ଡା, ଲଣ୍ଡିମାଲକୁ ସୁସ୍ଥ ଗ୍ରାମ ପୁରସ୍କାର ପ୍ରଦାନ କରାଯାଇଥିଲା । ଏଥିସହ ବାହାମ, ଲଇଡା, ମହଦା ଓ ଲରିଆପାଲି ପଞ୍ଚାୟତକୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ସୁସ୍ଥ ପଞ୍ଚାୟତ ପୁରସ୍କାର ଦିଆଯାଇଥିଲା। ସତ୍ୟରଞ୍ଜନ ଦାଶ, ପ୍ରସନ୍ନ ପ୍ରଧାନ,ସୁସ୍ମିତା ପ୍ରିୟଦର୍ଶିନୀ, ଡ. ହରପ୍ରସାଦ ପ୍ରଧାନ, ଯଶୋବନ୍ତ ହୋତା, ଗୁରୁ କୁମାର ଭୋଇ, ସୁଶୀଲ କୁମାର ପ୍ରଧାନ, ଗୁରୁଦତ୍ତ ପୁରୋହିତ କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଅଶ୍ୱିନୀ କୁମାର ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ । ସଂଗୀତଜ୍ଞ ମୋତିଲାଲ ଦୋରାଙ୍କ ନିର୍ଦ୍ଦେଶନାରେ ସ୍ୱାଗତ ସଂଗୀତ କାର୍ଯ୍ୟକ୍ରମ ହୋଇଥିଲା।

# କରୋନା ସନ୍ଦିଗ୍ଧ ଯୁବକଙ୍କ ରିପୋର୍ଟ ନେଗେଟିଭ୍ ଆସିଲା

ସମ୍ବଲପୁର, ୬।୩(ବ୍ୟୁରୋ)

ବୁର୍ଲା ଭିମ୍‌ସାରରେ ବୁଧବାର ଭର୍ତ୍ତି ହୋଇଥିବା କରୋନା ସନ୍ଦିଗ୍ଧ ଜଣେ ଯୁବକଙ୍କ ରକ୍ତ ଓ ସ୍ୱାବ ନୁମନା ନେଗେଟିଭ ବାହାରିଛି। ଏହାକୁ ପରୀକ୍ଷା ପାଇଁ କଲିକତା ପଠାଯାଇଥିଲା। ଡାକ୍ତର ସୁଦର୍ଶନ ପୋଥାଳ ଏହି ସୂଚନା ଦେଇଛନ୍ତି । ସୋନପୁର ଜିଲା ବିନିକା ଅଞ୍ଚଳର ଏହି ଯୁବକ ଜଣକ ଫେବୃୟାରୀ ୨୭ ତାରିଖ ସେ ଦୁବାଇରୁ ଘରକୁ ଫେରିଛନ୍ତି । ଦିଲ୍ଲୀ ବିମାନ ବନ୍ଦରରେ ପରୀକ୍ଷା କରିବାରୁ ରିପୋର୍ଟ ନେଗେଟିଭ ବାହାରିଥିଲା । ହେଲେ ଖାସ ଓ ଜ୍ୱର ହେବାରୁ ପ୍ରଥମେ ସ୍ଥାନୀୟ ମେଡିକାଲରେ ଚିକିତ୍ସିତ ଥିଲେ। ପରେ ସେ କରୋନା ସନ୍ଦେହ କରି ବୁର୍ଲା ଭିମ୍‌ସାରରେ ଭର୍ତ୍ତି ହୋଇଥିଲେ।

# ଆଇନ ଉପରେ ଅବଗତ ହେଲେ ମହିଳା

ସମ୍ବଲପୁର, ୬।୩ (ବ୍ୟୁରୋ)

ପୂର୍ବତଟ ରେଳପଥ ସମ୍ବଲପୁର ମଣ୍ଡଳରେ ମାର୍ଚ୍ଚ ୧ରୁ ୧୦ ତାରିଖ ପର୍ଯ୍ୟନ୍ତ ମହିଳା ଦିବସ ପାଳିତ ହେଉଛି। ଏହି କ୍ରମରେ ଶୁକ୍ରବାର ମଣ୍ଡଳ ରେଳ ପ୍ରବନ୍ଧକ ଅଫିସଠାରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଜିଲା ଆଇନସେବା ପ୍ରାଧିକରଣ ସଚିବ ଲିଲି ସେନାପତି ମୁଖ୍ୟଅତିଥି ଭାବେ ଯୋଗଦେଇ ମହିଳାମାନଙ୍କୁ ବିଭିନ୍ନ ଆଇନ ବିଷୟରେ ବୁଝାଇଥିଲେ । ମଣ୍ଡଳ ରେଳ ପ୍ରବନ୍ଧକ ଏଲଭିଏସଏସ ପାତ୍ରୁଡୁ, ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧୀକ୍ଷକ ଡା. ସବିତା ଶତପଥୀ ନାରୀ ସଶକ୍ତୀକରଣ ଉପରେ ବୁଝାଇଥିଲେ । ବିନିତା ଫିଙ୍ଗୁଆ ଓ ସନ୍ତୋଷିନୀ ଭୂୟାଁ ବକ୍ତବ୍ୟ ପ୍ରଦାନ କରିଥିଲେ। ସ୍ୱର୍ଣ୍ଣଲତା ପାତ୍ରୁଡୁଙ୍କ ସମେତ ରେଳ ଅଧିକାରୀ, ମହିଳା ସଂଗଠନ ସଦସ୍ୟା ଓ ମହିଳା କର୍ମଚାରୀ ଯୋଗ ଦେଇଥିଲେ । ବରିଷ୍ଠ ମଣ୍ଡଳ କାର୍ମିକ ଅଧିକାରୀ ଆର.ବି. ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସହାୟକ କାର୍ମିକ ଅଧିକାରୀ ଦିଗମ୍ବର ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ ।



ଶୁକ୍ରବାର ସମ୍ବଲପୁର ରେଳ ମଣ୍ଡଳ ପ୍ରବନ୍ଧକଙ୍କ ଅଫିସଠାରେ ଆୟୋଜିତ ଆଲୋଚନାଚକ୍ରରେ ଅତିଥି, ବକ୍ତା ଓ ଶ୍ରୋତାମାନେ ।

# ବିସ୍ଫୋରଣ ବନ୍ଦ କରିବାକୁ ଜିଲାପାଳଙ୍କ ଦ୍ୱାରସ୍ଥ

ସମ୍ବଲପୁର୬।୩(ବ୍ୟୁରୋ)

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ୍ ତଲାବିରା-୧ ଓ ୨ କୋଇଲା ଖଣି ପାଇଁ ମାଟି ଖୋଳିବାକୁ ବିସ୍ଫୋରଣ କାରାଯାଇଛି। ଏହା ଫଳରେ ଆଖପାଖ ଗାଁରେ ଘରଗୁଡିକ ଫାଟି ଯାଉଛି। କାନ୍ଥ ଫାଟୁଛି। ଏହା ବନ୍ଦ କରା ନ ଗଲେ ଘରେ ରହିହେବ ନାହିଁ। ବିସ୍ଥାପିତଙ୍କୁ ଏ ପର୍ଯ୍ୟନ୍ତ କ୍ଷତିପୂରଣ ଦିଆଯାଇ ନାହିଁ। ହେଲେ ପୋଲିସ ଲଗାଇ ବଳପୂର୍ବକ କାମ କରାଯାଉଛି । ତେଣୁ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ନ ହେଲେ ଅଞ୍ଚଳବାସୀ ପୁଣି ଆନ୍ଦୋଳନ କରିବେ। ଏହି କୋଇଲା ଖଣି ଯୋଗୁ ପ୍ରଭାବିତ ଅକ୍ଷୟ ବୁଧିଆ, ଟେକରାମ ସାହୁ, ଦଶରଥ ପ୍ରଧାନ, ଅକ୍ଷୟ ସାହୁ ପ୍ରମୁଖ ଜିଲା ପ୍ରଶାସନ ପାଖରେ ଶୁକ୍ରବାର ଏଭଳି ଅଭିଯୋଗ ରଖି ଦାବି ଉପସ୍ଥାପନ କରିଛନ୍ତି।



ସମ୍ବଲପୁର ଜିଲାପାଳଙ୍କ ଅଫିସରେ ତଲାବିରା ବିସ୍ଥାପିତ ।

# ଜିଲାପାଳଙ୍କ ଶାସନ କେନାଲ ପରିଦର୍ଶନ



ସମ୍ବଲପୁର ଜିଲାପାଳ ଶୁଭମ୍ ସକସେନା ଶାସନ କେନାଲ ପରିଦର୍ଶନ କରୁଛନ୍ତି ।

ସମ୍ବଲପୁର,୬।୩(ବ୍ୟୁରୋ)

ସମ୍ବଲପୁର ଜିଲାପାଳ ଶୁଭମ୍ ସକସେନା ଶୁକ୍ରବାର ଶାସନ କେନାଲ ଓ ଧେବିଯୋର ନାଳା ପରିଦର୍ଶନ କରିଛନ୍ତି। ଧେବିଯୋରରେ ଚାଲୁଥିବା କାମର ସମୀକ୍ଷା କରିଥିଲେ। ନାଳା ହିତରେ ହୋଇଥିବା ଜବରଦଖଲ ଖୁବ୍ ଶୀଘ୍ର ଉଚ୍ଛେଦ କରିବା ପାଇଁ ମହାନଗର ନିଗମ ଏନଫୋର୍ସମେଣ୍ଟ ବିଭାଗକୁ କହିଛନ୍ତି। ଶାସନ କେନାଲ ପରିଦର୍ଶନ ଅବସରରେ ସେ ବଳବସପୁର ମୁଖ୍ୟ କେନାଲରୁ ବାହାରି ପରମାଣପୁର ଓ ହୁମା ଟେଲ ପର୍ଯ୍ୟନ୍ତ ଯାଇଥିଲେ। କେନାଲ ରାସ୍ତାରେ ଯିବା ସମୟରେ ବିଭିନ୍ନ ସ୍ଥାନରେ ଅଟକି କେନାଲ ସ୍ଥିତି ଓ ପାଣିର ପରିମାର ଉପରେ ପଚାରି ବୁଝିଥିଲେ । ଏହାସହ ଚାଷୀମାନଙ୍କ ସହ ଆଲୋଚନା କରିଥିଲେ । କେନାଲରେ ପଣି କେମିତି ଆସୁଛି, ଚାଷକୁ ଠିକ୍ ଭାବେ ପାଣି ମିଳୁଛି କି ନାହିଁ ପଚାରିଥିଲେ। ଜଳସେଚନ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ ପଣ୍ଡାଙ୍କୁ ଶାସନ କେନାଲ, ପରମାଣପୁର କେନାଲ, ହୁମା ଟେଲ ଡିଷ୍ଟ୍ରିବ୍ୟୁଟାରୀ ମରାମତି କାମର ଡିପିଆର ଦେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ତେବେ ଏ ସମ୍ପର୍କରେ ନିର୍ବାହୀ ଯନ୍ତ୍ରୀ ପଣ୍ଡା କହିଛନ୍ତି ଯେ, କେନାଲ ମରାମତି ଓ କଂକ୍ରିଟ କରଣ ପାଇଁ ଶୀଘ୍ର ବ୍ୟୟ ଅଟକଳ କରାଯିବ। ଏଥିପାଇଁ ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୨୦ କୋଟି ଟଙ୍କା ଅନୁମୋଦନ ହୋଇଛି ବୋଲି ନିର୍ବାହୀ ଯନ୍ତ୍ରୀ ପଣ୍ଡା କହଛନ୍ତି।

# ଠକେଇ ଅଭିଯୋଗରେ ଜେଲ ଗଲେ ଅଧ୍ୟାପକ ଦମ୍ପତି

ସମ୍ବଲପୁର,୬।୩(ବ୍ୟୁରୋ)

ଚାରଭାଟିରେ ଥିବା ଅଣସ୍ୱୀକୃତି ପ୍ରାପ୍ତ ଯମୁନାଦେବୀ କଲେଜ ଅଧକ୍ଷ ତୁଷାର ରଞ୍ଜନ ବାରିକ ଓ ତାଙ୍କ ସ୍ତ୍ରୀ ଅଧ୍ୟାପିକା ମଞ୍ଜୁଲତା ବାରିକଙ୍କୁ ପୋଲିସ ଠକେଇ ଗିରଫ କରିଛି। ଉଭୟଙ୍କ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ତେବେ କଲେଜ ଖୋଲିବାକୁ ଶିକ୍ଷାମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ସ୍ୱୀକୃତି ଥିବା ନେଇ ପୋଲିସକୁ ସେ ସଫେଇ ଦେଇଛନ୍ତି। ପୋଲିସ କହିଛି ଯେ, ୨୦୧୬ରେ ଏହି କଲେଜ ଖୋଲଯାଇଛି। ପ୍ରଥମ ବର୍ଷରେ ନାମ ଲେଖାଇଥିବା ୧୧ ଜଣ ଛାତ୍ରୀ ଏକ ଘରୋଇ କଲେଜରେ ପରୀକ୍ଷା ଦେଇ ପାସ୍ କରିଥିଲେ। ଦ୍ୱିତୀୟ ବର୍ଷ ନାମ ଲେଖାଇଥିବା ୨୭ ଜଣ ଛାତ୍ରୀଛାତ୍ର ଏବେ ପରୀକ୍ଷା ଦେବାରୁ ବାଦ୍ ପଡିବା ପରେ ଘଟଣା ସାମ୍ନାକୁ ଆସିଛି। ଅନ୍ୟପଟେ ମାନେଶ୍ୱର ମାନଧାତା ବାବା କଲେଜରେ ତୁଷାର କାର୍ଯ୍ୟ କରୁଛନ୍ତି। ହେଲେ ଫେବୃୟାରୀ ୧୭ରୁ ସେ କଲେଜରେ ଅନୁପସ୍ଥିତ ଅଛନ୍ତି। କେଉଁଥିପାଇଁ ଓ କାହା ପରାମର୍ଶରେ ସେ କଲେଜରେ ଅନୁପସ୍ଥିତ ଅଛନ୍ତି ସେ ନେଇ ଶୀଘ୍ର ପକ୍ଷ ରଖିବାକୁ କଲେଜ ପକ୍ଷରୁ ତାଙ୍କୁ ନୋଟିସ ଦିଆଯାଇଛି।

# ୭ ଦିନ ଭିତରେ ଫସଲ ବୀମା ଦିଅ

ସମ୍ବଲପୁର,୬।୩(ବ୍ୟୁରୋ)

ସମ୍ବଲପୁର ବରେଇପାଲି ଜୟଦୁର୍ଗା କୃଷକ ସଂଗଠନ ଶୁକ୍ରବାର ଜିଲା ପ୍ରଶାସନ ପାଖର ଫେରାଦ ହୋଇଛି। ୨୦୧୭-୧୮ ଫସଲବୀମା ରାଶି ଶିଘ୍ର ପ୍ରଦାନ କରିବାକୁ ଦାବି କରିଛି। ଗଡମୁଣ୍ଡା ଗ୍ରାମରେ ପ୍ରାୟ ୨୦୮ ଜଣ ଚାଷୀଙ୍କ ନାମ ତାଲିକାରେ ଥାଇ ମଧ ସେମାନଙ୍କୁ ବୀମା ଟଙ୍କା ଦିଆଯାଉ ନାହିଁ । ଏହାକୁ ନେଇ ଚାଷୀମାନଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଉଛି। ଏଣୁ ଆଗାମୀ ୭ ଦିନ ଭିତରେ ଏହି ସମସ୍ୟାର ସମାଧାନ କରା ନ ଗଲେ ଆନ୍ଦୋଳନ କରାଯିବ । ପ୍ୟାକ୍ସଗୁଡିକରେ ଯେଭଳି ତାଲା ମରାଯାଇଛି ସେହିଭଳି ଡିଆରସିଏସ ଓ ଏଆରସିଏସ ଅଫିସରେ ତାଲା ମାରିଦିଆଯିବ ବୋଲି ସଙ୍ଗଠନ ଚେତାବନୀ ଦେଇଛି।



ସମ୍ବଲପୁର ଜିଲାପାଳଙ୍କ ଅଫିସ ସମ୍ମୁଖରେ ଚାଷୀମାନେ ।

# ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଜାତୀୟ କର୍ମଶାଳା



ସମ୍ବଲପୁର ବିଶ୍ୱବିଦ୍ୟାଳୟ କେମେଷ୍ଟ୍ରି ବିଭାଗ ଦ୍ୱାରା ଆୟୋଜିତ ଜାତୀୟ କର୍ମଶାଳାରେ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସଙ୍କୁ ସ୍ୱାଗତ କରାଯାଉଛି ।

ସମ୍ବଲପୁର, ୬।୩ (ବ୍ୟୁରୋ)

ସମ୍ବଲପୁର ବିଶ୍ୱବିଦ୍ୟାଳୟ କେମେଷ୍ଟ୍ରି ବିଭାଗ ପକ୍ଷରୁ ଜାତୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ କର୍ମଶାଳାର ଶୁଭାରମ୍ଭ କରିଥିଲେ । କୁଳପତି ପ୍ରଫେସର ଦୀପକ କୁମାର ବେହେରା, ସ୍ନାତକୋତ୍ତର ପରିଷଦ ଅଧକ୍ଷ ପ୍ରଫେସର ଅର୍କକେଶରୀ ଦାସମହାପାତ୍ର, ବିଭାଗୀୟ ମୁଖ୍ୟ ଡ. ଅମିତାଭ ମହାପାତ୍ର, ଆଦିତ୍ୟ ଆଲୁମିନିୟମ ଜିଏମ ପଙ୍କଜ ଯୋଶୀ, ଡିଆରଏଲ ଭାଇସପ୍ରେସିଡେଣ୍ଟ ତାରାପଦ ଦାଶ, ଅଲଟ୍ରାଟେକର ବେଦ ପ୍ରକାଶ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ ।

# ରାସ୍ତାରୁ ପାଇଥିବା ମୋବାଇଲ ଫୋନକୁ ଫେରାଇଦେଲେ ଦୁଇ ଯୁବତୀ

ବାମରା, ୬।୩ (ଡି.ଏନ.ଏ.)

ବାମରା ଅଞ୍ଚଳର ଜଣେ ଯୁବକ ହଜି ଯାଇଥିବା ତାଙ୍କ ମୋବାଇଲ ଫୋନ୍ ପାଇଛନ୍ତି। ଫୋନଟିକୁ ରାସ୍ତା କଡ଼ରୁ ପାଇଥିବା ଦୁଇ ଯୁବତୀ ଥାନାରେ ଜିମା ଦେବା ପରେ ପୋଲିସ ସମ୍ପୃକ୍ତ ଯୁବକଙ୍କ ସହ ଯୋଗାଯୋଗ କରି ତାଙ୍କ ଫୋନ୍ ଫେରାଇଛି। ସୂଚନା ଅନୁସାରେ ପଣ୍ଡରିପଥରର ଅଶୋକ ଲହାଙ୍ଗିଙ୍କ ମୋବାଇଲ ଫୋନ୍ ଗୁରୁବାର ରାସ୍ତାରେ ପଡିଯାଇଥିଲା। ଏହାକୁ ଗୋବିନ୍ଦପୁର ନିୟୁ କଲୋନୀର କିରନ ସାହୁ ଓ ରିୟା ରୋଏ ପାଇ ଗୋବିନ୍ଦପୁର ଥାନାରେ ଦେଇଥିଲେ। ଥାନାଧିକାରୀ ପ୍ରତାପ ରଣା ଓ କନଷ୍ଟେବଲ ରମେଶ କର୍ଷ ଅନୁସନ୍ଧାନ କରି ଅଶୋକଙ୍କୁ ଥାନାକୁ ଡକାଇ ମୋବାଇଲଟି ଫେରାଇଥିଲେ । ଉଭୟ ଯୁବତୀଙ୍କ ଏହି କାର୍ଯ୍ୟ ପାଇଁ ପୋଲିସ ପ୍ରଶଂସା କରିଛି।



ରାସ୍ତା ପାଇଥିବା ମୋବାଇଲ୍‌କୁ ଅଶୋକଙ୍କୁ ଯୁବତୀମାନେ ଫେରାଉଛନ୍ତି ।

# ହୀରାକୁଦ କ୍ରୀଡ଼ା ସଂଘ ବିଜୟୀ

## ଓସିଏ ଆନ୍ତଃ କ୍ଲବ ସିନିୟର କ୍ରିକେଟ ଲିଗ୍

ସମ୍ବଲପୁର, ୬।୩ (ବ୍ୟୁରୋ)

ଓଡ଼ିଶା କ୍ରିକେଟ ଆସୋସିଏଶନ୍ (ଓସିଏ) ଆୟୋଜିତ ଆନ୍ତଃ କ୍ଲବ ସିନିୟର କ୍ରିକେଟ ଲିଗ ଶୁକ୍ରବାର ମ୍ୟାଚରେ ହୀରାକୁଦ କ୍ରୀଡା ସଂଘ ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି । ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଟସ୍ ଜିଣି ନର୍ଦନ ଷ୍ଟାର ବ୍ୟାଟିଂ ନିଷ୍ପତ୍ତି ନେଇଥିଲା । ୪୦ ଓଭରରେ ୭ ଉଇକେଟ ହରାଇ ୧୬୫ ରନ ସଂଗ୍ରହ କରିଥିଲା । ଓପନର୍ ଆଶିଷ ଡାଲମିଆ ୫୧ ବଲରେ ୫୭ ଓ ସ୍ୱରୋପ ଦାଶ ୭୯ ବଲରେ ୫୭ ରନ ସଂଗ୍ରହ କରିଥିଲେ । ହୀରାକୁଦ ବୋଲର ଅଭିଷେକ ପାଢ଼ୀ ୨ଟି, ତୁଷାର ଷଣ୍ଢ, ଜଗତରାମ ଭୁଏ, ରାଜା ପ୍ରସାଦ ଓ ହିମାଂଶୁ ରାଉତ ଗୋଟିଏ ଲେଖାଏଁ ଉଇକେଟ ହାସଲ କରିଥିଲେ । ୧୬୬ ରନର ବିଜୟ ଲକ୍ଷ୍ୟ ନେଇ ହୀରାକୁଦ ବ୍ୟାଟ୍ସମ୍ୟାନ ପଡିଆକୁ ଓହ୍ଲାଇଥିଲେ । ପ୍ରାରମ୍ଭରୁ ଆକ୍ରମଣାତ୍ମକ ବ୍ୟାଟିଂ କରିଥିବାରୁ ଦଳ ୨୬.୩ ଓଭରରେ ୫ ଉଇକେଟ ହରାଇ ୧୬୮ ରନ କରି ବିଜୟୀ ହୋଇଥିଲା । ବ୍ୟାଟ୍ସମ୍ୟାନ ବିଘ୍ନେଶ୍ୱର ପାଣିଗ୍ରାହୀ ୪୧ ବଲରେ ୪୯ ରନ କରି ଅପରାଜିତ ଥିଲେ । ସେହିପରି ଅନ୍ୟତମ ବ୍ୟାଟ୍ସମ୍ୟାନ ଅଶ୍ୱିନୀ ହରିପାଲ ୩୪ ବଲରେ ୩୯ ରନ କରିଥିଲେ । ନର୍ଦନ ଷ୍ଟାର ବୋଲର ରାଜଗୋପାଳ ଚୌଧୁରୀ ୨ଟି ଉଇକେଟ ନେଇଥିଲେ । ସେହିପରି ସ୍ୱରାଜ ରଣା, ପ୍ରିୟାଂଶୁ ପତି ଓ ପ୍ରାଚୀ ଭୋଇ ଗୋଟିଏ ଲେଖାଏଁ ଉଇକେଟ ହାସଲ କରିଥିଲେ । ଅମ୍ପାୟର ସଞ୍ଜୟ କୁମାର ନାୟକ ଓ ଗୁରୁଦୀପ ସିଂ ମ୍ୟାଚ ପରିଚାଳନା କରିଥିଲେ । ସୌମ୍ୟଦର୍ଶନ ମହାନ୍ତି ଓ ଯୁଧିଷ୍ଠିର ନାରାୟଣ ସିଂ ସ୍କୋରର ଥିଲେ । ଜିଲା କ୍ରୀଡା ସଂଘ ସାଧାରଣ ସମ୍ପାଦକ ଦୁଲାଲ ଚନ୍ଦ୍ର ପ୍ରଧାନଙ୍କ ପରିଚାଳନାରେ ପୁରସ୍କାର ବିତରଣ ଉତ୍ସବ ହୋଇଥିଲା । କ୍ରୀଡା ସଂଗଠକ ସୁନୀଲ କୁମାର ସାହୁ ଅତିଥି ଭାବେ ଯୋଗଦେଇ ବିଘ୍ନେଶ୍ୱର ପାଣିଗ୍ରାହୀଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଟ୍ରଫି ପ୍ରଦାନ କରାଯାଇଥିଲା ।




ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଅତିଥି ସୁନୀଲ କୁମାର ସାହୁ ଶୁକ୍ରବାର ବିଘ୍ନେଶ୍ୱର ପାଣିଗ୍ରାହୀଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଟ୍ରଫି ପ୍ରଦାନ କରୁଛନ୍ତି ।

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୭ ମାର୍ଚ୍ଚ ,୨୦୨୦



ଅଭିନେତ୍ରୀ ମଲାଇକା ଅରୋରାଙ୍କ ଅଭିନୟରେ କୌଣସି ଆଗ୍ରହ ନାହିଁ। ତେବେ ଯଦି 'ଜେମ୍ସ ବଣ୍ଡ' ଫିଲ୍ମରେ କାମ କରିବାର ସୁଯୋଗ ମିଳେ ନିଶ୍ଚିତ କରିବେ ବୋଲି ସେ ଏକ ସାକ୍ଷାତକାରରେ କହିଛନ୍ତି। ତାଙ୍କୁ ବର୍ତ୍ତମାନ ଅନେକ ସିନେମାରେ ଅଫର ମିଳିଛି। ହେଲେ ଏବେ ସେ ଛୋଟ ପରଦାରେ କାମ କରି ଖୁସି ଥିବା କହିଛନ୍ତି। ମଲାଇକା ରିଆଲିଟି ଶୋ' 'ଇଣ୍ଡିଆଜ୍ ବେଷ୍ଟ ଡ୍ୟାନ୍ସର' ରେ ଜଜ୍ ଭୂମିକାରେ ଦର୍ଶକଙ୍କ ସମ୍ମୁଖକୁ ଆସୁଛନ୍ତି। ପୂର୍ବରୁ ସେ 'ଝଲକ୍ ଦିଖ୍ଲା ଯା', 'ଇଣ୍ଡିଆଜ୍ ଗର୍ଟ ଟ୍ୟାଲେଣ୍ଟ' ଆଦି ଶୋ'ରେ ନଜର ଆସିଥିଲେ ।



# ଖୋଲିଲା ଇଜିପ୍ଟର ପ୍ରାଚୀନ ପିରାମିଡ



**୧୪ ବର୍ଷ ଧରି ଚାଲିଥିଲା ପୁନରୁଦ୍ଧାର କାର୍ଯ୍ୟ**

**କାଏରୋ:** ଇଜିପ୍ଟରେ ଥିବା ୪,୭୦୦ ବର୍ଷ ପୁରୁଣା ପିରାମିଡକୁ ପୁଣି ଖୋଲାଯାଇଛି। ଷ୍ଟେପ୍ ପିରାମିଡ୍ ଅଫ୍ ଡିଜୋସେର ୧୪ ବର୍ଷ ଧରି ଚାଲିଥିବା ପୁନରୁଦ୍ଧାର କାର୍ଯ୍ୟ ଶେଷ ହେବା ପରେ ଏହାକୁ ଲୋକଙ୍କ ପାଇଁ ପୁନର୍ବାର ଲୋକାର୍ପିତ କରାଯାଇଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ମୁସ୍ତାଫା ମେଦ୍‌ବୁଲି କହିଛନ୍ତି, ଆମେ ଏହି ପିରାମିଡ୍‌କୁ ପୁନଃ ଉଦ୍‌ଘାଟନ କରି ବିଶ୍ୱବାସୀଙ୍କ ନିକଟରେ ଉପସ୍ଥାପନ କରିବାକୁ ନିଷ୍ପତ୍ତି ନେଇଥିଲୁ। ଆମେ ସଫଳତାର ସହ ପିରାମିଡ୍‌ର ପୁନରୁଦ୍ଧାର କରିବାରେ ସକ୍ଷମ ହୋଇଛୁ। ବିଶ୍ୱର କୌଣସି ପର୍ଯ୍ୟଟକ ଏଠାକୁ ଆସିପାରିବେ। ତେବେ କରୋନା ଭାଇରସ୍ ସଂକ୍ରମଣ ବଢ଼ିବାରେ ଲାଗିଥିବାରୁ କେତେକ ପ୍ରତିକାରମୂଳକ ପଦକ୍ଷେପ ମଧ୍ୟ ନେଇଛୁ ବୋଲି ସେ ସ୍ପଷ୍ଟ କରିଛନ୍ତି। ସାକ୍କାରା ନେକ୍ରୋପୋଲିସସ୍ଥିତ କିଙ୍ଗ୍ ଡିଜୋସେରଙ୍କ ଏହି ସମାଧିସ୍ଥଳକୁ ଇଜିପ୍ଟର ସବୁଠୁ ପ୍ରାଚୀନ ପିରାମିଡ୍ ବୋଲି ବିବେଚନା କରାଯାଉଛି। ୨୦୦୬ରେ ଏହାର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିଲା। ତେବେ ଗତମାସରେ ପରଲୋକ ଘଟିଥିବା ଶାସକ ହୋସ୍‌ନି ମୁବାରକଙ୍କ ବିରୋଧରେ ଦେଶରେ ବିଦ୍ରୋହ ମୁଣ୍ଡଟେକିବାରୁ ୨୦୧୧ରେ ପୁନରୁଦ୍ଧାର କାର୍ଯ୍ୟକୁ ବନ୍ଦ କରାଯାଇଥିଲା। ବାହାରପଟ, କରିଡର, ପାହାଚ ଆଦି ମରାମତିରେ ୧୦୪ ନିୟୁତ ଇଜିପ୍ଟ ପାଉଣ୍ଡ (ପ୍ରାୟ ୬ ନିୟୁତ ଡଲାର) ଖର୍ଚ୍ଚ ହୋଇଛି। ସ୍ଥପତି ଇମ୍‌ହୋଟେପ୍‌ଙ୍କ ଦ୍ୱାରା ନିର୍ମିତ ୬୩ ମିଟର ଉଚ୍ଚତା ବିଶିଷ୍ଟ ଏହି ପିରାମିଡକୁ ପର୍ଯ୍ୟଟକମାନେ ପରିଦର୍ଶନ କରିପାରିବେ।

# ୪ଦିନରେ ଶୁଟିଂ ହୋଇଥିଲା ଏହି ହୋଲି ଗୀତ




**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନ ଓ ରଣବୀର କପୁରଙ୍କ 'ୟେ ଜୱାନୀ ହେ ଦିୱାନୀ'ର ଗୀତ 'ବଲମ ପିଚ୍‌କାରୀ' ଅନ୍ୟତମ ଚର୍ଚ୍ଚିତ ହୋଲି ଗୀତ। ଫିଲ୍ମଟି ବକ୍ସ ଅଫିସ୍‌ରେ ଭଲ ବ୍ୟବସାୟ କରିଥିବାବେଳେ ଏହି ଗୀତ ମଧ୍ୟ ସୁପରହିଟ୍ ହୋଇଥିଲା। ହେଲେ ଏହି ଗୀତର ଶୁଟିଂ ପଛରେ କିଛି କୌତୁହଳ କାହାଣୀ ରହିଛି। ଏହି ଗୀତକୁ ଶୁଟିଂ କରିବାକୁ ୪ ଦିନ ସମୟ ଲାଗିଥିଲା। ସୂଚନା ମୁତାବକ ରଣବୀର ଓ ଦୀପିକାଙ୍କ ଏହା ପ୍ରଥମ ହୋଲି ଗୀତ, ଯେଉଁଥିରେ । ଆଦିତ୍ୟ ରୟ କପୁର ମଧ୍ୟ ଥିଲେ। ଅୟାନ ମୁଖାର୍ଜିଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମର 'ବଲମ ପିଚ୍‌କାରୀ' ଗୀତକୁ କୋରିଓଗ୍ରାଫର ରେମୋ ଡିସୁଜା କୋରିଓଗ୍ରାଫି କରିଥିଲେ। ରଣବୀର ଡ୍ୟାନ୍ସରେ ନିପୁଣ ଥିବା ବେଳେ ସାଢ଼େ ୩ ମିନିଟ୍‌ରେ ସେ ସମସ୍ତ ଡ୍ୟାନ୍ସ ଷ୍ଟେପ୍ ଶିଖିଯାଇଥିଲେ। ହେଲେ ଆଦିତ୍ୟ ଶିଖି ନ ଥିଲେ। ଯେତେବେଳେ ଗୀତର ଶୁଟିଂ ପାଇଁ ରଣବୀର ପ୍ରସ୍ତୁତ ହୋଇଥିଲେ ସେତେବେଳେ ଆଦିତ୍ୟ ତାଙ୍କୁ ଅଟକାଇ କହିଥିଲେ, ମୁଁ ପ୍ରସ୍ତୁତ ହୋଇନାହିଁ। ଶୁଟିଂ ପାଇଁ କେତେବେଳେ ଷ୍ଟାର ପ୍ରସ୍ତୁତ ନ ଥିଲେ ତ କେତେବେଳେ କ୍ୟାମେରା ପ୍ରସ୍ତୁତ ହୋଇପାରୁ ନ ଥିଲା। ଅୟାନ ମୁର୍ଖାଜୀ ଏହି ପର୍ବକୁ ବେଶ୍ ପସନ୍ଦ କରୁଥିବା ବେଳେ ଶୁଟିଂ ସମୟରେ ସବୁ ଷ୍ଟାର କାଷ୍ଟଙ୍କ ସହ ମିଶି ସେ ବହୁ ମଜାମସ୍ତି କରିଥିଲେ। କେତେବେଳେ କାହାକୁ ଯାଇ ରଙ୍ଗ ବୋଳି ଦେଉଥିଲେ ତ ଆଉ କାହାକୁ ସୁଇମିଂ ପୁଲ୍‌ରେ ନେଇକି ପକାଇ ଦେଉଥିଲେ। ଏତେ ରଙ୍ଗ ଖେଳା ଯାଇଥିଲା ଯେ ଏହାକୁ ଶୁଟ୍ କରିବା ପାଇଁ ପ୍ରାୟ ୪ ଦିନ ସମୟ ଲାଗିଯାଇଥିଲା। କାରଣ ପ୍ରାୟ ସମୟରେ କ୍ୟାମେରାର ଲେନ୍ସରେ ରଙ୍ଗ ଲାଗି ଯାଉଥିଲା।

# ରିଲିଜ୍ ହେଲା 'କୁଡି ନୁ ନଚାନେ ଦେ' ଗୀତ

## ସମସ୍ତ ଅଭିନେତ୍ରୀଙ୍କୁ ପ୍ରଶଂସା କଲେ ଅମିତାଭ



**ମୁମ୍ବାଇ:** ବଲିଉଡ୍ ମହାନାୟକ ଅମିତାଭ ବଚ୍ଚନ ସୋସିଆଲ ମିଡିଆରେ ସବୁବେଳେ ଆକ୍ଟିଭ୍। ଏହା ମାଧ୍ୟମରେ ସେ ବଲିଉଡ୍ ଫିଲ୍ମ, ଗୀତ ଏବଂ କଳାକାରଙ୍କୁ ପ୍ରଶଂସା ମଧ୍ୟ କରିଥାନ୍ତି। ଏବେ ସେ ଅଭିନେତ୍ରୀଙ୍କ ପ୍ରଶଂସା କରିଛନ୍ତି। ନିକଟରେ ଫିଲ୍ମ 'ଅଂଗ୍ରେଜୀ ମିଡିୟମ୍'ର ଏକ ଗୀତ ରିଲିଜ୍ ହୋଇଛି। ଏହି ଗୀତରେ ଅଭିନେତ୍ରୀ କଟ୍ରିନା କୈଫ୍, ଆଲିଆ ଭଟ୍ଟ, ଅନୁଷ୍କା ଶର୍ମା, ଜାହ୍ନବୀ କପୁର, କିୟାରା ଆଡୱାନୀ, ରାଧିକା ମଦାନ ପ୍ରମୁଖ ରହିଛନ୍ତି। ଏହି ସମସ୍ତ ଅଭିନେତ୍ରୀଙ୍କୁ ଅମିତାଭ୍ ପ୍ରଶଂସା କରିଛନ୍ତି। ସେ ଟ୍ୱିଟ୍ ମାଧ୍ୟମରେ ଗୀତର ପ୍ରଶଂସା କରିବା ସହ ଲେଖିଛନ୍ତି, ସମସ୍ତ ମହିଳା ଆତ୍ମବିଶ୍ୱାସର ସହ ରୁହନ୍ତୁ, ଚମକିବା ସହ ନୃତ୍ୟ କରନ୍ତୁ। କାରଣ ଏହି ମଞ୍ଚ ହେଉଛି ଆପଣମାନଙ୍କର। ଏଥିସହ ସେ ଅନ୍ୟ ଏକ ଟ୍ୱିଟ୍ ମାଧ୍ୟମରେ ଅଭିନେତା ଇରଫାନ୍ ଖାନ୍‌ଙ୍କର ପ୍ରଶଂସା କରିଛନ୍ତି। ଅନ୍ତର୍ଜାତୀୟ ମହିଳା ଦିବସର କିଛି ଦିନ ପୂର୍ବରୁ ଏହି ଗୀତଟି ରିଲିଜ୍ ହୋଇଛି। ମହିଳାଙ୍କ ଉପରେ ଗୀତଟି କେନ୍ଦ୍ରୀଭୂତ। ଫିଲ୍ମର ପ୍ରଚାର ପାଇଁ ନିର୍ମାତା ସ୍ୱତନ୍ତ୍ର ଭାବେ ଗୀତ 'କୁଡି ନୁ ନଚ୍‌ନେ ଦେ'କୁ ରଖିଛନ୍ତି।

# ୨ ବର୍ଷ ଧରି ପ୍ଲାଷ୍ଟିକ୍ ଗଛରେ ଦେଉଥିଲେ ପାଣି

କେତେଜଣ ବ୍ୟକ୍ତି ଅଛନ୍ତି ସେମାନଙ୍କୁ ଗାର୍ଡେନିଂ କରିବାକୁ ବହୁତ ଭଲ ଲାଗେ। ବିଭିନ୍ନ ପ୍ରକାରର ଗଛ ଲଗାଇବା ସହ ସେମାନଙ୍କର ଉଚିତ ଧ୍ୟାନ ନେବା ଯେପରି ତାଙ୍କର ପ୍ରଥମ କର୍ତ୍ତବ୍ୟ। ଜଳବାୟୁ ପରିବର୍ତ୍ତନ ଯୋଗୁ ବଢୁଥିବା ପ୍ରଦୂଷଣ ପାଇଁ ବର୍ତ୍ତମାନ ଲୋକେ ସଜାଗ ହେଲେଣି। ଗଛକୁ ବଞ୍ଚାଇବା ପାଇଁ ଇକୋ ଫ୍ରେଣ୍ଡଲି ଜିନିଷ ଉପରେ ଗୁରୁତ୍ୱ ଦେଉଛନ୍ତି। ଅକ୍ସିଜେନ ବଢ଼ାଇବା ପାଇଁ ଲୋକମାନେ ଘର ବାହାରେ ଓ ଭିତରେ ଗଛ ଲଗାଉଥିବା ଦେଖିବାକୁ ମିଳୁଛି। ଏହି ପରିପ୍ରେକ୍ଷୀରେ ଆମେରିକାରେ ରହୁଥିବା ସେଲୀ ୱିଲ୍‌କ୍ସେ ନାମ୍ନୀ ଜଣେ ମହିଳା ଗତ ୨ବର୍ଷ ଧରି ଏକ ଗଛର ବହୁ ଯତ୍ନ ନେଉଥିଲେ। ପ୍ରତିଦିନ ଗଛକୁ ପାଣି ଦେବା ସେ କିଭଳି ସତେଜ ରହିବ ସେନେଇ ବହୁ ଯତ୍ନ ସହକାରେ କାର୍ଯ୍ୟ କରୁଥିଲେ। ନିଜ କାର୍ଯ୍ୟ ଏପଟ ସେପଟ ହୋଇପାରେ ହେଲେ ସେଲୀ ଗଛ ଯତ୍ନ ନେବାରେ କେବେ କୌଣସି ଅବହେଳା କରୁ ନ ଥିଲେ। ଉକ୍ତ ଗଛଟି ସୁନ୍ଦର ଦେଖାଯାଉଥିବା ବେଳେ ସେଲୀଙ୍କ ପ୍ରିୟ ମଧ୍ୟ ରହିଥିଲା। ହେଲେ ଦିନେ ତାଙ୍କୁ ଜଣାପଡ଼ିଲା ତାହା ଅସଲି ନୁହଁ ପ୍ଲାଷ୍ଟିକ୍‌ର ଗଛ। ସୂଚନା ମୁତାବକ ସେଲୀ ୨ବର୍ଷ ପୂର୍ବରୁ ଏକ ଗଛକୁ ଘରକୁ ଆଣିଥିଲେ। ଦେଖିବାକୁ ବହୁ ସୁନ୍ଦର ହୋଇଥିବା ବେଳେ ଏହାକୁ ସେ ରୋଷେଇ ଘରର ଝରକାରେ ଲଗାଇଥିଲେ। ପ୍ରତିଦିନ ସେ ଗଛରେ ପାଣି ଦେବା ସହ ପତ୍ରଗୁଡିକୁ ଭଲରେ ପୋଛିଥାନ୍ତି। ଯଦି ଏହି ସବୁ କାର୍ଯ୍ୟ ଆଉ କିଏ କରେ ତେବେ ସେଲୀ ବିରକ୍ତି ପ୍ରକାଶ କରିଥାନ୍ତି। କାରଣ ଉକ୍ତ ଗଛକୁ ସେ ନିଜେ ଯତ୍ନ ନେବାକୁ ପସନ୍ଦ କରିଥାନ୍ତି। କିନ୍ତୁ ଗୋଟିଏ ଦିନ ସେଲୀ ଉକ୍ତ ଗଛର ଗମ୍‌ଲାକୁ ବଦଳାଇବାକୁ ଚିନ୍ତା କରିଥିଲେ। ଏଥିପାଇଁ ସେ ଏକ ଅନ୍ୟ ଗମ୍‌ଲା ଆଣିଥିଲେ। ଅନ୍ୟ ଗମ୍‌ଲାରେ ଗଛ ଲଗାଇବାକୁ ଯାଉଥିବା ବେଳେ ସେତେବେଳେ ତାଙ୍କୁ ଜଣାପଡ଼ିଥିଲା ଯେ, ଏହା ପ୍ଲାଷ୍ଟିକ ବା ଥର୍ମୋକଲ୍‌ର ଗଛ। ସେହି ସମୟରେ ସେଲୀ ନିରାଶ ହୋଇଯାଇଥିଲେ। ୨ବର୍ଷ ଧରି ଯେଉଁ ଗଛକୁ ଏତେ ଯତ୍ନ ନେଉଥିଲେ ତାହା ପ୍ଲାଷ୍ଟିକର ବୋଲି କିପରି ଜାଣିପାରିଲେ ନାହିଁ ସେନେଇ ଚିନ୍ତା ପ୍ରକଟ କରିଥିଲେ। ଏନେଇ ସେଲୀ ଫେସ୍‌ବୁକ୍‌ରେ ଶେୟାର କରିଥିଲେ। ଏହାପରେ ୟୁଜର୍ସଙ୍କ ଭିନ୍ନ ଭିନ୍ନ ପ୍ରତିକ୍ରିୟା ସାମ୍ନାକୁ ଆସିଛି।



# ସମୁଦ୍ରକୂଳ ଆର୍ବଜନାରୁ ଯୁବକଙ୍କୁ ମିଳିଲା ୩୦୫ ବର୍ଷ ତଳର ଖଜଣା

ରାତାରାତି ଧନୀ ହେବାକୁ କିଏ ବା ନ ଚାହେଁ। କେବଳ ଏକ ସୁଯୋଗକୁ ସମସ୍ତେ ଅପେକ୍ଷା କରି ରହିଥାନ୍ତି। ହେଲେ ଏଭଳି ସୁଯୋଗ କେବଳ ଭାଗ୍ୟବାନଙ୍କୁ ମିଳିଥାଏ। କିଛି ଏଭଳି ଘଟଣା ଘଟିଛି ଫ୍ଲୋରିଡାରେ। ଯେଉଁଠାରେ ସମୁଦ୍ର କୂଳ ନିକଟରେ ଥିବା ଆର୍ବଜନାରୁ ୨ଜଣ ଯୁବକଙ୍କୁ ୩୦୫ ବର୍ଷ ପୁରୁଣାର ଖଜଣା ମିଳିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ସେଣ୍ଟ ଲୁସିରେ ରହୁଥିବା ୪୩ ବର୍ଷୀୟ ଜୋନା ମାର୍ଟିନେଜ୍ ନିଜ ବନ୍ଧୁଙ୍କ ସହ ଏକ ଐତିହାସିକ ଜିନିଷକୁ ଖୋଜି ବାହାର କରିପାରିବାରେ ସକ୍ଷମ ହୋଇଛନ୍ତି। ସେମାନେ ଇଣ୍ଡିଆନ ରିଭର କାଉଣ୍ଟିରେ ଟର୍ଟଲ ଟ୍ରେଲ ବିଚ୍ ନିକଟରେ ପଡ଼ି ରହିଥିବା ଏକ ପୁରୁଣା ଜାହାଜରୁ ସ୍ପେନର ମୁଦ୍ରାକୁ ଖୋଜି ବାହାର କରିଛନ୍ତି। ସେମାନଙ୍କୁ ୨୨ଟି ମୁଦ୍ରା ମିଳିଥିବା ବେଳେ ଏହା ୩୦୫ ବର୍ଷର ପୁରୁଣା ବୋଲି ଜଣାପଡ଼ିଛି। ଯାହାର ଆନୁମାନିକ ମୂଲ୍ୟ ୭,୦୦୦ଡଲାର (ପ୍ରାୟ ୫,୧୬,୧୪୫ ଲକ୍ଷ ଟଙ୍କା) ହେବ। ମାର୍ଟିନେଜ୍‌ଙ୍କୁ ସମୁଦ୍ରରୁ କିଛି ନିଆରା ବା ନୂଆ ଜିନିଷକୁ ଖୋଜି ବାହାର କରିବାରେ ବେଶ୍ ରୁଚି ରହିଛି। ଏହା ପୂର୍ବରୁ ମଧ୍ୟ ପ୍ରାୟ ୬.୫ ମିଲିୟନ୍ ଡଲାର ମୂଲ୍ୟର ସୁନାକୁ ଖୋଜି ବାହାର କରିଥିଲେ। ଏଥିପାଇଁ ତାଙ୍କୁ ଟ୍ରେଜେରୀ ହଣ୍ଟର ବୋଲି କୁହାଯାଏ। ଅପରପକ୍ଷେ କୁହାଯାଉଛି ୧୭୧୫ ଜୁଲାଇ ୩୧ରେ ୧୨ ସ୍ପାନିଶ୍ ଜାହାଜ ଖଜଣା ନେଇ ସ୍ପେନ୍ ଅଭିମୁଖେ ଯାଇଥିଲା। କିନ୍ତୁ ଫ୍ଲୋରିଡା ତଟରୁ କିଛି ଦୂରରେ ଏକ ତୁମ୍ଭିତୋଫାନ ହୋଇଥିଲା। ଏହି ତୁମ୍ଭିତୋଫାନରେ ୧୧ ଜାହାଜ ବୁଡ଼ିଯାଇଥିଲା ଏବଂ ସେଥିରେ ଜାହାଜରେ ଥିବା ଖଜଣାର ଏକ ବଡ଼ ଅଂଶ ମଧ୍ୟ ବୁଡ଼ିଯାଇଥିଲା। ଯାହା ଆଜି ବି ସମୁଦ୍ର ତଳେ ଦବି ହୋଇ ରହିଥିବା କୁହାଯାଉଛି।



# ରାମମନ୍ଦିରକୁ ଦାନ କରିବେ ଇସ୍‌ଲାମ୍

**ଆଜମଗଡ଼:** ଭାରତ ଏକ ଧର୍ମନିରପେକ୍ଷ ରାଷ୍ଟ୍ର। ସବୁ ଧର୍ମକୁ ଏଠାରେ ସମସ୍ତେ ସମ୍ମାନ କରନ୍ତି। ହେଲେ କିଛି ସ୍ୱାର୍ଥାନ୍ୱେଷୀ ବ୍ୟକ୍ତି ଧର୍ମ ନାମରେ ବିବାଦ ସୃଷ୍ଟି କରୁଛନ୍ତି। ଏଭଳି ଲୋକଙ୍କ ପାଇଁ ଏକ ଜବାବ ସାଜିଛନ୍ତି ଉତ୍ତର ପ୍ରଦେଶ ଆଜମଗଡ଼ ଜିଲା ନିଜାମାବାଦ ତହସିଲ ଅନ୍ତର୍ଗତ ମଜଭିଟା ଗାଁର ମୁନ୍‌ସୀ ସୟଦ୍ ମହମ୍ମଦ ଇସ୍‌ଲାମ। ଇସ୍‌ଲାମ୍ ଅଯୋଧ୍ୟା ଯାଇ ମନ୍ଦିର ନିର୍ମାଣ ଟ୍ରଷ୍ଟର ଅଧ୍ୟକ୍ଷ ମହନ୍ତ ନୃତ୍ୟଗୋପାଳ ଦାସଙ୍କୁ ଭେଟି ଲକ୍ଷାଧିକ ଟଙ୍କା ମୂଲ୍ୟର ଏକ ପ୍ରାଚୀନ ଅଷ୍ଟଧାତୁ ମୁଦ୍ରା ଦାନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ମୁଦ୍ରାକୁ ବିକ୍ରିକରି ଉକ୍ତ ଅର୍ଥ ରାମମନ୍ଦିର ନିର୍ମାଣ କାର୍ଯ୍ୟରେ ଲଗାଇବାକୁ ସେ ନିବେଦନ କରିବେ ବୋଲି କହିଛନ୍ତି। ଇସ୍‌ଲାମ୍‌ଙ୍କ ବିଶ୍ୱାସ ଯେ, ରାମ ଏବଂ ଆଲ୍ଲା ହେଉଛନ୍ତି ଏକ। ତାଙ୍କୁ ଦେଖିବାରେ ଲୋକଙ୍କ ଦୃଷ୍ଟିଭଙ୍ଗୀ ହିଁ କେବଳ ଭିନ୍ନ। ଇସ୍‌ଲାମ୍ ଦୀର୍ଘବର୍ଷ ହେଲା ସହରରେ ରହିଆସୁଛନ୍ତି। ପରିବାର ବଢ଼ିବାରୁ ସେ ନିଜ ପୈତୃକ ଗ୍ରାମ ମଜଭିଟାସ୍ଥିତ ପୁରୁଣା ଘର ଭାଙ୍ଗି ନୂତନ ଘର ନିର୍ମାଣ ପାଇଁ ନିଷ୍ପତ୍ତି ନେଇଥିଲେ। ୨୦୧୯ ନଭେମ୍ବର ୩୦ରେ ଗାଁ ଘର ଭାଙ୍ଗି ଖୋଳିବା ସମୟରେ ମାଟିତଳୁ ପ୍ରାୟ ୧୫୦୦ ବର୍ଷ ପୁରୁଣା ୨ ଅଷ୍ଟଧାତୁ ମୁଦ୍ରା ମିଳିଥିଲା। ମୁଦ୍ରାର ଗୋଟିଏ ପାର୍ଶ୍ୱରେ ରାମ, ସୀତା ଏବଂ ଅନ୍ୟ ପାର୍ଶ୍ୱରେ ରାମ, ସୀତା ଓ ହନୁମାନଙ୍କ ଚିତ୍ର ରହିଛି। ମୁଦ୍ରାରେ ଭଗବାନଙ୍କ ଚିତ୍ର ଥିବାରୁ ତାହା ବ୍ୟକ୍ତିଗତ କାମରେ ନ ଲାଗି ମନ୍ଦିର କାର୍ଯ୍ୟରେ ଲାଗିବା ଉଚିତ ବୋଲି ସେ ଅନୁଭବ କରିଛନ୍ତି। ତେବେ ଇସ୍‌ଲାମ ସହରରେ ଥିବା ସମୟରେ ତାଙ୍କ ଅଜାଣତରେ ଗାଁରେ ସ୍ତ୍ରୀ ଗୋଟିଏ ମୁଦ୍ରା ସୁନା ଦୋକାନରେ ବିକ୍ରି କରିଦେଇଥିବାବେଳେ ଦୋକାନୀ ମୁଦ୍ରା ମୂଲ୍ୟବାନ ବୋଲି ଜାଣିପାରି ୩ ଲକ୍ଷ ଟଙ୍କାର ସୁନା ଅଳଙ୍କାର ଦେଇଥିଲେ। ଇସ୍‌ଲାମ୍ ଏ ବିଷୟରେ ଜାଣି ଦୁଃଖ ପ୍ରକାଶ କରିବା ସହ ଅନ୍ତତଃ ଅନ୍ୟ ମୁଦ୍ରାଟି ମନ୍ଦିର କାର୍ଯ୍ୟରେ ଲାଗିବା ଆବଶ୍ୟକ ବୋଲି ଚିନ୍ତା କରିଛନ୍ତି। ଏଥିପାଇଁ ସେ ଜିଲାପାଳଙ୍କୁ ଭେଟିବାକୁ ଚେଷ୍ଟା କରିଥିଲେ ମଧ୍ୟ ସଫଳ ହୋଇ ନ ଥିଲେ। ସେହିପରି ଜିଲାପାଳଙ୍କ କାର୍ଯ୍ୟାଳୟ କର୍ମଚାରୀଙ୍କ ଉପରେ ଇସ୍‌ଲାମଙ୍କ ବିଶ୍ୱାସ ହୋଇ ନ ଥିଲା। ତେଣୁ ବୁଧବାର ସେ ନିଜେ ଅଯୋଧ୍ୟା ଯାଇ ମହନ୍ତଙ୍କୁ ମୁଦ୍ରା ଦେବା ସହ ଏହାକୁ ବିକ୍ରି କରି ମନ୍ଦିର କାର୍ଯ୍ୟରେ ଲଗାଇବାକୁ ଅନୁରୋଧ କରିବେ ବୋଲି କହିଛନ୍ତି। ଏହାସହ ସେ ଭଗବାନ ରାମଙ୍କ ଦର୍ଶନ ମଧ୍ୟ କରିବେ ବୋଲି ଆଶା ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଜଣେ ସଚ୍ଚା ହିନ୍ଦୁସ୍ତାନୀଙ୍କ ହୃଦୟରେ ରାମ ଓ ରହିମ୍ ଦୁହେଁ ବାସ କରନ୍ତି। ତେଣୁ ସେ ରାମଙ୍କ କାମରେ ଆସିପାରିଲେ ଭାଗ୍ୟବାନ ମନେ କରିବେ। ସେହିପରି ମଜଭିଟା ଗ୍ରାମ ମୁଖ୍ୟ ମିଶମ୍ ଆବାସ ଇସ୍‌ଲାମଙ୍କ ନିଷ୍ପତ୍ତିକୁ ନେଇ ଗୌରବାନ୍ୱିତ ବୋଲି କହିଛନ୍ତି। ଏହାଦ୍ୱାରା ଭାତୃଭାବ ବଢ଼ିବ। ତେଣୁ ଆମେ ଦୁହେଁ ଅଯୋଧ୍ୟା ଯାଇ ମୁଦ୍ରା ଦେଇ ଆସିବୁ ବୋଲି କହିଛନ୍ତି।

**ମାଟି ତଳୁ ମିଳିଲା ୧୫୦୦ ବର୍ଷର ଅଷ୍ଟଧାତୁ ମୁଦ୍ରା**



# ଯୁବତୀଙ୍କ ମନ୍ଦିର ଦର୍ଶନ ଭିଡିଓ ଭାଇରାଲ

ସମୟ ଅଭାବରୁ କିଛି ଲୋକ ମନ୍ଦିର ବାହାରୁ ଦର୍ଶନ କରି ପଳାଇଯିବାର ନଜିର ରହିଛି। ସମୟ ବଞ୍ଚାଇବା ଆଳରେ ମନ୍ଦିର ବାହାରୁ ହାତ ଯୋଡି ପଳାଇଥାନ୍ତି। ହେଲେ ଜଣେ ଯୁବତୀଙ୍କୁ ନିଜର ସମୟ ବଞ୍ଚାଇବା ମହଙ୍ଗା ପଡ଼ିଛି। ତାଙ୍କସହ କିଛି ଏଭଳି ଘଟିଛି ଯାହା ସମସ୍ତଙ୍କୁ ଚକିତ କରିଦେଇଛି। ସୋସିଆଲ ମିଡିଆରେ ଏକ ଭିଡିଓ ଭାଇରାଲ ହେଉଛି ଯାହା ଏବେ ଟ୍ରେଣ୍ଡ ହେବାରେ ଲାଗିଛି। ଏହି ଭିଡିଓରେ ଦେଖିବାକୁ ମିଳିଛି ଯେ, ଜଣେ ଯୁବତୀ ମନ୍ଦିର ବାହାରେ ହାତ ଯୋଡି ସାରିବା ପରେ ଗାଡି ଷ୍ଟାର୍ଟ କରି ପଳାଇଯାଉଛନ୍ତି। ହେଲେ ତାଙ୍କ ହାତରୁ କ୍ଲଚ୍ ଛାଡିଯିବାରୁ ଗାଡି ସିଧା ମନ୍ଦିର ଭିତରକୁ। କଥା କ'ଣ ସେଇଠି ସରିଲା। ଯୁବତୀ ଜଣଙ୍କ ତରତର ହୋଇ ମନ୍ଦିର ଦର୍ଶନ ସାରି ଫେରିବାକୁ ଚେଷ୍ଟା କରୁଥିଲେ। ହେଲେ ଗାଡି ଏକାଥରକେ ତାଙ୍କୁ ମନ୍ଦିର ଭିତରକୁ ନେଇ ନନ୍ଦିଙ୍କ ପାଖରେ ପହଞ୍ଚାଇ ଦେଇଥିଲା। ସେଠାରେ ଗାଡିସହ ପଡ଼ିଯିବାରୁ ଯୁବତୀଙ୍କୁ ଜଣେ ମହିଳା ଉଠାଇଥିଲେ। ଏହାପରେ ଯୁବତୀ ଗାଡି ଧରି ସେଠାରୁ ପଳାଇଥିବା ଦେଖିବାକୁ ମିଳିଛି। ଏହି ଭିଡିଓ ଏବେ ଭାଇରାଲ ହୋଇଥିବା ବେଳେ ଏହାକୁ ଏପର୍ଯ୍ୟନ୍ତ ଲକ୍ଷାଧିକ ଲୋକ ଦେଖିସାରିଲେଣି। ଏଥିସହ ଏହାକୁ ନେଇ ଲୋକଙ୍କ ବିଭିନ୍ନ ପ୍ରତିକ୍ରିୟା ସାମ୍ନାକୁ ଆସିଛି। ଲୋକେ ଏହାକୁ ଭିଆଇପି ଦର୍ଶନ ବୋଲି କହିଛନ୍ତି।

# ମହିଳା ପୋଲିସଙ୍କୁ ମିଳୁଛି କର୍ମକ୍ଷେତ୍ରରେ ନିର୍ଯାତନା

**କଟକ ଅଫିସ, ୬।୩:** କଟକସ୍ଥିତ ଓଏସ୍ଏପି ଷଷ୍ଠ ବାଟାଲିୟନ୍ ପରିସରରେ ରାଜ୍ୟସ୍ତରୀୟ ମହିଳା ପୋଲିସ ସମ୍ମିଳନୀ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ପୋଲିସ ପକ୍ଷରୁ ଆୟୋଜିତ ଏହି ସମ୍ମିଳନୀ ଦେଶରେ ପ୍ରଥମ ବୋଲି ପୋଲିସ ବିଭାଗ ପକ୍ଷରୁ କୁହାଯାଉଛି। ଏହି ସମ୍ମିଳନୀରେ ଭାଗ ନେଇଥିବା ମହିଳା ପୋଲିସ ଅଧିକାରୀ ଏବଂ କର୍ମଚାରୀମାନେ ସେମାନଙ୍କୁ କେମିତି କାର୍ଯ୍ୟକ୍ଷେତ୍ରରେ ନିର୍ଯାତନାର ଶିକାର ହେବାକୁ ପଡୁଛି, ସେନେଇ କ୍ଷୋଭ ପ୍ରକାଶ କରିଥିଲେ। ସେମାନଙ୍କ ଅଭିଯୋଗକୁ ଗୁରୁତ୍ୱ ଦିଆଯାଉନି କିମ୍ବା ଠିକ୍ ଭାବେ ତଦନ୍ତ କରାଯାଉନି। ସେହିଭଳି ପଦୋନ୍ନତିରେ ଅବହେଳା ଏବଂ ଲିଙ୍ଗଗତ ଭେଦଭାବର ଶିକାର ହେଉଥିବା ନେଇ ମହିଳା ପୋଲିସ ଅଧିକାରୀମାନେ ସେମାନଙ୍କ ଅନୁଭୂତି ରଖିଥିଲେ।

ଏହି ସମ୍ମିଳନୀରେ ୪ଜଣ ମହିଳା ଆଇପିଏସ୍, ଜଣେ ଏସ୍ପି, ୧୨ଜଣ ଡିଏସ୍ପି, ୧୨ଜଣ ଭାରପ୍ରାପ୍ତ ଡିଏସ୍ପି, ୨୯ଜଣ ଇନ୍ସପେକ୍ଟର, ୧୭ଜଣ ସବ୍-ଇନ୍ସପେକ୍ଟର, ୮ଜଣ ଏଏସ୍ଆଇ, ୨ଜଣ ହାବିଲଦାର, ୩ଜଣ ଲାନ୍ସ ନାଏକ ଏବଂ ୪୮ଜଣ କନଷ୍ଟେବଳ ଅଂଶଗ୍ରହଣ କରିଥିଲେ। ଏମାନଙ୍କୁ ୪ଟି ଟିମ୍‌ରେ ଭାଗ କରାଯାଇଥିଲା। ପଶ୍ଚିମାଞ୍ଚଳ ଡିଆଇଜି କବିତା ଜଲାନ୍‌ଙ୍କ ଦ୍ୱାରା ପରିଚାଳିତ ଟିମ୍‌ରେ ମହିଳା ପୋଲିସଙ୍କ ପଦୋନ୍ନତି କ୍ଷେତ୍ରରେ ଥିବା ବାଧକ ନେଇ ଆଲୋଚନା ହୋଇଥିଲା। ସେହିପରି ସୁନ୍ଦରଗଡ଼ ଏସ୍ପି ସୌମ୍ୟା ମିଶ୍ରଙ୍କ ଦ୍ୱାରା ପରିଚାଳିତ ଟିମ୍‌ରେ କର୍ମକ୍ଷେତ୍ରରେ ଯୌନ



ସମ୍ମିଳନୀରେ ଡିଜିପି ଅଭୟଙ୍କ ସହ ବରିଷ୍ଠ ପୋଲିସ ଅଧିକାରୀ।

**ଦେଶର ପ୍ରଥମ ରାଜ୍ୟସ୍ତରୀୟ ମହିଳା ପୋଲିସ ସମ୍ମିଳନୀ**

ଉତ୍ପୀଡନ, ଗଜପତି ଏସ୍ପି ସାରା ଶର୍ମାଙ୍କ ଦ୍ୱାରା ପରିଚାଳିତ ଟିମ୍‌ରେ ୟୁନିଫର୍ମ ଏବଂ ଅନ୍ୟାନ୍ୟ ସାମଗ୍ରୀ, କଟକ ଭିଜିଲାନ୍ସ ଏସ୍ପି ଅଶ୍ୱିନୀ କୁମାରୀ ପଟ୍ଟନାୟକଙ୍କ ଦ୍ୱାରା ପରିଚାଳିତ ଟିମ୍‌ରେ ମହିଳା କ୍ରୀଡା ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ଆଲୋଚନାରେ ଭାଗନେଇଥିବା ମହିଳା ପୋଲିସ ଅଧିକାରୀ ଓ କର୍ମଚାରୀମାନେ ଉପରୋକ୍ତ ବିଷୟ ଉପରେ ମତବ୍ୟକ୍ତ କରିଥିଲେ। ବରିଷ୍ଠ ଅଧିକାରୀମାନେ ମହିଳା ଅଧିକାରୀଙ୍କ କାର୍ଯ୍ୟଦକ୍ଷତାକୁ ଅଣଦେଖା କରାଯିବା, ଅଧିକ ପଦବୀରେ ମହିଳାଙ୍କୁ ନିଯୁକ୍ତି, ପ୍ରସବ ଓ ପରବର୍ତ୍ତୀ ସମୟରେ କାର୍ଯ୍ୟକ୍ଷେତ୍ରରେ ଦେଖାଦେଉଥିବା ସମସ୍ୟା ସହ ଅନ୍ୟାନ୍ୟ ବିଷୟ ଉପରେ ଆଲୋକପାତ କରିଥିଲେ। ମାସିକ ଋତୁସ୍ରାବ ପାଇଁ ମାସକୁ ଗୋଟିଏ ଦିନ ଛୁଟି, ଗର୍ଭାବସ୍ଥା ଏବଂ ଶିଶୁ ଯତ୍ନ ପାଇଁ ଛୁଟି ପ୍ରଦାନରେ କୋହଳ, ସୁରକ୍ଷିତ ପରିବେଶ ଏବଂ ମହିଳା କର୍ମଚାରୀଙ୍କ ପାଇଁ ସ୍ୱତନ୍ତ୍ର ୟୁନିଫର୍ମ ଡିଜାଇନ୍ ପାଇଁ ପ୍ରସ୍ତାବ ଦେଇଥିଲେ।

ଏଥିରେ ମୁଖ୍ୟଅତିଥି ଭାବେ ଡିଜିପି ଅଭୟ ଯୋଗଦେଇ କହିଥିଲେ, ମହିଳା ଥାନାକୁ ଛାଡି ରାଜ୍ୟରେ ୧୦୨ଟି ଥାନାର ଆଇଆଇସି ହେଉଛନ୍ତି ମହିଳା। ମୋଟ୍ ଥାନାର ୨୦ପ୍ରତିଶତ ଏମାନେ ନେତୃତ୍ୱ ନେଉଛନ୍ତି। ଦେଶରେ ଏହା ସର୍ବାଧିକ। ଆଗାମୀ ଦିନରେ ଏହାକୁ ୫୦ ପ୍ରତିଶତରେ ପରିଣତ କରିବାକୁ ଲକ୍ଷ୍ୟ ରଖାଯାଇଛି। ସେହିପରି ମହିଳା ପୋଲିସ ଅଧିକାରୀଙ୍କ ପାଇଁ ଅଧିକ ସଂଖ୍ୟକ ମୋବାଇଲ୍ ଶୌଚାଳୟ, ସ୍ୱତନ୍ତ୍ର ୟୁନିଫର୍ମ, ଲିଙ୍ଗଗତ ଭେଦଭାବ ରୋକିବା, ଗର୍ଭଧାରଣ ଏବଂ ଶିଶୁ ଯତ୍ନ ପାଇଁ ଛୁଟି ପ୍ରଦାନ ଦିଗରେ କ'ଣ ସବୁ ବ୍ୟବସ୍ଥା କରାଯାଇପାରିବ ସେନେଇ ପଦକ୍ଷେପ ନିଆଯିବ ବୋଲି ଡିଜିପି କହିଥିଲେ। ନିର୍ଯାତନା ମାମଲାଗୁଡିକୁ ଠିକ୍ ସମୟରେ ତଦନ୍ତ କରାଯିବା ସହ ପୁରୁଣା ଗାଡିଗୁଡିକୁ ମୋବାଇଲ୍ ଶୌଚାଳୟ ଭାବେ ବ୍ୟବହାର କରାଯିବ ବୋଲି ସେ କହିଥିଲେ। ଓଡ଼ିଶାରେ ମହିଳା ପୋଲିସ ଅଧିକାରୀଙ୍କ ସଂଖ୍ୟା ଅଧିକ ଥିବା ଯୋଗୁ ଆଗାମୀ ଦିନରେ ସେମାନେ ଦେଶରେ ପୋଲିସ ବିଭାଗର ନେତୃତ୍ୱ ନେବେ ବୋଲି ଅଭୟ ଆଶା ପ୍ରକାଶ କରିଥିଲେ। ଆଇଜି(ତାଲିମ) ଏସ୍. ସାଇନି ଆଲୋଚନାର ବିଷୟ ଏବଂ ପ୍ରସ୍ତାବଗୁଡ଼ିକ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏଡିଜି, ଡିଆଇଜି, ଏସ୍ପି ଏବଂ କମିଶନରେଟ୍ ପୋଲିସର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଆଇଜି(ଆଧୁନିକୀକରଣ) ରେଖା ଲୋହାନୀ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ହୋଲି ଖେଳିବେନି ରାଜ୍ୟପାଳ

**ଭୁବନେଶ୍ୱର, ୬।୩(ବ୍ୟୁରୋ):** ଏଥର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ହୋଲି ଖେଳିବେନି। ହୋଲି ମିଳନ ଯୋଗୁ କରୋନା ଭାଇରସ୍ ସଂକ୍ରମଣର ଆଶଙ୍କା ଥିବାରୁ ରାଜ୍ୟପାଳ ହୋଲି ଖେଳିବେ ନାହିଁ ଏଥିସହିତ କୌଣସି ହୋଲି ମିଳନ ଓ ଉତ୍ସବ ଆଦିରେ ଯୋଗଦେବେ ନାହିଁ ବୋଲି ରାଜ୍ୟପାଳଙ୍କ କାର୍ଯ୍ୟାଳୟରୁ ସୂଚନା ମିଳିଛି। ଭୟାବହ କରୋନା ଭାଇରସ୍ ସଂକ୍ରମଣର ମୁକାବିଲା ନିମନ୍ତେ ପ୍ରତ୍ୟେକେ ସତର୍କତାମୂଳକ ପଦକ୍ଷେପ ନେବା ସହ ବ୍ୟାପକ ସଚେତନତା ସୃଷ୍ଟି କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଛନ୍ତି।

### ଆଜି ୧୧ କୁଳପତିଙ୍କୁ ଭେଟିବେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୬।୩(ବ୍ୟୁରୋ):** ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଆସୁଥିବା ବିଶ୍ୱବିଦ୍ୟାଳୟଗୁଡିକର କୁଳପତିମାନଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଏକ ବୈଠକ କରିବେ। ସେ ଉଚ୍ଚଶିକ୍ଷା ବିଭାଗର ୧୧ଜଣ କୁଳପତିଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିବା ସହିତ କିପରି କ୍ୟାମ୍ପସରେ ଶାନ୍ତି ବଜାୟ ରହିବ, ପାଠପଢା ଠିକ୍ ହେବ ସେସବୁ ବିଷୟରେ ଆଲୋଚନା ହେବ। ଏହାସହ ମୁଖ୍ୟମନ୍ତ୍ରୀ ବିଶ୍ୱବିଦ୍ୟାଳୟରେ କିପରି ଛାତ୍ରୀଛାତ୍ରଙ୍କ ଉପସ୍ଥିତି ଭଲ ରହିବ, ଅଧିକ ରିସର୍ଚ୍ଚ କରାଯାଇପାରିବ ଏବଂ ଭିତ୍ତିଭୂମିର ବିକାଶ ହେବ ସେ ନେଇ ଆଲୋଚନା କରିବେ। ମୁଖ୍ୟମନ୍ତ୍ରୀ କୁଳପତିଙ୍କ ସହ ଆଲୋଚନା କରିବା ପୂର୍ବରୁ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁଙ୍କ ସହ ଏକ ବୈଠକ ଅନୁଷ୍ଠିତ ହେବ। ଏଥିରେ ମଧ ମନ୍ତ୍ରୀ ସବୁ କୁଳପତିଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବେ।

### ମୋ ପରିବାର ସଙ୍ଗଠନର ସହାୟତାରୁ ଫେରିଲା ମୃତଦେହ

**ଭୁବନେଶ୍ୱର,୬।୩(ବ୍ୟୁରୋ):** କର୍ଣ୍ଣାଟକର ବାଙ୍ଗାଲୋରରେ ମୃତ୍ୟୁ ହୋଇଥିବା ଜଣେ ଓଡ଼ିଆ ଶ୍ରମିକଙ୍କ ମୃତଦେହକୁ ରାଜ୍ୟକୁ ଅଣାଯାଇପାରିଛି। ଓଡ଼ିଶା:ମୋ ପରିବାର ସଙ୍ଗଠନର ଉଦ୍ୟମକ୍ରମେ ଏହା ସମ୍ଭବ ହୋଇପାରିଥିବା ଜଣାପଡିଛି। ବାଙ୍ଗାଲୋରସ୍ଥିତ ଏକ ଏଲ୍.ଇ.ଡି.ଫ୍ୟାକ୍ଟ୍ରିରେ କାମ କରୁଥିବା ଗଞ୍ଜାମ ଜିଲା ଦିଗପହଣ୍ଡିର ପତଣ୍ଡା ଗ୍ରାମର ଓଡ଼ିଆ ଶ୍ରମିକ ସିକା ସନାତନଙ୍କ ଗତ ୪ ତାରିଖରେ ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା। ସିକାଙ୍କ ମୃତ୍ୟୁ ଖବର ପରିବାରବର୍ଗ ପାଇବା ପରେ ତାଙ୍କ ମୃତଦେହ ଆଣିବା ପାଇଁ ଉଦ୍ୟମ କରିଥିଲେ। ହେଲେ ସେମାନଙ୍କୁ ନାନା ଅସୁବିଧାର ସମ୍ମୁଖୀନ ହେବାକୁ ପଡିଲା। ଏହି ଖବର ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ରଙ୍କ ଦୃଷ୍ଟିକୁ ଆସିବା ପରେ ସେ ତତ୍କ୍ଷଣାତ ମୋ ପରିବାର ଆବାହକ ଅରୂପ ପଟ୍ଟନାୟକଙ୍କୁ ଅବଗତ କରାଇଥିଲେ। ଏହା ପରେ ଅରୂପ ସମସ୍ତ ପ୍ରସଙ୍ଗ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ)କୁ ଅବଗତ କରାଇଥିଲେ। ଏହା ପରେ ସନାତନଙ୍କ ମୃତଦେହ ଫେରାଇବା ପାଇଁ ମିଳିତ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଶେଷରେ ଶୁକ୍ରବାର ଅପରାହ୍ନ ୨ଟା ୨୦ ମିନିଟ୍‌ରେ ସନାତନଙ୍କ ଶବ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ପହଞ୍ଚିଥିଲା। ତାଙ୍କ ମୃତଦେହକୁ ଗ୍ରହଣ କରିବା ପାଇଁ ବିମାନବନ୍ଦରରେ ବିଧାୟକ ଅତନୁ ସବ୍ୟସାଚୀ ନାୟକ, ମୋ ପରିବାର ସଦସ୍ୟା ଡେଜାଲିନ୍ ମହାପାତ୍ର,ସମୀର ପ୍ରଧାନ, ପରାମର୍ଶଦାତା ବିବେକାନନ୍ଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ। ସନାତନଙ୍କ ପରିବାରକୁ ମୃତଦେହ ହସ୍ତାନ୍ତର କରାଯିବା ସହ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା।

# ଏପ୍ରିଲ ୩ରେ ସମସ୍ତ ଛାତ୍ରୀଛାତ୍ରଙ୍କୁ ପାଠ୍ୟପୁସ୍ତକ ବଣ୍ଟାଯିବ

**ଭୁବନେଶ୍ୱର, ୬।୩(ବ୍ୟୁରୋ)**

ପାଠ୍ୟପୁସ୍ତକ ମୁଦ୍ରଣ ଓ ବିତରଣ ସମ୍ବନ୍ଧୀୟ ବୈଠକ ଶୁକ୍ରବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏପର୍ଯ୍ୟନ୍ତ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଆବଶ୍ୟକ ଥିବା ୨,୪୯,୫୪,୧୨୭ ପାଠ୍ୟପୁସ୍ତକ ମଧ୍ୟରୁ ୨,୪୨,୧୪,୭୧୨ ପାଠ୍ୟପୁସ୍ତକ ବିଦ୍ୟାଳୟଗୁଡ଼ିକୁ ବିତରଣ କରାଯାଇଛି। ଯାହାକି ୯୯ ପ୍ରତିଶତ ଅଟେ। ଆସନ୍ତା ଏପ୍ରିଲ ୩ତାରିଖରେ ହେବାକୁ ଥିବା ପ୍ରବେଶ ଉତ୍ସବ ସମୟରେ ସମସ୍ତ ଛାତ୍ରୀଛାତ୍ରଙ୍କୁ ପାଠ୍ୟପୁସ୍ତକ ବିତରଣ କରାଯିବାକୁ ସ୍ଥିର ହୋଇଛି। ସେହିପରି ନବମ ଓ ଦଶମ ଶ୍ରେଣୀସ୍ତରରେ ଆବଶ୍ୟକ ପଡୁଥିବା ପ୍ରାୟ ୮ ଲକ୍ଷ ପାଠ୍ୟପୁସ୍ତକ ମୁଦ୍ରଣ କରାଯାଇ ୨୦ ତାରିଖ ସୁଦ୍ଧା ସମସ୍ତ ବିତରଣକାରୀଙ୍କୁ ଅବଗତ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ଏଥିସହିତ ମାର୍ଚ୍ଚ ୨୪ ତାରିଖରୁ ନବମ ଓ ଦଶମ ଶ୍ରେଣୀ ପାଠ୍ୟପୁସ୍ତକ ବଣ୍ଟନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ନବମ ଓ ଦଶମ ଶ୍ରେଣୀରେ ପଢୁଥିବା ପ୍ରାୟ ୨.୫ ଲକ୍ଷ ଅନୁସୂଚିତ ଜାତି ଓ ଜନଜାତି ବିଦ୍ୟାର୍ଥୀଙ୍କ ପାଇଁ ମାଗଣା ପାଠ୍ୟପୁସ୍ତକ ବିତରଣ ଏହି ସମୟ ମଧ୍ୟରେ କରିବାକୁ ଲକ୍ଷ୍ୟ ରଖାଯାଇଛି। ଚଳିତ ବର୍ଷଠାରୁ ମାଧ୍ୟମିକ ଶିକ୍ଷା ପରିଷଦ, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଏବଂ ପାଠ୍ୟପୁସ୍ତକ ମୁଦ୍ରଣ ଓ ବିତରଣ ନିର୍ଦ୍ଦେଶାଳୟ ବର୍ଷ ତମାମ କାର୍ଯ୍ୟକ୍ରମର ଏକ କ୍ୟାଲେଣ୍ଡର ପ୍ରସ୍ତୁତ କରିବା ପାଇଁ ମନ୍ତ୍ରୀ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ବୈଠକରେ ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଭୂପିନ୍ଦର ସିଂ ପୁନିଆ, ଅତିରିକ୍ତ ଶିକ୍ଷା ନିର୍ଦ୍ଦେଶକ ବିକାଶ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଶାସନ ସଚିବ ରମେଶ କେର୍‌କେଟା, ଯୁଗ୍ମ ଶାସନ ସଚିବ ପ୍ରତାପ କୁମାର ମିଶ୍ର, ଯୁଗ୍ମ ଶାସନ ସଚିବ ଶୁଭଶ୍ରୀ ନନ୍ଦ, ଶିକ୍ଷା ପରାମର୍ଶଦାତା ଖଗେନ୍ଦ୍ର କୁମାର ପାଢ଼ୀ, ଉପନିର୍ଦ୍ଦେଶକ ତଥା ଉପଶାସନ ସଚିବ ପ୍ରଣତି ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ।

# ପୂର୍ବତନ ବିଧାୟକ ଅନାମ ନାଏକଙ୍କୁ ଜେରା କରିବ ଇଡି

**ଭୁବନେଶ୍ୱର, ୬।୩ (ବ୍ୟୁରୋ):** ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିବା ଭବାନୀପାଟଣାର ପୂର୍ବତନ ବିଧାୟକ ଅନାମ ନାଏକଙ୍କୁ ମନି ଲଣ୍ଡରିଂ ମାମଲାରେ ଇଡି (ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ) ଜେରା କରିବ। ଅନାମଙ୍କ ନାମରେ ସମୁଦାୟ କେତେ ଟଙ୍କାର ସମ୍ପତ୍ତି ରହିଛି, ଏଥିରୁ ସେ କେତେ ଆୟ କରିଛନ୍ତି ଏବଂ କେତେ ଆୟ ବହିର୍ଭୂତ ସେନେଇ ଖୋଳତାଡ଼ କରାଯିବ। ଏଥିଲାଗି ଇଡି ଅଫିସରେ ହାଜର ହେବା ପାଇଁ ତାଙ୍କୁ ଖୁବ୍ ଶୀଘ୍ର ନୋଟିସ କରାଯିବ ବୋଲି ଜଣାପଡ଼ିଛି।

ଗତ ଜାନୁୟାରୀ ୧୭ତାରିଖରେ ଅନାମଙ୍କ ଭବାନୀପାଟଣା ସହରସ୍ଥ ନାକଟିଗୁଡା ବାସଭବନ, ପୁରୁଣାପଡ଼ା ଛକ ନିକଟ ନିର୍ମାଣାଧୀନ ଲଜ୍ ଓ ମଦନପୁର-ରାମପୁରସ୍ଥିତ ହୋଟେଲ ଉପରେ ଭିଜିଲାନ୍ସର ତିନିଟି ଟିମ୍ ଏକକାଳୀନ ଚଢାଉ କରିଥିଲେ। ଯାଞ୍ଚ ବେଳେ ମୋଟ୍ ୩କୋଟି ୪୨ ଲକ୍ଷ ୯୯ହଜାର ୪୦୨ ଟଙ୍କାର ସ୍ଥାବର ଅସ୍ଥାବର ସମ୍ପତ୍ତି ଠାବ କରାଯାଇଥିଲା। ଏତଦ୍‌ବ୍ୟତୀତ ତାଙ୍କ ଘରୁ ୮୦ ହଜାର ଟଙ୍କାର ସୁନାଗହଣା, ନଗଦ ୧୩ ହଜାର ୬୮୦ ଟଙ୍କା, ୬ ଲକ୍ଷ ୨୧ହଜାର ୩୭୭ ଟଙ୍କାର ଗୃହ ଉପକରଣ ମଧ ଭିଜିଲାନ୍ସ ଠାବ କରିଥିଲା। ଏହି ସମ୍ପତ୍ତିଗୁଡ଼ିକର ହିସାବ ଓ ତଦନ୍ତ ବେଳେ ୧ କୋଟି ୫୪ ଲକ୍ଷ ୧୨ହଜାର ୨୬୦ ଟଙ୍କାର ସମ୍ପତ୍ତି ଆୟ ବହିର୍ଭୂତ ବୋଲି ଭିଜିଲାନ୍ସ ଜାଣିବାକୁ ପାଇବା ପରେ ଅନାମଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ୧୯୮୫ ଜାନୁୟାରୀରେ ରାଜସ୍ୱ ବିଭାଗରେ ଅନାମ କନିଷ୍ଠ କିରାଣି ଭାବେ ଯୋଗଦେଇଥିଲେ। ଚାକିରିରୁ ସ୍ୱେଚ୍ଛାକୃତ ଅବସର ନେଇ ପରବର୍ତ୍ତୀ ସମୟରେ ସେ ରାଜନୀତିରେ ଯୋଗଦେଇଥିଲେ। ୨୦୧୪ରୁ ୨୦୧୯ ମସିହା ପର୍ଯ୍ୟନ୍ତ ସେ ଭବାନୀପାଟଣା ନିର୍ବାଚନ ମଣ୍ଡଳୀର ବିଧାୟକ ରହିଥିଲେ। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ସେ କିଛିଦିନ ତଳେ ଜାମିନରେ ଆସି ଘରେ ରହିଛନ୍ତି।



## ଆଜି କ'ଣ କେଉଁଠି

**ସମ୍ବଲପୁର**

- ଓସିଏ ସିନିୟର ଆନ୍ତଃ ଜିଲା କ୍ଲବ୍ ଲିଗ୍ କ୍ରିକେଟ ମ୍ୟାଚ, ବିକାଶ ସ୍କୁଲ ଖେଳ ପଡିଆ, ସକାଳ ୮ଟା।
- ଜିଲାସ୍ତରୀୟ ନିର୍ମାଣ ଶ୍ରମିକ ସେବା ସପ୍ତାହ, ପାନ୍ଥନିବାସ ବୀର ସୁରେନ୍ଦ୍ର ସାଏ ସଭା କକ୍ଷ, ପୂର୍ବାହ୍ନ ୧୦ଟା।
- କୁଳତା ସମାଜର ମହାସଭା, ଗମ୍ଭାରପଙ୍କ, ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ମୋ ସ୍କୁଲ ଅଭିଯାନ ଉତ୍ସବ, ବୁଢ଼ାରଜା ସରକାରୀ ହାଇସ୍କୁଲ, ପୂର୍ବାହ୍ନ ୧୧ଟା।
- ଜେସିଆଇ ସମ୍ବଲପୁର ପ୍ରତିଭା ପକ୍ଷରୁ ଅପରାଜିତ କାର୍ଯ୍ୟକ୍ରମ, ତପସ୍ୱିନୀ ପ୍ରେକ୍ଷାଳୟ, ପୂର୍ବାହ୍ନ ୪ଟା।
- ଶ୍ରୀରାମ କଥା, ଝାଡୁଆପଡା ଆରଣ୍ୟକ ମଞ୍ଚ, ସନ୍ଧ୍ୟା ୬ଟା।
- ଶ୍ରୀରାମ କଥା ଜ୍ଞାନଯଜ୍ଞ, ପର୍ଶୁରାମ ଭବନ, ସନ୍ଧ୍ୟା ୬ଟା।

**ଦେବଗଡ଼**

- ଜିଲା ଶିଳ୍ପ କେନ୍ଦ୍ର ତରଫରୁ ଉଦ୍ୟୋଗୀ ସପ୍ତାହ ପାଳନ, ଦେବଗଡ଼ ଜିଲା ବ୍ୟାପି, ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ଏମ୍ଆଇଏସ୍ ଟ୍ରେନିଂ, ଟାଉନ ହାଇସ୍କୁଲ, ଦେବଗଡ଼, ପୂର୍ବାହ୍ନ ୧୦ଟା।
- ଗାୟତ୍ରୀ ଯଜ୍ଞ ଅବସରରେ ସାମୂହିକ ଜପ, ଧ୍ୟାନ, ପ୍ରଜ୍ଞାଯୋଗ ବ୍ୟାୟାମ, ସଭଗୋଲି ମଣ୍ଡପ, ଦେବଗଡ଼, ସକାଳ ୫ଟା ୩୦।

**ସୁନ୍ଦରଗଡ଼**

- ଫଗୁଣ ସାହିତ୍ୟ ଆସର, ନାରୀ କଲ୍ୟାଣ କେନ୍ଦ୍ର ପବ୍ଲିକ ସ୍କୁଲ, ସନ୍ଧ୍ୟା ୬ଟା୩୦।

# କମିଲା ବସ୍ ଭଡ଼ା: କିଲୋମିଟର ପିଛା ୧ ଓ ୨ ପଇସା

**ଭୁବନେଶ୍ୱର,୬।୩(ବ୍ୟୁରୋ)**–ଗତ କିଛିଦିନ ହେବ ଡିଜେଲ ଓ ପେଟ୍ରୋଲ ଦର ଲଗାତର ହ୍ରାସ ପାଇବାରେ ଲାଗିଛି। ଏଥିଯୋଗୁ ରାଜ୍ୟରେ ବସ ଭଡ଼ା କମିଛି। ଏ ନେଇ ଶୁକ୍ରବାର ରାଜ୍ୟ ପରିବହନ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ତୈଳ ଦର ହ୍ରାସ ପାଇଥିବାରୁ ସ୍ୱୟଂକ୍ରିୟ ବ୍ୟବସ୍ଥା (ଅଟୋମେଶନ ସିଷ୍ଟମ)ଅନୁଯାୟୀ ରାଜ୍ୟରେ ବସ ଭଡ଼ା ହ୍ରାସ ପାଇଛି। କିଲୋମିଟରକୁ ଯଥାକ୍ରମେ ୧ ଓ ୨ ପଇସା କମିଛି । ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ସାଧାରଣ ଓ ଏକ୍ସପ୍ରେସ ବସ ଭଡା କିଲୋମିଟର ପିଛା ୧ ପଇସା ଲେଖାଏ ହ୍ରାସ ପାଇଥିବା ବେଳେ ଡିଲକ୍ସ ଓ ଏସି ଡିଲକ୍ସ ବସ କିଲୋମିଟରକୁ ୨ ପଇସା ହ୍ରାସ ପାଇଛି। ଏଥିଯୋଗୁ ସାଧାରଣ ବସ ଭଡା କିଲୋମିଟର ପିଛା ୬୯ ପଇସାରୁ ୬୮ପଇସା ହ୍ରାସ ହୋଇଥିବା ବେଳେ ଏକ୍ସପ୍ରେସ ୭୨ରୁ ୭୧, ଡିଲକ୍ସ ବସ କିଲୋମିଟର ପିଛା ୯୯ ପଇସାରୁ ୯୭ ପଇସା ଏବଂ ଏସି ଡିଲକ୍ସ ବସ କିଲୋମିଟର ପିଛା ୧ ଟଙ୍କା ୨୧ପଇସା ୧ ଟଙ୍କା ୧୯ ପଇସାକୁ ହ୍ରାସ ପାଇଛି। ସୂଚନାଯୋଗ୍ୟ, ୨୦୨୦ ଫେବୃୟାରୀ ୧ରେ ବସ ଭଡା ହ୍ରାସ ପାଇଥିଲା। ମାସକ ମଧ୍ୟରେ ୨ ଥର ଭଡ଼ା ହ୍ରାସ ହୋଇଛି। ଭଡ଼ା ବୃଦ୍ଧି ଓ ହ୍ରାସ ପାଇଁ ରାଜ୍ୟ ସରକାର ଅଟୋମେଶନ ବ୍ୟବସ୍ଥା କାର୍ଯ୍ୟକାରୀ କରିଛନ୍ତି। ଡିଜେଲ ମୂଲ୍ୟ ଲିଟର ପିଛା ୨ ଟଙ୍କା ବୃଦ୍ଧି ହେଲେ କିଲୋମିଟରକୁ ଭଡା ୧ ଓ ୨ ପଇସା ବଢ଼ିବ। ସେହି ଆଧାରରେ ବସ ଭଡା ବୃଦ୍ଧି ଓ ହ୍ରାସ ହୋଇ ଆସୁଛି। ବସ ଭଡ଼ା କମିଥିବାରୁ ଯାତ୍ରୀମାନେ ଆଶ୍ୱସ୍ତ ହୋଇଛନ୍ତି।

# କରୋନା: ବାୟୋମେଟ୍ରିକ ମେଶିନ ବ୍ୟବହାର ଉପରେ କଟକଣା

**ଭୁବନେଶ୍ୱର, ୬।୩ (ବ୍ୟୁରୋ):**

ଚାଇନାରୁ ସୃଷ୍ଟି ହୋଇଥିବା କରୋନା ଭୂତାଣୁ ଏବେ ସମଗ୍ର ମାନବ ସମାଜ ପାଇଁ ବଡ଼ ବିପତ୍ତି ଭାବେ ଦେଖା ଦେଇଛି। ଭାରତରେ ଏହି ଭୂତାଣୁ ଚିହ୍ନଟ ହେବା ପରେ ଓଡ଼ିଶା ସରକାରଙ୍କ ପକ୍ଷରୁ ବିଭିନ୍ନ ସତର୍କତାମୂଳକ ପଦକ୍ଷେପ ନିଆଯାଉଛି। ଶିକ୍ଷାନୁଷ୍ଠାନଗୁଡ଼ିକୁ ଗାଇଡ୍‌ଲାଇନ୍ ଜାରି କରାଯାଇଥିବା ବେଳେ ଏବେ ସରକାରୀ, ବେସରକାରୀ ଅନୁଷ୍ଠାନରେ ଲାଗିଥିବା ବାୟୋମେଟ୍ରିକ୍ ମେଶିନ ବ୍ୟବହାରକୁ ନିଷେଧ କରାଯାଇଛି। ଏହି ମେଶିନକୁ ବହୁସଂଖ୍ୟକ ଲୋକ ବ୍ୟବହାର କରୁଥିବାରୁ ଭୂତାଣୁ ବ୍ୟାପିବାର ଆଶଙ୍କା ରହୁଛି। ସମସ୍ତ ସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନରେ ଲାଗିଥିବା ବାୟୋମେଟ୍ରିକ୍ ମେଶିନ ବ୍ୟବହାରକୁ ଏହି ରୋଗର ପ୍ରଭାବ ହ୍ରାସ ପାଇବା ଯାଏ ବନ୍ଦ ରଖିବାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସମସ୍ତ ବିଭାଗକୁ ଅନୁରୋଧ କରିଛି। ବାୟୋମେଟ୍ରିକ୍ ମେଶିନ ବଦଳରେ ଆଟେଣ୍ଡାନ୍ସ ରେଜିଷ୍ଟର ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଛି। ପ୍ରତିକାରମୂଳକ ପଦକ୍ଷେପ ପାଇଁ ଏହି କଟକଣା ଜାରି କରାଯାଇଛି ବୋଲି ସ୍ୱାସ୍ଥ୍ୟ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

# ଟିଟିପିଏସ୍ ପାଇପ୍ ଫାଟି ମାଡ଼ିଗଲା ପାଉଁଶପାଣି

**ତାଳଚେର, ୬।୩ (ନି.ପ୍ର.):** ଏନ୍‌ଟିପିସି ପରିଚାଳନାଧୀନ ତାଳଚେର ଥର୍ମାଲ ପାୱାର ଷ୍ଟେଶନ (ଟିଟିପିଏସ୍)ର ଆଶ୍ ପାଇପ୍ ଶୁକ୍ରବାର ଜଗନ୍ନାଥପୁର ଗ୍ରାମ ନିକଟରେ ଫାଟି ଯିବାରୁ କେତେଜଣଙ୍କ ଘର ସହ ଚାଷ ଜମିରେ ପାଉଁଶ ପାଣି ମାଡ଼ିଯାଇଛି। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି। ଖବରପାଇ ଥର୍ମାଲ କର୍ତ୍ତୃପକ୍ଷ ତୁରନ୍ତ ପାଇପ୍ ମରାମତି କରିବା ସହ କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ଯୋଗାଇ ଦେବା ଓ ପାଉଁଶ ସଫେଇ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି।

ପ୍ରକାଶ ଯେ, ଟିଟିପିଏସ୍‌ରୁ ନିର୍ଗତ କୋଇଲା ପାଉଁଶକୁ ପାଇପ୍ ମାଧ୍ୟମରେ (ପାଣି ସହିତ ସ୍ଲରି କରାଯାଇ) ଏମ୍‌ସିଏଲ୍‌ର ଥିବା କୋଇଲା ଖଣିରେ ପକାଯାଇଥାଏ। ତାଳଚେରର ଜଗନ୍ନାଥପୁର ଗ୍ରାମ ନିକଟ ଦେଇ ଏହି ପାଉଁଶ ପାଇପ୍ ଯାଇଛି। ସକାଳ ପ୍ରାୟ ୬ଟା ବେଳେ ହଠାତ ଉକ୍ତ ପାଇପ୍ ଫାଟି ଯାଇଥିଲା। ଫଳରେ ମୂଷଳ ଧାରାରେ ପ୍ରବାହିତ ପାଉଁଶ ପାଣି ଗ୍ରାମର ଚାରୁ ବାରିକ, ଦୟାନନ୍ଦ ସାହୁ, ଅରୁଣ ସାହୁ, ବାବୁଲି ନାଏକ, ଜଳଧର ଦାସଙ୍କ ଘରେ ପଶିଯିବା ସହ ରାସ୍ତା ଓ ବହୁ ଚାଷ ଜମିରେ ମାଡ଼ି ଯାଇଥିଲା। ଚାରିଆଡେ ପାଉଁଶମୟ ହୋଇଯିବା ଯୋଗୁ ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଖବରପାଇ ଟିଟିପିଏସ୍ କର୍ତ୍ତୃପକ୍ଷ ତୁରନ୍ତ ପାଇପ୍‌ରେ ପ୍ରବାହିତ ପାଣିକୁ ବନ୍ଦ କରିବା ସହ ମରାମତି କାର୍ଯ୍ୟ କରିଥିଲେ। ସ୍ଥାନୀୟ ସରପଞ୍ଚ, ପୋଲିସ, ଟିଟିପିଏସ୍ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କ ସହିତ ଆଲୋଚନା କରିଥିଲେ। ପରେ କ୍ଷୟକ୍ଷତିକୁ ନେଇ ଚାଇଁପାଳ ଫାଣ୍ଡିରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟେକ କ୍ଷତିଗ୍ରସ୍ତ ପରିବାରକୁ ୧୦ ହଜାର ଟଙ୍କା ଲେଖାଏ କ୍ଷତିପୂରଣ, ୩ଦିନ ପର୍ଯ୍ୟନ୍ତ ମାଗଣା ରନ୍ଧା ଖାଦ୍ୟ ପ୍ରଦାନ ଓ ଘର ଭିତରେ ଜମା ହୋଇଥିବା ପାଉଁଶକୁ ସଫା କରାଯିବ ବୋଲି ବୈଠକରେ ଟିଟିପିଏସ୍ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିବା ଫାଣ୍ଡି ଅଧିକାରୀ ଗୋକୁଳାନନ୍ଦ ପଣ୍ଡା ସୂଚନା ଦେଇଛନ୍ତି। ଏ ନେଇ ଟିଟିପିଏସ୍ କର୍ତ୍ତୃପକ୍ଷଙ୍କ ମତାମତ ମିଳିପାରି ନାହିଁ।

**Office of the District Manager**

**Odisha State Civil Supplies Corporation Ltd., (OSCSC)**

**KHORDHA (District)**

Phone: 2296066, District Website: www.khordha.nic.in

**Tender No. 1645** **Dt. 04.03.2020**

**No. CAD-1075:-** District Manager, Odisha State Civil Supplies Corporation Ltd., Khordha (District) invites tenders in Double Cover System through ONLINE MODE ONLY for the works below:

| | | |
|---|---|---|
| 1. | Name of the Work | Selection and appointment of Level-II Transport Contractor for transportation of foodgrains from RRCs to Retail Centers (FPS) of Khordha District. |
| 2. | Availability of bid document in the portal | From 06.03.2020 |
| 3. | Last Date / Time for receipt of bids in the portal | Dt.26.03.2020 upto 5.30 PM |
| 4. | Date / Time of opening of Technical Bid | Dt.27.03.2020 upto 11.00 AM |
| 5. | Name and address of the Officer Inviting Tender | District Manager, OSCSC Ltd., KHORDHA (District) |

Tender documents & other details can be seen from the e-Procurement portal www.oscsc.in, www.foododisha.in & www.tendersodisha.gov.in along with district website. Amendments / Corrigendum / Cancellation / retenders etc. if any shall be published only in above websites.

***Sd./- District Manager, OSCSC Ltd., Khordha***

OIPR-07007/11/0009/1920

**NOTICE INVITING TENDER**

**Office of District Manager**

**Odisha State Civil Supplies Corporation Ltd. (OSCSC)**

**BARGARH (District)**

**TENDER No.1404** **Phone : 06646-234042** **Dated : 04.03.2020**

**Cost of Tender Document :- Rs.11800/- Inclusive of GST.**

Online Tenders are invited from eligible tenderers for selection and appointment of level-ll contractor for transportation of Custom Milled Rice (CMR) from Rice Receiving Centre (RRC) to Retail Centre (FPS).

| | | |
|---|---|---|
| 1 | Availability of tender documents | From Date 06.03.2020 Downloadable from website: **www.oscsc.in**, **www.foododisha.in** & **www.tendersodisha.gov.in** |
| 2 | Date, time and venue for pre-bid conference | On dt **17.03.20** at **11.00AM.** Place: **O/o CSO-Cum-Dist. Manager, OSCSC Ltd., Bargarh** |
| 3 | Last date and time for online submission of completed Tender Documents with enclosures | Through e-Procurement Portal : **www.tendersodisha.gov.in** up to 5.00 PM of dt.21.03.2020 |
| 4 | Date, time and venue for opening of Technical Bid by the Tender Committee | On dt 23.03.2020 at 11.00 AM. place: Conference Hall of Collectorate, Bargarh |
| 5 | Date, time and venue of submission of original documents in support of scanned copies uploaded in the portal for verification | **On dt 25.03.2020 at 11.00 AM. Place: Conference Hall of Collectorate, Bargarh** |
| 6 | Date & time of Financial Bid opening by the Tender Committee (Only of Technically Qualified Tenderers) | To be announced after technical bid evaluation. |
| 7 | Venue of the opening of Technical & Financial Bids | **Conference Hall of Collectorate, Bargarh** |
| 8 | Validity Period | Tenders are to remain open for acceptance for 45 days inclusive of date of opening of tender. Note : The Managing Director, OSCSC Ltd., Bhubaneswar may at his discretion extend this day by 15 (fifteen) days and such extension shall be binding on the tenderers |
| 9 | Language of the Tender | The tender should be prepared by the tenderer in English language only. |
| 10 | Help Desk telephone No. | **(i) OSCSC Ltd.:-** District Manager :- **No.9438200033,** Accounts Head. **No.9937355252** (ii) State Procurement Cell :- **0674-2530998 / 18003456765** |

**N.B:** 1. If the office happens to be closed on the date of opening of tenders, tenders will be opened on the next working day in the same time.
2. District Tender Committee reserves the right to cancel any/ all of the tenders at any time without assigning any reason thereof.
3. Further details can be obtained in the website **www.tendersodisha.gov.in.**
4. The bidder must deposit Tender Document Fee and EMD at the time of submission of tender.
5. Any amendment/ cancellation/ re-tender/ corrigendum please refer to the website **www.tendersodisha.gov.in, www.oscsc.in & www.foododisha.in.**

**Sd./- District Manager**
**OSCSC Ltd., Bargarh**



ରାଜମୁକୁଟ ସୁନାରେ ତିଆରି ବୋଲି ଦେଖାଯାଇଥାଏ। ପ୍ରକୃତରେ ତାହା କଣ୍ଟକ, ବିପଦ ଓ ଦୁଶ୍ଚିନ୍ତାରେ ତିଆରି।
- ମିଲଟନ



# ବିଜ୍ଞପ୍ତି ପରେ ପ୍ରାର୍ଥିତ୍ୱ ଚର୍ଚ୍ଚା

ଭୁବନେଶ୍ୱର,୬।୩(ବ୍ୟୁରୋ)

ଦେଶର ୧୭ଟି ରାଜ୍ୟରେ ଖାଲି ହେବାକୁ ଯାଉଥିବା ୫୫ଟି ରାଜ୍ୟ ସଭା ଆସନ ପାଇଁ ଆସନ୍ତା ୨୬ରେ ନିର୍ବାଚନ ହେବ। ଏଥିପାଇଁ ଶୁକ୍ରବାର ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିରୁ ଓଡିଶାର ୪ଟି ଆସନ ଖାଲିହେବାକୁ ଯାଉଛି। ତେବେ ଏହି ଆସନକୁ ନେଇ ରାଜନୈତିକ ଅଙ୍କକଷା ଜୋର୍ ଧରିଥିବାବେଳେ ଭାଜପା ପ୍ରାର୍ଥୀ ଦେବ ବୋଲି ଜଣାପଡିଛି। ଭାଜପା ଯଦି ପ୍ରାର୍ଥୀ ଦିଏ ତେବେ ବିଜେଡି ପକ୍ଷରୁ ସମର୍ଥନ ମିଳିବା ସୁନିଶ୍ଚିତ ବୋଲି ଚର୍ଚ୍ଚା ହେଉଛି। କିନ୍ତୁ ରାଜ୍ୟ ସଭାରେ ଖାଲି ହେବାକୁ ଥିବା ଆସନ ମଧ୍ୟରୁ ବିଧାନସଭା ସଂଖ୍ୟା ଅନୁଯାୟୀ ୩ଟି ବିଜେଡି ସପକ୍ଷରେ ଯିବା ନିଶ୍ଚିତ। କେବଳ ୪ର୍ଥ ଆସନ କାହାର ତାକୁ ନେଇ ଚର୍ଚ୍ଚା ଚାଲିଛି। ସେହିପରି ସଂଖ୍ୟା ଅନୁଯାୟୀ ଗଲେ ମଧ ଶେଷ ଆସନଟି ବିଜେଡି ହାତେଇବାରେ ସେମିତି କିଛି ଅସୁବିଧା ନାହିଁ। ସିପିଆଇ ବିଧାୟକ ଏବଂ ସ୍ୱାଧୀନ ବିଧାୟକ ମକରନ୍ଦ ମୁଦୁଲିଙ୍କ ସମର୍ଥନ ବିଜେଡି ସପକ୍ଷରେ ରହିବାର ଆଲୋଚନା ହେଉଛି। ଅପରପକ୍ଷେ ନିର୍ବାଚନ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କାହାକୁ ପ୍ରାର୍ଥୀ କରିବେ ତାକୁ ନେଇ ମଧ ଦଳ ଭିତରେ ପ୍ରତିଯୋଗିତା ଆରମ୍ଭ ହୋଇଗଲାଣି।

ମୁଖ୍ୟମନ୍ତ୍ରୀ ପ୍ରତିଥର ରାଜ୍ୟ ସଭା ପ୍ରାର୍ଥୀ ଘୋଷଣା ସମୟରେ ଲୋକଙ୍କୁ ଚକିତ କରିବା ଭଳି ନିଷ୍ପତ୍ତି ନେଇଥିବା ଦେଖିବାକୁ ମିଳିଆସୁଛି। ଯାହାକୁ ଦଳ ପ୍ରାର୍ଥୀ କରିବ ସେ ସମ୍ପର୍କରେ ଦଳର ତୁଙ୍ଗ ନେତାମାନଙ୍କୁ ମଧ ଜଣା ନ ଥାଏ। ରାଜ୍ୟ ସଭା ପାଇଁ ଆଶାୟୀମାନେ କିନ୍ତୁ ଏବେଠାରୁ ଦଳର ଆଗଧାଡି ନେତାଙ୍କ ନିକଟକୁ ବାରମ୍ବାର ଧାଇଁବା ଆରମ୍ଭ କରିଦେଇଛନ୍ତି। ସେହିପରି ପୂର୍ବରୁ ପ୍ରାର୍ଥୀ ଦେବା ଲାଗି ନିଷ୍ପତ୍ତି ହୋଇ ନାହିଁ ବୋଲି କହୁଥିବା ଭାଜପା ଏବେ ନିଜ ସ୍ୱର ପରିବର୍ତ୍ତନ କରିଛି। ଭାଜପା ବିଧାୟକ କେ. ନାରାୟଣ ରାଓ କହିଛନ୍ତି ଯେ, ଦଳ ତରଫରୁ ଏଥର ପ୍ରାର୍ଥୀ ଦିଆଯିବ ବୋଲି ସୂଚନା ମିଳୁଛି। ହେଲେ ଏନେଇ ଦଳର କେନ୍ଦ୍ରୀୟ ନେତା ନିଷ୍ପତ୍ତି ନେବେ ବୋଲି ସେ କହିଛନ୍ତି।

## ଓଡିଶାର ୪ ରାଜ୍ୟ ସଭା ଆସନ

ଭାଜପା ଯଦି କାହାକୁ ପ୍ରାର୍ଥୀ କରେ କାହାକୁ ଏହି ଆସନ ଛାଡିବ ତାକୁ ନେଇ ଚର୍ଚ୍ଚା ଲାଗି ରହିଛି। ଅନ୍ୟପଟେ ବିଜେଡିରୁ ରାଜ୍ୟ ସଭା ରେସ୍‌ରେ ଥିବା ନେତାଙ୍କ ମଧ୍ୟରୁ କେତେଜଣଙ୍କ ନାଁ ଆଗକୁ ଆସିଛି। ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଉପଦେଷ୍ଟା ସୁଜିତ କୁମାର ରାଜ୍ୟ ସଭା ଦୌଡରେ ରହିଛନ୍ତି। ସେହିପରି ଦଳ ପଶ୍ଚିମ ଓଡିଶାର ଜଣେ ନେତାଙ୍କୁ ରାଜ୍ୟ ସଭାକୁ ପଠାଯାଇପାରେ ବୋଲି କୁହାଯାଉଥିବା ବେଳେ ଏହି ଆସନ ଲାଗି ସମ୍ବଲପୁରର ପୂର୍ବତନ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ନଚେତ୍ ଅନଙ୍ଗ ଉଦୟ ସିଂଦେଓ କିମ୍ବା ତାଙ୍କ ପରିବାରର ଜଣଙ୍କୁ ପଠାଇବାର ସମ୍ଭାବନା ଅଛି। ସେହିପରି ବାଲେଶ୍ୱର ଲୋକ ସଭା ଆସନରୁ ଗତ ସାଧାରଣ ନିର୍ବାଚନରେ ପରାଜିତ ହୋଇଥିବା ରବୀନ୍ଦ୍ର କୁମାର ଜେନା କିମ୍ବା ତାଙ୍କ ପତ୍ନୀ ସୁବାଶିନୀ ଜେନାଙ୍କ ମଧ୍ୟରୁ ଜଣେ ଗୋଟିଏ ଆସନ ପାଇପାରନ୍ତି। ସେହିପରି ଉପକୂଳ ଓଡିଶାରୁ ଜଣେ, ମହିଳା ଏବଂ ପଛୁଆ ବର୍ଗରୁ ଜଣେ ରାଜ୍ୟ ସଭା ଯିବାର ଯଥେଷ୍ଟ ସମ୍ଭାବନା ରହିଛି। ମହିଳାଙ୍କ ମଧ୍ୟରେ ସରୋଜିନୀ ହେମ୍ବ୍ରମ ଆଉ ଥରେ ରାଜ୍ୟ ସଭା ଯିବାର ସମ୍ଭାବନା ଥିବାବେଳେ ସୁସ୍ମିତା ବାଗ୍‌ଚିଙ୍କ ନାଁ ମଧ ଆଗକୁ ଆସିଛି। ସେହିପରି ପୂର୍ବତନ ବିଧାୟକ ଦିଲ୍ଲୀପ ରାୟଙ୍କ ନାଁ ମଧ ଆଲୋଚନା ଭିତରେ ରହିଛି। କିନ୍ତୁ ସବୁଥର ଭଳି ଏଥର ମଧ ନବୀନ ପ୍ରାର୍ଥୀ ଘୋଷଣାରେ ସର୍‌ପ୍ରାଇଜ ଦେବେ ବୋଲି ଦଳ ଭିତରେ ଗୁଞ୍ଜରଣ ସୃଷ୍ଟି ହେଉଛି।

ରାଜ୍ୟ ସଭା ନିର୍ବାଚନ ନେଇ କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟ କହିଛନ୍ତି ଯେ, କଂଗ୍ରେସ ନିକଟରେ ସଂଖ୍ୟା ନାହିଁ। ତେଣୁ ପ୍ରାର୍ଥୀ ଦିଆଯିବ ନା ନାହିଁ ସେ ନେଇ ଦଳର ହାଇକମାଣ୍ଡ ଯାହା କହିବେ ସେହି ଅନୁଯାୟୀ ଆମେ ନିଷ୍ପତ୍ତି ନେବୁ। ଦଳର ୯ଟି ଯାକ ଭୋଟ ଗୋଟିଏ ଆଡେ ଯିବ ବୋଲି ସୁର କହିଛନ୍ତି। ବିଜେଡି ନେତା ସମୀର ରଞ୍ଜନ ଦାଶ କହିଛନ୍ତି ଯେ, ରାଜ୍ୟ ସଭାକୁ କାହାକୁ ପଠାଯିବ ସେ ସମ୍ପର୍କରେ ଦଳର ସଭାପତି ନିଷ୍ପତ୍ତି ନେବେ। ସବୁବେଳେ ଯେମିତି ପ୍ରାର୍ଥୀ ଚୟନ ନିଷ୍ପତ୍ତି ତାଙ୍କ ହାତରେ ରହି ଆସିଛି ଏଥର ମଧ ସେହିପରି ହେବ ବୋଲି ସମୀର କହିଛନ୍ତି।

# ସାଥୀ ଖୋଜିବାକୁ ୨୦୦୦ କିମି

ନୂଆଦିଲ୍ଲୀ, ୬।୩

Parveen Kaswan, IFS
@ParveenKaswan
This #Tiger from India after walking into records has settled to Dnyanganga forest. He walked for 2000 Kms through canals, fields, forest, roads & no conflict recorded. Resting in daytime & walking in night all for finding a suitable partner. Was being continuously monitored.

'ବଞ୍ଜର ହୈ ସବ୍ ବଞ୍ଜର ହୈ। ହମ୍ ଢୁଣ୍ଡନେ ଜବ ଫିର୍ଦୋଷ ଚାଲେ। ତେରେ ଖୋଜ୍ ତଲାସ ମେଁ ଦେଖ୍ ପିୟା, ହମ୍ କିତନେ କାଲେ କୋଶ ଚାଲେ...'। ମହାନ୍ ସଙ୍ଗୀତକାର ଗୁଲ୍‌ଜାରଙ୍କ ରଚିତ ଏହି ଶାୟରୀକୁ ଆମେ ଶୁଣିବାକୁ ପାଇଥିଲେ ହିନ୍ଦୀ ଫିଲ୍ମ 'ସାଥିୟାଁ'ରେ, ଯାହାକୁ ନିଜର କଣ୍ଠରେ ସଜାଇଥିଲେ ଓସ୍କାର ବିଜେତା କଣ୍ଠଶିଳ୍ପୀ ଏ.ଆର୍. ରହମନ। ଏହି ଗୀତରେ ଭରି ରହିଛି ବିରହ ପ୍ରେମର ଯନ୍ତ୍ରଣା। ଏପରି ଏକ ବିରହୀ ବାଘର ପ୍ରେମ କାହାଣୀକୁ ନେଇ ସୋସିଆଲ ମିଡିଆରେ ଜୋର୍ ଧରିଛି ଚର୍ଚ୍ଚା। ଉକ୍ତ ମହାବଳ ବାଘ ସାଥୀ ଖୋଜିବାକୁ ୨୦୦୦ କିମି ପଥ ଅତିକ୍ରାନ୍ତ କରିଛି। ବାଙ୍ଗାଲୋରର ଜଣାଶୁଣା ଭାରତୀୟ ବନ ସେବା (ଆଇଏଫ୍‌ଏସ୍) ଅଧିକାରୀ ପ୍ରବୀଣ କଶୱାନ ଉକ୍ତ ବାଘର ଫଟୋ ଏବଂ ଏହାର କଷ୍ଟପୂର୍ଣ୍ଣ ଯାତ୍ରାର ଛାୟାଚିତ୍ରକୁ ନିଜର ଟୁଇଟର ହ୍ୟାଣ୍ଡେଲରେ ଶେୟାର କରିଛନ୍ତି।

ଋତୁ ଅନୁଯାୟୀ ଜଟିଳ ପରିସ୍ଥିତିରୁ ମୁକୁଳିବାକୁ ପଶୁପକ୍ଷୀମାନେ ନିଜର ଆବାସସ୍ଥଳୀ ବଦଳାଇଥାନ୍ତି। ଏହାକୁ ମାଇଗ୍ରେଶନ ବା ଦେଶାନ୍ତର କୁହାଯାଏ। ଉକ୍ତ ବାଘ ମଧ ସାଥୀ ଖୋଜିବାରେ ୨୦୦୦ କିମି ଚାଲିଥିବା ପ୍ରବୀଣ ଉଲ୍ଲେଖ କରିଛନ୍ତି। ମହାରାଷ୍ଟ୍ରର ଟିପ୍ପେଶ୍ୱର ବନ୍ୟପ୍ରାଣୀ ଅଭୟାରଣ୍ୟରୁ ନିଜର ଯାତ୍ରା ଆରମ୍ଭ କରିଥିବା ଉକ୍ତ ବାଘ ଏବେ ହିଙ୍ଗୋଲି ନିକଟ ଧ୍ୟାନଗଙ୍ଗା ଅଭୟାରଣ୍ୟରେ ପହଞ୍ଚିଛି। ନିଜର ଯାତ୍ରା ସମୟରେ ବାଘଟି ବିଲ, କେନାଲ, ଜଙ୍ଗଲ ରାସ୍ତା ଅତିକ୍ରମ କରିଛି। ସେ ଦିନ ତମାମ ବିଶ୍ରାମ ନେଉଥିବାବେଳେ ରାତିରେ ହିଁ ଚାଲୁଥିଲା। ହେଲେ ରାସ୍ତାରେ ବାଘଟି କାହାରି କୌଣସି କ୍ଷତି କରିନାହିଁ। କେବଳ ଜଣେ ଯୋଗ୍ୟ ସାଥୀ ପାଇବାକୁ ସେ ଏପରି ପରିଶ୍ରମ କରିଛି। ୨୦୧୯ ମାର୍ଚ୍ଚରେ ଉକ୍ତ ବାଘ ଦେହରେ ଭିଏଚ୍‌ଏଫ୍ ରେଡିଓ ଖଞ୍ଜାଯାଇଥିଲା। ଜିପିଏସ୍ ସହାୟତାରେ ତା' ଉପରେ ଲଗାତର ନଜର ରଖାଯାଇଥିଲା। ତେବେ ବାଘକୁ ସାଥୀ ମିଳିଛି ନା ନାହିଁ ସେ ସମ୍ପର୍କରେ ପ୍ରବୀଣ କିଛି ଉଲ୍ଲେଖ କରିନାହାନ୍ତି।

ତେବେ ପ୍ରବୀଣ ସମ୍ପୂର୍ଣ୍ଣ ଘଟଣାକୁ ଶେୟାର କରିବା ପରେ ଟୁଇଟର ୟୁଜର ବାଘକୁ ନେଇ ମଜାଳିଆ କମେଣ୍ଟ ଦେଇଛନ୍ତି। ଜଣେ କହିଛନ୍ତି, ଏଠି ଲୋକେ ନେଟ୍‌ଫ୍ଲିକ୍ସର ପାସ୍‌ୱାର୍ଡ ଦେଉନାହାନ୍ତି, ଅଥଚ ବାଘ ଏତେ ପରିଶ୍ରମ କରୁଛି। ଆଉ ଜଣେ ଲେଖିଛନ୍ତି, ସେ ବାଘୁଣୀ ବେଶ୍ ଭାଗ୍ୟବତୀ ହୋଇଥିବ। ଅନ୍ୟ ଜଣେ ଉଲ୍ଲେଖ କରିଛନ୍ତି, ବାଘମାନଙ୍କ ପାଇଁ ଟିଣ୍ଡର (ଡେଟିଂ ଆପ୍) ଲୋଡ଼ା। ସେ ଯାହା ହେଉନା କାହିଁକି, ସାଥୀ ଖୋଜିବାକୁ ବାଘର ଏପରି ଯାତ୍ରା ଏବେ ସୋସିଆଲ ମିଡିଆରେ ଚର୍ଚ୍ଚାର ଖୋରାକ ଯୋଗାଇଛି।



# ଅସ୍ତରଙ୍ଗ ବେଳାଭୂମିରୁ ୪୮ ଫୁଟର ମୃତ ତିମି ଉଦ୍ଧାର

ଅସ୍ତରଙ୍ଗ, ୬।୩ (ଡି.ଏନ୍.ଏ)



ଅସ୍ତରଙ୍ଗ ବେଳାଭୂମି ଗୁଣ୍ଡଳବା ନିକଟରୁ ପ୍ରାୟ ୪୮ ଫୁଟ ଲମ୍ବର ଏକ ମୃତ ତିମି ଉଦ୍ଧାର ହୋଇଛି। ଏହାର ଓଜନ ପ୍ରାୟ ୧୫ ଟନ୍ ହେବ ବୋଲି ଜଣାପଡ଼ିଛି। ଏହାକୁ ଦେଖିବା ପାଇଁ ଲୋକଙ୍କ ଭିଡ଼ ଜମିଛି। ଘଟଣାସ୍ଥଳରେ ବନ ବିଭାଗ, ପ୍ରାଣୀ ଓ ମତ୍ସ୍ୟ ବିଭାଗର ଟିମ୍ ପହଞ୍ଚି ମୃତ ତିମି ସମ୍ପର୍କରେ ଅନୁସନ୍ଧାନ ଜାରି ରଖିଛନ୍ତି। ସୂଚନା ଅନୁଯାୟୀ, ଶୁକ୍ରବାର ସକାଳୁ ପୀରଜାହାନିଆ ନିକଟସ୍ଥ ଗୁଣ୍ଡଳବା ଗାଁର ସମୁଦ୍ରକୂଳରେ ଏହି ବିରାଟକାୟ ମୃତ ତିମି ଲାଗିଥିଲା। ସ୍ଥାନୀୟ ଲୋକେ ସମୁଦ୍ର କୂଳକୁ ଯାଇଥିବାବେଳେ ମୃତ ତିମିକୁ ଦେଖିବାକୁ ପାଇଥିଲେ। ସେମାନେ ଏ ନେଇ ବନ ବିଭାଗକୁ ସୂଚନା ଦେଇଥିଲେ। ରେଞ୍ଜର ହ୍ୟୁମାନ ନାୟକ ଏକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ମୃତ ତିମିକୁ ପାଣିରୁ ଉଦ୍ଧାର କରିଥିଲେ। ଏଥିସହ ପ୍ରାଣୀ ଓ ମତ୍ସ୍ୟ ବିଭାଗର ଟିମ୍ ପହଞ୍ଚି ମୃତ ତିମି ସମ୍ପର୍କରେ ଅନୁସନ୍ଧାନ ଚଳାଇଛି। ପ୍ରାଣୀ ବିଭାଗ ମୃତ ତିମିର ଅଂଶବିଶେଷ ସଂଗ୍ରହ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଜାହାଜ କିମ୍ବା ଟ୍ରଲର ମାଡ଼ରେ ତିମିଟି ମରିଯାଇଥିବା ଅନୁମାନ କରାଯାଉଛି। ବନ ବିଭାଗ ପକ୍ଷରୁ ସମୁଦ୍ର ବାଲିରେ ମୃତ ତିମିକୁ ପୋତିବା ପାଇଁ ପ୍ରସ୍ତୁତି ଚାଲିଛି। ସ୍ଥାନୀୟ ପରିବେଶବିତ୍ ଶୋଭାକର ବେହେରା କହିଛନ୍ତି, ବହୁଦିନ ତଳୁ ଏହି ତିମି ମରିଯାଇଥିବାରୁ ତା'ର ସମ୍ପୂର୍ଣ୍ଣ ଶରୀର ପଚିଯାଇଛି।

## ଜିଲା ଚିଠି



## ଅନୁଗୋଳ

### ନାଁକୁ ନିଯୁକ୍ତି

ଶିଳ୍ପ କରିଡର ଭାବେ ପରିଚିତ ଅନୁଗୋଳ ଜିଲାରେ ବଢୁଛି ବେକାରି ସମସ୍ୟା। ୨୦୧୫ରୁ ୨୦୧୯ ଡିସେମ୍ବର ୩୧ ମଧ୍ୟରେ ଜିଲାରେ ୨୪ ହଜାର ୮୯୫ ଜଣ କର୍ମ ନିୟୋଜନ କାର୍ଯ୍ୟାଳୟରେ ନାମ ପଞ୍ଜୀକୃତ କରିଛନ୍ତି । ସେମାନଙ୍କ ମଧ୍ୟରୁ କେତେଜଣ ନିଯୁକ୍ତି ପାଇଛନ୍ତି, ତାହାର ହିସାବ କର୍ମ ନିୟୋଜନ କାର୍ଯ୍ୟାଳୟରେ ନାହିଁ। ସରକାରୀ ଓ ଘରୋଇ କମ୍ପାନୀରେ କେତେଜଣ ନିଯୁକ୍ତି ପାଇଛନ୍ତି ସେ ରିପୋର୍ଟ କର୍ମ ନିୟୋଜନ କାର୍ଯ୍ୟାଳୟକୁ ମିଳୁ ନ ଥିବାରୁ ଠିକ୍ ହିସାବ ମିଳିପାରୁ ନାହିଁ ବୋଲି ଜଣାପଡିଛି। ଜିଲାରେ ବେକାରି ସମସ୍ୟା ଦୂର ପାଇଁ ପ୍ରଶାସନ ପକ୍ଷରୁ ପ୍ରତିବର୍ଷ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ରାଜ୍ୟ ଭିତରୁ ଓ ବାହାରରୁ ବିଭିନ୍ନ ସଂସ୍ଥାକୁ ଡକାଯାଇ ନିଯୁକ୍ତି ମେଳାର ଆୟୋଜନ କରାଯାଉଛି । ତେବେ କେତେକ ସଂସ୍ଥା ସ୍ୱଳ୍ପ ଦରମାରେ ଜିଲାର ଯୁବତୀଯୁବକଙ୍କୁ ନିଯୁକ୍ତି ଦେଇ ମାସେ ଦୁଇମାସ ମଧ୍ୟରେ ବାହାର କରିଦେଉଥିବାରୁ ବେକାରି ସମସ୍ୟାର ସମାଧାନ ହୋଇପାରୁ ନ ଥିବା ଅନେକ ସମୟରେ ଅଭିଯୋଗ ହେଉଛି। କର୍ମ ନିୟୋଜନ କାର୍ଯ୍ୟାଳୟରୁ ମିଳିଥିବା ଆଉ ଏକ ତଥ୍ୟ ଅନୁଯାୟୀ, ୨୦୧୯ ଜାନୁୟାରୀ ୧ରୁ ୨୦୨୦ ଜାନୁୟାରୀ ୩୧ ମଧ୍ୟରେ ୪ ହଜାର ୨୦୮ ଜଣ ନାମ ପଞ୍ଜୀକୃତ କରିଛନ୍ତି । ସେମାନଙ୍କ ମଧ୍ୟରୁ ୨୬ ଜଣ ଅଣ୍ଡର ମାଟ୍ରିକ। ୮୭୭ ଜଣ ମାଟ୍ରିକ୍ ପାସ୍ କରିଥିବା ବେଳେ ୧୬୫୩ ଜଣଙ୍କ ଯୋଗ୍ୟତା ଇଣ୍ଟର ମିଡିଏଟ। ୧୦୬୬ ଜଣ ସ୍ନାତକ ଯୋଗ୍ୟତାଧାରୀ ଥିବାବେଳେ ୫୮୬ ଜଣଙ୍କ ବୈଷୟିକ ଯୋଗ୍ୟତା ରହିଛି। ତେବେ ଜିଲାରେ ସ୍ନାତକୋତ୍ତର କୌଣସି ଯୁବତୀଯୁବକ ନାମ ପଞ୍ଜୀକରଣ କରିନାହାନ୍ତି। ୧୯୯୧ ପର୍ଯ୍ୟନ୍ତ ପଞ୍ଜୀକୃତ ବେକାରଙ୍କ ସଂଖ୍ୟା ସ୍ୱଳ୍ପ ଥିବାରୁ କଲ୍ ମାଧ୍ୟମରେ ସେମାନଙ୍କୁ ନିଯୁକ୍ତି ସୁଯୋଗ ପ୍ରଦାନ କରାଯାଉଥିଲା। କିନ୍ତୁ ଏବେ ବେକାରଙ୍କ ସଂଖ୍ୟାରେ ବୃଦ୍ଧି ତଥା ଅନ୍ୟାନ୍ୟ କାରଣରୁ ସ୍କିଲ ଡେଭଲପମେଣ୍ଟ ପ୍ରୋଗ୍ରାମ ଓ ନିଯୁକ୍ତି ମେଳାର ଆୟୋଜନ କରାଯାଉଛି। କିନ୍ତୁ ମେଳାକୁ ଆସିଥିବା ଅଧିକାଂଶ କମ୍ପାନୀ ବା ସଂସ୍ଥା ଦିନକୁ ମାତ୍ର ୨ରୁ ୩ ଶହ ବା ମାସିକ ୬ରୁ ୯ ହଜାର ଟଙ୍କା ପାରିଶ୍ରମିକ ଧାର୍ଯ୍ୟ କରୁଥିବାରୁ ତାହା ଯୁବତୀଯୁବକମାନଙ୍କୁ ଆକୃଷ୍ଟ କରିପାରୁନାହିଁ। ଯେଉଁ କେତେଜଣଙ୍କୁ ୮ ଘଣ୍ଟା ପରିଶ୍ରମ ପାଇଁ ଚୁକ୍ତି କରାଯାଉଛି ସେମାନଙ୍କ ମଧ୍ୟରୁ ଅନେକଙ୍କୁ କମ୍ପାନୀ ୧୬ ଘଣ୍ଟା ଖଟାଇବା ସହ ପୂର୍ବ ନିର୍ଦ୍ଧାରିତ ଦରମା ଦେଉଛି। କମ୍ପାନୀର ଏପରି ଶୋଷଣ ମନୋବୃତ୍ତିର ପ୍ରତିବାଦ କରାଯାଉଥିଲେ ବି ତାହାକୁ ପ୍ରଶାସନ ସେତେଟା ଗୁରୁତ୍ୱ ଦେଉନାହିଁ। ତେଣୁ ବାଧହୋଇ ଅଳ୍ପ କେଇଟା ଦିନ ପରେ ଯୁବତୀଯୁବକମାନେ ସେହି ଚାକିରି ଛାଡ଼ିଦେଉଛନ୍ତି। ଏ କଥାକୁ ଜିଲା ପ୍ରଶାସନ ଗୁରୁତ୍ୱ ଦେଲେ ବେକାରଙ୍କ ସଂଖ୍ୟା କମିବ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି ।

– ଅମିତ କୁମାର ସାମଲ

# ଫିଲ୍ମରେ ଓଡ଼ିଶାର ସୌନ୍ଦର୍ଯ୍ୟ ଦେଖାଇବେ ନୀଳମାଧବ

ଭୁବନେଶ୍ୱର, ୬।୩ (ବ୍ୟୁରୋ

ବର୍ତ୍ତମାନ ସମୟରେ ଲୋକଙ୍କ ମଧ୍ୟରେ ଦେଖାଯାଉଥିବା ଏକୁଟିଆପଣ, ଭୟ ଏବଂ ଭଲପାଇବାକୁ ନେଇ ଏକ ନୂଆ ଫିଲ୍ମ କରିବାକୁ ଯାଉଛନ୍ତି ଓଡ଼ିଶା ଜନ୍ମିତ ଜାତୀୟ ଏବଂ ଅନ୍ତର୍ଜାତୀୟ ପୁରସ୍କାରପ୍ରାପ୍ତ ଫିଲ୍ମନିର୍ମାତା ନୀଳମାଧବ ପଣ୍ଡା। 'ବିଶ୍ୱ' ନାମକ ଏହି ଫିଲ୍ମ ଜଣେ ପିତା ଓ ତାଙ୍କ ଦୃଷ୍ଟିହୀନ ପୁଅର କାହାଣୀ ଉପରେ ପର୍ଯ୍ୟବସିତ ହୋଇଛି। ତେବେ ପ୍ରତିଥର ଭଳି ଏଥର ମଧ ନିଜ ଫିଲ୍ମ ମାଧ୍ୟମରେ ଏକ ସାମାଜିକ ବାର୍ତ୍ତା ଦେବାର ପ୍ରୟାସ କରିଛନ୍ତି ନୀଳମାଧବ। ଅନ୍ଧତ୍ୱକୁ ସମ୍ପୂର୍ଣ୍ଣ ଏକ ଭିନ୍ନ ଦୃଷ୍ଟିକୋଣରୁ ଦେଖିବା ପାଇଁ ଏହି ଚଳଚ୍ଚିତ୍ରରେ ନୀଳମାଧବ ପ୍ରୟାସ କରିଛନ୍ତି। ତେବେ ସବୁଠାରୁ ବଡ଼କଥା ହେଲା, ଫିଲ୍ମଟି ସମ୍ପୂର୍ଣ୍ଣଭାବେ ଓଡ଼ିଶାର ଆବିଷ୍କୃତ ହୋଇ ନ ଥିବା ସୌନ୍ଦର୍ଯ୍ୟମୟ ସ୍ଥାନଗୁଡ଼ିକରେ ଶୁଟ୍ ହୋଇଛି। ଫିଲ୍ମ ଟୁରିଜିମ୍ ମାଧ୍ୟମରେ ସମଗ୍ର ବିଶ୍ୱକୁ ଓଡ଼ିଶାର ଅନାଲୋଚିତ ପର୍ଯ୍ୟଟନସ୍ଥଳୀ ଏବଂ ଉତ୍କୃଷ୍ଟ ସୌନ୍ଦର୍ଯ୍ୟ ସମ୍ପର୍କରେ ଅବଗତ କରାଇବାକୁ ନୀଳମାଧବ ପ୍ରୟାସ କରିଛନ୍ତି।

ନୀଳମାଧବଙ୍କ ସହଯୋଗୀ ତଥା ଓଡ଼ିଶା ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ବିଜେତା ଅନୁଜ ତ୍ୟାଗୀ ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଛନ୍ତି। ଫିଲ୍ମର ଷ୍ଟାରକାଷ୍ଟରେ ଲୋକପ୍ରିୟ କଳାକାର ବିନୟ ପାଠକ, ମରାଠୀ ଚଳଚ୍ଚିତ୍ର 'ଦାଗ' ପାଇଁ ଜାତୀୟ ପୁରସ୍କାର ବିଜେତା ଉଷା ଯାଦବ, ଓସ୍କାର ବିଜୟୀ ଚଳଚ୍ଚିତ୍ର 'ସ୍ଲମଡଗ୍ ମିଲେନେୟାର' ଏବଂ ହିନ୍ଦୀ ଫିଲ୍ମ 'ଯବ୍ ତକ ହୈ ଜାନ' ପାଇଁ ଜଣାଶୁଣା ସରିବ୍ ହାସ୍‌ମୀ, ମରାଠୀ ଏବଂ ହିନ୍ଦୀ ଚଳଚ୍ଚିତ୍ରରେ ନିଜ କାର୍ଯ୍ୟ ପାଇଁ ଜଣାଶୁଣା ଜ୍ୟୋତି ସୁବାସ ପ୍ରମୁଖ ରହିଛନ୍ତି। ଏହାବ୍ୟତୀତ ବହୁ ଓଡ଼ିଆ କଳାକାରଙ୍କୁ ମଧ ଏଥିରେ ଦେଖିବାକୁ ମିଳିବ ବୋଲି ନୀଳମାଧବ କହିଛନ୍ତି। ଅନ୍ୟପକ୍ଷରେ ଏହି ଫିଲ୍ମକୁ ସେ ବିଶ୍ୱସ୍ତରରେ ରିଲିଜ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଚଳିତବର୍ଷ ଶେଷ ଆଡ଼କୁ ଏହା ରିଲିଜ ହେବ ବୋଲି ଜଣାପଡ଼ିଛି।

ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

Wanted Sales Executives for Logistic Firm at Bhubaneswar.
email cv to :- chandandash@rediffmail.com
Contact : 9238306766

WANTED
For officially Job
Qualification 10th above
Salary up to 25000/-
Mob.- 9938699963
8598992540

ବ୍ଳକସ୍ତରୀୟ ନିଯୁକ୍ତି
Odishaର ପ୍ରତ୍ୟେକ ଜିଲ୍ଲାରୁ 10th / +2 & above Qualification ଥିବା candidate ଆବଶ୍ୟକ ।
ଦରମା - ୭୦୦୦/- ରୁ ୩୮୦୦୦/-
7894509327

Ordeal Management
Institute ର Branch ବିସ୍ତାର ପାଇଁ ମ୍ୟାନେଜର, ଅଫିସ୍ ପୋଷ୍ଟ ପାଇଁ 49- ଜଣ ପୁଅ/ଝିଅ ର ଆବଶ୍ୟକତା ଅଛି । ଯୋଗ୍ୟତା- 10th to Post Graduate,ଟ୍ରେନିଙ୍ଗ୍ + ହଷ୍ଟେଲ ଫ୍ରି ।
ଆୟ- 8500/- ରୁ 10,000/-, ଟ୍ରେନିଙ୍ଗ୍ ପରେ ଆୟ- 25,000/- ରୁ 35,000/-
Mob : 7008360189
ଠିକଣା-ITI ଛକ, ବାଲେଶ୍ୱର

REQUIRED
We required a Surveyor for milching Animal Survey on Mobile Application for all District in Odisha.
Mail id : info@promote2ngo.in
Contact = 09556245507

Shree Tirupati Courier Service
50, Ashok Nagar, BBSR
ଡ୍ରାଇଭର, ଡେଲିଭରି Boy ଦରକାର । ରହିବା ସୁବିଧା ଅଛି ।
Mob.-9437142064

10th, +2, +3 Pass 18 ବର୍ଷରୁ ଅଧିକ ଇଚ୍ଛୁକ ପ୍ରାର୍ଥୀ Job କରିବା ପାଇଁ ଚାହୁଁଛନ୍ତି ଏହି ନଂ. - 7978834284, 8895329791 ସହିତ ଯୋଗାଯୋଗ କରନ୍ତୁ।

ଆବଶ୍ୟକ
Receptionist, Office Assistant, Supervisor, Computer Operator, Accountant, Telecaller & other Office Staffs ଆବଶ୍ୟକ ।
ବୟସ: (18-35) Yrs. Salary (Rs.7500 to Rs.25000)
Contact : 9938676412

କାର ଡ୍ରାଇଭର ଆବଶ୍ୟକ ଜଗତପୁର ଅଫିସ ପାଇଁ । ଯୋଗାଯୋଗ ପାଇଁ
Mob : 9437021279
7381075901
9437496020

REQUIRED
Young Dynamic sales person for Wooden Hardware and interior Materials. Freshers / Experience can apply through E-mail :- aurogroup.abhishek@hotmail.com
Contact : 9090098989

REQUIRED
2 nos. of Office Assistance Salary 8000/-, Branch Co-ordinator Salary 11000/- Visit : Urban Residency, Plot No-168, Krishna Vihar Apartment, Patrapada, Bhubaneswar
Contact - 9861214749

OFFICIALLY JOB
ଯୋଗ୍ୟତା : ଦଶମ ପାସ୍/ଫେଲ୍, ବୟସ : (18-40)yrs.
Monthly salary upto Rs. 25,000/-
Contact : Immediately
Mob : 8763257042

PARADIP PORT TRUST
SAGARMALA
PARADIP-754142, ODISHA (INDIA)
(An autonomous body under Ministry of Shipping, Govt. of India)
No. : AD/RSC-I-21/66/2011/773 Dt.03rd March, 2020
Walk-In-Interview
Applications are invited from Indian Nationals for filling up three General Duty Medical Officers on Contractual basis in Paradip Port Trust. For further details, refer to our website www.paradipport.gov.in. Last date is 11.03.2020, 10.00 hours.
PPT/PR/699/19-20 Dt-03/03/20 Sr. Dy. Secretary

WALK- IN INTERVIEW
GHANASHYAM HEMALATA VIDYAMANDIR, PURI
Estd: 1995
(A CBSE Affiliated Co-educational Residential School)
A walk- in interview will be held at Shramik Bhawan, Near Nishamani Cinema Hall, Link Road, Cuttack on 08.03.2020, 10.30 am. for the following posts :
PGT - Physics, Chemistry & Biology
TGT - Science (PCM) PRT - Science (PCM)
NTT - (Female)
Qualification: As per CBSE norms. Minimum Salary is Rs. 26,000/- (PGT), Rs. 16,000/- (TGT), Rs. 12,000/- (PRT). Higher package for experienced candidates. Free Accommodation, Fooding & Laundry for all the above posts
Kindly attend the interview with original certificates and mark sheets .
Contact Nos. : 9437943924 / 7377148406 / 7873480470 / 7735629062
email id : ghvm.puri@gmail.com

ଧରିତ୍ରୀ DHARITRI
ଆବଶ୍ୟକ କରୁଛି
ବରିଷ୍ଠ ସହସମ୍ପାଦକ
- ପ୍ରାର୍ଥୀଙ୍କର ଡେସ୍କ କାର୍ଯ୍ୟରେ ଅନ୍ୟୂନ ୫ ବର୍ଷର ଅଭିଜ୍ଞତା ରହିଥିବା ଆବଶ୍ୟକ।
- ସାମ୍ବାଦିକତାରେ ଡିଗ୍ରୀ କରିଥିବା ଆବଶ୍ୟକ।
- ଖବରକୁ ବୁଝିବା, ଅନୁବାଦ, ସମ୍ପାଦନା ଏବଂ ଆକର୍ଷଣୀୟ ଶିରୋନାମା ଦେବାରେ ପ୍ରାର୍ଥୀଙ୍କର ବିଶେଷଜ୍ଞତା ରହିବା ଆବଶ୍ୟକ।
- ଖବରଗୁଡ଼ିକୁ ୱେବ୍‌ସାଇଟ୍ ଏବଂ ସୋସିଆଲ ମିଡିଆରେ ଅପ୍‌ଲୋଡ୍ କରିବାରେ ଅଭିଜ୍ଞ ପ୍ରାର୍ଥୀମାନଙ୍କୁ ପ୍ରାଧାନ୍ୟ ଦିଆଯିବ।

ବରିଷ୍ଠ ଖବରଦାତା
- ପ୍ରାର୍ଥୀଙ୍କର ସମ୍ପୃକ୍ତ କ୍ଷେତ୍ରରେ ଅତିକମ୍‌ରେ ୫ ବର୍ଷର ଅଭିଜ୍ଞତା ରହିବା ଆବଶ୍ୟକ।
- ପ୍ରାର୍ଥୀ ରାଜ୍ୟର ଯେକୌଣସି ଜିଲାରେ କାର୍ଯ୍ୟ କରିବା ପାଇଁ ଇଚ୍ଛୁକ ଥିବା ଆବଶ୍ୟକ।

ଆବେଦନ କରନ୍ତୁ:-
recruitment@dharitri.com
ଅଭିଜ୍ଞତା ଆଧାରରେ ପାରିଶ୍ରମିକ ଦିଆଯିବ ।

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

ଭାରତରେ ନୂଆ ଏବଂ ଉନ୍ନତ ଶୁଭାରମ୍ଭ କରିବା ନେଇ ଭୋଡାଫୋନ ଆଶାବାଦୀ ରହିଛି।

–ନିକ୍ ରିଡ୍, ଭୋଡାଫୋନ ସିଇଓ



କରୋନା ପ୍ରଭାବ ଯୋଗୁ ବିଶ୍ୱ ବଜାରର ଅଭିବୃଦ୍ଧି ଖସିବା ନେଇ ଆଶଙ୍କା ଉପୁଜିଛି। ଏହି ସମୟରେ ସବୁ କେନ୍ଦ୍ରୀୟ ବ୍ୟାଙ୍କ ମିଳିତ ହୋଇ କାମ କରିବାର ଆବଶ୍ୟକତା ରହିଛି।

–ଶକ୍ତିକାନ୍ତ ଦାସ, ରିଜର୍ଭ ବ୍ୟାଙ୍କ ଗଭର୍ନର



# ‘ୟେସ୍ ବ୍ୟାଙ୍କ ଆକାଉଣ୍ଟଧାରୀଙ୍କ ଟଙ୍କା ସୁରକ୍ଷିତ’

- ଆଶ୍ୱାସନା ଦେଲେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ
- ବ୍ୟାଙ୍କକୁ ବଞ୍ଚାଇବା ଲାଗି ସରକାର କାର୍ଯ୍ୟ କରୁଛନ୍ତି

**ନୂଆଦିଲ୍ଲୀ,୬-୩**




ଘରୋଇ କ୍ଷେତ୍ର ବ୍ୟାଙ୍କ ୟେସ ବ୍ୟାଙ୍କର ଆର୍ଥିକ ସ୍ଥିତି ବିଗିଡିବା ଯୋଗୁ ରିଜର୍ଭ ବ୍ୟାଙ୍କ ଏହା ଉପରେ ଗୁରୁବାର କଟକଣା ଲଗାଇଛି। ବ୍ୟାଙ୍କର ବୋର୍ଡକୁ ବରଖାସ୍ତ କରାଯିବା ସହ ନୂଆ ଆଡମିନିଷ୍ଟ୍ରେଟର ନିଯୁକ୍ତି ଏବଂ ଉଠାଣ ସୀମା ୫୦ ହଜାର ଟଙ୍କା କରାଯାଇଛି। ବ୍ୟାଙ୍କର ଏଭଳି ସ୍ଥିତିକୁ ନେଇ ଲୋକଙ୍କ ମଧ୍ୟରେ ଆଶଙ୍କା ପ୍ରକଟ ପାଇଥିବା ବେଳେ ଟଙ୍କା ବୁଡିଯିବା ନେଇ ଲୋକ ଭୟବୀତ ସ୍ଥିତିରେ ଅଛନ୍ତି। ମାତ୍ର ଲୋକଙ୍କ ଟଙ୍କା ସୁରକ୍ଷିତ ରହଥିବା କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ଗୁରୁବାର ସ୍ପଷ୍ଟୀକରଣ ଦିଆଯାଇଥିଲେ ମଧ୍ୟ ଲୋକମାନେ ଭୟଭୀତ ସ୍ଥିତିରେ ଅଛନ୍ତି। ଏହି ପରିପ୍ରେକ୍ଷୀରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଶୁକ୍ରବାର ସ୍ପଷ୍ଟୀକରଣ ଦେଇଛନ୍ତି। ସେ କହିଛନ୍ତି ଯେ, ୟେସ ବ୍ୟାଙ୍କକୁ ବଞ୍ଚାଇବା ଲାଗି ସରକାର ରିଜର୍ଭ ବ୍ୟାଙ୍କ ସହ ମିଳିତ ହୋଇ କାମ କରୁଛନ୍ତି। ସମ୍ପୂର୍ଣ୍ଣ ସ୍ଥିତି ଉପରେ ରିଜର୍ଭ ବ୍ୟାଙ୍କ ଏବେ ନଜର ରଖିଛି। ଲୋକଙ୍କ ଟଙ୍କା ସୁରକ୍ଷିତ ଥିବାରୁ ଏ ନେଇ କୌଣସି ଭୟଭୀତ ହେବାର ଆବଶ୍ୟକତା ନାହିଁ ବୋଲି ସୀତାରାମନ ଲୋକଙ୍କୁ ଭରସା ଦେଇଛନ୍ତି। ସରକାର ଏହି ବ୍ୟାଙ୍କ ଲାଗି ଶୀଘ୍ର ଏକ ରିଜଲ୍ୟୁଶନ ପ୍ଲାନ ଆଣିବେ। ବ୍ୟକ୍ତିଗତ ଭାବେ ଗତ ୨ ମାସ ହେବ ସ୍ଥିତି ଉପରେ ନଜର ରଖିଥିବା ସେ ସ୍ପଷ୍ଟ କରିଛନ୍ତି।

ବର୍ତ୍ତମାନ ଯେଉଁ ନିଷ୍ପତ୍ତି ଗ୍ରହଣ କରାଯାଇଛି ତାହା ସମସ୍ତଙ୍କ ମଙ୍ଗଳକୁ ନଜରରେ ରଖି ହୋଇଛି। ଲୋକମାନେ ଯେଭଳି ନଗଦ ସମସ୍ୟାର ସାମ୍ନା ନ କରିବେ ସେ ନେଇ କେନ୍ଦ୍ରୀୟ ବ୍ୟାଙ୍କ ସହ ଆଲୋଚନା କରିବେ ବୋଲି ଅର୍ଥମନ୍ତ୍ରୀ ଭରସା ଦେଇଛନ୍ତି। କେଉଁ କାରଣ ଯୋଗୁ ବ୍ୟାଙ୍କ ସମସ୍ୟାରେ ପଡିଲା, ସମସ୍ୟା ଲାଗି କିଏ ଦାୟୀ ତାର ଅନୁଧ୍ୟାନ ଲାଗି ରିଜର୍ଭ ବ୍ୟାଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ସେ କହିଛନ୍ତି। ସେହିଭଳି ବ୍ୟାଙ୍କରେ କାମ କରୁଥିବା ବ୍ୟକ୍ତି ବିଶେଷଙ୍କ ରୋଜଗାର ଏବଂ ବେତନ ଗୋଟିଏ ବର୍ଷ ଲାଗି ସୁନିଶ୍ଚିତ କରାଇବାକୁ ସେ ଆଶ୍ୱାସନା ଦେଇଛନ୍ତି।

### ସରକାରଙ୍କ ଲାଗି ଆଗକୁ ଆସିଲେ ଶକ୍ତିକାନ୍ତ

ୟେସ ଯୋଗୁ ସମସ୍ୟା ସରକାରଙ୍କ ଲୋକଙ୍କ ନିକଟରେ ଉତ୍ତରଦାୟୀ ରହିଥିବା ବେଳେ ବାରମ୍ବାର ଏଭଳି ସମସ୍ୟା କାରଣରୁ ଚିନ୍ତାରେ ପଡିଛନ୍ତି। ଏଭଳି ସ୍ଥିତିରେ ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ ପୁଣି ଥରେ ଆଗକୁ ଆସିଛନ୍ତି। ଏପ୍ରସଙ୍ଗ ଉପରେ ମତ ରଖି ଶକ୍ତିକାନ୍ତ କହିଛନ୍ତି ଯେ, ବ୍ୟାଙ୍କ ସହ ଜଡିତ ବିଭିନ୍ନ ସମସ୍ୟାର ସମାଧାନ ଶୀଘ୍ର କରାଯିବ। ଏଥିଲାଗି ୩୦ ଦିନର ସମୟ ସୀମା ଧାର୍ଯ୍ୟ କରାଯାଇଛି। ଏ ଦିଗରେ କେନ୍ଦ୍ରୀୟ ବ୍ୟାଙ୍କ ବିହିତ ପଦକ୍ଷେପ ଗ୍ରହଣ କରିବ। ୟେସ ବ୍ୟାଙ୍କ ଉପରେ ଲାଗିଥିବା କଟକଣା କୌଣସି ଗୋଟିଏ ପ୍ରସଙ୍ଗକୁ ଆଧାର କରି ନିଆଯାଇ ନାହିଁ। ଦେଶର ବ୍ୟାଙ୍କିଙ୍ଗ ଏବଂ ବିତ୍ତୀୟ ପ୍ରଣାଳୀକୁ ସୁରକ୍ଷାଏବଂ ସ୍ଥିତାବସ୍ଥା ବଜାୟ ରଖିବା ଲାଗି ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି।

### ୟେସ୍ ବ୍ୟାଙ୍କ ସମସ୍ୟା ସେହି ବ୍ୟାଙ୍କ ସହ ଜଡିତ: ଏସ୍‌ବିଆଇ ଅଧ୍ୟକ୍ଷ

ଏହି ସମସ୍ୟା ଉପରେ ଏସ୍‌ବିଆଇ ଅଧ୍ୟକ୍ଷ ରଜନୀଶ କୁମାର ମତ ରଖିଛନ୍ତି। ସେ କହିଛନ୍ତି ଯେ, ୟେସ ବ୍ୟାଙ୍କ ସମସ୍ୟା କେବଳ ସେହି ବ୍ୟାଙ୍କ ସହ ଜଡିତ। ଏହା ସମ୍ପୂର୍ଣ୍ଣ ବ୍ୟାଙ୍କିଙ୍ଗ କ୍ଷେତ୍ର ସହ କୌଣସି ସମ୍ପର୍କ ରଖେ ନାହିଁ। ଏହା ବ୍ୟାଙ୍କିଙ୍ଗ କ୍ଷେତ୍ରର ସମସ୍ୟା ନୁହେଁ। ୟେସ ବ୍ୟାଙ୍କରେ ଅଂଶଧନ କ୍ରୟ ନେଇ ସେ କହିଛନ୍ତି, ଏ ନେଇ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଇଛି। ୟେସ ବ୍ୟାଙ୍କ ସମସ୍ୟାକୁ ନେଇ ଗ୍ରାହକ ଚିନ୍ତିତ ନ ହେବାକୁ କୁମାର ମଧ୍ୟ ଭରସା ଦେଇଛନ୍ତି।

### ଗ୍ରାହକଙ୍କ ସ୍ୱାର୍ଥକୁ ଧ୍ୟାନ ଦିଆଯିବ:ସିଇଏ

ୟେସ ବ୍ୟାଙ୍କ ଗ୍ରାହକଙ୍କ ସ୍ୱାର୍ଥକୁ ସୁରକ୍ଷା ଦେବା ସହ ଧ୍ୟାନରେ ରଖାଯିବ ବୋଲି ସରକାରଙ୍କ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା(ସିଇଏ) ଆଶ୍ୱାସନା ଦେଇଛନ୍ତି। ଜମାକାରୀଙ୍କ ଟଙ୍କା ସୁରକ୍ଷିତ ଥିବା ବେଳେ ବ୍ୟାଙ୍କର ରିଷ୍ଟ୍ରକଚରିଂର ସବୁ ବିକଳ୍ପ ଉପରେ ଧ୍ୟାନ ଦିଆଯିବ। କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ଉଚିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ୮୯୪ ପଏଣ୍ଟ ଖସିଲା ସେନ୍‌ସେକ୍ସ

**ମୁମ୍ବାଇ, ୬-୩:** କରୋନା ଭାଇରସ ଏବଂ ୟେସ ବ୍ୟାଙ୍କ ସମସ୍ୟା ଯୋଗୁ ଶୁକ୍ରବାର ସେନସେକ୍ସରେ ୮୯୪ ପଏଣ୍ଟ(୨.୩୨%) ହ୍ରାସ ହେବା ଦେଖାଯାଇଥିଲା। ଏହି ସମୟରେ ସେନସେକ୍ସ ୩୭,୫୭୬ ପଏଣ୍ଟରେ ବନ୍ଦ ହୋଇଛି। ସେହିଭଳି ନିଫ୍ଟି କାରବାର ୨୮୦ ପଏଣ୍ଟ( ୨.୪୮%) ହ୍ରାସ ଘଟି ୧୦,୯୮୯ ପଏଣ୍ଟ ସ୍ତରରେ କାରବାର ବନ୍ଦ ହୋଇଛି। ବମ୍ବେ ଷ୍ଟକ ଏକ୍ସଚେଞ୍ଜରେ ଟାଟା ଷ୍ଟିଲ, ଏସ୍‌ବିଆଇ, ଇଣ୍ଡସଲାଣ୍ଡ ବ୍ୟାଙ୍କ, ଓଏନ୍‌ଜିସି, ଏଚ୍‌ଡିଏଫ୍‌ସି ପ୍ରାୟ ୬.୪% ପ୍ରଭାବିତ ହୋଇଛି। ୩୦ ଷ୍ଟକ ମଧ୍ୟରୁ ପ୍ରାୟ ୨୭ଟିର କାରବାର ପ୍ରଭାବିତ ରହିଛି। ୟେସ୍ ବ୍ୟାଙ୍କ ଶେୟାର ୫୬.୪% ଖସିଯାଇଛି। ଦିନ ମଧ୍ୟରେ ଏହାର ଶେୟାର ୮୫% ହ୍ରାସ ହେବା ଦେଖାଯାଇଥିଲା। ସେହିଭଳି ନିଫ୍ଟିରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଏବଂ ମିଡିଆ ଶେୟାର ପ୍ରାୟ ୫.୨୫% ଖସିଛି। ୟେସ ବ୍ୟାଙ୍କ ଭଳି ଘଟଣା ଦେଶର ଫାଇନାନ୍ସିଆଲ ସିଷ୍ଟମ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଥିବାରୁ ଶେୟାର ବଜାର ଉପରେ ଏହାର ପ୍ରଭାବ ଦେଖାଯାଇଥିବା ବଜାର ବିଶେଷଜ୍ଞ କହିଛନ୍ତି। ଏହାବାଦ କରୋନାର ପ୍ରଭାବରେ ସାରା ବିଶ୍ୱର ଶେୟାର ବଜାର ଖସିଥିବା ଜଣାପଡିଛି।

## ରାହୁଲ ଗାନ୍ଧୀ, ଚିଦାମ୍ବରଙ୍କ ଟ୍ୱିଟ୍

ୟେସ୍ ବ୍ୟାଙ୍କ ଉପରେ ଆସିଥିବା ସଙ୍କଟକୁ ନେଇ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପରାମର୍ଶ ଦେଇଛନ୍ତି। କରୋନାକୁ ରୋକିବା ଲାଗି ସବୁ ଚେଷ୍ଟା ଲଗାଇବା ଏବଂ ଦେଶର ଅର୍ଥବ୍ୟବସ୍ଥା ସୁଧାରିବାକୁ ସେ ମୋଦିଙ୍କୁ କହିଛନ୍ତି। ମୋଦିଙ୍କ ବିଚାର ଧାରା ଭାରତର ଅର୍ଥ ବ୍ୟବସ୍ଥାକୁ ନଷ୍ଟ କରି ଦେଇଥିବା କଂଗ୍ରେସ ନେତା ରାହୁଲ ଟୁଇଟ କରିଥିବା ବେଳେ ୟେସ ବ୍ୟାଙ୍କର ଋଣ ସମ୍ପର୍କରେ ସରକାର ଠିକ୍ ତଥ୍ୟ ଦିଅନ୍ତୁ ବୋଲି ପୂର୍ବତନ ଅର୍ଥମନ୍ତ୍ରୀ ପି. ଚିଦାମ୍ବରମ୍ ଟୁଇଟରେ କହିଛନ୍ତି।

# ବଜାଜ୍ ଅଟୋର ବିଏସ୍-୬ ରେଞ୍ଜ

**ଭୁବନେଶ୍ୱର,୬-୩**




ବିଶ୍ୱର ପ୍ରମୁଖ ୩ ଚକିଆ ଯାନ ନିର୍ମାଣକାରୀ କମ୍ପାନୀ ବଜାଜ ଅଟୋ ଲିମିଟେଡ ପକ୍ଷରୁ ବିଏସ୍-୬ ନିୟମ ଅନୁପାଳନକୁ ଧ୍ୟାନରେ ରଖି ପଦକ୍ଷେପ ଗ୍ରହଣ କରାଯାଇଛି। କମ୍ପାନୀ ଏହାର ୩ ଚକିଆ ବର୍ଗର ସମ୍ପୂର୍ଣ୍ଣ ରେଞ୍ଜ ପ୍ରଡକ୍ଟକୁ ବିଏସ୍-୬ରେ ରୂପାନ୍ତର କରିଛି। ଶୁକ୍ରବାର ଭୁବନେଶ୍ୱରର ଏକ ହୋଟେଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏହି ପ୍ରଡକ୍ଟଗୁଡିକୁ ବଜାର ପ୍ରବେଶ କରାଯାଇଛି। ବିଏସ୍-୬କୁ ରୂପାନ୍ତରିତ ହୋଇଥିବା ସମ୍ପୂର୍ଣ୍ଣ ପ୍ରଡକ୍ଟ ମଧ୍ୟରେ ପାସେଞ୍ଜର ଯାନ, ମାଲବାହୀ ଯାନ ମଡେଲ ରହିଛି। ନୂଆ ମଡେଲଗୁଡିକରେ ଗ୍ରାହକ ଉନ୍ନତ ଅଭିଜ୍ଞତା ଏବଂ ପରଫରମାନ୍ସ ଲାଭ କରିବାକୁ ସକ୍ଷମ ହୋଇ ପାରିବେ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି।

ଓଡିଶା ବଜାରରେ ୨୩୬ ସିସି ସିଏନ୍‌ଜି ମଡେଲ ଏବଂ ୪୭୦ ସିସି ଡିଜେଲ ମଡେଲ ଭଲ ପରଫରମାନ୍ସ ହାସଲ କରିଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। ଏଥିରେ ସ୍ୱଳ୍ପ ପରିଚାଳନା ଖର୍ଚ୍ଚ ଗ୍ରାହକ ଲାଭ କରିପାରିବେ। ସିଏନ୍‌ଜି ଏବଂ ଡିଜେଲ ବର୍ଗରେ କମ୍ପାନୀ ରାଜ୍ୟରେ ଏକ ପ୍ରମୁଖ ଅଂଶୀଦାର ହୋଇ ପାରିଛି। ଏହି କ୍ଷେତ୍ରରେ ବଜାର ଅଂଶ ଯଥାକ୍ରମେ ୭୦% ଏବଂ ୫୨% ରହିଛି। ଡିଜେଲ ବର୍ଗରେ କମ୍ପାନୀ ୩ ବର୍ଷ ପୂର୍ବେ ୨୨% ବଜାର ଅଂଶ ହାସଲ କରିଥିଲା ଏହା ଏବେ ୫୨%କୁ ବୃଦ୍ଧି ଘଟିଛି। ନୂଆ ବିଏସ୍-୬ ପ୍ରଡକ୍ଟ ‘ଟେକ୍ନୋଲୋଜି ନୟି, ବିଶ୍ୱାସ ୱହି’ ବା ନୂଆ ଟେକ୍ନୋଲୋଜି, ସେହି ବିଶ୍ୱାସ ଆଧାରରେ ଏକ ନୂତନ ସ୍ଥାନ ହାସଲ କରିବାକୁ ଲକ୍ଷ୍ୟ ରଖିଛି। ନୂଆ ମଡେଲଗୁଡିକର ମୂଲ୍ୟ ବିଏସ୍-୪ ତୁଳନାରେ ୨୦% ଏବଂ ସିଏନ୍‌ଜି ବର୍ଗରେ ୧୦% ଅଧିକ ରହିବ।

କମ୍ପାନୀ ଓଡ଼ିଶାରେ ବାର୍ଷିକ ୭୭୦ ୟୁନିଟ ଯାନ ବିକ୍ରି କରୁଛି। ଏହି ବର୍ଗରେ ଓଡିଶାର ବାର୍ଷିକ ବଜାର ୧୫୨୦ରୁ ୩୦ ଯାନ ୟୁନିଟ ରହିଛି। ଶିଳ୍ପରେ ପରିବର୍ତ୍ତନ ଆସୁଥିବା ଯୋଗୁ ଟ୍ରାଞ୍ଜିଶନ ବେଳେ ଯାନ ବିକ୍ରି କମିବା ନାହିଁ ବୋଲି କମ୍ପାନୀର ଡିଜିଜନାଲ ବିକ୍ରି ଏବଂ ମାର୍କେଟିଂ ପ୍ରବନ୍ଧକ ହରିଶ କୌଶିକ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଏବେ ମଧ୍ୟ ବିଏସ୍-୨ ଏବଂ ୩ର ପ୍ରାୟ ୩୦% ଯାନ ରହିଛି। ଏହି ଯାନ ମାଲିକ ମାନେ ସେମାନଙ୍କ ଗାଡିକୁ ବିଏସ୍-୬ରେ ରୂପାନ୍ତରିତ କରିବାକୁ ଚାହୁଁଛନ୍ତି। ଏଣୁ ବିଏସ୍-୬ ମଡେଲ ମୂଲ୍ୟ କିଛି ହାରରେ ବଢିଥିଲେ ମଧ୍ୟ ବିକ୍ରିରେ କୌଣସି ପ୍ରଭାବ ନ ପଡି ପାରେ ବୋଲି ସେ ମତ ଦେଇଛନ୍ତି। ଏହା ଓଡିଶାରେ ୧୫ ଡିଲରଶିପ ସହ ସେବା ଦେଉଛି। ରାଜ୍ୟରେ ୧୬ରୁ ୧୭% ଅଭିବୃଦ୍ଧି ଆଶା ରହିଥିବା ସେ ସ୍ପଷ୍ଟ କରିଛନ୍ତି।

# ଜେଏସ୍‌ପିଏଲ୍‌କୁ ଗୋଲ୍‌ଡେନ ପିକକ୍ ସମ୍ମାନ

**ନୂଆଦିଲ୍ଲୀ,୬-୩**




ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାର ଲିଃ (ଜେଏସ୍‌ପିଏଲ) କୁ ସମ୍ମାନଜନକ ଗୋଲଡେନ ପିକକ ସିଏସ୍‌ଆର ସମ୍ମାନ - ୨୦୧୯ ପ୍ରଦାନ କରାଯାଇଛି। ଓଡିଶା, ଛତିଶଗଡ ଏବଂ ଝାଡଖଣ୍ଡରେ ବିଭିନ୍ନ ସାମାଜିକ ବିକାଶ କାର୍ଯ୍ୟକ୍ରମ ପାଇଁ ଜେଏସ୍‌ପିଏଲକୁ ଏହି ପୁରସ୍କାର ଦିଆଯାଇଛି । ମୁମ୍ବାଇ ଠାରେ ଇନଷ୍ଟିଚ୍ୟୁଟ ଅଫ ଡାଇରେକ୍ଟର୍ସ (ଆଇଓଡ଼ି) ପକ୍ଷରୁ ଅନୁଷ୍ଠିତ ୧୪ତମ ଅନ୍ତର୍ଜାତୀୟ ସିଏସଆର ସମ୍ମିଳନୀରେ ଜେଏସ୍‌ପିଏଲ ଫାଉଣ୍ଡେଶନର ଅଧ୍ୟକ୍ଷା ଶାଲୁ ଜିନ୍ଦଲ ସୁପ୍ରିମ କୋର୍ଟର ପୂର୍ବତନ ବିଚାରପତି ସି. ଜୋସେଫଙ୍କ ଠାରୁ ଏହି ପୁରସ୍କାର ଗ୍ରହଣ କରିଥିଲେ । ଏହି ଅବସରରେ ଜିଏମ୍‌ଆର ଗ୍ରୁପର ପ୍ରତିଷ୍ଠାତା ଜି ଏମ ରାଓ, ଆଇଓଡ଼ିର ସଭାପତି ଲ୍ୟୁଟନାଣ୍ଟ ଜେନେରାଲ (ଅବସରପ୍ରାପ୍ତ) ଜେ.ଏସ. ଆହଲୁୱାଲିଆ ଏବଂ ଅନ୍ୟାନ୍ୟ ସମ୍ମାନିତ ବ୍ୟକ୍ତିମାନେ ଉପସ୍ଥିତ ଥିଲେ।

# ରେନୋ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ

**ନୂଆଦିଲ୍ଲୀ,୬-୩:** ରେନୋ ଇଣ୍ଡିଆ ପକ୍ଷରୁ ସାରା ଦେଶରେ ଥିବା ଏହାର ଡିଲରଶିପଗୁଡିକରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଉଛି। ଗ୍ରାହକଙ୍କ ସହ ଦୀର୍ଘକାଳୀନ ସମ୍ପର୍କ ଏବଂ ଦୃଢ ବିଶ୍ୱାସ ବଜାୟ ରଖିବା ଲାଗି କମ୍ପାନୀ କାର୍ଯ୍ୟ କରୁଛି। ଏହି ସମୟରେ ରେନୋ ପକ୍ଷରୁ ମହିଳା ଗ୍ରାହକଙ୍କ ଲାଗି ସ୍ୱତନ୍ତ୍ର ସେବା ଯୋଗାଇ ଦିଆଯାଉଛି। ଏହା ମଧ୍ୟରେ ଫ୍ରି କାର ପିକ୍ ଆଣ୍ଡ ଡ୍ରପ ସୁବିଧା, କାର ଲାଗି ଆବଶ୍ୟକୀୟ ମେଣ୍ଟେନାନ୍ସ ଏବଂ ତାଲିମ ସୁବିଧା ପ୍ରମୁଖ ସାମିଲ ରହିଛି। ମହିଳାଙ୍କୁ ସ୍ୱାଧୀନ ତଥା ଆତ୍ମନିର୍ଭର ଭାବେ ଗଢି ତୋଳିବା ଲାଗି ଏଭଳି ପଦକ୍ଷେପ ହାତକୁ ନିଆଯାଇଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ସପ୍ତାହେ ବ୍ୟାପୀ ଚାଲିବାକୁ ଥିବା ଏହି ଦିବସରେ ଗ୍ରାହକଙ୍କୁ ନିଶ୍ଚିତ ଉପହାର, ପାର୍ଟସ ଏବଂ ଆସେସୋରିଜ ଉପରେ ୧୦% ରିହାତି, ଲେବର ଏବଂ ଭାଲ୍ୟୁ ଆଡେଡ ସେବା ଉପରେ ୧୦% ରିହାତି, ରେନୋ ବର୍ଦ୍ଧିତ ୱାରେଣ୍ଟି ଉପରେ ୧୦% ରିହାତି, ମହିଳା ଗ୍ରାହକଙ୍କ ଲାଗି ମାଗଣା ଯାନ ଚେକ୍ ଅପ୍ ସୁବିଧା ରହିଛି ବୋଲି ରେନୋ ପକ୍ଷରୁ କୁହାଯାଇଛି।


## PURI MUNICIPALITY
e-Procurement notice

No. 1840 Dtd. 06.03.20

Bid Identification No. P.M-10/2019-20

2020_ORULB_60482

1. Type of Work: Civil Work. 2. Total No. of works: 13 Nos. of Individual Works. 3. Estimate cost: Rs. 2,24,185/- to Rs. 27,56,277/-. 4. Period of completion: 45 days to 60 days. 5. date & time of availability of bid document in the Portal: from 03 PM of 07.03.2020 to 05 PM of 20.03.2020. 6. Last date/ Time for receipt of bid in the portal: Up to 5 PM of 20.03.2020. 7. Date of Opening of Technical bid: 11 AM of dtd. 21.03.2020. 8. Name & address of the Officer inviting Bid: Executive Officer, Puri Municipality, Puri. Further detail can be seen from the e-procurement portal **www.tendersorissa.gov.in**.

Sd./-
Executive Officer,
Puri Municipality, Puri

## OFFICE OF THE CDM & PHO CUM DISTRICT MISSION DIRECTOR, KORAPUT

Adv No. 917 / 20 Date: 04.03.2020

**WALK IN INTERVIEW**

No.E-790:- Walk-in-Interview will be conducted for engagement of Laboratory Technician, Yoga Teacher & ECG Technician- "NIDAN" for DHH/CHCs/PHC (N)- Health and Wellness Centre under Zilla Swasthya Samiti, Koraput. Interested eligible candidates may report to the office of the undersigned with the prescribed application form along with relevant documents on dtd. 11.03.2020. The registration time is 10.30 AM to 12.30 PM. After scheduled time of registration no application will be entertained. The application form and other details can be downloaded from the District official Website i.e. **www.koraput.nic.in**. Further communication to the shortlisted candidate will be made through **koraput.nic.in** / email or Phone only.

Sd./-
CDM & PHO cum
District Mission Director, NHM, Koraput
OIPR- 10077/11/0013/1920

## ODISHA STATE CO-OPERATIVE HANDICRAFTS CORPORATION LTD.
Utkalika
Jayadev Vatika Square, Khandagiri, Bhubaneswar-751030, Ph. : 0674-2975390

QUOTATION CALL NOTICE

No.537 Date.06.03.2020

Sealed quotations are invited from registered/reputed firms having GST No. for supply of Odishi Ornament White metal Jewellery set as per our requirement. Interested parties may apply in their letter head to the undersigned on or before **12.03.2020 upto 5.00 PM** with their best competitive price. The quotation received beyond time limit and incomplete in any respect will not be entertained. The authority reserves the right to reject any or all quotations without assigning any reason thereof.

Sd/- Managing Director

## OFFICE OF THE MUNICIPAL COUNCIL, DEOGARH
Phone No.: 06641-226231,
E-mail: deogarhmunicipality@gmail.com

No. 591 / DMC Dt.: 06.03.2020

"e"-procurement Notice

Bid Identification No.EO/DM/06/2019-20

No.C-557:- Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Gov. Website i.e. www.tendersodisha.gov.in.

| | | | |
|---|---|---|---|
| 1. | Nature of work | : | Civil work |
| 2. | No. of works | : | 4 Nos. |
| 3. | Estimated cost | : | As per NIT |
| 4. | Period of completion | : | As per NIT |
| 5. | Date and time of availability of the Documents in the Portal | : | From 10 hours of 07.03.2020 to 17 hours of 20.03.2020. |
| 6. | Last date/ time for receipt of Bids in the portal | : | Dt. 20.03.2020 at 17 hours. |
| 7. | Bids received online shall be opened on | : | Dt. 23.03.2020 at 11 hours |
| 8. | Name and address of the Officer inviting Bid | : | Executive Officer, Deogarh Municipality. |

Further, the details can be seen from the procurement Portal www.tendersodisha.gov.in.

Sd./- Executive Officer, Deogarh Municipality
OIPR- 13088/11/0004/1920

## DISTRICT PROJECT OFFICE SMAGRA SHIKSHA, KEONJHAR
ଶିକ୍ଷା ଅଧିକାର
DI of Schools Campus, Keonjhar 758001
Tel.No: 06766-254103/256420, Fax No.06766-256420,
e-mail : dpckeonjharssa.opepa@nic.in

TENDER CALL NOTICE

No.762 Date: 04.03.2020

Sealed quotations are invited from identity card suppliers for printing and supply of elementary Teachers ID Card.The detailed specification, terms and conditions can be available at DPO on payment of Rs.1000.00 as tender application cost. The Detailed tender paper with terms and conditions can be downloaded at www.osepa.odisha.gov.in or www.kendujhar.nic.in. The applicant have to apply in the prescribed format of DPO, SSA, Keonjhar only, latest by 19.03.2020 up to 12.00 Noon and the tender paper is to be opened at 4.00 PM of the same day. The Authority reserves the right to cancel any or all quotations without assigning any reason thereof.

Sd./-
Collector-cum-Chairperson
RTE, SSA, Keonjhar

## GOVERNMENT OF ODISHA
## ODIA LANGUAGE LITERATURE & CULTURE DEPARTMENT
TENDER CALL NOTICE

**No. RR-48:-** Sealed tenders are invited from Agencies / Firms / Tent House / Suppliers / Light & Sounds / Event Management House / Catering/ Hotels / Mandaps having valid GST clearance and experience in working minimum 5 years with Govt. sector regarding arrangement of Ethnic Ambience, Stage, light, Sounds, Tent items, supply of Breakfast, Lunch and Dinner, arrangement of accommodation for organization of 10th STATE LEVEL FOLK DANCE AND MUSIC FESTIVAL-2020. The interested agency can obtain the Tender Papers Itemwise from Directorate wing of OLL & Culture Dept, 2nd Floor Sanskruti Bhawan (Artist Federation Cell), Bhubaneswar on payment of Rs. 5000/- (non-refundable) from dated 11th to 18th March 2020 in the office hour from 10.30 AM to 4 PM. The sealed tender by Regd. Post/Speed Post/ Courier should reach to the undersigned on or before 19th March 2020 at 4 PM. The authority reserves the right to reject any or all tenders without assigning reason thereof. (Office No-Mob-0674-2434945, 0674-2435945, 9437234651).

*Sd./- Joint Director, OLL & Culture & Ex Officio Joint Secretary to Govt.*
OIPR-03001/11/0032/1920

## DISTRICT PROJECT OFFICE SAMAGRA SHIKSHA
No.67-n
ଶିକ୍ଷା ଅଧିକାର
SHIKSHASADAN, KORAPUT-764020
Telephone : (06852) - 252421 (Off)
E-mail : dpckoraputssa.opepa@nic.in

TENDER CALL NOTICE NO: 1939 / CW/2020, Date:04.03.2020

Sealed tender in the prescribed form to be eventually drawn-up in PWD Form P-I (Percentage Rate Bids) in conformity with detailed Tender Call Notice are invited by the District Project Coordinator, RTE-SSA, Koraput, on behalf of Government of Odisha for tenders for construction of ACR Buildings in SCA fund 2018-19.

| Sl. No. | Detail of Tender |
|---|---|
| 1. | Construction of 03 Nos. of ACR, 01 No. Library Room & 01 No. Science Lab at Gangarajpur UGHS Pottangi Block, EMD: Rs. 42,830/- & Tender Cost : Rs. 6,000/- |
| 2. | Construction of 03 Nos. of ACR, 01 No. Library Room & 01 No. Science Lab at Chikambo GHS of Dasamanthpur Block, EMD: Rs. 42,830/- & Tender Cost: Rs. 6,000/- |
| 3. | Construction of 02 Nos. of ACR at Upperkuttinga UGHS of Laxmipur Block, EMD: Rs. 16,464/- & Tender Cost: Rs. 6,000/- |
| 4. | 1. The Tender Documents will be available in the District Website i.e. (www.koraput.nic.in) from 06.03.2020 to 20.03.2020 up to 5.00 P.M and can be downloaded from the Website. 2. The tenders will be opened at 11.00 A.M on 21.03.2020. 3. Other details can be seen in the District website www.koraput.nic.in. |

Sd./- District Project Co-ordinator,
RTE-SS, Koraput
OIPR-27035/11/0011/1920

## OFFICE OF THE NOTIFIED AREA COUNCIL, BOUDHGARH
**“e” Procurement Notice**

Tender Call Notice No.853/NAC/5/2019-20, Date: 06.03.2020

1. Name of work :- Civil works as mentioned in website.
2. No. of works :- 1No. of Civil works.
3. Bid value :- Rs.19,90,500.00
4. Date and time of availability, received of the bid documents in the portal :- From 10.00 A.M. of dt.07.03.2020 to dt. 13.03.2020 up to 5.00 P.M. only.
5. Bids received online shall be opened on Dt.16.3.2020 at 11.00 A.M.
6. Submission of original documents :- On or before 10.00AM of Dt.16.3.2020.
7. Name & Address of the Officer inviting Bid :- EXECUTIVE OFFICER, BOUDHGARH NAC.

For further details can be seen from the Procurement portal: www.tendersorissa.gov.in

Sd./-
Executive Officer,
Boudhgarh NAC

## ODISHA COAL AND POWER LTD.
Odisha Coal and Power Limited OCPL
(A GOVT. OF ODISHA COMPANY)
Zone-A, Ground Floor, Fortune Towers, Chandrasekharpur, Bhubaneswar – 751023, Odisha
Ph No: 0674-2300654 /2300664

NOTICE INVITING TENDER

NIT No: OCPL/CIVIL-112/2020Date: 07/03/2020

Sealed bids in prescribed format are invited from Companies/Contractors / agencies / firms forthe following work:

| Sl. No. | Name of the work | Cost of Tender Paper | BID Security | Issue of Tender Document | Last date of Sale/Download of Tender Document | Last date of Submission/ Opening of bid |
|---|---|---|---|---|---|---|
| 01 | Development of road from Sarbahal to Laikera, Hemgir, Sundargarh, Odisha. | Rs.11,800/- (Rupees Eleven Thousand and Eight Hundred Only) inclusive of GST @18% | Rs.2,00,000/- (Rupees Two Lakhs Only) | 07/03/2020 | 23/03/2020 | 3:00 PM on 06/04/2020<br>3:30 PM on 06/04/2020 |

For further details, bidders may visit our website, i.ewww.ocpl.org.in. Any clarification mayplease be addressed to the undersigned at the above address or by email to: a.kanungo@ocpl.org.in.

Sd/- Addl. General Manager (Commercial & Contracts)

See Career Appointment on every Wednesday & Saturday

“ଆଇପିଏଲ୍ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ହେବ । କରୋନା ଭାଇରସ ପାଇଁ ଆବଶ୍ୟକ ପ୍ରତିଷେଧମୂଳକ ବ୍ୟବସ୍ଥା ଗ୍ରହଣ କରାଯାଇଛି ।

–ସୌରଭ ଗାଙ୍ଗୁଲି, ବିସିସିଆଇ ସଭାପତି



“ଭାରତ ଏଥର ଆଇସିସି ମହିଳା ଟି୨୦ ବିଶ୍ୱକପ୍ ଜିତିବା ଭାଗ୍ୟ ଆମ ସାଥିରେ ରହିଛି ବୋଲି ମୋର ଦୃଢ଼ ବିଶ୍ୱାସ ।

–ବେଦ କ୍ରିଷ୍ଣମୂର୍ତ୍ତି, ଭାରତୀୟ ସିନିୟର ବ୍ୟାଟ୍ସଓମ୍ୟାନ



## ସଂକ୍ଷେପରେ

### ପାଣ୍ଡ୍ୟାଙ୍କ ଆଉ ଏକ ବିସ୍ଫୋରକ ଶତକ

ନଭି ମୁମ୍ବାଇ, ୬।୩ (ପି.ଟି.) ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଫିଟ୍ ବୋଲି ପୁଣି ପ୍ରମାଣିତ କରିଛନ୍ତି। ଏଠାରେ ଚାଲିଥିବା ଡି.ୱାଇ. ପାଟିଲ ଟି୨୦ କପ୍‌ରେ ଶୁକ୍ରବାର ଖେଳାଯାଇଥିବା ବିପିସିଏଲ୍ ବିପକ୍ଷ ଏକ ସେମିଫାଇନାଲରେ ସେ ୫୫ ବଲ୍‌ରେ ୧୫୮ ରନ ସଂଗ୍ରହ କରି ଅପରାଜିତ ରହିଥିଲେ। ପିଠିରେ ଅସ୍ତ୍ରୋପଚାର ପରେ ପାଣ୍ଡ୍ୟା ଏହି ଟୁର୍ନାମେଣ୍ଟରେ ପ୍ରତିଯୋଗିତାମୂଳକ କ୍ରିକେଟକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ରିଲାଏନ୍ସ ୱାନ ତରଫରୁ ଖେଳୁଥିବା ପାଣ୍ଡ୍ୟା ତାଙ୍କ ଶତକୀୟ ଇନିଂସରେ ୨୦ ଛକା ଏବଂ ୬ ଚୌକା ଲଗାଇଥିଲେ, ଯାହାଫଳରେ ତାଙ୍କ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୨୩୮/୪ ସ୍କୋର କରିଥିଲା। ଏହା ପୂର୍ବରୁ ଗତ ମଙ୍ଗଳବାର ଘାନ୍‌ସୋଲିଠାରେ ଆରସିପି ବିପକ୍ଷ ଲିଗ୍ ମ୍ୟାଚରେ ସେ ୩୯ ବଲ୍‌ରେ ୧୦୫ ରନର ଏକ ବିସ୍ଫୋରକ ଇନିଂସ ଖେଳିଥିଲେ। ଶୁକ୍ରବାର ମ୍ୟାଚରେ ବିପିସିଏଲ୍‌ର କୌଣସି ବୋଲର ଜବରଦସ୍ତ ଫର୍ମରେ ଥିବା ପାଣ୍ଡ୍ୟାଙ୍କ ଉପରେ ପ୍ରଭାବ ଜାହିର କରିପାରି ନ ଥିଲେ। ଯାହା ଜଣାପଡୁଛି ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜ ପାଇଁ ଭାରତୀୟ ଦିନିକିଆ ଦଳକୁ ଫେରିବା ଲାଗି ପାଣ୍ଡ୍ୟାଙ୍କ ପାଇଁ ପଥ ପରିଷ୍କାର। ଅନ୍ୟପକ୍ଷରେ ଇଞ୍ଜୁରିରୁ ସୁସ୍ଥ ହୋଇ ଫେରିଥିବା ଭାରତୀୟ ଓପନର ଶିଖର ଧାୱନ ରିଲାଏନ୍ସ ୱାନ୍ ଦଳ ପାଇଁ ମାତ୍ର ୩ ରନ କରିପାରିଛନ୍ତି। ଜବାବରେ ବିପିସିଏଲ୍ ୧୩୪ ରନରେ ଅଲଆଉଟ ହୋଇଯାଇଥିଲା। ରିଲାଏନ୍ସ ୱାନ୍ ୧୦୪ରନରେ ବିଜୟ ଲାଭ କରିଥିଲା।

### ମୋହନବାଗାନର ଆଇ-ଲିଗ୍ ରେକର୍ଡ

ନୂଆଦିଲ୍ଲୀ, ୬।୩ (ପି.ଟି.)-ଚଳିତ ଆଇ-ଲିଗ୍ ସିଜନରେ ମୋହନବାଗାନ ନିଜ ରେକର୍ଡକୁ ଭଙ୍ଗ କରିଛି। କ୍ରମାଗତ ୧୩ଟି ମ୍ୟାଚରେ ଅପରାଜେୟ ରହି ଏହି ସଫଳତା ହାସଲ କରିଛି। ପୂର୍ବରୁ ଏହି ଦଳ ୨୦୦୮-୦୯ ସିଜନରେ କରିମ୍ ବେଞ୍ଚେରିଫାଙ୍କ ଅଧୀନରେ ଏବଂ ପରେ ୨୦୧୪-୧୫ ସିଜନରେ ସଞ୍ଜୟ ସେନ୍‌ଙ୍କ ଅଧୀନରେ ଦୁଇଥର କ୍ରମାଗତ ୧୨ଥର ଅପରାଜେୟ ରହି ଟୁର୍ନାମେଣ୍ଟରେ ରେକର୍ଡର ଅଧିକାରୀ ହୋଇଥିଲା। ମୋହନବାଗାନ ଏଥର ଆଇଜଲ ଏଫ୍‌ସି ବିପକ୍ଷ ମ୍ୟାଚ ଡ୍ର’ ସହ ଏହାର ଅଭିଯାନ ଆରମ୍ଭ କରିଥିଲା। ପରେ ହୋମ୍ ଗ୍ରାଉଣ୍ଡରେ ଚର୍ଚ୍ଚିଲ ବ୍ରଦର୍ସ ବିପକ୍ଷ ମ୍ୟାଚ ୨-୪ ଗୋଲ୍‌ରେ ହାରିଯାଇଥିଲା। କିନ୍ତୁ ଏହାର ୩ ଦିନ ପରେ ନିଜ ଗ୍ରାଉଣ୍ଡରେ ଟିଆର୍‌ଯୁ ଏଫ୍‌ସି ବିପକ୍ଷରେ ୪-୦ ଗୋଲରେ ବିଜୟ ସହ ଦଳ ଟୁର୍ନାମେଣ୍ଟକୁ ପ୍ରତ୍ୟାବର୍ତ୍ତନ କରିଥିଲା। ଏହାପରଠାରୁ ଦଳ କ୍ରମାଗତ ୧୩ଟି ମ୍ୟାଚରେ ଅପରାଜେୟ ରହିଥିଲା। ଏହି ଦଳ ଚଳିତ ସିଜନରେ ନିଜର ଆଉ ଏକ ରେକର୍ଡ ଭାଙ୍ଗିବା ଲକ୍ଷ୍ୟରେ ଥିଲା। ମାତ୍ର ସଫଳ ହୋଇ ପାରିନ ଥିଲା। କୋଲକାତାର ଏହି ଶକ୍ତିଶାଳି ଦଳ ମଙ୍ଗଳବାର କଳିଙ୍ଗ ଷ୍ଟାଡିୟମରେ ପୂର୍ବତନ ଚାମ୍ପିୟନ ଆଇଜଲ ଏଫ୍‌ସି ସହିତ ମୁକାବିଲା କରିବ।

#### ମହିଳା ଟି୨୦ ବିଶ୍ୱକପ୍ ଫାଇନାଲ

### ଅଫିସିଆଲଙ୍କ ନାମ ଘୋଷଣା

ମେଲବୋର୍ନ,୬।୩(ପି.ଟି.)- ନ୍ୟୁଜିଲାଣ୍ଡର କିମ କଟନ ଓ ପାକିସ୍ତାନର ଅହସାନ ରାଜା ଆଇସିସି ମହିଳା ଟି୨୦ ବିଶ୍ୱକପ୍ ଫାଇନାଲ ମ୍ୟାଚ୍‌କୁ ଅମ୍ପାୟର ଭାବେ ପରିଚାଳନା କରିବେ। ଏ ନେଇ ଆଇସିସି ପକ୍ଷରୁ ଶୁକ୍ରବାର ଘୋଷଣା କରାଯାଇଛି। ୪ ଥର ଚାମ୍ପିୟନ ଅଷ୍ଟ୍ରେଲିଆ ପ୍ରଥମ ଥର ଫାଇନାଲରେ ପ୍ରବେଶ କରିଥିବା ଭାରତକୁ ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡରେ (ଏମ୍‌ସିଜି)ଠାରେ ରବିବାର ଭେଟିବ। ୪୨ ବର୍ଷୀୟ କଟନ ଅଷ୍ଟ୍ରେଲିଆର ସେମିଫାଇଫାଲ ମ୍ୟାଚ୍ ପରିଚାଳନା କରିଥିଲେ। ଫାଇନାଲ ମ୍ୟାଚ୍ ଚଳିତ ଇଭେଣ୍ଟରେ ତାଙ୍କର ୫ମ ମ୍ୟାଚ୍ ହେବ। ତାଙ୍କ ସାଥୀ ରାଜା ଭାରତ-ଇଂଲଣ୍ଡ ସେମିଫାଇନାଲ ମ୍ୟାଚ୍‌ର ପରିଚଳାନା ଦାୟିତ୍ୱରେ ଥିଲେ। ପୂର୍ବରୁ ଭାରତ ଓ ଅଷ୍ଟ୍ରେଲିଆ ମ୍ୟାଚ୍‌ରେ ଅମ୍ପାୟରିଂ କରିବାର ତାଙ୍କର ଅଭିଜ୍ଞତା ରହିଛି। ସେ ୨୦୧୭ ବିଶ୍ୱକପ୍ ସେମିଫାଇନାଲ ପରିଚାଳନା କରିଥିଲେ। ଏହି ଦୁଇ ଅମ୍ପାୟରଙ୍କୁ ୱେଷ୍ଟଇଣ୍ଡିଜର ଗ୍ରିଗୋରି ବ୍ରାଥୱେଟ ଟିଭି ଅମ୍ପାୟର ଭାବେ ସାହାଯ୍ୟ କରିବେ। ୨୦୧୮ ଫାଇନାଲ ପରିଚାଳନା କରିଥିବା ଜିମ୍ବାୱେର ଲଙ୍ଗଟନ ରୁସେରେ ଚତୁର୍ଥ ଅମ୍ପାୟର ଦାୟିତ୍ୱରେ ରହିବେ।

# ସଚିନ ବନାମ ଲାରା





ଶୁକ୍ରବାର ନେଟ୍ସରେ ବୋଲିଂ ଅବସରରେ ୱେଷ୍ଟଇଣ୍ଡିଜର ଟିନୋ ବେଷ୍ଟ। ଭାରତର ସଚିନ ତେନ୍ଦୁଲକରଙ୍କ ବ୍ୟାଟିଂ ଅଭ୍ୟାସ।

**ରୋଡ୍ ସେଫ୍ଟି ୱାର୍ଲ୍ଡ ସିରିଜ ଆଜିଠାରୁ**

ମୁମ୍ବାଇ, ୬।୩

ସଡ଼କ ସୁରକ୍ଷା ସଚେତନତା ବାର୍ତ୍ତା ନେଇ ‘ରୋଡ୍ ସେଫ୍ଟି ୱାର୍ଲ୍ଡ ସିରିଜ’ ଟି୨୦ କ୍ରିକେଟ ଟୁର୍ନାମେଣ୍ଟ ଶନିବାରଠାରୁ ଆରମ୍ଭ ହେବାକୁ ଯାଉଛି। ଭାରତ, ଅଷ୍ଟ୍ରେଲିଆ, ଶ୍ରୀଲଙ୍କା, ଦକ୍ଷିଣ ଆଫ୍ରିକା ଓ ୱେଷ୍ଟଇଣ୍ଡିଜର କିମ୍ବଦନ୍ତୀ କ୍ରିକେଟରମାନେ ଏହି ସିରିଜରେ ଖେଳିବେ। ପ୍ରତିଯୋଗିତାରେ ମୋଟ ୧୦ଟି ମ୍ୟାଚ ଖେଳାଯିବ। ୨୨ ତାରିଖରେ ଫାଇନାଲ ଅନୁଷ୍ଠିତ ହେବ। ଭାରତ ଓ ୱେଷ୍ଟଇଣ୍ଡିଜ ଲିଜେଣ୍ଡ୍ସଙ୍କ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ସ୍ଥାନୀୟ ୱାଙ୍ଖଡେ ଷ୍ଟାଡିୟମରେ ଆୟୋଜିତ ହେବ। ସଚିନ ତେନ୍ଦୁଲକର ଓ ବ୍ରାଏନ ଲାରା ଉଭୟ ଦଳର ନେତୃତ୍ୱ ନେବେ। ଓଡ଼ିଶା କ୍ରିକେଟ ତାରକା ପ୍ରଜ୍ଞାନ ଓଝା ଇଣ୍ଡିଆ ଲିଜେଣ୍ଡ ଦଳରୁ ପ୍ରତିନିଧିତ୍ୱ କରିବେ। ଏଥିରେ ଭାଗନେବାକୁ ଯାଉଥିବା ଅନ୍ୟ ୩ ଦଳ ହେଲେ ଅଷ୍ଟ୍ରେଲିଆ, ଶ୍ରୀଲଙ୍କା ଓ ଦକ୍ଷିଣ ଆଫ୍ରିକା ଲିଜେଣ୍ଡ୍ସ।

**ଇଣ୍ଡିଆ ଲିଜେଣ୍ଡ୍ସ:** ସଚିନ ତେନ୍ଦୁଲକର (ଅଧିନାୟକ), ବୀରେନ୍ଦ୍ର ସେହ୍ୱାଗ, ଯୁବରାଜ ସିଂ, ଜାହିର ଖାଁ, ଇରଫାନ ପଠାନ, ଅଜିତ ଅଗରକର, ସଞ୍ଜୟ ବାଙ୍ଗର, ମୁନାଫ ପଟେଲ, ମହମ୍ମଦ କୈଫ, ପ୍ରଜ୍ଞାନ ଓଝା, ସାଇରାଜ ବାହୁତୁଲେ, ସମୀର ଦିଘେ(ଉଇକେଟ କିପର), ଅଭୟ କୁରୁଭିଲା।

**ୱେଷ୍ଟଇଣ୍ଡିଜ ଲିଜେଣ୍ଡ୍ସ:** ବ୍ରାଏନ ଲାରା (ଅଧିନାୟକ), ଶିବନାରିନ ଚନ୍ଦରପଲ, ଆଡାମ ସାନ୍‌ଫୋର୍ଡ, କାର୍ଲ ହୁପର, ଡାନ୍‌ଜା ହ୍ୟାଟ୍, ଡାରେନ ଗଙ୍ଗା, ପେଡ୍ରୋ କଲିନ୍ସ, ରିକାର୍ଡୋ ପାୱେଲ, ରିଡ୍‌ଲେ ଜ୍ୟାକବ୍ସ (ଉଇକେଟ କିପର), ସାମୁଏଲ ବଦ୍ରି, ସୁଲେମାନ ବେନ୍, ଟିନୋ ବେଷ୍ଟ, ଦିନାନାଥ ରାମନାରିନ।

**ଅଷ୍ଟ୍ରେଲିଆ ଲିଜେଣ୍ଡ୍ସ:** ବ୍ରେଟ୍ ଲି (ଅଧିନାୟକ), ବ୍ରାଡ୍ ହଜ୍, ମାଇକେଲ କ୍ଲିଗନର, ବ୍ରେଟ୍ ଗିଭ୍ସ, କ୍ଲିଣ୍ଟ ମ୍ୟାକକୟ, ଜାସନ କ୍ରିଜା, ମାର୍କ କସଗ୍ରୋଭ, ବ୍ରାଡ୍ ହାଡିନ (ଉଇକେଟ କିପର), ନାଥାନ ରିର୍ଡନ, ଶେନ ଲି, ଟ୍ରାଭିସ ବିର୍ଟ, ଜାଭିଏର ଡୋହର୍ଟି, ବେନ୍ ଲଘଲିନ, ପ୍ୟାଟ୍ରିକ ରିଚାର୍ଡ୍ସ।

**ଶ୍ରୀଲଙ୍କା ଲିଜେଣ୍ଡ୍ସ:** ତିଲକରତ୍ନେ ଦିଲସାନ(ଅଧିନାୟକ), ଚାମରା କପୁଗେଡେରା, ଚାମିଣ୍ଡା ଭାସ, ପରଭେଜ ମାହାରୁଫ, ମାର୍ଵଣ ଆଟାପାଟ୍ଟୁ, ମୁଥୟା ମୁରଲୀଧରନ, ରଙ୍ଗନା ହେରାଥ, ରମେଶ କାଲୁୱିଥରଣା (ଉଇକେଟ କିପର), ସଚିତ୍ର ସେନାନାୟକେ, ଅଜନ୍ତା ମେଣ୍ଡିସ, ଥିଲନ ତୁଷାରା, ମିଲିନ୍ଦା ୱାର୍ନାପୁରା, ଉପୁଲ ଚନ୍ଦନା।

**ଦକ୍ଷିଣ ଆଫ୍ରିକା ଲିଜେଣ୍ଡ୍ସ:** ଜଣ୍ଟି ରୋଡ୍ସ(ଅଧିନାୟକ), ଆଣ୍ଡ୍ର୍ୟୁ ହଲ୍, ଗାର୍ନେଟ କ୍ରୁଗର, ଜ୍ୟାକ୍ସ ରୁଡଲଫ, ଆଲ୍‌ବି ମୋର୍କେଲ, ଜୋହାନ ଭାନ ହର ୱାଥ, ଲାନ୍ସ କ୍ଲୁଜନର, ମାର୍ଟିନ ଭାନ ଜାର୍ସଭେଲ୍ଡ, ମୋର୍ନେ ଭାନ ୱିକ୍(ଉଇକେଟ କିପର), ପଲ୍ ହାରିସ, ରିୟାନ ମ୍ୟାକଲରେନ, ରୋଜର ଟେଲିମାଚୁସ, ହର୍ଶେଲ ଗିବ୍ସ।

## କାର୍ଯ୍ୟସୂଚୀ

- ମାର୍ଚ୍ଚ ୭: ଇଣ୍ଡିଆ ଲିଜେଣ୍ଡ୍ସ ବନାମ ୱେଷ୍ଟଇଣ୍ଡିଜ ଲିଜେଣ୍ଡ୍ସ, ୱାଙ୍ଖଡେ ଷ୍ଟାଡିୟମ, ମୁମ୍ବାଇ
- ମାର୍ଚ୍ଚ ୮: ଅଷ୍ଟ୍ରେଲିଆ ଲିଜେଣ୍ଡ୍ସ ବନାମ ଶ୍ରୀଲଙ୍କା ଲିଜେଣ୍ଡ୍ସ, ୱାଙ୍ଖଡେ ଷ୍ଟାଡିୟମ, ମୁମ୍ବାଇ
- ମାର୍ଚ୍ଚ ୧୦: ଇଣ୍ଡିଆ ଲିଜେଣ୍ଡ୍ସ ବନାମ ଶ୍ରୀଲଙ୍କା ଲିଜେଣ୍ଡ୍ସ, ଡିୱାଇ ପାଟିଲ ଷ୍ଟାଡିୟମ, ନଭି ମୁମ୍ବାଇ
- ମାର୍ଚ୍ଚ ୧୧: ୱେଷ୍ଟଇଣ୍ଡିଜ ଲିଜେଣ୍ଡ୍ସ ବନାମ ଦକ୍ଷିଣ ଆଫ୍ରିକା ଲିଜେଣ୍ଡ୍ସ, ଡିୱାଇ ପାଟିଲ ଷ୍ଟାଡିୟମ, ନଭି ମୁମ୍ବାଇ
- ମାର୍ଚ୍ଚ ୧୩: ଦକ୍ଷିଣ ଆଫ୍ରିକା ଲିଜେଣ୍ଡ୍ସ ବନାମ ଶ୍ରୀଲଙ୍କା ଲିଜେଣ୍ଡ୍ସ, ଡିୱାଇ ପାଟିଲ ଷ୍ଟାଡିୟମ, ନଭି ମୁମ୍ବାଇ
- ମାର୍ଚ୍ଚ ୧୪: ଇଣ୍ଡିଆ ଲିଜେଣ୍ଡ୍ସ ବନାମ ଦକ୍ଷିଣ ଆଫ୍ରିକା ଲିଜେଣ୍ଡ୍ସ, ଏମସିଏ ଷ୍ଟାଡିୟମ, ପୁଣେ
- ମାର୍ଚ୍ଚ ୧୬: ଅଷ୍ଟ୍ରେଲିଆ ଲିଜେଣ୍ଡ୍ସ ବନାମ ୱେଷ୍ଟଇଣ୍ଡିଜ ଲିଜେଣ୍ଡ୍ସ, ଏମସିଏ ଷ୍ଟାଡିୟମ, ପୁଣେ
- ମାର୍ଚ୍ଚ ୧୭: ୱେଷ୍ଟଇଣ୍ଡିଜ ଲିଜେଣ୍ଡ୍ସ ବନାମ ଶ୍ରୀଲଙ୍କା ଲିଜେଣ୍ଡ୍ସ, ଏମସିଏ ଷ୍ଟାଡିୟମ, ପୁଣେ
- ମାର୍ଚ୍ଚ ୧୯: ଅଷ୍ଟ୍ରେଲିଆ ଲିଜେଣ୍ଡ୍ସ ବନାମ ଦକ୍ଷିଣ ଆଫ୍ରିକା ଲିଜେଣ୍ଡ୍ସ, ଡିୱାଇ ପାଟିଲ ଷ୍ଟାଡିୟମ, ନଭି ମୁମ୍ବାଇ
- ମାର୍ଚ୍ଚ ୨୦: ଇଣ୍ଡିଆ ଲିଜେଣ୍ଡ୍ସ ବନାମ ଅଷ୍ଟ୍ରେଲିଆ ଲିଜେଣ୍ଡ୍ସ, ଏମସିଏ ଷ୍ଟାଡିୟମ, ପୁଣେ
- ମାର୍ଚ୍ଚ ୨୨: ଫାଇନାଲ, ବ୍ରାବୋର୍ନ ଷ୍ଟାଡିୟମ, ମୁମ୍ବାଇ

(ମ୍ୟାଚ ଆରମ୍ଭ: ରାତି ୭ଟା, ପ୍ରସାରଣ: କଲର୍ସ ସିନେପ୍ଲେକ୍ସ)

### ରଣଜୀ ଫାଇନାଲ ଖେଳିପାରିବେନି ଜାଡେଜା

କୋଲକାତା,୬।୩

ଆସନ୍ତା ୯ ତାରିଖରେ ସୌରାଷ୍ଟ୍ର ଓ ବେଙ୍ଗଲ ମଧ୍ୟରେ ଚଳିତ ରଣଜୀ ସିଜନର ଫାଇନାଲ ମ୍ୟାଚ୍ ଖେଳାଯିବ। ଏହି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ସୌରାଷ୍ଟ୍ର କ୍ରିକେଟ ଆସୋସିଏଶନ (ଏସ୍‌ସିଏ) ତା’ର ଷ୍ଟାର ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜାଙ୍କୁ ଫାଇନାଲରେ ଖେଳାଇବା ପାଇଁ ବିସିସିଆଇର ଅନୁମତି ମାଗିଥିଲା। କିନ୍ତୁ ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି ଏହାକୁ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି। ବୋର୍ଡ ଜାଡେଜାଙ୍କୁ ରଣଜୀ ଫାଇନାଲରେ ଖେଳିବାକୁ ଅନୁମତି ଦେଇପାରିବ ନାହିଁ। କାରଣ ଦେଶ ପ୍ରଥମେ ବୋଲି ଗାଙ୍ଗୁଲି କହିଛନ୍ତି। ଦେଶରେ ଗୁରୁତ୍ୱପୂର୍ଣ୍ଣ ଫାଇନାଲ ମ୍ୟାଚ୍‌ବେଳେ ଅନ୍ତର୍ଜାତୀୟ ମ୍ୟାଚ୍ ଆୟୋଜନ ନ କରିବାକୁ ଏସ୍‌ସିଏ ସଭାପତି ଜୟଦେବ ଶାହା ପ୍ରସ୍ତାବ ଦେଇଛନ୍ତି। ଯଦି ବିସିସିଆଇ ଚାହୁଁଛି ରଣଜୀ ଫାଇନାଲ ଭଳି ଦେଶର ଗୁରୁତ୍ୱପୂର୍ଣ୍ଣ ଘରୋଇ କ୍ରିକେଟ ମ୍ୟାଚ୍‌ର ସିଧାପ୍ରସାରଣ ଅଧିକ ପ୍ରଶଂସକ ଦେଖନ୍ତୁ, ତେବେ ସେହି ସମୟରେ ଅନ୍ତର୍ଜାତୀୟ ମ୍ୟାଚ୍ ଆୟୋଜନ କରାଯିବା ଉଚିତ ନୁହେଁ। ଯଦି ରଣଜୀ ଫାଇନାଲ ବେଳେ ଅନ୍ତର୍ଜାତୀୟ ମ୍ୟାଚ୍ ଆୟୋଜନ କରାଯାଇପାରିବ, ତେବେ ଆଇପିଏଲ ସମୟରେ କାହିଁକି ହେବ ନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି। ଆଇପିଏଲରୁ ବିପୁଳ ଟଙ୍କା ମିଳିଥିବାରୁ ବିସିସିଆଇ ଏଭଳି କରୁନାହିଁ। ରଣଜୀ ଫାଇନାଲକୁ ଲୋକପ୍ରିୟ କରାଇବାକୁ ହେଲେ ଷ୍ଟାର ଖେଳାଳିମାନେ ଖେଳିବା ଦରକାର ବୋଲି ଶାହା କହିଛନ୍ତି। ସୌରାଷ୍ଟ୍ର ଗତ ୮ ବର୍ଷ ମଧ୍ୟରେ ୪ର୍ଥ ଥର ପାଇଁ ରଣଜୀ ଫାଇନାଲ ଖେଳିବ। ଏହି ମ୍ୟାଚ୍‌ରେ ଟେଷ୍ଟ ସ୍ପେଶାଲିଷ୍ଟ ଚେତେଶ୍ୱର ପୂଜାରା ଖେଳିବେ। ତାଙ୍କ ସାଥୀ ଋଦ୍ଧିମାନ ଶାହା ବେଙ୍ଗଲ ପକ୍ଷରୁ ପ୍ରତିନିଧିତ୍ୱ କରିବେ।

## ବିଦେଶୀ ଖେଳାଳିଙ୍କ ସଂଖ୍ୟା ନେଇ ଷ୍ଟିମାକଙ୍କ ଅସନ୍ତୋଷ

**ଆଇଏସ୍ଏଲ୍**

ମୁମ୍ବାଇ,୬।୩(ପି.ଟି.)

ହାଇପ୍ରୋଫାଇଲ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍)ରେ ବିଦେଶୀ ଖେଳାଳିଙ୍କ ସଂଖ୍ୟା ନେଇ ଭାରତୀୟ ଜାତୀୟ ଦଳର ହେଡ୍ କୋଚ୍ ଆଇଗର ଷ୍ଟିମାକ ଅସନ୍ତୋଷ ଜାହିର କରିଛନ୍ତି। ଲିଗ୍‌ରେ ଅଧିକ ବିଦେଶୀ ଖେଳାଳିଙ୍କୁ ନେଇ ସେ ଆପତ୍ତି ଉଠାଇଛନ୍ତି। ଏହା ଦ୍ୱାରା ଦେଶରେ ବଡ଼ ଖେଳାଳି ସୃଷ୍ଟି ହୋଇପାରିବେ ନାହିଁ। ଅଧିକ ସଂଖ୍ୟାରେ ବିଦେଶୀ ଖେଳାଳି ଖେଳିଲେ ଦେଶରେ ଆଉ ଜଣେ ସୁନୀଲ ଛେତ୍ରୀ ସୃଷ୍ଟି କରିବାରେ ଅନ୍ତରାୟ ସୃଷ୍ଟି କରିବ।

ଆଇଏସ୍ଏଲ୍ ଓ ଆଇ- ଲିଗ୍ ଦେଶର ଦୁଇ ପ୍ରମୁଖ ଫାଷ୍ଟ ଓ ସେକେଣ୍ଡ ଟାୟର ଲିଗ୍। ଏହି ଦୁଇ ଲିଗ୍ ଏସିଆନ୍ ଫୁଟବଲ କନଫେଡେରେଶନ (ଏଏଫ୍‌ସି) ନୀତି ଅନୁସରଣ କରିବା ଉଚିତ୍। ଏହି ନୀତି ଅନୁସାରେ ଲିଗ୍‌ର ପ୍ରତି ମ୍ୟାଚ୍‌ରେ ୫ ବଦଳରେ ୪ ଜଣ ଖେଳାଳି ସାମିଲ ହେବା ଉଚିତ୍। ଏଏଫସି ନିୟମ ୩+୧ ନୀତି ଅନୁସରଣ କରାଯିବା ଉଚିତ୍। ବିଦେଶୀ ଖେଳାଳିଙ୍କ ପାଇଁ ଏହା ହେଉଛି ମୌଳିକ ନିୟମ। ଏସିଆର ଅଧିକାଂଶ ଦେଶ ଏହି ନିୟମ ପାଳନ କରୁଛନ୍ତି ଓ ଏଥିପାଇଁ ଏହି ଦେଶଗୁଡିକ ବେଶ୍ ସଫଳତା ହାସଲ କରିଛନ୍ତି ବୋଲି ଷ୍ଟିମାକ କହିଛନ୍ତି। ଏହା ଦ୍ୱାରା ଏହି ଦେଶଗୁଡିକରେ ଷ୍ଟ୍ରାଇକର, ଅଫେନ୍ସିଭ ମିଡ୍‌ଫିଲ୍ଡର ଓ ସେଣ୍ଟର ବ୍ୟାକ୍ ପାଇଁ ବହୁତ ବିକଳ୍ପ ସୃଷ୍ଟି ହୋଇପାରିଛି।

ଏବେ ମ୍ୟାଚ୍‌ରେ ଆଇଏସ୍ଏଲ୍ ଓ ଆଇ- ଲିଗ୍ ଦଳଗୁଡିକ ୫ଜଣ ବିଦେଶୀ ଖେଳାଳିଙ୍କୁ ଖେଳାଉଛନ୍ତି। ଅନ୍ୟପଟେ ଏଏଫ୍‌ସି ଚାମ୍ପିୟନ୍ସ ଲିଗ୍ କମ୍ପିଟିଶନ ନିୟମ ଅନୁସାରେ ପ୍ରତ୍ୟେକ ଦଳ ୪ଜଣ ବିଦେଶୀ ଖେଳାଳିଙ୍କୁ ସାମିଲ କରିପାରିବ। କିନ୍ତୁ ଏମାନଙ୍କ ମଧ୍ୟରୁ ଜଣେ ଏଏଫ୍‌ସି ମେମ୍ବର ଆସୋସିଏଶନର ନାଗରିକ ହେବା ନିହାତି ଜରୁରି। ଏବେ ସୁନୀଲ ଛେତ୍ରୀଙ୍କ ବିକଳ୍ପ ସୃଷ୍ଟି ହେବା କଷ୍ଟକର ହୋଇପଡିଛି ବୋଲି ଷ୍ଟିମାକ କହିଛନ୍ତି। ଏବେ ଯେତେବେଳେ ଷ୍ଟ୍ରାଇକର ଖୋଜିବାକୁ ଯାଉଛି ମୋତେ ୫ଜଣ ବିଦେଶୀ ଖେଳାଳି ନଜର ଆସୁଛନ୍ତି। ଆଇ- ଲିଗ୍‌ରେ ଭାରତୀୟ ଷ୍ଟ୍ରାଇକର ନାହାନ୍ତି। କେବଳ ଇଣ୍ଡିଆନ ଆରୋଜ ନିକଟରେ ଜଣେ ଭାରତୀୟ ବିକ୍ରମ ପ୍ରତାପ ସିଂ ରହିଛନ୍ତି। ଏବେ ଆଇଏସ୍ଏଲ୍ ଓ ଆଇ- ଲିଗ୍‌କୁ ମିଶାଇଲେ ଭଲ ହେବ ବୋଲି ସେ ମତ ଦେଇଛନ୍ତି। ଜାତୀୟ ଦଳ ସଫଳତା ପାଇଲେ ଭାରତୀୟ ଫୁଟବଲ୍‌ର ବିକାଶ ହୋଇପାରିବ। ୨୦୨୬ ଫିଫା ବିଶ୍ୱକପ୍‌ରେ ୪୮ଟି ଦେଶ ସାମିଲ ହେବେ। ଫଳରେ ଏହି ବିଶ୍ୱକପ୍‌ରେ ୩-୪-୫ଟି ଏସୀୟ ଦେଶ ଅଂଶଗ୍ରହଣ କରିବେ। ଏସିଆର ଶ୍ରେଷ୍ଠ ୮ଟି ଦେଶ ସାମିଲ ହେବା ନେଇ ପ୍ରସ୍ତୁତି ପାଇଁ ଆମ ପାଖରେ ୪ବର୍ଷ ହାତରେ ରହିଛି। କରୋନା ଭାଇରସ୍ ପାଇଁ ଭୁବନେଶ୍ୱରରେ ଆୟୋଜନ ହେବାକୁ ଥିବା ଜାତୀୟ କ୍ୟାମ୍ପ ବାତିଲ ହେବା ନେଇ ମୋ ପାଖରେ କୌଣସି ଖବର ନାହିଁ ବୋଲି ଷ୍ଟିମାକ କହିଛନ୍ତି। ଆସନ୍ତା ୨୬ ତାରିଖରେ କାତାର ବିପକ୍ଷରେ ଭାରତ ବିଶ୍ୱକପ୍ କ୍ୱାଲିଫାୟର ଖେଳିବ।

ଇତିମଧ୍ୟରେ କରୋନାଭାଇରସ ସଂକ୍ରମଣ ପାଇଁ ଫିଫା ୨୦୨୨ ବିଶ୍ୱକପ୍ ଓ ୨୦୨୩ ଏସିଆନ କପ୍ କ୍ୱାଲିଫାୟର୍ସ ଓ କାତାର ବିପକ୍ଷ ଘରୋଇ ମ୍ୟାଚ୍‌କୁ ଘୁଞ୍ଚାଇବା ପାଇଁ ପ୍ରସ୍ତାବ ଦେଇଛି। ତେବେ ପରିସ୍ଥିତି ଯାହା ହେଉନା କାହିଁକି, ଆମକୁ ପ୍ରସ୍ତୁତି ଜାରି ରଖିବାକୁ ହେବ ବୋଲି ଷ୍ଟିମାକ ସ୍ପଷ୍ଟ କରିଛନ୍ତି।

## ଓଡ଼ିଶା ଏଫ୍‌ସି ସହ ଡାନିଏଲଙ୍କ ଚୁକ୍ତି ମିଆଦ ବୃଦ୍ଧି

ଭୁବନେଶ୍ୱର, ୬।୩(କ୍ରୀଡ଼ା ପ୍ରତିନିଧି)

ଭୁବନେଶ୍ୱର ଭିତ୍ତିକ ଇଣ୍ଡିଆନ ସୁପର ଲିଗ୍(ଆଇଏସଏଲ) କ୍ଲବ ଓଡ଼ିଶା ଏଫସି ସେଣ୍ଟର ଫରୱାର୍ଡ ଡାନିଏଲ ଲାଲହିଲିମପୁଇଆଙ୍କ ଚୁକ୍ତି ମିଆଦ ୨୦୨୨ ପର୍ଯ୍ୟନ୍ତ ବୃଦ୍ଧି କରିଛି। ଶୁକ୍ରବାର ମିଜୋରାମ ଷ୍ଟ୍ରାଇକରଙ୍କ ସହ ଏ ସମ୍ପର୍କିତ ଚୁକ୍ତିପତ୍ର ସ୍ୱାକ୍ଷର ହୋଇଥିବା ଓଡ଼ିଶା ଏଫସି ପକ୍ଷରୁ ପ୍ରକାଶ କରାଯାଇଛି। ପୂର୍ବରୁ ଚେନ୍ନାଇନ୍ ଏଫସି ଓ ବେଙ୍ଗାଲୁରୁ ଏଫସି ପକ୍ଷରୁ ଆଇଏସଏଲ ଖେଳିବା ପରେ ଡାନିଏଲ ୨୦୧୮ରେ ଦିଲ୍ଲୀ ଡାଇନାମସ ସହିତ ଚୁକ୍ତି କରିଥିଲେ। ଗତ ସିଜନ ଶେଷରେ ଦିଲ୍ଲୀ ଡାଇନାମସ ଓଡ଼ିଶା ଏଫସିରେ ପରିଣତ ହୋଇଥିଲା। ଚଳିତ ସିଜନରେ ୨୨ ବର୍ଷୀୟ ଡାନିଏଲ ଓଡ଼ିଶା ଏଫସି ପକ୍ଷରୁ ୧୬ଟି ମ୍ୟାଚ ଖେଳିଛନ୍ତି। ‘‘ଡାନିଏଲ ଜଣେ ପ୍ରତିଭାସମ୍ପନ୍ନ ଯୁବ ଖେଳାଳି। ସେ କଠିନ ପରିଶ୍ରମ କରନ୍ତି ଏବଂ ଦଳ ପ୍ରତି ତାଙ୍କର ଉତ୍ସର୍ଗୀକୃତ ମନୋଭାବ ରହିଛି। ଓଡ଼ିଶା ଏଫସି ସହିତ ଖେଳିବାଦ୍ୱାରା ତାଙ୍କ ପ୍ରଦର୍ଶନରେ ଉନ୍ନତି ହୋଇଛି, ଆଗାମୀ ଦିନରେ ସେ ଶ୍ରେଷ୍ଠ ପ୍ରଦର୍ଶନ କରିପାରିବେ। ଗତ କିଛିବର୍ଷ ଧରି ପ୍ରଦର୍ଶନ ସନ୍ତୋଷଜନକ ରହିଥିବାରୁ ଆମେ ତାଙ୍କ ଚୁକ୍ତି ମିଆଦ ଆଉ କିଛି ବର୍ଷ ପାଇଁ ବଢ଼ାଇବାକୁ ନିଷ୍ପତ୍ତି ନେଲୁ। ଭବିଷ୍ୟତ ପାଇଁ ତାଙ୍କୁ ଶୁଭେଚ୍ଛା’’ ବୋଲି ଓଡ଼ିଶା ଏଫସି ମାଲିକ ରୋହନ ଶର୍ମା ପ୍ରକାଶ କରିଛନ୍ତି। ନିଜେ ଡାନିଏଲ ମଧ୍ୟ ଖୁସି ଜାହିର କରିଛନ୍ତି। ‘‘ଓଡ଼ିଶା ଏଫସି ପରିବାର ସହିତ ମୋତେ ଅଧିକ ଦିନ ଧରି ରହିବା ପାଇଁ ସୁଯୋଗ ମିଳିଥିବାରୁ ମୁଁ ବହୁତ ଖୁସି। ମୁଁ ଗତ ଦୁଇ ବର୍ଷ ଧରି କଠିନ ପରିଶ୍ରମ କରିଆସୁଛି। ଆଗାମୀ ଦିନରେ ଓଏଫସି ପାଇଁ ଅଧିକ ସଫଳତା ଆଣିବାକୁ ଚେଷ୍ଟା କରିବି। ଚୁକ୍ତି ମିଆଦ ବଢ଼ିଥିବାରୁ ମୁଁ କୋଚ୍, ସପୋର୍ଟ ଷ୍ଟାଫ୍ ଓ କ୍ଲବ ମ୍ୟାନେଜମେଣ୍ଟ ନିକଟରେ କୃତଜ୍ଞ’’ ବୋଲି ଡାନିଏଲ ପ୍ରକାଶ କରିଛନ୍ତି।



ଶୁଭମ୍ ଷଡଙ୍ଗୀଙ୍କ ସହ ଡାନିଏଲ ଲାଲହିଲିମପୁଇଆ।





ସର୍ବଭାରତୀୟ ବନ ବିଭାଗ କ୍ରୀଡ଼ାର ଚତୁର୍ଥ ଦିବସରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି।

## ଇନ୍ଦୁଭୂଷଣ, ଆଶାମଣୀ, ସୂର୍ଯ୍ୟକାନ୍ତିଙ୍କୁ ସ୍ୱର୍ଣ୍ଣ

**ସର୍ବଭାରତୀୟ ବନ ବିଭାଗ କ୍ରୀଡ଼ା**

ଭୁବନେଶ୍ୱର, ୬।୩(କ୍ରୀଡ଼ା ପ୍ରତିନିଧି)

ସର୍ବଭାରତୀୟ ବନ ବିଭାଗ କ୍ରୀଡ଼ାରେ ଶକ୍ରବାର ଓଡ଼ିଶାକୁ ୩ ସ୍ୱର୍ଣ୍ଣ ସହ ୫ଟି ପଦକ ମିଳିଛି। ଇନ୍ଦୁଭୂଷଣ ଭଞ୍ଜ ପୁରୁଷ ବରିଷ୍ଠ ବର୍ଗ ଜାଭେଲିନ ଥ୍ରୋରେ ଏବଂ ଆଶାମଣୀ ସାହୁ ୮୦୦ ମିଟର ରେସ୍ ମହିଳା ବରିଷ୍ଠ ବର୍ଗରେ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ସୂର୍ଯ୍ୟକାନ୍ତି ବେହେରା ଫ୍ରିଷ୍ଟାଇଲ ମହିଳା ବର୍ଗ ସନ୍ତରଣରେ ସ୍ୱର୍ଣ୍ଣ ଏବଂ ବ୍ୟାକ୍‌ଷ୍ଟ୍ରୋକ୍‌ରେ ରୌପ୍ୟ ପଦକ ହାସଲ କରିଛନ୍ତି। ଲକ୍ଷପତି ମାଝି ଜାଭେଲିନ ଥ୍ରୋ ବରିଷ୍ଠ ପୁରୁଷ ବର୍ଗରେ ବ୍ରୋଞ୍ଜ ପଦକ ଜିତିଛନ୍ତି। ଫଳରେ ୪ର୍ଥ ଦିବସ ଶେଷସୁଦ୍ଧା ଓଡ଼ିଶାର ପଦକ ସଂଖ୍ୟା ୧୫( ୬ ସ୍ୱର୍ଣ୍ଣ, ୪ ରୌପ୍ୟ, ୫ ବ୍ରୋଞ୍ଜ)ରେ ପହଞ୍ଚିଛି। କର୍ନାଟକ ୭୨ (୩୧+୨୦+୨୧) ପଦକ ପାଇ ଶୀର୍ଷସ୍ଥାନରେ ଅପରିବର୍ତ୍ତିତ ରହିଥିବାବେଳେ ଛତିଶଗଡ଼ ୬୯ (୨୭+୨୬+୧୬) ଓ କେରଳ ୫୭ (୧୯+୧୮+୨୦) ପଦକ ପାଇ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି।

# କରୋନା ପାଇଁ ଭାରତୀୟ କ୍ରୀଡ଼ା ପ୍ରଭାବିତ



- ଶୁଟିଂ ବିଶ୍ୱକପ୍ ଘୁଞ୍ଚିଲା
- ଟୋକିଓ ଅଲିମ୍ପିକ୍ ଟେଷ୍ଟ ଇଭେଣ୍ଟ ବାତିଲ
- ଦେଶରେ ଆଥଲେଟ ଓ ଷ୍ଟାଫ୍‌ଙ୍କ ପାଇଁ ବାୟୋମେଟ୍ରିକ ଆଟେଣ୍ଡାନ୍ସକୁ ବାତିଲ କଲା ସାଇ(ସ୍ପୋର୍ଟ୍ସ ଅଥରିଟି ଅଫ ଇଣ୍ଡିଆ)

ନୂଆଦିଲ୍ଲୀ,୬।୩(ପି.ଟି.)

ବିଶ୍ୱବ୍ୟାପୀ କରୋନାଭାଇରସ୍‌ର ଆତଙ୍କ ଦେଖା ଦେଇଛି। ଏହା ମଧ୍ୟ ଭାରତୀୟ କ୍ରୀଡ଼ାକୁ ପ୍ରଭାବିତ କରିଛି। ପ୍ରଥମ ମେଜର ଇଭେଣ୍ଟ ଭାବେ ଶୁଟିଂ ବିଶ୍ୱକପକୁ ଘୁଞ୍ଚାଇବା ପାଇଁ ନିଷ୍ପତ୍ତି ନିଆଯାଇଛି। ଫଳରେ ଦେଶରେ ତାରକା ଆଥଲେଟ୍‌ଙ୍କ ଅଲିମ୍ପିକ୍ ପ୍ରସ୍ତୁତିରେ ବାଧା ସୃଷ୍ଟି ହୋଇଛି। ନୂଆଦିଲ୍ଲୀରେ ଶୁଟିଂ ବିଶ୍ୱକପ୍ ମାର୍ଚ୍ଚ ୧୫ରୁ ୨୫ ତାରିଖରେ ଆୟୋଜନ ହେବାର କାର୍ଯ୍ୟକ୍ରମ ଥିଲା। ତେବେ ଏହା ଏବେ ଘୁଞ୍ଚିଛି। ଅନ୍ୟପଟେ ଟୋକିଓ ଅଲିମ୍ପିକ୍ ଟେଷ୍ଟ ଇଭେଣ୍ଟ ଏପ୍ରିଲ ୧୬ ତାରିଖର ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଥିବା ବେଳେ ଏହାକୁ ମଧ୍ୟ ବାତିଲ କରାଯାଇଛି। ଭାରତରେ କରୋନାଭାଇରସ ରୋଗୀଙ୍କ ସଂଖ୍ୟା ଏବେ ୩୧କୁ ବୃଦ୍ଧି ପାଇଛି। ଏଥିମଧ୍ୟରେ ୧୬ଜଣ ଇଟାଲୀ ନାଗରିକ ମଧ୍ୟ ସାମିଲ ରହିଛନ୍ତି। ସାରା ବିଶ୍ୱରେ ଏପର୍ଯ୍ୟନ୍ତ ୩,୩୩୦ଜଣ ଲୋକ ଏଥିରେ ମୃତ୍ୟୁବରଣ କରିଛନ୍ତି। ୮୫ଟି ଦେଶରେ ପାଖାପାଖି ଏକ ଲକ୍ଷ ଲୋକ କରୋନାଭାଇରସ୍‌ରେ ସଂକ୍ରମିତ ହୋଇଛନ୍ତି।

ତେବେ ଏହା ସତ୍ତ୍ୱେ ବିଶ୍ୱର ସର୍ବବୃହତ୍ କ୍ରିକେଟ ଲିଗ୍ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ପୂର୍ବ ନିର୍ଦ୍ଧାରିତ ତାରିଖରେ ଆୟୋଜନ ହେବ। ମୁମ୍ବାଇରେ ମାର୍ଚ୍ଚ ୨୯ ତାରିଖରୁ ଏହା ଆରମ୍ଭ ହେବା କାର୍ଯ୍ୟକ୍ରମ ରହିଛି। ଅଲିମ୍ପିକ୍ସ ପୂର୍ବରୁ ଏବେ ଶୁଟିଂ ବିଶ୍ୱକପ୍ ଦୁଇଟି ସ୍ଥାନରେ ଆୟୋଜନ ହେବ। ରାଇଫଲ ଓ ପିସ୍ତଲ ପ୍ରତିଯୋଗିତା ମେ ୫ରୁ ୧୨ ତାରିଖ ମଧ୍ୟରେ ଆୟୋଜନ ହେବ। ସେହିପରି ଶଟ୍‌ଗନ ପ୍ରତିଯୋଗିତା ଜୁନ୍ ୨ରୁ ୯ ତାରିଖ ମଧ୍ୟରେ ଖେଳାଯିବ ବୋଲି ଅନ୍ତର୍ଜାତୀୟ ଶୁଟିଂ ସ୍ପୋର୍ଟ୍ସ ଫେଡେରେଶନ କହିଛି। ଅନ୍ତର୍ଜାତୀୟ ଶୁଟିଂ ସ୍ପୋର୍ଟ୍ସ ଫେଡେରେଶନ (ଆଇଏସ୍‌ଏସ୍‌ଏଫ)କୁ ଜାତୀୟ ରାଇଫଲ ଆସୋସିଏଶନ (ଏନ୍‌ଆରଏଆଇ) ପ୍ରସ୍ତାବ ଦେବା ପରେ ଶୁଟିଂ ବିଶ୍ୱକପ୍‌କୁ ଘୁଞ୍ଚାଇବାକୁ ନିଷ୍ପତ୍ତି ନିଆଯାଇଛି। ଚାଇନା, ଇଟାଲୀ, ଦକ୍ଷିଣ କୋରିଆ, ଜାପାନ ଓ ଇରାନରୁ ଯାତ୍ରୀଙ୍କୁ ଭାରତ ଆସିବାରେ ବାରଣ କରାଯାଇଛି। ଫଳରେ ମୋଟ ଉପରେ ୨୨ଟି ଦେଶ ଏହି ଓଭେଣ୍ଟରୁ ଓହରିଯାଇଛନ୍ତି ବୋଲି ଏନ୍‌ଆରଏଆଇ ତରଫରୁ କୁହାଯାଇଛି।

ତେବେ ଆଇପିଏଲ୍ ଆୟୋଜନ ପାଇଁ କୌଣସି ସମସ୍ୟା ନାହିଁ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସଭାପତି ସୌରଭ ଗାଙ୍ଗୁଲି ସ୍ପଷ୍ଟ କରିଛନ୍ତି। କରୋନାଭାଇରସ ପାଇଁ ଆମେ ସବୁ ପ୍ରକାର ବିହିତ ବ୍ୟବସ୍ଥା ଗ୍ରହଣ କରିବୁ ବୋଲି ସେ କହିଛନ୍ତି। ବିଶ୍ୱର ସବୁଠି ଟୁର୍ନାମେଣ୍ଟ ଚାଲୁ ରହିଛି। ଏବେ ଶ୍ରୀଲଙ୍କାରେ ଇଂଲଣ୍ଡ ସିରିଜ ଖେଳୁଛି। ଦକ୍ଷିଣ ଆଫ୍ରିକା ମଧ୍ୟ ଭାରତ ଆସିଛି। କାଉଣ୍ଟି ଦଳଗୁଡିକ ମଧ୍ୟ ଅବୁଧାବି, ୟୁଏଇ ଯାତ୍ରା କରିଛନ୍ତି। ତେଣୁ ଆଇପିଏଲ୍ ଆୟୋଜନ ନେଇ କୌଣସି ସମସ୍ୟା ନାହିଁ। ମେଡିକାଲ ଟିମ୍ ମଧ୍ୟ ଏଥିପାଇଁ ପ୍ରସ୍ତୁତ କରାଯିବ।

କରୋନାଭାଇରସ ପାଇଁ ବିଶ୍ୱରେ ବିଭିନ୍ନ ବଡ଼ ଇଭେଣ୍ଟ ବାତିଲ ହୋଇସାରିଛି। ସାଇ ମଧ୍ୟ ସାରା ଦେଶରେ ଆଥଲେଟ ଓ ଷ୍ଟାଫ୍‌ଙ୍କ ପାଇଁ ବାୟୋମେଟ୍ରିକ ଆଟେଣ୍ଡାନ୍ସକୁ ବାତିଲ କରିଛି। ଜାପାନରେ ଖେଳାଯିବାକୁ ଥିବା ଅଲିମ୍ପିକ୍ ଟେଷ୍ଟ ଇଭେଣ୍ଟ ଘୁଞ୍ଚାଯାଇଛି କିମ୍ବା ବାତିଲ କରାଯାଇଛି। ଏପରିକି ଜୁଲାଇ- ଅଗଷ୍ଟରେ ଆୟୋଜନ ହେବାକୁ ଥିବା ବିଶ୍ୱର ସର୍ବବୃହତ୍ କ୍ରୀଡ଼ା ମହାକୁମ୍ଭ ଅଲିମ୍ପିକ୍ସର ଆୟୋଜନ ନେଇ ପ୍ରଶ୍ନ ବାଚି ସୃଷ୍ଟି ହୋଇଛି। ତେବେ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ପୂର୍ବନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ଅଲିମ୍ପିକ୍ସ ଆୟୋଜନ ହେବ ବୋଲି ସ୍ପଷ୍ଟ କରିଛି।

## ଆଶଙ୍କାରେ ଦୂତୀ




ଦେଶର ତାରକା କ୍ରୀଡ଼ାବିତ୍‌ମାନେ ମଧ୍ୟ ଏନେଇ ଆଶଙ୍କା ପ୍ରକାଶ କରିଛନ୍ତି। ମହିଳା ବ୍ୟାଡମିଣ୍ଟନ ତାରକା ପି.ଭି. ସିନ୍ଧୁ, ରେସଲର ବଜରଙ୍ଗ ପୁନିଆ, ଦେଶର ଦ୍ରୁତତମ ମହିଳା ଧାବିକା ଦୂତୀ ଚାନ୍ଦ ଚିନ୍ତା ପ୍ରକଟ କରିଛନ୍ତି। ଅଲିମ୍ପିକ୍ସ ଯୋଗ୍ୟତା ହାସଲ କରି ନ ଥିବାରୁ ଦୂତୀ ଆଶଙ୍କାରେ ଅଛନ୍ତି। କରୋନାଭାଇରସ୍ କାରଣରୁ ବିଶ୍ୱରେ ବିଭିନ୍ନ ଟୁର୍ନାମେଣ୍ଟ ଆୟୋଜନ ହୋଇପାରୁ ନାହିଁ। ବିଦେଶରେ ମୋର ୩ଟି ଇଭେଣ୍ଟ ବାତିଲ ହୋଇ ସାରିଛି। ଟିକେଟ ବୁକ୍ କରିସାରିଥିଲେ ମଧ୍ୟ ଭିଜା ପାଇନାହିଁ। ଯଦି ପରିସ୍ଥିତିରେ କୌଣସି ପରିବର୍ତ୍ତନ ନ ଆସେ ତାହେଲେ ବିଶ୍ୱର ସବୁ ଆଥଲେଟ୍‌ଙ୍କ ପାଇଁ ସମସ୍ୟା ସୃଷ୍ଟି ହେବ। ଯଦି ୨୬ କିମ୍ବା ୨୭ଟି ଦେଶ ଓହରିଯାଆନ୍ତି ତା'ହେଲେ ଅଲିମ୍ପିକ୍ସ ଭଳି ମେଗା ଇଭେଣ୍ଟ ଆୟୋଜନ ହୋଇପାରିବ ନାହିଁ ବୋଲି ଦୂତୀ କହିଛନ୍ତି।





ଦଶମ ଜନ୍ମବାର୍ଷିକ ଶୁଭେଚ୍ଛା
ରୁଦ୍ର ନାରାୟଣ ପାତ୍ର
ଭଅଁରାଗଡ, ବନମାଳିପୁର, ଖୋର୍ଦ୍ଧା
ତୋର ଦଶମ ଜନ୍ମବାର୍ଷିକ ଅବସରରେ ମହାପ୍ରଭୁ ଶିବଶଙ୍କରଙ୍କ ନିକଟରେ ପ୍ରାର୍ଥନା, ତୋର ଚଲାପଥ ସର୍ବଦା ମଙ୍ଗଳମୟ ହେଉ।
-:ଶୁଭେଚ୍ଛା ସହ:-
ଜେଜେ, ମା', ବାପା, ମାମା, ଦାଦା, ଖୁଡୀ, ଭଉଣୀ।
ଧ-୧୭୦୩୧

Happy Birthday

ପ୍ରିୟଦର୍ଶିନୀ ବିଶ୍ୱାଳ
ଜୀବନ ତୋହର ସରସ ସୁନ୍ଦର ରଖିଥାନ୍ତୁ ଭଗବାନ
ଆମ ସ୍ମୃତିପଟେ ତୋର ପ୍ରତିଛବି ରହିଥାଉ ସବୁ ଦିନ।
ଜଗତରନାଥ ଶ୍ରୀଜଗନ୍ନାଥ ତୋର ଚଲାପଥକୁ କୁସୁମିତ କରନ୍ତୁ।
-:ଶୁଭେଚ୍ଛା ସହ:-
ବନ୍ଧୁବାନ୍ଧବ ଓ ପରିବାରବର୍ଗ।
ଧ-୬୮୭୭୬



ପ୍ରଥମ ଜନ୍ମ ଦିନର ଅନେକ ଶୁଭେଚ୍ଛା ଓ ଶୁଭକାମନା ଭଗବାନ କରନ୍ତୁ ତୁମ ଜୀବନ ହସଖୁସିରେ ଭରିରହୁ।
ଶୁଭେଚ୍ଛା ସହ- ବାପା, ମାଆ, କାକା, କାକି, ଜେଜେମା, ସାନଭାଇ (ୟୁଗ) ଏବଂ ସମସ୍ତ କର୍ମଚାରୀ ବୃନ୍ଦ।
Bishi Medical Store, Patholgical Investigation Center, Residential Clinic Kanbar, Barpali, Bargarh
ଧ-୧୭୦୪୬


# ମହିଳା ଟି୨୦ ବିଶ୍ୱକପ୍: ପତ୍ନୀଙ୍କ ଲାଗି ଆଗୁଆ ସ୍ୱଦେଶ ଫେରିଲେ ଷ୍ଟାର୍କ

ମେଲବୋର୍ନ,୬।୩

ଦକ୍ଷିଣ ଆଫ୍ରିକା ବିପକ୍ଷ ତୃତୀୟ ତଥା ପୋଚେପ୍‌ଷ୍ଟ୍ରୁମ ଦିନିକିଆରେ ଖେଳିବେ ନାହିଁ ଅଷ୍ଟ୍ରେଲିଆ ପେସର ମିଚେଲ ଷ୍ଟାର୍କ। ସେ ରବିବାର ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ହେବାକୁ ଥିବା ମହିଳା ଟି୨୦ ବିଶ୍ୱକପ୍ ଫାଇନାଲ ମ୍ୟାଚ୍ ଦେଖିବା ଲାଗି ସ୍ୱଦେଶ ଗସ୍ତ କରିବେ। ଅଷ୍ଟ୍ରେଲିଆ ଦଳରେ ତାଙ୍କ ସ୍ତ୍ରୀ ଆଲିସା ହିଲି ପ୍ରତିନିଧିତ୍ୱ କରୁଛନ୍ତି। ଷ୍ଟାର୍କ ଶୁକ୍ରବାର ଅଷ୍ଟ୍ରେଲିଆ ଅଭିମୁଖେ ଯାତ୍ରା କରିବେ। ଏହା ଦ୍ୱାରା ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜ୍ ପୂର୍ବରୁ ଷ୍ଟାର୍କଙ୍କୁ ଫ୍ରେଶ ହେବା ଲାଗି ସମୟ ମିଳିବ ବୋଲି ମୁଖ୍ୟ କୋଚ୍ ଜଷ୍ଟିନ ଲାଙ୍ଗର କହିଛନ୍ତି। ସ୍ତ୍ରୀ ଆଲିସାଙ୍କୁ ଅଷ୍ଟ୍ରେଲିଆରେ ବିଶ୍ୱକପ୍ ଫାଇନାଲ ମ୍ୟାଚ୍‌ରେ ଦେଖିବାର ଷ୍ଟାର୍କଙ୍କୁ ଜୀବନରେ ଥରେ ସୁଯୋଗ ମିଳିଛି। ଏହି ଅବସରରେ ସ୍ତ୍ରୀଙ୍କୁ ସମର୍ଥନ କରିବା ଲାଗି ଆମେ ତାଙ୍କୁ ସ୍ୱଦେଶ ଫେରିବାକୁ ଅନୁମତି ଦେଇଛୁ। ଏ ସମ୍ପର୍କରେ ଆମେ ବହୁ ଆଗରୁ କଥା ହୋଇଥିଲୁ। ୩ ଫର୍ମାଟରେ ଖେଳୁଥିବା ଷ୍ଟାର୍କଙ୍କୁ ମଧ୍ୟ ବ୍ରେକ ଦରକାର ଥିଲା ବୋଲି କୋଚ୍ ଲାଙ୍ଗର କହିଛନ୍ତି। ଆମ ନିକଟରେ ବିକଳ୍ପ ଦ୍ରୁତ ବୋଲରଙ୍କ ଅଭାବ ନାହିଁ। ଜୋଶ ହାଜେଲଉଡ, ଝେ ରିଚାର୍ଡସନ ଓ କେନ ରିଚାର୍ଡସନ ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ ଦିନିକିଆ ମ୍ୟାଚ୍ ଖେଳି ନ ଥିଲେ। ଷ୍ଟାର୍କଙ୍କ ଅନୁପସ୍ଥିତିରେ ଏମାନଙ୍କ ମଧ୍ୟରୁ ଜଣେ କେହି ଖେଳିବାକୁ ସୁଯୋଗ ପାଇବେ ବୋଲି ସେ ପ୍ରକାଶ କରିଛନ୍ତି। ଉଭୟ ମ୍ୟାଚ୍ ଖେଳିଥିବା ଷ୍ଟାର୍କ ମାତ୍ର ୩ ଉଇକେଟ ନେଇପାରିଥିଲେ। ଅନ୍ୟପକ୍ଷରେ ହେଲି ବିଶ୍ୱକପ୍‌ରେ ଫର୍ମକୁ ଫେରିଛନ୍ତି। ସେ ଭାରତ ବିପକ୍ଷ ଲିଗ୍ ମ୍ୟାଚ୍‌ରେ ୫୧ ଓ ବାଂଲାଦେଶ ବିପକ୍ଷରେ ୮୧ ରନ୍ କରିଥିଲେ। ଭାରତ ବିପକ୍ଷ ଫାଇନାଲରେ ସେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ କରିବେ ବୋଲି ଆଶା କରାଯାଉଛି।


ମିଚେଲ ଷ୍ଟାର୍କ ପତ୍ନୀ ଆଲିସା ହିଲିଙ୍କ ସହ।

# ଆନନ୍ଦ, ହମ୍ପି ଭାରତର ନେତୃତ୍ୱ ନେବେ

## ଚେସ୍ ଅଲିମ୍ପିଆଡ


ବିଶ୍ୱନାଥନ ଆନନ୍ଦ


କୋନେରୁ ହମ୍ପି

ଚେନ୍ନାଇ, ୬।୩(ପି.ଟି.)

ପାଞ୍ଚଥର ବିଶ୍ୱ ଚାମ୍ପିୟନ ବିଶ୍ୱନାଥନ ଆନନ୍ଦ ଏବଂ ବିଶ୍ୱର ୨ ନମ୍ବର ମହିଳା ଖେଳାଳି କୋନେରୁ ହମ୍ପି ଆଗାମୀ ଚେସ୍ ଅଲିମ୍ପିଆଡ୍‌ରେ ଭାରତୀୟ ଚ୍ୟାଲେଞ୍ଜ ସମ୍ଭାଳିବେ। ୪୪ତମ ଚେସ୍ ଅଲିମ୍ପିଆଡ୍ ଆସନ୍ତା ଅଗଷ୍ଟ ୫ରୁ ୧୮ ପର୍ଯ୍ୟନ୍ତ ମସ୍କୋରେ ଅନୁଷ୍ଠିତ ହେବ। ଅଲିମ୍ପିଆଡ୍‌ରେ ପାଖାପାଖି ୧୮୦ ଦେଶର ପ୍ରତିଯୋଗୀ ଭାଗନେବେ ବୋଲି ଅଲ୍ ଇଣ୍ଡିଆ ଚେସ୍ ଫେଡେରେଶନ(ଏଆଇସିଏଫ) ପକ୍ଷରୁ ଶୁକ୍ରବାର ପ୍ରକାଶ କରାଯାଇଛି। ୫୦ ବର୍ଷୀୟ ଆନନ୍ଦଙ୍କ ବ୍ୟତୀତ ଗ୍ରାଣ୍ଡମାଷ୍ଟର ପି. ହରିକ୍ରିଷ୍ଣା ଓ ଭିଦିତ ଗୁଜରାଟୀ ଭାରତୀୟ ଦଳରେ ସାମିଲ ହେବା ଏକପ୍ରକାର ନିଶ୍ଚିତ। ଏହା ବ୍ୟତୀତ ବି. ଅଧିବନ, କେ. ଶଶିକିରଣ, ସେ.ପି. ସେଥୁରମଣ, ସୂର୍ଯ୍ୟଶେଖର ଗାଙ୍ଗୁଲି, ଅରବିନ୍ଦ ଚିଦାମ୍ବରମ ମଧ୍ୟ ଏହି ରେସ୍‌ରେ ରହିଛନ୍ତି। ସେହିପରି ର୍ୟାଙ୍କିଂ ଦୃଷ୍ଟିରୁ ମହିଳା ଦଳରେ ହମ୍ପି ଓ ଦ୍ରୋଣାଭାଲି ହାରିକା ସ୍ଥାନ ପାଇବେ। ଅନ୍ୟମାନଙ୍କ ମଧ୍ୟରେ ତାନିଆ ସଚଦେବା, ଭକ୍ତି କୁଲକର୍ନୀ ଓ ଆର. ବୈଶାଳୀଙ୍କ ମଧ୍ୟରେ ଅନ୍ୟ ସ୍ଥାନ ପାଇଁ ପ୍ରତିଦ୍ୱନ୍ଦ୍ୱିତା ହେବ। ନିକଟ ଭବିଷ୍ୟତରେ ଖେଳାଳିଙ୍କ ଫର୍ମକୁ ଦେଖି ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ଏଆଇସିଏଫ ପକ୍ଷରୁ ପ୍ରକାଶ କରାଯାଇଛି।

ନିୟମ ଅନୁସାରେ, ମେ ୧ ମଧ୍ୟରେ ଭାରତକୁ ଚୂଡ଼ାନ୍ତ ଦଳ ତାଲିକା ପ୍ରକାଶ କରିବାକୁ ପଡ଼ିବ। ପୂର୍ବତନ ବିଶ୍ୱ ଚାମ୍ପିୟନ ରୁଷିଆର ଭ୍ଲାଡିମିର କ୍ରାମନିକଙ୍କୁ ପୁରୁଷ ଦଳର ଟ୍ରେନର ଭାବେ ନିଯୁକ୍ତ କରିବାକୁ ଏଆଇସିଏଫ ଚିନ୍ତା କରୁଛି। ଭ୍ଲାଡିମିର ଅତିକମ୍‌ରେ ୨ଟି କ୍ୟାମ୍ପରେ ଭାରତୀୟ ଖେଳାଳିଙ୍କୁ ଟ୍ରେନିଂ ଦେବେ। ସେହିପରି ମହିଳା ଦଳର କୋଚ୍ ନିଷ୍ପତ୍ତି ଖୁବ୍‌ଶୀଘ୍ର ନିଆଯିବ ବୋଲି ପ୍ରକାଶ କରାଯାଇଛି। ଭାରତ ଏବେ ବିଶ୍ୱ ଚେସ୍‌ରେ ନୂଆ ଶକ୍ତି ଭାବେ ଉଭା ହୋଇଛି। ତେଣୁ ଅଲିମ୍ପିଆଡ୍‌ରେ ଭାରତୀୟ ଦଳ ଭଲ ପ୍ରଦର୍ଶନ କରିବା ନେଇ ଯଥେଷ୍ଟ ସମ୍ଭାବନା ରହିଛି ବୋଲି ଏଆଇସିଏଫ ସମ୍ପାଦକ ଭରତ ସିଂ ଚୌହାନ ପ୍ରକାଶ କରିଛନ୍ତି। ୨୦୧୮ରେ ଜର୍ଜିଆର ବାଟୁମିରେ ଅନୁଷ୍ଠିତ ଗତ ଅଲିମ୍ପିଆଡ୍‌ରେ ଆନନ୍ଦ ଭାଗ ନେଇଥିଲେ। ୧୧ ରାଉଣ୍ଡ ବିଶିଷ୍ଟ ସୁଇସ୍ ଇଭେଣ୍ଟରେ ଦୀର୍ଘ ସମୟ ଧରି ଭାରତୀୟ ପୁରୁଷ ଦଳ ପଦକ ଦୌଡ଼ରେ ରହିବାପରେ ଶେଷରେ ୭ମ ସ୍ଥାନରେ ସନ୍ତୁଷ୍ଟ ରହିଥିଲା। ଭାରତୀୟ ମହିଳା ଦଳକୁ ୮ମ ସ୍ଥାନ ମିଳିଥିଲା।

# ରୋମାଞ୍ଚକ ହେବ ସେକେଣ୍ଡ ଲେଗ୍ ସେମି

ବାଇଚୁଙ୍ଗ ଭୂଟିଆ

ଇଣ୍ଡିଆନ ସୁପର ଲିଗ୍(ଆଇଏସ୍ଏଲ୍) ସେମିଫାଇନାଲର ପ୍ରଥମ ରାଉଣ୍ଡ ଆମେ ଯେଉଁଳି ଅନୁମାନ କରିଥିଲୁ ଠିକ୍ ସେହିପରି ହେଲା। କିନ୍ତୁ ସେମିଫାଇନାଲର ସେକେଣ୍ଡ ଲେଗ୍ ନିଶ୍ଚିତ ଭାବେ ରୋମାଞ୍ଚକ ତଥା ସଂଘର୍ଷପୂର୍ଣ୍ଣ ହେବ ବୋଲି ଆଶା କରାଯାଉଛି। ତେବେ ଏଫ୍‌ସି ଗୋଆ ଅଧିକ ଗୋଲ ଦେବାରେ ବିଫଳ ହେବା ମୋତେ ଚକିତ କରିଛି। ଗୋଆର ଡିଫେନ୍ସରେ ସାମାନ୍ୟ ଦୁର୍ବଳତା ପରିଲକ୍ଷିତ ହୋଇଥିଲା। ଚେନ୍ନାଇନ ଏଫ୍‌ସି ଏହାର ଭରପୂର ଫାଇଦା ଉଠାଇଥିଲା ଓ ଗୋଟିଏ ପରେ ଗୋଟିଏ ଗୋଲ ସ୍କୋର କରି ବାଜି ମାରିଥିଲା।

ଗତ କିଛିଦିନ ହେବ ଲକ୍ଷଲକ୍ଷ ସଂଖ୍ୟାରେ ପ୍ରଶଂସକ ମୋତେ ଗୋଟିଏ କଥା ପଚାରୁଛନ୍ତି। ତାହା ହେଲା ଏଫ୍‌ସି ଗୋଆ ପ୍ରତ୍ୟାବର୍ତ୍ତନ କରିବାରେ ସଫଳ ହେବ କି? ବାସ୍ତବିକତା ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଏହା ଅସମ୍ଭବ ମନେହେଉଛି। ତେବେ ଫୁଟ୍‌ବଲ୍‌ରେ ଅସମ୍ଭବ ବି ସମ୍ଭବ ହୋଇଥାଏ। ଏହା ହେଉଛି ଫୁଟ୍‌ବଲର ପ୍ରକୃତ ସୁନ୍ଦରତା। ବର୍ତ୍ତମାନ ଯଦି କୌଣସି ଦଳ ପ୍ରତ୍ୟାବର୍ତ୍ତନ କରିବା କ୍ଷମତା ରଖୁଥାଏ ସେ ଦଳ ହେଉଛି ଗୋଆ। କିନ୍ତୁ ପୂରା ଲିଗ୍‌ରେ ଚେନ୍ନାଇନ ଯେପରି ପ୍ରଦର୍ଶନ କରିଛି ତାହା ନିଶ୍ଚିତ ଭାବେ ପ୍ରଶଂସନୀୟ। ତେଣୁ ଚେନ୍ନାଇନ ବିପକ୍ଷରେ ପ୍ରତ୍ୟାବର୍ତ୍ତନ କରିବା ଗୋଆ ପାଇଁ ବେଶ୍ କଷ୍ଟକର ହେବ। କେବଳ ଆଟାକ ବା ଆକ୍ରମଣ ଛଡ଼ା ଗୋଆ ପାଖରେ ଅନ୍ୟ କୌଣସି ପନ୍ଥା ନାହିଁ। ଚେନ୍ନାଇନ ମଧ୍ୟ ଗୋଆର ଏହି ସମ୍ଭାବ୍ୟ ରଣନୀତି ନେଇ ଅବଗତ ଥିବ। ସେହି ଅନୁସାରେ ଚେନ୍ନାଇନ ପ୍ରସ୍ତୁତ ହୋଇ ପଡିଆକୁ ଓହ୍ଲାଇବ। ଗୋଆ ମଧ୍ୟ ସେକେଣ୍ଡ ଲେଗ୍ ସେମିରେ ସ୍କୋର କରିବ। ଗୋଆ ମଧ୍ୟ ନିଶ୍ଚିତ ସ୍କୋର କରିବ। କିନ୍ତୁ ଗୋଆ ସଫଳ ହେବା ନେଇ ଆଶଙ୍କା ରହିଛି।

ଅନ୍ୟପଟେ ଏଟିକେ ଓ ବେଙ୍ଗାଲୁରୁ ଏଫ୍‌ସି ମଧ୍ୟରେ ଖେଳାଯିବାକୁ ଥିବା ଦ୍ୱିତୀୟ ମ୍ୟାଚ୍ ବେଶ୍ ରୋମାଞ୍ଚକ ହେବ ବୋଲି କୁହାଯାଇପାରେ। ପ୍ରଥମ ଲେଗ୍‌ରେ ୧-୦ରେ ବିଜୟୀ ହୋଇ ୩ ପଏଣ୍ଟ ହାସଲ କରିବା ସହ ବେଙ୍ଗାଲୁରୁ ଏବେ କୋଲକାତା ଯାତ୍ରା କରିବ। ଦ୍ୱିତୀୟ ମ୍ୟାଚ୍‌ରେ ଦୁଇ କୋଚ୍‌ଙ୍କ ମଧ୍ୟ ରଣନୀତିର ଲଢେଇ ଦେଖିବାକୁ ମିଳିବ। ଘରୋଇ ପରିବେଶରେ ଏଟିକେ କୋଚ୍ ଆଣ୍ଟୋନିଓ ହାବାସଙ୍କୁ କିଭଳି ବେଙ୍ଗାଲୁରୁ କୋଚ୍ ସାମ୍ନା କରିବେ ତାହା ଦେଖିବାକୁ ବାକି ରହିଲା ଓ ଏହା ନିଶ୍ଚିତ ଭାବେ ମଜାଦାର ହେବ। ହୋମ ଗ୍ରାଉଣ୍ଡରେ ଏଟିକେ ନିଶ୍ଚିତ ଭାବେ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିବ। ଅବଶ୍ୟ ବେଙ୍ଗାଲୁରୁର ଆଟାକ୍ ନେଇ ଏଟିକେ ଟିମ୍ ମ୍ୟାନେମେଣ୍ଟ ଅବଗତ ଥିବ। ଉଦନ୍ତା ସିଂ ଓ ଆଶିକ୍ କୁରୁନିୟାନଙ୍କୁ ବେଙ୍ଗାଲୁରୁ ଫାଷ୍ଟ ଲେଗ୍‌ରେ ବେଞ୍ଚରେ ବସାଇବା ମୋତେ ଚକିତ କରିଥିଲା। ଏହା ଏକ ଗ୍ୟାମ୍ବଲ ଥିଲା। ଏହା ମଧ୍ୟ କାମରେ ଆସିଲା। ଘରୋଇ ପରିବେଶରେ ଏଟିକେ ପ୍ରାଥମିକ ଭାବେ ୩ ଜଣଙ୍କୁ ନେଇ ଡିଫେନ୍ସ ପ୍ରସ୍ତୁତ କରିବ। ଏଟିକେକୁ ରୋକିବା ପାଇଁ ବେଙ୍ଗାଲୁରୁ କୋଚ୍ କାର୍ଲେସ କୁଡ୍ରାଟ୍ ଏହି ଦୁଇ ଯୁବ ଖେଳାଳିଙ୍କୁ ସୁଯୋଗ ଦେବେ ଓ ସେମାନଙ୍କ ଗତି ତଥା ମୁମେଣ୍ଟମର ଫାଇଦାଉ ଉଠାଇବାକୁ ପ୍ରୟାସ କରିବେ ବୋଲି ଆଶା କରାଯାଉଛି।

ବେଙ୍ଗାଲୁରୁ ଗୋଲ ସ୍କୋର କରି ଏହି ନିର୍ଣ୍ଣାୟକ ଆୱେ ମ୍ୟାଚ୍‌ରେ ବାଜିମାରି ଫାଇନାଲରେ ପହଞ୍ଚିବା ଲକ୍ଷ୍ୟରେ ରହିଛି। ବେଙ୍ଗାଲୁରୁର ବ୍ୟାକ୍ ମଧ୍ୟ ବେଶ୍ ଶକ୍ତିଶାଳୀ। ମିଡ୍‌ଫିଲ୍ଡରେ ୫ ଜଣ ଡିଫେଣ୍ଡରଙ୍କ ଭୂମିକା ମଧ୍ୟ ବେଶ୍ ଗୁରୁତ୍ୱପୂର୍ଣ୍ଣ ରହିଛି। ଅନ୍ୟପଟେ ଘରୋଇ ପରିବେଶରୁ ଏଟିକେ ଫାଇଦା ଉଠାଇବା ଲକ୍ଷ୍ୟରେ ରହିଛି। ତେଣୁ ଏଟିକେ ଅଧିକ ଗୋଲ ସ୍କୋର କରିବା ଯଥେଷ୍ଟ ସମ୍ଭାବନା ରହିଛି। କିନ୍ତୁ ଯଦି ବେଙ୍ଗାଲୁରୁ ନିର୍ଣ୍ଣାୟକ ଗୋଲ ସ୍କୋର କରିବ ତେବେ କ୍ରମାଗତ ତୃତୀୟ ଥର ପାଇଁ ଫାଇନାଲରେ ପ୍ରବେଶ କରିବ। (ଗେମ୍ ପ୍ଲାନ)






# ଶେଫାଳି, ସ୍ମୃତିଙ୍କୁ ଡରୁଛନ୍ତି ଅଷ୍ଟ୍ରେଲିଆ ପେସର

ମେଲବୋର୍ନ,୬।୩

ବହୁ ପ୍ରତୀକ୍ଷିତ ମହିଳା ବିଶ୍ୱକପ୍ ସେମିଫାଇନାଲ ପୂର୍ବରୁ ଅଷ୍ଟ୍ରେଲିଆ ଦଳର ମୁଖ୍ୟ ପେସର ମେଗନ ସ୍କୁଟ ଭାରତୀୟ ବ୍ୟାଟ୍ସଓମେନଙ୍କ ପ୍ରତି ଭୟ ଥିବା ସ୍ୱୀକାର କରିଛନ୍ତି। ସେ ମୁଖ୍ୟତଃ ଶେଫାଳି ବର୍ମା ଓ ଓପନର ସ୍ମୃତି ମନ୍ଧାନାଙ୍କୁ ବୋଲିଂ କରିବାକୁ ଚାହୁଁ ନାହାନ୍ତି। ଦୁହେଁ ପ୍ରଥମ ଓଭରରୁ ହିଁ ଆଟାକିଂ ଶଟ୍ ଖେଳନ୍ତି, ଯାହାକି ବିଶ୍ୱକପ୍ ପୂର୍ବରୁ ଅନୁଷ୍ଠିତ ତ୍ରିରାଷ୍ଟ୍ରୀ ସିରିଜ୍‌ରେ ଦେଖିବାକୁ ମିଳିଥିଲା। ଏଥିସହ ଦୁହେଁ ଅଷ୍ଟ୍ରେଲିଆ ବିପକ୍ଷ ଲିଗ୍ ମ୍ୟାଚ୍‌ର ପ୍ରଥମ ଓଭରରେ ସ୍କଟଙ୍କଠାରୁ ୧୬ ରନ୍ ଆଦାୟ କରିଥିଲେ। ମୁଁ ଭାରତ ବିପକ୍ଷରେ ଖେଳିବାକୁ ଘୃଣା କରୁଛି। ସେମାନେ ମୋ ବିପକ୍ଷରେ ଅତ୍ୟଧିକ ଆକ୍ରମଣ କରନ୍ତି। ମୁଖ୍ୟତଃ ସ୍ମୃତି ଓ ଶେଫାଳି। ତ୍ରିରାଷ୍ଟ୍ରୀୟ ସିରିଜ୍‌ବେଳେ ସ୍ମୃତି ମୋତେ ଖୁବ୍ ବଡ଼ ଛକା ମାରିଥିଲେ। ମୋତେ ଏତେ ବଡ଼ ଛକା କେହି ମାରି ନ ଥିଲେ। ପାୱାର ପ୍ଲେ ବେଳେ ମୁଁ ସେମାନଙ୍କୁ ବୋଲିଂ କରିବାକୁ ଚାହେଁ ନାହିଁ। ସେମାନେ ମୋତେ ସହଜରେ ଖେଳନ୍ତି। କିନ୍ତୁ ଫାଇନାଲରେ ଆମେ କିଛି ସ୍ୱତନ୍ତ୍ର ଯୋଜନା ନେଇ ଖେଳିବୁ ବୋଲି ସ୍କୁଟ କହିଛନ୍ତି। ସ୍କୁଟଙ୍କ ଟି୨୦ କ୍ୟାରିୟର ଇକୋନୋମି ରେଟ୍ ୫.୯୮। କିନ୍ତୁ ଭାରତ ବିପକ୍ଷରେ ସେ ଓଭର ପିଛା ୬.୯୩ ହାରରେ ରନ୍ ଦିଅନ୍ତି। ଭାରତୀୟ ଦଳ ଉଇକେଟ ପାଇଁ ସେ ୨୪.୬୬ ରନ୍ ବ୍ୟୟ କରୁଛନ୍ତି। ହେଲେ ତାଙ୍କ କ୍ୟାରିୟରର ଉଇକେଟ ପିଛା ୧୫.୬୮ ରନ୍ ଦିଅନ୍ତି। ସେ ଆହୁରି କହିଛନ୍ତି, ଆମେ ଏହି ଫାଇନାଲ ସମ୍ପର୍କରେ ଓ ଭାରତ ମ୍ୟାଚ୍ ପାଇଁ ବହୁ ଆଗରୁ ଆଲୋଚନା କରୁଛୁ। ଏହା ଆମ ଲାଗି ବଡ଼ ଚ୍ୟାଲେଞ୍ଜ ହେବ। ଉଲ୍ଲେଖଯୋଗ୍ୟ, ଆସନ୍ତା ୮ ତାରିଖରେ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ମେଲବୋର୍ନ ଗ୍ରାଉଣ୍ଡରେ ଫାଇନାଲ ମ୍ୟାଚ୍ ଖେଳାଯିବ।


ଦୁଇଦଳର ଅଧିନାୟିକା ଅଷ୍ଟ୍ରେଲିଆର ମେଗଲାନିଂ ଓ ଭାରତର ହରମନପ୍ରୀତ କୌର।

# ଅଲିମ୍ପିକ ମଶାଲ ଆଗମନ ଉତ୍ସବ ଛୋଟ ଆକାରରେ ହେବ

ଟୋକିଓ, ୬।୩(ଏପି)

କରୋନା ଭାଇରସ୍‌ର ବ୍ୟାପକତା ଦୃଷ୍ଟିରୁ ଅଲିମ୍ପିକ ମଶାଲ ଆଗମନ ଉତ୍ସବକୁ ଛୋଟ ଆକାରରେ କରାଯିବ ବୋଲି ଟୋକିଓ ଅଲିମ୍ପିକ୍ସ ମୁଖ୍ୟ ୟୋଶିରୋ ମୋରି ଶୁକ୍ରବାର ସୂଚନା ଦେଇଛନ୍ତି। କାର୍ଯ୍ୟସୂଚୀ ଅନୁସାରେ ଅଲିମ୍ପିକ ମଶାଲ ମାର୍ଚ୍ଚ ୨୦ରେ ଜାପାନରେ ପହଞ୍ଚିବ। ମାର୍ଚ୍ଚ ୧୨ରେ ଗ୍ରୀସ୍‌ରେ ଏକ ସ୍ୱତନ୍ତ୍ର ଉତ୍ସବରେ ଅଲିମ୍ପିକ ମଶାଲରେ ଅଗ୍ନି ସଂଯୋଗ ହେବ। ୨୦ ତାରିଖରେ ଏହା ବିମାନ ଯୋଗେ ଜାପାନ ଉତ୍ତରାଞ୍ଚଳ ଅନ୍ତର୍ଗତ ମିୟାଗିସ୍ଥିତ ବିମାନ ଘାଟିରେ ଅବତରଣ କରିବ। ଏହି କାର୍ଯ୍ୟକ୍ରମରେ ସାମିଲ ହେବା ଲାଗି ଗ୍ରୀସ୍‌କୁ ୧୪୦ ଛୋଟ ଛୋଟ ପିଲାଙ୍କୁ ପଠାଯାଇଥାନ୍ତା। ମାତ୍ର କରୋନା ଭାଇରସ କାରଣରୁ ସେମାନଙ୍କୁ ଆଉ ପଠାଯିବ ନାହିଁ। ଜାପାନରେ ୪ ମାସ ଧରି ଅଲିମ୍ପିକ ମଶାଲ ରିଲେ ଅନୁଷ୍ଠିତ ହେବ। ଏହା ଫୁକୁହାମାଠାରୁ ଆରମ୍ଭ ହୋଇ ଜୁଲାଇ ୨୪ରେ ଟୋକିଓରେ ୧.୪୩ ବିଲିୟନ ଡଲାର ବିନିମୟରେ ନିର୍ମିତ ନ୍ୟାଶନାଲ ଷ୍ଟାଡିୟମରେ ପହଞ୍ଚିବ।


ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ

ସ୍ୱର୍ଗତ ପ୍ରଭାକର ଭୂୟାଁ
ଭଗବାନପୁର, ପାତ୍ରପଡା, ଭୁବନେଶ୍ୱର
ଧରାବତରଣ: ୨୫।୦୩।୧୯୫୦
ସ୍ୱର୍ଗାରୋହଣ: ୨୮।୦୨।୨୦୨୦
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି, ମୁକ୍ତି ଓ ମୋକ୍ଷପ୍ରାପ୍ତ ହେଉ, ସ୍ୱର୍ଗବାସ ଶାନ୍ତିପ୍ରଦ ହେଉ ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ନିବେଦନ।
-:ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ:-
ସ୍ତ୍ରୀ: ଶୈଳବାଳା, ପୁଅ: ପ୍ରଶାନ୍ତ, ପ୍ରଦୀପ୍ତ, ବୋହୂ: ସଂଘମିତ୍ରା, ନାତି: ପ୍ରିୟମ୍, ନାତୁଣୀ: ପରୀ, ବନ୍ଧୁ ଓ ଭୂୟାଁ ପରିବାରବର୍ଗ।
ଧ-୬୭୦୯୯

ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ

ସ୍ୱର୍ଗତ ପଣ୍ଡିତ ଭାଗୀରଥି ରଥ
ଶାସ୍ତ୍ରୀନଗର, ପ୍ଲଟ୍ ନଂ-୪୭ unit (4), ଭୁବନେଶ୍ୱର
ଆବିର୍ଭାବ: ୦୫।୧୯୩୦
ତିରୋଧାନ: ୦୨।୦୩।୧୯୯୬
ନନା ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ପୁଅ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବୋହୂ
ଧ-୧୭୦୪୧

ଦଶାହ ଉପଲକ୍ଷେ

ସ୍ୱର୍ଗତ ପ୍ରମୋଦ କୁମାର ଷଡ଼ଙ୍ଗୀ
ବଳଭଦ୍ରପୁର ଶାସନ, କେଶେରିଆ, ଢେଙ୍କାନାଳ
ଆମ୍ଭମାନଙ୍କୁ ଶୋକ ସାଗରରେ ଭସାଇ ଦେଇ ଚାଲିଗଲ। ଆପଣଙ୍କ ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭ କରୁ ଏତିକି ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶ୍ରଦ୍ଧାଞ୍ଜଳି ସହ
ହତଭାଗ୍ୟ: ପୁତ୍ର- ସିଦ୍ଧାର୍ଥ, ଶୋକସନ୍ତପ୍ତ ପରିବାର ଓ ବନ୍ଧୁବର୍ଗ।
ଧ-୬୬୮୫୬

ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ

ସ୍ୱର୍ଗତ ସୁଧୀର କୁମାର ମହାପାତ୍ର (ଲଲ୍ଲୁ)
ପୁନାମାଗେଟ୍, ପୁରୁଣା ଭୁବନେଶ୍ୱର
ଆବିର୍ଭାବ: ୨୨।୧୧।୧୯୬୧
ତିରୋଧାନ: ୧୪।୦୩।୨୦୧୪
ତୁମର ଅନୁପସ୍ଥିତି ଆମେ ସବୁବେଳେ ଅନୁଭବ କରୁଛୁ। ତୁମର ଶ୍ରଦ୍ଧା, ମମତା, ଦୃଢ ମନୋବଳ ଓ ଆମ୍ଭମାନଙ୍କ ପାଇଁ ସାହାଯ୍ୟ, ସହାନୁଭୂତି ପ୍ରେରଣାର ଉତ୍ସ ହେଉ। ଆଜି ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ପ୍ରଭୁ ଶ୍ରୀଲିଙ୍ଗରାଜ ତୁମର ଆତ୍ମାକୁ ଶାନ୍ତି ପ୍ରଦାନ କରନ୍ତୁ।
ଶୋକସନ୍ତପ୍ତ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୬୦୮୭୬

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୪ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶନିବାର, ମାର୍ଚ୍ଚ ୭/୨୦୨୦ Sambalpur, Saturday, March 7 / 2020

# ଛତିଶଗଡ଼ରୁ ଓଡ଼ିଶାକୁ ଆସୁଛି ଜାଲ ନୋଟ୍

**ଭୁବନେଶ୍ୱର,୬।୩(ବ୍ୟୁରୋ):** ବ୍ରାଉନ ସୁଗାର କାରବାର ଓ ବାଂଲାଦେଶରୁ ଯୁବତୀ ଚାଲାଣ ଉପରେ ଅଙ୍କୁଶ ଲଗାଇବା ପରେ ଏସ୍‌ଟିଏଫ୍ ନଜର ଏବେ ଓଡ଼ିଶାକୁ ଆସୁଥିବା ଜାଲ୍ ନୋଟ ଉପରେ। ଜାଲ୍ ନୋଟ୍ କାରବାର ରୋକିବା ପାଇଁ ଏସ୍‌ଟିଏଫ୍ ଅଣ୍ଟା ଭିଡ଼ିଛି। ଏହି କ୍ରମରେ ଶୁକ୍ରବାର ଏସ୍‌ଟିଏଫ୍ ବରଗଡ଼ ଜିଲା ଭଟଲି ଛକରେ ଚଢାଉ କରି ଜାଲନୋଟ କାରବାରରେ ସଂପୃକ୍ତ ୨ଜଣ ମାଷ୍ଟରମାଇଣ୍ଡଙ୍କ ସମେତ ଜଣେ ଗ୍ରାହକଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୨ଲକ୍ଷ ୬ଶହ ଟଙ୍କା ଜାଲ୍ ନୋଟ ଜବତ କରାଯାଇଛି। ତନ୍ମଧ୍ୟରେ

- **ବରଗଡ଼ରୁ ଏସ୍‌ଟିଏଫ୍ ହାତରେ ଧରାପଡ଼ିଲେ ୩**
- **୨ଲକ୍ଷ ୬ଶହ ଟଙ୍କାର ଜାଲ୍ ନୋଟ ଜବତ**
- **ଟାର୍ଗେଟରେ ଥିଲା ଗ୍ରାମାଞ୍ଚଳ**

୨୮୮ଟି ୫ଶହ ଟଙ୍କିଆ, ୨୩୩ଟି ୨ଶହ ଟଙ୍କିଆ ଏବଂ ୧୦୦ଟି ୧୦୦ ଟଙ୍କିଆ ଜାଲ ନୋଟ ରହିଛି। ଗିରଫ ଅଭିଯୁକ୍ତମାନେ ହେଲେ ଛତିଶଗଡ଼ ଜିଲା ରାୟଗଡ଼ ସରିଆ ଅଞ୍ଚଳର ମଙ୍ଗୁଲ ମାଲଖର(୪୨), ବରଗଡ଼ ଜିଲା ବରପାଲିର ପ୍ରଫୁଲ୍ଲ ମେହେର(୫୬) ଏବଂ ଗ୍ରାହକ କଟକ ଜିଲା ଲାଲବାଗ ଥାନା ଅଧୀନ ଶୈଲଟର ଛକର ସୁଦର୍ଶନ ମହାନ୍ତି(୩୬)। ଏମାନଙ୍କୁ ଏସ୍‌ଟିଏଫ୍ ଗିରଫ କରିବା ପରେ ବରଗଡ଼ ସଦର ଥାନା ପୋଲିସକୁ ହସ୍ତାନ୍ତର କରିଥିଲା। ଏ ନେଇ ବରଗଡ଼ ସଦର ଥାନାରେ ଆଇପିସି ଦଫା ୪୮୯(ଏ), ୪୮୯(ବି), ୪୮୯(ସି), ୧୨୦(ବି)ରେ କେସ୍ ନଂ. ୯୪/୨୦ ରୁଜୁ ହୋଇଛି। ପରେ ପୋଲିସ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଛି।

**କିଭଳି ଧରା ପଡ଼ିଲେ**

ଗତ କିଛିଦିନ ହେବ ବରଗଡ଼, ଝାରସୁଗୁଡ଼ା, ଅତାବିରା ଆଦି ବିଭିନ୍ନ ଅଞ୍ଚଳକୁ ଶହ ଶହ ଜାଲନୋଟ ଆସୁଥିଲା। ଏ ନେଇ ଏକାଧିକ


ଗିରଫ ଅଭିଯୁକ୍ତମାନେ।


ଜବତ ଜାଲ୍ ନୋଟ୍।

ବ୍ୟବସାୟୀ ଅଭିଯୋଗ କରିବା ପରେ ଏସ୍‌ଟିଏଫ୍ ନିକଟରେ ଖବର ପହଞ୍ଚିଥିଲା। ଏସ୍‌ଟିଏଫ୍ ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ତଦନ୍ତ ଆରମ୍ଭ କରିଥିଲା। ଜାଲନୋଟ କାରବାର କରୁଥିବା ପୁରୁଣା ଅପରାଧୀଙ୍କ ଡାଏରୀ ଖୋଲିବା ସହ ସ୍ଥାନୀୟ ସୂଚନାଦାତାଙ୍କୁ କାମରେ ଲଗାଇଥିଲା। ପୁରୁଣା ଡାଏରୀରୁ ପ୍ରଫୁଲ୍ଲ ମେହେର ୨୦୧୦ରେ ଜାଲ ନୋଟ କାରବାରରେ ଗିରଫ ହୋଇ ଜାମିନରେ ଆସିଛନ୍ତି। ଏସ୍‌ଟିଏଫ୍ ତାଙ୍କର ଗତିବିଧି ଉପରେ ନଜର ରଖିଥିଲା। ତେବେ ଗୁରୁବାର ବିଳମ୍ବିତ ରାତିରେ ସୁଦର୍ଶନଙ୍କୁ କେତେଜଣ ଜାଲ ନୋଟ୍ ଦେବାକୁ ଆସିଥିବା ଖବର ମିଳିଥିଲା। ଏହାପରେ ଏସ୍‌ଟିଏଫ୍ ସେଠାରେ ଚଢାଉ କରି ୩ଜଣଙ୍କୁ କାବୁ କରିଥିଲା। ସେମାନଙ୍କ ବ୍ୟାଗ୍ ଯାଞ୍ଚ କରିବାରୁ ୨ଲକ୍ଷ ୬ଶହ ଟଙ୍କାର ଜାଲନୋଟ ମିଳିଥିଲା।

**ରାୟଗଡ଼ରେ ଛପା ହେଉଛି**

ଛତିଶଗଡ଼ର ରାୟଗଡ଼ରୁ ଓଡ଼ିଶାକୁ ଲମ୍ବିଛି ଜାଲନୋଟ ର୍‍ୟାକେଟର ଚେର। ଏହି ର୍‍ୟାକେଟର ମଙ୍ଗ ଧରିଥିଲେ ମଙ୍ଗୁଲ ମାଲଖର। ସେ ରାୟଗଡ଼ ଜିଲାରେ ଜାଲନୋଟ ଛପାଇବା ପାଇଁ ଏକ ପ୍ରିଣ୍ଟିଂ ମେଶିନ୍ ବସାଇଛନ୍ତି। ଏଥିପାଇଁ କର୍ମଚାରୀ ମଧ୍ୟ ନିୟୋଜିତ କରିଛନ୍ତି। ସେମାନେ କଞ୍ଚାମାଲ ମଙ୍ଗୁଲଙ୍କୁ ଦିଅନ୍ତି। କୋଲକାତାରୁ ମଙ୍ଗୁଲ ଜାଲନୋଟ ଛପାଇବା ତରିକା ଶିଖିଥିଲେ। ସେଠାରୁ ସେ ଛତିଶଗଡ଼ ଆସି ଏହି କାରବାର ଆରମ୍ଭ କରିଥିଲେ। ତାଙ୍କୁ ଏହି ବ୍ୟବସାୟରେ ସହଯୋଗ କରୁଥିଲେ ଓଡିଶାର ପ୍ରଫୁଲ୍ଲ ମେହେର। ସେ ନିକଟରେ ଜେଲରୁ ବାହାରିବା ପରେ ପୁଣି ଏହି କାରବାରରେ ଲିପ୍ତ ଅଛନ୍ତି।

**୨୫ ହଜାର ଜାଲ ନୋଟକୁ ଅସଲି ୧୦ ହଜାର**

ସେମାନେ ବିଭିନ୍ନ ଜିଲାରେ ଏଜେଣ୍ଟମାନଙ୍କୁ ରଖିଥିଲେ। ସେମାନଙ୍କୁ ମଙ୍ଗୁଲ ଓ ପ୍ରଫୁଲ୍ଲ ଜାଲ ନୋଟ ବିକ୍ରି କରୁଥିଲେ। ଅସଲି ନୋଟ ଦେଇ ଏଜେଣ୍ଟଙ୍କୁ ସେମାନେ ୨.୫ ପ୍ରତିଶତ ଅଧିକ ଜାଲ୍ ନୋଟ୍ ଦେଉଥିଲେ। କହିବାକୁ ଗଲେ ସେମାନେ ୧୦ ହଜାର ଅସଲି ନୋଟ୍ ନେଇ ୨୫ହଜାର ଜାଲନୋଟ ଦେଉଥିଲେ।

**ଗ୍ରାମାଞ୍ଚଳକୁ କରୁଥିଲେ ଟାର୍ଗେଟ**

ଗ୍ରାମାଞ୍ଚଳଗୁଡ଼ିକୁ ସେମାନେ ଟାର୍ଗେଟ କରୁଥିଲେ। ଯେଉଁଠି ଟଙ୍କାକୁ ଦୋକାନୀମାନେ ଯାଞ୍ଚ ନ କରି ସିଧା ନେଇ କ୍ୟାଶ କାଉଣ୍ଟରରେ ରଖି ଦିଅନ୍ତି। ବିଶେଷ କରି ଶିକ୍ଷାର ଅଭାବ ଥିବା ଜିଲାକୁ ଏମାନେ ଅଧିକ ଫୋକସ କରନ୍ତି। ଝାରସୁଗୁଡା, ବରଗଡ଼, ରାୟଗଡା, ମାଲକାନଗିରି, ନବରଙ୍ଗପୁର ଆଦି ଅଞ୍ଚଳକୁ ଏହି ଜାଲ ନୋଟ ପଠାଇଥାନ୍ତି। ଲୋକଙ୍କ ମଧ୍ୟରେ ସଚେତନତାର ଅଭାବ ଯୋଗୁ ସେମାନେ ଏହାର ଫାଇଦା ଉଠାଉଥିଲେ।

**ଛତିଶଗଡ଼ ଯିବ ଏସ୍‌ଟିଏଫ୍**

ଜାଲନୋଟ କାରବାର ପେଣ୍ଠସ୍ଥଳୀ ଛତିଶଗଡ଼କୁ ଯାଞ୍ଚ ପାଇଁ ଯିବ ଏସ୍‌ଟିଏଫ। ଗିରଫ ମଙ୍ଗୁଲ କେଉଁ ସ୍ଥାନରେ ଛାପା ମେଶିନ୍ ପକାଇ ଟଙ୍କା ଛାପୁଥିଲେ ତାହା ଖୋଳତାଡ଼ କରାଯିବ। ଉକ୍ତ ମେଶିନ୍ ଠାବ କରି ଘରକୁ ସିଲ୍ କରାଯିବା ସହ ମେଶିନ୍ ଜବତ କରାଯିବ। ଏହି କାରବାର ପଛରେ ଆଉ କେଉଁମାନେ ଅଛନ୍ତି ତାହାର ମଧ୍ୟ ଯାଞ୍ଚ ହେବ ବୋଲି ଏସ୍‌ଟିଏଫ୍‌ର ଜଣେ ଅଧିକାରୀ କହିଛନ୍ତି।

**୫ ଦିନ ରିମାଣ୍ଡ ପାଇଁ ଆବେଦନ**

ଏହି ଜାଲ୍ ନୋଟ କାରବାରର ଗୁମର ଖୋଲିବା ପାଇଁ ଦୁଇ ଅଭିଯୁକ୍ତ ମଙ୍ଗୁଲ ଓ ପ୍ରଫୁଲ୍ଲଙ୍କୁ ୫ ଦିନିଆ ରିମାଣ୍ଡରେ ନେବାକୁ କୋର୍ଟରେ ଆବେଦନ କରିଛି ଏସ୍‌ଟିଏଫ୍। କୋର୍ଟ ଅନୁମତି ଦେବା ପରେ ଏସ୍‌ଟିଏଫ୍ ସେମାନଙ୍କୁ ଭୁବନେଶ୍ୱର ଆଣି ପଚରାଉଚରା କରିବ।

## ସେଲ୍‌ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ। ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie


ଗୋପବନ୍ଧୁ


ସୌରେନ୍ଦ୍ର


ନାଗାର୍ଜୁନ


ସୁଶାନ୍ତ

ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ
smbselfie@gmail.com
(ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)

# କରୋନା ଭୟ: ମାଲେସିଆ ଫେରନ୍ତା ଯୁବକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

**ଝାରସୁଗୁଡ଼ା ଅଫିସ,୬।୩:** ଝାରସୁଗୁଡ଼ା ଜିଲା ବାଗଡିଆ ଅଞ୍ଚଳର ଜଣେ ଯୁବକ ମାଲେସିଆ ବୁଲିବାକୁ ଯାଇଥିଲେ। ନିକଟରେ ସେ ସେହି ଗସ୍ତ ସାରି ଫେରିଛନ୍ତି। କାଳେ ସେ କରୋନା ଭାଇରସ ଦ୍ୱାରା ଆକ୍ରାନ୍ତ ହୋଇଥିବେ ସେହି ଆଶଙ୍କାରେ ଶୁକ୍ରବାର ଜିଲା ମୁଖ୍ୟ ଚିକିତ୍ସାଳୟରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇଛନ୍ତି। ହେଲେ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପରେ କରୋନାର କୌଣସି ଲକ୍ଷଣ ଜଣାପଡି ନାହିଁ। ତଥାପି ତାଙ୍କ ଉପରେ ନଜର ରଖାଯାଇଛି । ସେ ଭୟଭୀତ ନ ହେବାକୁ ପରାମର୍ଶ ଦିଆଯାଇଛି। ତାଙ୍କର ପରୀକ୍ଷା ନିରୀକ୍ଷା କରିବା ପରେ ବୁର୍ଲା ଭିମସାରକୁ ରେଫର କରାଯିବ ବୋଲି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଜଗଦୀଶ ଚନ୍ଦ୍ର ବାରିକ କହିଛନ୍ତି।

# ଭିଜିଲାନ୍ସ ସ୍କାନରରେ କୁଚିଣ୍ଡା ଏନ୍‌ଏସି ଇଓ

**ଝାରସୁଗୁଡ଼ା ଅଫିସ/କୁଚିଣ୍ଡା/କୋଲାବିରା,୬।୩(ଡି.ଏନ୍.ଏ.)**

ସମ୍ବଲପୁର ଜିଲା କୁଚିଣ୍ଡା ଏନ୍‌ଏସିରେ କାର୍ଯ୍ୟରତ କାର୍ଯ୍ୟନିର୍ବାହୀ ଅଧିକାରୀ (ଏକ୍‌ଜିକ୍ୟୁଟିଭ ଅଫିସର)ଜିତେନ୍ଦ୍ର ମହାପାତ୍ର ଭିଜିଲାନ୍ସ ସ୍କାନରରେ ପଡିଛନ୍ତି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଶୁକ୍ରବାର ଭିଜିଲାନ୍ସ ବିଭାଗର ଅଧିକାରୀ ଓ କର୍ମଚାରୀ ତାଙ୍କ ଘର, ଅଫିସ ଉପରେ ଚଢାଉ କରିଛନ୍ତି। ଝାରସୁଗୁଡ଼ା ସହର ଗୁଜରାତି ପଡାରେ ଥିବା ଭଡା ଘର, କୁଚିଣ୍ଡା ଏନଏସି ଅଫିସ, ସମ୍ବଲପୁର ଜିଲା କାଇଁସିରସ୍ଥିତ


ଇଓ ଜିତେନ୍ଦ୍ର ମହାପାତ୍ର

ଘର, କୋଲାବିରାସ୍ଥିତ ପୈତୃକ ଘର ଓ ସମ୍ବଲପୁରସ୍ଥିତ ଶ୍ୱଶୁର ଘରେ ଏକାସାଙ୍ଗେ

**ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ**

ଚଢ଼ାଉ କରାଯାଇଛି। ସମ୍ବଲପୁର ଭିଜିଲାନ୍ସ ନିରୀକ୍ଷକ ସି.ବିଲୁଙ୍ଗ, ବରଗଡ଼ ଭିଜିଲାନ୍ସ ନିରୀକ୍ଷକ ପୁନିତା ବାଗେ, ରାଉରକେଲା ଭିଜିଲାନ୍ସର କନ୍‌ଷ୍ଟେବଲ ପ୍ରଭାତ ପଟେଲ, ଝାରସୁଗୁଡ଼ା ଭିଜିଲାନ୍ସର କନ୍‌ଷ୍ଟେବଲ ଗିରିଧାରୀ ଛତ୍ରିଆ ଓ ଡିଏସ୍‌ପି ବୀରେନ୍ଦ୍ର କୁମାର ପ୍ରମୁଖ ଏହି ଚଢାଉର ନେତୃତ୍ୱ ନେଇଥିଲେ।









Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ନିଜକୁ ଖୋଜିବାର ସବୁଠୁ ସହଜ ଓ ସରଳ କୌଶଳ ହେଉଛି, ନିଜକୁ ଅନ୍ୟମାନଙ୍କ ସେବାରେ ନିୟୋଜନ କରିବା।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### କରୋନା ସଚେତନତା କାର୍ଯ୍ୟକ୍ରମ

**ଡୁଙ୍ଗୁରିପାଲି,୬।୩(ଡି.ଏନ୍.ଏ.):** ଡୁଙ୍ଗୁରିପାଲି ଡିଗ୍ରୀ ମହାବିଦ୍ୟାଳୟରେ କରୋନା ଭାଇରସ୍ ସମ୍ପର୍କିତ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଅଧାପକ ବିଜୟାନନ୍ଦ ଦାସ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଛାତ୍ର ତଥା ସଂଯୋଜକ ସିଦ୍ଧାନ୍ତ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଛାତ୍ରୀ ଦୂର୍ବାମୟୀ ତନସନା ବର୍ତ୍ତମାନ ସମାଜରେ ଚାଞ୍ଚଲ୍ୟ ସୃଷ୍ଟି କରିଥିବା କରୋନା ଭାଇରସ ସମ୍ପର୍କରେ ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ। ଏହାର ନିରାକରଣର ଉପରେ ଆଲୋକପାତ କରିଥିଲେ। ଦ୍ୱିତୀୟ ପର୍ଯ୍ୟାରେ ଛାତ୍ରୀ ସୀମା ଭୋଇ ପରିବେଶ ସମ୍ପର୍କିତ କୁଇଜ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ଗରିବଙ୍କ ନେତା ଥିଲେ ବିଜୁ ବାବୁ

**ବିନିକା,୬।୩(ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ବାବୁପାଲି ପଞ୍ଚାୟତ କାର୍ଯ୍ୟାଳୟରେ ଗୁରୁବାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୧୦୪ତମ ଜନ୍ମ ଜୟନ୍ତୀ ତଥା ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି । ଏଥିରେ ବାବୁପାଲି ସରପଞ୍ଚ ଚନ୍ଦ୍ର କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ନିମାଇଁ ଚରଣ ନାୟକଙ୍କ ଉପସ୍ଥିତ ରହି ବିଜୁବାବୁଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସଭାରେ ବିଜୁବାବୁଙ୍କ ସ୍ମୃତି ଚାରଣ କରିବା ସହ ବିଜୁବାବୁ ଗରିବ ଏବଂ ନିସହାୟଙ୍କ ନେତା ଥିଲେ ବୋଲି କହିଥିଲେ। ସମସ୍ତେ ମିଳିମିଶି କାର୍ଯ୍ୟ କରି ବିଜୁ ବାବୁଙ୍କ ସ୍ୱପ୍ନକୁ ସାକାର କରିବାକୁ କହିଥିଲେ । ଏଥିରେ ବାବୁପାଲି ପଞ୍ଚାୟତର ୮ଟି ଗ୍ରାମର ୱାର୍ଡମେମ୍ବର, ସମିତି ସଭ୍ୟାସଭ୍ୟ, ଜନସାଧାରଣଙ୍କ ସହ ପଞ୍ଚାୟତ କର୍ମଚାରୀ ବୃନ୍ଦ ଉପସ୍ଥିତ ରହିଥିଲେ।

# ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଲେ ଦୁଇ ବହେନ୍

**ଅମରପାଲି, ୬।୩ (ଡି.ଏନ୍.ଏ.)**



ଦୁଇ ବହେନ୍ ପ୍ରଧାନମନ୍ତ୍ରୀଙ୍କୁ ଚିଠି ପଠାଲା ବେଲେ।

### କିଡ଼ନୀ ରୋଗ୍, ପିଇଲା ପାଏନ୍ ସମସିଆ

ପ୍ରଧାନମନ୍ତ୍ରୀ ଜୀ, ନମସ୍କାର। ଆମର ଗାଁ ଆର ଅଂଲଚରେ ଅନେକ ଲୋକ୍ କିଡ଼୍ନୀ ରୋଗରେ ପଡ଼ିଛନ୍। ଅନେକ ଲୋକ୍ ଇ ରୋଗ୍‌ରେ ପଡ଼ି ମରିଗଲେନ। ଏହେଦେ ଯେନ୍‌ମାନେ ଚିକିଛିତ ହେଉଛନ୍ ସେମାନକୁ ଡାକ୍ତର କହୁଛନ୍ ଫ୍ଲୋରାଇଡ ମିଶା ପାଏନ୍ ପିଇବାର ଲାଗି ଇ ରୋଗ୍ ବହପୁଛେ। ଆମର ଗାଁଟା ପାହାଡ଼ିଆ ଅଂଚଲରେ ଥିଲାବେଲେ ନିରମଲ ପିଇଲା ପାଏନ୍ ନାଇଁ ମିଲବାର। ଗାଁବାସୀକୁ ନିରମଲ ପିଇଲା ପାଏନ୍ ଯୁଗେଇ ଦେବାର ବେବସ୍ତା କରବାର ସଂଗେ ରୋଗ୍‌ରେ ପୀଡ଼ିତ ଲୁକ୍‌କୁ ଚିକିଛା ସାହାଯ୍ ଯୁଗେଇ ଦେବାକେ ଆମେ ଆପନ୍‌କୁ ଅନୁରୋଧ କରୁଛୁଁ। ଠିକ୍ ଏନ୍ତା କିଛି ଲେଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ ସ୍କୁଲ ପଢ଼ୁଆ ଦୁଇ ବହେନ।

ସୂଚନା ଅନ୍‌ସାରେ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅଧୀନ ବହଲପଦର ପଁଚେତ୍‌ର ଅମରପାଲି ଗାଁର ପ୍ରାଣବନ୍ଧୁ ସାହୁଙ୍କର ଦୁଇ ଝିଁ ଇପସିତା ଅନନ୍ୟା ସାହୁ ଆର ଆରାଧା ଅନୁଭା ସାହୁ। ଇପସିତା ଅମରପାଲି ୟୁପି ସ୍କୁଲରେ ୬ଷ୍ଠ ଶ୍ରେଣୀରେ ପଢୁଥିଲାବେଲେ ବହେନ୍ ଆରାଧା ୨ୟ ଶ୍ରେଣୀରେ ପଢୁଛନ୍। ଦୁଇ ବହେନ୍ ଗାଁର ଆର ଅଂଚଲବାସୀକର ସମସିଆର ସମାଧାନ ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍। ସେମାନକର ଇ କାମ୍‌କେ ଗାଁବାସୀ, ଅଂଚଲବାସୀ ବଡ଼ଭାରି ପରଶଁସା କରିଛନ୍। ସେନ୍ତା ଦୁଇ ବହେନ୍ ପ୍ରଧାନମନ୍ତ୍ରୀ ଆମର ଚିଠି ପାଏଲା ଉତାରୁ ଅଂଚଲବାସୀକର ଦୁଖ୍ ଆର ସମସିଆର ସମାଧାନ ନିହାତି କରବେ ବଲି କହିଛନ୍। ବୀରମହାରାଜପୁର ବ୍ଲକର ବହଲପଦର ଆର ଦୁର୍ଜନଟେଲା ପଁଚେତ୍ ଜିଲାର ସୀମାନାରେ ରହିଛେ। ଅନେକ ସମିଆରେ ଇ ଦୁଇ ପଁଚେତ୍‌ରେ ଲୋକ୍ ଠିକ୍ ଭାବେ ସୁଆସ୍ତିଅ ସେବା ବି ନାଇଁ ପାଇପାରବାର। ଏନ୍ତା କି ଅଂଚଲର ଭିନେ ଭିନେ ନଲ୍‌ତୁଆଁର ପାଏନ୍ ନମୁନା ପରୀକ୍ଷା ଲାଗି ନେଇଥିଲେ ବି ତାର ରିପୋର୍ଟ ନାଇଁ ଦେଉଥିବାର ଲୋକ ଅଭିଯୋଗ କରୁଛନ୍। ଇ ଘଡ଼ିସଁଧି ସମିଆରେ ଦୁଇ ବହେନ୍ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖି ଅଂଚଲବାସୀକର ଦୁଖ୍, ସମସିଆର ସମାଧାନ କରବାକେ ଅନୁରୋଧ୍ କରବାର ଘଟନାକେ ନେଇ ଲୋକ୍ ସେମାନକୁ ଗୁରଦୁଟେ ପରଶଁସା କରିଛନ୍। ସେନ୍ତା ପ୍ରଧାନମନ୍ତ୍ରୀ ଇ ଦୁଇ ଛୁଆକର ଅନୁରୋଧ ରକ୍ଷା କରବେ ବଲି ଅଂଚଲବାସୀ ବି ଆଶ୍ କରିଛନ୍।

# ସୁବର୍ଣ୍ଣପୁରରେ ନିର୍ମାଣ ଶ୍ରମିକ ସେବା ସପ୍ତାହ

**ସୋନପୁର,୬।୩(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ଶ୍ରମ ବିଭାଗ ପକ୍ଷରୁ ସ୍ଥାନୀୟ ଭୀମଭୋଇ କଳା ମଣ୍ଡପ ପରିସରରେ ନିର୍ମାଣ ଶ୍ରମିକ ସେବା ସପ୍ତାହ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି । ଏହି ଅବସରରେ ଜିଲା ପରିଷଦ ଅଧ୍ୟକ୍ଷା ଉଷା କୁମାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରମିକମାନେ ନାମ ପଞ୍ଜୀକୃତ କରି ସରକାରଙ୍କ ବିଭିନ୍ନ ସହାୟତା ନେବାକୁ ପରାମର୍ଶ ଦେଇଥିଲେ । ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ପଞ୍ଜୀକୃତ ନିର୍ମାଣ ଶ୍ରମିକମାନଙ୍କୁ ଓଡ଼ିଶା ସରକାରଙ୍କ କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ପକ୍ଷରୁ ମିଳୁଥିବା ସୁବିଧା ସମ୍ବନ୍ଧୀୟ ସୂଚନା ଦେଇଥିଲେ । ଜିଲା ଶ୍ରମ ଅଧିକାରୀ ଡିଲେଶ୍ୱର ଖାଖା ସଚେତନତା ସଭାରେ ଅଧ୍ୟକ୍ଷତା କରି ନିର୍ମାଣ ଶ୍ରମିକ ସେବା ସପ୍ତାହ ପାଳନ ସମ୍ପର୍କରେ ସୂଚନା ଦେବା ସହ ପ୍ରସୂତୀ କାଳୀନ ସହାୟତା, ଶିକ୍ଷାବୃତ୍ତି ସହାୟତା, ବିବାହ ସହାୟତା, ଯନ୍ତ୍ରପାତି କ୍ରୟ ସହାୟତା ଓ ମୃତ୍ୟୁକାଳୀନ ସହାୟତା ସମ୍ପର୍କରେ କହିଥିଲେ । ଶ୍ରମିକ ନେତା ଗୋବିନ୍ଦ ମହାରଣା, ଗ୍ରାମୀଣ ଶ୍ରମ ନିରୀକ୍ଷକ ସବିତା ନାୟକ, ପାନମଣି ସୋରେନ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ତ୍ରିଲୋଚନ ବାରିକ୍ ସଭା ସଂଯୋଜନା କରିଥିଲେ। ମୋହନ କୁମ୍ଭାର କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ । ଏହି ଅବସରରେ ବହୁ ସଂଖ୍ୟକ ନିର୍ମାଣ ଶ୍ରମିକଙ୍କୁ ସହାୟତା ରାଶି ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ନିର୍ମାଣ ଶ୍ରମିକ ଓ ବିଭିନ୍ନ ଟ୍ରେଡ୍ ୟୁନିୟନର କର୍ମକର୍ତ୍ତା ଯୋଗ ଦେଇଥିଲେ ।



ସଚେତନତା ସଭାରେ ମଞ୍ଚାସୀନ ଅତିଥି ବୃନ୍ଦ।

# ମୁର୍ଷୁଣ୍ଡୀରେ ଉନ୍ନତ ବାଛୁରୀ ମେଳା

**ଅମରପାଲି,୬।୩(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅଧୀନ ମୁର୍ଷୁଣ୍ଡୀଠାରେ ବାଏଫ ଅନୁସନ୍ଧାନ ପ୍ରତିଷ୍ଠାନ ପକ୍ଷରୁ ଉନ୍ନତ ବାଛୁରୀ ମେଳା ଅନୁଷ୍ଠିତ ହୋଇଯାଇଛି। ମୁର୍ଷୁଣ୍ଡୀ ସରପଞ୍ଚ ରୀନା ପୁଟାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନାବାର୍ଡ ସୁବର୍ଣ୍ଣପୁରର ଟି.ଏମ୍. ରାଉତ ମୁଖ୍ୟଅତିଥି, ବୀରମହାରାଜପୁର ଭିଏଏସ୍ ଡ. ସୁବ୍ରତ କୁମାର ପୁରୋହିତ, ଡ. ସ୍ୱାଗତିକା ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ବାଏଫ ଜିଲା କ୍ଷେତ୍ର ଅଧିକାରୀ ସଚିନ କୁମାର ସିଂ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଗୋବିକାଶ କେନ୍ଦ୍ର ଅଧିକାରୀ ଶିଶୁପାଳ ପଧାନ ଓ ବିକାଶ ରଞ୍ଜନ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମେଳାରେ ଅଞ୍ଚଳର ପ୍ରାୟ ୧୫୦ ଗାଈ ବାଛୁରୀ ପ୍ରଦର୍ଶନ ହୋଇଥିଲା। ସୁଶିଲ ପଣ୍ଡା, ମନୁରାଜ କର୍ମୀ, ଭାସ୍କର ପଧାନ, ବସୁଦେବ ପଧାନ, ରଞ୍ଜନ କର୍ଣ୍ଣ, ମଧୁସୂଦନ ସୁରଜାଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।



### ଆଜି କ'ଣ କେଉଁଠି

ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଭିଜନ ୨୦୨୪ କ୍ରିକେଟ ଉଦ୍‌ଯାପିତ: ଡୋମିନେଟର ଚାମ୍ପିୟନ

**ଉଲୁଣ୍ଡା,୬।୩(ଡି.ଏନ୍.ଏ.)**

ଓଡ଼ିଶା କ୍ରିକେଟ ଆସୋସିଏଶନ, ଏସ୍‌ଡିସିଏ ସୋନପୁର ଏବଂ ଉଲୁଣ୍ଡା ବିସିଏର ମିଳିତ ଆନୁକୁଲ୍ୟରେ ଚାଲିଥିବା ଭିଜନ ୨୦୨୪ର ଫାଇନାଲ ଖେଳ ସୋନପୁର ଗାନ୍ଧୀ ପଡ଼ିଆରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ଖେଳରେ ଏସଡିସିଏ ଲାୟନ୍ସକୁ ହରାଇ ଡୋମିନେଟର ଦଳ ଚାମ୍ପିୟନ ହୋଇଛି। ଟସ୍ ଜିଣି ଡୋମିନେଟର ଦଳ ବ୍ୟାଟିଂ କରି ୩୫.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୮୧ ରନ୍ କରିଥିଲା। ଦଳ ପକ୍ଷରୁ ପ୍ରସାନ୍ତ କୁମାର ବିଶି ସର୍ବାଧିକ ୩୨ ରନ୍ କରିଥିବା ବେଳେ ସୌରଭ ତିରଆ ୨୪ ରନ୍ କରିଥିଲେ। ବିପକ୍ଷ ଦଳର ପ୍ରିତମ ପାଣିଗ୍ରାହୀ ୫ ଉଇକେଟ ଏବଂ ରାକେଶ କର୍ମୀ ୨ ଉଇକେଟ ହାସଲ କରିଥିଲେ। ଜବାବରେ ଏସ୍‌ଡିସିଏ ଲାୟନ୍ସ ଦଳ ୧୯ ଓଭରରେ ୬ ଉଇକେଟ ହରାଇ ୧୦୩ ରନ୍ କରିଥିବା ବେଳେ ବର୍ଷା ହେବାରୁ ଖେଳ ବାଧାପ୍ରାପ୍ତ ହୋଇଥିଲା। ଫଳରେ ଡି.ଏଲ୍ ନିୟମ ଅନୁସାରେ ଡୋମିନେଟର ଦଳକୁ ଚାମ୍ପିୟନ ଘୋଷଣା କରାଯାଇଥିଲା। ଦଳ ପକ୍ଷରୁ ସରୋଜ ମହାପାତ୍ର ସର୍ବାଧିକ ୪୨ ରନ୍ କରିଥିଲେ। ଖେଳକୁ ଶ୍ୟାମସୁନ୍ଦର ପଣ୍ଡା ଏବଂ ଶ୍ରୀବନ୍ତ ନାୟକ ପରିଚାଳନା କରିଥିଲେ। ସରୋଜ କୁମାର ମିଶ୍ର, ଆନନ୍ଦ ବାଗ ସ୍କୋରର ଦାୟିତ୍ୱ ତୁଲାଇଥିବା ବେଳେ ପାର୍ଥ ଦାସ ଏବଂ ମେଗମିଲନ ମହାକୁର ଧାରାବିବରଣୀ ପ୍ରଦାନ କରିଥିଲେ। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ସୋନପୁର ଜିଲା କ୍ରିକେଟ ସଙ୍ଘ ସଭାପତି ରାମ ଶଙ୍କର ସାହୁ, ସମ୍ପାଦକ ପ୍ରଦୀପ ସେଠୀ, ଉପସଭାପତି ବି. ସତ୍ୟନାରାୟଣ ରାଓ, ପୂର୍ବତନ ସଭାପତି ପଠାନ ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିଜେତା ଡୋମିନେଟର ଏବଂ ଉପବିଜେତା ଲାୟନ୍ସ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ମ୍ୟାନ ଅଫ ଦ୍ ମ୍ୟାଚ ଭାବେ ପୁରୁଷୋତ୍ତମ ମିଶ୍ର, ମ୍ୟାନ ଅଫ ଦ୍ ସିରିଜ ଏବଂ ବେଷ୍ଟ ବୋଲର ଭାବେ ପୁରୁଷୋତ୍ତମ ପାତ୍ର, ବେଷ୍ଟ ବ୍ୟାଟ୍ସମ୍ୟାନ ଭାବେ ଉମାଶଙ୍କର ହୋତା, ବେଷ୍ଟ ଫିଲଡର ଭାବେ ବିକାଶ ମଲ୍ଲିକଙ୍କୁ ପୁରସ୍କୃତ କରାଯାଇଥିଲା।

# କମୁନି ଦାରିଦ୍ର୍ୟ, ଅପପୁଷ୍ଟି



ସମ୍ମିଳନୀରେ ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ଭକ୍ତ ଚରଣ ଦାସ ସୂଚନା ଦେଉଛନ୍ତି ।

**ସୋନପୁର,୬।୩(ନି.ପ୍ର.)**

- ପଶ୍ଚିମାଞ୍ଚଳରେ ଦ୍ୱିତୀୟ ରାଜଧାନୀ ଦାବି
- କେବିକେ-କନ୍ଧମାଳରେ ହେଉ ସ୍ୱୟଂଶାସିତ ପରିଷଦ

ପଶ୍ଚିମାଞ୍ଚଳକୁ ସବୁବେଳେ ଅବହେଳା କରାଯାଉଛି। ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଏହି ଅଞ୍ଚଳକୁ ଗୁରୁତ୍ୱ ଦେଉନାହାନ୍ତି । ପଶ୍ଚିମ ଓଡ଼ିଶା ପ୍ରତି ଆଞ୍ଚଳିକ ବୈଷମ୍ୟତା ସରକାର ଦେଖାଉଛନ୍ତି । ସ୍ୱାଧୀନତା ପରେ ଦୀର୍ଘ ବର୍ଷ ଶାସନ ପରେ ବି ଅଞ୍ଚଳରୁ ଦାରିଦ୍ର୍ୟ, ଅପପୁଷ୍ଟି ହାର କମିନାହିଁ । ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳନ ହେଉଥିବା ବେଳେ ଅଞ୍ଚଳବାସୀ ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି । ପାନୀୟ ଜଳ, ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନ ସବୁ କ୍ଷେତ୍ରରେ ଉପେକ୍ଷା କରାଯାଉଛି । ତେଣୁ ଅଞ୍ଚଳର ସ୍ୱାଭିମାନ, ସମ୍ମାନ ଓ ବିକାଶ ପାଇଁ ଲଢେଇ କରିବାକୁ ପଡିବ । ପଶ୍ଚିମ ଓଡ଼ିଶାର କେନ୍ଦ୍ରସ୍ଥଳରେ ଦ୍ୱିତୀୟ ରାଜଧାନୀ ଏବଂ କେବିକେ–କନ୍ଧମାଳରେ ସ୍ୱୟଂଶାସିତ ପରିଷଦ ଗଠନ କରିବାକୁ ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ଭକ୍ତ ଚରଣ ଦାସ ଦାବି କରିଛନ୍ତି । ସୁବର୍ଣ୍ଣପୁର ସର୍କିଟ୍ ହାଉସଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ଦାସ କହିଛନ୍ତି, ପଶ୍ଚିମ ଓଡ଼ିଶାର କେନ୍ଦ୍ରସ୍ଥଳରେ ଦ୍ୱିତୀୟ ରାଜଧାନୀ ସ୍ଥାପନ ସହିତ ବର୍ଷରେ ଥରେ ବିଧାନସଭା ବସୁ । ସଚିବାଳୟ, ଉଚ୍ଚ ନ୍ୟାୟାଳୟ ସମେତ ଭୁବନେଶ୍ୱର ଭଳି ସବୁ ଅଫିସ ସ୍ଥାପନ କରାଯାଉ । ପଶ୍ଚିମ ଓଡ଼ିଶା ବିକାଶ ପରିଷଦର କାର୍ଯ୍ୟାଳୟ ଭୁବନେଶ୍ୱରରୁ ସ୍ଥାନାନ୍ତର ହେଉ। କେବିକେ–କନ୍ଧମାଳ ଅନ୍ତର୍ଗତ ଜିଲା ପାଇଁ ଆଗାମୀ ୧୦ ବର୍ଷ ଯାଏ ରାଜ୍ୟ ବଜେଟର ଏକ ତୃତୀୟାଂଶ ପ୍ରଦାନ କରନ୍ତୁ । ୨୦୦୪ରେ ରାଜ୍ୟ ସରକାର ଅଞ୍ଚଳର ସ୍ଥିତି ଜାଣିବା ପାଇଁ ଜଷ୍ଟିସ ଏସ୍.କେ. ମହାନ୍ତି କମିସନ ନିଯୁକ୍ତ କରିଥିଲେ । କମିସନଙ୍କ ରିପୋର୍ଟକୁ ଚାପି ଦିଆଗଲା। ବେକାରି ସମସ୍ୟା ବୃଦ୍ଧି ପାଉଛି। ଅଞ୍ଚଳର କଳା, ସଂସ୍କୃତି ଓ ଭାଷାକୁ ସମ୍ମାନ ମିଳୁନି । ଏହି ସମସ୍ତ ଦାବି ନେଇ ଆସନ୍ତା ଦୁଇରୁ ତିନି ମାସ ଭିତରେ ଏକ ଐତିହାସିକ ଅହିଂସାତ୍ମକ ଜନଆନ୍ଦୋଳନ ଆରମ୍ଭ କରାଯିବ । ପଶ୍ଚିମ ଓଡ଼ିଶାର ସମସ୍ତ ଜନପ୍ରତିନିଧି, ସାମାଜିକ ସଂଗଠନ, ବୁଦ୍ଧିଜୀବୀମାନଙ୍କ ସହିତ ଆଲୋଚନା ଜାରିରହିଛି। ବର୍ତ୍ତମାନ ସମୟ ଆସିଛି ସମସ୍ତେ ଏକଜୁଟ୍ ହେବାକୁ ହେବ ବୋଲି ଦାସ କହିଥିଲେ । ସମ୍ମିଳନୀ ପୂର୍ବରୁ ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ଜିଲାର ରାଜନୈତିକ ନେତୃବୃନ୍ଦ, ବୁଦ୍ଧିଜୀବୀ, ସମାଜିକ ସଂଗଠନର କର୍ମକର୍ତ୍ତା ଓ ବ୍ୟବସାୟୀ ସଂଘର କର୍ମକର୍ତ୍ତାଙ୍କ ସହିତ ଆଲୋଚନା କରିଥିଲେ । ପ୍ରାକ୍ତନ ବିଧାୟକ ରବି ନାରାୟଣ ପାଣିଗ୍ରାହୀ, ଗୌରିଶ୍ୟାମ ପଣ୍ଡା, ପ୍ରାକ୍ତନ ବିଧାୟକ ବିନୋଦ ପାତ୍ର, ଜିତେନ୍ଦ୍ର ପଟ୍ଟନାୟକ, ଗୋବିନ୍ଦ ମହାରଣା, ଶ୍ରୀବତ୍ସ ମଲ୍ଲିକ, ଶ୍ୟାମା ଓଁ ପ୍ରସାଦ ମିଶ୍ର, ପୁରୁଷୋତ୍ତମ ପାଣିଗ୍ରାହୀ, ଗଦାଧର ବାରିକ, ସତ୍ୟନାରାୟଣ ଦରୱାନ, ଧୀରେନ୍ଦ୍ର ପଟ୍ଟନାୟକ, ଗୁଣନିଧି ମେହେର, ସୁଧୀର ପଣ୍ଡା, ଶଙ୍କର ମହାପାତ୍ର ଓ ସୁମିତ ପୂଜାରୀ ପ୍ରମୁଖ ଉପସ୍ଥିତ ଥିଲେ ।

**UTKAL UNIVERSITY**
VANI VIHAR, BHUBANESWAR - 751004, ODISHA, INDIA
NAAC ACCREDITED A+

**ADVERTISEMENT**

No Estt-II / HC-1183 / 9600 / 2020 Dated: 14.2.2020

Applications along with Curriculum Vitae are invited for engagement of two Retired Doctors purely on contractual basis with consolidated remuneration of ₹ 55,000/- (Rupees fifty five thousand) only per month to work in the University Health Centre.
AGE LIMIT: Below 70 years.
The date of personal interview shall be intimated later on.

Sd/-
REGISTRAR

**IN THE DEBTS RECOVERY TRIBUNAL, CUTTACK**
C-71, Sector-7, CDA, Cuttack- 753014
**O.A.No. 73/2019**

Utkal Grameen Bank .... Applicant
-Versus-
Sri Kamal Lochan Samal .... Defendants

1- **Sri. Kamal Lochan Samal**, aged about 28 years, S/o- Trilochan Samal
2- **Sri Trilochan Samal**, age about 62 yrs., S/o- Late Kailash Samal

Both at Madhu Sudan Colony, Po/Ps- Rajgangpur, Dist- Sundargarh- 770017
Defendants

**Summons by paper publication for showing cause as to why reliefs prayed for should not be granted**

Take notice that the Applicant has instituted OA No. 73/19 in the Debts Recovery Tribunal, Cuttack for recovery of **Rs. 15,60,543.00** only pendentiliete and future interest thereon at the agreement rate till recover from the defendants with costs and for other reliefs. The above named defendants are hereby directed to appear before this tribunal in person or through advocates or authorized agents and show cause on 28/04/2020 at 10.30 A.M. positively as to why the reliefs prayed for should not be granted.

Take notice that in case of your default the original Application shall be heard and disposed off exparte in your absence.

Given under hand and seal of this Tribunal, on this 17th day of month February of 2020.

**By Orders of this Tribunal**
**Sd./- M.K. Patnaik**
**Registrar**
**Debts Recovery Tribunal, Cuttack**

**IN THE DEBTS RECOVERY TRIBUNAL, CUTTACK**
C-71, Sector-7, CDA, Cuttack- 753014
**O.A.No. 69/2019**

Utkal Grameen Bank .... Applicant
-Versus-
Sri Pratap Kumar Muduli & Others .... Defendants

1- **Sri. Pratap Kumar Muduli**, aged about 41 years, S/o- Janardan Muduli, At- Kumbharpara, Near Baba Talab, Po/Ps- Rajgangpur, Dist- Sundargarh- 770017
2- **Sri Narendra Singh**, age not known but major, S/o- Ram Sevak Singh
3- **Sri Binod Kumar Dash**, age not known but major, S/o- Kamal Dev Dash

Defendant nos.2 & 3 Residing At- Kumbharpada, Po/Ps- Rajgangpur, Dist- Sundargarh- 770017
Defendants

**Summons by paper publication for showing cause as to why reliefs prayed for should not be granted**

Take notice that the Applicant has instituted OA No. 69/19 in the Debts Recovery Tribunal, Cuttack for recovery of **Rs. 13,80,482.00** only pendentiliete and future interest thereon at the agreement rate till recover from the defendants with costs and for other reliefs. The above named defendants are hereby directed to appear before this tribunal in person or through advocates or authorized agents and show cause on 30/04/2020 at 10.30 A.M. positively as to why the reliefs prayed for should not be granted.

Take notice that in case of your default the original Application shall be heard and disposed off exparte in your absence.

Given under hand and seal of this Tribunal, on this 3rd day of month March of 2020.

**By Orders of this Tribunal**
**Sd./- M.K. Patnaik**
**Registrar**
**Debts Recovery Tribunal, Cuttack**

**PANCHAYAT SAMITI OFFICE, LOISINGHA**
Letter No. Date: 06.03.2020

**INVITATIONS FOR BIDS**
**Detail Tender Call Notice No. 01/LSG/2019-20, Dated: 06.03.2020**

1. The Block Dev. Officer, Loisingha on behalf of Governor of Odisha invites percentage rate bids in sealed cover in conformity with Detailed Tender Call Notice No. 01/LSG/2019-20 to be eventually drawn up in State P.W.D. Form P-1 contract for the execution of works detailed in the table from eligible class of contractors mentioned against the work registered with the State Governments and Contractors of equivalent Grade/Class Registered with Central Government/MES/Railways for execution of Civil Works, on production of definite proof from the appropriate authority. The bidders may submit bids for any or all of the following works.

| Sl. No. | Name of Work | Approximate Value of Work (Rs.) | Bid Security 1% EMD (Rs.) | Cost of Document | Class of Contractor | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Upgradation of Loisingha Degree College Building at Loisingha | 35,29,067/- | 35,300/- | 6,000/- | C & B | 12 (Twelve) Calendar Months |

2. Bid documents consisting of plans, specifications, the schedule of quantities and the set of terms and conditions of contract and other necessary documetns can be seen in the office of the undersigned during office hours every day except on Sundays and Public Holidays till last date of sale and receipt of tender papers. Interested bidders may obtain further information at the same address.
3. Bid must be accompanied by bid security (EMD - 1%) of the amount specified for the work in the table above in any one of the forms as specified in the bidding docuemnt i.e. **N.S.C./K.V.P./Postal Saving Bank Accounts/Deposit Receipt of Scheduled Bank/Post Office Term Deposit Account** duly pledged in favour of the Block. Dev. Officer, Loisingha. Bids must also be accompanied by self atested xerox copy of valid GST Clearance, PAN Card and valid contract registration certificate, up to date ITCC failing which the bid will be liable for rejection.
4. The sale of the Bid document shall start from **Dt.11.03.2020 to Dt.19.03.2020 upto 5.30 P.M. at Panchayat Samiti, Loisingha** and receipt of bid documents shall close on **Dt.19.03.2020 at 5.30 P.M.** in Panchayat Samiti, Loisingha & DRDA, Bolangir.
5. Bids must be delivered in the tender box having mentioned as Tender Call Notice No. 01/LSG/2019-20 in Panchayat Samiti, Loisingha & DRDA, Bolangir.
6. Bid documents can be down loaded from official website of Government of Odisha **(http://www.balangir.nic.in)**. The bidders who have downloaded the bidding documents from the internet site will have to pay the cost of the tender document as indicated in col. no. 5 of the above table in shape of Demand Draft/Bankers cheque in favour of Block. Dev. Officer, Loisingha, payable at **SBI Loisingha** in a separate envelope marked **"Cost of bidding documents downloaded from the internet"** with the bid document. Authority will not be hled responsible, if any portion of the bid document is excluded or modified in the downloaded bid document.
7. Bidding documents requested by mail will have to be dispatched by Registered/Speed Post on payment of an extra amount of Rs.500/- over the cost of documents. The undersigned will not be held responsible for the postal delay if any, in the delivery of the documents or non-receipt of the same.
8. The bids will be opened on the **Dt.20.03.2020 at 11.00 A.M.** in the office of the undersigned, in the presence of the members of tender committee of Panchayat Samiti, Loisingha, bidders or their authorized agents who wish to attend at the Conference Hall of Panchayat Samiti, Loisingha. If the office happens to be closed on the date of opening of the bids as specified the bids will be opened on the next working day at the same time and venue respectively. Other details can be seen in the bidding documents.
9. Additional performance security shall be deposited by the successful bidder when the bid amount is less than the estimated cost put to tender. In such an event, the bidder who have quoted less bid price/rates than the estimated cost put to tender shall have to furnish the exact amount of differential cost i.e. estimated cost put to tender minus the quoted amount as APS in shape of Demand Draft/Term Deposit Receipt pledged in favour of Development Officer, Loisingha by the successful bidder within seven days opening of the bid.
10. In case of Engineering contractors seeking exemption of EMD are instructed to enclose an affidavit regarding the list of works awarded during the current financial year 2019-20 with exemption of EMD along with an application to avail the same for this work and will submit copy of original contract licence and produce the original licence at the time of opening of tener, otherwise the tender will be rejected.
11. Scheduled Caste and Scheduled Tribe tenderers will be given concession where their tenders are within 10% of the rate quoted by the lowest tenderer, for any work, the work may be considered for award to him/them at the lowest tendered rate.
12. If any bidder quotes less than 15% (fifteen) of the amount put to tender then such a bid shall be rejected and the tender shall be finalized basing on merit of the rest bids.
13. The tenderer while submitting tender shall furnish an affidavit along with the tender about the authenticity of the tender documents including E.M.D. The conditional tender will not be accepted on any circumstances by the authority.
14. The tender bidding for more than one work is required to submit the bid documents separately i.e. one envelope for each work with individual EMD. The bidding documents are to be properly sealed and clearly superscripted with the name of work with serial nos of the work.
15. The percentage quoted in the tender without mentioning excess or less shall be treated as excess.
16. The agency bidding for the work put of this notice, shall have to mention percentage of excess/less (both in words & figure) over the amount put to tender required by him in the prescribed format at the end of the bill of quantity. In the event of discrepancies the words & figure, the percentage quoted in words will count.
17. Validity of tender shall be 90 days from the date of opening of the tender.
18. The Block Dev. Officer reserves right to reject any or all the tenders without assigning any reason thereof.

Sd./- [R.C. Khadia, OAS(1)SB], Block Dev. Officer, Loisingha



ମୁଁ ଅନ୍ୟକୁ ଥଟ୍ଟା କରେ ସତକଥା କହି, କାରଣ ସତ୍ୟ ହେଉଛି ସବୁଠାରୁ ବଳି ଆମୋଦଦାୟକ ଥଟ୍ଟା।
- ଜର୍ଜ ବର୍ନାଡ ଶ

## ସଂକ୍ଷେପରେ...

### ଟ୍ରେନ ଆଗକୁ ଡେଇଁ ଯୁବକଙ୍କ ଆତ୍ମହତ୍ୟା

ବରଗଡ଼ ଅଫିସ୍,୬।୩

ବରଗଡ଼ ରୋଡ୍ ରେଲଷ୍ଟେଶନରେ ଶୁକ୍ରବାର ସନ୍ଧ୍ୟା ପ୍ରାୟ ୭ଟାରେ ଟ୍ରେନ ସମ୍ମୁଖକୁ ଡେଇଁ ଜଣେ ଯୁବକଙ୍କ ଆତ୍ମହତ୍ୟା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି । ମୃତକ ଜଣକ ଛତିଶଗଡ଼ ରାଜ୍ୟ ସରାଇପାଲିର କାହ୍ନା ଅଗ୍ରୱାଲ ବୋଲି ଚିହ୍ନଟ ହୋଇଛି । ସମ୍ବଲପୁର ଜିଆରପି ଘଟଣାସ୍ଥଳକୁ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଶବକୁ ବ୍ୟବଚ୍ଛେଦ ପାଇଁ ବରଗଡ଼ର ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନା ଶବ ସଂରକ୍ଷଣ ଗୃହରେ ରଖାଯାଇଛି । ସୂଚନା ଅନୁଯାୟୀ, ହାୱାଡ଼ା-ଟିଟିଲାଗଡ଼ ଇସ୍ପାତ ଏକ୍ସପ୍ରେସ ସନ୍ଧ୍ୟା ପ୍ରାୟ ୭ଟାରେ ବରଗଡ଼ ରୋଡ୍ ରେଲଷ୍ଟେଶନ ପ୍ଲାଟଫର୍ମକୁ ପହଞ୍ଚିଥିଲା । ଟ୍ରେନ ଏଠାକୁ ପହଞ୍ଚିବା ସମୟରେ ଯୁବକ ଜଣକ ଟ୍ରେନ ଆଗକୁ ଡେଇଁ ପଡ଼ିଥିଲେ ଏବଂ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ହୋଇଥିବା କେତେକ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି । ତେବେ ଆତ୍ମହତ୍ୟାର କାରଣ ଜଣାପଡ଼ିନାହିଁ ।

### ବରଗଡ଼ରେ କ୍ୟାନ୍ସର ହସ୍ପିଟାଲ
### ରାଜ୍ୟଠାରୁ କୌଣସି ପ୍ରସ୍ତାବ ଗ୍ରହଣ କରିନାହିଁ କେନ୍ଦ୍ର

ଭୁବନେଶ୍ୱର,୬।୩(ବ୍ୟୁରୋ)-ରାଜ୍ୟର ବରଗଡଠାରେ ଲେଭଲ ୱାନ କ୍ୟାନ୍ସର ହସ୍ପିଟାଲ ପ୍ରତିଷ୍ଠା ନେଇ କୌଣସି ପ୍ରସ୍ତାବ ଓଡ଼ିଶା ସରକାର କେନ୍ଦ୍ର ସରକାରଙ୍କ ନିକଟକୁ ପଠାଇ ନ ଥିବା ଜଣାପଡିଛି। ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବା କଂଗ୍ରେସର ଏକମାତ୍ର ଲୋକ ସଭା ସଦସ୍ୟ ସପ୍ତଗିରି ଉଲ୍ଲାକାଙ୍କ ଏକ ଅଣତାରକା ପ୍ରଶ୍ନର ଉତ୍ତର ଦେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ ଅଶ୍ୱିନୀ କୁମାର ଚୌବେ ଶୁକ୍ରବାର ଲିଖିତ ଉତ୍ତରରେ ଏହା କହିଛନ୍ତି। ଚଳିତ ବର୍ଷ ପ୍ରାରମ୍ଭରେ ରାଜ୍ୟ ସରକାରଙ୍କ ପକ୍ଷରୁ ବରଗଡରେ କ୍ୟାନ୍ସର ହସ୍ପିଟାଲ ପ୍ରତିଷ୍ଠା ନେଇ ଘୋଷଣା କରାଯାଇଥିଲା। ଏହାର କିଛି ଦିନ ପରେ ଏକ ପ୍ରତିନିଧି ଦଳ ସ୍ଥାନୀୟ ଅଞ୍ଚଳ ପରିଦର୍ଶନ କରି ଡିପିଆର ପ୍ରସ୍ତୁତ କରିବା ନେଇ ପଦକ୍ଷେପ ନେଉଥିବା କୁହାଯାଇଛି।

### ଇଚ୍ଛାପୁର ସ୍କୁଲରେ ଜାତୀୟ ନିରାପତ୍ତା ଦିବସ ପାଳିତ

ଭବାନୀପାଟଣା,୬।୩(ଡି.ଏନ.ଏ.)

ଭବାନୀପାଟଣା ସଦର ବ୍ଲକ ଅନ୍ତର୍ଗତ ଇଚ୍ଛାପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜାତୀୟ ନିରାପତ୍ତା ଦିବସ ପାଳିତ ହୋଇଯାଇଛି। ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ବସୁମତୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ୪-ନେଭାଲ ଅଫିସର ଓଡିଶା ୟୁନିଟ୍ ଗୌରିଶଙ୍କର ଗୁପ୍ତା ଦିବସର ଗୁରୁତ୍ୱ ଉପରେ ଉଦ୍‌ବୋଧନ ଦେଇଥିଲେ।

# ଚିଟ୍‌ଫଣ୍ଡ ଟଙ୍କା ପାଇଁ ଜମାକାରୀ ବାରଦୁଆର

ନୂଆପଡା ଅଫିସ,୬।୩

■ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପଠାଇଲେ
■ ବିଧାୟକଙ୍କ ପ୍ରତିଶ୍ରୁତି ପରେ ଫେରିଲେ

ନୂଆପଡା ଭଳି ଅନୁନ୍ନତ ଏବଂ ଆର୍ଥିକ ଅନଗ୍ରସର ଜିଲାର ଲୋକଙ୍କ ସରଳତାର ସୁଯୋଗ ନେଇ କେତେକ ଚିଟଫଣ୍ଡ ସଂସ୍ଥା ଲୋକଙ୍କଠାରୁ ବିଭିନ୍ନ ଉପାୟରେ ପ୍ରଲୋଭିତ କରି ଟଙ୍କା ଲୁଟି ନେଇଛନ୍ତି । ଏହା ଉପରେ ସରକାର ପଦକ୍ଷେପ ନେବା ସ୍ୱରୂପ ଲୋକଙ୍କୁ ଟଙ୍କା ଫେରସ୍ତ କରିବା ନାଁରେ ବିଭିନ୍ନ ସମୟରେ ଭୁଲାଇ ଚାଲିଛନ୍ତି । ଏହା ଉପରେ ଜମାକାରୀମାନେ ଆନ୍ଦୋଳନ କରୁଥିଲେ ମଧ୍ୟ କୌଣସି ସୁଫଳ ପାଇପାରୁନାହାନ୍ତି । ବର୍ତ୍ତମାନର ବାର ଦୁଆର ହେଉଛନ୍ତି । ଶୁକ୍ରବାର ଶତାଧିକ ଜମାକାରୀମାନେ ନୂଆପଡା ଆସି ନୂଆପଡା ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ରାଜେନ୍ଦ୍ର ପ୍ରସାଦ ଢୋଲକିଆଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଏହା ଉପରେ ସେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ସୁଫଳ ଦେବାରେ ପ୍ରୟାସ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।

ପ୍ରକାଶ ଯେ, ଚିଟଫଣ୍ଡ ସଂସ୍ଥାର କଳାକାରନାମା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ହେବା ପରେ ରାଜ୍ୟ ସରକାର ସଂସ୍ଥାଗୁଡିକୁ ସିଲ କରିଥିବାବେଳେ ସୁପ୍ରିମକୋର୍ଟ ଏହାର ତଦନ୍ତଭାର ସିବିଆଇକୁ ଦେବା ସହ ଏହାର ମନିଟ୍ରେଲ ଅନୁସନ୍ଧାନ କରି ଜମାକାକରୀମାନଙ୍କ ଟଙ୍କା ଉଦ୍ଧାର ପାଇଁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟକୁ ନିର୍ଦ୍ଦେଶ ଦେଇଥିଲେ । ୨୦୧୩ ପୌର ନିର୍ବାଚନ, ୨୦୧୪ ସାଧାରନ ନିର୍ବାଚନ ପୂର୍ବରୁ ରାଜ୍ୟ ସରକାର କ୍ଷତିଗ୍ରସ୍ତଙ୍କୁ ଟଙ୍କା ଫେରସ୍ତ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ପୁଣି ୨୦୧୯ ନିର୍ବାଚନ ପୂର୍ବରୁ ତଦନ୍ତ କମିଶନ ୨୦୧୩ ସତ୍ୟପାଠର ଯାଞ୍ଚ କରି ରାଜ୍ୟ ସରକାରଙ୍କୁ ୭ ଦଫାରେ ଦେଇଥିବା ଜମାକାରୀ ତାଲିକା ତହସିଲ ଜରିଆରେ ଯାଞ୍ଚ କରିବାକୁ ପଠାଇଲେ । ସେ ସବୁ ଯାଞ୍ଚ ବର୍ତ୍ତମାନ ଯାଏଁ ସରିଲା ନାହିଁ। ଯେତିକି ଯାଞ୍ଚ କରାଯାଇଥିଲା ସେତକର ଟଙ୍କା ମଧ୍ୟ ଫେରସ୍ତ ହେଲା ନାହିଁ । କେତେକ ମୁଷ୍ଟିମେୟ ଲୋକଙ୍କୁ ଟଙ୍କା ଫେରସ୍ତ କରାଗଲା । ନିର୍ବାଚନ ପୂର୍ବରୁ ଆଚରଣ ବିଧି ବାହାନା କରି ସରକାର ଟଙ୍କା ଦେଲେନାହିଁ। ଏପର୍ଯ୍ୟନ୍ତ ଯାଞ୍ଚ ଅଥବା ଫେରସ୍ତ ପ୍ରକ୍ରିୟା ଆରମ୍ଭ କରାଗଲା ନାହିଁ । ଫଳରେ ଜମାକାରୀମାନଙ୍କ ମଧ୍ୟରେ ଅସନ୍ତୋଷ ଆନ୍ଦୋଳନର ଦାନା ବାନ୍ଧୁଛି । ଆଗାମୀ ଦିନରେ ଏହା ବିସ୍ଫୋରକ ରୂପ ନେବ ବୋଲି ଜିଲା ଆବାହକ ଅମର କୁମାର ସାହୁ କହିଛନ୍ତି । ଏହା ଉପରେ ମୁଖ୍ୟମନ୍ତ୍ରୀ ଖୋଦ ବିଶେଷ ଦୃଷ୍ଟି ଦେବା ପାଇଁ ଶାସକ ଦଳର ବିଧାୟକଙ୍କୁ ତାଙ୍କ କାର୍ଯ୍ୟାଳୟରେ ଦାବିପତ୍ର ପ୍ରଦାନ କରାଯାଇଛି । ଦାବିପତ୍ର ପ୍ରଦାନ ବେଳେ ବହୁଜମାକାରୀମାନେ ଉପସ୍ଥିତ ଥିଲେ। ଏହା ଉପରେ ନିଶ୍ଚିତ ଭାବେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ବିଧାୟକ ଢୋଲକିଆ ନିର୍ଭର ପ୍ରତିଶ୍ରୁତି ଦେଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ କୁଞ୍ଜଲାଲ ସାହୁ, ମଖନ ସୁନାନୀ, ହୃଦେ ଛତ୍ରିଆ, ଦେବେନ୍ଦ୍ର ରାଉତ,ଉଦ୍ଧବ ମାଝି ପ୍ରମୁଖ ସାମିଲ ଥିଲେ।



ଜମାକାରୀମାନେ ବିଧାୟକଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯାହା ଖାଇବ ପେଟକୁ,**
**ଯାହା ଦେବ ବାଟକୁ,**
**ଯାହା ଥୋଇବ ଖଣ୍ଟକୁ ।**

ଜୀବ ଥିବା ଯାଏ ଭଲ ଖାଇପିଇ ସ୍ୱାସ୍ଥ୍ୟ ଠିକ୍ ରଖିବା ଦରକାର। ଦାନ ଧର୍ମ କଲେ ବହୁ ପୁଣ୍ୟ ମିଳିଥାଏ। ମୃତ୍ୟୁ ପରେ ସଞ୍ଚିତ ଅର୍ଥ ଅନ୍ୟମାନେ ଭୋଗ କରନ୍ତି। ସୁକର୍ମ କରିଥିଲେ ମୃତ୍ୟୁ ପରେ ବି ଲୋକେ ଯଶଗାନ କରିଥାନ୍ତି। ଧନସମ୍ପତ୍ତି କେହି ସାଙ୍ଗରେ ନେଇଯାଇପାରି ନ ଥାନ୍ତି। ନିଜର ସୁଗୁଣ, ଯଶ ଗୌରବ ରହିଯାଏ, ସମସ୍ତେ ସେଇଥିପାଇଁ ମନେ ପକାଉଥିବା ଅର୍ଥରେ ଏଭଳି ସୁପରାମର୍ଶ ପ୍ରଦାନ କରାଯାଇଛି।

**ଯେନ ବାଣେ ହତ ବାଳୀ**
**ତେନ ବାଣେ ହତ ଲଙ୍କା ।**

ପ୍ରଭୁ ରାମଚନ୍ଦ୍ର ସୁଗ୍ରୀବ ସହ ବନ୍ଧୁତା କରି ବାନର ରାଜା ବାଳୀକୁ ବଧ କରିଥିଲେ। ସେହିପରି ବିଭୀଷଣ ସହାୟତାରେ ସେ ଲଙ୍କପତି ରାବଣକୁ ମାରିଥିବା ପୁରାଣରୁ ଜାଣିବାକୁ ମିଳିଥାଏ। ପରୋକ୍ଷରେ ଏକା ବାଣକେ ଦୁଇଟି ଶିକାର। ଗୋଟିଏ ଫଳାରେ ଦୁଇଟି ଷଡ଼ଯନ୍ତ୍ର ପଣ୍ଡ କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା: ଲି:

## ଲକ୍ଷେଘର ଜାତି ମହାସଙ୍ଘର ବାର୍ଷିକ ମହାସଭା

କୋଲାବିରା,୬।୩(ଡି.ଏନ.ଏ.)

ସାମାସିଂହା କଲ୍ୟାଣ ମଣ୍ଡପରେ ଲକ୍ଷେଘର ଜାତି ମହାସଂଘ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାସଂଘର ସଭାପତି ଭୁବନେଶ୍ୱର ଗର୍ଡିଆ ସଭାପତିତ୍ୱ କରିଥିଲେ। ସମ୍ପାଦକ ଅଶୋକ ଚାନ୍ଦ ବାର୍ଷିକ ବିବରଣୀ ପଠନ କରିଥିଲେ। ବିଶ୍ୱମ୍ଭର ମହାନନ୍ଦିଆ, ଖଗେଶ୍ୱର ଛଚ୍ଛାନ, ଲକ୍ଷ୍ମୀନାରାୟଣ ବାଗ, ଉତ୍ତମ ସୁନାନୀ, ଗଣେଶରାମ କରାଲି, ବିଜୟ ପୋଢ, ଡିଲେଶ୍ୱର ବାଗ, ରାଧେଶ୍ୟାମ ଗର୍ଡିଆ, ଶକ୍ତି ରଣବିଡା, ଦିବାକର କୁଆ, ଚଇତନ ବାଦୀ, ବିପ୍ରବର ସୁନାନୀ, ବିରାରୀ ମହାନନ୍ଦ, ସାଧୁ ବାଗ, ଜନ୍ମେଜୟ ଛଚ୍ଛାନ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

## ଗୁଣାତ୍ମକ ଶିକ୍ଷାରେ ପ୍ରାଇଭେଟ ସ୍କୁଲର ଭୂମିକା ଶୀର୍ଷକ କର୍ମଶାଳା

ଭବାନୀପାଟଣା,୬।୩ (ଡି.ଏନ.ଏ.)

କଳାହାଣ୍ଡି ପ୍ରାଇଭେଟ ସ୍କୁଲ ଆସୋସିଏଶନ ପକ୍ଷରୁ ଗୁଣାତ୍ମକ ଶିକ୍ଷାରେ ପ୍ରାଇଭେଟ ସ୍କୁଲର ଭୂମିକା ଶୀର୍ଷକ କର୍ମଶାଳା ଭବାନିପାଟଣା ସହରସ୍ଥିତ ଏସ.ଏନ ସଭାଗୃହ ରେଲୱେ ଷ୍ଟେଶନ ପରିସରରେ ଗତ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସଭାରେ ଆସୋସିଏଶନ ଅଧକ୍ଷ ଶିବରାମ ନାୟକ ଅଧକ୍ଷତା କରିଥିଲେ। ଅନୁଷ୍ଠିତ କର୍ମଶାଳାରେ ମୁଖ୍ୟଅତିଥି ରୂପେ କଳାହାଣ୍ଡି ଆରଡିଓ ଦୀନବନ୍ଧୁ ଶୁଣ୍ଢି ଯୋଗ ଦେଇଥିବାବେଳେ ଶିକ୍ଷାବିତ ବ୍ରହ୍ମାନନ୍ଦ ସାମଲ, ଡ. ଜୟ କୁଟି, ଇଂ ଅଜୟ ପଣ୍ଡା, ଆଇନଜୀବୀ ଗଣେଶ ପ୍ରସାଦ, ସାମାଜିକ କର୍ମୀ ଦୁଷ୍ମନ୍ତ ପ୍ରଧାନ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ । ଆସୋସିଏଶନ ସମ୍ପାଦକ ଡ. ଜାହାଙ୍ଗିର ଖାଁନ ସଭା ପରିଚାଳନା କରିଥିଲେ। ଜିଲାର ୧୩ଟି ବ୍ଲକର ବିଭିନ୍ନ ଘରୋଇ ସ୍କୁଲର ଶତାଧିକ ଅଧକ୍ଷ, ନିର୍ଦ୍ଦେଶକ, ପରିଚାଳନା କମିଟି ସଭ୍ୟସଭ୍ୟା, ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ଯୋଗଦେଇଥିଲେ। ଆଇନ ଅନୁସାରେ ସ୍କୁଲ ପରିଚାଳନା, ଏନଓସି ପାଇବା ପାଇଁ ସରକାରଙ୍କ ପକ୍ଷରୁ ହୋଇଥିବା କଟକଣା ସହ, ସ୍କୁଲ ପରିଚାଳନାରେ ବିଭିନ୍ନ ସମସ୍ୟାର ସମାଧାନ ଉପରେ ଆଲୋକପାତ କରାଯାଇଥିଲା। ଭବିଷ୍ୟତରେ ବିଭିନ୍ନ ସମାଜ ମଙ୍ଗଳସହ ଗୁଣାତ୍ମକ ଶିକ୍ଷାକୁ ତ୍ୱରାନ୍ୱିତ କରିବାକୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେବା ପାଇଁ ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଶିକ୍ଷକ ଯୋଗେଶ ନାଇକ ସ୍ୱାଗତ ଭାଷଣ ଦେଇଥିବା ବେଳେ ଆସୋସିଏଶନ ଉପଦେଷ୍ଟା କାଦିର ଖାଁନ ଧନ୍ୟବାଦ ଦେଇଥିଲେ।

## ଅବହେଳିତ ଶୈଶବ କର୍ମଶାଳା

ବରଗଡ଼ ଅଫିସ୍,୬।୩:

ବରଗଡ଼ର ଭିଏସଏସ ନଗର (ବାନ୍ଧୁଟିକ୍ରା) ନିକଟ ଏକ ପଡ଼ିଆରେ ଚାଲିଥିବା ସର୍ବଭାରତୀୟ ହସ୍ତଶିଳ୍ପ ମେଳା ଅବସରରେ ଅବହେଳିତ ଶୈଶବ ସମ୍ପର୍କୀତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଡୋଭ୍‌ର ସଭାପତି ସତ୍ୟନାରାୟଣ ସିଂହ ସାମନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ଅଧ୍ୟାପକ ଗୋପାଳକୃଷ୍ଣ ମିଶ୍ର ମୁଖ୍ୟଅତିଥି ଏବଂ ଡଃ ଅଶୋକ କୁମାର ମହାପାତ୍ର ବକ୍ତାଭାବେ ଯୋଗଦାନ କରିଥିଲେ। ସୁବାସ ଚନ୍ଦ୍ର ସାହୁ, ଡଃ ରବି ନାରାୟଣ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅତିଥିବୃନ୍ଦ ଶିଶୁଙ୍କ ସୁରକ୍ଷା, ଯତ୍ନ ଏବଂ ଅଧିକାର ଉପରେ ନିଜ ମତ ରଖିଥିଲେ । ସନ୍ଧ୍ୟାରେ ଦଳଗତ ନୃତ୍ୟ ପରିବେଷଣ କରାଯାଇଥିଲା। ଡୋଭ୍‌ର ସମ୍ପାଦକ ଅନୀଲ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ନକଲି କୀଟନାଶକ ବିକ୍ରି, ଜଣେ ଗିରଫ

ବାଉଁଶୁଣୀ,୬।୩(ଡି.ଏନ.ଏ)

ବୌଦ୍ଧ ଜିଲା ବାଉଁଶୁଣୀ ପୋଲିସ ନକଲି କୀଟନାଶକ ବିକ୍ରି ଅଭିଯୋଗରେ ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ବାଲାଜୀ ଷ୍ଟୋରର ମାଲିକ ବିକାଶ ଅଗ୍ରୱାଲା ।

ସୂଚନା ଅନୁସାରେ, ଉତ୍ତରପ୍ରଦେଶର କୀଟନାଶକ ପ୍ରସ୍ତୁତ କମ୍ପାନୀ ଏଫଏମସିର ପ୍ରତିନିଧି ରବି କୁମାର ଜୟସ୍ୱାଲ ଗୁରୁବାର ବାଉଁଶୁଣୀ ବାଲାଜୀ ଷ୍ଟୋରରେ ପହଞ୍ଚି ଚାଷରେ ପ୍ରୟୋଗ କରାଯାଉଥିବା ଫଟେରା କୀଟନାଶକ ମାଗିଥିଲେ। ଦୋକାନୀ ସମ୍ପୃକ୍ତ କୀଟନାଶକ ପ୍ରଦାନ କରିବା ପରେ ରବିକୁମାର ତାକୁ ନେଇ ନିଜ କମ୍ପାନୀର ପ୍ୟାକେଟ ସହିତ ମିଳାଇବା ପରେ ତାହା ନକଲି ବୋଲି ଜାଣିବାକୁ ପାଇଥିଲେ। ଏ ନେଇ ସେ ବାଉଁଶୁଣୀ ଥାନାରେ ଅଭିଯୋଗ କରିଥିଲେ । ତାଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ବାଲାଜୀ ଷ୍ଟୋର ଉପରେ ଚଢାଉ କରି ୨୬ ପ୍ୟାକେଟ କୀଟନାଶକ ଜବତ କରିବା ସହିତ ଦୋକାନ ମାଲିକ ଅଗ୍ରୱାଲାଙ୍କୁ ଗିରଫ କରିଥିଲା। ଏ ନେଇ ବାଉଁଶୁଣୀ ଥାନାରେ ଏକ ମାମଲା (ନଂ.୨୯/୨୦) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ଆର. ସୁବ୍ରମଣ୍ୟମ ପ୍ରଧାନ ପ୍ରକାଶ କରିଛନ୍ତି ।





ଜବତ ନକଲି କୀଟନାଶକ ଓ ଗିରଫ ଅଭିଯୁକ୍ତ ।

## ବିଭିନ୍ନ ପ୍ରଜାତିର ସାଇଜ କାଠ, ଟାଟା ମ୍ୟାଜିକ ଗାଡ଼ି ଜବତ

ଭବାନୀପାଟଣା,୬।୩ (ଡି.ଏନ.ଏ.)

**୨ ଜଣଙ୍କୁ କୋର୍ଟ ଚାଲାଣ**

ଭବାନୀପାଟଣା ଚୁଡିହାରିପଡାଠାରେ ଚଢ଼ାଉ କରି ବନ ବିଭାଗ ଏକ ଟାଟା ମ୍ୟାଜିକ ଗାଡିରୁ ୨୦ ଖଣ୍ଡ ବିଭିନ୍ନ ପ୍ରଜାତିର ସାଇଜ କାଠ ଜବତ କରିଛି। ଉକ୍ତ ଗାଡିରେ ଥିବା ୨ ଜଣ ମୁଷାନାଲ ଗ୍ରାମର ସୁରେଶ ହରିଜନ ଓ ସୁଶାନ୍ତ ହରିଜନଙ୍କୁ ଗିରଫ କରି ଶୁକ୍ରବାର ସନ୍ଧ୍ୟାରେ କୋର୍ଟ ଚାଲାଣ କରିଥିବା ବିଭାଗୀୟ ସୂତ୍ରରୁ ଜଣାପଡିଛି। ଜବତ କାଠର ମୂଲ୍ୟ ୨୫ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି କୁହାଯାଇଛି।

ଶୁକ୍ରବାର କଳାହାଣ୍ଡି ଉତ୍ତରବନଖଣ୍ଡ ଡିଏଫ୍‌ଓ ନିତିଶ କୁମାରଙ୍କ ନିର୍ଦ୍ଦେଶକ୍ରମେ ଓ ଏସିଏଫ୍ ବଂଶିଧର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଭବାନୀପାଟଣା ରେଞ୍ଜର ପାଟ୍ରୋଲିଂ ସ୍କ୍ୱାଡ, ସଦର ରେଞ୍ଜର ନୃତ୍ୟରାଜ ମାଝିଙ୍କ ନେତୃତ୍ୱରେ ପାଟ୍ରୋଲିଂ କରୁଥିଲେ। ଭବାନୀପାଟଣା ଚୁଡିହାରିପଡାଠାରେ ଏକ ଟାଟା ମ୍ୟାଜିକ ଗାଡିରେ ମୂଲ୍ୟବାନ ବିଭିନ୍ନ ପ୍ରଜାତିର ସାଇଜ କାଠ ଚୋରା ଚାଲାଣ ହେଉଥିବା କୌଣସି ସୂତ୍ରରୁ ଖବର ପାଇଥିଲେ। ସେଠାରେ ଟାଟା ମ୍ୟାଜିକ ଗାଡି (ନଂ. ଓଡି୦୮ ଇ ୯୯୦୩) ଅଟକାଇ ଯାଞ୍ଚ କରିଥିଲେ। ଉକ୍ତ ଗାଡିରେ ୨୦ ଖଣ୍ଡ ସାଇଜ ବିଭିନ୍ନ ପ୍ରଜାତିର କାଠ ଜବତ କରିବା ସହ ଉକ୍ତ ଗାଡିରେ ଥିବା ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ରେଞ୍ଜର ମାଝି, ଟାଉନ ଫରେଷ୍ଟର ଡମ୍ବରୁଧର ପ୍ରଧାନ, ସାନ୍ତପୁର ଫରେଷ୍ଟର ରତ୍ନାକର ଧରୁଆ, ଟାଉନ ଫରେଷ୍ଟ ଗାର୍ଡ ବିଶ୍ୱଜିତ୍ ଠାକୁର, ଭବାନୀ ଶଙ୍କର ପରିଚ୍ଛା, ଇନ୍ଦୁ ଭୂଷଣ ଧଙ୍ଗଡାମାଝି, ହେମନ୍ତ ଗଉଡ, ସତ୍ୟ ମାଝି, ଭାଗବତ ଭୂଷଣ ବେହେରା, ରଜନୀକାନ୍ତ ମେହେର ଓ ଦିଅଲୁ ରାଉତ ପ୍ରମୁଖ ଚଢ଼ାରେ ସାମିଲ ଥିଲେ ।





ଜବତ ଗାଡ଼ି ଓ ସାଇଜ କାଠ ।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE FINANCE

GANPATI FINANCE
GANPATI ଋଣ 2%ବାର୍ଷିକ ସୁଧରେ ମାତ୍ର ୨୪ ଘଣ୍ଟାରେ ଘରେବସି ପାଆନ୍ତୁ
ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ
ଯେବେ କଉଠି ନ ମିଳେ ଲୋନ୍ ଆମକୁ କରନ୍ତୁ ଫୋନ୍
Plot No-14/524, Chandini Chowk, Kolkata
8396000562
8607796713

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

ଋଣ ଧମାକା
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଦର୍ଶ ଫାଇନାନ୍ସ
ପୂରା ରାଜ୍ୟରେ ପ୍ରଥମ ଥର ପାଇଁ ପିଏମ୍ ଜନଧନ ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
2% ସୁଧ - 50% ରିହାତିରେ
ଆଧାରକାର୍ଡ | ରାଶନକାର୍ଡ
ପର୍ସନାଲ | ପ୍ରପର୍ଟି
ଏଗ୍ରିକଲ୍‌ଚର | ବ୍ୟବସାୟ
ଗୃହ ଋଣ | ଟୁ-ହ୍ୱିଲର୍
ଗ୍ରୁପ୍ ଋଣ | ପଶୁପାଳନ
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
କମ୍ କାଗଜପତ୍ର କାମ
କମ୍ ଖରାପ ସିବିଲଧାରୀଙ୍କୁ ମଧ ଋଣ
8929889612
7290830466
Shahajahanabad, Bhopal (MP)

ସରସ ଫାଇନାନ୍ସ
ଋଣ ନିଅନ୍ତୁ ମାତ୍ର ୨୪ ଘଣ୍ଟାରେ
ସମସ୍ତ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଲୋନ, ପଶୁପାଳନ, ବିଜ୍‌ନେସ୍ ଏବଂ ଘର ଋଣ
ସହଜ କିସ୍ତିରେ ସବୁ ପ୍ରକାର ଋଣ ଉପଲବ୍ଧ
Online ସୁବିଧା, ଥରେ ମାତ୍ର ବିଶ୍ୱାସ କରି ଦେଖନ୍ତୁ
ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

BUSINESS BUSINESS

ଦୟାକରି ଧ୍ୟାନ ଦିଅନ୍ତୁ
ଖାଲିଥିବା ଜମି, ଛାତ ଓ ପ୍ଲଟ୍‌ରେ Tower Vision କମ୍ପାନୀର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 30,000/- ଟଙ୍କା ପାଆନ୍ତୁ
ଜମି ଛାତ ପ୍ଲଟ୍
07449881156
08295828950

BUSINESS
ମୋବାଇଲ ଟାୱାର
ସିୟା ରାମ ଟାୱାର କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ ଉପରେ ୪ଜି ମୋବାଇଲ ଟାୱାର ଲଗାନ୍ତୁ ।
ମାସିକ ଭଡା - ୯୦,୦୦୦/-, ଆଡଭାନ୍ସ - ୯୦ଲକ୍ଷ + ଚାକିରୀ + ୨୦ବର୍ଷ ଏଗ୍ରିମେଣ୍ଟ
9667567748
9667567752

ASTROLOGY ASTROLOGY

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9903852257
9818298397

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

DHARITRI Career appointment Every Wednesday and Saturday


ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ତ୍ୟାଗ ଜୀବନର ମୂଳ ଲକ୍ଷ୍ୟ ହେଉ। ତ୍ୟାଗ ନ କଲେ ଏହି ଗଭୀର ଜୀବନ ସମସ୍ୟାର ରହସ୍ୟ ଭେଦ କରିପାରିବ ନାହିଁ।
-ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### କାନ୍ଥ ପଡ଼ି ୧୬ ମେଣ୍ଢା ମୃତ

ମନମୁଣ୍ଡା, ୬।୩ (ଡି.ଏନ.ଏ): ମନମୁଣ୍ଡା ଥାନା ଖଟଖଟିଆ ପଞ୍ଚାୟତ ରେଙ୍ଗାଲି ଗ୍ରାମରେ ଶୁକ୍ରବାର କାନ୍ଥ ପଡି ପ୍ରମୋଦ ବାରିକଙ୍କ ୧୬ ପଟ ମେଣ୍ଢାଙ୍କ ମୃତ୍ୟୁ ହୋଇଛି । ପ୍ରବଳ ଝଡ ତୋଫାନ ସାଙ୍ଗକୁ ମୂଷଳଧାରାରେ ବର୍ଷା ଓ କୁଆପଥର ମାଡରେ ଆଜବେଷ୍ଟସ ଛାଉଣୀ ମେଣ୍ଢାଶାଳ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିଲା । ଫଳରେ ୧୬ ପଟ ମେଣ୍ଢା କାନ୍ଥ ତଳେ ଚାପି ହୋଇ ଯାଇଥିଲେ। ପ୍ରଶାସନ ତାଙ୍କୁ ସାହାଯ୍ୟ କରିବାକୁ ଦାବି ହୋଇଛି ।

### ନୂର୍ପା ରାସ୍ତାରେ ଆଣ୍ଠୁଏ ପାଣି

ମନମୁଣ୍ଡା, ୬।୩ (ଡି.ଏନ.ଏ): ମନମୁଣ୍ଡା ପଞ୍ଚାୟତ ନୂର୍ପା ଗ୍ରାମ ଡାଙ୍ଗମୁଣ୍ଡା ରାସ୍ତାରେ ବର୍ଷା ଯୋଗୁ ଆଣ୍ଠୁଏ ପାଣି ଜମା ହୋଇ ରହିଛି । ଜଳ ନିଷ୍କାସନ ପାଇଁ ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ଗଙ୍ଗା ନାଏକ, ଶୁକ୍ରୁ ବେହେରାଙ୍କ ସମେତ ଅନେକଙ୍କ ଘରକୁ ବର୍ଷା ପାଣି ପଶି ଯାଇଛି। ରାସ୍ତା ସାର କାଦୁଆ ପଚପଚ ହୋଇପଡିଛି । ଫଳରେ ଯିବା ଆସିବା ମୁସ୍କିଲ ହୋଇଛି। ଏ ନେଇ ପଦକ୍ଷେପ ନେବାକୁ ଗ୍ରାମର ସଞ୍ଜୀବ ମହଲା, ଗଙ୍ଗା ନାଏକ ପ୍ରମୁଖ ଦାବି ଜଣାଇଛନ୍ତି ।

### ସୁଦସାହିରେ ଅଷ୍ଟପ୍ରହର ନାମଯଜ୍ଞ

ବୌଦ୍ଧ,୬।୩(ସ୍ୱ.ପ୍ର): ବୌଦ୍ଧ ସହରର ସୁଦସାହିଠାରେ ଭଗବତ କମିଟି ପକ୍ଷରୁ ଅଷ୍ଟପ୍ରହର ନାମଯଜ୍ଞ ଆରମ୍ଭ ହୋଇଛି। ଶୁକ୍ରବାର ସକାଳୁ ମହାନଦୀରେ ପୂଜାର୍ଚ୍ଚନା ପରେ ଜଳପୂର୍ଣ୍ଣ କଳସ ଆଣି ମଣ୍ଡପରେ ସ୍ଥାପନ କରାଯାଇଥିଲା। ବବଲୁ ପାଢି ପୂଜାକାର୍ଯ୍ୟ କରିଥିବାବେଳେ ସବ୍ୟସାଚୀ ସାହୁ ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ନାମଯଜ୍ଞରେ ୧୦ଟି ସଂକୀର୍ତ୍ତନ ଦଳ ସହ ଏକ ମହିଳା ସଂକୀର୍ତ୍ତନ ମଣ୍ଡଳୀ ସାମିଲ ହୋଇଛନ୍ତି । ଶନିବାର ଏହି ନାମଯଜ୍ଞ ପୂର୍ଣ୍ଣାହୂତି ହେବା ସହ ନଗର ଭ୍ରମଣ ଓ ଦହିହାଣ୍ଡି ଖେଳ ହେବ ବୋଲି ଆୟୋଜକ କମିଟି ପକ୍ଷରୁ ସୂଚନା ଦିଆଯାଇଛି।

### ନାମଯଜ୍ଞ ପାଇଁ କଳସଯାତ୍ରା

ଅତାବିରା, ୬।୩ (ଡି.ଏନ.ଏ): ଭେଡେନ ବ୍ଲକ ଦେଶଭଟିଲି ପଞ୍ଚାୟତ ସାଲନା ଗ୍ରାମରେ ୨୪ ପ୍ରହର ନାମଯଜ୍ଞ ପାଇଁ ଶୁକ୍ରବାର ଏକ ଶୋଭାଯାତ୍ରାରେ ଗାଁ ନିକଟସ୍ଥ ପୋଖରୀରୁ ଜଳପୂର୍ଣ୍ଣ କଳସ ଆଣି ମଣ୍ଡପରେ ସ୍ଥାପନ କରାଯାଇଥିଲା। ଗାଁ ଗୌନ୍ତିଆ ସୌମ୍ୟରଞ୍ଜନ ହୋତା କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପଣ୍ଡିତ ଟିକୁ ନାୟକ, ପଣ୍ଡିତ ଜଗନ୍ନାଥ ପୁରୋହିତ ହୋମଯଜ୍ଞ କରିଥିଲେ । ଗୋକୁଳା ସେଟ, ଶୁଭେକି ବିଶି, ଭବାନୀ ଝାଙ୍କର, ଶ୍ୟାମ ମୁଦୁଲି, କୁନ୍ତି ପାଣ୍ଡେ ପ୍ରମୁଖ ସହଯୋଗ କରିଥିଲେ ।



### ଉତ୍କଳ ଦିବସ ପାଇଁ ପ୍ରଶାସନିକ ପ୍ରସ୍ତୁତି

ବୌଦ୍ଧ,୬।୩(ସ୍ୱ.ପ୍ର): ଆସନ୍ତା ଉତ୍କଳ ଦିବସକୁ ମହାସମାରୋହରେ ପାଳନ କରିବା ପାଇଁ ଶୁକ୍ରବାର ଏକ ପ୍ରସ୍ତୁତି ବୈଠକ ଟାଉନହଲଠାରେ ଜିଲାପାଳ ଲଲାଟେନ୍ଦୁ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ପ୍ରତିବର୍ଷ ଭଳି ଶିକ୍ଷାନୁଷ୍ଠାନକୁ ଉତ୍ସବରେ ସାମିଲ କରାଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଉକ୍ତ ଦିନ ସହରର ବିଭିନ୍ନ ଛକରେ ସ୍ଥାପିତ ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟଅତିଥିଙ୍କ ଦ୍ୱାରା ମାଲ୍ୟାର୍ପଣ ପରେ ଟାଉନହଲଠାରେ ଜିଲାସ୍ତରୀୟ ଉତ୍ସବ ଆୟୋଜନ କରାଯିବ। ଏଥିପାଇଁ ବିଜ୍ଞାପିତ ଅଞ୍ଚଳ ପରିଷଦ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଆବଶ୍ୟକୀୟ ପ୍ରସ୍ତୁତି କରାଯିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ବୈଠକରେ ଦେବୋତ୍ତର ଅଧିକାରୀ ତଥା ଉପଜିଲାପାଳ ଏନସି ଜ୍ୟୋତିରଞ୍ଜନ ନାଏକ,ଏସ୍‌ପି ଭି. ରଘୁନାଥ ରାଓ, ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ସୂର୍ଯ୍ୟ ନାରାୟଣ ଦାଶ, ଆଇନଜୀବୀ ଅଚ୍ୟୁତାନନ୍ଦ ମିଶ୍ର ଏବଂ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶିଶିର କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଚାଷୀ ପଞ୍ଜୀକରଣକୁ ନେଇ ଅଶାନ୍ତି

ବରଗଡ଼ ଅଫିସ୍,୬।୩

**ବରଗଡ଼ ଜିଲା**
- ତୋରା ପ୍ୟାକ୍ସ ପଞ୍ଜୀକରଣ ଅଫିସ୍ ଅଚଳ କଲେ ଚାଷୀ
- ସମସ୍ୟାର ସମାଧାନ ପାଇଁ ଜିଲାପାଳଙ୍କୁ ଭେଟିଲେ
- ଆଜିଠାରୁ ପ୍ୟାକ୍ସକୁ ସମ୍ପୂର୍ଣ୍ଣ ଅଚଳ ଚେତାବନୀ

ରବିରରୁ ଧାନ କିଣାବିକା ପାଇଁ ଚାଷୀ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ମାତ୍ର ଏହା ଅବ୍ୟବସ୍ଥିତ ହୋଇ ପଡ଼ିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ଏଭଳି ଅଭିଯୋଗ ନେଇ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ଏହି କ୍ରମରେ ଶୁକ୍ରବାର ତୋରା ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ) ଅଧିନ ଚାଷୀମାନେ ସମିତି ପରିସରରେ ରହିଥିବା ପଞ୍ଜୀକରଣ କାର୍ଯ୍ୟାଳୟକୁ ଅଚଳ ସହିତ ସେଠାରେ ଏକ ବୈଠକ କରିଥିଲେ । ସେହିପରି ବରଗଡ଼ ଜିଲା ଚାଷୀ ସଂଗଠନ ସମନ୍ୱୟ ସମିତିର ଏକ ପ୍ରତିନିଧି ଦଳଙ୍କ ସମେତ ତୋରା ଅଞ୍ଚଳର ଚାଷୀମାନେ ଜିଲାପାଳଙ୍କୁ ଫେରାଦ ହୋଇଥିଲେ । ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କୁ ଭେଟି ସେମାନେ ପଞ୍ଜୀକରଣ ସମସ୍ୟା ଉପରେ ଅବଗତ କରିବା ସହିତ ତାର ସମାଧାନ ପାଇଁ ଦାବି କରିଥିଲେ ।

ସୂଚନା ଅନୁଯାୟୀ, ତୋରା ପ୍ୟାକ୍ସ ଅଧୀନରେ ରହିଥିବା ଚାଷୀଙ୍କ ୧୭୧ଏକର ୬୫ଡେସିମିଲ ପତିତ, ବର୍ଚ୍ଛା ଜମି ରହିଛି । ଏଥିରେ ଚାଷୀମାନେ ଧାନ ଚାଷ କରୁଛନ୍ତି। ମାତ୍ର ବାରମ୍ବାର ଜଣାଇବା ସତ୍ତ୍ୱେ ଏହି ଜମିକୁ ପଞ୍ଜୀକରଣରେ ଅନ୍ତର୍ଭୁକ୍ତ କରାଯାଉନାହିଁ । ଫଳରେ ଅଞ୍ଚଳର ଚାଷୀମାନେ ଅମଳ ଧାନ ବିକ୍ରି କରି ନ ପାରି ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏ ସମ୍ପର୍କରେ ସ୍ଥାନୀୟ ତହସିଲଦାର, ଜିଲାପାଳଙ୍କଠାରୁ ଆରମ୍ଭ କରି ଆରଡ଼ିସି, ଯୋଗାଣ କମିଶନର ପ୍ରମୁଖଙ୍କୁ ଚାଷୀମାନେ ଦୃଷ୍ଟି ଆକର୍ଷଣ କରିସାରି ଥିବାବେଳେ ସ୍ଥାନୀୟ ତହସିଲଦାର ମଧ୍ୟ କ୍ଷେତ୍ର ପରିଦର୍ଶନ କରି ସେଠାରେ ଧାନଚାଷ ହେଉଥିବା ନେଇ ଜାଣିବାକୁ ପାଇଛନ୍ତି। କିନ୍ତୁ ସେହି ଚାଷଜମିକୁ ପଞ୍ଜୀକରଣ ସମୟରେ ଅନ୍ତର୍ଭୁକ୍ତ କରାଯାଉ ନଥିବା ଯୋଗୁ ତୋରା ଅଞ୍ଚଳର ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି । ଏହାକୁ ନେଇ ଚାଷୀମାନେ ପଞ୍ଜିକରଣ କାର୍ଯ୍ୟାଳୟକୁ ଶୁକ୍ରବାର ଅଚଳ କରିଦେଇ ଥିବାବେଳେ ଶନିବାରର ତୋରା ପ୍ୟାକ୍ସକୁ ସମ୍ପୂର୍ଣ୍ଣ ଅଚଳ କରିଦେବେ ବୋଲି ଚେତାବନୀ ଦେଇଛନ୍ତି ।

ସେହିପରି ଏଭଳି ପଞ୍ଜୀକରଣ ସମସ୍ୟା ନେଇ ବରଗଡ଼ ଜିଲା କୃଷକ ସଙ୍ଗଠନ ସମନ୍ୱୟ ସମିତି ପକ୍ଷରୁ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ପ୍ରକୃତ ଧାନଚାଷକୁ ଅନୁଧ୍ୟାନ କରା ନ ଯାଇ କାଗଜପତ୍ର ଆବେଦନର ଆଧାରରେ ପଞ୍ଜୀକରଣ ଚାଲିଥିବା ସମିତି ପକ୍ଷରୁ ଅଭିଯୋଗ ହୋଇଛି । ସେହିପରି ଗଭୀର ନଳକୂପ ପାଇଁ ମାତ୍ର ୧ହେକ୍ଟର ସକାଶେ ଅନୁମତି ପ୍ରଦାନ କରାଯାଉଛି ଏବଂ ବିଦ୍ୟୁତ ବିଲ୍ ଆବଶ୍ୟକ ହେଉଥିବା ଯୋଗୁ ସେଥିରେ ବକେୟା ଦେୟ ପ୍ରଦାନ ପାଇଁ ଚାପ ପକାଯାଉଛି ବୋଲି ଅଭିଯୋଗ ହୋଇଛି। ଅନ୍ୟପଟେ ଜମିରେ ଧାନଚାଷ ହୋଇଥିଲେ ମଧ୍ୟ ବିଭିନ୍ନ କାରଣ ଦର୍ଶାଇ ଚାଷୀଙ୍କ ସେହି ଚାଷଜମିକୁ ପଞ୍ଜୀକରଣରୁ ବାଦ୍ ଦିଆଯାଉଥିବା ଅଭିଯୋଗ ହୋଇଛି। ଫଳରେ ଏ ଦିଗରେ ବିହିତ ପଦକ୍ଷେପ ନେବାକୁ ଚାଷୀ ସଙ୍ଗଠନ ସମନ୍ୱୟ ସମିତି ଦାବି କରିଛି । ଚାଷୀନେତା କିଶୋର ଦେବତା, ଲକ୍ଷ୍ମଣ ପ୍ରଧାନ, ସୁବାସ ବିଶ୍ୱାଳ ପ୍ରମୁଖ ସ୍ମାରକପତ୍ର ପ୍ରଦାନବେଳେ ଉପସ୍ଥିତ ଥିଲେ ।

## ଶ୍ୟାମ ବିହାରୀଙ୍କ ଶତରଙ୍ଗୀ ରଥଯାତ୍ରା

ଭଟଲି,୬।୩(ଡି.ଏନ.ଏ)



ପ୍ରଭୁ ଶ୍ରୀ ଶ୍ରୀ ଶ୍ୟାମ ବିହାରୀ ।

ସମଗ୍ର ଦେଶରେ ଦ୍ୱିତୀୟ ଶ୍ୟାମଧାମ ଭାବେ ଅଭିହିତ ଭଟଲି ଶ୍ୟାମ ବିହାରୀ ପୀଠରେ ସତରଙ୍ଗୀ ଫାଲଗୁନ ମେଳା (ଶ୍ରୀ ଶ୍ରୀ ଶ୍ୟାମ ବିହାରୀ ରଥଯାତ୍ରା) ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଗୁରୁବାର ସନ୍ଧ୍ୟାରେ ବରଗଡ଼ରେ ଏକ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶୁକ୍ରବାର ପୂର୍ବାହ୍ନରୁ ଶ୍ରଦ୍ଧାଳୁ ଭକ୍ତମାନେ ଏକ ନିଶାନ ପଦଯାତ୍ରାରେ ଭଟଲି ଧାମ ପର୍ଯ୍ୟନ୍ତ ଝଣ୍ଡା ଧରି ଶୋଭାଯାତ୍ରା କରିଥିଲେ । ବାବାଙ୍କ ମନ୍ଦିରରେ ଏହି ଶୋଭାଯାତ୍ରା ପହଞ୍ଚିବା ପରେ ପ୍ରଭୁ ଶ୍ରୀ ଶ୍ରୀ ଶ୍ୟାମ ବିହାରୀଙ୍କୁ ଅଲୌକିକ ଶୃଙ୍ଗାର କରାଯାଇଥିଲା । ଏହାପରେ ଭକ୍ତମାନେ ପ୍ରଭୁଙ୍କ ଦର୍ଶନ କରିଥିଲେ। ଅପରାହ୍ନରେ ପ୍ରଭୁଙ୍କ ଚଳନ୍ତି ପ୍ରତିମା ଭାବେ ଶ୍ରୀକୃଷ୍ଣ ଏବଂ ପଞ୍ଚୁପାଣ୍ଡବ ଓ ବେଲାଳସେନଙ୍କ ରଥଯାତ୍ରା ଗ୍ରାମ ପରିକ୍ରମା କରିଥିଲା। ରଥ ଗ୍ରାମ ପରିକ୍ରମା କରିସାରିବା ପରେ ମନ୍ଦିରରେ ମହାପ୍ରଭୁଙ୍କୁ ମହାଭୋଗ ଲାଗି କରାଯାଇଥିଲା । ଏହି ଯାତ୍ରାରେ ରାଜ୍ୟର ବିଭିନ୍ନ ଜିଲା ସମେତ ପଡ଼ୋଶୀ ଛତିଶଗଡ଼, ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ, ବିହାର ଓ ପଶ୍ଚିମବଙ୍ଗରୁ ସହସ୍ରାଧିକ ଶ୍ରଦ୍ଧାଳୁ ଭକ୍ତ ପହଞ୍ଚି ପ୍ରଭୁ ଶ୍ରୀ ଶ୍ରୀ ଶ୍ୟାମ ବିହାରୀଙ୍କ ଦର୍ଶନ କରିଥିଲେ। ରାତ୍ରିରେ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ବର୍ଷାରେ ଉପୁଡ଼ିଲା ବିଦ୍ୟୁତ୍ ଖୁଣ୍ଟ

ମନମୁଣ୍ଡା/ଗୁଡଭେଲିପଦର, ୬।୩ (ଡି.ଏନ.ଏ)

ଶୁକ୍ରବାର ଅପରାହ୍ନ ସମୟରେ ଝଡ ବର୍ଷା ସହ କୁଆପଥର ମାଡରେ ବୌଦ୍ଧ ଜିଲା ମନମୁଣ୍ଡା ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଛି । ଝଡପବନ ଯୋଗୁ ଅନେକ ସ୍ଥାନରେ ଗଛ ଭାଙ୍ଗି ଯାଇଛି। ଏହାସହ ମୂଷଳ ଧାରାରେ ବର୍ଷା ସାଙ୍ଗକୁ ବଡ ବଡ କୁଆପଥର ମାଡରେ ଲୋକଙ୍କ ଆଜବେଷ୍ଟସ ଛାଉଣୀ, ଦୋକାନ ଘର ଭାଙ୍ଗି ଯାଇଛି। ଶଗଡା, ବରଗୋଛା, ବିଳାସପୁର, ଶୁଣ୍ଠିପଦର, ଗୁଡଭେଲିପଦର, ଯୋଗୀନ୍ଦ୍ରପୁର, ଘିକୁଣ୍ଡି, ଗ୍ରାମପଞ୍ଚାୟତ ଅଞ୍ଚଳରେ ମଧ ଘର ଭାଙ୍ଗି ଯାଇଥିବା ଜଣାପଡିଛି। ଗୋହିପିଟା ଗ୍ରାମରେ ବିଦ୍ୟୁତ ଖୁଣ୍ଟ ଉପୁଡି ଯାଇଥିବା ବେଳେ ଅନେକ ସ୍ଥାନରେ ମଧ ସେହିଭଳି ଅବସ୍ଥା ହୋଇଛି। ଫଳରେ ଅଞ୍ଚଳରେ ବିଦ୍ୟୁତ ସରବରାହ ସମ୍ପୂର୍ଣ୍ଣ ବନ୍ଦ ରହିଛି। କ୍ଷତିଗ୍ରସ୍ତ ପରିବାରମାନଙ୍କୁ ପ୍ରଶାସନ ତରଫରୁ ତୁରନ୍ତ ପଲିଥିନ ଓ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି ।



ମନମୁଣ୍ଡା ଅଞ୍ଚଳରେ ବିଦ୍ୟୁତ୍ ଖୁଣ୍ଟ ଉପୁଡି ପଡିଛି ।

## ରାମଲୀଳା ଯାତ୍ରାକୁ ଧୁମଧାମରେ ପାଳନ କରାଯିବ

ବୌଦ୍ଧ,୬।୩(ସ୍ୱ.ପ୍ର)

ବୌଦ୍ଧର ଗଣପର୍ବ ରାମଲୀଳା ଯାତ୍ରାକୁ ମହାସମାରୋହରେ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଜିଲାପାଳ ଲଲାଟେନ୍ଦୁ ମିଶ୍ରଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ରାମଲୀଳା ନାଟ୍ୟ ସଂସଦର ସଭାପତି ମୃତ୍ୟୁଞ୍ଜୟ ମିଶ୍ର ଏହି ଐତିହାସିକ ଯାତ୍ରା ଆୟୋଜନ ପାଇଁ ହୋଇଥିବା ପ୍ରସ୍ତୁତି ସମ୍ପର୍କରେ ବୈଠକରେ ଆଲୋଚନା କରିଥିଲେ। ଚଳିତବର୍ଷ ରାମଲୀଳାରେ ଜିଲାବାସୀଙ୍କୁ ସାମିଲ କରିବା ପାଇଁ ଯୋଜନା ପ୍ରସ୍ତୁତ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ଏହାସହ ବିଭିନ୍ନ ସଙ୍ଗଠନ ଯାତ୍ରା ସମୟରେ ତୋରଣମାନ ନିର୍ମାଣ କରିବାକୁ ଅନୁରୋଧ କରିଥିଲେ। ବୁଟୁପାଲି ପରିବର୍ତ୍ତେ ମର୍ଜାକୁଦରେ ସୀତା ବିବାହ କାର୍ଯ୍ୟକ୍ରମ, ମହାନଦୀକୁ ସରଜୁ ନଦୀ ଭାବେ ଗ୍ରହଣ କରାଯାଇ ହନୁମାନ ମନ୍ଦିର ଘାଟରେ ଶ୍ରୀରାମଙ୍କ ଦ୍ୱାରା ପିତୃଶ୍ରାଦ୍ଧ ଭଳି କାର୍ଯ୍ୟକ୍ରମ ଆୟୋଜନ କରାଯିବାକୁ ପ୍ରସ୍ତାବ ଦିଆଯାଇଥିଲା। ସହରର ବିଭିନ୍ନ ସ୍ଥାନରେ ଅଶୋକ ବନ ନିର୍ମାଣ କରାଯାଇ ବିଭିନ୍ନ ପ୍ରକାର ଫଳ ପୁଷ୍ପରେ ସଜ୍ଜିତ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଯାତ୍ରା ସମୟରେ ବାନରସେନା ଦ୍ୱାରା ପ୍ରତିଦିନ ନଗର ଭ୍ରମଣ କାର୍ଯ୍ୟକ୍ରମ କରାଯାଇ ଆଇନ ଭାଙ୍ଗୁଥିବା ବ୍ୟକ୍ତି ବିଶେଷଙ୍କୁ ଫାଇନ ପକାଇବା ସହିତ ଆଇନ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ଉଦ୍ୟମ କରାଯିବ। ଯାତ୍ରା ସୁପରିଚାଳନା ପାଇଁ ଏକ କୋର କମିଟି ଗଠନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଏହି ବୈଠକରେ ଏସ୍‌ପି ଭି. ରଘୁନାଥ ରାଓ, ଗ୍ରାମ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସୂର୍ଯ୍ୟ ନାରାୟଣ ଦାଶ, ଉପଜିଲାପାଳ ଏନସି ଜ୍ୟୋତିରଞ୍ଜନ ନାଏକ, ବରିଷ୍ଠ ଆଇନଜୀବୀ ଅଚ୍ୟୁତାନନ୍ଦ ମିଶ୍ର ଏବଂ ଜିଲା ସଂସ୍କୃତି ଅଧିକାରୀ ଶିଶିର କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଆବାସ ଯୋଜନାରୁ ବଁଚିତ୍ ୮୦ ବଛରିଆ ବୁରୁଧି

ଅତାବିରା, ୬।୩ (ଡି.ଏନ୍.ଏ.)

**ଝାଟିମାଟି କୁରିଆରେ ବିତୁଛେ ଜୀବନ୍**



ବୁରୁଧି କାନ୍ତି ଚାନ୍ଦ।

କେନ୍ଦ୍ର ଆର ରାଏଜ୍ ସରକାର ଗରିବ୍ ଦୁଖି, ନିଆଁସି ପରିବାରମାନକର ଲାଗି ପ୍ରଧାନମନ୍ତ୍ରୀ ଅବାସ, ଇନ୍ଦିରା ଅବାସ, ବିଜୁ ପକାଘର, ମୋ କୁଡ଼ିଆ ଲେଖେଁ ଯୋଜନା କାଯ୍‌କାରୀ କରୁଛନ୍। ହେଲେ ଅନେକ ଜାଗାରେ ଭିନେ ଭିନେ କାରନ୍‌ରୁ ହକ୍‌ଦାର ହିତାଧିକାରୀ ଯୋଜନାର ଲାଭ ପାଏବାରୁ ବଁଚିତ୍ ହେଉଛନ୍। ଏନ୍ତା ଗୁଟେ ଉଦାହରନ୍ ଦେଖିବାକେ ମିଲିଛେ ବରଗଡ଼ ଜିଲା ଭେଡ଼େନ ବ୍ଲକ ଦେଶଭଟିଲି ପଁଚେତ୍ ଉଦେପୁର ଗାଁ ହରିଜନପଡ଼ାରେ। ସୂଚନା ଅନ୍‌ସାରେ ଉଦେପୁର ହରିଜନ ପଡ଼ାର ବୁରୁଧି କାନ୍ତି ଚାନ୍ଦ(୮୦)। ଆପ୍‌ନେ ଅନେକ ବଛର ହେଲା ଆରପାରକେ ଚାଲିଯାଇଛନ୍। ଇଆଡ଼େ ବୁରୁଧିକଁର ଛୁଆପିଲା ନାଇଁ। ଏନ୍‌ତାଥି ସେ ନିଜର ଭଂଗା ଦଦ୍‌ରା କୁରିଆରେ ବଡ଼ା ଗୁଲ୍‌ଗୁଲା ହେଇ ଏକଲିଆ ଜୀବନ୍ ବିତଉଛନ୍। ଦିହିପା ଖରାପ ହେଲେ ଢୁଂଗି ଦେଖିବାକେ କେହି ନାଇଁ। ବୁରୁଧି କାନ୍ତି ସରକାରୀ ସାହାଯ୍ ହିସାବେ ପଁଚେତ୍‌ରୁ ମାସିକ ୫ଶହ ଟଁକା ଭତା ପାଉଛନ୍। ଯେନ୍ତା କି ସବୁକେ ନିଅଁଟ ହେଉଛେ। ଅନେକ ସମିଆରେ ସେ ଖାଏବାର ପିଇବାର ଲାଗି ପାଖିପଡ଼ିଶାକର ଉପରେ ନିରଭର କରୁଥିବାର କହିଛନ୍। ଥାନୀଅ ପରଶାସନ ଇ ନିସାହା ବୁରୁଧିକୁଁ ଦୁରୁଷ୍ଟି ଦେଇ ଆବାସ ଯୋଜନାରେ ଘରଖଁଡ଼େ ଆର ଅନ୍ତ୍ୟୋଦୟ ଅନ୍ନପୂର୍ଣ୍ଣା ଯୋଜନାରେ ୩୫ କେ.ଜି. ଚାଉଲ ଯୁଗେଇ ଦେବାକେ ପଡ଼ାବାସୀ ଦାବି କରିଛନ୍। ଇ ବାବ୍‌ଦେ ଦେଶଭଟିଲି ପଁଚେତ୍ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ଦାଶକୁଁ ପଚ୍‌ରାଲାରୁ ନିହାତି ଭାବେ ଇ ଦିଗେ ପଦକ୍ଷେପ ନିଆଯିବା। ଆବାସ ଯୋଜନାର ଲାଗି ତାକର ଲାଗେଲେସରମାନେ ବ୍ଲକକେ ଯାଇ ବୁରୁଧିକଁର ନାଁରେ ଆବେଦନ କରବାକେ ପଡ଼ବା ବଲି ସେ କହିଥିଲେ।

## ଘର ଭଙ୍ଗାରୁଜା କରି ସାମଗ୍ରୀ ଲୁଟ୍ ଅଭିଯୋଗ

ଭେଡ଼େନ,୬।୩(ଡି.ଏନ.ଏ)

ବରଗଡ଼ ଜିଲା ଭେଡ଼େନ ଥାନା ଅନ୍ତର୍ଗତ ରେମଣ୍ଡା ନାଗପଡ଼ା ଗ୍ରାମର ୩ଜଣଙ୍କ ୪ବଖରା ଘରକୁ ମହୁଲପାଲି ଗ୍ରାମର କିଛି ଲୋକ ଭାଙ୍ଗିଦେବା ସହିତ ପ୍ରାୟ ୮ଲକ୍ଷ ଟଙ୍କାର ସମ୍ପତ୍ତି ନଷ୍ଟ କରି ଦେଇଥିବା ଅଭିଯୋଗ ହୋଇଛି । ଏ ନେଇ ଭେଡ଼େନ ଥାନା ପୋଲିସ ୨୦ରୁ ଊର୍ଦ୍ଧ୍ୱ ମହିଳାପୁରୁଷଙ୍କ ବିରୋଧରେ ମାମଲା ରୁଜୁ ତଦନ୍ତ ଚଳାଇଛି ।

ସୂଚନା ଅନୁଯାୟୀ, ଗୁରୁବାର ସକାଳ ପ୍ରାୟ ୯ଟାରେ ମହୁଲପାଲି ଗ୍ରାମର ୨୦ରୁ ଊର୍ଦ୍ଧ୍ୱ ମହିଳାପୁରୁଷ ନାଗପଡ଼ାର ଯଦୁମଣି ଥପା, ଭଗବାନ ଥପା, ଧ୍ରୁବରାଜ ଥପାଙ୍କ ଘରକୁ ଆସି ହଠାତ୍ ଭଙ୍ଗାରୁଜା କରିଥିଲେ। ଏହାସହିତ ସେଠାରେ ରହିଥିବା ଆସବାବପତ୍ର, ହଳର ଭଙ୍ଗାରୁଜା ସହିତ ବିଭିନ୍ନ ସାମଗ୍ରୀ ନେଇ ଯାଇଥିବା ଅଭିଯୋଗ ହୋଇଛି । ଘଟଣାକୁ ନେଇ ଚାପା ଉତ୍ତେଜନା ଲାଗି ରହିଥିବା ଯୋଗୁ ସେଠାରେ ପୋଲିସ ମୁତୟନ ରହିଥିବା ସୂଚନା ମିଳିଛି ।

## କରୋନା ସଚେତନତା ରାଲିରେ ଛାତ୍ରୀଛାତ୍ର




ଛାତ୍ରୀଛାତ୍ରମାନେ କରୋନା ସଚେତନତା ଶୋଭାଯତ୍ରାରେ ବାହାରିଛନ୍ତି ।

ବୌଦ୍ଧ,୬।୩(ସ୍ୱ.ପ୍ର)

ସରସରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପକ୍ଷରୁ କରୋନା ସଚେତନତା ଶୋଭାଯାତ୍ରା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ବସନ୍ତ କୁମାର ସାହୁଙ୍କ ନେତୃତ୍ୱରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ପ୍ରଚାରପତ୍ର ଧରି ସରସରା ଗ୍ରାମ ପରିକ୍ରମା କରି କରୋନା ସଂକ୍ରମଣରୁ ରକ୍ଷା ପାଇବା ପାଇଁ ବିଭିନ୍ନ ପ୍ରତିଷେଧକ ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ। ଏହି ଶୋଭାଯାତ୍ରାରେ ଶଶାଙ୍କ ମିଶ୍ର, ରବିନ୍ଦ୍ର କୁମାର ପଟ୍ଟନାୟକ ଓ ଶିକ୍ଷକ ବିଜୟ କୁମାର ସାହୁ ସାମିଲ ହୋଇଥିଲେ। ବିଦ୍ୟାଳୟର ଶିକ୍ଷକ ଅରୂପ ମହାରଣା, ଶ୍ରୀବନ୍ତ ନାଏକ, ସୁଦେଷ୍ଣା ଶତପଥୀ, ପୂର୍ଣ୍ଣମାସୀ ମିଶ୍ର, ନମ୍ରତା ବେହେରା, ନିବେଦିତା ସାହୁ ଓ ନବନିତା ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ଆଲୋଚନା ବିଫଳ, ୧୧ରେ ଆନ୍ଦୋଳନ

ପଦ୍ମପୁର, ୬।୩ (ଡି.ଏନ.ଏ)

ପଦ୍ମପୁର ଡିଏଫଓଙ୍କ ଅଫିସରେ ଶୁକ୍ରବାର ପଦ୍ମପୁର ଉପଖଣ୍ଡ କେନ୍ଦୁପତ୍ର ତୋଳାଳି ସଂଘ ଓ ଏସିଏଫଙ୍କ ମଧ୍ୟରେ ହୋଇଥିବା ଆଲୋଚନା ବିଫଳ ହୋଇଛି। ଫଳରେ ଆସନ୍ତା ୧୧ତରିଖରେ ୯ଟି ରେଞ୍ଜରେ ଆନ୍ଦୋଳନ ସହ ରାସ୍ତାରୋକୋ କରାଯିବ ବୋଲି ପୂର୍ବତନ ବିଧାୟକ ତଥା କେନ୍ଦୁପତ୍ର କର୍ମଚାରୀ ସଂଘ ସଭାପତି ପ୍ରଦୀପ ପୁରୋହିତ ସୂଚନା ଦେଇଛନ୍ତି। ଏହି ଆଲୋଚନା ସମୟରେ ସଂଘର ରାଜ୍ୟ ସମ୍ପାଦକ କୋକିଳ ସାହୁ, ଦୋଳଗୋବିନ୍ଦ ଦଲାଇ ଏବଂ ବହୁ ସଭ୍ୟ ଉପସ୍ଥିତ ଥିଲେ।



କେନ୍ଦୁପତ୍ର ତୋଳାଳି ସଂଘ ସଭାପତି ପ୍ରଦୀପ ପୁରୋହିତ ଆଲୋଚନା କରୁଛନ୍ତି।

# ବୌଦ୍ଧ ଜଗନ୍ନାଥ ମନ୍ଦିର ଉନ୍ନୟନକୁ ଗୁରୁତ୍ୱ

ବୌଦ୍ଧ,୬।୩(ସ୍ୱ.ପ୍ର)




ପ୍ରସ୍ତୁତି ବୈଠକରେ ମଞ୍ଚାସୀନ ଅତିଥି ।

ରାଜ୍ୟ ସରକାର ବୌଦ୍ଧର ଶ୍ରୀଜଗନ୍ନାଥ ମନ୍ଦିର ଉନ୍ନତି ପାଇଁ ଏକ କୋଟି ଟଙ୍କାର ସହାୟତା ରାଶି ଘୋଷଣା କରିବା ପରେ ଏହି ପାଣ୍ଠିର ସଠିକ ବିନିଯୋଗ କରିବା ପାଇଁ ଜିଲା ପ୍ରଶାସନ ତତ୍ପର ହୋଇପଡିଛି। ଏହି ପରିପ୍ରେକ୍ଷୀରେ ଜିଲାପାଳ ଲଲାଟେନ୍ଦୁ ମିଶ୍ରଙ୍କ ଅଧ୍ୟକ୍ଷତାରେ ଟାଉନହଲଠାରେ ଏକ ପ୍ରସ୍ତୁତି ବୈଠକ ଶୁକ୍ରବା ଅନୁଷ୍ଠିତ ହୋଇଥିଲା। ବୈଠକରେ ରାଜାଙ୍କ ଦ୍ୱାରା ନିର୍ମିତ ମୂଳ ମନ୍ଦିରର ପାରିପାର୍ଶ୍ୱିକ ଉନ୍ନତିକୁ ଗୁରୁତ୍ୱ ଦେବା ସହିତ ମନ୍ଦିର ନିକଟରୁ ଜବରଦଖଲ ଉଚ୍ଛେଦ, ମନ୍ଦିର ବେଢାରେ ରହିଥିବା ମନ୍ଦିର ଗୁଡିକର ଉନ୍ନତି, ତୁଳସୀବଣ, ମନୋରମ ପାର୍କ, ଭକ୍ତନିବାସ, ଧର୍ମଶାଳା, ରଥଖଳା ନିର୍ମାଣ, ମନ୍ଦିରର ଚାରି ଦ୍ୱାର ଖୋଲାଯିବା, ଠାକୁରଙ୍କ ରୋଷଶାଳା ନିର୍ମାଣ ଓ ମନ୍ଦିର ନିକଟରେ ରହିଥିବା ଗଡଖାଇକୁ ପୋତି ଉନ୍ନୟନ କାର୍ଯ୍ୟ କରିବା ପାଇଁ ମତପ୍ରକାଶ ପାଇଥିଲା। ତେବେ ମନ୍ଦିରର ଉନ୍ନୟନ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ଦେବୋତ୍ତର ବିଭାଗ ଆଇନ ଅନୁଯାୟୀ ମନ୍ଦିର ପାଇଁ ଏକ ସ୍ଥାୟୀ ପରିଚାଳନା କମିଟି ଗଠନ କରିବା ଓ ଉକ୍ତ କମିଟିରେ ସହରର ବିଭିନ୍ନ ଲୋକଙ୍କୁ ସାମିଲ କରାଯିବା ନେଇ ଗୁରୁତ୍ୱାରୋପ କରାଯାଇଥିଲା। ମନ୍ଦିରର ବିକାଶ ପାଇଁ ଏକ କୋଟି ଟଙ୍କା ସରକାର ପ୍ରଦାନ କରିଥିବାବେଳେ ଭବିଷ୍ୟତକୁ ଦୃଷ୍ଟିରେ ରଖି ଜଣେ ଦକ୍ଷ ଆର୍କିଟେକଚରଙ୍କ ସହାୟତାରେ ଯୋଜନା କରିବା ଏବଂ ଆବଶ୍ୟକୀୟ ଖର୍ଚ୍ଚ ଭରଣା ପାଇଁ ସ୍ଥାନୀୟ ବଦାନ୍ୟ ବ୍ୟକ୍ତି ବିଶେଷଙ୍କ ଠାରୁ ଅର୍ଥ ସଂଗ୍ରହ କରାଯିବାକୁ ମଧ୍ୟ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ସହରର ଯେକୌଣସି ବ୍ୟକ୍ତି ବିଶେଷଙ୍କ ମନ୍ଦିରର ବିକାଶ ପାଇଁ କୌଣସି ପ୍ରସ୍ତାବ ଜିଲାପାଳଙ୍କୁ ଲିଖିତ ଭାବରେ ଜଣାଇଲେ ସେ ସମ୍ପର୍କରେ ଅନୁଧ୍ୟାନ କରି ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ଜିଲାପାଳ ମିଶ୍ର ପ୍ରକାଶ କରିଥିଲେ। ଏହି ବୈଠକରେ ଦେବୋତ୍ତର ଅଧିକାରୀ ତଥା ଉପଜିଲାପାଳ ଏନସି ଜ୍ୟୋତିରଞ୍ଜନ ନାଏକ, ଏସ୍‌ପି ଭି. ରଘୁନାଥ ରାଓ, ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ସୂର୍ଯ୍ୟ ନାରାୟଣ ଦାଶ ଓ ଆଇନଜୀବୀ ଅଚ୍ୟୁତାନନ୍ଦ ମିଶ୍ର ଏବଂ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶିଶିର କୁମାର ସାହୁ ମଞ୍ଚାସୀନ ଥିଲେ।



ପରର ସମାଲୋଚନା କରିବେ ନାହିଁ, ତାହାହେଲେ
ତୁମର ସମାଲୋଚନା ମଧ୍ୟ କେହି କରିବେ ନାହିଁ।
- ଯିଶୁଖ୍ରୀଷ୍ଟ



**ସଂକ୍ଷେପରେ...**

## ଗଞ୍ଜେଇ ଚୋରା ଚାଲାଣ, ୨ ଯୁବକ ଗିରଫ

ଭବାନୀପାଟଣା,୬।୩ (ଡି.ଏନ.ଏ.)
ଭବାନୀପାଟଣା ବସଷ୍ଟାଣ୍ଡଠାରେ ଶୁକ୍ରବାର ଗଞ୍ଜେଇ ଚୋରା ଚାଲାଣ ବେଳେ ୨ ଜଣ ଯୁବକଙ୍କୁ ଟାଉନ ଥାନା ପୋଲିସ ଗିରଫ କରିଛି। ତାଙ୍କଠାରୁ ୨୦ କେଜି ଗଞ୍ଜେଇ ଜବତ କରିଛି। ପଚରା ଉଚରା ପରେ ଜଣେ ଯୁବକଙ୍କ ନାମ ମୋତିଲାଲ ବାଗ (୨୦) ଘର ନବରଙ୍ଗପୁର ଏବଂ ଅନ୍ୟ ଜଣେ ଯୁବକ ମନ୍ତ୍ରିନ ଗଉଡ ଓରଫ ସୋନୁ (୧୯) ନବରଙ୍ଗପୁର ଜିଲା ଡଙ୍ଗର ଭେଜା ଥାନା ଅଞ୍ଚଳର ବୋଲି ଜଣାପଡିଛି। ଉଭୟଙ୍କ ନାମରେ ଟାଉନ ଥାନାରେ ଦଫା ୨୦ (ବି) (ଆଇଆଇ) (ସି)ରେ ଏକ ମାମଲା ( ନଂ.୮୪/୨୦) ରୁଜୁ କରାଯାଇଛି। ଶନିବାର ଉଭୟଙ୍କୁ କୋର୍ଟ ଚାଲାନ କରାଯିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ।
ଟାଉନ ଥାନା ଆଇଆଇସି ସତ୍ୟ କୁମାର ନନ୍ଦଙ୍କ ସୂଚନାନୁଯାୟୀ ଶୁକ୍ରବାର ଭବାନୀପାଟଣା ବସଷ୍ଟାଣ୍ଡଠାରେ ୨ ଜଣ ଯୁବକ ଚୋରା ଗଞ୍ଜେଇ କାରବାର ସମ୍ପର୍କରେ କଥା ବାର୍ତ୍ତା ହେଉଥିବା କୌଣସି ସୂତ୍ରରୁ ଖବର ପାଇ ଟାଉନ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ସନ୍ଦେହ ଜନକ ଭାବେ ୨ ଯୁବକଙ୍କୁ ଧରି ପଚରାଉଚରା ବେଳକୁ ସେମାନେ କୋରାପୁଟ ଜିଲାର ଜୟପୁରରୁ ଝାରସୁଗୁଡାକୁ ଯାଉଥିବା ବୋଲି କହିଥିଲେ। ଅନୁସନ୍ଧାନରୁ ପୋଲିସ ସେମାନଙ୍କ ନିକଟରୁ ୨୦ କେଜି ଓଜନ ଚୋରା ଗଞ୍ଜେଇ ଜବତ୍ କରିଥିଲା। ଜଣେ ଯୁବକ ନିକଟରୁ ୧୦ କେଜି ୧ ଶହ ଗ୍ରାମ ଏବଂ ଅନ୍ୟ ଜଣଙ୍କ ନିକଟରୁ ୯ କେଜି ୯ ଶହ ଗ୍ରାମ ଗଞ୍ଜେଇ ପୋଲିସ ଜବତ କରିବା ସହ ଉଭୟଙ୍କୁ ଗିରଫ କରିଥିଲା।

# ବ୍ଲକ ଶିକ୍ଷା ବିଭାଗ ଭିତରେ ଧସେଇ ପଶିଲେ

### କନ୍ୟାଶ୍ରମ ଛାତ୍ରୀ ଅନ୍ତଃସତ୍ତ୍ୱା ହେବା ଘଟଣା

- ସିନାପାଲି ଥାନା ଘେରାଉ
- ମହିଳା କନଷ୍ଟେବଲ ଆହତ
- ଜିଲା ଆଦିବାସୀ ସଂଘ ଓ ଦଳିତ ମଞ୍ଚ

ସିନାପାଲି,୬।୩ (ଡି.ଏନ.ଏ.)

ନୂଆପଡା ଜିଲା ସିନାପାଲି ଥାନା ଅଞ୍ଚଳର ଏକ ଅନୁସୂଚିତ ଜନଜାତି କନ୍ୟାଶ୍ରମର ଜଣେ ଦଶମ ଶ୍ରେଣୀ ଛାତ୍ରୀ ଅନ୍ତଃସତ୍ତ୍ୱା ହେବା ଘଟଣାକୁ ନେଇ ଜିଲା ଆଦିବାସୀ ସଂଘ ଓ ଦଳିତ ମଞ୍ଚ ପକ୍ଷରୁ ଆନ୍ଦୋଳନ କରାଯାଇଛି। ଶୁକ୍ରବାର ଜିଲା ଆଦିବାସୀ ସଂଘ ଓ ଦଳିତ ମଞ୍ଚ ମିଳିତ ଭାବେ ସିନାପାଲି ଶିକ୍ଷା ବିଭାଗ ଓ ଥାନା ଘେରାଉ କରିଥିଲା। ପୂର୍ବାହ୍ନ ୧୧ଟାରେ ଯୁଗେନପଦରସ୍ଥିତ ହେଲିପେଡ୍ ପଡିଆରୁ ସଶସ୍ତ୍ର ଆଦିବାସୀ ଏକଜୁଟ ହୋଇ ସିନାପାଲି ଶିକ୍ଷା ବିଭାଗ ଓ ପରେ ଥାନାରେ ପହଞ୍ଚି ପୋଲିସ ପ୍ରଶାସନ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇ ନାରାବାଜି କରିଥିଲେ। ପ୍ରଥମେ ଶିକ୍ଷା ବିଭାଗ ଭିତରେ ଧସେଇ ପଶିଥିଲେ। ପରେ ସିନାପାଲି ଥାନା ସମ୍ମୁଖରେ ଦୀର୍ଘ ସମୟ ଧରି ଘେରାଉ କରିଥିଲେ। ଏହି ସମୟରେ ସେଠାରେ ଉତ୍ତେଜନା ଦେଖାଦେଇଥିଲା । ଏଥିରେ ଜଣେ ମହିଳା କନଷ୍ଟେବଲ ସେବତି ତାଣ୍ଡି ଆହତ ହୋଇଛନ୍ତି ।
ପ୍ରକାଶ ଯେ, କନ୍ୟାଶ୍ରମର ଜଣେ ଦଶମ ଶ୍ରେଣୀ ଛାତ୍ରୀ ଅନ୍ତଃସତ୍ତ୍ୱା ହେବା ଘଟଣାରେ ଜଣେ ନିରୀହ ଆଦିବାସୀ ନାବାଳକଙ୍କୁ ପୋଲିସ ଗିରଫ କରିଛି। ସ୍କୁଲ ପ୍ରଧାନଶିକ୍ଷକଙ୍କ ସମେତ ୭ଜଣଙ୍କ ନାଁରେ ମାମଲା ରୁଜୁ କରାଯାଇଛି। ହେଲେ ପୋଲିସ ଦୀର୍ଘଦିନ ପରେ ମଧ୍ୟ ଅଭିଯୁକ୍ତଙ୍କୁ ଗିରଫ ନ କରିବା ଓ ସ୍କୁଲ ସମ୍ମୁଖରେ ଗତ ୧୫ ତାରିଖରେ ଗୋଁଡ ସଂଘ ତଦନ୍ତ ଦାବିରେ ଗଣଧାରଣାରେ ବସିଥିବା ବେଳେ ଜାତିଆଣ ଆକ୍ଷେପ କରିଥିବା ସିନାପାଲି ଥାନାରେ ସଂଘ ପକ୍ଷରୁ ଅଭିଯୋଗ କରାଯାଇଥିଲା। କିନ୍ତୁ ମାମଲା ରୁଜୁ କରାଯାଇ ନ ଥିଲା। ଏହି ଘଟଣାକୁ ନେଇ ମିଳିତ ମଞ୍ଚ ପୋଲିସ ଉପରେ ନାରାବାଜ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ଭୟାବହ ଆନ୍ଦୋଳନ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ସିନାପାଲି ତହସିଲଦାର ମାଜିଷ୍ଟ୍ରେଟ୍ ଭାବେ ଉପସ୍ଥିତ ରହିଥିବା ବେଳେ ଖଡିଆଳ ଏସ୍‌ଡିପିଓ ବିଦ୍ୟୁତ୍ କୁମାର ଦେହୁରୀ, ସିନାପାଲି ଥାନା ଅଧିକାରୀ ଜ୍ୟୋତିରଞ୍ଜନ ଗୌଡ ପ୍ରମୁଖ ନୂଆପଡା ଆରକ୍ଷୀ ଅଧୀକ୍ଷକ ବିନିତ କୁମାର ଅଗ୍ରୱାଲଙ୍କ ସହିତ ମୋବାଇଲ୍ ଯୋଗେ ଆଲୋଚନା କରିଥିଲେ। ଏସ୍‌ପି ମାମଲା ରୁଜୁ କରି ନିରପେକ୍ଷ ତଦନ୍ତ କରିବା ସହ ଦୋଷୀମାନଙ୍କ ବିରୋଧରେ ଯଥାଶୀଘ୍ର ପଦକ୍ଷେପ ନିଆଯିବ ବୋଲି କହିବା ପରେ ଆନ୍ଦୋଳନରୁ ଓହରିଥିଲେ।
ଘେରାଉରେ ଖଡିଆଳ ପୂର୍ବତନ ବିଧାୟକ ଦୁର୍ଯ୍ୟୋଧନ ମାଝି, ଜିଲା ପରିଷଦ ସଦସ୍ୟ ଗିରିରାଜ ମାଝି, ସିନାପାଲି ବ୍ଲକ୍ ଅଧ୍ୟକ୍ଷା ତପସ୍ୱିନୀ ମାଝି, ଆଦିବାସୀ ଗୋଁଡ ସମାଜ ଜିଲା ସଭାପତି ପ୍ରସନ୍ନ କୁମାର ମାଝି, ଆଦିବାସୀ ସଂଘ ସାଧାରଣ ସମ୍ପାଦକ ଖଗେଶ୍ୱର ମାଝି, ସମ୍ପାଦକ ଦୁର୍ବଳ ମାଝି, ଦଳିତ ମଞ୍ଚ ସଭାପତି କମଳ ଚରଣ ତାଣ୍ଡି, ସୋମନାଥ ଖମାରୀ, ସାମାଜିକ କର୍ମୀ ଜୟପାଳ ନାଗ, ପୂର୍ବତନ ଜିଲା ପରିଷଦ ସଦସ୍ୟ ଲିଙ୍ଗରାଜ ଘିଭେଲା, ସିନାପାଲି ବ୍ଲକ୍ ଉପାଧ୍ୟକ୍ଷ କିଶୋର କୁମାର, ଅନୁସୂଚିତ ଜାତି ଜିଲା ସଭାପତି ଫକୀର ମୋହନ ଜଗତ, ପୂର୍ବତନ ତହସିଲଦାର ଚିତ୍ତରଞ୍ଜନ ବନଗୋଲା, ଗୋର୍ଲା ସରପଞ୍ଚ ଦିଲୀପ ମାଝି ପୂର୍ବତନ ବୋଡେନ ବ୍ଲକ୍ ଅଧ୍ୟକ୍ଷା ହେମସାଗର ମାଝି, ଅରବିନ୍ଦ ପ୍ରଧାନଙ୍କ ସମେତ ଶତାଧିକ ଆଦିବାସୀ ଓ ଦଳିତ ମଞ୍ଚ କର୍ମକର୍ତ୍ତାମାନେ ସାମିଲ ଥିଲେ। ସୁରକ୍ଷାକୁ ଦୃଷ୍ଟିରୁ ପୋଲିସ ପକ୍ଷରୁ ଦୁଇ ପ୍ଲାଟୁନ୍ ଫୋର୍ସ ମୁତୟନ କରା-ଯାଇଥିଲା ।



ଜିଲା ଆଦିବାସୀ ସଂଘ ଓ ଦଳିତ ମଞ୍ଚ ପକ୍ଷରୁ ଆନ୍ଦୋଳନ କରାଯାଉଛି।




## ୨୦୨୧ ଜନଗଣନା ସକାଶେ ପ୍ରଶିକ୍ଷଣ

ନୂଆପଡା ଅଫିସ,୬।୩

ଆଗାମୀ ୨୦୨୧ ଜନଗଣନା ସକାଶେ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି କରାଯାଉଛି । ଶୁକ୍ରବାର ସ୍ଥାନୀୟ ଜିଲାପାଳଙ୍କ ସଭାବନା ସଭାଗୃହରେ ଏହାକୁ ନେଇ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଅତିରିକ୍ତ ଜିଲାପାଳ ସୀତାରାମ ପଟେଲ ଉଦ୍‌ଘାଟନ କରିଛନ୍ତି । କାର୍ଯ୍ୟକ୍ରମରେ ସହକାରୀ ଜିଲାପାଳ କର୍ଣ୍ଣ ସୁନା, ଭାରତ ସରକାରଙ୍କ ଗୃହ ମନ୍ତ୍ରାଳୟ ଅଧୀନ ଜନଗଣନା ନିର୍ଦ୍ଦେଶାଳୟ ପକ୍ଷରୁ ଆସିଥିବା ଉପନିର୍ଦ୍ଦେଶକ ଡ. ଅଭୟ ନାରାୟଣ ନାଏକ, ଲଳାଟେନ୍ଦୁ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ଅବସରରେ ଗୃହ ଗଣନା ଓ ଗୃହତାଲିକା ପ୍ରସ୍ତୁତି, ରାଷ୍ଟ୍ରିୟ ଜନସଂଖ୍ୟା ରେଜିଷ୍ଟର, ଜନଗଣନାକାରୀ ଓ ସୁପରଭାଇଜରମାନଙ୍କ କର୍ତ୍ତବ୍ୟ ଏବଂ ଦାୟିତ୍ୱ ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଅତିରିକ୍ତ ଜିଲାପାଳ ପଟେଲ୨୦୨୧ ଜନଗଣନାରେ ମୋବାଇଲ ଆପ ବ୍ୟବହାର ଯୋଗୁ ତଥ୍ୟ ସଂଗ୍ରହ ଓ ପ୍ରକାଶନ ତ୍ୱରାନ୍ୱିତ ହୋଇ ଶୀଘ୍ର ପ୍ରକାଶ ପାଇବ ବୋଲି କହିଥିଲେ। ଏଥିପାଇଁ ଜିଲାର ସମସ୍ତ ଅଧିକାରୀ ତତ୍ପରତା ହୋଇ ଆଗକୁ ଆସି କାମ କରିବାକୁ ଆହ୍ୱାନ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଜିଲା ଗ୍ରାମପଞ୍ଚାୟତ ଅଧିକାରୀ ବିବେକାନନ୍ଦ ମହାନନ୍ଦ ଧନ୍ୟବାଦ ଦେଇଥିଲେ।

## ୨୦୬ ଯୁବତୀଯୁବକଙ୍କୁ ନିଯୁକ୍ତି ପାଇଁ ଚୟନ

### ଜିଲାସ୍ତରୀୟ ନିଯୁକ୍ତିମେଳା

ଖଡିଆଳ,୬।୩ (ଡି.ଏନ.ଏ.)

ନୂଆପଡା ଜିଲା ଖଡିଆଳ ରାଜା ଏଟି ହାଇସ୍କୁଲ ଖେଳ ପଡିଆଠାରେ ଜିଲାସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି । ଜିଲାସ୍ତରୀୟ ନିଯୁକ୍ତି ମେଳାରେ ମୁଖ୍ୟଅତିଥି ଭାବେ ନୂଆପଡା ଜିଲାପାଳ ମଧୁସ୍ମିତା ସାହୁ ଯୋଗଦାନ କରିଥିବା ବେଳେ ନୂଆପଡା ଜିଲାରେ ବେକାରି ସମସ୍ୟା କିପରି ଦୂର ହେବ ଏବଂ ଜିଲାର ଶିକ୍ଷିତ ଯୁବତୀଯୁବକମାନଙ୍କୁ ରୋଜଗାରକ୍ଷମ କରିବା ଏହି ନିଯୁକ୍ତି ମେଳାର ଉଦ୍ଦେଶ୍ୟ ବୋଲି ମତ ପ୍ରକାଶ କରିଥିଲେ । ଏଥିରେ ଜିଲା ନିୟୋଜନ ଅଧିକାରୀ ବିନୋଦ ପ୍ରସାଦ ଲାକ୍ରା ଅଧ୍ୟକ୍ଷତା କରିଥିବା ବେଳେ ଖଡିଆଳ ଆଇଟିଆଇ କଲେଜ ପ୍ରିନ୍ସିପାଲ ସନ୍ତୋଷ କୁମାର ହୋତା, ଓଡିଶା ସ୍କିଲ ଡେଭେଲପମେଣ୍ଟ କର୍ତ୍ତୃପକ୍ଷ ଏସଭିଏନ ରାଓ ଯୋଗଦାନ କରିଥିଲେ । ଏହି ନିଯୁକ୍ତି ମେଳାରେ ଖଡିଆଳ, ସିନାପାଲି, ବୋଡେନ, କୋମନାରୁ ୫୧୨ ଜଣ ଯୁବତୀଯୁବକଙ୍କ ପଞ୍ଜୀକରଣ କରାଯାଇଥିଲା। ସେଥି ମଧ୍ୟରୁ ୭ଜଣ ନିଯୁକ୍ତିଦାତା ଦଳ ୨୦୬ଜଣ ଯୁବତୀ ଯୁବକଙ୍କୁ ନିଯୁକ୍ତି ପାଇଁ ଚୟନ କରିଥିଲେ । ୮ଜଣ ଟ୍ରେନିଂ ସହଭାଗୀ ଦଳ ଓ ୩୦୬ଜଣଙ୍କୁ ବିଭିନ୍ନ କ୍ଷେତ୍ରରେ ତାଲିମ ପ୍ରଦାନ କରିବା ପାଇଁ ଚୟନ କରିଥିଲେ ।


ନିଯୁକ୍ତି ମେଳାରେ ଯୁବତୀଯୁବକମାନେ ନାମ ପଞ୍ଜୀକରଣ କରୁଛନ୍ତି ।

## ଆରମ୍ଭ ହେଲା ନୂଆଗୁଡ଼ା ଫଗୁ ମହୋତ୍ସବ

ଜୁନାଗଡ,୬।୩ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଚିଚୈଗୁଡା ପଞ୍ଚାୟତ ନୂଆଗୁଡା ଗ୍ରାମରେ ଚଳିତବର୍ଷ ଶୁକ୍ରବାରଠାରୁ ଫଗୁମହୋତ୍ସବ ଆରମ୍ଭ ହୋଇଯାଇଛି। ଏଥିପାଇଁ ନୂଆଗୁଡା ଗ୍ରାମ ଚଳଚଞ୍ଚଳ ହୋଇ ଥିବାବେଳେ ଚାରିଆଡେ ଭକ୍ତିଭାବ ପରିବେଶ ସୃଷ୍ଟି ହାଇଛି। ଚଳିତବର୍ଷ ରାଧାକୃଷ୍ଣଙ୍କ ପାଇଁ ଏକ ନୂତନ ବିମାନ ନିର୍ମାଣ କରାଯାଇଛି। ଏହାକୁ ଗ୍ରାମର ବରପୁତ୍ର ତଥା ଓଡିଶା ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ ପ୍ରଦାନ କରିଛନ୍ତି। ସୋମବାର ସକାଳରେ ନୂତନ ଭାବେ ନିର୍ମାଣ ହୋଇଥିବା ଏହି ବିମାନକୁ ରିତୀନିତୀ ଅନୁଯାୟୀ ପ୍ରତିଷ୍ଠା କରାଯାଇଥିଲା। ସନ୍ଧ୍ୟାରେ ଘଣ୍ଟ, ମୃଦୁଙ୍ଗର ତାଳେ ତାଳେ ରାଧାକୃଷ୍ଣଙ୍କୁ ସୁସଜ୍ଜିତ ବିମାନରେ ବସାଇ ପଡାକୁ ପଡା ବୁଲାଯାଇଥିଲା। ଏହି ସମୟରେ ଭକ୍ତିରେ ଲୋକମାନେ ଘର ଆଗରେ ରାଧାକୃଷ୍ଣଙ୍କୁ ଅର୍ଘ୍ୟ ଓ ଭୋଗ ଅର୍ପଣ କରି ପୂଜାର୍ଚ୍ଚନା କରିଥିଲେ। ଚଳିତବର୍ଷ ଫଗୁମହୋତ୍ସବକୁ ଆକର୍ଷଣୀୟ କରିବା ପାଇଁ ପୂଜା କମିଟି ପକ୍ଷରୁ ଜୋରଦାର ପ୍ରସ୍ତୁତି କରାଯାଇଛି। ଫଗୁମହୋତ୍ସବ ଆରମ୍ଭରୁ ଶେଷ ଯାଏଁ ଅର୍ଥାତ୍ ଶୁକ୍ରବାରଠାରୁ ସୋମବାର ପର୍ଯ୍ୟନ୍ତ ପ୍ରତ୍ୟହ ରାତ୍ରିରେ ବିଭିନ୍ନ ପ୍ରକାର ସାମାଜିକ ନାଟକର ଆୟୋଜନ କରାଯାଇଛି। ଯାହାକି ଲୋକଙ୍କ ମନୋରଞ୍ଜନ ପାଇଁ ବେଶ୍ ଆକର୍ଷଣ ହେବ ବୋଲି ଯାତ୍ରା କମିଟି ପକ୍ଷରୁ ଜଣାପଡିଛି। ୪ ଦିନ ଧରି ଲୋକଙ୍କୁ ସାମାଜିକ ନାଟକ ମନମୋହିବ ବୋଲି ଯାତ୍ରା କମିଟି ସଭାପତି ଭାବେ କ୍ଷୀରସିନ୍ଧୁ ନାଏକ, ସମ୍ପାଦକ ରାଜା ନାଏକ, ମନ୍ଦିର ପରିଚାଳନା କମିଟି ସଭାପତି ଘନଶ୍ୟାମ ବିଷି ଓ ସମ୍ପାଦକ ରାଜେଶ ବେମାଲ ପ୍ରମୁଖ ପ୍ରକାଶ କରିଛନ୍ତି। ସେହିପରି ରିତୀନିତୀ ଅନୁଯାୟୀ ୪ଦିନ ଧରି ପୂଜା କାର୍ଯ୍ୟ ଚାଲିବ ବୋଲି ପୂଜକ ଭାବେ ପ୍ରମୋଦ କୁମାର ଦାଶ ପ୍ରକାଶ କରିଛନ୍ତି।


ରାଧାକୃଷ୍ଣଙ୍କୁ ବିମାନରେ ଗ୍ରାମ ପରିକ୍ରମା କରାଯାଉଛି।

**UTKAL UNIVERSITY**
VANI VIHAR, BHUBANESWAR - 751004, ODISHA, INDIA
NAAC ACCREDIATED A+
**ADVERTISEMENT**
**No Estt-II / HC-1183 / 9600 / 2020** **Dated: 14.2.2020**
Applications along with Curriculum Vitae are invited for engagement of two Retired Doctors purely on contractual basis with consolidated remuneration of ₹ 55,000/- (Rupees fifty five thousand) only per month to work in the University Health Centre.
AGE LIMIT: Below 70 years.
The date of personal interview shall be intimated later on.
Sd/-
REGISTRAR

**IN THE DEBTS RECOVERY TRIBUNAL, CUTTACK**
**C-71, Sector-7, CDA, Cuttack- 753014**
**O.A.No. 73/2019**
**Utkal Grameen Bank** .... Applicant
-Versus-
**Sri Kamal Lochan Samal** .... Defendants

1- **Sri. Kamal Lochan Samal**, aged about 28 years, S/o- Trilochan Samal
2- **Sri Trilochan Samal**, age about 62 yrs., S/o- Late Kailash Samal
Both at Madhu Sudan Colony, Po/Ps- Rajgangpur, Dist- Sundargarh- 770017
Defendants

**Summons by paper publication for showing cause as to why reliefs prayed for should not be granted**

Take notice that the Applicant has instituted OA No. 73/19 in the Debts Recovery Tribunal, Cuttack for recovery of **Rs. 15,60,543.00** only pendentiliete and future interest thereon at the agreement rate till recover from the defendants with costs and for other reliefs. The above named defendants are hereby directed to appear before this tribunal in person or through advocates or authorized agents and show cause on 28/04/2020 at 10.30 A.M. positively as to why the reliefs prayed for should not be granted.
Take notice that in case of your default the original Application shall be heard and disposed off exparte in your absence.
Given under hand and seal of this Tribunal, on this 17th day of month February of 2020.
**By Orders of this Tribunal**
**Sd./- M.K. Patnaik**
**Registrar**
**Debts Recovery Tribunal, Cuttack**

**IN THE DEBTS RECOVERY TRIBUNAL, CUTTACK**
**C-71, Sector-7, CDA, Cuttack- 753014**
**O.A.No. 69/2019**
**Utkal Grameen Bank** .... Applicant
-Versus-
**Sri Pratap Kumar Muduli** & Others .... Defendants

1- **Sri. Pratap Kumar Muduli**, aged about 41 years, S/o- Janardan Muduli, At- Kumbharpara, Near Baba Talab, Po/Ps- Rajgangpur, Dist- Sundargarh- 770017
2- **Sri Narendra Singh**, age not known but major, S/o- Ram Sevak Singh
3- **Sri Binod Kumar Dash,** age not known but major, S/o- Kamal Dev Dash
Defendant nos.2 & 3 Residing At- Kumbharpada, Po/Ps- Rajgangpur, Dist- Sundargarh- 770017
Defendants

**Summons by paper publication for showing cause as to why reliefs prayed for should not be granted**

Take notice that the Applicant has instituted OA No. 69/19 in the Debts Recovery Tribunal, Cuttack for recovery of **Rs. 13,80,482.00** only pendentiliete and future interest thereon at the agreement rate till recover from the defendants with costs and for other reliefs. The above named defendants are hereby directed to appear before this tribunal in person or through advocates or authorized agents and show cause on 30/04/2020 at 10.30 A.M. positively as to why the reliefs prayed for should not be granted.
Take notice that in case of your default the original Application shall be heard and disposed off exparte in your absence.
Given under hand and seal of this Tribunal, on this 3rd day of month March of 2020.
**By Orders of this Tribunal**
**Sd./- M.K. Patnaik**
**Registrar**
**Debts Recovery Tribunal, Cuttack**

**PANCHAYAT SAMITI OFFICE, LOISINGHA**
Letter No. Date: 06.03.2020

**INVITATIONS FOR BIDS**
**Detail Tender Call Notice No. 01/LSG/2019-20, Dated: 06.03.2020**

1. The Block Dev. Officer, Loisingha on behalf of Governor of Odisha invites percentage rate bids in sealed cover in conformity with Detailed Tender Call Notice No. 01/LSG/2019-20 to be eventually drawn up in State P.W.D. Form P-1 contract for the execution of works detailed in the table from eligible class of contractors mentioned against the work registered with the State Governments and Contractors of equivalent Grade/Class Registered with Central Government/MES/Railways for execution of Civil Works, on production of definite proof from the appropriate authority. The bidders may submit bids for any or all of the following works.

| Sl. No. | Name of Work | Approximate Value of Work (Rs.) | Bid Security 1% EMD (Rs.) | Cost of Document | Class of Contractor | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Upgradation of Loisingha Degree College Building at Loisingha | 35,29,067/- | 35,300/- | 6,000/- | C & B | 12 (Twelve) Calendar Months |

2. Bid documents consisting of plans, specifications, the schedule of quantities and the set of terms and conditions of contract and other necessary documetns can be seen in the office of the undersigned during office hours every day except on Sundays and Public Holidays till last date of sale and receipt of tender papers. Interested bidders may obtain further information at the same address.
3. Bid must be accompanied by bid security (EMD - 1%) of the amount specified for the work in the table above in any one of the forms as specified in the bidding docuemnt i.e. **N.S.C./ K.V.P./Postal Saving Bank Accounts/Deposit Receipt of Scheduled Bank/Post Office Term Deposit Account** duly pledged in favour of the Block. Dev. Officer, Loisingha. Bids must also be accompanied by self atested xerox copy of valid GST Clearance, PAN Card and valid contract registration certificate, up to date ITCC failing which the bid will be liable for rejection.
4. The sale of the Bid document shall start from **Dt.11.03.2020 to Dt.19.03.2020 upto 5.30 P.M. at Panchayat Samiti, Loisingha** and receipt of bid documents shall close on **Dt.19.03.2020 at 5.30 P.M.** in Panchayat Samiti, Loisingha & DRDA, Bolangir.
5. Bids must be delivered in the tender box having mentioned as Tender Call Notice No. 01/ LSG/2019-20 in Panchayat Samiti, Loisingha & DRDA, Bolangir.
6. Bid documents can be down loaded from official website of Government of Odisha **(http:// www.balangir.nic.in)**. The bidders who have downloaded the bidding documents from the internet site will have to pay the cost of the tender document as indicated in col. no. 5 of the above table in shape of Demand Draft/Bankers cheque in favour of Block. Dev. Officer, Loisingha, payable at **SBI Loisingha** in a separate envelope marked **"Cost of bidding documents downloaded from the internet"** with the bid document. Authority will not be hled responsible, if any portion of the bid document is excluded or modified in the downloaded bid document.
7. Bidding documents requested by mail will have to be dispatched by Registered/Speed Post on payment of an extra amount of Rs.500/- over the cost of documents. The undersigned will not be held responsible for the postal delay if any, in the delivery of the documents or non-receipt of the same.
8. The bids will be opened on the **Dt.20.03.2020 at 11.00 A.M.** in the office of the undersigned, in the presence of the members of tender committee of Panchayat Samiti, Loisingha, bidders or their authorized agents who wish to attend at the Conference Hall of Panchayat Samiti, Loisingha. If the office happens to be closed on the date of opening of the bids as specified the bids will be opened on the next working day at the same time and venue respectively. Other details can be seen in the bidding documents.
9. Additional performance security shall be deposited by the successful bidder when the bid amount is less than the estimated cost put to tender. In such an event, the bidder who have quoted less bid price/rates than the estimated cost put to tender shall have to furnish the exact amount of differential cost i.e. estimated cost put to tender minus the quoted amount as APS in shape of Demand Draft/Term Deposit Receipt pledged in favour of Development Officer, Loisingha by the successful bidder within seven days opening of the bid.
10. In case of Engineering contractors seeking exemption of EMD are instructed to enclose an affidavit regarding the list of works awarded during the current financial year 2019-20 with exemption of EMD along with an application to avail the same for this work and will submit copy of original contract licence and produce the original licnece at the time of opening of tener, otherwise the tender will be rejected.
11. Scheduled Caste and Scheduled Tribe tenderers will be given concession where their tenders are within 10% of the rate quoted by the lowest tenderer, for any work, the work may be considered for award to him/them at the lowest tendered rate.
12. If any bidder quotes less than 15% (fifteen) of the amount put to tender then such a bid shall be rejected and the tender shall be finalized basing on merit of the rest bids.
13. The tenderer while submitting tender shall furnish an affidavit along with the tender about the authenticity of the tender documents including E.M.D. The conditional tender will not be accepted on any circumstances by the authority.
14. The tender bidding for more than one work is required to submit the bid documents separately i.e. one envelope for each work with individual EMD. The bidding documents are to be properly sealed and clearly superscripted with the name of work with serial nos of the work.
15. The percentage quoted in the tender without mentioning excess or less shall be treated as excess.
16. The agency bidding for the work put of this notice, shall have to mention percentage of excess/less (both in words & figure) over the amount put to tender required by him in the prescribed format at the end of the bill of quantity. In the event of discrepancies the words & figure, the percentage quoted in words will count.
17. Validity of tender shall be 90 days from the date of opening of tender.
18. The Block Dev. Officer reserves right to reject any or all the tenders without assigning any reason thereof.

**Sd./- [R.C. Khadia, OAS(1)SB], Block Dev. Officer, Loisingha**



ମୁଁ ଅନ୍ୟକୁ ଥଟ୍ଟା କରେ ସତକଥା କହି, କାରଣ ସତ୍ୟ ହେଉଛି ସବୁଠାରୁ ବଳି ଆମୋଦଦାୟକ ଥଟ୍ଟା।
- ଜର୍ଜ ବର୍ନାଡ ଶ



## ସଂକ୍ଷେପରେ...

### ଦାଣ୍ଡପାଟ ଉମ୍ବ ସାମଜର ବୈଠକ, କର୍ମକର୍ତ୍ତା ଚୟନ

**ପର୍ଲା,୬।୩(ଡି.ଏନ.ଏ.)**
କଳାହାଣ୍ଡି ଜିଲା ଦାଣ୍ଡପାଟ ଅଞ୍ଚଳ ମଙ୍ଗଳପୁର ପିଜୁଳି ବଗିଚାଠାରେ ଦାଣ୍ଡପାଟ ଆଞ୍ଚଳିକ ଉମ୍ବ ସମାଜର ବୈଠକ ଅନୁଷ୍ଠିତ ହୋଇଥିଲା । ନିର୍ମଳ ନାୟକଙ୍କ ସଭାପତିତ୍ୱରେ ବିଭିନ୍ନ ସାମାଜିକ ବିଷୟରେ ଆଲୋଚନା କରାଯାଇଥିଲା। ସମସ୍ତ ପଞ୍ଚାୟତ କାର୍ଯ୍ୟକର୍ତ୍ତାଙ୍କ ସହମତ କ୍ରମେ ଆଞ୍ଚଳିକ ଉମ୍ବ ସମାଜର କର୍ମକର୍ତ୍ତା ଚୟନ କରାଯାଇଥିଲା । ସଭାପତି ଭାବେ ବିରଞ୍ଚି ନାରାୟଣ ଖମାରୀ, ଉପସଭାପତି ଧ୍ରୁବ ସେଠିଆ, ସାଧାରଣ ସମ୍ପାଦକ ହେରାମ୍ବ ସେନାପତି, ସମ୍ପାଦକ ଯଶୋବନ୍ତ ପାଣିଗ୍ରାହୀ, କୋଷାଧକ୍ଷ ନିରଞ୍ଜନ ବାଗଙ୍କୁ ମନୋନୀତ କରାଯାଇଥିଲା । ସଂକ୍ରିୟ ସଦସ୍ୟ ଭାବେ ସନ୍ତୋଷ ଦୀପ, ହରିଶଙ୍କର ନାଏକ, ସୁନୀଲ ଦୁରିଆ, ପଙ୍କଜ ଠାକୁର, ତ୍ରିଲୋଚନ ମହାନନ୍ଦ, ଦିଗାମ୍ବର ବେମାଲ, ଶୋଭିତ ଗାନ୍ଧୀ, କୌଶିକ ଖମାରୀ, ବଳଦେବ ସୁନାନୀ ଓ ନିଳାଞ୍ଚଳ ସେଠିଆଙ୍କୁ ମନୋନୀତ କରାଯାଇଛି । ବୈଠକରେ ଅଞ୍ଚଳ ବରିଷ୍ଠ ଆଇନଜୀବୀ ଦିଗାମ୍ବର ଦୁରିଆ, ଲକ୍ଷଜ୍ୟୋତି ଜାଲ, ସୁବାଷ ବାଗ ପ୍ରମୁଖ ଉପସ୍ଥିତ ଥିଲେ ।

### ଇଚ୍ଛାପୁର ସ୍କୁଲରେ ଜାତୀୟ ନିରାପତ୍ତା ଦିବସ ପାଳିତ

**ଭବାନୀପାଟଣା,୬।୩(ଡି.ଏନ.ଏ.)**
ଭବାନୀପାଟଣା ସଦର ବ୍ଲକ ଅନ୍ତର୍ଗତ ଇଚ୍ଛାପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜାତୀୟ ନିରାପତ୍ତା ଦିବସ ପାଳିତ ହୋଇଯାଇଛି। ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ବସୁମତୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ୪-ନେଭାଲ ଅଫିସର ଓଡିଶା ୟୁନିଟ୍ ଗୌରିଶଙ୍କର ଗୁପ୍ତା ଦିବସର ଗୁରୁତ୍ୱ ଉପରେ ଉଦ୍‌ବୋଧନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜୟପ୍ରକାଶ ସନ୍ଧ୍ୟା ଡିଗ୍ରୀ ମହାବିଦ୍ୟାଳୟ ଅଧାପକ ସୁଶାନ୍ତ କୁମାର ଦାସ ଓ ଗଣଣାଥପୁର କ୍ଲଷ୍ଟର ସିଆରସିସି ଜଗନ୍ନାଥ ପ୍ରସାଦ ଦାସ ଛାତ୍ରୀଛାତ୍ରମାନଙ୍କୁ ନିରାପତ୍ତା ସମ୍ବନ୍ଧିୟ ସଚେତନତା କରିଥିଲେ। ଶିକ୍ଷୟିତ୍ରୀ ଯ୍ୟୋସ୍ନାରାଣୀ ତ୍ରିପାଠୀ, ଅନୁପମା ଶିଶୁ, ସୁବାସିନୀ ପଟ୍ଟନାୟକ, ମାନଶି ପଣ୍ଡା ଓ ରିଙ୍କୁ ଚୈଧୁରୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହାସହିତ ଅବିଭାବକ ଅଭିଭାବିକା, ଗ୍ରାମର ଯୁବଗୋଷ୍ଠୀ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଓ ଛାତ୍ରୀଛାତ୍ର ମିଶି ଗ୍ରାମରେ ଏକ ସଚେତନତା ଶୋଭାଯାତ୍ରା ପରିବାର ସହ ରାଜ୍ୟ ସଡକରେ ଯାନବାହନ ଚଳାଚଳନା ସମୟରେ ଯାତ୍ରୀମାନଙ୍କୁ ନିରାପତ୍ତା ସଚେତନତା କରିବା ପାଇଁ ଗୋଟିଏ ଲେଖାଏଁ ଗୋଲାପ ଫୁଲ ଭେଟି ଦଇଥିଲେ।

# ଚିଟ୍‌ଫଣ୍ଡ ଟଙ୍କା ପାଇଁ ଜମାକାରୀ ବାରଦୁଆର

**ନୂଆପଡା ଅଫିସ,୬।୩**



ଜମାକାରୀମାନେ ବିଧାୟକଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ।

- ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପଠାଇଲେ
- ବିଧାୟକଙ୍କ ପ୍ରତିଶ୍ରୁତି ପରେ ଫେରିଲେ

ନୂଆପଡା ଭଳି ଅନୁନ୍ନତ ଏବଂ ଆର୍ଥିକ ଅନଗ୍ରସର ଜିଲାର ଲୋକଙ୍କ ସରଳତାର ସୁଯୋଗ ନେଇ କେତେକ ଚିଟଫଣ୍ଡ ସଂସ୍ଥା ଲୋକଙ୍କଠାରୁ ବିଭିନ୍ନ ଉପାୟରେ ପ୍ରଲୋଭିତ କରି ଟଙ୍କା ଲୁଟି ନେଇଛନ୍ତି । ଏହା ଉପରେ ସରକାର ପଦକ୍ଷେପ ନେବା ସ୍ୱରୁପ ଲୋକଙ୍କୁ ଟଙ୍କା ଫେରସ୍ତ କରିବା ନାଁରେ ବିଭିନ୍ନ ସମୟରେ ଭୁଟାଇ ଚାଲିଛନ୍ତି । ଏହା ଉପରେ ଜମାକାରୀମାନେ ଆନ୍ଦୋଳନ କରୁଥିଲେ ମଧ୍ୟ କୌଣସି ସୁଫଳ ପାଇପାରୁନାହାନ୍ତି । ବର୍ତ୍ତମାନର ବାର ଦୁଆର ହେଉଛନ୍ତି । ଶୁକ୍ରବାର ଶତାଧିକ ଜମାକାରୀମାନେ ନୂଆପଡା ଆସି ନୂଆପଡା ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ରାଜେନ୍ଦ୍ର ପ୍ରସାଦ ଢୋଲକିଆଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଏହା ଉପରେ ସେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ସୁଫଳ ଦେବାରେ ପ୍ରୟାସ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।

ପ୍ରକାଶ ଯେ, ଚିଟଫଣ୍ଡ ସଂସ୍ଥାର କଳାକାରନାମା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ହେବା ପରେ ରାଜ୍ୟ ସରକାର ସଂସ୍ଥାଗୁଡିକୁ ସିଲ କରିଥିବାବେଳେ ସୁପ୍ରିମକୋର୍ଟ ଏହାର ତଦନ୍ତଭାର ସିବିଆଇକୁ ଦେବା ସହ ଏହାର ମନିଟ୍ରେଲ ଅନୁସନ୍ଧାନ କରି ଜମାକାକରୀମାନଙ୍କ ଟଙ୍କା ଉଦ୍ଧାର ପାଇଁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟକୁ ନିର୍ଦ୍ଦେଶ ଦେଇଥିଲେ । ୨୦୧୩ ପୌର ନିର୍ବାଚନ, ୨୦୧୪ ସାଧାରନ ନିର୍ବାଚନ ପୂର୍ବରୁ ରାଜ୍ୟ ସରକାର କ୍ଷତିଗ୍ରସ୍ତଙ୍କୁ ଟଙ୍କା ଫେରସ୍ତ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ପୁଣି ୨୦୧୯ ନିର୍ବାଚନ ପୂର୍ବରୁ ତଦନ୍ତ କମିଶନ ୨୦୧୩ ସତ୍ୟପାଠର ଯାଞ୍ଚ କରି ରାଜ୍ୟ ସରକାରଙ୍କୁ ୭ ଦଫାରେ ଦେଇଥିବା ଜମାକାରୀ ତାଲିକା ତହସିଲ ଜରିଆରେ ଯାଞ୍ଚ କରିବାକୁ ପଠାଇଲେ । ସେ ସବୁ ଯାଞ୍ଚ ବର୍ତ୍ତମାନ ଯାଏଁ ସରିଲା ନାହିଁ। ଯେତିକି ଯାଞ୍ଚ କରାଯାଇଥିଲା ସେତକର ଟଙ୍କା ମଧ୍ୟ ଫେରସ୍ତ ହେଲା ନାହିଁ । କେତେକ ମୁଷ୍ଟିମେୟ ଲୋକଙ୍କୁ ଟଙ୍କା ଫେରସ୍ତ କରାଗଲା । ନିର୍ବାଚନ ପୂର୍ବରୁ ଆଚରଣ ବିଧି ବାହାନା କରି ସରକାର ଟଙ୍କା ଦେଲେନାହିଁ। ଏପର୍ଯ୍ୟନ୍ତ ଯାଞ୍ଚ ଅଥବା ଫେରସ୍ତ ପ୍ରକ୍ରିୟା ଆରମ୍ଭ କରାଗଲା ନାହିଁ । ଫଳରେ ଜମାକାରୀମାନଙ୍କ ମଧ୍ୟରେ ଅସନ୍ତୋଷ ଆନ୍ଦୋଳନର ଦାନା ବାନ୍ଧୁଛି । ଆଗାମୀ ଦିନରେ ଏହା ବିସ୍ଫୋରକ ରୂପ ନେବ ବୋଲି ଜିଲା ଆବାହକ ଅମର କୁମାର ସାହୁ କହିଛନ୍ତି । ଏହା ଉପରେ ମୁଖ୍ୟମନ୍ତ୍ରୀ ଖୋଦ ବିଶେଷ ଦୃଷ୍ଟି ଦେବା ପାଇଁ ଶାସକ ଦଳର ବିଧାୟକଙ୍କୁ ତାଙ୍କ କାର୍ଯ୍ୟାଳୟରେ ଦାବିପତ୍ର ପ୍ରଦାନ କରାଯାଇଛି । ଦାବିପତ୍ର ପ୍ରଦାନ ବେଳେ ବହୁଜମାକାରୀମାନେ ଉପସ୍ଥିତ ଥିଲେ। ଏହା ଉପରେ ନିଶ୍ଚିତ ଭାବେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ବିଧାୟକ ଢୋଲକିଆ ନିର୍ଭର ପ୍ରତିଶ୍ରୁତି ଦେଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ କୁଞ୍ଜଲାଲ ସାହୁ, ମଖନ ସୁନାନୀ, ହୃଦେ ଛତ୍ରିଆ, ଦେବେନ୍ଦ୍ର ରାଉତ,ଉଦ୍ଧବ ମାଝି ପ୍ରମୁଖ ସାମିଲ ଥିଲେ।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯାହା ଖାଇବ ପେଟକୁ,**
**ଯାହା ଦେବ ବାଟକୁ,**
**ଯାହା ଥୋଇବ ଖଣ୍ଟକୁ ।**

ଜୀବ ଥିବା ଯାଏ ଭଲ ଖାଇପିଇ ସ୍ୱାସ୍ଥ୍ୟ ଠିକ୍ ରଖିବା ଦରକାର । ଦାନ ଧର୍ମ କଲେ ବହୁ ପୁଣ୍ୟ ମିଳିଥାଏ । ମୃତ୍ୟୁ ପରେ ସଞ୍ଚିତ ଅର୍ଥ ଅନ୍ୟମାନେ ଭୋଗ କରନ୍ତି। ସୁକର୍ମ କରିଥିଲେ ମୃତ୍ୟୁ ପରେ ବି ଲୋକେ ଯଶଗାନ କରିଥାନ୍ତି। ଧନସମ୍ପତ୍ତି କେହି ସାଙ୍ଗରେ ନେଇଯାଇପାରି ନ ଥାନ୍ତି। ନିଜର ସୁଗୁଣ, ଯଶ ଗୌରବ ରହିଯାଏ, ସମସ୍ତେ ସେଇଥିପାଇଁ ମନେ ପକାଉଥିବା ଅର୍ଥରେ ଏଭଳି ସୁପରାମର୍ଶ ପ୍ରଦାନ କରାଯାଇଛି।

**ଯେନ ବାଣେ ହତ ବାଳୀ**
**ତେନ ବାଣେ ହତ ଲଙ୍କା ।**

ପ୍ରଭୁ ରାମଚନ୍ଦ୍ର ସୁଗ୍ରୀବ ସହ ବନ୍ଧୁତା କରି ବାନର ରାଜା ବାଳୀକୁ ବଧ କରିଥିଲେ। ସେହିପରି ବିଭୀଷଣ ସହାୟତାରେ ସେ ଲଙ୍କପତି ରାବଣକୁ ମାରିଥିବା ପୁରାଣରୁ ଜାଣିବାକୁ ମିଳିଥାଏ। ପରୋକ୍ଷରେ ଏକା ବାଣକେ ଦୁଇଟି ଶିକାର। ଗୋଟିଏ ଫଳାରେ ଦୁଇଟି ଷଡ଼ଯନ୍ତ୍ର ପଣ୍ଡ କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା: ଲି:

## ଲକ୍ଷେଘର ଜାତି ମହାସଙ୍ଘର ବାର୍ଷିକ ମହାସଭା

**କୋଲାବିରା,୬।୩(ଡି.ଏନ.ଏ.)**
ସାମାସିଂହା କଲ୍ୟାଣ ମଣ୍ଡପରେ ଲକ୍ଷେଘର ଜାତି ମହାସଂଘ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାସଂଘର ସଭାପତି ଭୁବନେଶ୍ୱର ଗର୍ଡିଆ ସଭାପତିତ୍ୱ କରିଥିଲେ। ସମ୍ପାଦକ ଅଶୋକ ଚାନ୍ଦ ବାର୍ଷିକ ବିବରଣୀ ପଠନ କରିଥିଲେ। ବିଶ୍ୱମ୍ଭର ମହାନନ୍ଦିଆ, ଖଗେଶ୍ୱର ଛଛାନ, ଲକ୍ଷ୍ମୀନାରାୟଣ ବାଗ, ଉତ୍ତମ ସୁନାନୀ, ଗଣେଶରାମ କରାଳି, ବିଜୟ ପୋଢ, ଡିଲେଶ୍ୱର ବାଗ, ରାଧେଶ୍ୟାମ ଗର୍ଡିଆ, ଶକ୍ତି ରଣବିଡା, ଦିବାକର କୁଆ, ଚଇତନ ବାଦୀ, ବିପ୍ରବର ସୁନାନୀ, ବିରାରୀ ମହାନନ୍ଦ, ସାଧୁ ବାଗ, ଜନ୍ମେଜୟ ଛଛାନ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

## ଗୁଣାତ୍ମକ ଶିକ୍ଷାରେ ପ୍ରାଇଭେଟ ସ୍କୁଲର ଭୂମିକା ଶୀର୍ଷକ କର୍ମଶାଳା

**ଭବାନୀପାଟଣା,୬।୩ (ଡି.ଏନ.ଏ.)**
କଳାହାଣ୍ଡି ପ୍ରାଇଭେଟ ସ୍କୁଲ ଆସୋସିଏଶନ ପକ୍ଷରୁ ଗୁଣାତ୍ମକ ଶିକ୍ଷାରେ ପ୍ରାଇଭେଟ ସ୍କୁଲର ଭୂମିକା ଶୀର୍ଷକ କର୍ମଶାଳା ଭବାନିପାଟଣା ସହରସ୍ଥିତ ଏସ.ଏନ ସଭାଗୃହ ରେଲୱେ ଷ୍ଟେଶନ ପରିସରରେ ଗତ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସଭାରେ ଆସୋସିଏଶନ ଅଧକ୍ଷ ଶିବରାମ ନାୟକ ଅଧକ୍ଷତା କରିଥିଲେ। ଅନୁଷ୍ଠିତ କର୍ମଶାଳାରେ ମୁଖ୍ୟଅତିଥି ରୂପେ କଳାହାଣ୍ଡି ଆରଟିଓ ଦୀନବନ୍ଧୁ ଶୁଣ୍ଠି ଯୋଗ ଦେଇଥିବାବେଳେ ଶିକ୍ଷାବିତ ବ୍ରହ୍ମାନନ୍ଦ ସାମଲ, ଡ. ଜୟ କୁଟି, ଇଂ ଅଜୟ ପଣ୍ଡା, ଆଇନଜୀବୀ ଗଣେଶ ପ୍ରସାଦ, ସାମାଜିକ କର୍ମୀ ଦୁଷ୍ମନ୍ତ ପ୍ରଧାନ ସମ୍ମନିତ ଅତିଥି ରୂପେ ଯୋଗଦେଇଥିଲେ । ଆସୋସିଏଶନ ସମ୍ପାଦକ ଡ. ଜାହାଙ୍ଗିର ଖାଁନ ସଭା ପରିଚାଳନା କରିଥିଲେ। ଜିଲାର ୧୩ଟି ବ୍ଲକର ବିଭିନ୍ନ ଘରୋଇ ସ୍କୁଲର ଶତାଧିକ ଅଧକ୍ଷ, ନିର୍ଦ୍ଦେଶକ, ପରିଚାଳନା କମିଟି ସଭ୍ୟସଭ୍ୟା, ଶିଶକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ଯୋଗଦେଇଥିଲେ। ଆଇନ ଅନୁସାରେ ସ୍କୁଲ ପରିଚାଳନା, ଏନଓସି ପାଇବା ପାଇଁ ସରକାରଙ୍କ ପକ୍ଷରୁ ହୋଇଥିବା କଟକଣା ସହ, ସ୍କୁଲ ପରିଚାଳନାରେ ବିଭିନ୍ନ ସମସ୍ୟାର ସମାଧାନ ଉପରେ ଆଲୋକପାତ କରାଯାଇଥିଲା। ଭବିଷ୍ୟତରେ ବିଭିନ୍ନ ସମାଜ ମଙ୍ଗଳସହ ଗୁଣାତ୍ମକ ଶିକ୍ଷାକୁ ତ୍ୱରାନ୍ୱିତ କରିବାକୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେବା ପାଇଁ ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଶିକ୍ଷକ ଯୋଗେଶ ନାଇକ ସ୍ୱାଗତ ଭାଷଣ ଦେଇଥିବା ବେଳେ ଆସୋସିଏଶନ ଉପଦେଷ୍ଟା କାଦିର ଖାଁନ ଧନ୍ୟବାଦ ଦେଇଥିଲେ।

# ୮ ବଛର ହେଲା ଦରଖଁଡ଼ିଆ ହେଇ ପଡ଼ିଛେ

## ମହୁଲପଡ଼ା-ରଏନପଡ଼ା ଯୋର ପୁଲିଆ କାମ୍

**କେସିଙ୍ଗା, ୬।୩ (ଡି.ଏନ.ଏ)**
କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅଧୀନ ପରଲସିଙ୍ଗା ପଁଚେତ୍ ମହୁଲପଡ଼ାରୁ ରଏନପଡ଼ା ମଝିରେ ଗୁଟେ ଯୋର ରହିଛେ। ଯେନ୍ଥିରଲାଗି ଗାଁବାସୀ ଇ ରାସ୍ତାରେ ଗଲାଆଏଲା ବେଲେ ବଡ଼ଭାରି ସମସିଆର ସାମନା କରୁଛନ୍। ଆଏଜ୍ ବି ରଏନପଡ଼ାବାସୀ ବରଷା ଦିନେ ବଡ଼ା ଦହଗଁଜ୍‌ରେ ପରଲସିଙ୍ଗା ଗାଁ ବାଟେ କେସିଙ୍ଗାକେ ଯିବାର ଆଏବାର କରୁଛନ୍। ଗାଁବାସୀକର ଇ ସମସିଆକେ ଦୂର କରବାର ଲାଗି ଗଲା ୯ ମାର୍ଚ୍ଚ ୨୦୧୨ରେ କେସିଙ୍ଗା ବ୍ଲକ ତରଫୁ ଯୋରରେ ୩ ଲାଖ୍ ଟଁକା ଖରଚ୍ ଅଟକଲରେ ଗୁଟେ ପୁଲିଆ ତିଆରି କାମ୍ ମୂଲ ହେଇଥିଲା। କାମ୍ ମୂଲ ହେବାର ଆଏଜ୍‌କେ ୮ ବଛର ବିତିଯାଇଛେ। ହେଲେ ଆଏଜ୍ ବି ପୁଲିଆ ଦରଖଁଡ଼ିଆ ହେଇ ପଡ଼ିଛେ। ଯେନ୍ଥିରଲାଗି ଗାଁବାସୀକର ଦୁଖ୍ ଦୂର ନାଇଁ ହେଇପାରି। ଇ ପୁଲିଆ ତିଆର ହେଲେ ଅଂଚଲବାସୀ ଉମରମାଲ, ସିରୋଲ ହେଇ କେସିଙ୍ଗା, ଭବାନୀପାଟଣାକେ ସିଧାସଳଖ ଯାଆସ କରିପାରବେ। ହେଲେ ଆଏଜ୍‌କେ ୮ ବଛର ବିତିଯାଇଥିଲେ ବି ବ୍ଲକ ପରଶାସନ ଇ ପୁଲିଆ କାମ୍ ପୂରା କରବାରେ ବିଫଳ ହେଇଛେ। ପଡ଼ାବାସୀ ସମସିଆର ସମାଧାନ ଲାଗି ଅନେକ ଥର ବ୍ଲକକେ ଯାଇଆସି ନିରାଶ ହେଇଥିବାର କହିଛନ୍। ସେନ୍‌ତା ପୁଲିଆ ତିଆର ଲାଗି ଯେନ୍ ଠିକାଦାରକୁ ଦାଇତିଅ ଦିଆଯାଇଥିଲା ସେ ବ୍ଲକ କରମ୍‌ଚାରୀକଁର ସଂଗେ ସଲାସୁତ୍‌ରା କରି ୩ ଲାଖ୍ ଟଁକା ଖାଇ ଦେଇଥିବାର ଗାଁବାସୀ କହିଛନ୍। ଇ ବାବ୍‌ଦେ ପୂରବର କନିଷ୍ଠ ଯନ୍ତ୍ରୀ ବେହେରା ବାବୁଙ୍କୁ ପଚ୍‌ରାଲାରୁ ଠିକାଦାର କାମ୍ ପୂରା ନାଇଁ କରି। ସେଥିରଲାଗି ମୁଇଁ ବିଲ୍ ନାଇଁ କରି ବଲି ସେ କହିଥିଲେ। ସେନ୍‌ତା ଇ ବାବ୍‌ଦେ ପରଲସିଙ୍ଗା ପିଇଓ କଲ୍ୟାଣ ସାହୁଙ୍କୁ ପଚ୍‌ରାଲାରୁ ୮ ବଛର ତଲର କଥା ମୋର ସୋର ନାଁଇନ ବଲି ସେ କହିଥିଲେ।



ଦରଖଁଡ଼ିଆ ହେଇ ପଡ଼ିଥିବାର ରଏନପଡ଼ା-ମହୁଲପଡ଼ା ପୁଲିଆ।

## ବିଭିନ୍ନ ପ୍ରଜାତିର ସାଇଜ କାଠ, ଟାଟା ମ୍ୟାଜିକ ଗାଡ଼ି ଜବତ

### ୨ ଜଣଙ୍କୁ କୋର୍ଟ ଚାଲାଣ

**ଭବାନୀପାଟଣା,୬।୩ (ଡି.ଏନ.ଏ.)**
ଭବାନୀପାଟଣା ଚୁଡିହାରିପଡାଠାରେ ଚଢ଼ାଉ କରି ବନ ବିଭାଗ ଏକ ଟାଟା ମ୍ୟାଜିକ ଗାଡିରୁ ୨୦ ଖଣ୍ଡ ବିଭିନ୍ନ ପ୍ରଜାତିର ସାଇଜ କାଠ ଜବତ କରିଛି। ଉକ୍ତ ଗାଡିରେ ଥିବା ୨ ଜଣ ମୁଷାନାଲ ଗ୍ରାମର ସୁରେଶ ହରିଜନ ଓ ସୁଶାନ୍ତ ହରିଜନଙ୍କୁ ଗିରଫ କରି ଶୁକ୍ରବାର ସନ୍ଧ୍ୟାରେ କୋର୍ଟ ଚାଲାଣ କରିଥିବା ବିଭାଗକୀୟ ସୂତ୍ରରୁ ଜଣାପଡିଛି। ଜବତ କାଠର ମୂଲ୍ୟ ୨୫ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି କୁହାଯାଇଛି।
ଶୁକ୍ରବାର କଳାହାଣ୍ଡି ଉତ୍ତରବନଖଣ୍ଡ ଡିଏଫ୍‌ଓ ନିତିଶ କୁମାରଙ୍କ ନିର୍ଦ୍ଦେଶକ୍ରମେ ଓ ଏସିଏଫ୍ ବଂଶିଧର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଭବାନୀପାଟଣା ରେଞ୍ଜର ପାଟ୍ରୋଲିଂ ସ୍କ୍ୱାଡ, ସଦର ରେଞ୍ଜର ନୃତ୍ୟରାଜ ମାଝିଙ୍କ ନେତୃତ୍ୱରେ ପାଟ୍ରୋଲିଂ କରୁଥିଲେ। ଭବାନୀପାଟଣା ଚୁଡିହାରିପଡାଠାରେ ଏକ ଟାଟା ମ୍ୟାଜିକ ଗାଡିରେ ମୂଲ୍ୟବାନ ବିଭିନ୍ନ ପ୍ରଜାତିର ସାଇଜ କାଠ ଚୋରା ଚାଲାଣ ହେଉଥିବା କୌଣସି ସୂତ୍ରରୁ ଖବର ପାଇଥିଲେ। ସେଠାରେ ଟାଟା ମ୍ୟାଜିକ ଗାଡି (ନଂ. ଓଡି୦୮ ଇ ୯୯୦୩) ଅଟକାଇ ଯାଞ୍ଚ କରିଥିଲେ। ଉକ୍ତ ଗାଡିରେ ୨୦ ଖଣ୍ଡ ସାଇଜ ବିଭିନ୍ନ ପ୍ରଜାତିର କାଠ ଜବତ କରିବା ସହ ଉକ୍ତ ଗାଡିରେ ଥିବା ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ରେଞ୍ଜର ମାଝି, ଟାଉନ ଫରେଷ୍ଟର ଡମ୍ବରୁଧର ପ୍ରଧାନ, ସାନ୍ତପୁର ଫରେଷ୍ଟର ରତ୍ନାକର ଧରୁଆ, ଟାଉନ ଫରେଷ୍ଟ ଗାର୍ଡ ବିଶ୍ୱଜିତ୍ ଠାକୁର, ଭବାନୀ ଶଙ୍କର ପରିଚ୍ଛା, ଇନ୍ଦୁଭୂଷଣ ଧଙ୍ଗଡାମାଝି, ହେମନ୍ତ ଗଉଡ, ସତ୍ୟ ମାଝି, ଭାଗବତ ଭୂଷଣ ବେହେରା, ରଜନୀକାନ୍ତ ମେହେର ଓ ଦିଅଲୁ ରାଉତ ପ୍ରମୁଖ ଚଢ଼ାରେ ସାମିଲ ଥିଲେ ।



ଜବତ ଗାଡ଼ି ଓ ସାଇଜ କାଠ ।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE FINANCE

GANPATI FINANCE
GANPATI ଋଣ 2%ବାର୍ଷିକ ସୁଧରେ ମାତ୍ର ୨୪ ଘଣ୍ଟାରେ ଘରେବସି ପାଆନ୍ତୁ
ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ
ଯେବେ କଉଠି ନ ମିଳେ ଲୋନ୍ ଆମକୁ କରନ୍ତୁ ଫୋନ୍
Plot No-14/524, Chandini Chowk, Kolkata
8396000562
8607796713

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

ଋଣ ଧମାକା
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଦର୍ଶ ଫାଇନାନ୍ସ
ପୂରା ରାଜ୍ୟରେ ପ୍ରଥମ ଥର ପାଇଁ ପିଏମ୍ ଜନଧନ ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
2% ସୁଧ - 50% ରିହାତିରେ
ଆଧାରକାର୍ଡ | ରାଶନକାର୍ଡ
ପର୍ସନାଲ | ପ୍ରପର୍ଟି
ଏଗ୍ରିକଲ୍ଚର | ବ୍ୟବସାୟ
ଗୃହ ଋଣ | ଟୁ-ହ୍ୱିଲର୍
ଗ୍ରୁପ୍ ଋଣ | ପଶୁପାଳନ
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
କମ୍ କାଗଜପତ୍ର କାମ
କମ୍ ଖରାପ ସିବିଲଧାରୀଙ୍କୁ ମଧ ଋଣ
8929889612
7290830466
Shahajahanabad, Bhopal (MP)

ସରସ ଫାଇନାନ୍ସ
ଋଣ ନିଅନ୍ତୁ ମାତ୍ର ୨୪ ଘଣ୍ଟାରେ
ସମସ୍ତ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଲୋନ, ପଶୁପାଳନ, ବିଜ୍‌ନେସ୍ ଏବଂ ଘର ଋଣ
ସହଜ କିସ୍ତିରେ ସବୁ ପ୍ରକାର ଋଣ ଉପଲବ୍ଧ
Online ସୁବିଧା, ଥରେ ମାତ୍ର ବିଶ୍ୱାସ କରି ଦେଖନ୍ତୁ
ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

BUSINESS BUSINESS

ଦୟାକରି ଧ୍ୟାନ ଦିଅନ୍ତୁ
ଖାଲିଥିବା ଜମି, ଛାତ ଓ ପ୍ଲଟ୍‌ରେ Tower Vision କମ୍ପାନୀର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/-ପାଆନ୍ତୁ ଓ ମାସକୁ ଭଡା 30,000/- ଟଙ୍କା ପାଆନ୍ତୁ
ଜମି ଛାତ ପ୍ଲଟ୍
07449881156
08295828950

BUSINESS
ମୋବାଇଲ ଟାୱାର
ସିୟା ରାମ ଟାୱାର କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ ଉପରେ ୪ଜି ମୋବାଇଲ ଟାୱାର ଲଗାନ୍ତୁ ।
ମାସିକ ଭଡା - ୯୦,୦୦୦/-, ଆଡଭାନ୍ସ - ୯୦ଲକ୍ଷ + ଚାକିରୀ + ୨୦ବର୍ଷ ଏଗ୍ରିମେଣ୍ଟ
9667567748
9667567752

ASTROLOGY ASTROLOGY

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9903852257
9818298397

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

DHARITRI Career appointment Every Wednesday and Saturday



ଯେଉଁମାନଙ୍କ ମନଟି ଛୋଟ, ସେମାନଙ୍କୁ ଛୋଟ କଥାଟିଏ ବି ବଡ଼ ଭଳି ଜଣାପଡ଼େ।

- ଗୋଲ୍ଡସ୍ମିଥ

# ଚିଟ୍‌ଫଣ୍ଡ ଟଙ୍କା ପାଇଁ ଜମାକାରୀ ବାରଦୁଆର

**ନୂଆପଡା ଅଫିସ,୬।୩**



ଜମାକାରୀମାନେ ବିଧାୟକଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ।

ନୂଆପଡା ଭଳି ଅନୁନ୍ନତ ଏବଂ ଆର୍ଥିକ ଅନଗ୍ରସର ଜିଲାର ଲୋକଙ୍କ ସରଳତାର ସୁଯୋଗ ନେଇ କେତେକ ଚିଟଫଣ୍ଡ ସଂସ୍ଥା ଲୋକଙ୍କଠାରୁ ବିଭିନ୍ନ ଉପାୟରେ ପ୍ରଲୋଭିତ କରି ଟଙ୍କା ଲୁଟି ନେଇଛନ୍ତି। ଏହା ଉପରେ ସରକାର ପଦକ୍ଷେପ ନେବା ସ୍ବରୁପ ଲୋକଙ୍କୁ ଟଙ୍କା ଫେରସ୍ତ କରିବା ନାଁରେ ବିଭିନ୍ନ ସମୟରେ ଭୁଡାଇ ଚାଲିଛନ୍ତି । ଏହା ଉପରେ ଜମାକାରୀମାନେ ଆନ୍ଦୋଳନ କରୁଥିଲେ ମଧ୍ୟ କୌଣସି ସୁଫଳ ପାଇପାରୁନାହାନ୍ତି। ବର୍ତ୍ତମାନର ବାର ଦୁଆର ହେଉଛନ୍ତି । ଶୁକ୍ରବାର ଶତାଧିକ ଜମାକାରୀମାନେ ନୂଆପଡା ଆସି ନୂଆପଡା ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ରାଜେନ୍ଦ୍ର ପ୍ରସାଦ ଢୋଲକିଆଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଏହା ଉପରେ ସେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟିଆକର୍ଷଣ କରି ସୁଫଳ ଦେବାରେ ପ୍ରୟାସ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।

ପ୍ରକାଶ ଯେ, ଚିଟଫଣ୍ଡ ସଂସ୍ଥାର କଳାକାରନାମା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ହେବା ପରେ ରାଜ୍ୟ ସରକାର ସଂସ୍ଥାଗୁଡିକୁ ସିଲ କରିଥିବାବେଳେ ସୁପ୍ରିମକୋର୍ଟ ଏହାର ତଦନ୍ତଭାର ସିବିଆଇକୁ ଦେବା ସହ ଏହାର ମନିଟ୍ରେଲ ଅନୁସନ୍ଧାନ କରି ଜମାକାକରୀମାନଙ୍କ ଟଙ୍କା ଉଦ୍ଧାର ପାଇଁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟକୁ ନିର୍ଦ୍ଦେଶ ଦେଇଥିଲେ। ୨୦୧୩ ପୌର ନିର୍ବାଚନ, ୨୦୧୪ ସାଧାରନ ନିର୍ବାଚନ ପୂର୍ବରୁ ରାଜ୍ୟ ସରକାର କ୍ଷତିଗ୍ରସ୍ତଙ୍କୁ ଟଙ୍କା ଫେରସ୍ତ କରିବାକୁପ୍ରତିଶ୍ରୁତିଦେଇଥିଲେ। ପୁଣି ୨୦୧୯ ନିର୍ବାଚନ ପୂର୍ବରୁ ତଦନ୍ତ କମିଶନ ୨୦୧୩ ସତ୍ୟପାଠରେ ଯାଞ୍ଚ କରି ରାଜ୍ୟ ସରକାରଙ୍କୁ ୭ ଦଫାରେ ଦେଇଥିବା ଜମାକାରୀ ତାଲିକା ତହସିଲ ଜରିଆରେ ଯାଞ୍ଚ କରିବାକୁ ପଠାଇଲେ । ସେ ସବୁ ଯାଞ୍ଚ ବର୍ତ୍ତମାନ ଯାଏଁ ସରିଲା ନାହିଁ। ଯେତିକି ଯାଞ୍ଚ କରାଯାଇଥିଲା ସେତକର ଟଙ୍କା ମଧ୍ୟ ଫେରସ୍ତ ହେଲା ନାହିଁ । କେତେକ ମୁଷ୍ଟିମେୟ ଲୋକଙ୍କୁ ଟଙ୍କା ଫେରସ୍ତ କରାଗଲା । ନିର୍ବାଚନ ପୂର୍ବରୁ ଆଚରଣ ବିଧି ବାହାନା କରି ସରକାର ଟଙ୍କା ଦେଲେନାହିଁ। ଏପର୍ଯ୍ୟନ୍ତ ଯାଞ୍ଚ ଅଥବା ଫେରସ୍ତ ପ୍ରକ୍ରିୟା ଆରମ୍ଭ କରାଗଲା ନାହିଁ। ଫଳରେ ଜମାକାରୀମାନଙ୍କ ମଧ୍ୟରେ ଅସନ୍ତୋଷ ଆନ୍ଦୋଳନର ଦାନା ବାନ୍ଧୁଛି । ଆଗାମୀ ଦିନରେ ଏହା ବିସ୍ଫୋରକ ରୂପ ନେବ ବୋଲି ଜିଲା ଆବାହକ ଅମର କୁମାର ସାହୁ କହିଛନ୍ତି । ଏହା ଉପରେ ମୁଖ୍ୟମନ୍ତ୍ରୀ ଖୋଦ ବିଶେଷ ଦୃଷ୍ଟି ଦେବା ପାଇଁ ଶାସକ ଦଳର ବିଧାୟକଙ୍କୁ ତାଙ୍କ କାର୍ଯ୍ୟାଳୟରେ ଦାବିପତ୍ର ପ୍ରଦାନ କରାଯାଇଛି । ଦାବିପତ୍ର ପ୍ରଦାନ ବେଳେ ବହୁଜମାକାରୀମାନେ ଉପସ୍ଥିତ ଥିଲେ। ଏହା ଉପରେ ନିଶ୍ଚିତ ଭାବେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ବିଧାୟକ ଢୋଲକିଆ ନିର୍ଭର ପ୍ରତିଶ୍ରୁତି ଦେଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ କୁଞ୍ଜଲାଲ ସାହୁ, ମଖନ ସୁନାନୀ, ହୃଦେ ଛତ୍ରିଆ, ଦେବେନ୍ଦ୍ର ରାଉତ, ଉଦ୍ଧବ ମାଝି ପ୍ରମୁଖ ସାମିଲ ଥିଲେ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯାହା ଖାଇବ ପେଟକୁ,**
**ଯାହା ଦେବ ବାଟକୁ,**
**ଯାହା ଥୋଇବ ଖଣ୍ଟକୁ ।**

ଜୀବ ଥିବା ଯାଏ ଭଲ ଖାଇପିଇ ସ୍ୱାସ୍ଥ୍ୟ ଠିକ୍ ରଖିବା ଦରକାର। ଦାନ ଧର୍ମ କଲେ ବହୁ ପୁଣ୍ୟ ମିଳିଥାଏ। ମୃତ୍ୟୁ ପରେ ସଞ୍ଚିତ ଅର୍ଥ ଅନ୍ୟମାନେ ଭୋଗ କରନ୍ତି। ସୁକର୍ମ କରିଥିଲେ ମୃତ୍ୟୁ ପରେ ବି ଲୋକେ ଯଶଗାନ କରିଥାନ୍ତି। ଧନସମ୍ପତ୍ତି କେହି ସାଙ୍ଗରେ ନେଇଯାଇପାରି ନ ଥାନ୍ତି। ନିଜର ସୁଗୁଣ, ଯଶ ଗୌରବ ରହିଯାଏ, ସମସ୍ତେ ସେଇଥିପାଇଁ ମନେ ପକାଉଥିବା ଅର୍ଥରେ ଏଭଳି ସୁପରାମର୍ଶ ପ୍ରଦାନ କରାଯାଇଛି।

**ଯେନ ବାଣେ ହତ ବାଳୀ**
**ତେନ ବାଣେ ହତ ଲଙ୍କା ।**

ପ୍ରଭୁ ରାମଚନ୍ଦ୍ର ସୁଗ୍ରୀବ ସହ ବନ୍ଧୁତା କରି ବାନର ରାଜା ବାଳୀକୁ ବଧ କରିଥିଲେ। ସେହିପରି ବିଭୀଷଣ ସହାୟତାରେ ସେ ଲଙ୍କପତି ରାବଣକୁ ମାରିଥିବା ପୁରାଣରୁ ଜାଣିବାକୁ ମିଳିଥାଏ। ପରୋକ୍ଷରେ ଏକା ବାଣକେ ଦୁଇଟି ଶିକାର। ଗୋଟିଏ ଫଳାରେ ଦୁଇଟି ଷଡ଼ଯନ୍ତ୍ର ପଣ୍ଡ କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା: ଲି:

# ଟିଟିଲାଗଡ଼ରେ ବର୍ଷା, କୁଆପଥର ମାଡ଼: ଜଣେ ଗୁରୁତର

**ଟିଟିଲାଗଡ଼,୬।୩ (ଡି.ଏନ.ଏ.)**



କୁଆପଥର ମାଡ଼ରେ ଆହତ ହୋଇ ଜଣେ ବ୍ୟକ୍ତି ଆହତ ହୋଇ ଚିକିତ୍ସିତ ହେଉଛନ୍ତି।

ବଲାଙ୍ଗୀର ଜିଲା ଟିଟିଲାଗଡ଼ ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ଶୁକ୍ରବାର ଅପରାହ୍ନରେ ଘଡଘଡି ସହ ବର୍ଷା ହୋଇ କୁଆପଥର ମାଡ ହୋଇଥିଲା। ଏଥିରେ ବ୍ୟାପକ କ୍ଷତିକ୍ଷତି ଘଟିଥିବା ଅଭିଯୋଗ ହୋଇଛି। ବର୍ଷା ସହ କୁଆପଥର ମାଡ଼ରେ ସିହିନି ପଞ୍ଚାୟତ ବଛାଜୁଛା ଗ୍ରାମର ଜଳନ୍ଧର ଭୋଇଙ୍କ ଏକ ପୁଆଲ ଭାଡି ଭାଙ୍ଗି ପଡିଥିଲା। ଫଳରେ ଜଳନ୍ଧର ଗୁରୁତର ଆହତ ହୋଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଟିଟିଲାଗଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ଚିକିତ୍ସା ଚାଲିଛି। ଖବର ପାଇ ଟିଟିଲାଗଡ଼ ଅତିରିକ୍ତ ତହସିଲଦାର କର୍ଣ୍ଣ ମଲ୍ଲିକ, ବିଡିଓ ନବୀନ ଚନ୍ଦ୍ର ନାୟକ, ଅତିରିକ୍ତ ବିଡିଓ ମହେନ୍ଦ୍ର ପ୍ରଧାନୀ ତଥା ବ୍ଲକ ସରପଞ୍ଚ ସଂଘ ସଭାପତି ବୀରବର ସାହୁ କ୍ଷତିଗ୍ରସ୍ତ ଅଞ୍ଚଳ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିଥିବା ଜଣାପଡିଛି।

ସୂଚନାଯୋଗ୍ୟ, ଶୁକ୍ରବାର ଅପରାହ୍ନରେ ସିହିନି ପଞ୍ଚାୟତ ଅଞ୍ଚଳରେ ପ୍ରବଳ ବର୍ଷା ସହ କୁଆପଥର ମାଡ ହୋଇଥିଲା। ଫଳରେ ବହୁ ଗଛ ଭାଙ୍ଗି ପଡିଥିବା ଜଣାପଡିଛି। ଅନ୍ୟପକ୍ଷେ ସିହିନି ବିଦ୍ୟାଳୟର ଜଣେ ଶିକ୍ଷୟିତ୍ରୀ ଏବଂ ତାଙ୍କ ଝିଅ ଏକ ଅଟୋରେ ଟିଟିଲାଗଡ଼ ଅଭିମୁଖେ ଆସୁଥିଲେ। ହେଲେ ବାଟରେ ଏକ ଗଛ ଡାଲ ଭାଙ୍ଗି ଅଟୋ ଉପରେ ପଡିଥିଲା। ଏଥିରେ ଶିକ୍ଷୟିତ୍ରୀ ଏବଂ ଅଟୋ ଚାଳକ ଆହତ ହୋଇଛନ୍ତି। ଡ୍ରାଇଭର ଜଣକ ଚିକିତ୍ସା ପାଇଁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିବାରୁ ତାଙ୍କ ପରିଚୟ ମିଳିପାରି ନାହିଁ। ଅନ୍ୟପକ୍ଷେ ଖୋଲାନ ଅଞ୍ଚଳର ଜୋରରେ ପବନ ବହିବାରୁ ବହୁ ଗଛ ଭାଙ୍ଗି ରାସ୍ତା ଉପରେ ପଡିଥିଲା। ଫଳରେ ଖୋଲାନ- ଟିଟିଲାଗଡ଼ ରାଜ୍ୟ ରାଜପଥରେ ଦୁଇ ଘଣ୍ଟା ଧରି ଗାଡ଼ି ଚଳାଚଳ ବନ୍ଦ ରହିଥିଲା। ପରେ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଗଛକାଟି ସଫା କରିବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ଉପଖଣ୍ଡ ଅନ୍ତର୍ଗତ ବେଲଗାଁ, ସଇଁତଲା ଆଦି ଅଞ୍ଚଳରେ ମଧ୍ୟ ଦୁଇ ଦିନ ଧରି ସନ୍ଧ୍ୟାରେ ପ୍ରବଳ ବର୍ଷା ହୋଇଛି।

# ବିଦ୍ୟୁତ୍ ଖୁଣ୍ଟ, ଗଛ ଉପୁଡ଼ି ରାସ୍ତା ଅବରୋଧ

**ଲୋଇସିଂହା, ୬।୩ (ଡି.ଏନ.ଏ.)**

**ଘୂର୍ଣ୍ଣିଝଡ ତାଣ୍ଡବ**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅଞ୍ଚଳରେ ଶୁକ୍ରବାର ଅପରାହ୍ନରେ ଘୂର୍ଣ୍ଣିଝଡ ସହ ବର୍ଷା ହୋଇଥିଲା । ଏଥିରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ବାଉଁଶ ବୁଦାରେ ଚାପି ହୋଇ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନେକ ସ୍ଥାନରେ ବହୁଲୋକ ଆହତ ହୋଇଥିବା ସୂଚନା ମିଳିଛି। ଶୁକ୍ରବାର ଅପରାହ୍ନ ୩ଟାରେ ମେଘୁଆ ପାଗ ଦେଖାଦେଇଥିଲା। ହଠାତ ଝଡପବନ ଓ ବର୍ଷା ମାଡି ଆସିଥିଲା । ପ୍ରାୟ ୧୦ ମିନିଟର ଝଡବର୍ଷାରେ ବଲାଙ୍ଗୀର- ବରଗଡ଼ ୨୬ ନମ୍ବର ଜାତୀୟ ରାଜପଥ ଲୋଇସିଂହାରୁ ରାମପୁର ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ବଡବଡ ଗଛ ସବୁ ଉପୁଡି ପଡିଥିଲା । ରାଜପଥ ବୁର୍ଡା- ନଆଗାଁ(ଖ) ରାସ୍ତାରେ ଥିବା ବିଦ୍ୟୁତ୍ ଖୁଣ୍ଟ ଉପୁଡିବା ସହ ତାର ଛିଣ୍ଡି ପଡିଥିଲା । ଫଳରେ ୨୬ ନମ୍ବର ଜାତୀୟ ରାଜପଥରେ ପ୍ରାୟ ଅଢ଼େଇ ଘଣ୍ଟା ଧରି ଯାତାୟତ ବ୍ୟାହତ ହୋଇଥିଲା । ସେହିପରି ଗ୍ରାମାଞ୍ଚଳରେ ମଧ୍ୟ ଗଛ ଉପୁଡି ପଡିଥିବା ସୂଚନା ମିଳିଛି । ବଡଟିକା, ତେନ୍ତୁଲିଖୁଣ୍ଟି, ନଅଗାଁ (ଖ) ଅଞ୍ଚଳରେ କୂଆପଥର ମାଡ଼ ହୋଇଥିଲା। ଲୋଇସିଂହା ଓ ଡୁଙ୍ଗୁରିପାଲି ଅଗ୍ନିଶମ କର୍ମଚାରୀ ୨୬ ନମ୍ବର ଜାତୀୟ ରାଜପଥରେ ଉପୁଡିଥିବା ଗଛକୁ କାଟି ସଫା ପରେ ଯାତାୟତ ସ୍ୱାଭାବିକ ହୋଇଥିଲା । ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଗ୍ନିଶମ କର୍ମଚାରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

ତୁରନ୍ତ କ୍ଷୟକ୍ଷତିର ଆକଳନ କରି କ୍ଷତିଗ୍ରସ୍ତଙ୍କୁ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି। ସେହିପରି ଗୁର୍ଜିଭଟାଠାରେ ଏକ ପାନ ଦୋକାନ ଉପରେ ଗଛ ପଡିରୁ ପାନ ଦୋକାନୀ ଗୌରବ ମହାଲିଙ୍ଗଙ୍କ ମୁଣ୍ଡରେ ଆଘାତ ଲାଗିଛି। ସେହିପରି ନେଗିପାଲିଠାରେ ଏକ ଗୁହାଳରେ ଜନସାଧାରଣ ଆଶ୍ରୟ ନେଇଥିବା ବେଳେ ଗୁହାଳ ଭାଙ୍ଗି ଯିବାରୁ କିଛି ଲୋକ ଆହତ ହୋଇଛନ୍ତି।




ରାସ୍ତା ଉପରେ ବିଦ୍ୟୁତ୍ ଖୁଣ୍ଟ ସହ ଗଛ ପଡିରହିଥିବାରୁ ଗାଡି ଚଳାଚଳ ବନ୍ଦ ରହିଛି।

# ଦାଦନ ଦୁଃଖ: ତେଲଙ୍ଗାନାରେ ଦାଦନ ଶିଶୁ ଶ୍ରମିକଙ୍କ ମୃତ୍ୟୁ

## ଘରକୁ ଫେରିଲା ମୃତଦେହ



ରାୟଧର ମାଝି(ଫାଇଲ ଫଟୋ)।

**ଖପ୍ରାଖୋଲ,୬।୩(ଡି.ଏନ.ଏ.)**

ସରକାର ଦାଦନ ସମସ୍ୟା ରୋକିବାକୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହାତକୁ ନେଇ ମଧ ତାହା କାମକୁ ଆସୁନାହିଁ। ଏହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି। ପରିବାର ପ୍ରତିପୋଷଣ ନେଇ ବଲାଙ୍ଗୀର ଜଲା ଖପ୍ରାଖୋଲ ବ୍ଲକର ଓଡ଼ିଆପାଲି ଗାଁର ଜଣେ ଶିଶୁ ଶ୍ରମିକ ତେଲେଙ୍ଗାନା ରାଜ୍ୟର ଏକ ଇଟା ଭାଟିରେ କାମ କରୁଥିବା ବେଳେ ତାଙ୍କର ମୃତ୍ୟୁ ଘଟିଛି। ସେ ହେଲେ ରାୟଧର ମାଝି(୧୭)। ମିଳିଥିବା ସୂଚନା ମୁତାବକ, ଓଡିଆପାଲି ଗାଁର ବିଘ୍ନ ମାଝିଙ୍କ ସ୍ତ୍ରୀ ବିମଳା ମାଝି ଜଣେ ସର୍ଦ୍ଦାରଙ୍କ ସହ ନାବାଳକ ପୁଅ ରାୟଧର(୧୭) ଓ ଅନ୍ୟ ୨ଜଣ ନାବାଳକଙ୍କୁ ଧରି ତେଲେଙ୍ଗାନା ରାଜ୍ୟ ହାଇଦ୍ରାବାଦକୁ ଦାଦନ ଖଟିବାକୁ ଯାଇଥିଲେ। ପରେ ସେମାନେ ମେଗଧାପୁରରେ ଏକ ଇଟାଭାଟିରେ କାମ କରୁଥିଲେ। ହେଲେ ମାସେ ତଳେ ରାୟଧର ଅସୁସ୍ଥ ହୋଇପଡିଥିଲେ। ଚିକିତ୍ସା ପରେ ମଧ ଭଲ ହୋଇ ନ ଥିଲେ। ୩ ଦିନ ତଳେ ରାୟଧରଙ୍କ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ହସ୍ତାନ୍ତର କରିଥିଲା। ଇଟା ଭାଟି ମାଲିକଙ୍କ ସହାୟତାରେ ଏକ ଆମ୍ବୁଲାନ୍ସ ଯୋଗେ ଗୁରୁବାର ରାତିରେ ରାୟଧରଙ୍କ ମୃତଦେହ ଓଡିଆପାଲି ଗାଁରେ ପହଞ୍ଚିଥିଲା। ଏନେଇ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଶୁକ୍ରବାର ସକାଳେ ରାୟଧରଙ୍କ ଅନ୍ତିମ ସଂସ୍କାର କରାଯାଇଥିଲା। ଖବର ପାଇ ଖପ୍ରାଖୋଲ ଗ୍ରାମୀଣ ଶ୍ରମ ନିରୀକ୍ଷକ ସୁଧୀର କୁମାର ସାହୁ ଗାଁରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ସୂଚନାଯୋଗ୍ୟ ମୃତଦେହ ଧରି ମା' ଏବଂ ଜଣେ ନାବାଳକ ପୁଅ ଘରକୁ ଫେରିଥିବା ବେଳା ନାବାଳିକା ଝିଅ ସେଠାରେ ରହିଥିବା ଜଣାପଡିଛି।




ସ୍କୁଲରେ ଆଶ୍ରୟ ନେଇଥିବା ପରିବାର।

# ଆଜବେଷ୍ଟସ ଉଡ଼ିଲା, ଅଳ୍ପକେ ବର୍ତ୍ତିଲେ ପରିବାର

**ଖପ୍ରାଖୋଲ,୬।୩(ଡି.ଏନ.ଏ.)**

ଅଦିନିଆ ଝଡ଼ ବର୍ଷାରେ ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ପଞ୍ଚାୟତ ବନ୍ଦେପଦର ଗ୍ରାମରେ ବ୍ୟାପକ କ୍ଷୟକ୍ଷତି ଘଟିଥିବା ଜଣାପଡିଛି। ଝଡବର୍ଷାରେ ଗ୍ରାମର ମିଟୁ ସାହୁଙ୍କ ଘର ଆଜବେଷ୍ଟସ ଉଡିଯାଇଥିବା ବେଳେ ପରିବାର ଲୋକେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସମିତି ସଭ୍ୟ ଶୋଭନମୟ ମିଶ୍ର ଏବଂ ଗ୍ରାମବାସୀ ପରିବାର ଲୋକଙ୍କୁ ଉଦ୍ଧାର କରି ଗାଁ ସ୍କୁଲରେ ରଖିଥିଲେ। ଫଳରେ ମିଟୁ ସାହୁ ତାଙ୍କ ସ୍ତ୍ରୀ ଏବଂ ୬ ଝିଅପୁଅ ସ୍କୁଲ ଘରେ ଆଶ୍ରୟ ନେଇଛନ୍ତି।

# ଗରିବଙ୍କ ନେତା ଥିଲେ ବିଜୁ ବାବୁ

**ବିନିକା,୬।୩(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ବାବୁପାଲି ପଞ୍ଚାୟତ କାର୍ଯ୍ୟାଳୟରେ ଗୁରୁବାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୧୦୪ତମ ଜନ୍ମ ଜୟନ୍ତୀ ତଥା ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି । ଏଥିରେ ବାବୁପାଲି ସରପଞ୍ଚ ଚନ୍ଦ୍ର କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ନିମାଇଁ ଚରଣ ନାୟକଙ୍କ ଉପସ୍ଥିତ ରହି ବିଜୁବାବୁଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏପରି କି ସଭାରେ ବିଜୁବାବଙ୍କ ସ୍ମୃତି ଚାରଣ କରିବା ସହ ବିଜୁବାବୁ ଗରିବ ଏବଂ ନିସହାୟଙ୍କ ନେତା ଥିଲେ ବୋଲି କହିଥିଲେ। ସମସ୍ତେ ମିଳିମିଶି କାର୍ଯ୍ୟ କରି ବିଜୁ ବାବୁଙ୍କ ସ୍ୱପ୍ନକୁ ସାକାର କରିବାକୁ କହିଥିଲେ । ଏଥିରେ ବାବୁପାଲି ପଞ୍ଚାୟତର ୮ଟି ଗ୍ରାମର ୱାର୍ଡମେମ୍ବର, ସମିତି ସଭ୍ୟାସଭ୍ୟ, ଜନସାଧାରଣଙ୍କ ସହ ପଞ୍ଚାୟତ କର୍ମଚାରୀ ବୃନ୍ଦ ଉପସ୍ଥିତ ରହିଥିଲେ।


# CLASSIFIED DISPLAY

**TARIFF — MORE SPACE • SAME PRICE — GST 5%**

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ALL EDITION - B/W (Everyday)**

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE FINANCE

GANPATI FINANCE
GANPATI ଋଣ 2%ବାର୍ଷିକ ସୁଧରେ ମାତ୍ର ୨୪ ଘଣ୍ଟାରେ ଘରେବସି ପାଆନ୍ତୁ
ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ
ଯେବେ କଉଠି ନ ମିଳେ ଲୋନ୍ ଆମକୁ କରନ୍ତୁ ଫୋନ୍
Plot No-14/524, Chandini Chowk, Kolkata
8396000562
8607796713

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

ଋଣ ଧମାକା
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଦର୍ଶ ଫାଇନାନ୍ସ
ପୂରା ରାଜ୍ୟରେ ପ୍ରଥମ ଥର ପାଇଁ ପିଏମ୍ ଜନଧନ ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
2% ସୁଧ - 50% ରିହାତିରେ
ଆଧାରକାର୍ଡ | ରାଶନକାର୍ଡ
ପର୍ସନାଲ | ପ୍ରପର୍ଟି
ଏଗ୍ରିକଲ୍ଚର | ବ୍ୟବସାୟ
ଗୃହ ଋଣ | ଟୁ-ହ୍ୱିଲର୍
ଗ୍ରୁପ୍ ଋଣ | ପଶୁପାଳନ
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
କମ୍ କାଗଜପତ୍ର କାମ
କମ୍ ଖରାପ ସିବିଲଧାରୀଙ୍କୁ ମଧ ଋଣ
8929889612
7290830466
Shahajahanabad, Bhopal (MP)

ସରସ ଫାଇନାନ୍ସ
ଋଣ ନିଅନ୍ତୁ ମାତ୍ର ୨୪ ଘଣ୍ଟାରେ
ସମସ୍ତ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଲୋନ, ପଶୁପାଳନ, ବିଜ୍‌ନେସ୍ ଏବଂ ଘର ଋଣ
ସହଜ କିସ୍ତିରେ ସବୁ ପ୍ରକାର ଋଣ ଉପଲବ୍ଧ
Online ସୁବିଧା, ଥରେ ମାତ୍ର ବିଶ୍ୱାସ କରି ଦେଖନ୍ତୁ
ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

BUSINESS
ମୋବାଇଲ ଟାୱାର
ସିୟା ରାମ ଟାୱାର କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ ଉପରେ ୪ଜି ମୋବାଇଲ ଟାୱାର ଲଗାନ୍ତୁ ।
ମାସିକ ଭଡା - ୯୦,୦୦୦/-, ଆଡଭାନ୍ସ - ୯୦ଲକ୍ଷ + ଚାକିରୀ + ୨୦ବର୍ଷ ଏଗ୍ରିମେଣ୍ଟ
9667567748
9667567752

BUSINESS BUSINESS

ASTROLOGY ASTROLOGY

ଦୟାକରି ଧ୍ୟାନ ଦିଅନ୍ତୁ
ଖାଲିଥିବା ଜମି, ଛାତ ଓ ପ୍ଲଟ୍‌ରେ Tower Vision କମ୍ପାନୀର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 30,000/- ଟଙ୍କା ପାଆନ୍ତୁ
ଜମି ଛାତ ପ୍ଲଟ୍
07449881156
08295828950

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9903852257
9818298397

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

DHARITRI Career appointment Every Wednesday and Saturday


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ମିତ୍ରଦ୍ରୋହୀ, କୃତଘ୍ନ ଓ ବିଶ୍ୱାସଘାତକ - ଏମାନେ ଚନ୍ଦ୍ର-ସୂର୍ଯ୍ୟ ଥିବାଯାଏ ନରକ ଭୋଗ କରନ୍ତି।
- ମହାକବି କାଳିଦାସ



# ଖର୍ଚ୍ଚ ତୁଳନାରେ ମିଳୁନି ପାଉଣା

**ସଞ୍ଜୀବ କୁମାର ଯୋଷୀ**
ଭବାନୀପାଟଣା,୬।୩(ଡି.ଏନ.ଏ.)

କଳାହାଣ୍ଡି ଜିଲାରେ ଆଖୁ ଚାଷ ପ୍ରତି ଧୀରେ ଧୀରେ ଚାଷୀଙ୍କ ଆଗ୍ରହ କମିବାରେ ଲାଗିଲାଣି । କିଛି ବର୍ଷ ତଳେ ଜିଲାରେ ଶହ ଶହ ହେକ୍ଟର ଜମିରେ ଚାଷୀ ଆଖୁଚାଷ କରୁଥିବା ବେଳେ ଏବେ କେଇ ହେକ୍ଟ ଜମିରେ ଚାଷ ସମିତ ରହିଛି । ଗୋଟାଏ ପଟେ ଆଖୁ ଫସଲ ଖର୍ଚ୍ଚ ବହୁଳ ହୋଇପଡିଥିବା ବେଳେ ଅନ୍ୟପଟେ ଆଖୁ ଚାଷୀଙ୍କ ପାଇଁ ବଜାର ସୁବିଧା ନାହିଁ । ଫଳରେ ଏହି ଅର୍ଥକାରୀ ଫସଲରୁ ଲାଭପାଇ ପାରୁ ନ ଥିବା ଯୋଗୁ ଚାଷୀଙ୍କ ମନରେ ଚାଷ ପ୍ରତି ଆଗ୍ରହ କମିବାରେ ଲାଗିଛି। କଳାହାଣ୍ଡି ଜିଲାରେ ଆଖୁଚାଷ ପ୍ରତି ଚାଷୀଙ୍କ ମଧ୍ୟରେ କମୁଛି ଆଗ୍ରହ ଆଗଭଳି ଆଉ ଆଖୁଚାଷ ପ୍ରତି ମନ ବଳାଉ ନାହାନ୍ତି ଜିଲାର ଚାଷୀ । ଆଖୁଚାଷ କରି ଆଉ ଲାଭ ପାଉନାହାନ୍ତି ଏମାନେ। ଫଳରେ ଚାଷ ପ୍ରତି ବିମୁଖ ହେଲେଣି ଚାଷୀ। ଦିନକୁ ଦିନ ସାର, ଔଷଧ ବିହନ ଓ ମଜୁରି ଦର ବଢିବାରେ ଲାଗିଛି, ହେଲେ ସେହି ଅନୁପାତରେ ବଢୁନାହିଁ ଆଖୁଦର କିମ୍ବା ଆଖୁରେ ତିଆରି କରାଯାଉଥିବା ବିଭିନ୍ନ ସାମଗ୍ରିର ଦର ବୋଲି ଚାଷୀ ଅଭିଯୋଗ କରୁଛନ୍ତି। ଚାଷୀ ଚାଷ କରି ବେଶ୍ ଦିପଇସା ରୋଜଗାର କରି ପରିବାର ପ୍ରତି ପୋଷଣ କରିବେ ବୋଲି ଆଶା ରଖୁଥିବା ବେଳେ ଏବେ ଆଖୁ ଚାଷ



ଆଖୁରୁ ଚାଷୀ ଗୁଡ ପ୍ରସ୍ତୁତ କରୁଛନ୍ତି ।

## ସଙ୍କଟରେ ଆଖୁଚାଷୀ

କରିବା ତାଙ୍କୁ ମହଙ୍ଗା ପଡିବାରେ ଲାଗିଛି। ଅପରପଟେ ଜିଲାରେ ଚିନିକଳ ଟିଏ ନାହିଁ କି ଚାଷୀଙ୍କଠାରୁ ଆଖୁ କିଣିବା ପାଇଁ ବଜାରର ସୁବିଧା ବି ନାହିଁ । ତେଣୁ ବାଧ୍ୟ ହୋଇ ଚାଷୀ ଚାଷ ପରିମାଣ କମେଇ ଦେଇଛନ୍ତି ଜିଲାରେ। ଯେଉଁ ଚାଷୀ ଆଗ ୧୫ରୁ ୨୦ ଏକର ଜମିରେ ଆଖୁଚାଷ କରୁଥିଲେ ସେମାନେ ଏବେ ଗୋଟାଏ ଏକର ଜମିରେ ଆଖୁଚାଷ କରିବା କଷ୍ଟକର ହୋଇପଡୁଛି । କେବଳ ଆଖୁଚାଷ କରି ଚାଷୀ ସେଥିରୁ ଗୁଡ ପ୍ରସ୍ତୁତ କରି ବଜାରରେ ବିକ୍ରି କରୁଛନ୍ତି । ହେଲେ ବାହାର ଗୁଡ ଅଧିକ ଦରରେ ବିକ୍ରି କରାଯାଉଥିବା ବେଳେ ଏହି ହାତ ତିଆରି ଗୁଡ ବଜାର ଦରଠାରୁ ଖୁବ କମ୍ ଦର ରହିଛି । ଯାହା ଚାଷୀଙ୍କୁ ପୋଷାଉ ନ ଥିବା କେତେକ ଚାଷୀ କହନ୍ତି । ଜିଲାର ହାତୀ ନଦୀ ଓ ତେଲ ନଦି ଅବବାହିକାରେ ଚାଷ ହେଉଥିବା ଅଖୁର ଆଗ ବେଶ ଚାହିଦା ଥିଲା। ପୂର୍ବରୁ ଜୁନାଗଡ ମଥୁରାଠାରେ ଥିବା ଚିନିକଳ ଚାଷୀଙ୍କଠାରୁ ଆଖୁ ନେଉଥିବା ବେଳେ ପଡୋଶର ଛତିଶଗଡକୁ ମଧ୍ୟ ଆଖୁ ରପ୍ତାନି ହେଉଥିଲା। ସେହିଭଳି ବଲାଙ୍ଗୀରସ୍ଥିତ ବିଜୟାନନ୍ଦ ଚିନିକଳକୁ ମଧ୍ୟ ଚାଷୀ ଆଖୁ ବିକ୍ରି କରୁଥିଲେ। ଏବେ ଜୁନାଗଡ ମଥୁରା ଚିନିକଳ ବନ୍ଦ ହୋଇଯାଇଥିବା ବେଳେ ବିଜୟାନନ୍ଦ ଚିନିକଳ ଅବସ୍ଥା ମଧ୍ୟ ଦେବାଳିଆ। ଜିଲା କୃଷି ବିଭାଗ ପକ୍ଷରୁ ୧୬ ଶହ ୭୬ ଶହ ହେକ୍ଟର ଚାଷ ଜମିରେ ଆଖୁ ଚାଷ ପାଇଁ ଲକ୍ଷ ରଖାଯାଇଥିଲା । ବଜାର ସୁବିଧା ନ ଥିବା ଯୋଗୁ ଜିଲାରେ ମାତ୍ର ୪୧ ହେକ୍ଟର ଜମିରେ ଚାଷୀ ଆଖୁଚାଷ କରିଛନ୍ତି। ଚଷୀ ଓ ଚାଷ ପ୍ରତି ଆମ ବିଭାଗ ସବୁ ବେଳେ ତତ୍ପରତା ପ୍ରକାଶ କରୁଛି। ଚାଷୀଙ୍କୁ ଯେତେ ବେଳେ ଯାହା ପରାମର୍ଶ ତାହା ଦିଆଯାଉଛି। ସରକାରଙ୍କ ପକ୍ଷରୁ ଆସୁଥିବା ବିଭିନ୍ନ ଯୋଜନାରେ ସେମାନେ କିପରି ଉପକୃତ ହେବେ ସେହି ବ୍ୟବସ୍ଥା ମଧ କରାଯାଉଛି। ରୋଗ ପୋକ ଦମନଠାରୁ ଆରମ୍ଭ କରି ବିହନ ଓ ଅନ୍ୟାନ୍ୟ ସାମଗ୍ରୀ ମଧ ଯୋଗାଇ ଦିଆଯାଉଛି । ଆଖୁ ଚାଷୀଙ୍କ ପାଇଁ ଅନେକ ବ୍ୟବସ୍ଥା କରାଯାଉଛି। ଆଗାମୀ ଦିନରେ ଉତ୍ପାଦନ କିପରି ବୃଦ୍ଧି ପାଇବ ଓ ଆଖୁଚାଷୀ କିପରି ଉଚିତ୍ ମୂଲ୍ୟ ପାଇବେ ସେଥିପ୍ରତି ଦୃଷ୍ଟି ଦିଆଯିବ ବୋଲି ଭବାନୀପାଟଣା ଚିଫ୍ ଡିଷ୍ଟିକ ଏଗ୍ରୀକଲଚର ଅଫିସର ନରେନ୍ଦ୍ର ବେହେରା କହିଛନ୍ତି।

### ଆଖୁ ଚାଷ ସମ୍ପର୍କରେ ସେମାନେ ଯାହା କୁହନ୍ତି...



"କଳାହାଣ୍ଡିରେ ପୂର୍ବରୁ ଖୁବ୍ ଆଖୁଚାଷ ହେଉଥିଲା। ମଥୁରାଠାରେ ଚିନିକଳ ପ୍ରତିଷ୍ଠା ହେବା ପରେ ଏହା ଆହୁରି ବୃଦ୍ଧି ପାଇଥିଲା। ପରିଚାଳନା ଗତ ତ୍ରୁଟି ଯୋଗୁଁ ଉକ୍ତ ଆଖୁ କଳ ବନ୍ଦ ହୋଇଗଲା। ଫଳରେ ଧୀରେ ଧୀରେ ଆଖୁଚାଷ କମିବାରେ ଲାଗିଲା। ଚାଷୀ ଉଚିତ୍ ପ୍ରାପ୍ୟ ନ ପାଇବାରୁ ଏହି ଚାଷ ପାଇଁ ବିମୁଖ ହୋଇପଡୁଛନ୍ତି। ଏବେ ଆଉ ଆଖୁରେ ତିଆରି ଗୁଡ ମଧ୍ୟ ବୁଡିବାକୁ ବସିଲାଣି। କୃଷି ବିଭାଗ ଓ ରାଜ୍ୟ ସରକାର ଆଖୁଚାଷୀଙ୍କ ପ୍ରତି ଦୃଷ୍ଟି ନ ଦିଅନ୍ତି ତେବେ ଜିଲାରୁ ଆଖୁଚାଷ ବୁଡିଯିବା ଆଶଂକାକୁ ଏଡାଇଦିଆଯାଇ ନ ପାରେ।

- **ଅଜିତ କୁମାର ସାହାଣି**, ମୁଷିଗୁଡା, ସଦର ଥାନା ଭବାନୀପାଟଣା



"ବର୍ତ୍ତମାନ ପରିସ୍ଥିତିରେ ଚାଷ କରିବା କାଠିକର ପାଠ। ଆଖୁଚାଷରେ ବ୍ୟୟ ଅଧିକ ଓ ପରିଶ୍ରମ ବି ଅଧିକ। ପରିଶ୍ରମ ତୁଳନାରେ ଚାଷୀ ତାର ଉଚିତ୍ ମୂଲ୍ୟ ପାଉ ନ ଥିବାରୁ ଏହି ଚାଷ ପ୍ରତି ହତସାହିତ ହେଉଛି। ପାଣିମଡା, ରୋଗପୋକ ଦମନରେ ମଧ ବହୁ ଅର୍ଥ ବ୍ୟୟ୍ କରିବାକୁ ପଡୁଛି। ହେଲେ ବଜାର ସୁବିଧା ନ ଥିବାରୁ ଖୁବ କମ୍‌ରରେ ବିକିବାକୁ ବାଧ ହେଉଛି। ବର୍ତ୍ତମାନ ଯୁବ ପିଢି ଚାଷ ପ୍ରତି ବିମୁଖ ହୋଇପଡୁଛନ୍ତି। ଅଖୁ ଏକ ଅର୍ଥକାରୀ ଫସଲ ହୋଇଥିଲେ ହେଁ ଏବେ କମ୍ ଦରରେ ବିକି କ୍ଷତିର ସମ୍ମୁଖିନ ହେଉଛନ୍ତି।

- **ସୁଶିଲ କୁମାର ଦାସ**, ପାଲସିପଡା, ଥୁଆପଦର, ସଦର ଥାନା, ଭବାନୀପାଟଣା

## ସଂକ୍ଷେପରେ...

### ନୂତନ ତହସିଲଦାରଙ୍କ ଯୋଗଦାନ

ପର୍ଲା,୬।୩ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଧର୍ମଗଡ ତହସିଲ କାର୍ଯ୍ୟାଳୟରେ ନୂତନ ତହସିଲଦାର ଭାବେ ହରେକୃଷ୍ଣ ବରିହା ଯୋଗଦାନ କରିଛନ୍ତି । ତାଙ୍କୁ ଧର୍ମଗଡ ଏସସି, ଏସଟି, ଓବିସି ମିଳିତ ମଞ୍ଚ ପକ୍ଷରୁ ପୁଷ୍ପଗୁଚ୍ଛ ଓ ବାବାସାହେବ ଆମ୍ବେଦକର ଫଟୋଚିତ୍ର ଦେଇ ସମ୍ବର୍ଦ୍ଧନା ଦିଆଯାଇଛି । ଧର୍ମଗଡ ବ୍ଲକ ପୂର୍ବତନ ତହସିଲଦାର ଅଶୋକ କୁମାର ଭୋଇ ବୀରମହାରାଜପୁରକୁ ଉପଜିଲାପାଳ ଭାବେ ବଦଳି ହୋଇଯିବା ପରେ ଏଠାରେ ତହସିଲଦାର ପଦବୀ ଖାଲି ପଡିଥିଲା। ପୂର୍ବରୁ ବରିହା ଧର୍ମଗଡ ଉପଜିଲାପାଳ କାର୍ଯ୍ୟାଳୟରେ ସହକାରୀ ଜିଲାପାଳ ଭାବେ କାର୍ଯ୍ୟରତ ଥିଲେ । ଗତ ୧ ତାରିଖରେ ଧର୍ମଗଡ ତହସିଲଦାର ଭାବେ ଯୋଗଦେଇଥିଲେ । ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଯେପରି ଜଙ୍ଗଲ ଅଞ୍ଚଳର ଗରିବ ଆଦିବାସୀମାନଙ୍କ ଉନ୍ନତି, ଭୂମିହୀନମାନଙ୍କୁ ୪ଡିସିମିଲ ଡିହ, ବିଭିନ୍ନ ସମସ୍ୟା ସବୁ ଯଥାଶୀଘ୍ର ସମାଧାନ କରାଯାଇ ସ୍ୱଚ୍ଛତା ସେବା ଯୋଗାଇ ଦେବାରେ ପ୍ରାଧାନ୍ୟତା ଦିଆଯିବ ବୋଲି ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ଯୁବ ସାମାଜିକ କର୍ମୀ ଧିମାନ ଢ଼ଗ ନାଏକ, ଆଇନଜୀବୀ ଦିଗାମ୍ବର ଦୁରିଆ, କମଳାକାନ୍ତ ମାଝି, ଶ୍ୟାମସୁନ୍ଦର ମାଝି, ରୋହିତ ମାଝି, ଗୋପିନାଥ ମହାନନ୍ଦ, ମୁକୁନ୍ଦ ଜାଲ, ମହେଶ୍ୱର ସୁନାନୀ, ନକୁଳ ଶବର, ବଙ୍କିମ ସାଗର ପ୍ରମୁଖ ସମ୍ବର୍ଦ୍ଧନା ଜଣାଇଥିଲେ ।

### ଶ୍ରୀରାମ ମନ୍ଦିର ପ୍ରତିଷ୍ଠାର ୨ୟ ଦିବସ ଯଜ୍ଞ ଆରମ୍ଭ, ଧାନ୍ୟସ୍ନାନ

ରିଷିଡା,୬।୩ (ଡି.ଏନ.ଏ.)

କଳାହାଣ୍ଡି ଜିଲା ରିଷିଡାଠାରେ ନିର୍ମିତ ଭବ୍ୟ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ ଦ୍ୱିତୀୟ ଦିବସରେ ଯଜ୍ଞ ଆରମ୍ଭ ଓ ଧାନ୍ୟସ୍ନାନ କାର୍ଯ୍ୟକ୍ରମ କରାଯାଇଛି। ମହିଳାମାନେ ଲମ୍ବା ଲାଇନରେ ହନୁମାନଙ୍କୁ ଧାନରେ ସ୍ନାନ କରାଇଛନ୍ତି। ଏହି ପ୍ରତିଷ୍ଠା ଉତ୍ସବରେ ମୁଖ୍ୟ ପୂଜକ ଭାବେ ଗଦାଧର ମିଶ୍ର ଥିବାବେଳେ ଦାଶରଥି ଦାଶ, ପ୍ରତାପ ପାଣିଗ୍ରାହୀ, ଅନନ୍ତ ଗୋପାଳ ଦାଶ, ରୁଦ୍ରଦେବ ଦାଶ, ଯଦୁମଣି ମିଶ୍ର ପ୍ରମୁଖ ସହାୟତା କରୁଛନ୍ତି। ଏହି ପ୍ରତିଷ୍ଠା ମହୋତ୍ସବରେ ତୃତୀୟ ଦିବସରେ ଚବିଶ ପ୍ରହର ନାମଯଜ୍ଞ, ଯଜ୍ଞ କର୍ମ, ଫଳ ପୁଷ୍ପ ସ୍ନାନ ଓ ମହାସ୍ନାନ ଅନୁଷ୍ଠିତ ହେବ। ଆୟୋଜକ କମିଟି ସମ୍ପାଦକ ପ୍ରେମାନନ୍ଦ ପାତ୍ର ଓ ସଭାପତି ଅନ୍ତର୍ଯ୍ୟାମୀ ସାହୁ ପରିଚାଳନା କରୁଛନ୍ତି ।

### ଅଦିନିଆ ବର୍ଷା ଚାଷୀଙ୍କୁ ଦାଉ ସାଧୁଛି

ରିଷିଡା,୬।୩ (ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡା ଅଞ୍ଚଳରେ ଗୁରୁବାର ଓ ଶୁକ୍ରବାର ଅଦିନିଆ ବର୍ଷା ହୋଇଯାଇଛି । ଫଳରେ ବିଶେଷ କରି ମୁଗ ଫସଲ ଚାଷ ପ୍ରଭାବିତ ହୋଇଛି। ଗତ ସପ୍ତାହରେ ମୁଗଫସଲ ନଷ୍ଟ ହୋଇଥିବା ବେଳେ ବଳକା ବଞ୍ଚିଥିବା ମୁଗ ଫସଲ ପ୍ରଭାବିତ ହୋଇଛି । ଚଳିତବର୍ଷ ମୁଗ ଚାଷ ରିଷିଡା ଅଞ୍ଚଳରେ ଭଲ ହୋଇଥିଲା। କିନ୍ତୁ ଅଦିନିଆ ବର୍ଷାରେ ମୁଗ ଫସଲ ନଷ୍ଟ ହୋଇଛି ବୋଲି ରିଷିଡାର ଚାଷୀମାନେ ପ୍ରକାଶ କରିଛନ୍ତି। ଅଦିନିଆ ବର୍ଷା ଯୋଗୁ ରିଷିଡା ଅଞ୍ଚଳରେ କାଦୁଅମୟ ହୋଇଥିବା ବେଳେ ଗୁରୁବାର ରାତି ୧୨ ଘଣ୍ଟା ବିଦ୍ୟୁତ ସରବରାହ ବନ୍ଦ ରହିଥିଲା। ଅଦିନିଆ ବର୍ଷାରେ ତାପମାତ୍ରା ହ୍ରାସ ହୋଇଥିବା ଜଣାପଡିଛି ।

## ବିଭିନ୍ନ ସ୍ଥାନରେ ପଞ୍ଚାୟତିରାଜ ଦିବସ

କର୍ଲାମୁଣ୍ଡା,୬।୩(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ବିଭିନ୍ନ ସ୍ଥାନରେ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି । କର୍ଲାମୁଣ୍ଡା ବ୍ଲକ ରାଜୀବ ଗାନ୍ଧୀ ସେବାକେନ୍ଦ୍ରଠାରେ ପଞ୍ଚାୟତିରାଜ ଦିବସକୁ ବ୍ଲକ ଅଧକ୍ଷା ଅମୃତା ସାହୁ ଉଦ୍‌ଘାଟନ କରିଥିବା ବେଳେ ଅତିଥି ଭାବେ ଡ. ଆଶିଷ କୁମାର ଧରୁଆ, ବିଡିଓ ପ୍ରିୟଦର୍ଶନୀ ମିର୍ଦ୍ଧା, ଓରମାସ ଜିଲା ସଂଯୋଜକ ଆଦିତ୍ୟ ନନ୍ଦ, ଡବ୍ଲୁଇଓ ସୁନୀଲ କୁମାର କର, ଜିପିଇଓ ଯୁଗଳ କିଶୋର ନାଏକ, ସିଡିପିଓ ପାର୍ବତୀ ସାହୁ ପ୍ରମୁଖ ଯୋଗଦେଇ ବିଜୁ ବାବୁଙ୍କ ସ୍ମୃତିଚାରଣ ସହ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନ କରିଥିଲେ । ଭିଏଡବ୍ଲ୍ୟୁ ଧମେନ୍ଦ୍ର ଶବର, ଓଏଲଏମ ବ୍ଲକ ସଂଯୋଜକ ରୋହିତ ବିଶି, ରୁଦ୍ର ସାହୁ, ବିରଞ୍ଚି ଗହିର, ବିଜୁ ଯୁବ ବାହିନୀ ବ୍ଲକ ସଂଯୋଜକ ଦେବେନ୍ଦ୍ର କୁମାର, ଏପିଓ ସୂର୍ଯ୍ୟମଣୀ ସେଠ ପ୍ରମୁଖ ସହଯୋଗ କରିଥିଲେ । ସେହିପରି କର୍ଲାମୁଣ୍ଡା ଆମ୍ବା କାର୍ଯ୍ୟାଳୟଠାରେ କର୍ଲାମୁଣ୍ଡା ବିଜୁ ଜନତା ଦଳ ପକ୍ଷରୁ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ ସହିତ ଓଡିଶା ସରକାରଙ୍କ ଜନହିତକାରୀ ଯୋଜନା ସ୍ୱଚ୍ଛ ଶାସନ ଉପରେ ଆଲୋଚନା କରିଥିଲେ । ଏଥିରେ ଗୌରକିଶୋର ରଣା, ରବିଶଙ୍କର ନାଗ, ସୁରେନ୍ଦ୍ର ସାହୁ, ବିରଞ୍ଚି ରଣା, ଦିନବନ୍ଧୁ ସାହୁ, ଓକିଲ ପଧାନ, ଅର୍ଜୁନ ସାହୁ, ବସୁଦେବ ସାହୁ, ରାମଗୋପାଳ ସାହୁ ପ୍ରମୁଖ ନେତୃତ୍ୱ ନେଇଥିଲେ । ବ୍ଲକର ବିଭିନ୍ନ ପଞ୍ଚାୟତ କାର୍ଯ୍ୟାଳୟମାନଙ୍କଠାରେ ମଧ ପାଳିତ ହୋଇଯାଇଛି ।



୨୦୨୧ ଜନଗଣନା ନିମନ୍ତେ ଜିଲାସ୍ତରୀୟ ଅଧିକାରୀଙ୍କୁ ତାଲିମ ଦିଆଯାଉଛି।

## ଜିଲାସ୍ତରୀୟ ଅଧିକାରୀଙ୍କ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଭବାନୀପାଟଣା,୬।୩ (ଡି.ଏନ.ଏ.)

ଜିଲାପାଳ ସମ୍ମିଳନୀ କକ୍ଷରେ ୨୦୨୧ ଜନଗଣନା ନିମନ୍ତେ ଜିଲାସ୍ତରୀୟ ଅଧିକାରୀ ତଥା ଜନଗଣନା ଚାର୍ଜ ଅଫିସରଙ୍କ ଦୁଇଦିନିଆ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଜିଲାପାଳ ଗାଭାଲି ପରାଗ ହର୍ଷଦଙ୍କ ଅଧକ୍ଷତାରେ ଆୟୋଜିତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଗୃହ ଗଣନା ଓ ଗୃହ ତାଲିକା ପ୍ରସ୍ତୁତି ରାଷ୍ଟ୍ରୀୟ ଜନସଂଖ୍ୟା ରେଜିଷ୍ଟର ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ୨୦୧୦ ର ଏନ୍‌ପିଆଇ ସର୍ବେକ୍ଷଣ ଆଧାରରେ ୨୦୨୦ ଏନ୍‌ପିଆର ଓ ଗୃହ ତାଲିକା ତଥା ଗୃହ ଗଣନା ସର୍ବେକ୍ଷଣ ମୋବାଇଲ ଆପ୍ ଦ୍ୱାରା ସମ୍ପନ୍ନ କରିବା ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ଅଧୀନ ଜନଗଣନା ନିର୍ଦ୍ଦେଶାଳୟ ଓଡିଶା ଭୁବନେଶ୍ୱର ପକ୍ଷରୁ ଉପନିର୍ଦ୍ଦେଶକ ଡ. ଅଭୟ ନାରାୟଣ ନାଏକ ତାଲିମ ପ୍ରଦାନ କରିଥିଲେ। ହେମନ୍ତ ନାଏକ ଏବଂ ଜଗଦୀଶ ମୁଖାର୍ଜି ମୋବାଇଲ ଆପରେ ତଥ୍ୟ ସଂଗ୍ରହ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ଶ୍ରୀଚନ୍ଦନ, ଧର୍ମଗଡ ଉପଜିଲାପାଳ ପଦ୍ମନାଭ ବେହେରା, ଭବାନୀପାଟଣା ଉପଜିଲାପାଳ ସୁଶାନ୍ତ ସିଂ, ସହକାରୀ ଜିଲାପାଳ ଶଙ୍କର ବାଗ ଉପସ୍ଥିତ ରହି ଜନଗଣନା ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରିଥିଲେ।

## ବିଷପାନ କରି ମହିଳାଙ୍କ ମୃତ୍ୟୁ, କାରଣ ଅସ୍ପଷ୍ଟ

କଲମପୁର,୬।୩ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୟପାଟଣା ଥାନା କଲମପୁର ଫାଣ୍ଡି ଅନ୍ତର୍ଗତ ପଣ୍ଡିଗାଁର ଯାଜ୍ଞସେନୀ ଶବର (୪୦) ନାମକ ଜଣେ ମହିଳା ବିଷପାନ କରି ମୃତ୍ୟୁବରଣ କରିଥିବା ଜଣାପଡିଛି । ସୂଚନା ଅନୁସାରେ ଯାଜ୍ଞସିନୀ କୌଣସି କାରଣରୁ ଗୁରୁବାର ଅପରାହ୍ନରେ ବିଷପାନ କରିଥିଲା। ପରିବାର ଲୋକ ଜାଣି ତୁରନ୍ତ କଲମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେତେ ବେଳେ ଯାଜ୍ଞସିନୀଙ୍କ ମୃତ୍ୟୁ ହୋଇଥିବା ଡାକ୍ତର ସୂଚନା ଦେଇଥିଲେ। ଗୁରୁବାର ସକାଳେ ସ୍ୱାମୀ ଦୁର୍ଯ୍ୟୋଧନ ଶବର କୌଣସି କାମରେ ବାହାରକୁ ଯାଇ ଗୋଟାଏରେ ଘରକୁ ଫେରିଥିଲେ। ସ୍ତ୍ରୀ ଯାଜ୍ଞସିନୀ ସ୍ୱାମୀଙ୍କୁ ଖାଇବାକୁ ଦେଇଥିଲେ। ଅପରାହ୍ନ ୩ଟାରେ ଦୁର୍ଯ୍ୟୋଧନ ଜମିରେ ସାର ପକାଇବା ପାଇଁ ଯାଇଥିଲେ। କିଛି ସମୟ ପରେ ଦୁର୍ଯ୍ୟୋଧନଙ୍କ ପୁଅ ତାଙ୍କ ମା' କୌଣସି ବିଷ ଖାଇ ଦେଇଥିବା କହିଥିଲେ। କଲମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକୁ ନିଆଯାଇଥିଲେ ମଧ ଯାଜ୍ଞସିନୀଙ୍କ ମୃତ୍ୟୁ ଘଟିଥିଲା। ଡାକ୍ତରଖାନା ପକ୍ଷରୁ ସ୍ଥାନୀୟ କଲମପୁର ଫାଣ୍ଡି ଅଧିକାରୀ ମନୋରଞ୍ଜନ ଆଚାର୍ଯ୍ୟଙ୍କୁ ସୂଚନା ଦେଇଥିଲେ । ଫାଣ୍ଡି ଅଧିକାରୀ ପହଞ୍ଚି ଶବ ଜବତ କରିବା ସହ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଶୁକ୍ରବାର ସକାଳ ଜୟପାଟଣା ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ କରାଯାଇ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

## ପାତଳଘଣ୍ଟା ଚାଷ ନଷ୍ଟ ଆଶଙ୍କା, ଚିନ୍ତାରେ ଚାଷୀ

ଜୁନାଗଡ,୬।୩ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଅଞ୍ଚଳରେ ଗୁରୁବାର ବିଳମ୍ବିତ ରାତିରେ ଘଡଘଡି ସହ ପ୍ରବଳ ବର୍ଷା ହୋଇଥିଲା। ଅଦିନିଆ ବର୍ଷା ଯୋଗୁ ବ୍ଲକର କଳିଆକୁଣ୍ଡଲ ପଞ୍ଚାୟତ କେଲିଆ ଗ୍ରାମରେ ଚାଷ ହୋଇଥିବା ପାତଳଘଣ୍ଟା (ଟମାଟୋ)ଗୁଡିକ ନଷ୍ଟ ହେବା ଆଶଙ୍କା ଦେଖାଦେଇଛି। ଏଥିପାଇଁ ସ୍ଥାନୀୟ ଚାଷୀଙ୍କ ମଧରେ ଏବେ ଚିନ୍ତାର କାରଣ ପାଲଟିଛି। ପ୍ରକାଶ ଯେ, ଜୁନାଗଡ ବ୍ଲକକୁ ପ୍ରାୟ ଅର୍ଦ୍ଧ ଭାଗ କେଲିଆ ଗ୍ରାମରୁ ପନିପରିବା ଯୋଗାଣ ହୋଇଥାଏ। ଫଳରେ ଏହା ବ୍ଲକର ପନିପରିବା ଚାଷ ଗାଁ ବୋଲି ମଧ କୁହାଯାଏ । ଏହି ଗ୍ରାମର ପ୍ରାୟ ୮୦ଭାଗ ଲୋକ ପନିପରିବା ଚାଷ କରିଥାନ୍ତି। ଗତ କିଛି ମାସ ତଳେ ଏହି ଗ୍ରାମର ଚାଷୀମାନେ ନିଜ ଜମିରେ ପାତଳଘଣ୍ଟା ଚାଷ କରିଥିଲେ। ବର୍ତ୍ତମାନ



ଅଦିନିଆ ବର୍ଷାରେ ପାତଳଘଣ୍ଟା ଗୁଡିକ ଝଡିଯାଇଛି।

### ଦାଉ ସାଜିଲା ଅଦିନିଆ ବର୍ଷା

ପାତଳଘଣ୍ଟା ଅମଳ ହେଉଥିବାବେଳେ ଗୁରୁବାର ବିଳମ୍ବିତ ରାତିରେ ହଠାତ ପ୍ରବଳ ବର୍ଷା ଯୋଗୁ ଚାଷଜମିରେ ଥିବା ଗଛଗୁଡିକ ନଇଁ ପଡିବା ସହ ପାତଳଘଣ୍ଟାଗୁଡିକ ଝଡିଯାଇ ମାଟିରେ ନଷ୍ଟ ହୋଇଥିବା ଆଶଙ୍କା କରାଯାଉଛି। ସେହିପରି ବର୍ଷାରେ କ୍ଷତି ହୋଇଥିବା ପାତଳଘଣ୍ଟାଗୁଡିକ ନଷ୍ଟ ହେବା ଆଶଙ୍କା କରି ଚାଷୀମାନେ ଏବେ ତରବରିଆ ଭାବେ ପାତଳଘଣ୍ଟାଗୁଡିକ ତୋଳିବା ସହ ତାହାକୁ ୭ରୁ ୧୦ଟଙ୍କା ମଧରେ ବିକ୍ରି କରିଦେଉଥିବା ଜଣାପଡିଛି।

## ଏନ୍‌ପିଆର୍, ସିଏଏ ଓ ଏନ୍‌ଆର୍‌ସିକୁ ବିରୋଧ

ଭବାନୀପାଟଣା,୬।୩(ଡି.ଏନ.ଏ.)

ଏନ୍‌ପିଆର୍, ସିଏଏ ଓ ଏନ୍‌ଆର୍‌ସି ବିରୋଧରେ ବହୁଜନ କ୍ରାନ୍ତି ମୋର୍ଚ୍ଚା ପକ୍ଷରୁ କଳାହାଣ୍ଡି ଜିଲାର ବିଭିନ୍ନ ତହସିଲ ଆଗରେ ଗତ ବୁଧବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ରାଷ୍ଟ୍ରୀୟସ୍ତରରେ ସଙ୍ଗଠିତ ଭାବେ ଏନ୍‌ପିଆର ବର୍ଜନ କରିବାକୁ ଏବଂ କେନ୍ଦ୍ର ସରକାର ବିରୋଧରେ ସଂଘର୍ଷ କରିବାକୁ ଜିଲାର ଭବାନୀପାଟଣା, କେସିଙ୍ଗା, ଧର୍ମଗଡ, ନର୍ଲା, ଜୁନାଗଡ, କୋକସରା ଆଦି ସ୍ଥାନରେ ବହୁଜନ କ୍ରାନ୍ତି ମୋର୍ଚ୍ଚାର ଶତାଧିକ କାର୍ଯ୍ୟକର୍ତ୍ତା ଓ ବିଭିନ୍ନ ସଙ୍ଗଠନ କାର୍ଯ୍ୟକର୍ତ୍ତାମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିକ୍ଷୋଭ ପରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ଭବାନୀପାଟଣାର କଳାହାଣ୍ଡି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବହୁଜନ କ୍ରାନ୍ତି ମୋର୍ଚ୍ଚାର ଜିଲା ସଂଯୋଜକ ଋଷିସୂଦନ ଛତ୍ରପାଳ ନେତୃତ୍ୱରେ କଲିମୁଲ୍ଲା ଖାନ, ଯୁବରାଜ ଛତ୍ରିଆ, ନାଦରାଜ ନାଏକ, ମହେନ୍ଦ୍ର ଧଙ୍ଗଡାମାଝି, ବୈଷ୍ଣବ ନାଏକ, ଲବ କରୁଆଁ, ଦୁଃଖୀରାମ କୁମାର ଜାଲ, କୀର୍ତ୍ତିଚନ୍ଦ୍ର ଗଉଡ, ଆଦିତ୍ୟ ହଂସ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ।

## ଅଭାବୀ ବିକ୍ରି ରୋକିବା ପାଇଁ ଖୋଲିଲା ହରଡ଼ ମଣ୍ଡି

ଭବାନୀପାଟଣା,୬।୩ (ଡି.ଏନ.ଏ.)

କଳାହାଣ୍ଡି ଜିଲାର ହରଡ ଚାଷୀମାନେ ଏଣିକି ଆଉ ଅଭାବୀ ବିକ୍ରିର ଶୀକାର ହେବେ ନାହିଁ। ଜିଲାରେ ଧାନ ଓ କପା ପରେ ଏବେ ହରଡ ଚାଷୀମାନଙ୍କଠାରୁ ଉଚିତ ମୂଲ୍ୟରେ ହରଡ କିଣିବା ପାଇଁ ପ୍ରଥମ ଥର ପାଇଁ ଭବାନୀପାଟଣା ବ୍ଲକ କର୍ଲାପଡା ପ୍ୟାକ୍ସ ଓ ମେଦିନୀପୁର ପ୍ୟାକ୍ସରେ ଚଳିତବର୍ଷ ପାଇଁ ହରଡ ମଣ୍ଡି ବ୍ୟବସ୍ଥା କରାଯାଇଛି। ଭବାନୀପାଟଣା ବ୍ଲକ ସମସ୍ତ ଗ୍ରାମ୍ୟ କୃଷି କର୍ମଚାରୀ ହରଡ ଚାଷୀମାନେ କିଭଳି ହରଡ ବିକ୍ରି ପାଇଁ ହରଡ ଅନ୍‌ଲାଇନରେ ତାଙ୍କ ନାମ ପଞ୍ଜୀକୃତ କରିବେ ଓ କେମିତି ଉଚିତ୍ ମୂଲ୍ୟରେ ବିକ୍ରି ହୋଇପାରିବ ସେ ସମ୍ପର୍କରେ ଚାଷୀମାନଙ୍କୁ ଅବଗତ କରାଉଛନ୍ତି। ଏବେ ସରକାରଙ୍କୁ ଚାଷୀମାନେ ହରଡ କିଲୋ ୫୮ ଟଙ୍କାରେ ବିକ୍ରି କରି ଲାଭବାନ ହୋଇପାରିବେ। ଚାଷୀଙ୍କ ନିକଟରୁ ହରଡ କିଣିବା ପାଇଁ ପ୍ୟାକ୍ସ ଓ ମାର୍କଫେଡ ନାମକ ଏକ ସଂସ୍ଥା ନିୟୋଜିତ ହୋଇଥିବା



କର୍ଲାପଡା ପ୍ୟାକ୍ସ ଓ ମେଦିନୀପୁର ପ୍ୟାକ୍ସରେ ହରଡ଼ ମଣ୍ଡି ଉଦ୍‌ଘାଟନ କରାଯାଉଛି।

ଜଣାପଡ଼ିଛି। କର୍ଲାପଡା ଓ ମେଦିନିପୁର ମଣ୍ଡି ଖୋଲିବା ଦିନ ସେଠାରେ କୃଷି ଜିଲା ଅଧିକାରୀ ପ୍ରଶାନ୍ତ ବେହେରା, ସହକାରୀ କୃଷୀ ଅଧିକାରୀ ଖୋଲନା କୁଅଁର, ସହକାରୀ କୃଷି ଅଧିକାରୀ ଲଳିତ ପଣ୍ଡା, କର୍ଲାପଡା ପ୍ୟାକ୍ସ ଅଧିକାରୀ ସୁରେନ୍ଦ୍ର ପ୍ରଧାନ, ମେଦିନୀପୁର ପ୍ୟାକ୍ସ ଅଧିକାରୀ ରାମଚନ୍ଦ୍ର ତ୍ରିପାଠୀ, ମାରଫେଡ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। କର୍ଲାପଡା ମଣ୍ଡିରେ ୧୩୪ କୁଇଣ୍ଟାଲ ଓ ମେଦିନୀପୁର ମଣ୍ଡିରେ ୧୬୩ କୁଇଣ୍ଟାଲ ହରଡ କ୍ରୟ ହୋଇଥିବା ଜଣାପଡିଛି। କର୍ଲାପଡା ଗ୍ରାମ୍ୟ କୃଷି କର୍ମଚାରୀ ସଞ୍ଜୟ ମୁଣ୍ଡା ଓ ମେଦିନୀପୁର ଗ୍ରାମ୍ୟ କୃଷି କର୍ମଚାରୀ ଗାୟତ୍ରୀ ପାଲୋ ପ୍ରମୁଖ ମଣ୍ଡି ପରିଚାଳନାରେ ସହଯୋଗ କରୁଛନ୍ତି।

## ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏଡିଏମ୍‌ଙ୍କୁ ଦାବିପତ୍ର

ଭବାନୀପାଟଣା,୬।୩ (ଡି.ଏନ.ଏ.)

ପଞ୍ଚାୟତିରାଜ ବ୍ୟବସ୍ଥାରେ ସଶକ୍ତ କରିବା ନିମନ୍ତେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲା କଂଗ୍ରେସ କମିଟି ଶାଖା ପକ୍ଷରୁ ଶୁକ୍ରବାର ଅତିରିକ୍ତ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲା କଂଗ୍ରେସ କମିଟି ଶାଖା ପକ୍ଷରୁ ସଭାପତି ଭାରତ ଭୂଷଣ ବେମାଲଙ୍କ ନେତୃତ୍ୱରେ ଏହି ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, କ୍ଷମତା ବିକେନ୍ଦ୍ରିକରଣ ପାଇଁ ପଞ୍ଚାୟତିରାଜ ବ୍ୟବସ୍ଥାରେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜିବ ଗାନ୍ଧି ଗୁରୁତ୍ୱ ଦେଇ ସମ୍ବିଧାନ ୭୩ ଓ ୭୪ର ସଂଶୋଧନ ଆଇନ ଭାବେ ପରିଗଣିତ କରିଥିଲେ। ଏହି ଆଇନ ଦ୍ୱାରା ପଞ୍ଚାୟତ ବ୍ୟବସ୍ଥାକୁ ସଶକ୍ତ, ସୁଦୃଢ ଏବଂ ସ୍ୱତନ୍ତ୍ର କରିବା ପରିକଳ୍ପନା କରାଯାଇଥିଲା। କିନ୍ତୁ ଓଡିଶା ସରକାରଙ୍କ ଦ୍ୱାରା ଏହି ସମ୍ବିଧାନକୁ କେବଳ ଅବମାନନା କରୁନାହାନ୍ତି ପଞ୍ଚାୟତିରାଜ ବ୍ୟବସ୍ଥାରେ ଅଫିସରରାଜର କବଳରେ କବଳିତ ଏହାର ସ୍ୱତନ୍ତ୍ରତାକୁ ଲୁଣ୍ଠିତ କରୁଛନ୍ତି। ଏହାର ଏକ ଉଦାହରଣ ହେଲା ଗତ ୧୭।୨।୨୦୨୦ ରିଖରେ ପଞ୍ଚାୟତିରାଜ ଶାସନ ସଚିବ ଡି.କେ. ସିଂହ ରାଜ୍ୟ ଜିଲାପାଳମାନଙ୍କୁ ଚିଠିରେ ଜଣାଇଛନ୍ତି ଯେ, ବିଡିଓଙ୍କ ଦସ୍ତଖତ ବିନା ପଞ୍ଚାୟତ କୌଣସି ପ୍ରକଳ୍ପ ଅନୁମୋଦିତ

### ଜିଲା କଂଗ୍ରେସ

ହୋଇପାରିବ ନାହିଁ। ପୁଣି ସେ ବାବଦକୁ ଅର୍ଥରାଶି ଦିଆଯାଇପାରିବ ନାହିଁ। ପଲ୍ଲି ସଭା ଓ ଗ୍ରାମସଭାକୁ ଗୁରୁତ୍ୱ ଦିଆଯାଉ ନାହିଁ। ପଞ୍ଚାୟତ ପ୍ରତିନିଧିମାନେ ସରକାରୀ କର୍ମଚାରୀଙ୍କ ଅଧୀନ ଭାବେ କାମ କରୁଛନ୍ତି। ଏହା ପଞ୍ଚାୟତ ବ୍ୟବସ୍ଥାପ୍ରତି ଏକ ଉପହାଶ ଅଟେ। ଏଣୁ ସମ୍ବିଧାନର ୭୩ ଓ ୭୪ ତମ ସଂଶୋଧନ ଆଇନ ମୁତାବକ ପଞ୍ଚାୟତ ବ୍ୟବସ୍ଥାକୁ ସ୍ୱତନ୍ତ୍ର ଓ ଅଧିକାରକୁ ସୁଯୋଗ ଦିଆଯାଉ। ନିୟମିତ ପଲ୍ଲିସଭା ଓ ଗ୍ରାମସଭାକୁ ଗୁରୁତ୍ୱ ଦିଆଯାଉ । ପଞ୍ଚାୟତ ରାଜ ଶାସନ ସଚିବ ଜିଲାପାଳମାନଙ୍କୁ ଦେଇଥିବା ଚିଠିକୁ ତୁରନ୍ତ ପ୍ରତ୍ୟାହାର କରନ୍ତୁ। ସରପଞ୍ଚ, ସମିତି ସଭ୍ୟ, ୱାର୍ଡ ମେମ୍ବର ଓ ଜିଲା ପରିଷଦ ସଭ୍ୟମାନଙ୍କ ଭତ୍ତା ବୃଦ୍ଧି କରାଯାଉ ଆଦି ଦାବି ରହିଛି। ଦାବିପତ୍ର ପ୍ରଦାନ ବେଳେ ଜିଲା କଂଗ୍ରେସ ସମିତି ଉପସଭାପତି ଉଚ୍ଛବ ଚରଣ ସାହୁ, ଟାଉନ ସଭାପତି ନିମାଞ୍ଚଳ ନାଏକ, ଅବଦୁଲ ସାଜିଦ୍, ଶରତ ନାଏକ, ଦୟାନିଧି ନାଏକ, ସୁରେଶ ଚୌଧୁରୀ, କେଶବ ମାଝି, ସୁକାନ୍ତି ସରାଫ, ପଦ୍ମିନୀ ଯୋଷୀ, ମାଣିକ୍ୟ ସୁନା, ସୁବାଷ ପ୍ରଧାନ, ଯୁଧିଷ୍ଠିର ତାଣ୍ଡି ଓ ସନ୍ତୋଷ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ଅତିରିକ୍ତ ଜିଲାପାଳଙ୍କୁ ଜିଲା କଂଗ୍ରେସ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।



ଭିତର ଚେତନାର ପରିବର୍ତ୍ତନ ନ ହେଲେ ବାହାର ପରିବର୍ତ୍ତନର କିଛି ମୂଲ୍ୟ ନାହିଁ;
କାରଣ ପ୍ରଖର ବୁଦ୍ଧି ଥିଲେ ବି ଜଣେ ଅଜ୍ଞାନ ଭାବରେ କାର୍ଯ୍ୟ କରିପାରେ ।
-ମନୋଜ ଦାସ

## ସଂକ୍ଷେପରେ

### ୧୧ରେ ଦିଲ୍ଲୀ ଦଙ୍ଗା ଆଲୋଚନା

**ନୂଆଦିଲ୍ଲୀ,୬।୩:** ହୋଲି ପରେ ମାର୍ଚ୍ଚ ୧୧ରେ ଦିଲ୍ଲୀ ଦଙ୍ଗା ପ୍ରସଙ୍ଗ ପାର୍ଲାମେଣ୍ଟ ଆଲୋଚନାରେ ସ୍ଥାନ ପାଇବ। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଗତ ସପ୍ତାହର ଦଙ୍ଗା ଉପରେ ଗୃହରେ ଉତ୍ତର ରଖିବେ। ସୋମବାର ଅଧିବେଶନ ଆରମ୍ଭ ହେବା ଦିନଠାରୁ ଦଙ୍ଗା ଉପରେ ଆଲୋଚନା ପାଇଁ ବିରୋଧୀ ସଦସ୍ୟମାନେ ଦାବି କରିଆସୁଛନ୍ତି। ଆଲୋଚନା ପାଇଁ ଏବେ ସମୟ ଠିକ୍ ନୁହେଁ ବୋଲି ଲୋକ ସଭା ବାଚସ୍ପତି ଓମ୍ ବିର୍ଲା କହିଥିବାବେଳେ ହୋଲି ପରେ ସ୍ୱଳ୍ପ ସମୟ ଆଲୋଚନାକୁ ଅନୁମତି ଦେଇଛନ୍ତି। ତେବେ ଏହି ପ୍ରସଙ୍ଗ ଉପରେ ଭୋଟ ନିଆଯିବନି। ଗୃହରେ ବିଶୃଙ୍ଖଳା ସୃଷ୍ଟି ନ କରି ବିରୋଧୀ ସଦସ୍ୟମାନେ ଆଲୋଚନାରେ ଭାଗନେବେ ବୋଲି ଆଶା କରାଯାଉଥିବା ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଶୀ କହିଛନ୍ତି। ୧୧ ପର୍ଯ୍ୟନ୍ତ ପାର୍ଲାମେଣ୍ଟକୁ ମୁଲତବୀ ରଖାଯାଇଛି। ଦିଲ୍ଲୀ ଆଲୋଚନା ଦଙ୍ଗା ଦାବିରେ ଗୃହରେ ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରିଥିବା ୭ ଜଣ କଂଗ୍ରେସ ଏମ୍‌ପିଙ୍କୁ ଗୁରୁବାର ବାଚସ୍ପତି ନିଲମ୍ବନ କରିଥିଲେ। ସେମାନେ ଅଧିବେଶନ ଶେଷ ପର୍ଯ୍ୟନ୍ତ ଗୃହକୁ ଆସିପାରିବେ ନାହିଁ। ଦଙ୍ଗାରେ ୫୩ ଜଣଙ୍କ ଜୀବନ ଯାଇଥିବାବେଳେ ୨୦୦ରୁ ଅଧିକ ଆହତ ହୋଇଥିଲେ। ବ୍ୟାପକ ସମ୍ପତ୍ତି ନଷ୍ଟ ହୋଇଥିଲା। ବହୁସଂଖ୍ୟାରେ ଲୋକ ବାସହରା ହୋଇଛନ୍ତି। ତେବେ ହୋଲି ପୂର୍ବରୁ ଏହି ପ୍ରସଙ୍ଗରେ ଆଲୋଚନା ପାଇଁ ସରକାର କାହିଁକି ରାଜି ହେଉନାହାନ୍ତି ବୋଲି ନିଲମ୍ବିତ କଂଗ୍ରେସ ଏମ୍‌ପି ଗୌରବ ଗୋଗୋଇ ପ୍ରଶ୍ନ କରିଛନ୍ତି। ଏହାଦ୍ୱାରା ଯେଉଁମାନେ ଦଙ୍ଗାରେ ସେମାନଙ୍କ ନିକଟ ସମ୍ପର୍କୀୟଙ୍କୁ ହରାଇଛନ୍ତି, ସେମାନେ କ'ଣ ହୋଲି ଖେଳିପାରିବେ କି ବୋଲି ସେ ପ୍ରଶ୍ନ କରିଛନ୍ତି।

# ବାଉଁଶବୁଦା ଉପୁଡ଼ି ଜଣେ ମୃତ, ୪ ଗୁରୁତର

**ଲୋଇସିଂହା,୬।୩(ଡି.ଏନ.ଏ.)**

**ଲୋଇସିଂହାରେ ବର୍ଷା ସାଙ୍ଗକୁ ଘୂର୍ଣ୍ଣିଝଡ**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅଞ୍ଚଳରେ ଶୁକ୍ରବାର ଅପରାହ୍ନରେ ଘୂର୍ଣ୍ଣିଝଡ ସାଙ୍ଗକୁ ପ୍ରବଳ ବର୍ଷା ହୋଇଥିଲା । ବର୍ଷାରୁ ରକ୍ଷା ପାଇବା ପାଇଁ ବୁର୍ଡା ଗ୍ରାମର ୫ଜଣ ଏକ ବାଉଁଶ ବୁଦା ତଳେ ଆଶ୍ରୟ ନେଇଥିଲେ । ସେତିକିବେଳେ ଜୋରରେ ପବନ ବହିବାରୁ ବାଉଁଶ ବୁଦା ଉପୁଡ଼ି ପଡିଥିଲା। ଫଳରେ ସେମାନେ ବାଉଁଶ ବୁଦାମୂଳେ ଚାପି ହୋଇଯାଇଥିଲେ। ଏଥିରେ ସୂର୍ଯ୍ୟକାନ୍ତି ମହାକୁର ନାମକ ଜଣେ ମହିଳାଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୪ଜଣ ଆହତ ହୋଇଛନ୍ତି । ସେମାନେ ହେଲେ ନୁରା ସାହୁ, ଜପେ ସାହୁ, ବୃଷଭ ମହାକୁର, ଉଦ୍ଧବ ବାରିକ । ସ୍ଥାନୀୟ ଅଗ୍ନିଶମ କର୍ମଚାରୀ ସେମାନଙ୍କୁ ଉଦ୍ଧାର କରି ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି ।

ସୂର୍ଯ୍ୟକାନ୍ତି ମହାକୁର, ନୁରା ସାହୁ, ଜପେ ସାହୁ ଜଣେ ଚାଷୀଙ୍କ ଡାଲିଜାତୀୟ ଫସଲ ଆଣିବାକୁ କ୍ଷେତକୁ ଯାଇଥିଲେ। ହେଲେ ମେଘୁଆ ପାଗ ଦେଖି ଘରକୁ ଫେରି ଆସୁଥିଲେ। ଭୃଷଭ ଓ ଉଦ୍ଧବ ବାରିକ ମଧ ଘରକୁ ଆସୁଥିଲେ। ହେଲେ ବାଟରେ ପବନ ସହ ବର୍ଷା ହେବାରୁ ସେମାନେ ଶିବ ମନ୍ଦିର ନିକଟସ୍ଥ ଏକ ବାଉଁଶ ବୁଦା ତଳେ ଆଶ୍ରୟ ନେଇଥିଲେ। ସେତିକିବେଳେ ଜୋରରେ ପବନ ବହିଥିଲା। ଫଳରେ ବାଉଁଶ ବୁଦା ଉପୁଡିପଡିବାରୁ ସେମାନେ ଚାପି ହୋଇଯାଇଥିଲେ। କୌଣସି ମତେ ଉଦ୍ଧବ ବୁଦା ତଳୁ ବାହାରି ଗାଁକୁ ଆସି ଏ କଥା ଜଣାଇଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି କଟର ସାହାର୍ଯ୍ୟରେ ବାଉଁଶ କାଟି ଚାପି ହୋଇ ରହିଥିବା ୩ଜଣଙ୍କୁ ଉଦ୍ଧାର କରି ଲୋଇସିଂହା ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ପୋଲିସ ସୂର୍ଯ୍ୟକାନ୍ତିଙ୍କ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଖବର ପାଇ ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ ଡାକ୍ତରଖାନାରେ ପହଞ୍ଚି ଆହତମାନଙ୍କୁ ଅଧିକ ଚିକିତ୍ସା ପାଇଁ ବଲାଙ୍ଗୀର ପଠାଇଥିଲେ। ପ୍ରାକୃତିକ ବିପର୍ଯ୍ୟୟ ପାଣ୍ଠିରୁ ସହାୟତା ଯୋଗାଇବା ଦେବାକୁ ସେ ପ୍ରତିଶ୍ରୁତି ଦେଇଛନ୍ତି। ଉଦ୍ଧାର କାର୍ଯ୍ୟରେ ଜିଲାପରିଷଦ ସଭ୍ୟ ସାଇଶଙ୍କର ସାହୁଙ୍କ ସହ ଗ୍ରାମବାସୀ ସହଯୋଗ କରିଥିଲେ।



ଘୂର୍ଣ୍ଣିଝଡରେ ଉପୁଡି ପଡିଥିବା ବାଉଁଶବୁଦା।





ଆହତଙ୍କୁ ହସ୍ପିଟାଲ ନିଆଯାଉଛି।

## ସଟ୍ଟା ଚଢାଉ, ଗିରଫ ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ

**ଲୋଇସିଂହା, ୬।୩ (ଡି.ଏନ୍.ଏ.)**

ଲୋଇସିଂହା ବ୍ଲକ ଛକ ଅଞ୍ଚଳରେ ଥିବା ଏକ ସଟ୍ଟା ଆଡ୍ଡାରେ ଗୁରୁବାର ଚଢାଉ କରି ସ୍ଥାନୀୟ ପୋଲିସ ୪୮୦୦ ଟଙ୍କା ଜବତ କରିବା ସହ ୩ ଜଣକୁ ଗିରଫ କରିଛି। ସେମାନେ ହେଲେ ଲକ୍ଷ୍ମଣ କୁମାର ଭୋଇ, ମୋତିଲାଲ ସାଏ ଓ ସନ୍ତୋଷ ଧରୁଆ (୪୦)। ଏନେଇ ଥାନାରେ ଏକ ମାମଲା(ନଂ.୬୯/୨୦) ରୁଜୁ କରାଯାଇଛି। ଗିରଫ ଅଭିଯୁକ୍ତମାନଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଥିବା ଥାନା ଏଏସଆଇ ମାନା କୁମ୍ଭାର ସୂଚନା ଦେଇଛନ୍ତି। ସୂଚନା ଯୋଗ୍ୟ, ଲୋଇସିଂହା ଓ ଆଖପାଖ ଅଞ୍ଚଳରେ ଦୀର୍ଘ ଦିନ ହେଲା ବେଧଡକ ଭାବେ ସଟ୍ଟା ଖେଳ ଚାଲିଥିଲା। ସଟ୍ଟା ଖେଳ ଖେଳି ଲୋକେ ସର୍ବସ୍ୱାନ୍ତ ହୋଇପଡୁଛନ୍ତି। ଏନେଇ ପୋଲିସ ସମିତି ବୈଠକରେ ସଭ୍ୟମାନେ ଅଭିଯୋଗ କରି ଉଦ୍‌ବେଗ ପ୍ରକାଶ କରିଥିଲେ। ଅନ୍ୟପକ୍ଷେ ଆଇଆଇସି ଲଳିତା ଲାକ୍ରାଙ୍କ ନିର୍ଦ୍ଦେଶ କ୍ରମେ ଏଏସ୍‌ଆଇ ମାନା କୁମ୍ଭାରଙ୍କ ସହ ପୋଲିସ କର୍ମଚାରୀ ବ୍ଲକଛକରେ ଥିବା ଅର୍ଦ୍ଧନିର୍ମିତ ରାଜୀବ ଯୁବକେନ୍ଦ୍ର ପରିସରରେ ଚାଲିଥିବା ସଟ୍ଟା ଆଡ୍ଡା ଉପରେ ଚଢାଉ କରିଥିଲେ। ସେତିକିବେଳେ ପୋଲିସ ଅଧିକାରୀମାନେ ୪୮୦୦ ଟଙ୍କା ଜବତ ସହ ୩ଜଣଙ୍କୁ ଧରିବାରେ ସଫଳ ହୋଇଥିଲେ। ପୋଲିସ ଅଧିକାରୀମାନେ ଲୋଇସିଂହା ବସ୍ତି ନୂଆପଡ଼ା ରାସ୍ତା ରେଳ ଫାଟକ ନିକଟରେ ଏକ କ୍ୟାବିନରେ ଚାଲିଥିବା ସଟ୍ଟା ଆଡ୍ଡାରେ ଚଢାଉ କରିଥିଲେ। ହେଲେ ଘଟଣାସ୍ଥଳରୁ କୌଶଳ କ୍ରମେ ୨ ଜଣ ଯୁବକ ଫେରାର ହୋଇଯାଇଛନ୍ତି।

## ପାଇପ ଫାଟି ଜମିରେ ମିଶୁଛି ପାଣି, ପିଇବାକୁ ମିଳୁନି

**ଦେଓଗାଁ, ୬।୩(ଡି.ଏନ୍.ଏ.)**

ଦେଓଗାଁ ବ୍ଲକ ସଦର ଗ୍ରାମରେ ଗ୍ରାମ୍ୟ ଜଳଯୋଗାଣରେ ବ୍ୟାପକ ଅବ୍ୟବସ୍ଥା ନଜରକୁ ଆସିଛି। ଦେଓଗାଁ ବିଦ୍ୟୁତ୍ ଗ୍ରୀଡ ନିକଟରେ ଥିବା ଓଭରହେଡ ଟ୍ୟାଙ୍କ ନିକଟରେ ଆଜକୁ ୪/୫ ଦିନ ହେଲା ପାଇପ ଫାଟି ପାଣି ଜମିରେ ମିଶୁଥିବାବେଳେ ଲୋକଙ୍କୁ ପିଇବା ପାଇଁ ପାଣି ମିଳୁ ନ ଥିବା ଅଭିଯୋଗ ହୋଇଛି। ଦେଓଗାଁ ଓ କଛାରପାଲିକୁ ଦୀର୍ଘ ୩୫ବର୍ଷରୁ ଊର୍ଦ୍ଧ୍ୱ ହେଲା ପାନୀୟଜଳ ଯୋଗାଣ ବ୍ୟବସ୍ଥା ହୋଇଛି। ବହୁ ପୁରାତନ ହୋଇଥିବାରୁ ଅନେକ ସ୍ଥାନରେ ପାଇପ ଫାଟିବାକୁ ବସିବାରୁ ବର୍ଷକ ତଳେ ବସୁଧା ଯୋଜନାରେ ନୂତନ ପାଇପ୍ ଓ ଓଭରହେଡ ଟ୍ୟାଙ୍କ ନିର୍ମାଣ ପାଇଁ ୧କୋଟି ୬୦ଲକ୍ଷ ଟଙ୍କା ମଞ୍ଜୁର ହୋଇ କିଛିଦିନ ତଳେ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ତେବେ ଦେଓଗାଁ ସାପ୍ତାହିକ ବଜାର ପ୍ରାଙ୍ଗଣରେ ନବନିର୍ମିତ ଓଭରହେଡ ଟ୍ୟାଙ୍କରେ ଲାଗିଥିବା ପାଣି ପମ୍ପ କାର୍ଯ୍ୟ କରିବାର କିଛି ଦିନି ଦିନ ମଧ୍ୟରେ ପୋଡି ଯାଇଥିବା ଯୋଗୁ ଜଳଯୋଗାଣ ଏକପ୍ରକାର ବ୍ୟାହତ ହୋଇଯାଇଛି। ଏଥିସହ ବିଭାଗୀୟ ଅବହେଳା ଓ ପାଇପ୍ କାମରେ ତ୍ରୁଟି ଯୋଗୁ ଦେଓଗାଁ ଭଞ୍ଜପଡ଼ାବାସୀ ପାନୀୟ ଜଳଯୋଗାଣରୁ ବଞ୍ଚିତ ହେଉଛନ୍ତି। ଜଳଯୋଗାଣରେ କିଛି ତ୍ରୁଟି ହେଲେ ପଞ୍ଚାୟତ କର୍ତ୍ତୃପକ୍ଷ ଏହାର ରକ୍ଷଣାବେକ୍ଷଣ କରିବା କଥା । ହେଲେ ଦେଓଗାଁର ନୂତନ ପାଇପ୍ ଲାଇନ କାମ ପଞ୍ଚାୟତକୁ ହସ୍ତାନ୍ତର ହୋଇ ନ ଥିବାରୁ ଆମେ କେମିତି ରକ୍ଷଣାବେକ୍ଷଣ କରିବୁ ବୋଲି ସରପଞ୍ଚ ନୀନା ଛତ୍ରିଆ କହିଛନ୍ତି। ଏ ସମ୍ପର୍କରେ ଗ୍ରାମ୍ୟ ଜଳଯୋଗାଣ ବିଭାଗ କନିଷ୍ଠ ଯନ୍ତ୍ରୀ ମୃତ୍ୟୁଞ୍ଜୟ ରାଉତଙ୍କୁ ପଚାରିବାରୁ ପାଇପ ଫାଟିବା ଅଭିଯୋଗ ପାଇ ନ ଥିଲି। ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ସହ କଥାହୋଇ ପଦକ୍ଷେପ ନିଆଯିବ ବୋଲି କହିଥିଲେ।

## ବନ ସୁରକ୍ଷା ସମିତି ସଭା: ଷ୍ଟାଣ୍ଡିଂ କମିଟି ଗଠିତ

**ଟିକ୍ରାପଡ଼ା,୬।୩ (ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ସଇଁନ୍ତଲା ବ୍ଲକ କେର୍ମେଲିସ୍ଥିତ ସେଣ୍ଟ୍ରାଲ ନର୍ସରିଠାରେ ସଇଁନ୍ତଲା ବନାଞ୍ଚଳସ୍ତରୀୟ ବନ ସୁରକ୍ଷା ସମିତି ସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଇଁନ୍ତଲା ବନାଞ୍ଚଳ ଅଧିକାରୀ ରାଜକିଶୋର ହରପାଲ ଅଧ୍ୟକ୍ଷତା କରିଥିଲେ। ଛନଛଡା ସେକ୍ସନ ଫରେଷ୍ଟର ଆନନ୍ଦ ବାରିକ ସଭା ସଂଯୋଜନା କରିଥିଲେ। ସଭାରେ ସଇଁନ୍ତଲା, ଛନଛଡ଼ା, କନ୍ଧକେଲଗାଁ ସେକ୍ସନରେ କାର୍ଯ୍ୟରତ ୬୦ଟି ବନ ସୁରକ୍ଷା ସମିତିର ସଦସ୍ୟ ଓ ବନ ବିଭାଗ କର୍ମଚାରୀ ଉପସ୍ଥିତ ରହିଥିଲେ। ଏହି ଅବସରରେ ଷ୍ଟାଣ୍ଡିଂ କମିଟି ଗଠନ କରାଯାଇଥିଲା । ସର୍ବସମ୍ମତି କ୍ରମେ ଷ୍ଟାଣ୍ଡିଂ କମିଟି ଚେୟାରମେନ ଭାବେ ସୁବାସ ବୁଡେକ ମନୋନିତ ହୋଇଥିଲେ।। ସମ୍ପାଦକ ଭାବେ ଅଶ୍ୱିନୀ କୁମାର ଥନାପତି, ସଦସ୍ୟ ଭାବେ ହରିଶ୍ଚନ୍ଦ୍ର ସାହୁ, ଶଙ୍କର ପ୍ରଧାନ, କାଳିଆ ବଗର୍ତ୍ତୀ, ସୈନ୍ୟ ଭୋଇ, ଅଗସ୍ତି ଭୋଇ, ନରେଶ ଷାଣ୍ଡ, ଶଙ୍କର ମାଝି, ଧବଳେଶ୍ୱର ବାରିକ, ବାଳକୃଷ୍ଣ ପ୍ରଧାନ ଓ ଗୋପାଳ ମେଲ୍ଲି ମନୋନିତ ହୋଇଥିଲେ । ଜଙ୍ଗଲ ସୁରକ୍ଷା, ବୃକ୍ଷ ରୋପଣ ସହ ବନ ସଂଲଗ୍ନ ଗ୍ରାମର ଉନ୍ନତି ନେଇ କାର୍ଯ୍ୟ କରିବାକୁ ସମିତି ପକ୍ଷରୁ ନିଷ୍ପତ୍ତି ହୋଇଥିଲା।




ସଇଁନ୍ତଲା ବ୍ଲକ କେର୍ମେଲସ୍ଥିତ ସେଣ୍ଟ୍ରାଲ ନର୍ସରୀଠାରେ ବନାଞ୍ଚଳସ୍ତରୀୟ ସଭାରେ ଉପସ୍ଥିତ ବନ ସୁରକ୍ଷା ସମିତି ସଭ୍ୟ ଏବଂ ବନବିଭାଗ କର୍ମଚାରୀ।



ଦେଓଗାଁ ବ୍ଲକ ସଭାଗୃହରେ ପଞ୍ଚାୟତିରାଜ ଦିବସ ଅବସରରେ ମଞ୍ଚାସୀନ ଅତିଥିବୃନ୍ଦ ।

## ପଞ୍ଚାୟତିରାଜ ଦିବସରେ ୪୧ ସମ୍ବର୍ଦ୍ଧିତ

**ଦେଓଗାଁ, ୬।୩(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସଭାଗୃହରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୪ତମ ଜୟନ୍ତୀ ତଥା ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ଦାୟିତ୍ୱରେଥିବା ପଞ୍ଚାୟତ ଅଧିକାରୀ ଉପେନ୍ଦ୍ର ରଣାଙ୍କ ସଂଯୋଜନା ତଥା ବ୍ଲକ ଅଧ୍ୟକ୍ଷା ରୀନା ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ମୁଖ୍ୟଅତିଥି ଭାବେ ବଲାଙ୍ଗୀର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଲକ୍ଷ୍ମଣ କୁମାର ମେହେର, ମୁଖ୍ୟବକ୍ତା ଭାବେ ବରିଷ୍ଠ ବିଜେଡି ନେତା ଉମାଶଙ୍କର ସିଂ, ସମ୍ମାନିତ ଅତିଥି ଭାବେ ତହସିଲଦାର ତଥା ଦାୟିତ୍ୱରେ ଥିବା ବିଡିଓ ସୋନାଲି ପାତ୍ର, ପୂର୍ବତନ ସରପଞ୍ଚ ଅନ୍ତର୍ଯ୍ୟାମୀ ଭୋଇ, ପ୍ରମୋଦ ବହିଦାର ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ବିଜୁବାବୁଙ୍କ କାର୍ଯ୍ୟଦକ୍ଷତା, ସାହସିକତା ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଶହେ ଦିନ ପୂରଣ କରିଥିବା ୧୨ଜଣ ଶ୍ରମିକ, ପ୍ରଧାନମନ୍ତ୍ରୀ ଆବାସ ଗୃହ ଠିକ୍ ସମୟରେ ନିର୍ମାଣ କରିଥିବା ପ୍ରତି ପଞ୍ଚାୟତର ଜଣେ ଜଣେ ହିସାବରେ ୨୬ଜଣ ହିତାଧିକାରୀ ଓ ୩ଟି ଶ୍ରେଷ୍ଠ ସ୍ୱୟଂ ସହାୟକ ଦଳ ଏହିପରି ମୋଟ ୩୮ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସର୍ବସମ୍ମତି କ୍ରମେ ବିଜୁବାବୁଙ୍କୁ ମରଣୋତ୍ତର ଭାରତରତ୍ନ ସମ୍ମାନ ପ୍ରଦାନ ପାଇଁ ସଭାରେ ପ୍ରସ୍ତାବ ଆଗତ ହୋଇଥିଲା। ଶେଷରେ ଓଡ଼ିଶା ଜୀବିକା ମିଶନର ବ୍ଲକ ସଂଯୋଜକ ପ୍ରଦୀପ କୁମାର ଛତ୍ରିଆ ଧନ୍ୟବାଦ ଅର୍ପଣ କରିଥିଲେ ।

## ଟିଟିଲାଗଡ଼ ରେଳଷ୍ଟେଶନରୁ ଗଞ୍ଜେଇ ଜବତ, ଜଣେ ଗିରଫ

**ଟିଟିଲାଗଡ଼,୬।୩(ଡି.ଏନ.ଏ.)**

ଟିଟିଲାଗଡ଼ ରେଳ ଷ୍ଟେଶନରୁ ଟିଟିଲାଗଡ଼ ଜିଆର୍‌ପି ପୋଲିସ ଶୁକ୍ରବାର ଗଞ୍ଜେଇ ଜବତ କରିବା ସହ ଜଣେ ଯୁବକଙ୍କୁ ଧରିବାରେ ସଫଳ ହୋଇଛି। ସେ ହେଲେ ରାୟଗଡ଼ା ଜିଲା ପଦ୍ମପୁର ଅଞ୍ଚଳର ଜିସାୟ କରାଡ।

ଟିଟିଲାଗଡ଼ ରେଳଷ୍ଟେଶନରୁ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ନେଇ ଥାନା ଅଧିକାରୀ ଅବନୀ ସାହୁଙ୍କୁ ଖବର ମିଳିଥିଲା। ଏନେଇ ଥାନା ଅଧିକାରୀ ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ଷ୍ଟେଶନରେ ପାଟ୍ରୋଲିଂ କରୁଥିଲେ। ସେତିକିବେଳେ ଜଣେ ଯୁବକ ଏକ ଟ୍ରଲି ବ୍ୟାଗ ଧରି ସନ୍ଦେହଜନକ ଅବସ୍ଥାରେ ଷ୍ଟେଶନରେ ଛିଡା ହୋଇଥିଲେ। ପୋଲିସ ଟିମ୍ ପାଖରେ ପହଞ୍ଚିଲା ବେଳକୁ ଯୁବକ ଜଣକ ଫେରାର ହେବାକୁ ଉଦ୍ୟମ କରିଥିଲେ। ହେଲେ ଜିଆର୍‌ପି ପୋଲିସ ଟିମ୍ ଗୋଡାଇ ଯୁବକଙ୍କୁ ଧରିବାରେ ସଫଳ ହୋଇଥିଲା। ପୋଲିସ ତାଙ୍କୁ ପଚରାଉଚୁରା ପରେ ତାଙ୍କ ନାମ ଜିସାୟ କରାଡ ବୋଲି କହିବା ସହ ଘର ରାୟଗଡ଼ା ଜିଲା ପଦ୍ମପୁର ଅଞ୍ଚଳରେ ବୋଲି ସୂଚନା ଦେଇଥିଲେ। ଭାରପ୍ରାପ୍ତ ମାଜିଷ୍ଟ୍ରେଟ କର୍ଣ୍ଣ ମଲ୍ଲିକଙ୍କ ଉପସ୍ଥିତିରେ ଜିଆର୍‌ପି ଅଧିକାରୀଙ୍କ ଯାଞ୍ଚ ବେଳେ ବ୍ୟାଗରୁ ୯ କେଜି ୪୦୦ ଗ୍ରାମ ଓଜନର ଗଞ୍ଜେଇ ଜବତ କରାଯାଇଥିଲା। ଚଢାଉରେ ଏସ୍‌ଆଇ ଚାରୋ ଟିର୍କି, ପଦ୍ମଲୋଚନ ଖର୍ସେଲ, ଏସ୍.କେ ହୁସେନଙ୍କ ସହ ଅନ୍ୟ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ଏନେଇ ଜିଆର୍‌ପି ପୋଲିସ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ଜିସାୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜିଆର୍‌ପି ପକ୍ଷରୁ କୁହାଯାଇଛି।



ଜିଆର୍‌ପି ଅଧିକାରୀମାନେ ଯାଞ୍ଚ କରୁଛନ୍ତି।

## କରୋନା ସଚେତନତା କାର୍ଯ୍ୟକ୍ରମ

**ଡୁଙ୍ଗୁରିପାଲି,୬।୩(ଡି.ଏନ୍.ଏ.):** ଡୁଙ୍ଗୁରିପାଲି ଡିଗ୍ରୀ ମହାବିଦ୍ୟାଳୟରେ କରୋନା ଭାଇରସ୍ ସମ୍ପର୍କିତ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଅଧାପକ ବିଜୟାନନ୍ଦ ଦାସ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଛାତ୍ର ତଥା ସଂଯୋଜକ ସିଦ୍ଧାନ୍ତ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଛାତ୍ରୀ ଦୂର୍ଗାମୟୀ ତନସନା ବର୍ତ୍ତମାନ ସମାଜରେ ଚାଞ୍ଚଲ୍ୟ ସୃଷ୍ଟି କରିଥିବା କରୋନା ଭାଇରସ ସମ୍ପର୍କରେ ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ। ଏହାର ନିରାକରଣର ଉପରେ ଆଲୋକପାତ କରିଥିଲେ। ଦ୍ୱିତୀୟ ପର୍ଯ୍ୟାରେ ଛାତ୍ରୀ ସୀମା ଭୋଇ ପରିବେଶ ସମ୍ପର୍କିତ କୁଇଜ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଦାବିପୂରଣ ନ ହେଲେ ଆଗକୁ ଆନ୍ଦୋଳନ

**ବଲାଙ୍ଗୀର ଅଫିସ, ୬।୩**

**କେନ୍ଦୁପତ୍ର କର୍ମଚାରୀଙ୍କୁ ଅଣଦେଖା ପ୍ରତିବାଦ**

- ଖବରଦାତା ସମ୍ମିଳନୀରେ କେନ୍ଦୁପତ୍ର କର୍ମଚାରୀ ସଂଘର ଚେତାବନୀ ଦେଲେ
- ...

କେନ୍ଦୁପତ୍ର କର୍ମଚାରୀଙ୍କୁ ସରକାର ଅଣଦେଖା କରୁଥିବା ଅଭିଯୋଗ ହୋଇଛି। କେନ୍ଦୁପତ୍ର କର୍ମଚାରୀଙ୍କ ପରିଶ୍ରମରେ ରାଜ୍ୟ ରାଜକୋଷ ବୃଦ୍ଧି ପାଉଥିଲେ ମଧ ସରକାର ବାରମ୍ବାର କର୍ମଚାରୀଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ଅଣଦେଖା କରୁଛନ୍ତି ବୋଲି ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ କାର୍ଯ୍ୟକାରୀ ସଭାପତି ଚିତ୍ରସେନ ବଗର୍ତ୍ତୀ କହିଛନ୍ତି। ସ୍ଥାନୀୟ ସାମ୍ବାଦିକ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସଭାପତି ବଗର୍ତ୍ତୀ କହିଥିଲେ, ୨୦୧୪-୧୫ ଆର୍ଥିକ ବର୍ଷରେ କେନ୍ଦୁପତ୍ରରୁ ସରକାର ପ୍ରାୟ ୬୦୦ କୋଟି ଲାଭ ପାଇଛନ୍ତି। ତେବେ ପରବର୍ତ୍ତୀ ସମୟରେ କେନ୍ଦୁପତ୍ର ଆୟ କାହିଁକି କମୁଛି ଓ ଏନେଇ କିଏ ଦାୟୀ ତାହା ବିଚାର କରାଯାଉନାହିଁ। ସରକାରଙ୍କୁ ଭୁଲ ତଥ୍ୟ ପ୍ରଦାନ କରି ବିଭାଗୀୟ କର୍ତ୍ତୃପକ୍ଷ ଶ୍ରମିକ ମାରଣନୀତି ଅବଲମ୍ବନ କରୁଥିବା ଅଭିଯୋଗ କରିଥିଲେ। ସଂଘ ସାଧାରଣ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ କେନ୍ଦୁପତ୍ର ସିଜନାଲ କର୍ମଚାରୀଙ୍କ ଯୁକ୍ତିଯୁକ୍ତ ଦାବିଗୁଡିକୁ ସରକାର ଉଦ୍ଦେଶ୍ୟ ମୂଳକ ଭାବେ ଅଣଦେଖା କରୁଥିବା ଅଭିଯୋଗ କରିଥିଲେ। ରାଜ୍ୟରେ ପାଖାପାଖି ୧୮ ହଜାର କେନ୍ଦୁପତ୍ର କର୍ମଚାରୀ କାମ କରୁଛନ୍ତି । ସେମାନଙ୍କୁ ସ୍ଥାୟୀ ମାନ୍ୟତା, ଗତବର୍ଷରୁ ନିର୍ଦ୍ଧାରିତ ହୋଇଥିବା ପାଉଣା ପ୍ରଦାନ, କର୍ମଚାରୀଙ୍କୁ ଇପିଏଫ ଓ ଇଏସ୍‌ଆଇରେ ସାମିଲ କରାଯିବା, ଫଡି ବନ୍ଦ କରାଯିବା ନିଷ୍ପତ୍ତି ଉପରେ ପୁନଃବିଚାର କରିବା, ସିଜନାଲ କର୍ମଚାରୀଙ୍କୁ ୧୨ ମାସିଆ କାମ ଯୋଗାଇବା ଦାବି ଉପରେ ସୂଚନା ଦେଇଥିଲେ। ଏହି ସବୁ ଦାବି ନେଇ ସଂଘ ଗତ ୧୩ ଫେବୃୟାରୀରେ ପ୍ରଧାନ ମୁଖ୍ୟ ବନସଂରକ୍ଷକଙ୍କ ଭୁବନେଶ୍ୱରସ୍ଥିତ ଅରଣ୍ୟ ଭବନରେ ବିକ୍ଷୋଭ ପ୍ରଦର୍ଶନ କରି କାମ ବନ୍ଦ କରିବାକୁ ଆହ୍ୱାନ ଦେଇଥିଲେ। ସେତିକିବେଳେ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ୧ ମାସ ମଧ୍ୟରେ ସମସ୍ତ ଦାବି ପୂରଣ କାରଯିବା ମନେଇ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ହେଲେ ବର୍ତ୍ତମାନ ସୁଦ୍ଧା ଦାବି ପୂରଣ ହୋଇପାରି ନାହିଁ। ଆସନ୍ତା ୧୦ ତାରିଖ ସୁଦ୍ଧା ସରକାର ଦାବି ପୂରଣ ନ କଲେ ସଂଘ ରାଜ୍ୟ ବ୍ୟାପୀ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସଭାପତି ବଗର୍ତ୍ତୀ ସୂଚନା ଦେଇଛନ୍ତି। ସମ୍ମିଳନୀରେ ସଂଘ ଜିଲା ସଭାପତି ସିଭିଚନ୍ଦ୍ର ବଡମାଲି, ସମ୍ପାଦକ କୃଷ୍ଣଚନ୍ଦ୍ର ରାଜପୁତ, ଛବିଲ ସିଂ ଛେନ୍ଦା, ନାରାୟଣ ଉଦୁରକୁଲିଆ, ସନ୍ତୋଷ ମିଶ୍ର, ନରେନ୍ଦ୍ର ନାଗ, ବିପିନ ନାଏକ, ସୁଜିତ ମନହୀରା, ଏକାଦଶିଆ ବାରିକ, ଲିଙ୍ଗରାଜ ପୋଢ଼, ବେଣୁଧର କାଲସାଏ, ରାଧେ ଗଡତିଆ ପ୍ରମୁଖ ଉପସ୍ଥିତ ରହିଥିଲେ।



ବଲାଙ୍ଗୀର ସାମ୍ବାଦିକ ଭବନଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର କର୍ମକର୍ତ୍ତା।

# କରୋନା ମୁକାବିଲା ଚିନ୍ତା

## ସଜାଗ ରହିବା ସହ ଆତଙ୍କିତ ନ ହୋଇ ଗୁଜବକୁ ବିଶ୍ୱାସ ନ କରିବାକୁ ପରାମର୍ଶ

ଝାରସୁଗୁଡା ଅଫିସ/ବେଲପାହାଡ, ୬।୩ (ଡି.ଏନ.ଏ.)

କରେନା ଭୁତାଣୁ ସଂକ୍ରମଣକୁ ନେଇ ସମଗ୍ର ବିଶ୍ୱ ଚିନ୍ତାରେ ରହିଛି। ଏହି ଭୁତାଣୁ ଭାରତକୁ ଆସି ସାରିଛି। ବିଦେଶରୁ ଫେରୁଥିବା ଲୋକଙ୍କ ଉପରେ କଡା ନଜର ରଖାଯାଇଛି। ଏହା ବାଦ୍ ବିମାନବନ୍ଦର ଥିବା ଅଞ୍ଚଳ ଗୁଡିକରେ ଏହାକୁ ଗୁରୁତ୍ୱ ଦିଆଯାଉଛି। ଏହିକ୍ରମରେ ବେଲପାହାଡ ପୌରପରିଷଦ ସମ୍ମିଳନୀ କକ୍ଷରେ କରୋନା ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ପୌରାଧ୍ୟକ୍ଷ ପର୍ଶୁରାମ ସାହୁ, ନିର୍ବାହୀ ଅଧିକାରୀ ଲୋକନାଥ କୁମାର ତିୱାରୀ, ଡାକ୍ତର ଦିଲୀପ କୁମାର ନାୟକ ଓ ଗୋଷ୍ଠୀ ସଂଯୋଜିକା ନିଲୁ ହଂସା ପ୍ରମୁଖ ଯୋଗ ଦେଇଥିଲେ। କରୋନା ଭାଇରସ୍ କିପରି ଓ କେଉଁ ପରିସ୍ଥିତିରେ ସଂକ୍ରମିତ ହୋଇଥାଏ, ଏହାର ନିରାକରଣ ପାଇଁ କ'ଣ ସବୁ ପ୍ରତିଶେଧକ ବ୍ୟବସ୍ଥା କରାଯାଇପାରିବ ସେ ନେଇ ଆଲୋଚନା କରାଯାଇଛି।



ବେଲପାହାଡ଼ ପୌରପରିଷଦ ସମ୍ମିଳନୀ କକ୍ଷରେ କରୋନା ଭାଇରସ୍ ପ୍ରତିଷେଧକ ବ୍ୟବସ୍ଥା ଉପରେ ଆଲୋଚନା ପାଇଁ ଆୟୋଜିତ ସଚେତନତା ବୈଠକରେ ପୌରାଧ୍ୟକ୍ଷ ପର୍ଶୁରାମ ସାହୁ ଉଦ୍‌ବୋଧନ ଦେଉଛନ୍ତି।

ଆମକୁ ସଜାଗ ରହିବାକୁ ପଡ଼ିବ। ଆତଙ୍କିତ ନ ହୋଇ କିମ୍ବା ଗୁଜବ ଉପରେ ବିଶ୍ୱାସ ନ କରିବାକୁ ପରାମର୍ଶ ଦିଆଯାଇଛି।

ଅନ୍ୟପକ୍ଷେ ଝାରସୁଗୁଡାରେ ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦର ରହିଛି। ଏଣୁ ଏପରିସ୍ଥିତିରେ କରୋନା ଭୁତାଣକୁ ଲଢ଼େଇ କରିବା ପାଇଁ ଝାରସୁଗୁଡା ଜିଲା ସ୍ୱାସ୍ଥ୍ୟ ବିଭାଗ ପ୍ରସ୍ତୁତି ଚଳାଇଛି। ଏଥିପାଇଁ ଗୁରୁବାର ଜିଲାପାଳ ସରୋଜ କୁମାର ସାମଲଙ୍କ ଅଧ୍ୟକ୍ଷତା ଏବଂ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ଜଗଦିଶ ଚନ୍ଦ୍ର ବାରିକ ଉପସ୍ଥିତିରେ ଏମସିଏଲ, ବେଦାନ୍ତ, ଟିଆରଏଲରେ ଥିବା ଚିକିତ୍ସାଳୟର ଅଧିକାରୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିମାନବନ୍ଦରରେ ଡାକ୍ତର ଓ ଷ୍ଟାଫ ନର୍ସ ଉପସ୍ଥିତ ରହି କାହାରି ଉପରେ ସନ୍ଦେହ ହେଲେ ସ୍କାନିଂ କରାଯାଉଛି। ବିମାନବନ୍ଦର କର୍ତ୍ତୃପକ୍ଷ ମଧ ବିଦେଶ ଗସ୍ତରୁ ଆସୁଥିବା ଯାତ୍ରୀଙ୍କ ପରୀକ୍ଷା କରାଉଛନ୍ତି। ସେହିପରି ଜିଲାମୁଖ୍ୟ ଚିକିତ୍ସାଳୟରେ ଏକ ଆଇସୋଲେସନ ୱାର୍ଡ କରାଯାଇଛି। ତେବେ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ବ୍ୟକ୍ତିଙ୍କଠାରେ ପଜିଟିଭ ନାହିଁ। ଭବିଷ୍ୟତକୁ ଲକ୍ଷ କରି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗକୁ ୩ଟି ଥର୍ମାଲ ସ୍କାନର, ମାସ୍କ, ଟ୍ରିପଲ ଏୟାର ମାସ୍କ ଓ ଭିଟିଏମ ମଗାଯାଇଛି। ହେଲେ ଏଗୁଡିକ ସ୍ୱାସ୍ଥ୍ୟ ବିଭାଗ ଯୋଗାଇ ନାହିଁ, କେବଳ ସ୍କାନର ରହିଛି। ଏହା ଦ୍ୱାରା ପରିକ୍ଷୀ ନିରିକ୍ଷା କରାଯାଉଛି। ସେହିପରି କେବଳ ସର୍ଜିକାଲ ମାସ୍କ ଥିବାରୁ ଏହା ସମସ୍ତଙ୍କୁ ପ୍ରଦାନ କରାଯାଉଛି ବୋଲି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଜଗଦୀଶ ଚନ୍ଦ୍ର ବାରିକ ସୂଚନା ଦେଇଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ନବ କିଶୋର ଦାସ ମଧ୍ୟ ଏହି ଘଟଣାରେ ମତ ରଖି କହିଛନ୍ତି ଯେ କରୋନା ମୁକାବିଲା ପାଇଁ ସହଯୋଗ କରିବାକୁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କୁ ଜଣାଯାଇଛି। ଏସସିବିରେ କରୋନା ପରୀକ୍ଷା କରିବା ପାଇଁ ସମସ୍ତ ଭିତ୍ତିଭୂମି ଯୋଗାଇବା ସହିତ ଝାରସୁଗୁଡାଠାରେ ବିମାନବନ୍ଦର ଥିବାରୁ କରୋନା ପରୀକ୍ଷା ପାଇଁ ଉପଯୁକ୍ତ ସୁବିଧା କରାଇବା ପାଇଁ କୁହାଯାଇଥିବା ସେ କହିଛନ୍ତି।




# କାୟାକଳ୍ପ ଆୱାର୍ଡ ତାଲିକାରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଜିଲାର ନାଁ ନାହିଁ

ଝାରସୁଗୁଡା ଅଫିସ,୬।୩

କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବିଭିନ୍ନ ଚିକିତ୍ସାଳୟର ସଫା ସୁତୁରା ଓ ବିଭିନ୍ନ ସେବାକୁ ମାନଦଣ୍ଡ କରି କାୟାକଳ୍ପ ପୁରସ୍କାର ଦିଆଯାଉଛି। ସମସ୍ତ ରାଜ୍ୟରେ ଜିଲା ମୁଖ୍ୟ ଚିକିତ୍ସାଳୟ, ଉପଖଣ୍ଡ ଚିକିତ୍ସାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ଥିତି ପରଖି ପୁରସ୍କାର ପ୍ରଦାନ କରାଯାଉଛି। ଫେବୃଆରୀ ଶେଷ ସପ୍ତାହରେ ୨୦୧୯-୨୦ ବର୍ଷ ପାଇଁ କାୟାକଳ୍ପ ପୁରସ୍କାର ଘୋଷଣା କରାଯାଇଛି। ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ଏଥିରେ ୱିନର ହୋଇଥିବା ବେଳେ କଳାହାଣ୍ଡି ଜିଲା ମୁଖ୍ୟ ଚିକିତ୍ସାଳୟ ରନର୍ସଅପ ହୋଇଛି। ଏହା ବାଦ ମାଲକାନଗିରି, ଢେଙ୍କାନାଳ, ରାୟଗଡା, ସମ୍ବଲପୁର, ଜଗତସିଂହପୁର, କୋରାପୁଟ(ଜୟପୁର), ସୁନ୍ଦରଗଡ(ଆରଜିଏଚ-ରାଉରକେଲା), କନ୍ଧମାଳ, ଖୋର୍ଦ୍ଧା (କ୍ୟାପିଟାଲ ହସ୍ପିଟାଲ ଭୁବନେଶ୍ୱର), ଗାମ (ସିଟି ହସ୍ପିଟାଏ ବ୍ରହ୍ମପୁର), ପୁରୀ, ବୌଦ୍ଧ, ଯାଜପୁର, ଭଦ୍ରକ, ବାଲେଶ୍ୱର, କଟକ (ସିଟି ହସ୍ପିଟାଲ) ଓ ସୁନ୍ଦରଗଡ ଆଦି ମୋଟ ୧୭ଟି ଚିକିତ୍ସାଳୟର ପ୍ରଶଂସା କରାଯାଇଛି। ତେବେ ଏହି ତାଲିକାରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ନବ କିଶୋର ଦାସଙ୍କ ଜିଲା ଝାରସୁଗୁଡା ସାମିଲ ନ ହେବା ଆଶ୍ଚର୍ଯ୍ୟର ବିଷୟ। ଏହି ଜିଲାର ଜିଲା ଚିକିତ୍ସାଳୟ ପୁରସ୍କାର ତ ଦୁରର କଥା ପ୍ରଶଂସା ପତ୍ର ମଧ ପାଇବାକୁ ଯୋଗ୍ୟ ହୋଇ ନାହିଁ।

କାୟାକଳ୍ପ ପୁରସ୍କାର ପାଇଁ ରାଜ୍ୟ ଓ ଜିଲାସ୍ତରର ଟିମ୍ ଚିକିତ୍ସାଳୟ ଗୁଡିକୁ ପରିଦର୍ଶନରେ ଯାଇ ସଫା ସୁତୁରା, ଉପଲବ୍ଧ ସେବା ବ୍ୟବସ୍ଥା ଆଦି ବିଭିନ୍ନ ଦିଗକୁ ଦେଖି ର୍ୟାଙ୍କ ପ୍ରଦାନ କରିଥାନ୍ତି। ଝାରସୁଗୁଡା କାୟାକଳ୍ପ ଟିମ୍‌ର ପ୍ରଶଂସା ମଧ ନ ପାଇବା ଦୁର୍ବଳ ସ୍ୱାସ୍ଥ୍ୟ ସେବାର ପ୍ରମାଣ କରୁଛି। ଏ ନେଇ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଜଗଦୀଶ ଚନ୍ଦ୍ର ବାରିକଙ୍କୁ ପଚାରିବାରୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ସମସ୍ତ ଭିତ୍ତିଭୂମି ରହିଛି। ହେଲେ ଡାକ୍ତର, କର୍ମଚାରୀ ଅଭାବ ଯୋଗୁ ସେବା ପ୍ରଦାନ କ୍ଷେତ୍ରରେ ଅଳ୍ପ ଅସୁବିଧା ହେଉଛି ବୋଲି କହିଥିଲେ।

# ଲକ୍ଷେଘର ଜାତି ମହାସଂଘର ବାର୍ଷିକ ମହାସଭା

କୋଲାବିରା,୬।୩(ଡି.ଏନ.ଏ.)

ସାମାସିଂହା କଲ୍ୟାଣ ମଣ୍ଡପରେ ଲକ୍ଷେଘର ଜାତି ମହାସଂଘ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାସଂଘର ସଭାପତି ଭୁବନେଶ୍ୱର ଗର୍ଡିଆ ସଭାପତିତ୍ୱ କରିଥିଲେ। ସମ୍ପାଦକ ଅଶୋକ ଚାନ୍ଦ ବାର୍ଷିକ ବିବରଣୀ ପଠନ କରିଥିଲେ। ବିଶ୍ୱମ୍ବର ମହାନନ୍ଦିଆ, ଖଗେଶ୍ୱର ଛଛାନ, ଲକ୍ଷ୍ମୀନାରାୟଣ ବାଗ, ଉତ୍ତମ ସୁନାନୀ, ଗଣେଶରାମ କରାଳି, ବିଜୟ ପୋଢ, ଡିଲେଶ୍ୱର ବାଗ, ରାଧେଶ୍ୟାମ ଗର୍ଡିଆ, ଶକ୍ତି ରଣବିଡା, ଦିବାକର କୁଆ, ଚଇତନ ବାଦୀ, ବିପ୍ରବର ସୁନାନୀ, ବିରାରୀ ମହାନନ୍ଦ, ସାଧୁ ବାଗ, ଜନ୍ମେଜୟ ଛଛାନ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।



ଲକ୍ଷେଘର ଜାତି ମହାସଙ୍ଘର ବାର୍ଷିକ ମହାସଭାରେ ଉପସ୍ଥିତ କର୍ମକର୍ତ୍ତା।

# ପୁରୁଣା ହସ୍ପିଟାଲକୁ ଅର୍ବାନ ସିଏଚ୍‌ସି କରାଯାଉ



ଦାବି ପତ୍ର ଦେବାକୁ ଆସିଥିବା ଭାଜପା ପ୍ରତିନିଧି ଦଳ।

ଝାରସୁଗୁଡା ଅଫିସ,୬।୩

ଝାରସୁଗୁଡା ସହର ମଙ୍ଗଳବଜାରରେ ଥିବା ଜିଲା ମୁଖ୍ୟ ଚିକିତ୍ସାଳୟକୁ ଗତ ବର୍ଷ ମେ ମାସରେ ସହର ବାହାରକୁ ସ୍ଥାନାନ୍ତର କରାଯାଇଛି। ଏବେ ମଙ୍ଗଳବଜାରରେ ଥିବା ପୁରୁଣା ଚିକିତ୍ସାଳୟ କୋଠାରେ ଅର୍ବାନ ଚିକିତ୍ସାଳୟ ପରିଚାଳନା କରାଯାଇ ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଥିବା ବିଭାଗ ପକ୍ଷରୁ କୁହାଯାଉଛି। ତେବେ ଏଠାରେ ଆହୁରି ଉନ୍ନତ ମାନର ସେବା ପ୍ରଦାନ କରିବାକୁ ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ଦାବି କରାଯାଇଛି। ଶୁକ୍ରବାର ଏକ ପ୍ରତିନିଧି ଦଳ ଜିଲା ପ୍ରଶାସନ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦେଇଛନ୍ତି। ଏହି ପୁରୁଣା କୋଠାରେ ଚାଲିଥିବା ଅର୍ବାନ ପିଏଚସିର ପାହ୍ୟା ବୃଦ୍ଧି କରି ଅର୍ବାନ ସିଏଚସି କରାଯିବା, ଶିଶୁ ରୋଗ, ପ୍ରସୂତି, ମେଡିସିନ ବିଶେଷଜ୍ଞ ଡାକ୍ତର ନିଯୁକ୍ତି କରିବା, ଶଯ୍ୟା ବୃଦ୍ଧି କରିବା, ଉନ୍ନତ ମାନର ପାଥୋଲୋଜି ସେବା ଉପଲବ୍ଧ କରିବା, ସ୍ୱତନ୍ତ୍ର ଆମ୍ବୁଲାନ୍ସ ବ୍ୟବସ୍ଥା କରିବା ଆଦି ବିଭିନ୍ନ ଦାବି ଭାଜପା ପକ୍ଷରୁ ଉପସ୍ଥାପନ କରାଯାଇଛି। ଜିଲା ମୁଖ୍ୟ ଚିକିତ୍ସା ଅଅଧିକାରୀ ଜଗଦୀଶ ଚନ୍ଦ୍ର ବାରିକ କହିଛନ୍ତି ଯେ ସେଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଉଛି ଏବଂ ଏହି ଚିକିତ୍ସାଳୟର ଉନ୍ନତି ପାଇଁ ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଛି।

# ଚେକ୍‌ଡ୍ୟାମ୍ କାମ ନିମ୍ନମାନର



ନିର୍ମାଣାଧୀନ ଚେକ୍‌ଡ୍ୟାମ ନିକଟରେ କୁଲୁଥମାଲ ଗ୍ରାମବାସୀ।

ଲଇକେରା, ୬।୩ (ଡି.ଏନ.ଏ.)

କିର୍ମିରା ବ୍ଲକ ଝାରମୁଣ୍ଡା ପଞ୍ଚାୟତ ଧୁମାକଟା ନାଳାରେ ତିଆରି ହେଉଥିବା ଚେକଡ୍ୟାମ କାମ ଅତି ନିମ୍ନମାନର ହେଉଛି। କୁଲୁଥମାଲ ଗ୍ରାମବାସୀ ଏହି ଅଭିଯୋଗ କରିଛନ୍ତି । ସୂଚନା ଫଳକ ଲଗା ଯାଇନି। ନିୟମ ଅନୁସାରେ କାମ ହେଉ ନ ଥିବାରୁ ଏହାକୁ ବନ୍ଦ କରିବାକୁ ଲୋକେ ଚେତାବନୀ ଦେଇଛନ୍ତି। ଏହାସହ ଏହି କାମର ଭିଜିଲାନ୍ସ ତଦନ୍ତ ଦାବି କରିଛନ୍ତି। ତେବେ ଏ ବିଷୟରେ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ରବୀନ୍ଦ୍ର ନାଥ ଦେଓଗାମଙ୍କୁ ପଚାରିବାରୁ ସେ ସଫେଇ ଦେଇଛନ୍ତି ଯେ, ତାଙ୍କ ପାଖରେ କୌଣସି ଅଭିଯୋଗ ନାହିଁ । ତଥାପି ତଦନ୍ତ କରାଯିବ। ଅନିୟମିତତା ହୋଇଥିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ

ଝାରସୁଗୁଡା ଅଫିସ,୬।୩

ଝାରସୁଗୁଡା ସହର ବିଟିଏମ ଛକ ସ୍ଥିତ ଜଗନ୍ନାଥ ମନ୍ଦିର ନିକଟରେ ଶୁକ୍ରବାର ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି। ଝାରସୁଗୁଡା ପୌର ପରିଷଦର ୱାର୍ଡ ନମ୍ବର-୭ ପାଇଁ ବିଭିନ୍ନ ରାସ୍ତା, ଡ୍ରେନ୍, କୋଠା ନିର୍ମାଣ ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ନବ କିଶୋର ଦାସ ଏହି ଶିଳାନ୍ୟାସ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଝାରସୁଗୁଡା ମୁନିସିପାଲଟିର ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ପ୍ରଧାନ, ରବି ସିଂ, ତାପସ ରାୟ ଚୌଧୁରୀ, ରଘୁମଣି ପଟେଲ, ସନ୍ଦୀପ ଅବସ୍ତି, ହରିଷ ଗଣତ୍ରା, ମନୋରଂଜନ ମହାପାତ୍ର, ତ୍ରିନାଥ ଗୁଆଲ, ପିଣ୍ଟୁ ପାଢ଼ୀ, ପ୍ରତାପ ନନ୍ଦ, ରମେଶସିଂ, ଚିରିବି ପତି ପ୍ରମୁଖ ଉପସ୍ଥିତ ଥିଲେ।

# ରାଜସ୍ୱ, ଯୋଗାଣ ବିଭାଗର ଚଢ଼ାଉ

ଲଇକେରା, ୬।୩ (ଡି.ଏନ.ଏ)

ଲଇକେରାରେ ଶୁକ୍ରବାର ରାଜସ୍ୱ ବିଭାଗ, ଯୋଗାଣ ବିଭାଗ ମିଳିତ ଭାବେ ଚଢ଼ାଉ କରିଛି। ଦେଓକରଣ ଅଗ୍ରୱାଲଙ୍କ ଗୋଦାମ ଘରେ ଗଚ୍ଛିତ ୪୫ ପକେଟ ଧାନ ଓ ଦେବାର୍ଚ୍ଚନ ଅଗ୍ରୱାଲଙ୍କ ମାର୍କେଟରେ ଥିବା ଦୋକାନରେ ଗଚ୍ଛିତ ୨୫ ପକେଟ ଧାନ ଜବତ କରାଯାଇଛି। ଚଢ଼ାଉରେ ଲଇକେରା ତହସିଲଦାର ତପନଦେବ ଚକ୍ରବର୍ତ୍ତି, ଝାରସୁଗୁଡାରୁ ଆସିଥିବା ଯୋଗାଣ ନିରୀକ୍ଷକ ଗୋକୁଳାନନ୍ଦ ବଢ଼େଇ, ରାଜକିଶୋର ଜେନା, ସୁଷମା କୁମାରୀ ସା, ଦୀପ୍ତିଲତା ବାରିକ, ରାଜସ୍ୱ ନିରୀକ୍ଷକ ଶ୍ରୀକାନ୍ତ ପ୍ରଧାନ, ଦେବବ୍ରତ ଦୁତିଆଚାନ୍ଦ ପ୍ରମୁଖ ସାମିଲ ଥିଲେ।


**UTKAL UNIVERSITY**
VANI VIHAR, BHUBANESWAR - 751004, ODISHA, INDIA
NAAC ACCREDIATED A+

**ADVERTISEMENT**

No Estt-II / HC-1183 / 9600 / 2020 Dated: 14.2.2020

Applications along with Curriculum Vitae are invited for engagement of two Retired Doctors purely on contractual basis with consolidated remuneration of ₹ 55,000/- (Rupees fifty five thousand) only per month to work in the University Health Centre.
AGE LIMIT: Below 70 years.
The date of personal interview shall be intimated later on.

Sd/-
REGISTRAR



**IN THE DEBTS RECOVERY TRIBUNAL, CUTTACK**
C-71, Sector-7, CDA, Cuttack- 753014
O.A.No. 73/2019

**Utkal Grameen Bank** .... Applicant
-Versus-
**Sri Kamal Lochan Samal** .... Defendants

1- **Sri. Kamal Lochan Samal**, aged about 28 years, S/o- Trilochan Samal
2- **Sri Trilochan Samal**, age about 62 yrs., S/o- Late Kailash Samal

Both at Madhu Sudan Colony, Po/Ps- Rajgangpur, Dist- Sundargarh- 770017

Defendants

**Summons by paper publication for showing cause as to why reliefs prayed for should not be granted**

Take notice that the Applicant has instituted OA No. 73/19 in the Debts Recovery Tribunal, Cuttack for recovery of **Rs. 15,60,543.00** only pendentiliete and future interest thereon at the agreement rate till recover from the defendants with costs and for other reliefs. The above named defendants are hereby directed to appear before this tribunal in person or through advocates or authorized agents and show cause on 28/04/2020 at 10.30 A.M. positively as to why the reliefs prayed for should not be granted.

Take notice that in case of your default the original Application shall be heard and disposed off exparte in your absence.

Given under hand and seal of this Tribunal, on this 17th day of month February of 2020.

**By Orders of this Tribunal**
**Sd./- M.K. Patnaik**
**Registrar**
**Debts Recovery Tribunal, Cuttack**



**IN THE DEBTS RECOVERY TRIBUNAL, CUTTACK**
C-71, Sector-7, CDA, Cuttack- 753014
O.A.No. 69/2019

**Utkal Grameen Bank** .... Applicant
-Versus-
**Sri Pratap Kumar Muduli** & Others .... Defendants

1- **Sri. Pratap Kumar Muduli**, aged about 41 years, S/o- Janardan Muduli, At- Kumbharpara, Near Baba Talab, Po/Ps- Rajgangpur, Dist- Sundargarh- 770017
2- **Sri Narendra Singh**, age not known but major, S/o- Ram Sevak Singh
3- **Sri Binod Kumar Dash,** age not known but major, S/o- Kamal Dev Dash

Defendant nos.2 & 3 Residing At- Kumbharpada, Po/Ps- Rajgangpur, Dist- Sundargarh- 770017

Defendants

**Summons by paper publication for showing cause as to why reliefs prayed for should not be granted**

Take notice that the Applicant has instituted OA No. 69/19 in the Debts Recovery Tribunal, Cuttack for recovery of **Rs. 13,80,482.00** only pendentiliete and future interest thereon at the agreement rate till recover from the defendants with costs and for other reliefs. The above named defendants are hereby directed to appear before this tribunal in person or through advocates or authorized agents and show cause on 30/04/2020 at 10.30 A.M. positively as to why the reliefs prayed for should not be granted.

Take notice that in case of your default the original Application shall be heard and disposed off exparte in your absence.

Given under hand and seal of this Tribunal, on this 3rd day of month March of 2020.

**By Orders of this Tribunal**
**Sd./- M.K. Patnaik**
**Registrar**
**Debts Recovery Tribunal, Cuttack**



**PANCHAYAT SAMITI OFFICE, LOISINGHA**

Letter No. Date: 06.03.2020

**INVITATIONS FOR BIDS**

**Detail Tender Call Notice No. 01/LSG/2019-20, Dated: 06.03.2020**

1. The Block Dev. Officer, Loisingha on behalf of Governor of Odisha invites percentage rate bids in sealed cover in conformity with Detailed Tender Call Notice No. 01/LSG/2019-20 to be eventually drawn up in State P.W.D. Form P-1 contract for the execution of works detailed in the table from eligible class of contractors mentioned against the work registered with the State Governments and Contractors of equivalent Grade/Class Registered with Central Government/MES/Railways for execution of Civil Works, on production of definite proof from the appropriate authority. The bidders may submit bids for any or all of the following works.

| Sl. No. | Name of Work | Approximate Value of Work (Rs.) | Bid Security 1% EMD (Rs.) | Cost of Document | Class of Contractor | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Upgradation of Loisingha Degree College Building at Loisingha | 35,29,067/- | 35,300/- | 6,000/- | C & B | 12 (Twelve) Calendar Months |

2. Bid documents consisting of plans, specifications, the schedule of quantities and the set of terms and conditions of contract and other necessary documetns can be seen in the office of the undersigned during office hours every day except on Sundays and Public Holidays till last date of sale and receipt of tender papers. Interested bidders may obtain further information at the same address.
3. Bid must be accompanied by bid security (EMD - 1%) of the amount specified for the work in the table above in any one of the forms as specified in the bidding docuemnt i.e. **N.S.C./ K.V.P./Postal Saving Bank Accounts/Deposit Receipt of Scheduled Bank/Post Office Term Deposit Account** duly pledged in favour of the Block. Dev. Officer, Loisingha. Bids must also be accompanied by self atested xerox copy of valid GST Clearance, PAN Card and valid contract registration certificate, up to date ITCC failing which the bid will be liable for rejection.
4. The sale of the Bid document shall start from **Dt.11.03.2020 to Dt.19.03.2020 upto 5.30 P.M. at Panchayat Samiti, Loisingha** and receipt of bid documents shall close on **Dt.19.03.2020 at 5.30 P.M.** in Panchayat Samiti, Loisingha & DRDA, Bolangir.
5. Bids must be delivered in the tender box having mentioned as Tender Call Notice No. 01/ LSG/2019-20 in Panchayat Samiti, Loisingha & DRDA, Bolangir.
6. Bid documents can be down loaded from official website of Government of Odisha **(http:// www.balangir.nic.in)**. The bidders who have downloaded the bidding documents from the internet site will have to pay the cost of the tender document as indicated in col. no. 5 of the above table in shape of Demand Draft/Bankers cheque in favour of Block. Dev. Officer, Loisingha, payable at **SBI Loisingha** in a separate envelope marked **"Cost of bidding documents downloaded from the internet"** with the bid document. Authority will not be hled responsible, if any portion of the bid document is excluded or modified in the downloaded bid document.
7. Bidding documents requested by mail will have to be dispatched by Registered/Speed Post on payment of an extra amount of Rs.500/- over the cost of documents. The undersigned will not be held responsible for the postal delay if any, in the delivery of the documents or non-receipt of the same.
8. The bids will be opened on the **Dt.20.03.2020 at 11.00 A.M.** in the office of the undersigned, in the presence of the members of tender committee of Panchayat Samiti, Loisingha, bidders or their authorized agents who wish to attend at the Conference Hall of Panchayat Samiti, Loisingha. If the office happens to be closed on the date of opening of the bids as specified the bids will be opened on the next working day at the same time and venue respectively. Other details can be seen in the bidding documents.
9. Additional performance security shall be deposited by the successful bidder when the bid amount is less than the estimated cost put to tender. In such an event, the bidder who have quoted less bid price/rates than the estimated cost put to tender shall have to furnish the exact amount of differential cost i.e. estimated cost put to tender minus the quoted amount as APS in shape of Demand Draft/Term Deposit Receipt pledged in favour of Development Officer, Loisingha by the successful bidder within seven days opening of the bid.
10. In case of Engineering contractors seeking exemption of EMD are instructed to enclose an affidavit regarding the list of works awarded during the current financial year 2019-20 with exemption of EMD along with an application to avail the same for this work and will submit copy of original contract licence and produce the original licnece at the time of opening of tener, otherwise the tender will be rejected.
11. Scheduled Caste and Scheduled Tribe tenderers will be given concession where their tenders are within 10% of the rate quoted by the lowest tenderer, for any work, the work may be considered for award to him/them at the lowest tendered rate.
12. If any bidder quotes less than 15% (fifteen) of the amount put to tender then such a bid shall be rejected and the tender shall be finalized basing on merit of the rest bids.
13. The tenderer while submitting tender shall furnish an affidavit along with the tender about the authenticity of the tender documents including E.M.D. The conditional tender will not be accepted on any circumstances by the authority.
14. The tender bidding for more than one work is required to submit the bid documents separately i.e. one envelope for each work with individual EMD. The bidding documents are to be properly sealed and clearly superscripted with the name of work with serial nos of the work.
15. The percentage quoted in the tender without mentioning excess or less shall be treated as excess.
16. The agency bidding for the work put of this notice, shall have to mention percentage of excess/less (both in words & figure) over the amount put to tender required by him in the prescribed format at the end of the bill of quantity. In the event of discrepancies the words & figure, the percentage quoted in words will count.
17. Validity of tender shall be 90 days from the date of opening of tender.
18. The Block Dev. Officer reserves right to reject any or all the tenders without assigning any reason thereof.

**Sd./- [R.C. Khadia, OAS(1)SB], Block Dev. Officer, Loisingha**



ସୁଖ ସମୟରେ ଭଗବାନଙ୍କୁ ସ୍ମରଣ କଲେ, ଦୁଃଖ କେବେ ମନୁଷ୍ୟ ପାଖକୁ ଆସେ ନାହିଁ। ଯଦିବା ଆସେ ତେବେ ସୁଖ ଦୁଃଖର ତଫାତ୍ ତାକୁ ଜଣାପଡ଼େ ନାହିଁ।
-ସନ୍ଥ କବୀର ଦାସ

## ସଂକ୍ଷେପରେ

### ବିଜେଡି ସୁନ୍ଦରଗଡ଼ ସାଙ୍ଗଠନିକ ଜିଲା ବିଭିନ୍ନ ବ୍ଲକ ସଭାପତିଙ୍କ ନାମ ଘୋଷିତ

**ସୁନ୍ଦରଗଡ, ୬।୩ (ଡି.ଏନ୍.ଏ):** ବିଜୁ ଜନତା ଦଳ ସୁନ୍ଦରଗଡ ସାଙ୍ଗଠନିକ ଜିଲାର ବିଭିନ୍ନ ବ୍ଲକ ସଭାପତିଙ୍କ ନାମ ଶୁକ୍ରବାର ଘୋଷଣା କରାଯାଇଛି। ଦଳର ଜିଲା ରିଟର୍ଣ୍ଣିଂ ଅଫିସର ପ୍ରଦୀପ କୁମାର ମହାପାତ୍ର ଆନୁଷ୍ଠାନିକ ଭାବେ ବିଭିନ୍ନ ବ୍ଲକର ସଭାପତିଙ୍କ ନାମ ଘୋଷଣା କରିଛନ୍ତି। ଘୋଷଣା ଅନୁଯାୟୀ ସୁନ୍ଦରଗଡ ସଦର ବ୍ଲକ ସଭାପତି ଭାବେ ଅଶ୍ୱିନୀ କୁମାର ନାଏକ ,ସୁନ୍ଦରଗଡ ଟାଉନ ସଭାପତି ଭାବେ ସୁରେନ୍ଦ୍ର କୁମାର ଭିତ୍ରିଆ, ଦେବାଶୀଷ ମିଶ୍ର -ବଡଗାଁ, କେଶବ ଚନ୍ଦ୍ର ରଣା -ବାଲିଶଙ୍କରା, ଏମ୍.ଡି ଜମିଲ ଉଦିତ- ସବଡେଗା, ପ୍ରଶାନ୍ତ ପୃଷ୍ଠେଠ-ଲେଫ୍ରିପଡା, ରାମଚନ୍ଦ୍ର କୁଜୁର -ରାଜଗାଙ୍ଗପୁର, ପ୍ରସନ୍ନ ବାଗ୍ -କୁତ୍ରା, ଉପେନ୍ଦ୍ର ଭୋଇ -ହେମଗିର, ସନ୍ତୋଷ କୁମାର ଆଚାର୍ଯ୍ୟ -ଟାଙ୍ଗରପାଲି, ଆଶା ଦେବୀ -ଲାଠିକଟା ବ୍ଲକ ଓ ରାଜେନ୍ଦ୍ର କୁମାର ବେହେରାଙ୍କୁ ରାଜଗାଙ୍ଗପୁର ଟାଉନ ସଭାପତି ଭାବେ ମନୋନୀତ କରାଯାଇଛି।

### ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା, ଜେଲଭରୋ ଆନ୍ଦୋଳନ

**ବଣାଇ, ୬।୩(ସ୍ୱ.ପ୍ର.)-**୧୦ଦଫା ଦାବିନେଇ ସର୍ବଭାରତୀୟ କର୍ମଜୀବୀ ମହିଳା ସମନ୍ୱୟ ସମିତି(ସିଟୁ) ପକ୍ଷରୁ ଶୁକ୍ରବାର ବଣାଇ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଜେଲଭରୋ ଆନ୍ଦୋଳନ କରିଥିଲେ। ଏଥିରେ ବଣାଇ ବିଧାୟକ ତଥା ସିଟୁର ରାଜ୍ୟ ସଭାପତି ଲକ୍ଷ୍ମଣ ମୁଣ୍ଡା, ସିଆଇଟିୟୁର କେନ୍ଦ୍ରିୟ କାର୍ଯ୍ୟକାରୀ କମିଟି ସଭ୍ୟ ତଥା ଜିଲା ସମ୍ପାଦକ ପ୍ରମୋଦ ସାମଲ, ସଙ୍ଗଠନ ଜିଲା ଉପସଭାପତି ସୁରେନ୍ଦ୍ର ଦାସ, ପ୍ରଭାତ ପଣ୍ଡା, ଆନନ୍ଦମାସୀ ହରୋ, କୃଷ୍ଣଚନ୍ଦ୍ର ବାରିକ, ହୃଦୟାନନ୍ଦ ଯାଦବ, ଜିଲା ପରିଷଦ ସଭ୍ୟ ଗୋପିନାଥ ମାହାନ୍ତ ପ୍ରମୁଖଙ୍କ ନେତୃତ୍ୱରେ ରାଜାଧରଣୀଧର ଛକ ନିକଟରୁ ଏକ ବିଶାଳ ଶୋଭାଯାତ୍ରାରେ ସହର ପରିକ୍ରମା କରି ବଣାଇ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଁଞ୍ଚିଥିଲେ। ପରେ ସେଠାରେ ସେମାନେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଗଣଧାରଣା ଦେଇ ପ୍ରତିବାଦ ସଭା କରିଥିଲେ। ଏହାପରେ ଏକ ପ୍ରତିନିଧି ମଣ୍ଡଳ ବଣାଇଁ ଉପଜିଲ୍ଲାପଳଙ୍କୁ ସାକ୍ଷାତକରି ୧୦ଦଫା ଦାବି ସମ୍ବଲିତ ଦାବିପତ୍ର ପ୍ରଦାନ କରିଥିଲେ।



ଖେଳାଳିମାନଙ୍କୁ ଖୋଲା ଜିପ୍‌ରେ ସହର ପରିକ୍ରମା କରାଯାଉଛି।



ଚାମ୍ପିୟନ ଟିମ୍‌ର ଖେଳାଳି ଓ ଅନ୍ୟମାନେ।

# ସୁନ୍ଦରଗଡ଼ରେ ବିଜୟ ଉଲ୍ଲାସ

**ଏସ୍‌ଡିସି କପ୍ ବିଜୟୀ ସୁନ୍ଦରଗଡ଼ ଦଳକୁ ଭବ୍ୟ ସମ୍ବର୍ଦ୍ଧନା**

**ସୁନ୍ଦରଗଡ, ୬।୩ (ଡି.ଏନ୍.ଏ)**

ଏସଡିସି କପ୍-୨୦୨୦ଫୁଟବଲ ଚାମ୍ପିୟନଶିପ୍‌ର ବିଜୟୀ ଦଳକୁ ଶୁକ୍ରବାର ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଓ ଜିଲା କ୍ରୀଡା ସଂସଦ ତରଫରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। କଟକରୁ ଏହି କପ୍ ବିଜୟୀ ହୋଇ ସୁନ୍ଦରଗଡ ଫେରିବା ପରେ ଉଭୟ ମହିଳା ଓ ପୁରୁଷ ଟିମ୍ ଖେଳାଳିମାନଙ୍କୁ ଖୋଲା ଜିପ୍‌ରେ ସହର ପରିକ୍ରମା ପରେ ସୁନ୍ଦରଗଡ ଷ୍ଟାଡିୟମଠାରେ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ବିନୟ ଟପ୍ପୋ, ଜିଲା କ୍ରୀଡା ସଂସଦର ସାଧାରଣ ସମ୍ପାଦକ ପ୍ରଭାତ କୁମାର ଭୋଳ, ଉଭୟ ଦଳର ଖେଳାଳି ଓ ଅଧିନାୟକମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜଣାଯାଇଥିଲା। ଖେଳାଳିମାନେ ସୁନ୍ଦରଗଡର ଗୌରବ ବୋଲି କହିଥିଲେ। ଆଗାମୀ ଦିନରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ କିଭଳି ଆହୁରି ସୁନାମ ଆଣିବେ ସେ ଦିଗରେ ନିଜର ନିଷ୍ଠା ବଜାୟ ରଖିବାକୁ ଆହ୍ୱାନ ଦେଇଥିଲେ।

# ଉଦ୍‌ଘାଟନୀ ମ୍ୟାଚରେ କଟକ ବିଜୟୀ

**ସର୍ବଭାରତୀୟ ବେଣୁଧର ନାଏକ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ**

**ଟେନ୍‌ସା, ୬।୩ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା କୋଇଡା ମିନି ଷ୍ଟାଡିୟମଠାରେ ଶୁକ୍ରବାରଠାରୁ ଆରମ୍ଭ ହେଲା କୋଇଡା ସନରାଇସ୍ କ୍ଲବ ତରଫରୁ ସର୍ବ ଭାରତୀୟ ବେଣୁଧର ନାଏକ ଫୁଟବଲ ଟୁର୍ଣ୍ଣାମେଣ୍ଟ। ଏହା ତିନି ଦିନ ଧରି ଚାଲିବ। ବିଭିନ୍ନ ରାଜ୍ୟରୁ ନାମିତାରକା ଖଚିତ ୮ଟି ଟିମ ଅଂଶଗ୍ରହଣ କରିଛନ୍ତି। ଶୁକ୍ରବାର ଉଦ୍‌ଘାଟନୀ ମ୍ୟାଚରେ କଟକ ବିଜୟୀ ହୋଇଛି। ମୁଖ୍ୟଅତିଥି ଭାବେ ବଣାଇର ପୂର୍ବତନ ବିଧାୟକ ଭୀମସେନ ଚୌଧୁରୀ ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିବା ସହ ଖେଳ ପତାକାକୁ ଉତ୍ତୋଳିତ କରିଥିଲେ। ଅନ୍ୟଅତିଥି ଭାବେ କୋଇଡା ଥାନା ଅଧିକାରୀ ଦେବେନ୍ଦ୍ର ନାଥ ପେଙ୍ଗୁଆ, ସମାଜସେବୀ ବିଶ୍ୱନାଥ ଭଞ୍ଜ ପ୍ରମୁଖ ଯୋଗଦେଇଥିଲେ। ଆଦିବାସୀ ଅଧ୍ୟୁଷିତ କୋଇଡା ଭଳି ଏକ ଉପାନ୍ତ ଅଞ୍ଚଳରେ ଏଭଳି ଏକ ବଡ ଫୁଟବଲ ଟୁର୍ଣ୍ଣାମେଣ୍ଟ ହେବା ଗୌରବର କଥା। ନିଜ ମଧ୍ୟରେ ଏକ ଭାଇଚାରା ସୃଷ୍ଟି ହେବ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ପ୍ରଥମ ଓପିନିଙ୍ଗ ମ୍ୟାଚ କଟକ ଓ ରାଉରକେଲା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଉଭୟ ଟିମ ଏତେ ଭଲ ଖେଳ ପ୍ରଦର୍ଶନ କରିଥିଲେ ଯେ, ସମୟ ସୀମା ମଧ୍ୟରେ କେହି କାହାରିକୁ ଗୋଲ ଦେଇ ପାରିଲେ ନାହିଁ। ଶେଷରେ ପେନାଲିଟି ମାଧ୍ୟମରେ ୧-୦ ଗୋଲରେ କଟକ ବିଜୟ ହୋଇଥିଲା। କୋଇଡା ସନରାଇସ କ୍ଲବର ଛୋଟରାୟ ନାଏକ, ଅଶୋକ ନାଏକ, ସନ୍ତୋଷ ବେହେରା ସମେତ ସଂଘ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ଖେଳକୁ ପରିଚାଳନା କରିଥିଲେ। ଶେଷ ଫାଇନାଲ ମ୍ୟାଚ ରବିବାର ଅନୁଷ୍ଠିତ ହେବ।



କୋଇଡା ମିନି ଷ୍ଟାଡିୟମଠାରେ ବେଣୁଧର ନାଏକ ଫୁଟବଲ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ମୂହୂର୍ତ୍ତ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯାହା ଖାଇବ ପେଟକୁ,**
**ଯାହା ଦେବ ବାଟକୁ,**
**ଯାହା ଥୋଇବ ଖଣ୍ଟକୁ।**

ଜୀବ ଥିବା ଯାଏ ଭଲ ଖାଇପିଇ ସ୍ୱାସ୍ଥ୍ୟ ଠିକ୍ ରଖିବା ଦରକାର। ଦାନ ଧର୍ମ କଲେ ବହୁ ପୁଣ୍ୟ ମିଳିଥାଏ। ମୃତ୍ୟୁ ପରେ ସଞ୍ଚିତ ଅର୍ଥ ଅନ୍ୟମାନେ ଭୋଗ କରନ୍ତି। ସୁକର୍ମ କରିଥିଲେ ମୃତ୍ୟୁ ପରେ ବି ଲୋକେ ଯଶଗାନ କରିଥାନ୍ତି। ଧନସମ୍ପତ୍ତି କେହି ସାଙ୍ଗରେ ନେଇଯାଇପାରି ନ ଥାନ୍ତି। ନିଜର ସୁଗୁଣ, ଯଶ ଗୌରବ ରହିଯାଏ, ସମସ୍ତେ ସେଇଥିପାଇଁ ମନେ ପକାଉଥିବା ଅର୍ଥରେ ଏଭଳି ସୁପରାମର୍ଶ ପ୍ରଦାନ କରାଯାଇଛି।

**ଯେନ ବାଣେ ହତ ବାଳୀ**
**ତେନ ବାଣେ ହତ ଲଙ୍କା।**

ପ୍ରଭୁ ରାମଚନ୍ଦ୍ର ସୁଗ୍ରୀବ ସହ ବନ୍ଧୁତା କରି ବାନର ରାଜା ବାଳୀକୁ ବଧ କରିଥିଲେ। ସେହିପରି ବିଭୀଷଣ ସହାୟତାରେ ସେ ଲଙ୍କପତି ରାବଣକୁ ମାରିଥିବା ପୁରାଣରୁ ଜାଣିବାକୁ ମିଳିଥାଏ। ପରୋକ୍ଷରେ ଏକା ବାଣକେ ଦୁଇଟି ଶିକାର। ଗୋଟିଏ ଫଳାରେ ଦୁଇଟି ଷଡ଼ଯନ୍ତ୍ର ପଣ୍ଡ କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା: ଲି:

# ଅନୈତିକ ସମ୍ପର୍କଙ୍କୁ କେନ୍ଦ୍ରକରି ହତ୍ୟାକାଣ୍ଡ,ଅଭିଯୁକ୍ତ ଗିରଫ

**ସୁନ୍ଦରଗଡ, ୬।୩ (ଡି.ଏନ୍.ଏ.):** ସୁନ୍ଦରଗଡ଼ ସଦର ଥାନା ଅନ୍ତର୍ଗତ ସାନପତ୍ରାପାଲି ଗ୍ରାମରେ ଅନୈତିକ ସମ୍ପର୍କକୁ କେନ୍ଦ୍ରକରି ଘଟିଥିବା ହତ୍ୟାକାଣ୍ଡ ଘଟଣାରେ ପୋଲିସ ଶୁକ୍ରବାର ଅଭିଯୁକ୍ତ ଅମିନ ନାଏକ (୫୦)ଙ୍କୁ ଗିରଫ କରିଛି। ପୋଲିସ ସୂଚନା ମୁତାବକ ଗତ ୨ତାରିଖ ସକାଳ ପ୍ରାୟ ସାଢେ ୮ଟା ବେଳେ ସେହି ଗ୍ରାମର ହରେଶ ନାଏକ (୨୪) ତାଙ୍କ ପିଉସୀ ପୁଅ ଭାଇ ବିନୋଦ ଦଣ୍ଡସେନାଙ୍କ ସହ ନିକଟସ୍ଥ ସରସ୍ୱତୀ ନାଳାକୁ ଗାଧୋଇବାକୁ ଯାଇଥିଲେ। ହରେଶ ଶୌଚ ହେବା ପାଇଁ କହି ନାଳା ପାର୍ଶ୍ୱକୁ ଯାଇଥିଲେ। ମାତ୍ର କିଛି ସମୟ ଧରି ହରେଶ ନଫେରିବା ଦେଖି ବିନୋଦ ଖୋଜାଖୋଜି ପରେ ହରେଶ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଦେଖିବାକୁ ପାଇଥିଲେ ଓ ସଙ୍ଗେ ସଙ୍ଗେ ଏସମ୍ପର୍କରେ ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ସୁନ୍ଦରଗଡ ଜିଲା ମୁଖ୍ୟ ଡାକ୍ତରଖାନାକୁ ଆଣିଥିଲେ। ମାତ୍ର ତାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏସମ୍ପର୍କରେ ମୃତ ହରେଶଙ୍କ ମା ଲୁଚୁକି ନାଏକ ତାଙ୍କ ପୁଅକୁ କେହି ଜଣେ ଅଜଣା ବ୍ୟକ୍ତି ହତ୍ୟା କରିଥିବା ନେଇ ସଦର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ମୃତ ହରେଶଙ୍କ ଶବ ବୁର୍ଲା ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ବୁଧବାର ନିଜ ଗ୍ରାମକୁ ପହଞ୍ଚିଥିବା ବେଳେ ଗୁରୁବାର ତାଙ୍କ ଶବସତ୍କାର କରାଯାଇଥିଲା। ପୋଲିସ ତଦନ୍ତ ପରେ ଏହି ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତ ଅମିନ ନାଏକ (୫୦)ଙ୍କୁ ଗିରଫ କରିବା ସହ ହତ୍ୟାକାଣ୍ଡରେ ବ୍ୟବହୃତ ଟାଙ୍ଗିଆକୁ ମଧ୍ୟ ଜବତ କରିଛି। ଅନୈତିକ ସମ୍ପର୍କକୁ କେନ୍ଦ୍ରକରି ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସ କହିଛି।

# ପରୀକ୍ଷାର୍ଥୀ ଉପଜିଲାପାଳଙ୍କ ଦ୍ୱାରସ୍ଥ

**ସାହିତ୍ୟ ପରୀକ୍ଷାରେ ନିୟମିତ ପରୀକ୍ଷାର୍ଥୀଙ୍କୁ ଏକ୍ସରେଗୁଲାର ପ୍ରଶ୍ନପତ୍ର**

**ବଣାଇ,୬।୩(ସ୍ୱ.ପ୍ର.)-** ବଣାଇ ବ୍ଲକ ଅନ୍ତର୍ଗତ କେନାଭେଟା ବଂଶୀଧର ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ଯୁକ୍ତ ୨କଳା ପରୀକ୍ଷାରେ ପରିଚାଳନାଗତ ବିଭ୍ରାଟ ଯୋଗୁ ଦୁଇଜଣ ପରୀକ୍ଷାର୍ଥୀ ସାହିତ୍ୟ ପରୀକ୍ଷା ଦେବାରେ ବଞ୍ଚିତ ରହିଛନ୍ତି। ସେମାନେ ନିୟମିତ ପରୀକ୍ଷାର୍ଥୀ ହୋଇଥିବା ବେଳେ ତାଙ୍କୁ ଏକ୍ସରେଗୁଲାର ପ୍ରଶ୍ନପତ୍ର ଦିଆଯିବା ଯୋଗୁ ସେମାନେ ପରୀକ୍ଷା ଦେବାରୁ ବଞ୍ଚିତ ରହିଛନ୍ତି। ପରେ ସେମାନେ ଏ ବିଷୟରେ ବଣାଇ ଉପଜିଲାପାଳଙ୍କୁ ସାକ୍ଷାତକରି ଏହାର ତଦନ୍ତ କରିବାକୁ ଦାବି କରିଛନ୍ତି। ଘଟଣାରୁ ପ୍ରକାଶଯେ ଗତ ୪ ତାରିଖ ଯୁକ୍ତ ଦୁଇ କଳା ବିଭାଗର ସାହିତ୍ୟ ପରୀକ୍ଷା ଚାଲିଥିଲା। ଏଥିରେ ଛାତ୍ରୀ ପିଙ୍କି କିସାନ, କ୍ଷୀରେଶ୍ୱରୀ ଭଗତ ପତ୍ର ବିନିମୟରେ ନିୟମିତ ପରୀକ୍ଷାର୍ଥୀ ଥିଲେ। ମାତ୍ର ପରୀକ୍ଷା ଆରମ୍ଭରୁ ନିୟମିତ ସାହିତ୍ୟ ପ୍ରଶ୍ନପତ୍ର ବଦଳରେ ତାଙ୍କୁ ଏକ୍ସରେଗୁଲାର ସାହିତ୍ୟ ପ୍ରଶ୍ନପତ୍ର ଦିଆଯାଇଥିଲା। ଏଥିରେ ସେମାନେ ଏସବୁ ବିଷୟରେ ପାଠ ପଢିନଥିବାରୁ ସେମାନେ ଉତ୍ତର ଖାତାରେ କୌଣସି ପ୍ରଶ୍ନର ଠିକ ଉତ୍ତର ଦେଇପାରି ନଥିଲେ। ସେମାନେ ଏ ବିଷୟରେ ସଙ୍ଗେସଙ୍ଗେ ପରୀକ୍ଷା ପରିଚାଳନା କରୁଥିବା କେନ୍ଦ୍ର ପରିଚାଳକ ସଞ୍ଜୁକ୍ତା ସାହୁ ଏବଂ ପରୀକ୍ଷକଙ୍କୁ ଜଣାଇଥିଲେ ମଧ୍ୟ ସେମାନେ ଏଥିପ୍ରତି କୌଣସି ଦୃଷ୍ଟି ଦେଇ ନ ଥିଲେ। ଏଥିରେ ଦୁଇଜଣ ଛାତ୍ରୀ ହତବାକ ହୋଇଯାଇ କାନ୍ଦିକାନ୍ଦି ପରୀକ୍ଷା କେନ୍ଦ୍ରରୁ ଚାଲିଆସିଥିଲେ। ଏଥିପାଇଁ ବଣାଇ ଉପଜିଲ୍ଲାପାଳ ପ୍ରଦୀପ କୁମାର ତାଙ୍ଗଙ୍କୁ ଲିଖିତ ଭାବେ ଅଭିଯୋଗ କରିବା ସହିତ ଏହାର ଉଚ୍ଚସ୍ତରୀୟ ତଦନ୍ତକରି ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।


# CLASSIFIED DISPLAY

**ALL EDITION - B/W (Everyday)**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

GANPATI FINANCE
GANPATI ଋଣ 2%ବାର୍ଷିକ ସୁଧରେ ମାତ୍ର ୨୪ ଘଣ୍ଟାରେ ଘରେବସି ପାଆନ୍ତୁ
ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ
ଯେବେ କଉଠି ନ ମିଳେ ଲୋନ୍ ଆମକୁ କରନ୍ତୁ ଫୋନ୍
Plot No-14/524, Chandini Chowk, Kolkata
8396000562
8607796713

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

ଋଣ ଧମାକା
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଦର୍ଶ ଫାଇନାନ୍ସ
ପୂରା ରାଜ୍ୟରେ ପ୍ରଥମ ଥର ପାଇଁ ପିଏମ୍ ଜନଧନ ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
2% ସୁଧ - 50% ରିହାତିରେ
ଆଧାରକାର୍ଡ | ରାଶନକାର୍ଡ | ପର୍ସନାଲ | ପ୍ରପର୍ଟି | ଏଗ୍ରିକଲ୍ଚର | ବ୍ୟବସାୟ | ଗୃହ ଋଣ | ଟୁ-ହ୍ୱିଲର୍ | ଗ୍ରୁପ୍ ଋଣ | ପଶୁପାଳନ
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
କମ୍ କାଗଜପତ୍ର କାମ
କମ୍ ଖରାପ ସିବିଲଧାରୀଙ୍କୁ ମଧ୍ୟ ଋଣ
8929889612
7290830466
Shahajahanabad, Bhopal (MP)

ସରସ ଫାଇନାନ୍ସ
ଋଣ ନିଅନ୍ତୁ ମାତ୍ର ୨୪ ଘଣ୍ଟାରେ
ସମସ୍ତ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଲୋନ, ପଶୁପାଳନ, ବିଜ୍‌ନେସ୍ ଏବଂ ଘର ଋଣ
ସହଜ କିସ୍ତିରେ ସବୁ ପ୍ରକାର ଋଣ ଉପଲବ୍ଧ
Online ସୁବିଧା, ଥରେ ମାତ୍ର ବିଶ୍ୱାସ କରି ଦେଖନ୍ତୁ
ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

BUSINESS
ମୋବାଇଲ ଟାୱାର
ସିୟା ରାମ ଟାୱାର କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ ଉପରେ ୪ଜି ମୋବାଇଲ ଟାୱାର ଲଗାନ୍ତୁ ।
ମାସିକ ଭଡା - ୯୦,୦୦୦/-, ଆଡଭାନ୍ସ - ୯୦ଲକ୍ଷ + ଚାକିରୀ + ୨୦ବର୍ଷ ଏଗ୍ରିମେଣ୍ଟ
9667567748
9667567752

BUSINESS

ASTROLOGY

ଦୟାକରି ଧ୍ୟାନ ଦିଅନ୍ତୁ
ଖାଲିଥିବା ଜମି, ଛାତ ଓ ପ୍ଲଟ୍‌ରେ Tower Vision କମ୍ପାନୀର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/-ପାଆନ୍ତୁ ଓ ମାସକୁ ଭଡା 30,000/- ଟଙ୍କା ପାଆନ୍ତୁ
ଜମି ଛାତ ପ୍ଲଟ୍
07449881156
08295828950

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ଫିପର୍ତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9903852257
9818298397

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

SUCCESS — DHARITRI Career appointment Every Wednesday and Saturday

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୭ ମାର୍ଚ୍ଚ, ୨୦୨୦



ସୁଖ ସମୟ ଉପସ୍ଥିତ ହେଲେ ଯେପରି ଦୁଃଖ ଆପେ ଆପେ ଦୂର ହୋଇଯାଏ, ସେହିପରି ହୃଦୟରେ କୃଷ୍ଣପ୍ରେମ ଜାଗ୍ରତ ହୋଇଲେ ବିଷୟବାସନା ମନୁଷ୍ୟଠାରୁ ଛାଡ଼ି ପଳାଏ।
- ଶ୍ରୀଚୈତନ୍ୟ ଦେବ



## ସଂକ୍ଷେପରେ

### ମଦ ଜବତ, ୪ ଗିରଫ

ରାଉରକେଲା ଅଫିସ,୬।୩- ସୁନ୍ଦରଗଡ ଅବକାରୀ ଅଧୀକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ଗୁରୁବାର ରାଉରକେଲା ଅବକାରୀ ବିଭାଗ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ଚୋରା ମଦ କାରବାର ଉପରେ ଚଢ଼ାଉ କରାଯାଇଥିଲା। ଏହି ଅବସରରେ ୯ଲିଟର ବିଭିନ୍ନ ବ୍ରାଣ୍ଡର ବିଦେଶୀ ମଦ, ୧୧. ୧୫୦ ଲିଟର ବିୟର, ୨୧୦ କିଲୋ ମହୁଲ ପୋଚ ଜବତ କରାଯାଇଥିଲା। ଏଥିରେ ସମ୍ପୃକ୍ତ ୪ଜଣଙ୍କ ସହ ଏକ ଅଟୋ ନଂ. ଓଆର-୧୪ ଏସ- ୧୧୨୧ ଜବତ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ବିର୍ଶା ମୁଣ୍ଡା ଛକ ଅଞ୍ଚଳର ରାୟମନି ଛତର, ଆଶା ମାଝି, ଏମଡି ସୁଲେମାନ ଓ ଦାଣ୍ଡିଆପାଲ୍ଲୀର ରାମେଶ୍ୱର ସାହୁ।



ଅବକାରୀ ବିଭାଗ ପକ୍ଷରୁ ଜବତ ଅଟୋ ଓ ସାମଗ୍ରୀ।

# ହୋଟେଲରେ ବହି ବିକ୍ରି

ରାଉରକେଲା ଅଫିସ, ୬।୩

ଇଂଲିଶ ମାଧ୍ୟମ ବିଦ୍ୟାଳୟ ପରିସରରେ ବହିଖାତା ବିକ୍ରି ନେଇ ବାରମ୍ବାର ଅଭିଯୋଗ ପରେ ତତ୍କାଳୀନ ରାଉରକେଲା ଅତିରିକ୍ତ ଜିଲାପାଳ ଯେଦୁଲ୍ଲା ବିଜୟ ଏହାକୁ ନିଷେଧ କରିଥିଲେ। ଖୋଲା ବଜାରରୁ ଯେମିତି ଛାତ୍ରୀଛାତ୍ର ସୁବିଧାରେ ବହି ଖାତା କିଣି ପାରିବେ ସେନେଇ ପଦକ୍ଷେପ ନେଇଥିଲେ। ତାଙ୍କ ବଦଳି ପରେ ଚତୁରତା ସହ ଏବେ ଏକ ନିର୍ଦ୍ଦିଷ୍ଟ ହୋଟେଲରେ ବହି ଖାତା ବିକ୍ରି ଚାଲିଛି। ଯାହାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ସେକ୍ଟର- ୪ ଅଞ୍ଚଳରେ ରହିଥିବା ଏକ ଘରୋଇ ହୋଟେଲରେ ଗତ ୩ଦିନ ହେବ ବହି ବେପାର ଆରମ୍ଭ କରାଯାଇଛି। ହୋଟେଲ ବାହାରେ ଲଗା ଯାଇଥିବା ହୋର୍ଡିଂରେ କେଉଁ ବିଦ୍ୟାଳୟ ଛାତ୍ରୀଛାତ୍ର କେବେ ବହି ଖାତା ପାଇବେ ତାହା ଦର୍ଶାଯାଇଛି। ମୋଟ ୬ଟି ଇଂଲିଶ ମାଧ୍ୟମ ବିଦ୍ୟାଳୟ କର୍ତ୍ତୃପକ୍ଷ ଏହି ହୋଟେଲରୁ ବହି ପାଇପାରିବେ ବୋଲି କୁହାଯାଇଛି। ଏଭଳି ଏକଚାଟିଆ କାରବାର ନେଇ ଅଭିଭାବକ ନିରୁପାୟ ହୋଇ ପଡିଛନ୍ତି। କାରଣ ଅନ୍ୟ ଦୋକାନରେ ଏସବୁ ବହି ଉପଲବ୍ଧ ହେଉ ନାହିଁ। ଫଳରେ ଅଭିଭାବକଙ୍କୁ ଦାବି ମୁତାବକ ଅର୍ଥ ପୈଠ କରି ଖାତାବହି କିଣିବାକୁ ପଡୁଛି। ଏହାକୁ ନେଇ କେତେକ ସଂଘ, ସଙ୍ଗଠନ ପକ୍ଷରୁ ପ୍ରତିକ୍ରିୟା ବ୍ୟକ୍ତ ସତ୍ତ୍ୱେ ପରିସ୍ଥିତିରେ ସୁଧାର ଆସିନି। ଏଭଳି ବହି ବିକା ଘଟଣାରେ କେତେକ ଘରୋଇ ଇଂଲିଶ ମାଧ୍ୟମ ସ୍କୁଲ କର୍ତ୍ତୃପକ୍ଷ ନାପସନ୍ଦ କରୁଥିବାବେଳେ ଆଉ କେତେକ ସମର୍ଥନ କରିବା ଜଣାଯାଇଛି। ତେବେ ଏ ନେଇ କେହି ମୁହଁ ଖୋଲିବାକୁ ନାରାଜ। କାରଣ ସେମାନଙ୍କ ଯୁକ୍ତି ହେଲା ଯେ, ଆମେ ବିଦ୍ୟାଳୟରେ ପୁସ୍ତକ ବିକ୍ରି କରୁ ନାହୁଁ। ଅଭିଭାବକ କେଉଁଠୁ ଏହା ସଂଗ୍ରହ କରିବେ ତାଙ୍କ ଉପରେ ନିର୍ଭର କରୁଛି। ଏନେଇ ଶୁକ୍ରବାର ଛାତ୍ର କଂଗ୍ରେସ ପକ୍ଷରୁ ବିରୋଧ କରାଯାଇଛି। ସଙ୍ଗଠନର କେତେଜଣ କର୍ମକର୍ତ୍ତା ଉକ୍ତ ହୋଟେଲରେ ପହଞ୍ଚି ପାଟିତୁଣ୍ଡ କରିବା ଶୁଣାଯାଇଥିଲା। ସେମାନଙ୍କ ଅଭିଯୋଗ ଥିଲା ଯେ, ଖୋଲା ବଜାରରେ ବହି ବିକ୍ରି କରାଗଲେ ଅଭିଭାବକ ଉପକୃତ ହେବେ। ରିହାତିରେ ବହି ଖାତା କିଣି ପାରିବେ। ଏକଚାଟିଆ ଜଣେ ବ୍ୟବସାୟୀ ବିକ୍ରି କରିବା ଦ୍ୱାରା ଅଭିଭାବକ ଶୋଷଣର ଶିକାର ହେଉଛନ୍ତି। ଗୋଟିଏ ସ୍ଥାନରେ କାହିଁକି ୫ଟି ସ୍କୁଲ ଅଭିଭାବକ ବହି କିଣିବେ ଏନେଇ ପ୍ରଶ୍ନ କରାଯାଇ ଥିଲା। ତେବେ ଘଟଣାସ୍ଥଳରେ ବ୍ୟବସାୟୀ ବା ବିକ୍ରେତା ଉପସ୍ଥିତ ନ ଥିବାରୁ କୌଣସି ସନ୍ତୋଷଜନକ ଉତ୍ତର ମିଳିପାରି ନାହିଁ। ଖବରପାଇ ଘଟଣାସ୍ଥଳରେ ପୋଲିସ ପହଞ୍ଚି ପ୍ରତିବାଦକାରୀଙ୍କୁ ବୁଝାସୁଝା କରି ଫେରାଇ ଦେଇଥିଲା। ଏନେଇ ଗୁରୁବାର ରାଉରକେଲା ଏଡିଏମ ଆବୋଲି ସୁନୀଲ ନରୱେଣେଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଏ ବାବଦରେ ଆବଶ୍ୟକୀୟ ପଦକ୍ଷେପ ନିଆଯିବ ବୋଲି ସେ ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି। ଏଭଳି ଘଟଣାକୁ ନେଇ ଉଭୟ ସ୍କୁଲ କର୍ତ୍ତୃପକ୍ଷ ଓ ଅଭିଭାବକ ଆଶଙ୍କାରେ ରହିଛନ୍ତି। କେବେ ସୁଦ୍ଧା ବହି ମିଳିବ ଓ ପିଲା ପାଠ ପଢ଼ିବେ ଏହା ଅନେକଙ୍କୁ ଚିନ୍ତାରେ ପକାଇଛି।



ହୋଟେଲରେ ବହିବିକ୍ରି ନେଇ ଛାତ୍ର କଂଗ୍ରେସ ପକ୍ଷରୁ ବିରୋଧ କରାଯାଉଛି।

## ମାଓବାଦୀ ଉପଦ୍ରୁତ ଅଞ୍ଚଳରେ ସିଆର୍‌ପିଏଫ୍ ପକ୍ଷରୁ ସାମାଜିକ ସମ୍ପର୍କ

ରାଉରକେଲା ଅଫିସ, ୬।୩

ମାଓବାଦୀ ଦମନ ନେଇ ରାଉରକେଲା ପୋଲିସ ଜିଲାରେ କାର୍ଯ୍ୟରତ ୧୯ ବାଟାଲିୟନ କେନ୍ଦ୍ରୀୟ ସୁରକ୍ଷା ବଳ (ସିଆର୍‌ପିଏଫ) ପକ୍ଷରୁ ଉପଦ୍ରୁତ ଅଞ୍ଚଳରେ ନିୟମିତ ଭାବେ ସାମାଜିକ ସମ୍ପର୍କ ବୃଦ୍ଧି ନେଇ କାର୍ଯ୍ୟକ୍ରମ ଜାରି ରହିଛି। ବାଟାଲିୟନର ସିଭିକ ଆକ୍ସନ ପ୍ରୋଗ୍ରାମ (ସିଏପି) ଅଧିନରେ ମାଓବାଦୀ ଉପଦ୍ରୁତ ଅଞ୍ଚଳ ବାସିନ୍ଦାଙ୍କ ସାମାଜିକ ଚାଲିଚଳଣି ସହ ଯବାନମାନେ ନିଜକୁ ସାମିଲ କରି ସେମାନଙ୍କ ମନ ଜିଣିବାକୁ ଚେଷ୍ଟା ଜାରି ରଖିଛନ୍ତି। ମାଓବାଦୀଙ୍କ ପ୍ରଭାବରୁ କିପରି ଯୁବ ସମାଜ ନିଜକୁ ଦୂରେଇ ରଖିବ ଓ ସାମାଜିକ ଉତ୍ଥାନରେ ଭାଗିଦାର ହେବେ ସେନେଇ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବା ଶିବିର ଖେଳକୁଦ ଆଦି ଆୟୋଜନ କରାଯାଉଛି। ଗତ ୨୦୦୯ରୁ ନିୟମିତ ଭାବେ ଉପଦ୍ରୁତ ଅଞ୍ଚଳ ତଥା ଗ୍ରାମବାସୀଙ୍କ ସହ ଯୋଗାଯୋଗରେ ରହୁଛି ସିଆର୍‌ପିଏଫ। ଯୁବକମାନଙ୍କ ଜୀବିକା ନିର୍ବାହ ନେଇ ବିଭିନ୍ନ ସମୟରେ ତାଲିମ ପ୍ରଦାନ କରୁଛି ବାଟାଲିୟନ। ଗତ କିଛି ଦିନ ହେବ ସୁନ୍ଦରଗଡ ଜିଲାର ଜାମୁଡିହି, ରେଙ୍ଗଡା, ସ୍ୱୟମ୍ବା, ଟୋପାଡିହି, କଟିଝରନ, ବାନକୋ ଭଳି କେତେକ ଗ୍ରାମରେ ବାଟାଲିୟନ ମୁଖ୍ୟ ରାଜେଶ କୁମାର ଉପସ୍ଥିତ ରହି କାର୍ଯ୍ୟକ୍ରମ ଆୟୋଜନ କରୁଛନ୍ତ। ଏହି ଅବସରରେ ମାଗଣା ସ୍ୱାସ୍ଥ୍ୟସେବା ଶିବିର ସହ ଔଷଧ ବଣ୍ଟନ କରାଯାଉଛି। ମଶାରୀ ଓ କ୍ରୀଡା ସାମଗ୍ରୀ ବିତରଣ କରାଯାଉଛି। ଆଞ୍ଚଳିକ ଶାନ୍ତି ସୌହାର୍ଦ୍ଦ୍ୟ ନେଇ ଗ୍ରାମବାସୀଙ୍କୁ ବୁଝା ଯାଉଛି। ମାଓବାଦୀଙ୍କ ମିଥ୍ୟା ପ୍ରଲୋଭନରେ ନ ପଡିବାକୁ ଯୁବକଙ୍କୁ ବୁଝାଯାଉଛି। ସାମାଜିକ ପରିବର୍ତ୍ତରେ ଯୁବ ସମାଜର ଅଗ୍ରଣୀ ଭୂମିକାକୁ ବାଟାଲିୟନ ଗୁରୁତ୍ୱ ପ୍ରଦାନ କରିଛି। ଆଗାମ ଦିନରେ ସମ୍ପୃକ୍ତ ଅଞ୍ଚଳରେ ଏଭଳି ଏକାଧିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ସିଆର୍‌ପିଏଫ୍ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ଉପରୋକ୍ତ କାର୍ଯ୍ୟକ୍ରମରେ ରାଜେସ କୁମାରଙ୍କ ବ୍ୟତୀତ ବରିଷ୍ଠ ଅଧିକାରୀ ପାର୍ଥସାରଥି ଘୋଷ, ସଞ୍ଜୟ ଠାକୁର ଓ ଅନୀଲ ବାର୍ଲାଙ୍କ ସମେତ ସ୍ଥାନୀୟ ସରପଞ୍ଚମାନେ ଉପସ୍ଥିତ ରହୁଛନ୍ତି।



୧୯ ବାଟାଲିୟନ ସିଆର୍‌ପିଏଫ ପକ୍ଷରୁ ସାମାଜିକ ସମ୍ପର୍କ ଶିବିର।

# ବିଭିନ୍ନ ଦାବି ନେଇ ଜେଲଭରୋ ଆନ୍ଦୋଳନ

ରାଉରକେଲା ଅଫିସ,୬।୩

ଗଣତାନ୍ତ୍ରିକ ପରମ୍ପରାରେ ମହିଳାଙ୍କୁ କ୍ଷମତା ପ୍ରଦାନ ବଦଳରେ ଛଡାଇ ନିଆଯାଉଛି। କ୍ଷମତାସୀନ ସରକାର ଲୋଭନୀୟ ପ୍ରତିଶ୍ରୁତି ଦେଇ ମହିଳାଙ୍କ ସମର୍ଥନ ଜୁଟାଇବାରେ ଲାଗିଛନ୍ତି। କିନ୍ତୁ ବାସ୍ତବ କ୍ଷେତ୍ରରେ ମହିଳାଙ୍କୁ ପ୍ରତାରିତ କରାଯାଉଛି। ବହୁ ବର୍ଷ ପୂର୍ବରୁ ୮ଘଣ୍ଟା କାମ, ଭୋଟଦାନ ସମାନ କାମକୁ ସମାନ ଦରମା ଓ ଚିକିତ୍ସା ସୁବିଧା ଆଜି ବି ମହିଳାଙ୍କୁ ମିଳିପାରିନି। ବରଂ ଏଭଳି ଅଧିକାର ଛଡାଇ ନେବାକୁ ଷଡଯନ୍ତ୍ର ରଚାଯାଉଛି। ସମାନତା ଅଧିକାର କେବଳ ପ୍ରତିଶ୍ରୁତିରେ ରହିଛି। ସାମାଜିକ ନିରାପତ୍ତା ନେଇ ମହିଳା ଆଜି ବି ସଂଘର୍ଷ କରୁଛି। କେନ୍ଦ୍ର କ୍ଷମତାସୀନ ମୋଦି ସରକାର ଓ ଆର୍‌ଏସଏସ ଅବୈଜ୍ଞାନିକ ଶିକ୍ଷା ପ୍ରଦାନ କରୁଛି। ଯାହା ଭବିଷ୍ୟତରେ ବିପଦ ସୃଷ୍ଟି କରିବ ବୋଲି ଶୁକ୍ରବାର ରାଉରକେଲା ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମହିଳା ସଙ୍ଗଠନ ପକ୍ଷରୁ ଆୟୋଜିତ ଜେଲ ଭରୋ ଆନ୍ଦୋଳରେ ଉପସ୍ଥିତ ନେତୃମଣ୍ଡଳୀ ଅଭିଯୋଗ କରିଛନ୍ତି। ସର୍ବଭାରତୀୟ କର୍ମଜୀବୀ ମହିଳା ସମନ୍ୱୟ ସମିତି ଓ ଭାରତର ଟ୍ରେଡ ୟୁନିୟନ କେନ୍ଦ୍ର (ସିଆଇଟିୟୁ) ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମହିଳା ଅଧିକାର ନେଇ ସରକାରଙ୍କୁ ସମାଲୋଚନା କରାଯାଇଥିଲା। ଶାସକ ଦଳ ଛତ୍ରଛାୟା ତଳେ ଥାଇ ଦୁର୍ବୃତ୍ତମାନେ ମହିଳା ହିଂସାରେ ଲିପ୍ତ ରହୁଛନ୍ତି। କର୍ମ ସ୍ଥଳରେ ହିଂସା, ଯୌନ ଉତ୍ପୀଡନ ଓ ବଳାତ୍କାର ବୃଦ୍ଧି ପାଇଛି। ସର୍ବନିମ୍ନ ମଜୁରି ଓ ୮ଘଣ୍ଟା କାମ ଅଧିକାରକୁ କେନ୍ଦ୍ର ସରକାର ଛଡାଇ ନେବାକୁ ବସିଛନ୍ତି। ମହିଳା ନିଯୁକ୍ତି ନାହିଁ କହିଲେ ଚଳେ। ନାମମାତ୍ର ପାଉଣା ପାଇଁ ଖଟୁଥିବା ମହିଳାବର୍ଗ ଶୋଷିତ ହେଉଛନ୍ତି। ଜାତିସଂଘ ହିସାବ ଅନୁଯାୟୀ ମହିଳାଙ୍କ ଦ୍ୱାରା ସମ୍ପାଦିତ ୫୧ ପ୍ରତିଶତ କାମ ବିନା ମଜୁରିରେ କରାଯାଏ। ଗୃହ କାର୍ଯ୍ୟ, ଶିଶୁ ଲାଳନପାଳନ, ଶିଶୁ ଶିକ୍ଷା, ସ୍ୱାସ୍ଥ୍ୟ, ଜାଳେଣୀ, ପାନୀୟ ସଂଗ୍ରହ, କୃଷି ଓ ଗୋପାଳନ, ବୟନ ଶିଳ୍ପ ଭଳି ଅସଙ୍ଗଠିତ କ୍ଷେତ୍ରରେ କାମ କରୁଥିବା ମହିଳାଙ୍କୁ ନ୍ୟାୟ ମିଳି ପାରିନି। ଆହୁରି ଦୁଃଖଦ ଘଟଣା ଏହା ଯେ ଦେଶର ପ୍ରାୟ ୧କୋଟି ମହିଳା ସ୍କିମ କର୍ମଚାରୀ ଭାବେ କାର୍ଯ୍ୟ କରୁଛନ୍ତି। ଯେଉଁମାନେ ସରକାରଙ୍କ ନିର୍ଦ୍ଧାରିତ ମଜୁରୀ ପରିବର୍ତ୍ତେ ନାମ ମାତ୍ର ପାଉଣାରେ ଚଳନ୍ତି। ଏପରି କି ସମ୍ପୃକ୍ତ ମହିଳାଙ୍କୁ ମାତୃ ମଙ୍ଗଳ ଛୁଟି ବି ମିଳେନା। ଅନେକ ବିପଦପୂର୍ଣ୍ଣ କାମରେ ନିୟୋଜିତ ମହିଳାଙ୍କୁ ସୁରକ୍ଷା ମଧ୍ୟ ମିଳି ପାରିନି। ଏମିତି ଅବସ୍ଥାରେ ସରକାର ବାହାସ୍ଫୋଟ ମାରିବା ଗାଲୁଆମି ବୋଲି ଏଠାରେ ଉପସ୍ଥିତ ନେତୃମଣ୍ଡଳୀ ପ୍ରକାଶ କରିଥିଲେ। ଦୀର୍ଘ ବର୍ଷ ଧରି ଶୋଷଣ ଓ ବୈଷମ୍ୟ ନେଇ ଯେଉଁ ଆନ୍ଦୋଳନ ଜାରି ରହିଛି ସେଥିରେ ସଙ୍ଗଠନ ପୂର୍ଣ୍ଣ ସହଯୋଗ କରି ଆସିଛି। ଆଗାମୀ ଦିନରେ ଏହି ଲଢେଇ ଜାରି ରହିବ। ତେବେ ସରକାର ତୁରନ୍ତ ମହିଳାଙ୍କ ପ୍ରତି ରହିଥିବା ଅସୂୟା ଭାବ ଦୂର କରିବା ଆବଶ୍ୟକ। ସମସ୍ତଙ୍କ ପାଇଁ କାମ, ଅବୈତନିକ ମହିଳା ଶ୍ରମିକଙ୍କୁ ସ୍ୱୀକୃତି ପ୍ରଦାନ ସହ ସର୍ବନିମ୍ନ ମଜୁରି ଦାବି, ସମାନ କାମକୁ ସମାନ ଦରମା ବିଭିନ୍ନ ସ୍କିମରେ କାମ କରୁଥିବା ମହିଳାଙ୍କୁ ସରକାରୀ କର୍ମଚାରି ମାନ୍ୟତା ପ୍ରଦାନ କରିବାକୁ ଏଥିରେ ଦାବି କରାଯାଇ ଥିଲା। ମହିଳା ଓ ଶିଶୁ ହିଂସା ରୋକିବା, ସମସ୍ତ ନିର୍ବାଚିତ ସଂସ୍ଥାରେ ମହିଳାଙ୍କ ସ୍ଥାନ ସଂରକ୍ଷଣକୁ ସୁନିଶ୍ଚିତ କରିବା ଭଳି ଦାବି ନେଇ ଏହି ବିକ୍ଷୋଭ ତଥା ଜେଲ ଭରୋ ଆନ୍ଦୋଳନ ଡାକରା ଦିଆଯାଇଥିଲା। ବିକ୍ଷୋଭକାରୀଙ୍କୁ ଗିରଫ କରି ପୋଲିସ କିଛି ସମୟ ପରେ ଛାଡି ଦେଇଥିଲା। ଏଥିରେ ବିମାନ ମାଇତି, ଜାହାଙ୍ଗୀର ଅଲୀ, ହୃଦାନନ୍ଦ ଯାଦବ, ଶକୁନ୍ତଳା ମହାକୁଡ, ବିପି ମହାପାତ୍ର, ରାଜକିଶୋର ପ୍ରଧାନ, ସୁରେନ୍ଦ୍ର ଦାସ, ଅରିନ୍ଦମ ଦତ, ରାଜମୁନି ନେହା, ବିନୋଦିନୀ ଦାସ, ଶୁଭ୍ରା ମୁଖାର୍ଜୀ, ଅରୁ ଦାସ ଓ କିଶୋର ତନ୍ତି ପ୍ରମୁଖ ଉପସ୍ଥିତ ଥିଲେ।





ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମହିଳା ସଙ୍ଗଠନ ପକ୍ଷରୁ ଜେଲ ଭରୋ ଆନ୍ଦୋଳନ।

## ଘର ଗ୍ୟାରେଜରୁ ବୁଲେଟ ଗାଡ଼ି ଚୋରି

ବେଦବ୍ୟାସ, ୬।୩ (ଡି.ଏନ.ଏ)

ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ପାଣ୍ଡେ କଲୋନୀ ସ୍ଥିତ ଜଣେ ବରିଷ୍ଠ ବିଜେଡି ନେତା ଭାବେ ଜଣାଶୁଣା ପ୍ରକାଶ ମହାନ୍ତିଙ୍କ ଘର ଗ୍ୟାରେଜରୁ ଗୁରୁବାର ବିଳମ୍ବିତ ରାତ୍ରିରେ କେହି ଦୁର୍ବୃତ୍ତ ଏକ ବୁଲେଟ ଗାଡି ଚୋରି କରିନେଇଛନ୍ତି। ଏନେଇ ଶୁକ୍ରବାର ଗାଡି ମାଲିକ ବ୍ରାହ୍ମଣୀତରଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ବୁଲେଟ ଗାଡି ନଂ. ଓଡି ୧୪ କେ-୨୬୭୬ ପ୍ରତ୍ୟେକ ଦିନ ଭଳି ଘର ଗ୍ୟାରେଜରେ ରଖାଯାଇଥିବା ବେଳେ ଗୁରୁବାର ରାତିରେ କେହି ଚୋରିକରି ନେଇଛନ୍ତି। ବ୍ରାହ୍ମଣୀତରଙ୍ଗ ଥାନା ଭାରପ୍ରାପ୍ତ ଅଧିକାରୀ ସଂଗ୍ରାମ କିଶୋର ବିଶ୍ୱାଳ, ଏଏସଆଇ କିଶୋର କୁମାର ମହାକୁଡ, ଏସଆଇ ବିକାଶ କଲେଟ ପ୍ରମୁଖ ସଦଳବଳେ ଘଟଣା ସ୍ଥଳକୁ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିବା ସହ ବିଭିନ୍ନ ସ୍ଥାନରେ ଚଢ଼ାଉ କାର୍ଯ୍ୟ ବଳବତ୍ତର ରଖିଛନ୍ତି। ହେଲେ ଗାଡିକୁ ଉଦ୍ଧାର କରିବାରେ ପୋଲିସର ହାତ ଖାଲି ଅଛି।

## ସଚେତନତା, ସତର୍କତା ଉପରେ ଗୁରୁତ୍ୱାରୋପ

■ କରୋନା ମୁକାବିଲା ନେଇ ପ୍ରଶାସନ ପକ୍ଷରୁ ବୈଠକ

ରାଉରକେଲା ଅଫିସ, ୬।୩

କରୋନା ଆତଙ୍କ ନେଇ ଶୁକ୍ରବାର ସୁନ୍ଦରଗଡ ଜିଲାପାଳ ନିଖିଲ ପୱନ କଲ୍ୟାଣଙ୍କ ଉପସ୍ଥିତିରେ ମହାନଗର ନିଗମ ସଭା ଗୃହରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଇଜିଏଚ୍ ସମେତ ସରକାରୀ ଡାକ୍ତରଖାନା ଅଧିକାରୀ ଉପସ୍ଥିତ ଥିଲେ। କରୋନାକୁ ନେଇ ଅଯଥା ଭୟଭୀତ ପରିବର୍ତ୍ତେ ସଚେତନତା ଓ ସତର୍କତା ଉପରେ ଜିଲାପାଳ ଅଧିକ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ, ଯେଉଁମାନେ ବିଦେଶରୁ ଫେରିଛନ୍ତି ତାଙ୍କ ଉପରେ ନଜର ରଖାଯାଇଛି। ଆଜି ପର୍ଯ୍ୟନ୍ତ ଏଭଳି କିଛି ସୂଚନା ନାହିଁ। ପ୍ରତି କ୍ଷେତ୍ରରେ କିପରି ସଚେତନତା ସୃଷ୍ଟି କରାଯାଇ ପାରିବ ସେନେଇ କଡା ନଜର ରଖାଯାଇଛ। ମହିଳା ସ୍ୱାସ୍ଥ୍ୟ, ଅଙ୍ଗନୱାଡି କର୍ମୀମାନେ ଆଞ୍ଚଳିକ ସ୍ତରରେ ଘରକୁ ଘର ଯାଇ ସତର୍କତା ବାର୍ତ୍ତା ପ୍ରଚାର କରିବେ ବୋଲି ଜିଲାପାଳ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ସେ କହିଥିଲେ ଯେ, ସରକାରୀ ଡାକ୍ତରଖାନାରେ ମଧ୍ୟ ଏହା ଉପରେ କଡା ନଜର ରଖାଯାଇଛି। ଏଣୁ କେହି ଭୟଭୀତ ନ ହେବାକୁ କଲ୍ୟାଣ ପରାମର୍ଶ ପ୍ରଦାନ କରିଥିଲେ। ଅପରପକ୍ଷେ ଶୁକ୍ରବାର ଦେଖାଯାଇଛି ଯେ କରୋନା ଆଶଙ୍କାରେ ଲୋକେ ବିଭିନ୍ନ ମେଡିକାଲ ଷ୍ଟୋରକୁ ଯାଇ ମାସ୍କ କିଣିଛନ୍ତି। ଆଉ କେତେକ ମୁହଁରେ ବାନ୍ଧି ସହରରେ ବୁଲୁଥିବା ଦେଖାଯାଇଛି। ଏହାକୁ କେତେକ ସୁଯୋଗ ମନେକରି ମାସ୍କ ଦର ଦିଗୁଣା କରିଥିବା ଶୁଣାଯାଇଛି।



କରୋନା ଆତଙ୍କ ନେଇ ମହାନଗର ନିଗମ ସଭା ଗୃହରେ ଅନୁଷ୍ଠିତ ବୈଠକରେ ଜିଲାପାଳ ଓ ଅନ୍ୟ ଅଧିକାରୀ।

# ମୋଟରଯାନ ଆଇନ ୬ମାସ କୋହଳ କରାଯାଉ

ରାଉରକେଲା, ୬।୩

- ■ରାଉରକେଲାର ୪ ହଜାରରୁ ଊର୍ଦ୍ଧ୍ୱ ଆବେଦନକାରୀ ଲାଇସେନ୍ସ ପାଇପାରି ନାହାନ୍ତି
- ■୮୦୦ରୁ ଊର୍ଦ୍ଧ୍ୱ ଆବେଦନକାରୀଙ୍କୁ ଟେଷ୍ଟ ଡ୍ରାଇଭିଂରେ ଫେଲ କରାଯାଇ ପୁନର୍ବାର ଆବେଦନ ପାଇଁ କୁହାଯାଇଛି
- ■ଧାର୍ଯ୍ୟ ଜରିମାନା ରାଶି କମ କରିବାକୁ କଂଗ୍ରେସ ପକ୍ଷରୁ ଦାବି

ସଂଶୋଧିତ ମୋଟରଯାନ ଆଇନକୁ ଚଳିତ ମାସ ୧ରୁ କଡାକଡି ଭାବେ ଲାଗୁ କରାଯାଇଛି। ଗାଡି ଚାଳକଙ୍କଠାରୁ ବିଭିନ୍ନ ଅନିୟମିତତା ଓ ତ୍ରୁଟି ପାଇଁ ବିପୁଳ ପରିମାଣରେ ଜରିମାନା ଆଦାୟ କରାଯାଉଛି। ଘରୁ ପଦାକୁ ବାହାରିଲେ ଯାଞ୍ଚକାରୀଙ୍କ ଭୟ ମନକୁ ଘାରୁଛି। ରୋଜଗାର ଅପେକ୍ଷା ଜରିମାନା ବଳି ପଡୁଛି। ଯାହା ପୈଠ କରିବା ଜଣେ ସାଧାରଣ ରୋଜଗାରିଆ ପକ୍ଷେ ସମ୍ଭବ ହେଉନି। ଏମିତି କେତେ ଦିନ ଚାଲିବ। ଆଉ ଏଥିରୁ ତ୍ରାହି ମିଳିବ ନା ନାହିଁ। କେବେ ସୁଦ୍ଧା ସବୁ ଆବେଦନକାରୀଙ୍କୁ ଗାଡି କାଗଜପତ୍ର ମିଳିଯିବ ଏମିତି ପ୍ରଶ୍ନ ଅନେକଙ୍କ ମନରେ ଉଙ୍କି ମାରୁଛି। ଯଦିଓ ଏ ନେଇ କିଛି ସମୟ ଧାର୍ଯ୍ୟ କରାଯାଇନି। ପରିବହନ କାର୍ଯ୍ୟାଳୟରେ ଲମ୍ବା ଧାଡି ଶେଷ ହେବା ନାଁ ନେଉନି। ଗଳିପଶି ମଧ୍ୟସ୍ଥ କାମ କରାଇ ନେଉଛନ୍ତି। କିନ୍ତୁ ସାଧାରଣ ଲୋକ ନିୟମ ମାନିବାକୁ ଯାଇ ହିନସ୍ତାରେ ପଡୁଛି। ବାରମ୍ବାର କାଗଜପତ୍ର ନାକଚ ହେଉଛି। ଆଜିଆସ କାଲିଆସ କହି ସମୟ ଗଡାଉଛନ୍ତି ବିଭାଗ କର୍ମଚାରୀ। ଏଣେ ଚେକିଂରେ ପଡି କାଗଜପତ୍ର ଦେଖାଇ ପାରୁନାହାଁନ୍ତି ଗାଡି ଚାଳକ। ମହଲତ ବି ମିଳୁନି। ଜରିମାନା ଗଣିବାକୁ ପଡୁଛି। କେବେ ଏଥିରୁ ତ୍ରାହି ମିଳିବ ଏମିତି ପରସ୍ପରକୁ ପଚରାପଚିରି ହେଉଛନ୍ତି ଗାଡି ଚାଳକ। ଏଠାରେ ସୂଚନାଯୋଗ୍ୟ ଯେ ରାଉରକେଲାର ପ୍ରାୟ ୪ ହଜାରରୁ ଊର୍ଦ୍ଧ୍ୱ ଆବେଦନକାରୀ ଆଜି ପର୍ଯ୍ୟନ୍ତ ଲାଇସେନ୍ସ ପାଇପାରି ନାହାଁନ୍ତି। ଏହା ବ୍ୟତୀତ ୮୦୦ରୁ ଊର୍ଦ୍ଧ୍ୱ ଆବେଦନକାରୀଙ୍କୁ ଟେଷ୍ଟ ଡ୍ରାଇଭିଂରେ ଫେଲ କରାଯାଇ ପୁନର୍ବାର ଆବେଦନ ପାଇଁ କୁହାଯାଇଛି। ଟେଷ୍ଟ ଡ୍ରାଇଭିଂରେ ଲାଞ୍ଚ କାରବାର ନେଇ ଅଭିଯୋଗ ହୋଇଆସୁଛି। ଜାଣିଶୁଣି ଫେଲ କରାଇ ଦିଆଯାଉଛି। ବାରମ୍ବାର ଫେଲ ହେବା ଦ୍ୱାରା ଆବେଦନକାରୀଙ୍କୁ ଅଯଥା ଖର୍ଚ୍ଚାନ୍ତ ହେବାକୁ ପଡୁଛି। ମନୋବଳ ଭାଙ୍ଗିଯାଉଛି। ଏଣେ ଆବଶ୍ୟକ କର୍ମଚାରୀ ଅଭାବରୁ ଠିକ ସମୟରେ ଲୋକେ ସେବା ପାଇପାରୁ ନ ଥିବା ଅଭିଯୋଗ ହେଉଛି। ସମସ୍ତ ଚେଷ୍ଟା ସତ୍ତ୍ୱେ ଆରଟିଓ କାର୍ଯ୍ୟାଳୟରେ ମଧ୍ୟସ୍ଥ ପ୍ରଭାବକୁ ସମ୍ପୂର୍ଣ୍ଣ ମୁକ୍ତ କରାଯାଇ ପାରିନି। ଯେଉଁ କାରଣରୁ ନିରିହ ଲୋକେ ଅବ୍ୟବସ୍ଥାର ଶିକାର ହେଉଛନ୍ତି। ଏପରି ଅବ୍ୟବସ୍ଥାକୁ ଶୁକ୍ରବାର କଂଗ୍ରେସ ନେତା ଜର୍ଜ ତିର୍କୀ ଓ ବୀରେନ ସେନାପତି ଦୃଢ ବିରୋଧ କରିଛନ୍ତି। ଘଟଣାକୁ ନେଇ ପରିବହନ ଅଧିକାରୀ ବିଶ୍ୱରାଜ ବେହେରାଙ୍କ ସହ ଆଲୋଚନା କରିଥିଲେ। କାଗଜପତ୍ର ପ୍ରସ୍ତୁତ କରିପାରି ନ ଥିବା ଗାଡିଚାଳକଙ୍କୁ ୬ମାସ ମହଲତ ମାଗିଥିଲେ। ଏହା ବ୍ୟତୀତ ମନଇଚ୍ଛା ଜରିମାନା ଆଦାୟ ପ୍ରତି ଧ୍ୟାନ ଦିଆଯିବା ଜରୁରୀ ବୋଲି ଉଭୟ ନେତା ପ୍ରକାଶ କରିଥିଲେ। ଆମେ ସମୁଦାୟ ସମସ୍ୟା ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଜଣାଉଛୁ କହି ଦାବିପତ୍ର ପ୍ରଦାନ କରିଥିଲେ। ଆଶା ରହିଛି ଏ ଦିଗରେ ସରକାର ସକାରାତ୍ମକ ଦୃଷ୍ଟିଭଙ୍ଗୀ ପୋଷଣ କରିବେ। ଗାଡି ଚାଳକଙ୍କୁ ସମୟ ଦେବେ। ଏହି ଅବସରରେ କଂଗ୍ରେସ ପକ୍ଷରୁ କୁହାଯାଇଥିଲା ଯେ, ରାଉରକେଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ କାମ କରିବାକୁ କର୍ମଚାରୀ ଅଭାବ ରହିଛି। ଏ ଦିଗରେ ଧ୍ୟାନ ଦିଆଯିବା ଆବଶ୍ୟକ। ଅନ୍ୟତମ ନେତା ବୀରେନ ସେନାପତି ସାମଗ୍ରିକ ଭାବେ ସରକାରଙ୍କ ଦୂରଦୃଷ୍ଟି ଅଭାବରୁ ନିରୀହ ଲୋକେ ହନ୍ତସନ୍ତ ହେଉଥିବା ପ୍ରକାଶ କରିଥିଲେ। ସହରର ରାସ୍ତାଘାଟକୁ ଯାତାୟତ ଉପଯୋଗୀ ନ କରି ଗାଡି ଚାଳକମାନଙ୍କ ଠାରୁ ସାମାନ୍ୟ ଭୁଲ୍ ତ୍ରୁଟି ପାଇଁ ଜରିମାନା ଆଦାୟ କରାଯାଉଥିବାରୁ ସମ୍ପ୍ରତି ଲୋକଙ୍କ ମନରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି। ଏ ଦିଗରେ ଧ୍ୟାନ ଦିଆଯାଉନି ବୋଲି ତିର୍କୀଙ୍କ ସମେତ ପୂର୍ବତନ ଜିଲା କଂଗ୍ରେସ ସଭାପତି ବୀରେନ ସେନାପତି, ପ୍ରଶାନ୍ତ ସେଠୀ, ରୋହିତ ଯୋଶେଫ ତିର୍କୀ, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ ଓ ଦେବବ୍ରତ ବିହାରୀ, କୈଳାସ ସାହୁ ପ୍ରମୁଖ ଅଭିଯୋଗ କରିଥିଲେ।



ମୋଟରଯାନ ଆଇନ କୋହଳ ନେଇ କଂଗ୍ରେସ ନେତା ଜର୍ଜ ତିର୍କୀ ଓ ବୀରେନ ସେନାପତି ପରିବହନ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।